# ଅସମୀୟା ସାହିତ୍ୟର ଇତିହାସ

ବିରଞ୍ଚି କୁମାର ବରୁଆ

ସାହିତ୍ୟ ଅକାଦେମି

Digitized by srujanika@gmail.com



Digitized by srujanika@gmail.com

ଅସମୀୟା ସାହିତ୍ୟର ଇତିହାସ

Digitized by srujanika@gmail.com

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନ କୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନି ଜଣ ଜ୍ୟୋତିଷ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖିଗ୍ଲଲିଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

*Digitized by srujanika@gmail.com*

# ଅସମୀୟା ସାହିତ୍ୟର ଇତିହାସ

ବିରିଞ୍ଚି କୁମାର ବରୁଆ

ଅନୁବାଦ

ବସନ୍ତ କୁମାର ଶତପଥୀ

ସାହିତ୍ୟ ଅକାଦେମି

Digitized by srujanika@gmail.com

*ASAMIYA SAHITYAR ITIHAS* : Oriya translation by Basanta Kumar Satpathy of Birinchi Kumar Barua's History of Assamese Literature in English, Sahitya Akademi, New Delhi, 1996. Price : Rs. 50.00

© ସାହିତ୍ୟ ଅକାଦେମି

ISBN 81-7201-908-4

ପ୍ରଥମ ପ୍ରକାଶ : ୧୯୯୬

ସାହିତ୍ୟ ଅକାଦେମି
ରବୀନ୍ଦ୍ର ଭବନ, ୩୫, ଫିରୋଜ ସା ରୋଡ, ନୂଆଦିଲ୍ଲୀ ୧୧୦ ୦୦୧

ବିକ୍ରୟକେନ୍ଦ୍ର :
'ସ୍ୱାତୀ', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦୦୧

ଶାଖା ଅଫିସ :
ଜୀବନତାରା ଭବନ, ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାର୍‌ବର ରୋଡ, କଲିକତା-୭୦୦୦୫୩

'ଗୁନା ବିଲଡିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ, ଟେନାମ୍‌ପେଟ୍,
ମାନ୍ଦ୍ରାଜ ୬୦୦୦୧୮

୧୭୨ ମୁମ୍ବାଇ ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର, ବମ୍ବେ -୪୦୦୦୧୪

ଏଡିଏ ରଙ୍ଗମନ୍ଦିର, ୧୦୯, ଜେ. ସି. ରୋଡ୍, ବାଙ୍ଗାଲୋର-୫୬୦୦୦୨

ମୂଲ୍ୟ : ଟ ୫୦-୦୦

ମୁଦ୍ରଣ : ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ--୭୫୩୦୦୯

*Digitized by srujanika@gmail.com*

# ଅନୁକ୍ରମ


ପରିଚ୍ଛେଦ -- ଏକ ୧
ଆସାମ ଓ ଅସମୀୟା ଭାଷା

ପରିଚ୍ଛେଦ -- ଦୁଇ ୯
ଆଦି କାଳ (ପର୍ବ)

ପରିଚ୍ଛେଦ -- ତିନି ୧୭
ବୈଷ୍ଣବ ଯୁଗ

ପରିଚ୍ଛେଦ -- ଚାରି ୭୦
ଆହୋମ ରାଜବଂଶ

ପରିଚ୍ଛେଦ -- ପାଞ୍ଚ ୭୯
ଆହୋମ ପୃଷ୍ଠପୋଷକତାରେ ଅସମୀୟା ସାହିତ୍ୟ

ପରିଚ୍ଛେଦ -- ଛଅ ୧୦୧
ଆଧୁନିକ ଯୁଗର ପ୍ରାରମ୍ଭ, ଆମେରିକାର ବାପ୍‌ଟିଷ୍ଟ ମିଶନ

ପରିଚ୍ଛେଦ -- ସାତ ୧୦୮
କବିତା

ପରିଚ୍ଛେଦ -- ଆଠ ୧୩୯
ନାଟକ

ପରିଚ୍ଛେଦ -- ନଅ ୧୫୯
ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ

ପରିଚ୍ଛେଦ -- ଦଶ ୧୭୬
ଗଦ୍ୟ ସାଧାରଣ


*Digitized by srujanika@gmail.com*

# ପରିଚ୍ଛେଦ -- ଏକ

## ଆସାମ ଓ ଅସମୀୟା ଭାଷା

ଭାରତର ଯେଉଁ ଅଞ୍ଚଳକୁ ଆମେ ବର୍ତ୍ତମାନ ଆସାମ କହୁଛୁ, ତାହା ପୁରାଣ ଯୁଗରେ ପ୍ରାଗ୍‌ଜ୍ୟୋତିଷ ନାମରେ ଖ୍ୟାତ ଥିଲା । କ୍ଲାସିକାଲ୍ ସଂସ୍କୃତ ସାହିତ୍ୟରେ, ଉଦାହରଣସ୍ୱରୂପ କାଳିଦାସ ରଚନାବଳୀରେ, ପ୍ରାଗ୍‌ଜ୍ୟୋତିଷ କାମରୂପ ନାମରେ ମଧ୍ୟ ଅଭିହିତ ହୋଇଛି । ସମୁଦ୍ରଗୁପ୍ତଙ୍କ ଆହ୍ଲାବାଦ ଶିଳାଲିପି ହେଉଛି ପ୍ରଥମ ଅଭିଲେଖ ଯହିଁରେ ଆମେ କାମରୂପ ନାଆଁଟି ପାଇଥାଉ । ଏହା ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର । ପ୍ରାଗ୍‌ଜ୍ୟୋତିଷ ବା କାମରୂପର ବିଶଦ ଭୌଗୋଳିକ ବିବରଣୀ କାଳିକାପୁରାଣ ( ଦଶମ ଖ୍ରୀଷ୍ଟାବ୍ଦ ) ଏବଂ ଯୋଗିନୀ ତନ୍ତ୍ର (ଷୋଡ଼ଶ ଶତାବ୍ଦୀ) ରେ ମିଳେ । ଏଇ ଉଭୟ ଗ୍ରନ୍ଥରେ ମଧ୍ୟଯୁଗୀୟ ଆସାମର ଧର୍ମ ତଥା ଭୌଗୋଳିକ ଇତିହାସ ଲିପିବଦ୍ଧ ହୋଇଛି । ଯୋଗିନୀତନ୍ତ୍ର କାମରୂପର ସୀମା ନିମ୍ନମତେ ଦର୍ଶାଇଛି ।

ନେପାଳସ୍ୟ କାଞ୍ଚିନାଦ୍ରିମ୍ ବ୍ରହ୍ମପୁତ୍ରସ୍ୟ ସଙ୍ଗମମ୍ ।
କରତୋୟାମ୍ ସମାରଭ୍ୟ ଯାବତ୍ ଦିକ୍କରବାସିନୀମ୍
ଉତ୍ତରସ୍ୟାମ୍ କଞ୍ଜଗିରିଃ କରତୋୟା ତୁ ପଶ୍ଚିମେ
ତୀର୍ଥଶ୍ରେଷ୍ଠ ଦିକ୍ସୁନନ୍ଦୀ ପୂର୍ବସ୍ୟାମ୍ ଗିରିକନ୍ୟକେ
ଦକ୍ଷିଣେ ବ୍ରହ୍ମପୁତ୍ରସ୍ୟ ଲାକ୍ଷାଭଃ ସଙ୍ଗମାବଧି ।
କାମରୂପ ଇତିଖ୍ୟାତଃ ସର୍ବଶାସ୍ତ୍ରେଷୁ ନିଶ୍ଚିତଃ

ନେପାଳର କାଞ୍ଚନପର୍ବତଠାରୁ ବ୍ରହ୍ମପୁତ୍ରର ସଙ୍ଗମ ପର୍ଯ୍ୟନ୍ତ, କରତୋୟାରୁ ଦ୍ୱିକ୍‌କର ବାସିନୀ ଯାଏଁ, ଉତ୍ତରରେ କାଞ୍ଜପର୍ବତ, ପଶ୍ଚିମରେ କରତୋୟା, ପୂର୍ବରେ ଦିକ୍ସୁ, ଦକ୍ଷିଣରେ ଲାକ୍ଷା ବ୍ରହ୍ମପୁତ୍ରର ସଙ୍ଗମ ପର୍ଯନ୍ତ -- ଏଇ ପର୍ବତକନ୍ୟା ଅଞ୍ଚଳକୁ ସବୁ ଶାସ୍ତ୍ର କାମରୂପ ବୋଲି କହିଛନ୍ତି । ଏହିପରି ଭାବରେ ପ୍ରାଚୀନ କାମରୂପରେ କେବଳ ଆଧୁନିକ ଆସାମର ଜିଲ୍ଲା ନୁହେଁ କୁଚ୍‌ବିହାର, ରଙ୍ଗପୁର, ଜଳପାଇଗୁରି ଏବଂ ଦିନାଜପୁର ସମେତ ଉତ୍ତର ବଙ୍ଗର ସମସ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା ।

ପ୍ରଦେଶର ଆସାମ ବୋଲି ନାଆଁଟି ଏବକାର । ତ୍ରୟୋଦଶ ଶତାବ୍ଦୀ ପ୍ରାରମ୍ଭରେ ଯେଉଁ ଅହୋମ ବା ଶାନ୍ ଆକ୍ରମଣକାରୀମାନେ ବ୍ରହ୍ମପୁତ୍ର ଉପତ୍ୟକାରେ ଅନୁପ୍ରବେଶ କରିଥିଲେ ତାଙ୍କର ନାମ ସହିତ ଏହା ସଂପୃକ୍ତ । ଅହୋମମାନଙ୍କର ପରମ୍ପରାରେ ଅଛି ଯେ

Digitized by srujanika@gmail.com

ଅସମ ଶବ୍ଦରୁ ଆଧୁନିକ ଆସାମର ଉଦ୍ଭବ । ଅସମ ଶବ୍ଦର ଅର୍ଥ ଯାହାର ସମାନ ନାହିଁ, ଯାହାର ତୁଳନା ନାହିଁ, ଅଦ୍ୱିତୀୟ । ସେମାନଙ୍କୁ ଏହି ନାଆଁଟି ସ୍ଥାନୀୟ ବାସିନ୍ଦାମାନେ ଦେଇଥିଲେ, ଯେତେବେଳେ ସେମାନେ ଉପତ୍ୟକାକୁ ଆକ୍ରମଣ କରି ଦଖଲକଲେ । ଯୁଗପତି ଭୀତି ଓ ପ୍ରଶଂସାସୂଚକ ଏ ଶବ୍ଦଟି, କାଳକ୍ରମେ ଅବଶ୍ୟ ଅହୋମ୍‌ମାନେ ସେମାନଙ୍କ ସହିତ ମୈତ୍ରୀ ସ୍ଥାପନ କରିଥିଲେ । ଡକ୍ଟର ବାଣୀକାନ୍ତ କାକତୀ ସୂଚନା ଦେଇଛନ୍ତି ଯେ 'ଅସମ' ଯାହାର ସମାନ ନାହିଁ ଶବ୍ଦଟିର ପୂର୍ବ ରୂପ 'ଅଶମର' ପରବର୍ତ୍ତୀ କାଳର ସଂସ୍କୃତ ରୂପାନ୍ତର । ତାଇ ଭାଷାରେ ମୂଳ ଶବ୍ଦ 'ଶମ'ର ଅର୍ଥ 'ପରାଜିତ' । ଅସମୀୟ 'ଅ' ଲାଗନ୍ତେ ତାହା ଅଶମ ବା ଅସମ ରୂପ ନେଲା, ଯାହାର ଅର୍ଥ 'ବିଜୟୀ' ବା ଯେ ପରାଜୟ ବରଣ କରିନାହିଁ । ଏପରି ଯୁକ୍ତିମଧ୍ୟ ବଢ଼ାଯାଇଛି ଯେ 'ବିଜୟୀ' ନାଆଁ ଟି କାଳକ୍ରମେ 'ଦେଶ' ଉପରେ ଆରୋପିତ ହୋଇଛି । ଅନ୍ୟ ଏକ ଉତ୍ପତ୍ତିର କେହି କେହି ସୂଚନା ଦେଇଛନ୍ତି । ବେଡେନ୍ - ପାୱେଲ ମତପୋଷଣ କରନ୍ତି ଯେ ଆସାମ ନାଆଁଟି ବୋଡ଼ୋ ଭାଷାର 'ହା-କୋମ'ରୁ ଆସିଥାଇପାରେ, ଯାହାର ଅର୍ଥ ସମତଳ ବା ନିମ୍ନ ପ୍ରଦେଶ ।

ମହାକାବ୍ୟ ଓ ପୁରାଣ ଅନୁସାରେ ଆସାମର ପ୍ରାଚୀନତମ ଅଧିବାସୀ ହେଲେ ନିଷାଦ, କୀରାତ, ଚୀନାର୍ ଏବଂ ମ୍ଳେଚ୍ଛ, ଅସୁର ବୋଲାଉଥିବା ଆନ୍ୟାନ୍ୟ ବାସିନ୍ଦା । ଭାଷା ଏବଂ ଜାତିଗତ ପ୍ରମାଣରୁ ଏବଂ ରାଜ୍ୟର କେତେକ ପ୍ରାଚୀନ ସ୍ଥାନ-ନାମରୁ ସୂଚିତ ହେଉଛି ଯେ ଆସାମର ଆଦି ଅଧିବାସୀମାନେ ମୋନ୍-କ୍ଷ୍ମେର ବଂଶର ଇଣ୍ଡୋ-ଗ୍ରଇନିଜ୍ ଭାଷା କହୁଥିଲେ । ସ୍କିମିଡ୍‌ଙ୍କ ମତରେ ତାହା ଭାଷାର ଅଷ୍ଟ୍ରିକ୍ ପରିବାରର ଏକ ଶାଖା । କେବେ ଏଇ ଅଷ୍ଟ୍ରିକ୍ ଭାଷାଭାଷୀମାନେ ଆସାମରେ ପ୍ରବେଶ କରିବାକୁ ଆରମ୍ଭକଲେ ତାହା ଜଣା-ନାହିଁ । କିନ୍ତୁ ଖ୍ରୀଷ୍ଟଜନ୍ମର ବହୁଶହ ବର୍ଷ ପୂର୍ବରୁ ଏବଂ ନିଶ୍ଚିତ ଭାବରେ ପଶ୍ଚିମରୁ ଆର୍ଯ୍ୟ ଆଗମନର ବହୁପୂର୍ବର ଏ ଘଟଣା ହୋଇଥିବ । ଅଷ୍ଟ୍ରିକ୍ ଭାଷାଭାଷୀ ମଙ୍ଗୋଲିୟାନ୍ ଜାତିମାନଙ୍କର ଆସାମର ଜାତିଗତ ଗଠନପ୍ରତି ଅବଦାନ ନିର୍ଣ୍ଣୟ କରିବା ସହଜସାଧ୍ୟ ନୁହେଁ । କିନ୍ତୁ ବର୍ତ୍ତମାନର ଅସମୀୟ ଅନେକାନେକ ସାଂସ୍କୃତିକ ଅନୁଷ୍ଠାନ, ଆଗ୍ରର ବ୍ୟବହାର ସ୍ଥଲିତ୍ଚଲନରେ ତାହା ସ୍ପଷ୍ଟରୂପେ ବିଦ୍ୟମାନ ।

ଇଣ୍ଡୋଚୀନ୍ ଅଭିଯାନର ପରବର୍ତ୍ତୀ ତରଙ୍ଗରେ ବିଭିନ୍ନ ଜାତିର ଲୋକଙ୍କ ସମ୍ମିଶ୍ରଣ ହୋଇଥିଲା ଯେଉଁମାନେ ତିବ୍ବତୀୟ ତଥା ବ୍ରହ୍ମଦେଶୀୟ ଭାଷା କହୁଥିଲେ । ଏଇ ଅଭିଯାତ୍ରୀଦଳର ମୂଳସ୍ଥାନ ଥିଲା ଉତ୍ତର-ପଶ୍ଚିମ ଚୀନ୍‌ର ୟାଙ୍ଗସିକିଆଙ୍ଗ ଏବଂ ହୋୟାଂହୋ ନଦୀ ଉପତ୍ୟକାରେ । ସେଠାରେ ସେମାନେ ବ୍ରହ୍ମପୁତ୍ର, ଚିନ୍ଦୁଇନ୍ ଏବଂ ଭଗୱାଦୀ ନଦୀର ଗତିପଥ ଅନୁସରଣ କରି ଭାରତ ଏବଂ ବ୍ରହ୍ମଦେଶ ଭିତରକୁ ଆସିଲେ । ଅସାମ ଭିତରକୁ ଯେଉଁ ଦଳ ପଶିଲେ ସେମାନେ ଧୁବ୍ରି ସନ୍ନିକଟ ବ୍ରହ୍ମପୁତ୍ର ନଦୀର ବଙ୍କାଣି ଦେଇ ଅଗ୍ରସର ହେଲେ । ଏଇ ସୁବିଧାଜନକ ସ୍ଥାନରୁ କେତେକ ଦକ୍ଷିଣମୁଖୀ ହୋଇ ପ୍ରଥମେ ଗାରୋ

Digitized by srujanika@gmail.com

ପାହାଡ଼ ଏବଂ ଟିପେରା ପାହାଡ଼ ପ୍ରଦେଶକୁ ପଶିଲେ । ଅନ୍ୟ କେତେକ କପିଳି ଉପତ୍ୟକା ଏବଂ ପାର୍ଶ୍ୱବର୍ତ୍ତୀ ନଦୀନାଳ ଡେଇଁ ଉତ୍ତର କାଗ୍ରରର ମାଳଭୂମିକୁ ଗଲେ । କିନ୍ତୁ ପାହାଡ଼ିଆ ଅଞ୍ଚଳ ଓ ଗାରୋପର୍ବତର ଅନ୍ତର୍ବର୍ତ୍ତୀ ଯେଉଁ ଅଞ୍ଚଳକୁ ଆଜି ଆମ୍ଭେମାନେ ଖାସି ଓ ଜନ୍ତିଆ ପାହାଡ଼ କହୁଛୁ ତାକୁ ଦଖଲ କରିପାରିଲେ ନାହିଁ । ଏଇ ଇଲାକାଟି ସବୁଦିନପାଇଁ ଆଦି ବସତି ସ୍ଥାପନ କରିଥିବା ମନଖେମେରମାନଙ୍କ ଦଖଲରେ ରହିଗଲା । ତିବ୍ବତ, ବ୍ରହ୍ମଦେଶୀୟ ଅନ୍ୟାନ୍ୟ ଦଳମାନେ ବ୍ରହ୍ମପୁତ୍ର ଉପତ୍ୟକାର ଶୀର୍ଷଦେଶରେ ରହି ଦକ୍ଷିଣ ଆଡ଼କୁ ମୁହାଁଇଲେ । ସେମାନେ ନାଗାପହାଡ଼ ଅଞ୍ଚଳ ଦଖଲକରିଗଲେ ଏବଂ ସେମାନଙ୍କ ଯୋଗୁ ଗୁଡ଼ାଏ ମିଶ୍ର ଅଧିବାସୀଙ୍କ ସୃଷ୍ଟିହେଲା, ଯାହାଙ୍କ ଭାଷାକୁ ନାଗାଗ୍ରୁପ୍ କୁହାଯାଏ । ଚିନ୍ଦ୍‌ଉଇନ୍ ଏବଂ ଇରାବତୀର ଉପର ଅଧିତ୍ୟକାରେ, ଅନ୍ୟ ଯେଉଁ ଦଳଟି ବସତି ସ୍ଥାପନ କଲେ ସେମାନେ କ୍ରମେ ଦକ୍ଷିଣ ଆସାମକୁ ଗ୍ଲିଲେ ଏବଂ ଲୁସାଇ କାଗ୍ରରରେ ଉପନିବେଶ ସ୍ଥାପନ କଲେ, ଏପରିକି ମଣିପୁର ଏବଂ ନାଗାପାହାଡ଼ ଅଞ୍ଚଳକୁ ମାଡ଼ିଗଲେ । ଆସାମରେ ଏଇ ଯେଉଁ ତିବ୍ବତ-ବ୍ରହ୍ମଦେଶୀ ଦଳ ଆସ୍ଥାନ ଜମେଇଲେ ସେମାନଙ୍କ ମଧ୍ୟରେ ବୋଡ଼ୋ ଦଳଟି ହେଲା ଅଣଆର୍ଯ୍ୟ ସ୍ତରର ସବୁଠାରୁ ବୃହତ୍ତମ ଓ ଗୁରୁତ୍ୱପୂର୍ଣ୍ଣ ଦଳ । ଏଇ ବୋଡ଼ୋ ଦଳରେ ଅଛନ୍ତି କୋକ୍, କାଗ୍ରରୀ, ଲାଲୁଙ୍ଗ୍, ଦିମ୍ନଗ୍ସ, ଗାରୋ, ରଭା, ତ୍ରିପୁରା, ଗୁଟିଆ ଏବଂ ମାରାନ୍ ଜାତିର ଲୋକେ । ଆଧୁନିକ କାମରୂପ ଜିଲ୍ଲାର ପଶ୍ଚିମକୁ ଯେଉଁ ବୋଡ଼ୋମାନେ ରହନ୍ତି ସେମାନଙ୍କୁ ହିନ୍ଦୁ ପଡ଼ୋଶୀମାନେ 'ମେକ୍' ବୋଲି କହନ୍ତି । ଏଇ ଶବ୍ଦଟି ବୋଧହୁଏ ସଂସ୍କୃତ ମ୍ଲେଚ୍ଛର ଅପଭ୍ରଂଶ । କାମରୂପ ଜିଲ୍ଲାର ଏବଂ ପଶ୍ଚିମ ଜିଲ୍ଲାରେ ଯେଉଁ ବୋଡ଼ୋମାନେ ରହନ୍ତି ସେମାନେ କାଗ୍ରରୀ ନାମରେ ଅଭିହିତ । କାଗ୍ରରୀ ଶବ୍ଦଟି କେଉଁଠୁ ଆସିଛି ସେଥିପାଇଁ ଅନେକ ପ୍ରକାର ଅନୁମାନ କରାଯାଇଅଛି । ବୋଧହୁଏ ଶବ୍ଦଟି କଷାତ ଶବ୍ଦରୁ ଆସିଛି, ଯହିଁର ଆନୁମାନିକ ସଂସ୍କୃତ ସମାନ୍ତର ଶବ୍ଦହେଲା 'କିରାଟ' ।

ଭାଷାଗତ ପ୍ରମାଣରୁ ଏହା ସୂଚିତ ହୁଏ ଯେ ଏକଦା ଏଇ ବୋଡ଼ୋମାନେ ମଣିପୁର ଏବଂ ନାଗାପାହାଡ଼ର -- କେବଳ ଖାସି ଓ ଜନ୍ତିଆ ପାହାଡ଼କୁ ବାଦଦେଇ -- ବର୍ତ୍ତମାନର ପ୍ରଦେଶର ସମଗ୍ର ଅଞ୍ଚଳ ଦଖଲ କରିଥିଲେ । ପ୍ରକୃତପକ୍ଷରେ ପ୍ରଦେଶର ଅନେକ ଲକ୍ଷଣୀୟ ଅଞ୍ଚଳ ଓ ସ୍ଥାନର ନାମକରଣ ସେମାନଙ୍କ ଦ୍ୱାରା ହୋଇଛି । ବୋଡ଼ୋମାନେ ନଦୀକୂଳରେ ସେମାନଙ୍କ ବସତି ସ୍ଥାପନ କରିଥିଲେ । ତେଣୁ ପୂର୍ବ ଆସାମର ଅଧିକାଂଶ ନଦନଦୀର ନାଆଁ ବୋଡୋରୁ ଉତ୍ପତ୍ତି । ଏପରିକି ଅଷ୍ଟ୍ରିକ୍ ନାଆଁଗୁଡ଼ିକରେ ପାଣିର ଅର୍ଥ ବୁଝାଉଥିବା 'ଦି' ପୂର୍ବରୁ ଲଗାଯାଇ ନୂଆ ନୂଆ ନାମ ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ, ଦି ହଙ୍ଗ (ପାଣି) ପୂର୍ବରୁ 'ବୋଡୋ'ର ଦି ଲଗାଯାଇଛି । ଏଇ ନାଆଁ ହିଁ ବୋଧହୁଏ ନଦୀଟିର ପ୍ରାଚୀନ ନାଆଁ ।

ଏଇ ବୋଡୋମାନେ ଶକ୍ତିଶାଳୀ ରାଜ୍ୟ ଗଢ଼ିଥିଲେ ଏବଂ ଚୁଟିଆ, କାଗ୍ରରୀ,

Digitized by srujanika@gmail.com

କୋକ୍ ଆଦି ବିଭିନ୍ନ ଜାତି ନାଆଁରେ ବିଭିନ୍ନ ସମୟରେ ଆସାମର ବିଭିନ୍ନ ଅଂଶରେ ପ୍ରତିପତ୍ତି ବିସ୍ତାର କରିଥିଲେ । ଶତାବ୍ଦୀ କ୍ରମରେ ସେମାନେ ଅବଶ୍ୟ ବାହାରର ଗ୍ରୁପ ଆଗରେ ମୁଣ୍ଡ ନୁଆଁଇଲେ ପ୍ରଖ୍ୟାତ ତାଇ ବଂଶର ଅହୋମମାନଙ୍କ ପାଖରେ ଏବଂ ତା ପୂର୍ବରୁ ଆର୍ଯ୍ୟମାନଙ୍କ ପାଖରେ ।

ତାଇ ବା ଶାନ୍ ବଂଶ ପ୍ରଥମେ ଇତିହାସକୁ ଆସିଲେ ୟୁନାନ୍‌ରେ । ସେଠାରୁ ସେମାନେ ଉପର ବ୍ରହ୍ମଦେଶକୁ ମାଡ଼ିଗଲେ । ଷଷ୍ଠ ଶତାବ୍ଦୀରେ ସେମାନେ ଦକ୍ଷିଣ ୟୁନାନ୍‌ର ପାର୍ବତ୍ୟ ଅଞ୍ଚଳ ସେଡ୍ଭେଲି ଉପତ୍ୟକା ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗ୍ରାଲିଗଲେ । ତ୍ରୟୋଦଶ ଶତାବ୍ଦୀରେ ଅହୋମ ତାଙ୍କ ଦଳଟି ଆକ୍ରମଣକରି ଆସାମକୁ ଦଖଲକରିଗଲେ ଏବଂ ତାଙ୍କ ପରେ ଆସୁଥିବା ଶାନ୍‌ମାନଙ୍କ ପାଇଁ ପଥ ପରିଷ୍କାର କରିଗଲେ । ଏଇଦଳ ସବୁ ହେଲେ ଖାମ୍‌ତି, ଫକିୟାଲ୍ ନାରସ୍ ଏବଂ ଆଇତାନିଆ, ଯେଉଁମାନେ ଆସାମର ପୂର୍ବାଞ୍ଚଳରେ ବସବାସ କରନ୍ତି ।

ଆର୍ଯ୍ୟମାନେ କେବେ ବ୍ରହ୍ମପୁତ୍ର ଉପତ୍ୟକା ଭିତରକୁ ପ୍ରବେଶକଲେ ତାହା ସଠିକ୍ ନିର୍ଣ୍ଣୟ କରିବା କଷ୍ଟ । କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ ଯେ ସେମାନେ ବେଶ୍ କିଛିଦିନ ପୂର୍ବରୁ ଆକ୍ରମଣକରି ହେଉ ଅଥବା ଶାନ୍ତିପୂର୍ଣ୍ଣ ଉପାୟରେ ଉପନିବେଶ ସ୍ଥାପନକରି ହେଉ ଆସାମରେ ସେମାନେ ରହିଯାଇଥିଲେ । ଆର୍ଯ୍ୟାବର୍ତ୍ତ ସହିତ ଆସାମର ସାଂସ୍କୃତିକ ଏବଂ ସାମରିକ ସଂପର୍କର ଉଲ୍ଲେଖ ରାମାୟଣ ତଥା ମହାଭାରତ କାଳରୁ ଲିପିବଦ୍ଧ ହୋଇଛି । ଏ ପ୍ରବେଶର ଆର୍ଯ୍ୟାବର୍ତ୍ତୀକରଣର ଆଲୋଚନାରେ * ନରକର କାହାଣୀ ସବିଶେଷ ଉଲ୍ଲେଖନୀୟ । ପ୍ରାଚୀନ ଶିଳାଲେଖରୁ ଜଣାଯାଏ ଯେ ଉଚ୍ଚଜାତିର ଆର୍ଯ୍ୟମାନେ ଯଥା-- ବ୍ରାହ୍ମଣ, କାୟସ୍ଥ, କଳିତମାନେ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ଆସି ବସତି ସ୍ଥାପନ କରିଥିଲେ । ନିଧନପୁର ତାମ୍ରଫଳକରେ ଲିପିବଦ୍ଧ ଅଛିଯେ ରାଜା ଭୁତିବର୍ମନ (ଷଷ୍ଠ ଖ୍ରୀଷ୍ଟାବ୍ଦ) ଅଗ୍ରହାର ଉପନିବେଶକୁ ଦୁଇଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଗୋତ୍ର ଏବଂ ବେଦଶାଖାର ବ୍ରାହ୍ମଣମାନଙ୍କୁ

---

* ନରକ ବିଦେହର ଆର୍ଯ୍ୟରାଜା ଜନକଙ୍କ ପାଳିତ ପୁତ୍ର । ଜନକ ଏଇ ପୁତ୍ରକୁ ଅନ୍ୟ ରାଜପୁତ୍ରମାନଙ୍କ ସହିତ ରାଜପ୍ରାସାଦରେ ଲାଳନପାଳନ କରିଥିଲେ ଷୋଳବର୍ଷ ହେବାଯାକେ । ଅନ୍ୟାନ୍ୟ ରାଜପୁତ୍ରଙ୍କୁ ନରକ ଉଭୟ ଯୁଦ୍ଧ ଓ ଶାନ୍ତି ବିଦ୍ୟାରେ ସହଜରେ ଟପିଗଲେ । ଫଳରେ ପାଳକପିତା ଜନକ ଭୀତତ୍ରସ୍ତ ହେଲେ, କାଳେ ଏଇ ପିଲା ନିଜ ପୁଅମାନଙ୍କ ହାତରୁ ଦିନେ ରାଜ୍ୟ କାଢ଼ିନେବ ଏବଂ ସିଂହାସନରେ ବସିବ । ନରକର ଧାଈମା କାତ୍ୟାୟନୀ ବିପଦମଣି ଜନକଙ୍କ ପ୍ରାସାଦରୁ ଖସିଗଲେ ଏବଂ ଗଙ୍ଗାକୂଳରେ ପହଁଞ୍ଚିଲେ । ତାପରେ ଦୁହେଁ ଜଳପଥରେ ପ୍ରାଗ୍-ଜ୍ୟୋତିଷକୁ (ଆଧୁନିକ ଆସାମକୁ) ଆସିଲେ ଯାହା ସେତେବେଳେ ମଙ୍ଗୋଲୀୟ କିରାତମାନଙ୍କ ଦ୍ୱାରା ଶାସିତ ହେଉଥିଲା । ନରକ ସେନାବାହିନୀ ଗଠନକରି ଯୁଦ୍ଧକଲେ ଏବଂ କିରାତମାନଙ୍କୁ ପରାଭୂତ କଲେ । ଯଥା ସମୟରେ ନରକ ବିଦେହରୁ ବ୍ରାହ୍ମଣ ଓ ଅନ୍ୟାନ୍ୟ ଉଚ୍ଚଶ୍ରେଣୀର ଲୋକଙ୍କୁ ଆଣି ହିନ୍ଦୁଧର୍ମ ଓ ବିଶ୍ୱାସ ଦେଶରେ ପ୍ରବର୍ତ୍ତନ କଲେ ।

Digitized by srujanika@gmail.com

ବୈଦିକଧର୍ମ ଓ ଜ୍ଞାନର ଉନ୍ନତିକଳ୍ପେ ପ୍ରଦାନ କରିଥିଲେ । ଏହି ଆର୍ଯ୍ୟକରଣ ଏବଂ ଦୃଢ଼ୀକରଣ ଚ୍ଲିଥିବା କାଳରେ ଆଦିମ ନାମସବୁ ଆର୍ଯ୍ୟ ନାମରେ ପରିଣତ ହୋଇଥିଲା । ଏହିରୂପେ କୋକ୍ ନାଆଁଟି, ଯାହା ପ୍ରଥମେ ଏକ ଉପଜାତିର ଲୋକଙ୍କୁ ବୁଝାଉଥିଲା ତାହା ଆର୍ଯ୍ୟନାମରେ ରୂପାନ୍ତରିତ ହେଲା, ଯହିଁର ଅନ୍ତର୍ଭୁକ୍ତ ହେଲେ କାଚ୍ରୀ, ଲାଲୁଙ୍ଗ, ମିକିର ଓ ଅନ୍ୟାନ୍ୟ ଆଦିମ ଜାତିର ଲୋକେ ।

ଗୋଟିଏ ଦେଶର ଭାଷା ଓ ସଂସ୍କୃତିକୁ ରୂପ ଦେବାରେ ତାର ଭୂଗୋଳ ଗୁରୁତ୍ୱପୂର୍ଣ୍ଣ ସାହାଯ୍ୟ କରିଥାଏ । ଆସାମି ଭୌଗୋଳିକ ମାନଚିତ୍ର ଦେଖିଦେଲାମାତ୍ରେ ଏହାର ପ୍ରମାଣ ମିଳିବ । ତିନି ପାର୍ଶ୍ୱରେ ଆସାମ ବିଭିନ୍ନ ଭାଷା ଓ ଜାତିର ଦେଶଦ୍ୱାରା ପରିବେଷ୍ଟିତ ହୋଇଛି ଏବଂ ଲଂଘନୀୟ ଗିରିପଥ ଥିବା ପର୍ବତଶ୍ରେଣୀ ଦ୍ୱାରା ପୃଥକ୍ ହୋଇଛି । ଏଇ ଗିରିପଥସବୁ ପ୍ରାଚୀନ କାଳରୁ ସାମ୍ପ୍ରତିକ କାଳପର୍ଯ୍ୟନ୍ତ ଆସାମ, ବ୍ରହ୍ମଦେଶ, ତିବ୍ବତ, ଭୁଟାନ୍ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଓ ସଂସ୍କୃତିର ପଥ ଆକାରରେ ରହିଛି ।

ଅନ୍ୟଏକ ଲକ୍ଷଣୀୟ ଭୌଗୋଳିକ ବିଷୟ ହେଲା ପ୍ରଦେଶର ମଧ୍ୟ ଦେଇ ପ୍ରବାହିତ ହେଉଥିବା ବ୍ରହ୍ମପୁତ୍ର ନଦୀ । ପ୍ରାଚୀନ କାଳରୁ ଆସାମକୁ ବଙ୍ଗଦେଶ ଏବଂ ଭାରତର ଅନ୍ୟାନ୍ୟ ଅଙ୍ଗ ସହିତ ଏଇ ନଦୀ ସଂଯୋଗ କରୁଛି । ଆସାମକୁ ଏହାର ଜଳ ଉର୍ବର କରିଛି, ଶସ୍ୟଶ୍ୟାମଳା କରିଛି ଏବଂ ପ୍ରାଚୁର୍ଯ୍ୟ ଆଣିଦେଇଛି । ଏକ କଥାରେ କହିବାକୁ ଗଲେ ଏଇ ନଦୀ ଜୀବନଦାନ କରିଛି ଆସାମକୁ, ଯେମିତି ନାଇଲ୍ ନଦୀ ଇଜିପ୍ଟକୁ ଗଢ଼ିଛି । ଆସାମର ସମଗ୍ର ଇତିହାସ ଏବଂ ସଂସ୍କୃତି ବ୍ରହ୍ମପୁତ୍ର ସହିତ ଓତଃପ୍ରୋତ ଭାବରେ ବିଜଡ଼ିତ । ପ୍ରକୃତି ମଧ୍ୟ ଆସାମର ମଣିଷକୁ ପ୍ରତିବଦାନ୍ୟ ହୋଇଛି, ଯାହାଫଳରେ ଆସାମର ଲୋକଙ୍କୁ ଦୈନନ୍ଦିନ ଖାଦ୍ୟ, ପାନୀୟପାଇଁ ବ୍ୟସ୍ତ ବିବ୍ରତ ହେବାପାଇଁ ପଡ଼େନାହିଁ । ପୂର୍ବେ ଏଇ ବ୍ରହ୍ମପୁତ୍ର ତଥା ଅନ୍ୟାନ୍ୟ ନଦନଦୀର ବାଲୁକାରାଶିରେ ସୁବର୍ଣ୍ଣ ମଧ୍ୟ ମିଳୁଥିଲା ।

ଏଇ ସମସ୍ତ ଭୌଗୋଳିକ କାରଣମାନ ଆସାମର ଲୋକମାନଙ୍କୁ ବିଭିନ୍ନ ଉପାୟରେ ଗଢ଼ିବାରେ ସାହାଯ୍ୟ କରିଛି । ବ୍ରହ୍ମପୁତ୍ର ଉପତ୍ୟକାର ବିଶାଳ ଅଞ୍ଚଳ ଏମିତି ଆକର୍ଷଣୀୟ ଯେ ପାର୍ଶ୍ୱବର୍ତ୍ତୀ ରାଜ୍ୟର ଲୋକେ ଆକୃଷ୍ଟ ହୋଇ ଆସାମକୁ ଆସିଛନ୍ତି ଏବଂ ରହିଯାଇଛନ୍ତି । ପ୍ରତିଥର ଏଇ ଆଗନ୍ତୁକମାନେ ଦଳଦଳ ହୋଇ ଆସିଲାବେଳେ ସ୍ୱକୀୟ ସଂସ୍କୃତିର ମୂଳଉପାଦାନ ସବୁ ଆଣିଛନ୍ତି, ଯାହା କାଳକ୍ରମେ ନୂତନ ମାଟିର ସାଂସ୍କୃତିକ ଅଙ୍ଗରେ ମିଶିଯାଇଛି । ଖାଦ୍ୟପଦାର୍ଥର ପ୍ରାଚୁର୍ଯ୍ୟ ସାଙ୍ଗକୁ ସ୍ୱାସ୍ଥ୍ୟପ୍ରଦ ଜଳବାୟୁ ଉଭୟ ପାର୍ବତ୍ୟ ଓ ସମତଳ ଅଞ୍ଚଳର ସରଳ, ହରଷିଆ, ସ୍ୱଳ୍ପସନ୍ତୁଷ୍ଟ ଅଧିବାସୀଙ୍କୁ ଆଳସ୍ୟପରାୟଣ କରିଦେଇଛି । ପୁନଶ୍ଚ ଏଥିଯୋଗୁ ରଙ୍ଗୀନ୍ ଉନ୍ମୁକ୍ତ ଜୀବନଯାପନ କରିବାକୁ ଉତ୍ସାହିତ ହୋଇ କଳା,ନୃତ୍ୟ, ସଙ୍ଗୀତର ତାଳେ ତାଳେ ଜୀବନକୁ ଛନ୍ଦମୟ କରିଛନ୍ତି ।

Digitized by srujanika@gmail.com

ଅସମୀୟା ଭାଷା ସପ୍ତମ ଶତାବ୍ଦୀଠାରୁ ସଂସ୍କୃତଭାଷାରୁ ସ୍ୱତନ୍ତ୍ର ହୋଇ ଉନ୍ନତିପଥରେ ଅଗ୍ରସର ହୋଇଛି । କିନ୍ତୁ ଏହାର ସିଧାସଳଖ ପୂର୍ବ ପୁରୁଷ ହେଲେ ମଗଧୀ ଅପଭ୍ରଂଶ । ଗ୍ରୀୟର୍‌ସନ୍‌ଙ୍କ ମତରେ "ମଗଧୀ ହେଉଛି ମୂଳ ଉପଭାଷା ଯାହା ପ୍ରାଚ୍ୟ ପ୍ରାକୃତ ସହିତ ସମାନ । 'କଥ୍ୟ' ପ୍ରାଚ୍ୟ ଅପଭ୍ରଂଶକୁ 'ପୂର୍ବ ମାଗଧୀ' ବୋଲି କୁହାଯାଏ । ଏହା ଦକ୍ଷିଣ ଓ ଦକ୍ଷିଣ ପୂର୍ବକୁ ମାଡ଼ିଯାଇ ଆଧୁନିକ ବଙ୍ଗଳାର ଜନନୀ ହୋଇଛି । ଦକ୍ଷିଣକୁ ମାଡ଼ିଯାଇ ପୁଣି ପୂର୍ବଦିଗକୁ ଯାଇ ଆସାମ ଉପତ୍ୟକାରେ ଅସମୀୟା ରୂପ ନେଲା । ମାଗଧୀ ଅପଭ୍ରଂଶରୁ ଉତ୍ପନ୍ନ ଓଡ଼ିଆ, ଆଧୁନିକ ବଙ୍ଗଳା ଏବଂ ଅସମୀୟା ଭାଷାତ୍ରୟୀର ପ୍ରତ୍ୟକଟି ସିଧାସିଧି ସଂଲଗ୍ନ ଭାଷା ସହିତ ସଂପୃକ୍ତ" । ଡକ୍ଟର ଏସ୍. କେ. ଚାଟାର୍ଜୀ ପ୍ରାଚ୍ୟ ମାଗଧୀକୁ ଚାରୋଟି ପ୍ରାକୃତ ଗୁଚ୍ଛରେ ବିଭକ୍ତ କରିଛନ୍ତି । ଏ ଭିତରୁ ତିନୋଟିର ସମ୍ପର୍କ ରହିଛି ପଶ୍ଚିମ, ମଧ୍ୟ, ପୂର୍ବ ବଙ୍ଗଳା ଏବଂ ଓଡ଼ିଶାର ଉପଭାଷା ସହିତ; ଚତୁର୍ଥଟିରେ ଆସାମ ଏବଂ ପାର୍ଶ୍ୱବର୍ତ୍ତୀ ସମ୍ପ୍ରତି ଉତ୍ତର ବଙ୍ଗଳା ବୋଲାଉଥିବା ଅଞ୍ଚଳର ଉପଭାଷା ସହିତ । ଡକ୍ଟର ବାଣିକାନ୍ତ କାକତି ଦର୍ଶାଇଛନ୍ତି ଯେ ପ୍ରାକ୍-ବଙ୍ଗଳା ଓ ପ୍ରାକ୍-ଅସମୀୟା କାଳରେ କେତେଗୁଡ଼ିଏ ଅପଭ୍ରଂଶ ଗୁଚ୍ଛ ଥିଲା ଯାହାକୁ ପୂର୍ବ ମାଗଧୀ ଅପଭ୍ରଂଶ ଆଖ୍ୟା ଦିଆଯାଇପାରେ ।

ପ୍ରତିଟି ଅପଭ୍ରଂଶ ଗୁଚ୍ଛ ଯଥା ସମୟରେ ସ୍ୱକୀୟ ରୂପରେଖ ଗ୍ରହଣ କଲେ । ଅସମୀୟ ଭାଷା ମଧ୍ୟ ଆସାମର ସ୍ୱାଧୀନ ନରପତିମାନଙ୍କ ଅମଳରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ସମାଜିକ ଜୀବନ ଭିତ୍ତିରେ ପ୍ରତିଷ୍ଠିତ ହୋଇ ସ୍ୱତନ୍ତ୍ର ଭାଷା ରୂପରେ ଦେଖାଦେଲା ।

ପୂର୍ବକଥିତ ମତେ ଅସମୀୟା ଭାଷାର ପ୍ରାଚୀନତା ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଯାଇପାରେ । ସପ୍ତମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ତତ୍କାଳୀନ ଆସାମ ରାଜା ଭାସ୍କର ବର୍ମାଙ୍କ ନିମନ୍ତ୍ରଣକ୍ରମେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ପ୍ରଦେଶକୁ ଭ୍ରମଣରେ ଆସିଥିଲେ । କାମରୂପ ରାଜ୍ୟର ବିବରଣୀରେ ସେ ଭାଷା ସଂକ୍ରାନ୍ତରେ କହିଛନ୍ତି ଯେ ଅସମୀୟା ଭାଷା ଭାରତର ମଧ୍ୟାଞ୍ଚଳର ଭାଷାଠାରୁ ସାମାନ୍ୟ ଭିନ୍ନ । ହୁଏନ୍‌ସାଂଙ୍କ ଏଇକଥାରୁ ପ୍ରତିପନ୍ନ ହେଉଛି ଯେ ଇଣ୍ଡୋଏରିଆନ୍ ଭାଷା ସପ୍ତମ ଶତାବ୍ଦୀବେଳକୁ ଆସାମ ଭିତରକୁ ପଶିସାରିଥିଲା ଏବଂ ଯେଉଁ ଆର୍ଯ୍ୟ ଭାଷା ପ୍ରଦେଶରେ କଥିତ ହେଉଥିଲା, ତାହା ମଧ୍ୟ-ଭାରତରେ ଯେଉଁ ମାଗଧୀ ଉପଭାଷା କଥିତ ହେଉଥିଲା ତାହାଠାରୁ ସାମାନ୍ୟ ଫରକ୍ ଥିଲା । ପ୍ରାଚୀନ ଲେଖାମାନଙ୍କରେ ଅସମୀୟା ଭାଷାର ପୁରାତନରୂପ କିଛି କିଛି ସ୍ଥାନ ଓ ବ୍ୟକ୍ତି ନାମରେ ଖୋଜିଲେ ମିଳେ । ଭାଷାର ଏଇ ଗଠନକାଳରେ ଏ ପ୍ରକାର ପୁରୁଣା ଶବ୍ଦରାଶି ତତ୍‌କାଳୀନ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଅଷ୍ଟମ ଓ ଦ୍ୱାଦଶ ଶତାବ୍ଦୀର ସଙ୍ଗୀତ ଓ ଡଗଡ଼ମାଳିମାନଙ୍କରେ ମିଳେ । ଏଗୁଡ଼ିକ ମହାମହାପାଧ୍ୟାୟ ହରପ୍ରସାଦଶାସ୍ତ୍ରୀଙ୍କ ଦ୍ୱାରା ପ୍ରଥମ ସଂକଳିତ 'ହାଜାର ବଛରେର ପୁରାନୋ ବାଂଲା ଭାଷାୟ ବୌଦ୍ଧଗାନ ଓ ଦୋହା ଏବଂ ଦୋହାକୋଷ'ରେ ଅନ୍ତର୍ଭୁକ୍ତ ହୋଇଛି । ବଙ୍ଗାଳୀ ପଣ୍ଡିତଗଣ ବିଚାରନ୍ତି ଏହି ଚର୍ଯ୍ୟା ଓ ଦୋହାଗୁଡ଼ିକ କେବଳ

Digitized by srujanika@gmail.com

ଆଦି ବଙ୍ଗଳା ଭାଷାର ଉଦାହରଣ ବୋଲି । କିନ୍ତୁ ସାବଧାନତା ସହ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ଦେଖାଯିବ ଯେ ସେମାନଙ୍କ ଭାଷା -- ଯାହାକୁ ସାଧାରଣତଃ ସାନ୍ଧ୍ୟାଭାଷା ବୋଲାଯାଇଥାଏ, ମଗଧୀ ଅପଭ୍ରଂଶର ସର୍ବଶେଷ ପର୍ଯ୍ୟାୟର ଅବସ୍ଥାର ପ୍ରତିନିଧିତ୍ୱ କରେ । ତେଣୁକରି ବଙ୍ଗଳା, ଅସମୀୟା ଏବଂ ଓଡ଼ିଆ ପରି ପୂର୍ବ ଇଣ୍ଡୋଏରିଆନ୍ ଗୁଚ୍ଛ ଅନ୍ତର୍ଭୁକ୍ତ ଭାଷାମାନଙ୍କର ସର୍ବପ୍ରାଚୀନତମ ରୂପର ଉଦାହରଣ ବହନ କରିଥାଏ । ଡକ୍ଟର ବାଣୀକାନ୍ତ କାକତୀ ପାରଦର୍ଶିତା ସହ ଦର୍ଶାଇଛନ୍ତି -- କିପରି ଧ୍ୱନିତତ୍ତ୍ୱ ଓ ରୂପତତ୍ତ୍ୱଗତ ଚିହ୍ନ ଅଖଣ୍ଡରୂପେ ବହନକରି ଏହି ସଙ୍ଗୀତ ସବୁ ଆଧୁନିକ ଅସମୀୟା ଭାଷାରେ ଅଦ୍ୟାପି ବିରାଜମାନ କରୁଛନ୍ତି । ପୂର୍ବରୁ କୁହାଯାଇଛି କିପରି ଆସାମର ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଭାଷା ଯଥା ଅଷ୍ଟ୍ରିକ୍ ବା ମନକ୍ଷ୍ମେର (ସେ ମଧ୍ୟରୁ ଗୋଟିଏ ହେଲା ଖାସି) ଚୀନା, ତିବ୍ବତୀୟ (ଯହିଁରେ ବୋଡ଼ୋ ବା କାଗ୍ରୀ ଭାଷା ଅନ୍ତର୍ଭୁକ୍ତ) ଏବଂ ତାଇ ବା ଅହୋମ ଏକତ୍ର ସମ୍ମିଶ୍ରଣ ହୋଇଛି । ଏହା ତେଣୁ ସ୍ୱାଭାବିକ ଯେ ଏଇ ସମସ୍ତ ଭାଷା ଇଣ୍ଡୋଏରିଆନ୍ ଶାଖା ଅସମୀୟା ଭାଷାରେ ଅଷ୍ଟ୍ରିକ୍ର ଅଂଶ ଦେଖାଇ ମତ ଦିଅନ୍ତି ଯେ ଯେଉଁ ଯେଉଁ ଶବ୍ଦ ଅସମୀୟାର ନିଜସ୍ୱ ବୋଲି ପରିଚିତ ହୁଏ ତାହା ଯଥାର୍ଥରେ ଅଷ୍ଟ୍ରିକ୍ ଭାଷାଭାଷୀଙ୍କଠାରୁ ଆନୀତ । ବୋଡୋ ଏବଂ ଅହୋମ ଜାତିର ରାଜାମାନେ ବିଭିନ୍ନ କାଳରେ ଆସାମ୍ରେ ରାଜୁତି କରିଥିଲେ ଏବଂ ଦୁହିଁଙ୍କ ଶାସନ ଅସମୀୟ ଶବ୍ଦାବଳୀକୁ ସମୃଦ୍ଧ କରିଥିଲା । ସମସ୍ତ ଆଧୁନିକ ଇଣ୍ଡୋଏରିଆନ ଭାଷାମଧ୍ୟରେ ଅସମୀୟ ଭାଷାହେଲା ଯୁଗପଦ୍ ସୁସଂବଦ୍ଧ ଓ ଜଟିଳ । ତାର କାରଣ ସେଥିରେ ଅନେକାନେକ ଅଷ୍ଟ୍ରିକ୍ ଏବଂ ଇଣ୍ଡୋ-ତିବ୍ବତୀୟ ଭାଷା ଓ ଉପଭାଷାର ସମ୍ମିଶ୍ରଣ ଘଟିଛି ।

ବହୁଜାତିର ସଂସ୍ପର୍ଶ ଯୋଗୁଁ ଏହା ଅବଶ୍ୟମ୍ଭାବୀ ଯେ କେବଳ ମୂଳ ଇଣ୍ଡୋ-ଏରିଆନ୍ ଶବ୍ଦର ଧ୍ୱନି ଅସମୀୟା ଭାଷାରେ ପରିବର୍ତ୍ତିତ ରୂପ ନେବ । ପ୍ରାଚୀନ ଇଣ୍ଡୋ-ଏରିଆନ୍ ଦନ୍ତ୍ୟ-ମୂର୍ଦ୍ଧନ୍ୟ ଉଚ୍ଚାରଣ ସବୁ ପରବର୍ତ୍ତିତ ହୋଇଛି ଏବଂ ତିନୋଟି ଶ ମୂଳ ଚରିତ୍ର ହରାଇ ବିଚିତ୍ର ଭାବେ ଉଚ୍ଚାରିତ ହେଉଛନ୍ତି । ସ୍ୱତଃ ଅନୁନାସିକତା ଯାହା ଅଣ ଆର୍ଯ୍ୟ ଭାଷାର ଏକ ବିଶିଷ୍ଟ ଲକ୍ଷଣ ତାହା ଅସମୀୟ ଧ୍ୱନି ପଦ୍ଧତିରେ ଅହରହ କର୍ମତତ୍ପର ହୋଇଛି । ଅନ୍ୟାନ୍ୟ ଧ୍ୱନିଗତ ବୈଚିତ୍ର୍ୟ ମଧ୍ୟରେ ରହିଛି ଯୁକ୍ତ-ବ୍ୟଞ୍ଜନ ବର୍ଣ୍ଣର ଅପେକ୍ଷାକୃତ ସ୍ୱଳ୍ପ ବ୍ୟବହାର, ସ୍ୱରବର୍ଣ୍ଣର ଆଧିପତ୍ୟ ଏବଂ ମଧୁର ମେଳ ଓ ସଂସ୍କୃତ ଯୁକ୍ତାକ୍ଷରକୁ ସ୍ୱରବର୍ଣ୍ଣ ବ୍ୟବହାର କରି ଖଣ୍ଡବିଖଣ୍ଡ କରିବା ।

ଲକ୍ଷ୍ୟ କରିବାର କଥା ଯେ ଅଣ-ଆର୍ଯ୍ୟ ପ୍ରଭାବ ଏତେ ବେଶୀ ନୁହେଁ ଯାହାକି ଭାଷାର ଆର୍ଯ୍ୟ ପ୍ରକୃତିକୁ ପରିବର୍ତ୍ତନ କରିଦେଇପାରେ । ଡକ୍ଟର କାକତି ଦର୍ଶାଇଥିବା ମତେ କେତେକ ବିଶିଷ୍ଟ ଐତିହାସିକ କାରଣ ଯୋଗୁ ଏହା ସଂଘଟିତ ହୋଇଛି । ଭାରତରୁ ସୁଦୂର ପ୍ରାଚ୍ୟକୁ ଯାଇଥିବା ଲୋକେ ଆସାମ ମଧ୍ୟ ଦେଇ ଯାଉଥିଲେ । ସେଥିପାଇଁ ଆସାମ

Digitized by srujanika@gmail.com

ସବୁବେଳେ ଆର୍ଯ୍ୟ ଭାରତର ଅବଶିଷ୍ଟାଂଶ ସହ ଘନିଷ୍ଠ ସମ୍ପର୍କରେ ଆସୁଥିଲା । ତେଣୁ ଅସମୀୟା ଭାଷାର ଗଠନ ପ୍ରଣାଳୀରେ କୌଣସି ବୈପ୍ଳବିକ ଧରଣର ପରିବର୍ତ୍ତନ ହେବାରେ ବାଧା ସୃଷ୍ଟି ହେଉଥିଲା । ତା ଛଡ଼ା ତ୍ରୟୋଦଶ ଶତାବ୍ଦୀରେ ସଂସ୍କୃତ ଭାଷା ଉପରେ ପର୍ଯ୍ୟବସିତ ଷ୍ଟାଣ୍ଡାର୍ଡ ସାହିତ୍ୟର ବିକାଶ ଭାଷା ଉପରେ ଏକ ସ୍ଥିରତା ଆଣିଦେଲା, ଯାହା ଫଳରେ ଅଣଭାରତୀୟ ଶବ୍ଦର ଅନୁପ୍ରବେଶ ଭଲଭାବରେ ରୋକି ହୋଇଗଲା, ଅସାମୀୟ ଲିପି ଓ ବର୍ଣ୍ଣମାଳା ଗୁପ୍ତ କାଳର ସର୍ବ-ଭାରତୀୟ ଲିପିର ରୀତିରେ ବିକାଶ ଲଭିଲା ।

ଅସମୀୟା ଭାଷାର ଶବ୍ଦରାଜି ମୁଖ୍ୟତଃ ସଂସ୍କୃତ ଭାଷାରୁ ଆନୀତ ଏବଂ ସେଗୁଡ଼ିକର ଗଠନ ସଂସ୍କୃତ ବ୍ୟାକରଣ ଅନୁରୂପ । କଥିତ ଭାଷାରେ କିନ୍ତୁ ସଂସ୍କୃତ ଶବ୍ଦାବଳୀ ଖୁବ୍ କମ୍ ପରିମାଣରେ ବ୍ୟବହୃତ ହୋଇଥାଏ । ସେହି ଶବ୍ଦାବଳୀର ସ୍ଥାନ ତଦ୍‌ସମ ତଦ୍‌ଭବ ଶବ୍ଦ ଗ୍ରହଣ କରନ୍ତି । ପୁନଶ୍ଚ ଅସମୀୟା ଏକ ଜୀବନ୍ତ ଏବଂ ବର୍ଦ୍ଧିଷ୍ଣୁ ଭାଷା ହୋଇଥିବାରୁ ଅନ୍ୟାନ୍ୟ ନୂତନ ଇଣ୍ଡୋ-ଏରିଆନ୍ ଭାଷାମାନଙ୍କରୁ ଶବ୍ଦରାଶି ବହୁଳ-ଭାବରେ ଆହରଣ କରିଅଛି । ପାର୍ଶୀ ଆରବୀ ଭାଷାମାନଙ୍କରୁ ଆଇନ୍ ଅଦାଲତ୍, କୋଟକଚେରୀରେ ବ୍ୟବହୃତ ଶବ୍ଦମଧ୍ୟ ଅସମୀୟା ଭାଷାରୁ ଆନୀତ ହୋଇଛି । ସାମ୍ପ୍ରତିକ କାଳରେ ଇଂରାଜୀ ଶବ୍ଦ ଓ ବ୍ୟାକରଣ ଭାଷାକୁ ପଶିଆସିଛି । ଏମିତି ନାନା ଭାବରେ ଅସମୀୟା ଭାଷାର ପୂର୍ଣ୍ଣାଙ୍ଗ ଉନ୍ନତି ଘଟିଛି, ଯାହା ଫଳରେ ଭାବପ୍ରକାଶ ପାଇଁ ଭାଷା ସୂକ୍ଷ୍ମ ଓ ଶକ୍ତିଶାଳୀ ହୋଇପାରିଛି ।

❑ ❑ ❑

Digitized by srujanika@gmail.com

## ପରିଚ୍ଛେଦ -- ଦୁଇ

## ଆଦିକାଳ (ପର୍ବ)

ମୁସଲମାନ ଧର୍ମର ଆବିର୍ଭାବ ମଧ୍ୟଯୁଗର ଏକ ବିଶିଷ୍ଟ ଘଟଣା । ତ୍ରୟୋଦଶ ଶତାବ୍ଦୀରେ ଏହାର ପ୍ରଭାବ ଏପରିକି ଆସାମରେ ଅନୁଭୂତ ହୋଇଥିଲା । ଉତ୍ତର ଗୌହାଟୀ ସନ୍ନିକଟ କାନାଇବାରାଶିର ଏକ ଶିଳାଲେଖରୁ ଜଣାଯାଏ ଯେ ୧୨୦୫ ସାଲ୍‌ରେ ତୁରସ୍କମାନେ (ତୁର୍କୀ ବା ମୁସଲମାନ) କାମରୂପ ଆକ୍ରମଣ କରି ପରାଭୂତ ହୋଇଥିଲେ । ବୋଧହୁଏ, ଆସାମ ଶାସନରେ ଥିବା ତତ୍କାଳୀନ ନରପତିମାନଙ୍କ ସହିତ ମହମ୍ମଦ ବକ୍ତିଆର୍ ଖିଲିଜିଙ୍କ ସଂଗ୍ରାମକୁ ଲକ୍ଷ୍ୟକରି ମୁସଲମାନ୍ ଐତିହାସିକ ମିନ୍‌ହାଜ୍ ଲିପିବଦ୍ଧ କରିଛନ୍ତି ଯେ ତିବ୍ବତୀୟ ଅଭିଯାନ ପରେ ପରେ ସେ ଆସାମ ଆକ୍ରମଣ କରିଥିଲେ । ପୁନଶ୍ଚ ୧୨୨୭ ସାଲରେ ଲାକ୍ଷ୍ମାବତୀର ଗିଆସୁଦ୍ଦିନ ଇୱାଜ କାମରୂପ ଆକ୍ରମଣ କରି ବିଫଳ ହୋଇଥିଲେ । ୧୨୫୭ ସାଲରେ ଇଖ୍‌ତିୟାସୁଦ୍ଦିନ ଯୁଜ୍‌ବକ୍‌ତୁଗ୍ରିଲ୍ ଖାଁ ପୁଣି କାମରୂପ ଆକ୍ରମଣ କଲେ ଏବଂ ପରାସ୍ତ ହେଲେ ଓ ତାଙ୍କ ସୈନ୍ୟ ଧ୍ୱଂସ ପାଇଲେ । ମହମ୍ମଦ ସାହାଙ୍କ ଦ୍ୱାରା କାମରୂପ ଆକ୍ରମଣ ମଧ୍ୟ ସେହିପରି ମୁସଲମାନ ସୈନ୍ୟ ପକ୍ଷର ବିପର୍ଯ୍ୟୟର କାରଣ ହୋଇଥିଲା ।

ଏ ସମସ୍ତ ମୁସଲମାନ ଆକ୍ରମଣ ଅସଫଳ ହେଲେ ମଧ୍ୟ ପ୍ରାଚୀନ କାମରୂପ ରାଜ୍ୟର ମୂଳଦୁଆ ଦୋହଲାଇ ଦେଇଥିଲା ଏବଂ କାଳକ୍ରମେ ତାହା ଖଣ୍ଡ ବିଖଣ୍ଡ ହୋଇଥିଲା । ଏହି ସମୟରେ ସାନ୍ ଆକ୍ରମଣକାରୀମାନେ ଉତ୍ତରପୂର୍ବ ଦିଗରୁ ଆସାମରେ ପ୍ରବେଶ କଲେ । ଏସବୁ ଘଟଣାରୁ ରାଜନୈତିକ ବିବାଦର ଉତ୍ପତ୍ତି ହେଲା ଏବଂ ଛୋଟ ଛୋଟ ଅନେକ ସ୍ୱାଧୀନ ରାଜ୍ୟ ଗଠିତ ହେଲା । ଅହୋମ ବୋଲାଉଥିବା ଦଳେ ସାନ୍ ଆକ୍ରମଣକାରୀ ସୁକଫାଙ୍କ ନେତୃତ୍ୱରେ ରାଜ୍ୟର ପୂର୍ବାଂଶ ଜୟ କରିଗଲେ (୧୨୧୫ ଖ୍ରୀଃଅଃ) ଏବଂ ପ୍ରଥମ ରାଜଧାନୀ ଚରାଇଦେଓରେ (ଆଧୁନିକ ଘୋରହାଟ ସହରରେ ) ଥାଇ ଶାସନ କଲେ । ତିବ୍ବତୀ -- ବ୍ରହ୍ମଦେଶୀଙ୍କ ଭାଗେ ଲୋକ ( କାଗ୍ଚରୀ ବୋଲାଉଥିବା) ପ୍ରାଗ୍‌ଐତିହାସିକ କାଳରୁ ଆସାମରେ ରହିଥିଲେ । ସେମାନେ ଏ ସମୟରେ ବ୍ରହ୍ମପୁତ୍ରର ଦକ୍ଷିଣପାର୍ଶ୍ୱରେ ରାଜ୍ୟଟିଏ ଗଢ଼ିଲେ ଯାହାର ଦିଖଉ ଏବଂ କାଲୋଙ୍ଗ ନଦୀ ( ଅଧୁନା ନାଉରଙ୍ଗ ଜିଲ୍ଲା ) ହେଲା ସୀମାରେଖା ଏବଂ ଦିମାପୁର ହେଲା ରାଜଧାନୀ । ସେମାନଙ୍କ ରାଜ୍ୟର ଅନ୍ତର୍ଗତ ଥିଲା ଧାନଶିରି ନଦୀ ଉପତ୍ୟକା ଏବଂ କାଗ୍ଚର ଜିଲ୍ଲା । ଏହିପରି ଭାବରେ ପ୍ରାଚୀନ କାମରୂପ ରାଜ୍ୟ ଖଣ୍ଡ ଖଣ୍ଡ ହେଲା ଏବଂ ଏକ ଛୋଟ ରାଜ୍ୟକୁ କମିଆସିଲା, ଯାହାର ଶେଷ ପଶ୍ଚିମ

Digitized by srujanika@gmail.com

ସୀମାରେ କରତୋୟା ନଦୀ ଏବଂ ଯାହାର ଅନ୍ତର୍ଗତ ବର୍ତ୍ତମାନର ରଙ୍ଗପୁର, କୁଚବିହାର, ଗୋୟାଲ୍‌ପଡ଼ା ଏବଂ କାମରୂପ ଜିଲ୍ଲା ସବୁ । ସୀମା କମି ଆସିବାରୁ ପୂର୍ବ କାମରୂପ କାମତା ନାଆଁକୁ ବଦଳିଲା ଯଦିଓ ମୁସଲମାନ ଐତିହାସିକମାନେ କହନ୍ତି, କାମରୂପ ଯାହା କାମତା ସେଇଆ । ରାଜ୍ୟର ରାଜଧାନୀ ହେଲା କାମତାପୁର, ଆଧୁନିକ କୁଚବିହାରର ଅଠର ମାଇଲ୍ ଦୂରରେ ।

କାମତାର ଜନୈକ ବିଶିଷ୍ଟ ରାଜା ହେଉଛନ୍ତି ଦୁର୍ଲଭ ନାରାୟଣ । ସେ ବୋଧହୁଏ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗକୁ ରାଜତ୍ୱ କରୁଥିଲେ । ଦୁର୍ଲଭନାରାୟଣ କବି ଓ ପଣ୍ଡିତମାନଙ୍କ ସେବାରେ ନିଜକୁ ଅକ୍ଳାନ୍ତ ଭାବରେ ନିୟୋଜିତ କରିଥିଲେ । ତାଙ୍କରି ରାଜସଭାରେ ହିଁ ଅସମୀୟା ଭାଷା ପ୍ରଥମଥର ଆଶ୍ରାପାଇ ସ୍ଥାନ ଟିକିଏ ପାଇଥିଲା । ଅସମୀୟା ଭାଷାରେ କାବ୍ୟ କବିତା ଲେଖିବା ପାଇଁ ସେ କବିମାନଙ୍କୁ ଉତ୍ସାହ ଦେଇଥିଲେ । 'ବଭ୍ରୁବାହନର ଯୁଦ୍ଧ'ର ମଙ୍ଗଳାଚରଣରେ ଜନୈକ ରାଜସଭାର କବି ହରିବର ବିପ୍ର କହିଛନ୍ତି, ''କାମରୂପର ବୀର ଦୁର୍ଲଭନାରାୟଣଙ୍କ ଜୟ ହେଉ । ସୁଖରେ ସେ ସହସ୍ର ବର୍ଷ ରାଜୁତି କରନ୍ତୁ ପୁତ୍ର ପ୍ରଶଂସକଗଣଙ୍କ ସହିତ । ତାଙ୍କ ରାଜ୍ୟରେ ସୁଖରେ ରହି ବିପ୍ର ହରିବର ଦେବୀ ଗୌରୀଙ୍କ ଶରଣାପନ୍ନ ହୋଇ କେବଳ ଧର୍ମାତ୍ମାମାନଙ୍କୁ ଗୋଚରଥିବା ଅଶ୍ୱମେଧ ପର୍ବର ମର୍ମାନୁସାରେ କବିତା ରଚନା କରୁଛି ।'' ହରିବରଙ୍କ ପ୍ରଧାନ ରଚନା ହେଲା ବଭ୍ରୁବାହନର ଯୁଦ୍ଧ, ଏବଂ ଲବ-କୁଶର ଯୁଦ୍ଧ । ଉଭୟ ପୌରାଣିକ ଗଳ୍ପ ଜୈମିନୀୟ ମହାଭାରତରୁ ଗୃହୀତ । ବଭ୍ରୁବାହନର ଯୁଦ୍ଧରେ ପ୍ରାୟ ୬୦୦ ପଦ ରହିଛି । ବାପ ଓ ପୁଅ ମଧ୍ୟରେ ଆକର୍ଷଣୀୟ ଯୁଦ୍ଧ ଏଥିରେ ବର୍ଣ୍ଣିତ । ଆରମ୍ଭ ହୋଇଛି ମଣିପୁର ରାଜ୍ୟରେ ଅଶ୍ୱମେଧ ଯଜ୍ଞର ଅଶ୍ୱ ପ୍ରବେଶରେ । ଅଶ୍ୱପୃଷ୍ଠ ଅନୁସରଣ କରୁଛନ୍ତି ତୃତୀୟ ପାଣ୍ଡବ ଅର୍ଜୁନ । ମଣିପୁରର ରାଜା ବଭ୍ରୁବାହନ ଅଶ୍ୱକୁ ବାନ୍ଧି ପକାଇଲେ । କିନ୍ତୁ ଯେମିତି ସେ ରାଜମାତା ଚିତ୍ରାଙ୍ଗଦା ପାଖରୁ ଶୁଣିଛନ୍ତି ଯେ ଅର୍ଜୁନ ତାଙ୍କ ବାପା ବଭ୍ରୁବାହନ ବାପାଙ୍କୁ ଭେଟିବା ପାଇଁ ବାହାରିଲେ, ଉଦ୍ଦେଶ୍ୟ କ୍ଷମାପ୍ରାର୍ଥନାକରି ଅଶ୍ୱକୁ ଫେରାଇଦେବା । କିନ୍ତୁ ଅର୍ଜୁନ ଦୁର୍ଭାଗ୍ୟକୁ ଚିତ୍ରାଙ୍ଗଦା ସହିତ ଏକଦା ତାଙ୍କ ମିଳନକୁ ଏକାବେଳେକେ ପାଶୋରି ଦେଇଥାନ୍ତି । ତେଣୁ ବଭ୍ରୁବାହନ ସହିତ ତାଙ୍କ ସଂପର୍କକୁ ସେ ଅସ୍ୱୀକାର କରି ଓଲଟି ତାଙ୍କ ମାଆଙ୍କ ସତୀତ୍ୱ ଉପରେ ଆକ୍ଷେପ କଲେ ଏବଂ କହିଲେ ଯେ ସେ ଭୟରେ ଆତ୍ମସମର୍ପଣ କରୁଛନ୍ତି । ମନ୍ତବ୍ୟ କଲେ ''ପାଣ୍ଡବର ପୁଅ ଟାଣ ହେବ, କଦାପି କାହୁଅମେଞ୍ଚା ହେବନି'' । ବଭ୍ରୁବାହନ ଏତେ ମାତ୍ରାରେ ଉତ୍ତେଜିତ ହେଲେ ଯେ ସେ ଅର୍ଜୁନ ସହିତ ଏକ ଭୀଷଣ ରକ୍ତାକ୍ତ ଯୁଦ୍ଧରେ ବ୍ୟାପୃତ ହେଲେ ଏବଂ ମର୍ମନ୍ତୁଦ ସଂଘର୍ଷରେ ପିତାଙ୍କୁ ହତ୍ୟା କଲେ । ତାପରେ ଶ୍ରୀକୃଷ୍ଣ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଲେ, ଅର୍ଜୁନଙ୍କୁ ଜୀବନଦାନ ଦେଲେ ଏବଂ ମନେପକାଇ ଦେଲେ କିପରି ପୂର୍ବେ ଥରେ ମଣିପୁର ଭ୍ରମଣ କାଳରେ ସେ ଚିତ୍ରାଙ୍ଗଦାଙ୍କୁ ବିବାହକରି ତାଙ୍କରି ଔରସରୁ ବଭ୍ରୁବାହନଙ୍କୁ ଜନ୍ମ କରିଥିଲେ । ଅର୍ଜୁନଙ୍କର ମଣିପୁର ଭ୍ରମଣଗାଥା ମନେ

Digitized by srujanika@gmail.com

ପଡ଼ିଲା; ସେ ବଭ୍ରୁବାହନଙ୍କୁ ନିଜର ସୁଯୋଗ୍ୟ ପୁତ୍ର ବୋଲି ସ୍ୱୀକାର କରି କୋଳାଗ୍ରତ କଲେ ଏବଂ ତାପରେ ଅଶ୍ୱକୁନେଇ ପ୍ରତ୍ୟାବର୍ତ୍ତନ କଲେ ।

ମୂଳ ସଂସ୍କୃତର ଏହା ଆକ୍ଷରିକ ଅନୁବାଦ ନୁହେଁ । କବି କେବଳ ମୂଳବସ୍ତୁକୁ ଆହରଣକରି ବର୍ଣ୍ଣନାଗ୍ଚତୁରୀ ଓ ନାଟକୀୟ ଛଟାରେ ରୂପ ମଣ୍ଡନ କରିଛନ୍ତି । କଦାପି ନୂତନତା ଆଣିବାକୁ ଯାଇ ସେ ସାହିତ୍ୟିକ ରୁଚି ଓ ସ୍ୱାଦର ବ୍ୟତିକ୍ରମ ଦେଖାଇନାହାନ୍ତି । ମଣିପୁରର ରାଜସଭାର ବର୍ଣ୍ଣନା ଯେମିତି ଛବିଳ ସେମିତି ଉଚ୍ଚାଙ୍ଗ । ଅର୍ଜୁନ ବଭ୍ରୁବାହନ ମଧ୍ୟରେ ବାଦ ବିସମ୍ବାଦ, ଉଦ୍ଧତ ପିତା ଓ ବିନୀତ ପୁତ୍ର ମଧ୍ୟରେ ଚିତ୍ତାକର୍ଷକ ଉକ୍ତି ପ୍ରତ୍ୟୁକ୍ତିରେ ଲେଖକଙ୍କ ଚରିତ୍ରଗଠନ ଶକ୍ତି ପ୍ରତିଫଳିତ । ଯୁଦ୍ଧ ବର୍ଣ୍ଣନା ଜୀବନ୍ତ ଏବଂ ବୀରସୁଲଭ ଭାବ ଉଦ୍ରେକ କରେ । ହରିବରଙ୍କ ଲେଖା ମନୋମୁଗ୍ଧକର ଅଳଙ୍କାର ରାଶିରେ, ଢଗଢମାଳି ଓ ହିତୋପଦେଶରେ ପରିପୂର୍ଣ୍ଣ । ତାଙ୍କ ଲବକୁଶ ଯୁଦ୍ଧରେ କବି ଜୈମିନୀଙ୍କ କଥିତମତେ ରାମ ଓ ତାଙ୍କ ଦୁଇ ପୁଅଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ଦୀର୍ଘବର୍ଣ୍ଣନା ଦେଇଛନ୍ତି । ସୀତାହରଣ, ରାମ ରାବଣ ଯୁଦ୍ଧ, ସୀତାଙ୍କ ଅଗ୍ନିପରୀକ୍ଷା, ରାମଙ୍କ ରାଜଧାନୀ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ଠିକେ ଠିକେ ବର୍ଣ୍ଣିତ ହୋଇଛି ।

ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିବାରୁ ଭାଷାରେ ପରିପାଟୀ ନାହିଁ, ବାହୁଲ୍ୟ ନାହିଁ ଯଦିଓ ଲୋକପ୍ରଚଳିତ ପ୍ରବାଦ ନୀତିବାକ୍ୟମାନଙ୍କରେ ପରିପୂର୍ଣ୍ଣ । ପୁନଶ୍ଚ ଜନସାଧାରଣଙ୍କ କଳ୍ପନାଶକ୍ତିକୁ ସ୍ପର୍ଶ କରିବା ପାଇଁ ମୂଳରଚନାର ଘଟଣା ଓ ପରିସ୍ଥିତି ପରିବର୍ତ୍ତନ କରାଯାଇଛି । ତେଣୁ ପୁରୁଣା ସାମରିକ ମନୋଭାବ ଏବଂ ବୀରସୁଲଭ ଆଦର୍ଶକୁ ଜନସାଧାରଣଙ୍କ ଭାବପ୍ରବଣତାର ସ୍ତରକୁ ଖସାଇ ଅଣାଯାଇଛି ।

ହରିବରଙ୍କ ସମସାମୟିକ କବି ହେମା ସରସ୍ୱତୀ ପୃଷ୍ଠପୋଷକ ତଥା ରାଜା ଦୁର୍ଲଭ ନାରାୟଣଙ୍କୁ ତାଙ୍କ ପ୍ରହ୍ଲାଦ ଚରିତ୍ରରେ ପ୍ରଶଂସା କରିଛନ୍ତି । ହେମା ସରସ୍ୱତୀ ବାମନ ପୁରାଣରୁ ବିଷୟବସ୍ତୁ ନେଇଥିବାର ସ୍ୱୀକାର କରିଥିଲେ ମଧ୍ୟ ମୂଳ ଲେଖାଠାରୁ ସେ ଅନେକ ସ୍ୱାଧୀନତା ନେଇଛନ୍ତି । ବର୍ଣ୍ଣନା ସେତେ ଆକର୍ଷଣୀୟ ନୁହେଁ, ବିଶୁଦ୍ଧଶବ୍ଦ ବା ଶୈଳୀର ବ୍ୟବହାର ତାଙ୍କ ଅଭିଳାଷ ନ ଥିଲା, ତଥାପି ତାଙ୍କ ରଚନା ଭକ୍ତିପୁଷ୍ଟ । ସରସ୍ୱତୀଙ୍କ 'ହରଗୌରୀ ସମ୍ବାଦ' ଏକ ବଡ଼ ଧରଣର ଲେଖା, ଯହିଁରେ ନଅଶହ ପଦ ରହିଛି । ଏ କାବ୍ୟର ବିଷୟବସ୍ତୁ ସେ ଉଭୟ ଦେଶର ପୁରାଣ ଓ ଲୋକକଥାରୁ ନେଇଛନ୍ତି । ଏଥିରେ ଯୋଗାଭ୍ୟାସ ସମ୍ବନ୍ଧରେ କେତେଗୁଡ଼ିଏ ପଦ ଥିଲେ ମଧ୍ୟ ଏଇ ବିରାଟ ଲୋକପ୍ରିୟ ଗ୍ରନ୍ଥ ମଣିଷ ଜାତିର ଛୋଟ ଛୋଟ, ମାମୁଲି ବା ଅତିସାଧାରଣ କଥାପାଇଁ ଚିରନ୍ତନ ତୃଷ୍ଣା ମେଣ୍ଟାଇଥାଏ । କାମତା ରାଜବଂଶର ପୃଷ୍ଠପୋଷକତା ପାଇଥିବା ଆଉ ଦୁଇଜଣ ଖ୍ୟାତନାମା କବି ହେଉଛନ୍ତି କବିରତ୍ନ ସରସ୍ୱତୀ ଏବଂ ରୁଦ୍ର କନ୍ଦଲି । ସେମାନେ ଯଥାକ୍ରମେ ଜୟଦ୍ରଥ ବଧ ଏବଂ ସାତ୍ୟକି ପ୍ରବେଶ କାବ୍ୟର ରଚୟିତା । ଏ ଉଭୟ କାବ୍ୟର ମୂଳ ବିଷୟବସ୍ତୁ ମହାଭାରତରୁ ଗୃହୀତ ।

Digitized by srujanika@gmail.com

ସେହି କାଳରେ ଜ୍ଞାନର ଅନ୍ୟ ଏକ ପୀଠର ଅଭ୍ୟୁଦୟ ହୋଇଥିଲା ସାମ୍ପ୍ରତିକ କାଳର ନାଉରଙ୍ଗ ଜିଲ୍ଲାରେ, କାଗ୍ରୀ ରାଜାମାନଙ୍କର ପୃଷ୍ଠପୋଷକତାରେ । ଏଇଠି କାଗ୍ରୀ ବଂଶର ରାଜା ମହାମାଣିକ୍ୟ (ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ)ଙ୍କ ଉତ୍ସାହ ପ୍ରେରଣା ଲାଭକରି ପ୍ରାଗ୍-ବୈଷ୍ଣବ ଯୁଗର ସର୍ବଶ୍ରେଷ୍ଠ କବି ମାଧବ କନ୍ଦଳୀ ରାମାୟଣ ମାଧ୍ୟମରେ ଦେବତା ଓ ମାନବର ସେବାର ଜୟଗାନ କରିଥିଲେ । ସେ କାଗ୍ରୀ ରାଜା ମହାମାଣିକ୍ୟଙ୍କ ରାଜସଭାର କବି ଥିଲେ । ତାଙ୍କୁ କବିରାଜ କନ୍ଦଳୀ (କବିମାନଙ୍କର ରାଜା) କୁହାଯାଉଥିଲା । ଏ ତାଙ୍କ ନାଆଁଟି ଯଥାର୍ଥ । ସେ ଜଣେ ବିଶିଷ୍ଟ ସଂସ୍କୃତ ପଣ୍ଡିତ ଥିଲେ । ଅନ୍ୟାନ୍ୟ କବିବର୍ଗଙ୍କ ପରି ସେ କଦାପି ଆତ୍ମସ୍ଥ ହେଉନଥିଲେ ବା ନିଜ ଜୀବନଗାଥା ବୟାନ କରୁନଥିଲେ । ପରବର୍ତ୍ତୀ ଶତାବ୍ଦୀରେ ଅସମୀୟା ସାହିତ୍ୟକୁ ଶ୍ରେଷ୍ଠ ପ୍ରେରଣା ଯୋଗାଇଥିବା ଶଙ୍କରାଚାର୍ଯ୍ୟ ତାଙ୍କୁ ଉଚ୍ଚ ଆସନ ଦେଇଥିଲେ ଏବଂ ରାମାୟଣର ସାବଲୀଳ, ପ୍ରାଣମତାଣିଆ ଅନୁବାଦରେ ମନ୍ତ୍ରମୁଗ୍ଧ ହୋଇଥିଲେ । କନ୍ଦଳୀଙ୍କ ରାମାୟଣରେ ପ୍ରଥମକରି ଅଗଣିତ ଅସମୀୟା ଶବ୍ଦ ଲିପିବଦ୍ଧ ହୋଇଥିଲା । ଗାଉଁଲି କଥାକୁ ସେ ସାହିତ୍ୟରେ ପ୍ରଚଳନ କରିଥିଲେ । ନୂଆ ଅର୍ଥରେ ସେ ସେଗୁଡ଼ିକୁ ବ୍ୟବହାର କରିଥିଲେ ଏବଂ ସେଥିରୁ ଉତ୍ପନ୍ନ ନୂଆ ନୂଆ ଶବ୍ଦ ମଧ୍ୟ ବ୍ୟବହାର କରିଥିଲେ । ରାମାୟଣରେ ଶବ୍ଦ ଯୋଜନା ଓ ଲିଖନଶୈଳୀର ଯେଉଁ ବିପୁଳ ସମ୍ଭାର ମାଧବ କନ୍ଦଲି ଦାୟାଦଙ୍କୁ ଦେଇଯାଇଥିଲେ ତାହା ଶଙ୍କରଦେବ ଏବଂ ତାଙ୍କର ପରବର୍ତ୍ତୀ କବିବର୍ଗଙ୍କ ଉପରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥିଲା । ଏହି ଲିଖନ ଶୈଳୀ ହେଲା,...

"ସୁଗଭୀର ହେଲେ ହେଁ ସ୍ୱଚ୍ଛ, କୋମଳ ହେଲେ ମଧ୍ୟ ଉଜ୍ଜ୍ୱଳ ଓ ଜୀବନ୍ତ, ଶକ୍ତ ହେଲେ ମଧ୍ୟ ରାଗମୁକ୍ତ ସଂପୂର୍ଣ୍ଣ ଅଥଚ ଅନୁଚ୍ଛଳ ।"

ଲକ୍ଷ୍ୟ କରିବା କଥା ଯେ ସମସ୍ତ ଆଧୁନିକ ଭାରତୀୟ ଭାଷାରେ ଅନୂଦିତ ବାଲ୍ମିକୀ ରାମାୟଣ ମଧ୍ୟରେ ମାଧବ କନ୍ଦଳୀଙ୍କ ରାମାୟଣ ସର୍ବପ୍ରଥମ । ହିନ୍ଦୀ, ବଙ୍ଗଳା ଏବଂ ଓଡ଼ିଆ ରୂପରେ ଯେଉଁ ରାମାୟଣ ବାହାରିଥିଲା ସେଗୁଡ଼ିକ ଦେଢ଼ଶହ ବର୍ଷ ପରର କୃତି । ଏତେପୂର୍ବରୁ ଲେଖାଯାଇଥିଲେ ମଧ୍ୟ ମାଧବ କନ୍ଦଳୀଙ୍କ ଅନୁବାଦକୁ କଞ୍ଚା, ଅଚଞ୍ଚା ବୋଲି କହିହେବ ନାହିଁ । ପ୍ରକୃତରେ ଏହା ମାର୍ଜିତ ଉଚ୍ଚାଙ୍ଗ ଶୈଳୀରେ ଲେଖା । ମାଧବ କନ୍ଦଳୀ ଦୁଇଟି କଥା ଉପରେ ଜୋର ଦେଇଥିଲେ -- ସାହିତ୍ୟିକ ସୌନ୍ଦର୍ଯ୍ୟ ଏବଂ ଜନସାଧାରଣଙ୍କ ରୁଚି । କଳାତ୍ମକ ସୃଷ୍ଟିରେ ସେ କଦାପି ଜାତିଗତ, ଧର୍ମମୂଳକ, ସାମ୍ପ୍ରଦାୟିକ ବିଷୟବସ୍ତୁର ଅନୁପ୍ରବେଶ କରାଉ ନଥିଲେ । ତେଣୁ କରି ଶବ୍ଦ, ଅଳଙ୍କାର ଓ ରୂପକଳ୍ପ ବ୍ୟବହାରରେ ତାଙ୍କ କଳ୍ପନା ଶକ୍ତି ସଂପୂର୍ଣ୍ଣ ସ୍ୱାଧୀନ , ଅବାଧ ଥିଲା ।

ବାଲ୍ମିକୀଙ୍କ ମୂଳ ଗ୍ରନ୍ଥରେ -- ଯହିଁର ଏକ ଶାଖା ଅସମୀୟା ରାମାୟଣ -- କଳାତ୍ମକ ସୌନ୍ଦର୍ଯ୍ୟ ଉପରେ ମହାକବି ସର୍ବପ୍ରଧାନ ଗୁରୁତ୍ୱ ଦେଇଥିଲେ, ଧର୍ମଭାବ ବା ନୀତିଶାସ୍ତ୍ର ଥିଲା ତାଙ୍କର ଗୌଣ ଉଦ୍ଦେଶ୍ୟ । ଅସମୀୟ କବି ମଧ୍ୟ ତଦ୍ରୂପ ପ୍ରଚାରଧର୍ମିତାକୁ ଗୌଣ ସ୍ଥାନ

Digitized by srujanika@gmail.com

ଦେଇ ସାହିତ୍ୟିକ ସୌନ୍ଦର୍ଯ୍ୟକୁ ମୁଖ୍ୟ ସ୍ଥାନ ଦେଇଥିଲେ । ଅସମୀୟା ରାମାୟଣରେ ମୂଳଗ୍ରନ୍ଥର ବଂଶଗତ ରୂପାନ୍ତର ଘଟିଛି । ମୂଳଗ୍ରନ୍ଥର ବୀର ରସମୟ ରଚନା ଗ୍ରାମୀଣ ସୌନ୍ଦର୍ଯ୍ୟରେ ଭରପୁର ହୋଇଉଠେ । ଯେଉଁଠି ବୀରତ୍ୱ ଓ ବୀରରସ ପ୍ରଧାନ ବାତାବରଣ ଥିଲା, ସେ ସ୍ଥାନରେ ଦେଖିବାକୁ ମିଳିଲା ଗ୍ରାମ୍ୟଜୀବନ, ଶାନ୍ତ, ସରଳ ପରିବେଶ ଓ ଜଣେ ଆଦର୍ଶ ପିତା, ମାତା, ପୁତ୍ର, କନ୍ୟା, ଭ୍ରାତାଙ୍କ ସରଳ ସୁମଧୁର ପାରିବାରିକ ଜୀବନ ଚିତ୍ର । ତେଣୁ କରି କନ୍ଦଲୀଙ୍କ ରାମାୟଣରେ ପ୍ରାଧାନ୍ୟ ଓ ଗୁରୁତ୍ୱ ଦିଆଯାଇଛି ଗାର୍ହସ୍ଥ୍ୟ ସଦ୍‌ଗୁଣାବଳୀ ଉପରେ । ଯଥା -- ପିତୃ ଭକ୍ତି, ପତି ଭକ୍ତି, ଗୁରୁ ସେବା, ପତ୍ନୀ, ଭ୍ରାତା, ବନ୍ଧୁବାନ୍ଧବଙ୍କ ପ୍ରତି ସ୍ନେହ, ସାଧାରଣ ଲୋକଙ୍କ ପ୍ରତି ଦୟା ଓ ସୌଜନ୍ୟ ପ୍ରଦର୍ଶନ । ଉଭୟ ପୁରୁଷ ଓ ସ୍ତ୍ରୀଙ୍କ ପାଇଁ ସଂଯମ ଓ ସତୀତ୍ୱ ହେଲା ଶ୍ରେଷ୍ଠ ଧର୍ମ । ସଂକ୍ଷେପରେ ଅସମୀୟ ଲୋକଙ୍କ ପ୍ରତିଭା ଓ ମନୋଭାବରେ ସୁବାସିତ ।

ବାଲ୍ମିକୀଙ୍କ ବିଷୟବସ୍ତୁ ମୋଟାମୋଟି ଅନୁସରଣ କରି କନ୍ଦଲୀ ଗାଉଁଲୀ କଥା-ସୂତ୍ର ନେଇ କଳାତ୍ମକ କାବ୍ୟ ଜାଲ ବୁଣିଛନ୍ତି ଏବଂ ସ୍ଥାନୀୟ ରଙ୍ଗରେ ରଞ୍ଜିତ କରିଛନ୍ତି । ଦେଶରେ ପ୍ରଚଳିତ ପ୍ରଥା ଗୁଲିଚଳନ ବେଶଭୂଷାକୁ ନେଇ ସେ ମହାକାବ୍ୟର ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଇଛନ୍ତି । ଏପରିକି ଛୋଟ ଛୋଟ ପାର୍ଥକ୍ୟମାନଙ୍କୁ ଦର୍ଶାଇ ସ୍ୱକୀୟ ପ୍ରତିଭାର ଓ ଦର୍ଶନର ପୂର୍ଣ୍ଣତା ପ୍ରକଟିତ କରିଛନ୍ତି । ଅସମୀୟ ରାମାୟଣରେ ବୟସ୍କା କୁଞ୍ଜୀର ଦୁର୍ବଳତା ଚିତ୍ରିତ ହୋଇଛି । ଏଇ ନାରୀ ଭରତଙ୍କ ପ୍ରେମ ପାଇଁ ପାଗଳୀ । ଭରତ ମାମୁଘରୁ ଫେରିବା ପରେ ଫେରେ ସେ ତାଙ୍କ ନିକଟକୁ ନିଜର ଝୀନ ବସନ ପାଟପଡନୀ ପିନ୍ଧିଯାଇଛି । ଏହି କଥାଟି ଗୁରୁଗମ୍ଭୀର ମୂଳ ସଂସ୍କୃତ ରାମାୟଣରେ ନାହିଁ । ଏ ବିଷୟର ଅବତାରଣା କରି ଅସମୀୟା କବି ସାମାନ୍ୟ ଲୋକଙ୍କ ରୁଚିକୁ ଚରିତାର୍ଥ କରିବାକୁ ଯାଇଛନ୍ତି । ପୁଣି ଅନ୍ୟତ୍ର ଯେଉଁଠି ବାଲ୍ମିକୀ ରାମାୟଣରେ କୈକେୟୀଙ୍କ ଚକ୍ରାନ୍ତରେ ମୁଖରୁଦ୍ଧ ହୋଇଥିଲେ ତାଙ୍କ ପିତାଙ୍କ ସମ୍ମୁଖରେ ନିଜର ବୀରସୁଲଭ ଭଙ୍ଗୀ ଓ ଓଜସ୍ୱିନୀ ଭାଷାରେ ବିମାତା ସମ୍ମୁଖରେ ପିତୃସତ୍ୟ ପାଳନ ପାଇଁ ଯେଉଁ ପ୍ରତିଜ୍ଞା କରିଛନ୍ତି ତାହା ରୁଚିସମ୍ମତ; ଅସମୀୟାରେ ଦୃପ୍ତ ନାୟକର ଆସ୍ଫାଳନ ପରି ତାହା ରୁଚିବିଗର୍ହିତ ନୁହେଁ । ଅନ୍ୟଥା ପ୍ରଶଂସନୀୟ ଅନୁବାଦର ଏ ସବୁ ଅବଶ୍ୟ ସାମାନ୍ୟ ଦୋଷ ଦୁର୍ବଳତା ।

ପୃଷ୍ଠପଟ ଚିତ୍ରଣରେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନାରେ, ଉପଯୁକ୍ତ ଆବେଗ ଜନ୍ମାଇବାରେ ଏବଂ ଜୀବନ୍ତ ରୂପକଳ୍ପ ଏବଂ ଯଥାଯଥ ବାକ୍ୟାଂଶ ନିର୍ବାଚନରେ କନ୍ଦଲୀ ଅସାମାନ୍ୟ କୃତିତ୍ୱ ଦେଖାଇଅଛନ୍ତି । ଉତ୍ସବମୁଖର ଅଯୋଧ୍ୟା ଚିତ୍ରଣରେ, ରାମଙ୍କ ବନବାସରେ ବିଦୀର୍ଣ୍ଣ ହୃଦୟ ଦଶରଥଙ୍କ ଛବି ଅଙ୍କନରେ, ଅରଣ୍ୟବାସର ବିପଦସଂକୁଳ ଜୀବନ ସଂପର୍କରେ, ଚିତ୍ରକୂଟ ଅରଣ୍ୟକୁ ସେମାନଙ୍କର ଯାତ୍ରାରେ ଦୀର୍ଘ ଶବ୍ଦାଡ଼ମ୍ବରମୟଂ ସୀତାଙ୍କ ପ୍ରତି ଉକ୍ତିରେ ଏବଂ ମନ୍ଦାକିନୀ ନଦୀର ସ୍ନିଗ୍ଧ ଶୀତଳ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ, ପ୍ରତି

Digitized by srujanika@gmail.com

କ୍ଷେତ୍ରରେ ତତ୍‌କାଳୀନ ଆସାମର ବିଚିତ୍ର ମନୁଷ୍ୟ ତଥା ସମୁଜ୍ଜ୍ୱଳ ଭୂଭାଗର ପରିପ୍ରକାଶ ରହିଛି । ଏହି ପ୍ରତିଭାସମ୍ପନ୍ନ କବିଙ୍କ ସବୁଠାରୁ ବଡ଼ ଅବଦାନ ହେଲା ଅନନ୍ୟସାଧାରଣ ମୌଳିକତାସମ୍ପନ୍ନ ସାହିତ୍ୟିକ ଶୈଳୀ ବା କଳାକୁଶଳତା, ଯାହା ସଂସ୍କୃତ ଓ ଅସମୀୟା ଭାଷାର ମଧୁର ସମ୍ମିଶ୍ରଣରେ ଗଠିତ । ସେହି ଶୈଳୀ ସମସାମୟିକ କବିଙ୍କ ଶକ୍ତିର ଊର୍ଦ୍ଧ୍ୱରେ ଥିଲା ଏବଂ ଯାହା କାଳକ୍ରମେ ପରବର୍ତ୍ତୀ କବିଙ୍କ ପକ୍ଷରେ ଆଦର୍ଶ ଓ ଅନୁକରଣୀୟ ହୋଇଥିଲା । କବି ବିପୁଳ ଶବ୍ଦସମ୍ଭାର ପ୍ରାଚୁର୍ଯ୍ୟର ଅଧିକାରୀ ହୋଇଥିବାରୁ ଜୀବନର ଯେ କୌଣସି ଘଟଣା ବା ଜୀବନର ବିଭାସ ପ୍ରକାଶ କରିବାରେ ପାରଙ୍ଗମ ଥିଲେ । କବି ମୂଳ ଲେଖାର ଗ୍ରାମ ବା ନଗର ବର୍ଣ୍ଣନା କରୁଥାଆନ୍ତୁ ବା ଅରଣ୍ୟ ଅଧିତ୍ୟକାର ଛବି ଆଙ୍କୁ ଥାଆନ୍ତୁ, କଳ୍ପନା ଓ ଶବ୍ଦାବଳୀ ପକ୍ଷୀର ସଂଗୀତ ବା ବୃକ୍ଷଲତାର ପତ୍ର ଫୁଲ ପରି ସ୍ୱଭାବତଃ ଆସିଯାଏ । ଯେବେ ସେ ଅରଣ୍ୟ ବର୍ଣ୍ଣନା କରନ୍ତି ବୃକ୍ଷଲତା-ପୁଷ୍ପଫଳ-ପଶୁପକ୍ଷୀ କ୍ଳାନ୍ତିହୀନ ରୀତିରେ ସ୍ୱତଃ ତାଙ୍କ ପାଖକୁ ଆସିଯାଆନ୍ତି । ଏତେ ପ୍ରାଚୁର୍ଯ୍ୟ ସହିତ କବିଙ୍କର ଠିକ୍ ଶବ୍ଦ ଖୋଜି ପାଇବାର ସହଜାତ ବୁଦ୍ଧି ଥିଲା । କବିତାର ଅନ୍ୟ ଏକ ବିଶିଷ୍ଟ ଲକ୍ଷଣ ହେଉଛି ମାଧବ କନ୍ଦଳୀ ମୌଳିକ ଚିତ୍ରକଳ୍ପ, ଯାହା ସହିତ ସେ ପ୍ରାଚୀନକୁ ମିଳାଇ ବା ପରିବର୍ତ୍ତନ କରି ନୂଆ ରୂପ ଦେଇ ପାରୁଥିଲେ । ଯା ସାଙ୍ଗକୁ ସେ ଦୈନନ୍ଦିନ ଜୀବନଚିତ୍ର ସବୁ ମିଶାଇ କାବ୍ୟକୁ ସମାନଭାବରେ ପଣ୍ଡିତ, ଧାର୍ମିକ ତଥା ଚଷା ପାଇଁ ହୃଦ୍ୟ କରିପାରୁଥିଲେ। ପରବର୍ତ୍ତୀ କାଳରେ ବୈଷ୍ଣବ କବିମାନେ ଏହି ରୀତି ଅନୁସରଣ କରିଥିଲେ ।

'ଦେବଜିତ୍' ଅନ୍ୟ ଏକ କାବ୍ୟ, ଯାହା ମାଧବ କନ୍ଦଳୀଙ୍କ କୃତ ବୋଲି କୁହା ଯାଇଥାଏ । ଏଥିରେ କନ୍ଦଳୀ ଦର୍ଶାଇଛନ୍ତି, କିପରି ଶ୍ରୀକୃଷ୍ଣ ଏବଂ ବିଷ୍ଣୁଙ୍କ ଅନ୍ୟ ଅବତାରମାନେ ଅନ୍ୟ ଦେବଗଣଙ୍କ ଅପେକ୍ଷା ବଡ଼ ।

ରାମାୟଣ ଉପରେ ପର୍ଯ୍ୟବସିତ ହୋଇଥିବା ଅନ୍ୟ ଏକ କାବ୍ୟର ଲେଖକ ଦୁର୍ଗାବର। ଷୋଡ଼ଶ ଶତାବ୍ଦୀରେ କାମତା ବଂଶର ରାଜା ବିଶ୍ୱସିଂହଙ୍କ ପୃଷ୍ଠପୋଷକତାରେ ନୀଳାଚଳ ହିଲ୍‌ରେ ସେ ବାସକରୁଥିଲେ । ରାମାୟଣର କେତେଗୁଡ଼ିଏ କାଣ୍ଡକୁ ସେ ସଂଗୀତ, ଛନ୍ଦ ରୂପ ଦେଇଥିଲେ । କନ୍ଦଳୀଙ୍କ ରାମାୟଣ ସହିତ ତାଙ୍କର ପରିଚିତ ଥିଲା ଏବଂ ସେ ତାଙ୍କ 'ଗୀତି-ରାମାୟଣ'ରେ ଅନେକଗୁଡ଼ିଏ ପଦ କନ୍ଦଳୀଙ୍କ ରାମାୟଣରୁ ଆଣି ସାମାନ୍ୟ ପରିବର୍ତ୍ତନ କରି ସାଙ୍ଗୀତିକ ମେଳ ରକ୍ଷା କରିଛନ୍ତି ।

ପୂର୍ବରୁ କୁହାଯାଇଛି ଯେ ଆସାମରେ ବିଭିନ୍ନ କିସମର ଲୋକେ ରହିଛନ୍ତି । କିଏ ଏରିଆନ୍, କିଏ ମନକ୍ଷ୍ମେର ତ ଆଉ କିଏ ଟିବ୍‌ତୋବର୍ମାନ୍, ତାଇ ବା ଶାନ୍ ଭାଷାଭାଷୀ। ଏହି ସମ୍ମିଶ୍ରଣର ଅବଶ୍ୟମ୍ଭାବୀ ଫଳ ସ୍ୱରୂପ ଅଣଆର୍ଯ୍ୟଙ୍କର ଅନେକ ପ୍ରଥା, ଧର୍ମାଚରଣ, ଧର୍ମବିଶ୍ୱାସ, ମୌଳିକ ପରମ୍ପରା ଏବଂ ଲୋକକଥାର ଆର୍ଯ୍ୟକୃତ ହୋଇ ଏ ହିନ୍ଦୁ ପୁରାଣର ଅନ୍ତର୍ଗତ ହେଲା । ଏମିତି ଏକ ଆର୍ଯ୍ୟୀକୃତ ପୂଜା ହେଲା ସର୍ପ-ପୂଜା । ଆସାମର ଲୋକେ

Digitized by srujanika@gmail.com

ସାପକୁ ମନସା ଠାକୁରାଣୀ ରୂପରେ ପୂଜା କରନ୍ତି । ଏଇ ଦେବୀଙ୍କ ମହିମା, କ୍ରିୟାକଳାପ ବର୍ଣ୍ଣନା କରି ରାଶି ରାଶି କବିତା ରଚିତ । ଏବେ ବି ମନସା ଦେବୀଙ୍କ ପୂଜା ଦିନରେ ସେ ସବୁ ଗୀତ ହୋଇଥାଏ ।

ମନସା ପୂଜାର କବିତାଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗ ଆରମ୍ଭ ହୁଏ ଶିବ ଓ ଦୁର୍ଗାଙ୍କ ପୌରାଣିକ କାହାଣୀରେ ।ଏଥିରେ ସର୍ପଦେବୀ ମନସାଙ୍କ ଜନ୍ମ, ଚଣ୍ଡୀ ସହିତ ତାଙ୍କ କଳହ, ଏବଂ ତାଙ୍କ ବିବାହର ବର୍ଣ୍ଣନା ରହେ । ଦ୍ୱିତୀୟ ଭାଗରେ, ଦୁଇଭକ୍ତ ହଲିକ ଓ ଜଲିକ କିପରି ମନସା ପୂଜା କଲେ ତହିଁର ବର୍ଣ୍ଣନା । ତୃତୀୟ ଭାଗଟି ସବୁଠାରୁ ଲୋକପ୍ରିୟ । ସେଥିରେ ଦେବୀ ମନସା ଓ ଭକ୍ତିହୀନ ଶୈବ ସୌଦାଗର ଚ୍ଚନ୍ଦଙ୍କ ମଧ୍ୟରେ ଦ୍ୱନ୍ଦ୍ୱର କାହାଣୀ । ସୌଦାଗର ଚ୍ଚନ୍ଦ ଇଚ୍ଛାକୃତ ଭାବେ ଦେବୀଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ରାଜି ହେଲାନାହିଁ । ଏପରିକି ଦେବୀଙ୍କ ନାଆଁ ଶୁଣିଲେ ତେଇଁଲା । ଦେବୀ କ୍ରୋଧରେ ଚ୍ଚନ୍ଦର ଛଅ ପୁଅକୁ ମାରିଦେଲେ ଏବଂ ସୌଦାଗରର ଚଉଦଟି ବୋଝେଇ ଜାହାଜ ପାଣିରେ ବୁଡ଼ାଇଦେଲେ ।ସେତିକିରେ ମଧ୍ୟ ଦେବୀ ସନ୍ତୁଷ୍ଟ ହେଲେ ନାହିଁ । ସୌଦାଗରର ସପ୍ତମ ପୁତ୍ର ଲକ୍ଷ୍ମୀଧରକୁ ବାସର ରାତିରେ ସାପ କାମୁଡ଼ାଇ ମାରିଦେଲେ । ନବବିବାହିତା ପତ୍ନୀ ବେହୁଲା ନିରାଶ୍ରୟା ହୋଇ ସ୍ୱାମୀଙ୍କ ଶବକୁ ଏକ ଡଙ୍ଗାରେ ନେଇ ନଦୀରେ ସ୍ରୋତ ସହିତ ଭାସି ଭାସି ଚ୍ଚଲିଲେ । ଅନେକ ଦୂର ଯିବା ପରେ କୈଳାସର ପାଦ ଦେଶରେ ଏକ ଘାଟରେ ଲାଗିଲେ । ଶିବଙ୍କ ଧୋବଣୀ ନେତାଇର ସାହାଯ୍ୟରେ ବେହୁଲା ଦେବାଦିଦେବ ମହାଦେବଙ୍କୁ ଦର୍ଶନ କଲେ ।ଦୟାପରବଶ ହୋଇ ଶିବ ମନସାଙ୍କୁ କହିଲେ ଚ୍ଚନ୍ଦ ସୌଦାଗର ସାତପୁତ୍ରଙ୍କ ଜୀବନ ଫେରାଇ ଦେବା ପାଇଁ ଏବଂ ବୁଡ଼ିଯାଇଥିବା ଚଉଦଟିଯାକ ଜାହାଜକୁ ଅତୁଟ ଅବସ୍ଥାରେ ଫେରାଇ ଦେବା ପାଇଁ। ସର୍ତ୍ତ ହେଲା, ଚ୍ଚନ୍ଦ ଦେବୀଙ୍କୁ ଅନ୍ତତଃ ଥରେ ପୂଜା କରିବ । ବେହୁଲା ଜୀବନ ଫେରିପାଇଥିବା ସ୍ୱାମୀଙ୍କୁ ନେଇ ଫେରିଲେ ଏବଂ ଶ୍ୱଶୁରଙ୍କୁ ଦେବୀ ମନସାଙ୍କ ପୂଜା କରିବାପାଇଁ ପ୍ରବର୍ତ୍ତାଇଲେ। ଚ୍ଚନ୍ଦ ସୌଦାଗର ପୂଜାକଲେ କିନ୍ତୁ ଭଲଭାବରେ ଖୁସୀ ମନରେ କଲେ ନାହିଁ ; ଘୃଣାରେ ବାଁ ହାତରେ ଠାକୁରାଣୀଙ୍କୁ ପୂଜା ଦେଲେ । ଯାହାହେଉ ସେତିକି ତ କଲେ ! ସୌଦାଗର ହରାଇଥିବା ସମସ୍ତ ଧନ ଫେରି ପାଇଲେ ।

ଆସାମ ଏବଂ ପାର୍ଶ୍ୱବର୍ତ୍ତୀ ଇଲାକାର ଆଦିମ ଅଧିବାସୀଙ୍କ ଲୋକକଥା ଓ ପୁରାଣ କଥା ଉପରେ ଏଇ ମନସା କାହାଣୀ ଗଢ଼ାଯାଇଛି । କେହି କେହି ଏଥିରେ ବହୁଦିନ ଧରି ଚ୍ଚଲିଥିବା ଶୈବ ଏବଂ ଅନ୍ୟାନ୍ୟ ଧର୍ମ ଭିତରେ ଦ୍ୱନ୍ଦ୍ୱର ପ୍ରତିଧ୍ୱନି ପାଇଥାଆନ୍ତି । ମନସାକାବ୍ୟ-ମାନଙ୍କରେ ଅନେକ ଦେବାଦେବୀଙ୍କ ଉପସ୍ଥିତିର କାରଣ ଏଥିରୁ ଜଣାପଡ଼େ । ମାନୁଷୀ ଚରିତ୍ରଙ୍କୁ ଏହି କାବ୍ୟମାନଙ୍କରେ ଅତି ଚତୁରତା ସହିତ ଗ୍ରଥିତ, ସନ୍ନିବିଷ୍ଟ କରାଯାଇଥିବାରୁ ମନସା କାବ୍ୟମାନ ଆମ୍ଭମାନଙ୍କୁ ଏତେ ଭଲଲାଗେ ।

Digitized by srujanika@gmail.com

ମନକର ଏହି ମନସା କାବ୍ୟମାନଙ୍କର ଆଦିକବି । ପଞ୍ଚଦଶ ଶତାବ୍ଦୀର ଶେଷ ଆଡ଼କୁ ତାଙ୍କର ଆବିର୍ଭାବ । ରାମାୟଣକୁ ସଂଗୀତ ରୂପ ଦେଇଥିବା ଦୁର୍ଗାବର ମଧ୍ୟ ଏହି ମନସାକାବ୍ୟରେ ହାତ ଦେଇଥିଲେ । ମନକରଙ୍କ ପରି ଦୁର୍ଗାବର ମଧ୍ୟ ବେହୁଲା କାହାଣୀରେ ସମସାମୟିକ ସମାଜ ଚିତ୍ର ଆଙ୍କିଥିଲେ ।

ଅସମୀୟା ସାହିତ୍ୟରେ ଶ୍ରେଷ୍ଠ ମନସା କବି ହେଉଛନ୍ତି ନାରାୟଣ ଦେବ । ତାଙ୍କୁ ମଧ୍ୟ ସୁ - କବି ଆଖ୍ୟା ଦିଆଯାଇଛି । ତାଙ୍କର ବେହୁଲା ଲକ୍ଷ୍ମୀଧର ସଂଗୀତ (ଶୁକନାନୀ ନାମରେ ଅଭିହିତ ) ବୋଧହୁଏ ସପ୍ତଦଶ ଶତାବ୍ଦୀରେ ଦରଙ୍ଗୀ ରାଜ୍ୟର ରାଜା ଧର୍ମନାରାୟଣଙ୍କ ରାଜ ସଭାରେ ଲେଖାଯାଇଥିଲା । ନାରାୟଣ ଦେବଙ୍କ ହାତରେ ବେହଲା ଗାଥାଟି ନୂଆରୂପ ନେଲା ଏବଂ ଖୁବ୍ ଲୋକପ୍ରିୟ ମଧ୍ୟ ହେଲା । ମଧ୍ୟଯୁଗର ଅସମୀୟା ସାହିତ୍ୟରେ ଏହି କାବ୍ୟରେ ଯେଉଁ ସାମାଜିକ ଚେତନା ଦେଖାଦେଲା ତାହା ଏକାବେଳକେ ଅଭିନବ । ଏହି ସଂଗୀତମାନଙ୍କରେ ତତ୍କାଳୀନ ଗାର୍ହସ୍ଥ ଜୀବନର ସୁଖ ଦୁଃଖ ଜଞ୍ଜାଳ ଭରା ବାତାବରଣର ଚିତ୍ର କବି ଦେଇ ପାରିଛନ୍ତି । ଚରିତ୍ର ତଥା ଭାବାବେଗକୁ ରୂପାୟିତ କରିବାରେ କବି ବାସ୍ତବ ଜୀବନ ସହିତ ମେଳ ରଖିଛନ୍ତି । ତାଙ୍କ ଗ୍ନନ୍ଦ ସୌଦାଗର ଅଦମ୍ୟ ଶକ୍ତିଶାଳୀ, ଦୃଢ଼ସଂକଳ୍ପ; ଏବଂ ତାଙ୍କ ସାଧୁତା ବା ସଦ୍‌ଚରିତ୍ରତା ଉପରେ କେହି ଆକ୍ଷେପ କରିପାରିବ ନାହିଁ । ତଥାପି ସର୍ବଶେଷରେ ତାଙ୍କ ପରି ଲୋକଙ୍କୁ ପଦ୍ମା ବା ମନସାଙ୍କ ଦେବୀତ୍ୱ ସ୍ୱୀକାର କରିବାପାଇଁ ବେହୁଲା ପ୍ରବର୍ତ୍ତାଇ ପାରିଲେ । ବେହୁଲାଙ୍କର ଏହି ହେଲା ବିଶୁଦ୍ଧ ଭକ୍ତି, ଦାମ୍ପତ୍ୟ ପ୍ରେମ ଏବଂ ବିଶ୍ୱାସର ବିଜୟ -- ଯାହା ପଥରକୁ ମଧ୍ୟ ତରଳାଇ ଦିଏ, ପାହାଡ଼କୁ ଟଳାଇ ଦିଏ । ଆଦର୍ଶ ନାରୀରୁପେ ସେ ସୀତା ସାବିତ୍ରୀଙ୍କଠାରୁ ଊଣା ନୁହଁନ୍ତି । ବେହୁଲାଙ୍କ ପୂତ ସତୀତ୍ୱ ଏବଂ ଗଭୀର ପତି ପ୍ରେମ ଆଗରେ ସ୍ୱର୍ଗର ଦେବତାମଧ୍ୟ ନଇଁ ଯାଆନ୍ତି, ଭାଙ୍ଗିପଡ଼ନ୍ତି । ଗ୍ନନ୍ଦ ସୌଦାଗରର ସ୍ତ୍ରୀ ସୋନେକାର ଚରିତ୍ର ଚିତ୍ରଣରେ କବି ତୂଳିକା ଏମିତି ଗ୍ନଳିଛନ୍ତି ଯେ ଅସହାୟ ମାତାଟି କାରୁଣ୍ୟର ଅତୁଳନୀୟ ପ୍ରତିମୂର୍ତ୍ତି ପାଲଟି ଯାଇଛନ୍ତି । ସେମିତି ଚରିତ୍ର ଆମେ କେବଳ ସାଞ୍ଜ୍‌ଙ୍କ 'ରାଇଡର୍‌ସ ଟୁ ଦି ସି'ର ମଉରିୟାଠାରେ ଦେଖୁ । ନାମକୁ ଠାକୁରାଣୀ ଦେବୀ ହୋଇ ପଦ୍ମା ବା ମନସା ଇର୍ଷାପରାୟଣା, ପ୍ରତିହିଂସା ପରାୟଣା ଏବଂ ନୀଚ । ବେହୁଲା ଗୀତିମାନଙ୍କରେ ମଣିଷମାନେ ଦେବତା ସ୍ତରକୁ ଉଠିଛନ୍ତି; ଦେବତାମାନେ କିନ୍ତୁ ଖସି ଆସିଛନ୍ତି ପାର୍ଥିବ ନୀଚସ୍ତରକୁ । ମନସା କାବ୍ୟ କବିତାର ସାହିତ୍ୟିକ ମାନ ଯାହା ହେଉନା କାହିଁକି ଜାତିର ସାଂସ୍କୃତିକ ପରମ୍ପରା ସଂରକ୍ଷଣରେ ସେମାନଙ୍କ ମୂଲ୍ୟ ଖୁବ୍ ଉଚ୍ଚରେ । ସେଥିରେ ପୁରାଣ ଗାଥା ଓ କାହାଣୀର ଉତ୍କଣ୍ଠା ସୁରକ୍ଷିତ ଏବଂ ଆମର ସାଂସ୍କୃତିକ ଜୀବନ ଓ ସାହିତ୍ୟର ରଜ୍ଜୁବନ୍ଧନ ଦୃଢ଼ୀଭୂତ ।

❑ ❑ ❑

Digitized by srujanika@gmail.com

## ପରିଚ୍ଛେଦ -- ତିନି

# ବୈଷ୍ଣବ ଯୁଗ

ଷୋଡ଼ଶ ଶତାବ୍ଦୀରେ ଆସାମରେ କୋଚ୍ ଏବଂ ଅହୋମ୍ ନାମକ ଯୋଡ଼ିଏ ବୃହତ୍ ଶକ୍ତିର ଯୁଗପତ୍ ଉଲ୍କା ସମ ଆବିର୍ଭାବ ହେଲା । ଆସାମକୁ ସେ ଦୁହେଁ ଦୁଇଭାଗ କରି ବାଣ୍ଟି ନେଲେ । ପ୍ରାଚୀନ କାମାତପୁର ରାଜ୍ୟ ଆଲ୍ଲାଉଦ୍ଦିନ୍ ହୁସେନ୍ ସାହାଙ୍କ ଆକ୍ରମଣରେ ପ୍ରାୟ ୧୪୯୮ରେ ଧ୍ୱଂସପ୍ରାପ୍ତ ହେଲା ଏବଂ କେତେଦିନପରେ ଅରାଜକତା ଓ ବିଭ୍ରାଟପରେ ପୁରାତନ ଭସ୍ମାବଶେଷରୁ ନୂତନ ରାଜ୍ୟ ଗୋଟିକର ଆବିର୍ଭାବ ହେଲା । କୋଚ୍ ବଂଶ ରାଜା ବିଶ୍ୱସିଂହ ପ୍ରାୟ ୧୫୧୫ ସାଲ୍‌ରେ ନୂତନ ରାଜ୍ୟର ପ୍ରତିଷ୍ଠା କଲେ, ଯାହାର ରାଜଧାନୀ ହେଲା କୋଚ୍‌ବେହାର (ଆଧୁନିକ କୁଚବିହାର ) । ଏ ବଂଶର ଶ୍ରେଷ୍ଠରାଜା ହେଲେ ବିଶ୍ୱସିଂହଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଖ୍ୟାତନାମା ନରନାରାୟଣ, ମୋଗଲ ବାଦ୍‌ଶା, ଆକ୍‌ବରଙ୍କ ସମସାମୟିକ । ନରନାରାୟଣ ବନାରସରେ ଶିକ୍ଷାଲାଭ କରିଥିଲେ ଏବଂ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ପାଇଁ ଖ୍ୟାତ ଥିଲେ । ନରନାରାୟଣ ଏବଂ ତାଙ୍କ ଭ୍ରାତା ଶୁକ୍ଳଧ୍ୱଜ ବା ଶିଳାରାୟ ବନାରସ ତଥା ଅନ୍ୟାନ୍ୟ ଜ୍ଞାନପୀଠରୁ ବ୍ରାହ୍ମଣ ଓ ପଣ୍ଡିତମାନଙ୍କୁ ତାଙ୍କ ସଭାକୁ ନିମନ୍ତ୍ରଣ କରି ଆଣୁଥିଲେ । ଉଭୟେ ହିନ୍ଦୁ ଧର୍ମର ପକ୍ଷପାତୀ ଥାଇ ଶିକ୍ଷାର ପୃଷ୍ଠପୋଷକତା କରୁଥିଲେ । ଫଳରେ ନରନାରାୟଣଙ୍କ ପ୍ରଜାବର୍ଗଙ୍କ ସାଂସ୍କୃତିକ ସ୍ତର ସମୁନ୍ନତ ହୋଇଥିଲା । ରାଲଫ୍ ଫିଚ୍ ନାମକ ଇଂରେଜ ପରିବ୍ରାଜକ ନରନାରାୟଣଙ୍କ ରାଜତ୍ୱ କାଳରେ କୋଚ୍ ରାଜ୍ୟକୁ ଆସିଥିଲେ ଏବଂ ପ୍ରଶଂସାର ସହିତ ଆସାମ ରାଜ୍ୟର ପଶୁ ଚିକିତ୍ସାଳୟ କଥା ଏବଂ ଆସାମର ଜନସାଧାରଣଙ୍କ ହିଂସା ପ୍ରତି ବୀତସ୍ପୃହତାର ଉଲ୍ଲେଖ କରିଥିଲେ । ନରନାରାୟଣ ବିଖ୍ୟାତ ବୈଷ୍ଣବ ସନ୍ଥକବି ଶଙ୍କରଦେବ ଓ ତାଙ୍କ ସହଚରମାନଙ୍କୁ ତାଙ୍କ ରାଜସଭାକୁ ଡାକି ପ୍ରଭୂତ ଦାନ ଓ ପୁରସ୍କାରରେ ସମ୍ମାନିତ କରିଥିଲେ । ନରନାରାୟଣ ଶଙ୍କରଦେବଙ୍କ ଶିଷ୍ୟତ୍ୱ ଗ୍ରହଣ ପାଇଁ ଅଭିଳାଷ ପୋଷଣ କରିଥିଲେ ମାତ୍ର ସାଧୁଜୀ ଜଣେ ରାଜାକୁ ମନ୍ତ୍ର ଦେବାପାଇଁ ରାଜି ହେଲେ ନାହିଁ । ରାଜା ନରନାରାୟଣଙ୍କ ଭାଇ ଶିଳାରାୟ ଶଙ୍କରଦେବଙ୍କ ଭାଣିଜୀ କମଳାପ୍ରିୟାଙ୍କୁ ବିବାହ କରିଥିଲେ ଏବଂ ଏଇ ମିଳନ କୋଚ୍ ରାଜ୍ୟରେ ବୈଷ୍ଣବ ଧର୍ମର ପ୍ରସାର ଆଗୁସାର କରାଇଥିଲା ।

ସେହି ସମୟରେ ରାଜ୍ୟର ପୂର୍ବଭାଗରେ ଅହୋମମାନେ ତାଙ୍କ ଆସ୍ଥାନ ସୁଦୃଢ଼ କରିବାରେ ବ୍ୟସ୍ତ ଥିଲେ । ଅହୋମ ରାଜା ସୁହୁଙ୍ଗମୁଙ୍ଗ ବା ଡିହିଙ୍ଗୀୟ ରାଜା (୧୪୯୭-୧୫୩୯) ଚୁଟିଆମାନଙ୍କ ରାଜ୍ୟ ନିଜ ରାଜ୍ୟ ସହିତ ମିଶାଇନେଲେ । ଏହି ରାଜ୍ୟ ତାଙ୍କ

Digitized by srujanika@gmail.com

ରାଜଧାନୀ ସାଦିଆକୁ କେନ୍ଦ୍ରକରି ଗଢ଼ିଉଠିଥିଲା । ଉକ୍ତରାଜା କାଗ୍ରୀମାନଙ୍କ ରାଜାଙ୍କୁ ବଶୀଭୂତ କରିଥିଲେ । ସୁହୁଙ୍ଗମୁଙ୍ଗ କୋଚ୍ ରାଜା ବିଶ୍ୱସିଂହଙ୍କ ସହିତ ମୈତ୍ରୀ ସ୍ଥାପନକଲେ ଏବଂ ୧୫୩୭ ସାଲ୍‌ରେ ତାଙ୍କୁ ବନ୍ଧୁ ଭାବରେ ଆତିଥ୍ୟ ଅର୍ପଣ କରିଥିଲେ ।

ଅହୋମ୍ ରାଜାଙ୍କ ମଧ୍ୟରେ ସୁହୁଙ୍ଗମୁଙ୍ଗ ହେଉଛନ୍ତି ପ୍ରଥମ ଯେ କି ହିନ୍ଦୁଧର୍ମ ଗ୍ରହଣ କରିଥିଲେ ଏବଂ ସ୍ୱର୍ଗ ନାରାୟଣ ବୋଲି ହିନ୍ଦୁ ନାଆଁରେ ନିଜକୁ ଅଭିହିତ କରି ହିନ୍ଦୁମାନଙ୍କ ଜୀବନଧାରା ଅନୁସରଣ କରିଥିଲେ । ତାଙ୍କର ରାଜୁତି କାଳରେ ପ୍ରଖ୍ୟାତ ଅସମୀୟା ଦାର୍ଶନିକ, କବି, ସଂସ୍କାରକ ଶଙ୍କରଦେବ ଜନ୍ମଗ୍ରହଣ କରିଥିଲେ । ଯେଉଁ ବୈଷ୍ଣବ ଅଭ୍ୟୁତ୍ଥାନ ଆସାମର ଧର୍ମ, ସଂସ୍କୃତି ଓ ସମାଜର ଚେର ମୂଳଯାକେ ଭେଦିଯାଇଥିଲା ତାହା ତାଙ୍କରି ଶାସନକାଳର ।

ଶଙ୍କରଦେବ (୧୪୪୯ - ୧୫୬୯) ଏକ ଭୂୟା ପରିବାରରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନର ନାଉଗଞ୍ଜ ସହରର ପ୍ରାୟ ଷୋଳମାଇଲ୍ ଦୂରରେ ବ୍ରହ୍ମପୁତ୍ର ନଦୀର ଦକ୍ଷିଣ କୂଳରେ ଅବସ୍ଥିତ ଆଲିପୁଖୁରୀ ଗାଁ ତାଙ୍କର ଜନ୍ମସ୍ଥାନ । ସେତେବେଳେ ଭୂୟାମାନେ ରାଜାମାନଙ୍କଠାରୁ ନାନା ସାମାଜିକ ସୁବିଧା ସୁଯୋଗ ଭୋଗକରି ଜମିଦାର ପରି କ୍ଷମତାଶାଳୀ ଥିଲେ । ଶଙ୍କରଙ୍କ ପରିବାର ଯାହାଙ୍କୁ ଶିରୋମଣି ଭୂୟା କୁହାଯାଉଥିଲା ସେମାନେ ଭୂୟାମାନଙ୍କ ମଧ୍ୟରେ ପ୍ରଧାନ ଥିଲେ । ତାଙ୍କ ପିତା କୁସୁମବର । ଶଙ୍କରଙ୍କ ମାତା ପୁତ୍ର ଜନ୍ମର ତିନିଦିନ ଭିତରେ ଇହଧାମ ତ୍ୟାଗକଲେ । ଶିଶୁ ଶଙ୍କର ମାତାମହୀ ଖେରସୁତୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ବାରବର୍ଷ ବୟଃକ୍ରମ କାଳରେ ଶଙ୍କର ଗାଁ ପାଠଶାଳାକୁ ଗଲେ । ତାଙ୍କ ଶିକ୍ଷକ ହେଉଛନ୍ତି ମହେନ୍ଦ୍ର କନ୍ଦଲୀ, ଜନୈକ ମେଧାବୀ ସଂସ୍କୃତ ପଣ୍ଡିତ ।

ବାଇଶବର୍ଷ ବେଳକୁ ଶଙ୍କର ପଢ଼ା ଶେଷକରି ଜଣେ କୃତୀ ପଣ୍ଡିତ ହୋଇ ବାହାରିଲେ । କିନ୍ତୁ ସ୍କୁଲରୁ ବାହାରିବା ସଙ୍ଗେ ସଙ୍ଗେ ଅଳ୍ପ ବୟସରେ ତାଙ୍କୁ ଘରର ଗୁରୁ ଦାୟୀତ୍ୱ ବହନ କରିବାକୁ ପଡ଼ିଲା । କାୟସ୍ଥ କନ୍ୟା ସୂର୍ଯ୍ୟବତୀ ସହିତ ତାଙ୍କ ବିବାହ ହୋଇଥିଲା । ବିବାହର ଗ୍ରିବର୍ଷ ପରେ ସୂର୍ଯ୍ୟବତୀ ଶିଶୁପୁତ୍ରଟିଏ ଛାଡ଼ି ପରଲୋକ ଗମନ କଲେ । ପ୍ରାୟ ସେହି ସମୟରେ ଶଙ୍କର ତାଙ୍କ ପିତାଙ୍କୁ ମଧ୍ୟ ହରାଇଲେ । ଏଇ ଦୁଇଟି ନିଦାରୁଣ ବିୟୋଗରେ ଶଙ୍କରଙ୍କ ଯୁବସୁଲଭ ମନ ଶୋକାଭିଭୂତ ହେଲା ଏବଂ ସେ ସଂସାରବୈରାଗୀ ହେବେ ବୋଲି ଭାବିଲେ । କନ୍ୟାର ବିବାହକୃତ୍ୟ ସମାପନ କରି ଶଙ୍କର ଏକ ଦୀର୍ଘ, ଦୁଃସାଧ୍ୟ ତୀର୍ଥଯାତ୍ରାରେ (୧୪୯୧) ବାହାରିପଡ଼ିଲେ । ତାଙ୍କ ସହିତ ଗୁରୁ ମହେନ୍ଦ୍ର କନ୍ଦଲୀ ଏବଂ ସତରଜଣ ସହଯାତ୍ରୀ ଥିଲେ । ତାଙ୍କ ଶିଷ୍ୟବର୍ଗ ଶଙ୍କରଙ୍କ ଯେଉଁ ଜୀବନୀ ରଚନା କରିଛନ୍ତି ସେଥିରେ ଏଇ ପଦଯାତ୍ରାର ବିଶଦ ବିବରଣୀ ଲିପିବଦ୍ଧ ହୋଇଅଛି । ସେ ଉତ୍ତର ଓ ଦକ୍ଷିଣ ଭାରତର ଅଧିକାଂଶ ତୀର୍ଥସ୍ଥାନ ଓ ମନ୍ଦିର ଦର୍ଶନ କରିଥିଲେ ।

Digitized by srujanika@gmail.com

ଯେଉଁ ଯେଉଁ ପୁଣ୍ୟପୀଠ ଓ ଧର୍ମମନ୍ଦିର ସେ ଦର୍ଶନ କରିଥିଲେ ସେସବୁ ହେଲା ଗୟା,ପୁରୀ, ବୃନ୍ଦାବନ, ମଥୁରା, ଦ୍ୱାରକା, କାଶୀ, ପ୍ରୟାଗ, ସୀତାକୁଣ୍ଡ, ବରାହକୁଣ୍ଡ,ଅଯୋଧ୍ୟା ଏବଂ ବଦ୍ରିକାଆଶ୍ରମ । ଏଇ ସବୁ ତୀର୍ଥ ବା ଧର୍ମପୀଠମାନଙ୍କରେ ସେ ବିଭିନ୍ନ ମତବାଦର ବୈଷ୍ଣବ ଗୁରୁମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ସହିତ ଧର୍ମ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ । ଏହିସବୁ ବିତର୍କ ଓ ଆଲୋଚନାର ଫଳ ଏବଂ ସେ ସମସ୍ତର ମନରେ ପଡ଼ିଥିବା ପ୍ରଭାବ ପରବର୍ତ୍ତୀ କାଳରେ ଆସାମରେ ଶଙ୍କର ପ୍ରଚ୍ଚରିତ ଓ ପ୍ରସାରିତ ବୈଷ୍ଣବ ଧର୍ମରେ ପ୍ରତିଫଳିତ । ବାରବର୍ଷ ଯାବତ୍ ପୁଣ୍ୟ ବୈଷ୍ଣବ ପୀଠମାନଙ୍କରେ ଭ୍ରମଣକରି ଶଙ୍କରଦେବ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳକୁ ସେ ବହୁତସ୍ଥାନ ବୁଲିଥାନ୍ତି, ବୈଷ୍ଣବଧର୍ମ ସମ୍ବନ୍ଧୀୟ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥାନ୍ତି, ବିବିଧ ଗ୍ରନ୍ଥ ଅଧ୍ୟୟନ କରିଥାନ୍ତି; ତଥା ଉପାସନା ପ୍ରଣାଳୀ ଏବଂ ଧର୍ମାନୁଷ୍ଠାନ ପରିଚ୍ଚଳନା ସମ୍ପର୍କିତ ଜ୍ଞାନ ମଧ୍ୟ ହାସଲ କରିଥାନ୍ତି ।

ଶଙ୍କରଦେବଙ୍କ ଆବିର୍ଭାବ କାଳରେ ଦେଶରେ ଶାକ୍ତ ଏବଂ ତନ୍ତ୍ର ପୂଜାର ପ୍ରଭାବ ବେଶୀ ଥିଲା । ଶଙ୍କରଙ୍କ ପୂର୍ବପୁରୁଷମାନେ ଶାକ୍ତ ଥିଲେ । ସେମାନଙ୍କ ମଧ୍ୟରୁ ଜଣକର ନାମ ଦେବୀଦାସ (ଦେବୀଙ୍କ ଦାସ) ଥିଲା, କାରଣ ସେ ଦେବୀଭକ୍ତ ଥିଲେ । ଶଙ୍କରଙ୍କ ପରମ ଭକ୍ତ ମାଧବ ଦେବ ଏବଂ ଭଟ୍ଟଦେବ ବୋଲି ତତ୍କାଳୀନ ଜନୈକ ବୈଷ୍ଣବ ଉପାସକ ବୈଷ୍ଣବଧର୍ମ ଅବଲମ୍ବନ କରିବା ପୂର୍ବରୁ ଶାକ୍ତ ଥିଲେ । ଗୁଆହାଟୀର କାମାକ୍ଷା ମନ୍ଦିର, ସାଦିଆର ତାମ୍ରେଶ୍ୱରୀ ମନ୍ଦିର, ଦୁବିର ପରିହାରେଶ୍ୱର ମନ୍ଦିର, ଦେରଗାଓଁର ମହାଦେବ ମନ୍ଦିର ଶାକ୍ତ ପୂଜାର ପ୍ରଧାନ ପ୍ରଧାନ କେନ୍ଦ୍ର ଥିଲା ଏବଂ ସେଇସ୍ଥାନମାନଙ୍କରୁ ସାଧୁସନ୍ଥ ଏବଂ ସମାଜର ଅନ୍ୟାନ୍ୟ ସ୍ତରର ଲୋକଙ୍କ ଉପରେ ଧର୍ମନିରପେକ୍ଷତାର ପ୍ରଭୂତ ପ୍ରଭାବ ପଡ଼ିଥିଲା । କାଳକ୍ରମେ ଶାକ୍ତ ଉପାସନାରେ ଆଦିବାସୀମାନଙ୍କର ପୂଜା ପଦ୍ଧତି ଅନ୍ତର୍ଭୁକ୍ତ ହେଲା ଏବଂ ଚିତ୍ତାକର୍ଷକ ତାନ୍ତ୍ରିକ ଉପାସନାର ଆବିର୍ଭାବ ହେଲା । ଶଙ୍କର ଦେବଙ୍କ ଜନ୍ମ ପୂର୍ବ ଶତାବ୍ଦୀମାନଙ୍କରେ ମଧ୍ୟ ନାନା ଜଘନ୍ୟ ବୀଭତ୍ସ ରୂପନେଇ ତନ୍ତ୍ର ଉପାସନାର ପ୍ରଚଳନ ହେଲା । ତନ୍ତ୍ରପୂଜାରେ ବିସ୍ତୃତ ଭାବରେ କର୍ମକର୍ମାଣି ଥିଲା, ଏପରିକି କେତେବେଳେ ନରବଳି ମଧ୍ୟ ହେଉଥିଲା । ଯାଦୁମନ୍ତ୍ର (ଶକ୍ତିର ଅନ୍ୟ ନାଆଁ) ଏବଂ ଗୁଣୀଗାରେଡ଼ି ଆଦି ନାନାବିଧ ଗୁପ୍ତବିଦ୍ୟା ବଳରେ ପାପମୁକ୍ତି ସହଜ ବୋଲି ବିବେଚିତ ହେଲା । ତନ୍ତ୍ରପୂଜାର ଯାହାକିଛି ସୁପ୍ରଭାବ ଥାଉନା କାହିଁକି ଏହା ଅସ୍ୱୀକାର କରିହେବ ନାହିଁ ଯେ ଏଥିଯୋଗୁଁ ପରିଶେଷରେ ନୈତିକ ଅଧଃପତନ, ସାମାଜିକ ଦୁର୍ଗତି, ବିକୃତି ତଥା ଧର୍ମଦ୍ରୋହ ସମାଜରେ ପ୍ରବେଶ କଲା ।

ତୀର୍ଥଯାତ୍ରାରୁ ଫେରି ଶଙ୍କରଦେବ ଏହି ଶକ୍ତିପୂଜା ଓ ତନ୍ତ୍ରପ୍ରଥା ବିରୁଦ୍ଧରେ ପ୍ରଚଣ୍ଡ ଧର୍ମଯୁଦ୍ଧ ଚଳାଇଲେ । ଶାକ୍ତ ଧର୍ମର ଆଧ୍ୟାତ୍ମିକ ବନ୍ଧ୍ୟାତ୍ୱ ବିରୁଦ୍ଧରେ ତାଙ୍କ ରୂପ କ୍ରମେ ପୂର୍ଣ୍ଣତାପ୍ରାପ୍ତ ହେଲା । ଶଠତା ପ୍ରତି ଭୀଷଣ ଘୃଣା ଓ ଆଧ୍ୟାତ୍ମବାଦର ଚୂଡ଼ାନ୍ତ ଆସ୍ଥା ରଖି

Digitized by srujanika@gmail.com

ବୈଷ୍ଣବ ଅଭ୍ୟୁତ୍ଥାନର ଅଭିଯାନ ଆରମ୍ଭ କଲେ ଏବଂ ବୈଦିକ ନୀତି, କର୍ମକର୍ମାଣି ଏବଂ ବିଭିନ୍ନ ଦେବାଦେବୀଙ୍କ ପୂଜା ପରିହାର କଲେ । ଏକଦେବତା ପୂଜା ସେ ପ୍ରବର୍ତ୍ତନ କରି ନୂତନ ଧର୍ମକୁ 'ଏକେଶ୍ୱରଧର୍ମ' ନାମ ଦେଲେ, ଯାହାର ଅର୍ଥ ଏକ ଦେବ ପରମଶରଣ। ସେଇ ଏକଦେବ ହେଲେ ବିଷ୍ଣୁ, ଯେ ନାରାୟଣ ରୂପରେ ଯୁଗେ ଯୁଗେ ନାନା ଅବତାରରେ ଆବିର୍ଭୂତ ହୁଅନ୍ତି । ବିଷ୍ଣୁଙ୍କ ଅତୀବ ପ୍ରିୟ ଅବତାର ହେଲା କୃଷ୍ଣାବତାର । ଶଙ୍କରଦେବଙ୍କ ମତରେ ଭଗବାନ ଏକ, ଭକ୍ତି ଏକ, ଅନ୍ୟ କିଛି ନାହିଁ ।'' ତାଙ୍କ ଧର୍ମରେ ଏକ ଭଗବାନଠାରେ ନିଜକୁ ସମର୍ପଣ କରିବା ଉପରେ ଉପଦେଶ ଦିଆଯାଇଛି । ଏକଶରଣୀୟା ପକ୍ଷରେ ଅନ୍ୟାନ୍ୟ ଦେବଦେବୀଙ୍କ ଉପାସନା ଏକବାରେ ମନା । ସେଇ ସାଧୁ ପୁରୁଷ ନିଜେ କହନ୍ତି, ''ବୈଷ୍ଣବ ଅନ୍ୟ କେଉଁ ଦେବତା ମନ୍ଦିର ପୂଜା କରିବ ନାହିଁ ବା ଅନ୍ୟ ଦେବତାଙ୍କୁ ସମର୍ପିତ ଭୋଗ ସେବନ ଓ ସ୍ପର୍ଶ କରିବାନାହିଁ ।'' ଭକ୍ତି ନଷ୍ଟ ହୋଇଯାଏ ନିଷ୍ଠା ଅଭାବରେ ।

ଶଙ୍କରଦେବଙ୍କ ଧର୍ମରେ ଭକ୍ତିକୁ କେତେ ଉଚ୍ଚ ସ୍ଥାନ ଦିଆଯାଇଛି ତାହା ଭାଗବତରୁ ତାଙ୍କରି ଅନୂଦିତ ଶ୍ଳୋକରୁ ସ୍ପଷ୍ଟୀକୃତ ହେବ । କୃଷ୍ଣ କହୁଛନ୍ତି ''ଲୋକେ ଭାଗବତର ବ୍ୟାଖ୍ୟା କରିଥାନ୍ତି ତାଙ୍କ ନିଜ ନିଜ ଖିଆଲି ମତରେ । ସେମାନେ ସମର୍ଥକ ମତ ପାଇଥାନ୍ତି ଏଇ ଉପାୟରେ । ଏଥିରେ ଭକ୍ତିର ଲେଶ ନାହିଁ । କେହି କେହି ଏଥିରୁ ଅର୍ଥ ବାହାର କରି ବସନ୍ତି ଯେ ବେଦ ପୂଜାପଣାରେ ବଳି, ଦାନ, ହୋମର ବ୍ୟବସ୍ଥା ହୋଇଛି, ଆଉ କେହି କେହି ବାଢ଼ି ବସନ୍ତି ବେଦରେ ସାନ ସାନ ଦେବଦେବୀଙ୍କ ପୂଜାର୍ଚ୍ଚନାର ବିଧିବ୍ୟବସ୍ଥା ଅଛି, ତୀର୍ଥଗମନ, ତୀର୍ଥସ୍ନାନର ଅନୁଜ୍ଞା ଅଛି; ଆଉ କାହାରି ମତରେ ଚୂଡ଼ାନ୍ତ ପୂଣ୍ୟରହିଛି ଜ୍ଞାନାର୍ଜନରେ : ସେମାନଙ୍କ ପ୍ରବଚନର ସ୍ପଷ୍ଟୀକରଣ ସବୁ ନିଜନିଜ ମନର ପ୍ରଧାନ ପ୍ରଧାନ ବିଭାସରୁ ଉଦ୍ଭୂତ ଓ ଗୁଣ ଦ୍ୱାରା ରଞ୍ଜିତ । କିନ୍ତୁ ହେ ବନ୍ଧୁଗଣ ! ଏହା ଜାଣିରଖ ଯେ ମୁଁ ଜ୍ଞାନଦ୍ୱାରା ପ୍ରାପ୍ତ ହୁଏ ନାହିଁ, ମୁଁ ତପସ୍ୟାଲବ୍ଧ ବି ନୁହେଁ, ବା ତ୍ୟାଗଲବ୍ଧ ବି ନୁହେଁ ବା ଦାନ ଲବ୍ଧ ନୁହେଁ । ଯୋଗ ବା ଜ୍ଞାନ ବଳରେ ମୋତେ କେହି ପାଇବେ ନାହିଁ, କେବଳ 'ଭକ୍ତି' ମୋତେ ପାଇପାରେ ।''

ଲକ୍ଷ୍ୟ କରିବାର କଥା ଯେ ଶଙ୍କରଦେବ ଚୂଡ଼ାନ୍ତ ସନ୍ନ୍ୟାସ ଧର୍ମ ପ୍ରଚ୍ଚର କରୁନଥିଲେ ବା ଗୃହସ୍ଥ ଧର୍ମର ସଂପୂର୍ଣ୍ଣ ପରିତ୍ୟାଗପନ୍ଥୀ ନଥିଲେ । ସେ ଏଇ ଦୁଇ ପନ୍ଥାରୁ ମଧ୍ୟବର୍ତ୍ତୀପନ୍ଥା ଉତ୍କୃଷ୍ଟ ବୋଲି ସ୍ୱୀକାର କରୁଥିଲେ । ସଂସାର ବିରାଗ ବାହ୍ୟ ନ ହୋଇ ଅନ୍ତରର ହେବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ । ସେ ଉପଲବ୍ଧି କରିଥିଲେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ଦୁନିଆରେ ବଞ୍ଚିରହିବାକୁ ପଡ଼ିବ ଏବଂ ପରସ୍ପରର ବୃତ୍ତି ଅନୁସରଣ କରିବାକୁ ପଡ଼ିବ । ସନ୍ଥକବି ନିଜେ ସଂପୂର୍ଣ୍ଣ ଗାର୍ହସ୍ଥ୍ୟ ଜୀବନ ଯାପନ କରୁଥିଲେ ଏବଂ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ତୀର୍ଥଯାତ୍ରାରୁ ଫେରି ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ । ତାଙ୍କ ଧର୍ମ ପବିତ୍ର ଓ ପୂତ ଗାର୍ହସ୍ଥ୍ୟ ଜୀବନାଦର୍ଶରେ ବିଶ୍ୱାସ କରୁଥିଲା ଏବଂ ମୋକ୍ଷ ନିମନ୍ତେ ନୀତି ଓ ଧର୍ମଉପରେ ପର୍ଯ୍ୟବସିତ

Digitized by srujanika@gmail.com

ମୁକ୍ତିର ସହଜ ଓ ସରଳ ପନ୍ଥା ଦେଖାଇଥିଲା । ଏଣୁକରି ବୁଦ୍ଧଦେବଙ୍କ ଧର୍ମପରି ଏହା ଗ୍ରାମ ଗ୍ରାମ ଦେଶର ସମସ୍ତ ଅଧିବାସୀଙ୍କୁ କିଣି ନେଇପାରିଥିଲା ।

ଗାର୍ହସ୍ଥ୍ୟ ଧର୍ମପାଇଁ ଶଙ୍କରଦେବଙ୍କ ପ୍ରଧାନ ଯୁକ୍ତି ହେଲା, ଜୀବନର ଏଇ ଅବସ୍ଥାରେ ମଣିଷ ସମାଜର ଅନେକାନେକ ଜନମଙ୍ଗଳ କାର୍ଯ୍ୟ କରିପାରିବ, ନିଜ ପରିବାର ତଥା ଆତ୍ମୀୟସ୍ୱଜନଙ୍କୁ ପ୍ରତିପାଳନ କରି, ଗରିବ ଦରିଦ୍ରଙ୍କୁ ଦାନକରି ଏବଂ ଧର୍ମକାର୍ଯ୍ୟ ସମ୍ପାଦନ କରି । ଏଇ ମତ ବା ସିଦ୍ଧାନ୍ତ ଅବଲମ୍ବନ କରିବାରେ ଶଙ୍କରଦେବ ମହାଭାରତ ଏବଂ ଗୀତାର ପ୍ରବୃତ୍ତି ମାର୍ଗ ଏବଂ କର୍ମଯୋଗ ଦ୍ୱାରା ପ୍ରଭାବିତ ହୋଇଥିଲେ । ବେଳେବେଳେ ସେ ମହାଭାରତର ସୌମ୍ୟରଶ୍ମିଙ୍କ କଥା ମନେପକାନ୍ତି; ବିଶେଷତଃ ଯେଉଁଠି ଋଷିପ୍ରବର ଗାର୍ହସ୍ଥ୍ୟଜୀବନ ସଂପର୍କରେ ମତ ଦେଇ କହିଛନ୍ତି, "ମନୋରାଜ୍ୟରେ ଦୁଃଖସୁଖ ମଧ୍ୟରେ ଧୈର୍ଯ୍ୟ, ସମତା ଓ ସମନ୍ୱୟ ରକ୍ଷାକରି ସ୍ଥିତଧୀ ହେବା ମୋକ୍ଷ ପଥରେ ଆଗେଇ ଯିବାପାଇଁ ଉଲ୍ଲେଖନୀୟ ପଦକ୍ଷେପ । ଆହୁରି ମନେରଖିବା କଥା ଯେ ଗାର୍ହସ୍ଥ୍ୟ ଜୀବନର ଆଶ୍ରା ନ ନେଇ କେହି ମନର ଏ ପ୍ରକାର ଅବସ୍ଥାକୁ ଆସିପାରିବ ନାହିଁ । ଯେମିତି ସମସ୍ତ ପ୍ରାଣୀ ଜୀବନ ପାଇଁ ମାଆ ଉପରେ ନିର୍ଭର କରିଥାନ୍ତି ସେହିପରି ସମସ୍ତ ଆଶ୍ରମ ଗାର୍ହସ୍ଥ୍ୟ ଆଶ୍ରମ ଉପରେ ନିର୍ଭର କରେ ।" ଅଧିକନ୍ତୁ, ଶଙ୍କରଦେବଙ୍କ ପ୍ରଚାରିତ ଧର୍ମ ସାମାଜିକ ଓ ସାଂସ୍କୃତିକ ଜୀବନ ଉପରେ ନୂଆ ଅର୍ଥ ଓ ଗଭୀରତା ଆଣି ଦେଇଥିଲା । ଅସମୀୟା ଇତିହାସରେ ସେ ସର୍ବପ୍ରଥମ ସମାଜରେ ମଣିଷର ସ୍ୱାଭିମାନ ଉପରେ ଯୋର ଦେଇଥିଲେ । ଜାତି, କୁଳ ସମାଜରେ ସ୍ଥାନ ଓ ପ୍ରତିପତ୍ତି ଆଦି ଆକସ୍ମିକ ବାହ୍ୟ ଗୁଣ ଉପରେ ସେ କୌଣସି ଯୋର ନ ଦେଇ ମଣିଷଜାତିର ପରାମାର୍ଥିକ ସମାନତା ପ୍ରତିଷ୍ଠା ଉପରେ ଯୋର ଦେଉଥିଲେ । ଭ୍ରାତୃପ୍ରେମରେ ବ୍ରାହ୍ମଣ, ଶୂଦ୍ର ବା ନିମ୍ନ ଜାତିର ଲୋକ ସମସ୍ତେ ସମାନ । ପୂଜା, ଭକ୍ତି, ନିଷ୍ଠା ଏବଂ ପ୍ରାର୍ଥନା କ୍ଷେତ୍ରରେ ସମସ୍ତଙ୍କର ସମାନ ଅଧିକାର । ଶଙ୍କର କହନ୍ତି, "ଜଣେ କାହିଁକି ବ୍ରାହ୍ମଣ ବୋଲାଇବ କୃଷ୍ଣଙ୍କ ନାଆଁ ଭକ୍ତି ଗଦଗଦ ହୋଇ ଉଚ୍ଚାରଣ କରିବା ପାଇଁ ?" ସେ ଚଣ୍ଡାଳ ହୋଇପାରେ ବା ଅପାଙ୍କ୍ତେୟ ହୋଇପାରେ କିନ୍ତୁ ଯେ ଭଗବାନଙ୍କ ନାଆଁ ଉଚ୍ଚାରଣ ନକରେ ତାଠୁ ଯେକୌଣସି ଲୋକକୁ ଉଚ୍ଚ ସ୍ଥାନର ବୋଲି ଧରାଯିବ ।" ଶଙ୍କରଦେବ ତାଙ୍କ ଦଳ ଭିତରେ ସବୁ ସାମାଜିକ ପଂକ୍ତିର ଲୋକଙ୍କୁ ଗ୍ରହଣ କରୁଥିଲେ ଏବଂ ତାଙ୍କ ବଡ଼ ବଡ଼ ଶିଷ୍ୟଭିତରେ ବ୍ରାହ୍ମଣ, ଜନଜାତି ଏପରିକି ମୁସଲମାନ ମଧ୍ୟ ଥିଲେ ।

କେତେବର୍ଷଧରି ଶଙ୍କରଦେବ ତାଙ୍କ ଜନ୍ମସ୍ଥାନ ବର୍ଦ୍ଦୋୱାକୁ (ନାଉଗଙ୍ଗ ଜିଲ୍ଲା) ତାଙ୍କ ଧର୍ମପ୍ରଚାରର କେନ୍ଦ୍ର କରିଥିଲେ । ଏଇଠି ସେ ଏକ ସତ୍ର (ମଠ) ପ୍ରତିଷ୍ଠା କରିଥିଲେ ଏବଂ ଗୋଟିଏ ନାମଘର ମଧ୍ୟ ତିଆରି କରିଥିଲେ ଯେଉଁଠି ଭକ୍ତମାନେ ସମସ୍ତେ ପ୍ରତିଦିନ ଏକତ୍ର ହୋଇ ସମୂହ ଆବୃତ୍ତି ଓ ପ୍ରାର୍ଥନା କରୁଥିଲେ । ଏଇଠି ଧର୍ମସଂକ୍ରାନ୍ତ ନାଟକ ଓ ପୂଜାପ୍ରାର୍ଥନା ଅନୁଷ୍ଠିତ ହେଉଥିଲା । ଏହିପରି ଧର୍ମ ପ୍ରଚାରରେ ନୂଆ ନୂଆ ପଦ୍ଧତି ଗ୍ରହଣ

Digitized by srujanika@gmail.com

କରି ସେ ଗଣଧର୍ମାନ୍ତର କରୁଥିଲେ ଏବଂ ତାଙ୍କ ଧର୍ମର ସର୍ବଜନାଦୃତ ନୀତି ଓ ପଦ୍ଧତି ଯୋଗୁ ଅଳ୍ପ ସମୟମଧ୍ୟରେ ଅନେକ ଶିଷ୍ୟ ଆକୃଷ୍ଟ ହୋଇ ଆସିଲେ । ମାର୍ଟିନ ଲୁଥରଙ୍କ ପରି ଶଙ୍କରଦେବଙ୍କ ସରଳ ଧର୍ମପଦ୍ଧତି ଏବଂ ଗଣତାନ୍ତ୍ରିକ ଉପଦେଶାବଳୀ ବ୍ରାହ୍ମଣମାନେ ବିଶେଷତଃ ପୁରୋହିତ ଶ୍ରେଣୀ ପସନ୍ଦ କଲେନାହିଁ । ସେମାନେ ତାଙ୍କ ଧର୍ମର ପ୍ରଚଣ୍ଡ ବିରୋଧ କଲେ । ପ୍ରଥମ କାରଣ ହେଲା ସେମାନଙ୍କ କର୍ମକାଣ୍ଡ, ପୂଜାପଣା, ଏବଂ ଯୁଗଯୁଗ ଧରି ବ୍ରାହ୍ମଣମାନଙ୍କ ପ୍ରଚଳିତ ଧର୍ମାନୁଷ୍ଠାନ ପଦ୍ଧତିକୁ ସେ ଗ୍ରହଣ କଲେନାହିଁ, ଦ୍ୱିତୀୟତଃ, ଏତେଦିନଧରି ବ୍ରାହ୍ମଣମାନଙ୍କ ଏକଚାଟିଆ ହୋଇ ରହିଥିବା ସଂସ୍କୃତ ଧର୍ମଗ୍ରନ୍ଥମାନଙ୍କୁ ସର୍ବସାଧାରଣ ବୋଧଗମ୍ୟ କରିବାପାଇଁ ଅସମୀୟା ଭାଷାରେ ସେ ଅନୁବାଦ କରିଦେଲେ । ଦାବାନଳ ପରି ଶଙ୍କରଙ୍କ ନୀତିନିୟମ ଏପରି ପ୍ରଚଣ୍ଡ ବେଗରେ ଜନସାଧାରଣରେ ମାତିଗଲା ଯେ ବ୍ରାହ୍ମଣମାନେ ଆତଙ୍କିତ ହୋଇଗଲେ ଏବଂ ଅହୋମ ରାଜା ସୁହୁଙ୍ଗମୁଙ୍ଗ ଦିହୀଙ୍ଗୀୟ (୧୪୯୭ - ୧୫୩୯) ଆଗରେ ଅଭିଯୋଗ ଆଣିଲେ ଯେ ପ୍ରଚଳିତ ଧର୍ମବିରୋଧୀ, ବେଦବିରୋଧୀ ଅବୈଦିକ ନୀତିନିୟମ ପ୍ରଚାରକରି ଶଙ୍କରଦେବ ରାଜ୍ୟରେ ଅଘଟଣ ଘଟାଉଛନ୍ତି । ଅହୋମ ରାଜା ଶଙ୍କରଦେବଙ୍କୁ ରାଜପରିଷଦକୁ ଡକାଇ ବ୍ରାହ୍ମଣମାନଙ୍କ ସହିତ ଯୁକ୍ତିତର୍କ କରିବାକୁ କହିଲେ । ଶଙ୍କରଦେବ ଅକ୍ଳେଶରେ ସେମାନଙ୍କୁ ପରାଜିତ କଲେ ଏବଂ କୃତିତ୍ୱ ସହିତ ଅଭିଯୋଗମୁକ୍ତ ହେଲେ; କିନ୍ତୁ, ସେ ଉପଲବ୍ଧି କଲେ ଯେ ଅହୋମ ରାଜାଙ୍କ ଇଲାକାରେ ରହିବା ବିପଦଜନକ ହେବ, ତେଣୁ ସେ ସ୍ଥାନ ପରିତ୍ୟାଗ କଲେ । ସେ ତା'ପରେ ବାରପେଟା ଯାଇ ପଥବାଉଶୀ ସାତ୍ରର ମୂଳପତନ କଲେ, ଏବଂ ସେଠାରେ ନାମଘରଟିଏ ପ୍ରତିଷ୍ଠା କଲେ ଏବଂ ତାଙ୍କ ଧର୍ମପ୍ରଚାର ଆରମ୍ଭକରି ଲୋକମାନଙ୍କୁ ଅଭୟ କବଚ ଦେଲେ । ଜୀବନର ଅବଶିଷ୍ଟାଂଶ ବାରପେଟାରେ ସେ ଜ୍ଞାନଦୀପ୍ତ କୋଚ ରାଜାଙ୍କ ପୃଷ୍ଠପୋଷକତାରେ ଅପେକ୍ଷାକୃତ ଶାନ୍ତିରେ କଟାଇଲେ । ତାଙ୍କ ଲେଖାର ଅଧିକାଂଶ ଭାଗଃ- ଗୀତି, ନାଟକ, ପୁରାଣ ଏଇଠି ହିଁ ରଚିତ । ବାରପେଟାରେ ତିନିବର୍ଷ କଟାଇ ଶତାନବେ ବୟସରେ (୧୫୪୬) ଶଙ୍କରଦେବ ପୁଣି ତୀର୍ଥଯାତ୍ରାରେ ବାହାରିପଡ଼ିଲେ । ତାଙ୍କ ସହିତ ଶହେକୋଡ଼ିଏ ଜଣ ଭକ୍ତ ଯାଇଥିଲେ । ଏଇ ଯାତ୍ରାକାଳରେ ସେ ଚୈତନ୍ୟ ଦେବଙ୍କୁ ପୁରୀରେ ଭେଟିଥିଲେ । କବିରଙ୍କ ପିତାମହଙ୍କୁ ମଧ୍ୟ ଭେଟିଥିଲେ ବୋଲି ଜନଶ୍ରୁତି ଅଛି ।

ଜୀବନର ପରବର୍ତ୍ତୀ କାଳରେ ବହୁବାର ଶଙ୍କରଦେବ ରାଜା ନରନାରାୟଣଙ୍କ ଦ୍ୱାରା ରାଜସଭାକୁ ନିମନ୍ତ୍ରିତ ହୋଇ ଶାସ୍ତ୍ର ତର୍ଜମା କରିଥିଲେ ଏବଂ ଧର୍ମାଲୋଚନାରେ ଯୋଗଦେଇଥିଲେ । ନରନାରାୟଣଙ୍କ ରାଜସଭାକୁ ଏହି ନିମନ୍ତ୍ରଣ ତାଙ୍କୁ ସମଧିକ ଗୌରବର ଅଧିକାରୀ କରିଥିଲା ଏବଂ ସେ ନିଜପାଇଁ ଏକ ସ୍ଥାୟୀ ସ୍ଥାନ ମନ୍ଦିର ଗାତ୍ରରେ ସୁରକ୍ଷିତ କରିପାରିଥିଲେ ଜ୍ଞାନ, ପବିତ୍ରତା ଓ କାବ୍ୟକବିତା ପାଇଁ । ରାଜା ନରନାରାୟଣଙ୍କ ଭାଇ ଶିଳାରାୟ ଗୋଟିଏ ମଠ ଭେଲ୍‌ଡ଼ଙ୍ଗା ନାମକ ରାଜଧାନୀ ନିକଟରେ ସ୍ଥାପନ କରିଥିଲେ ।

Digitized by srujanika@gmail.com

ସେଇଠି ଶଙ୍କରଦେବ କୁଚ୍‌ବିହାର ଗସ୍ତ କାଳରେ ଅବସ୍ଥାନ କରୁଥିଲେ । ଏଇଠି ସେହି ମହାମାନବ ଯେ କି ଆସାମକୁ ନରନାରାୟଣଙ୍କ ସମ୍ବନ୍ଧରେ ନୂତନ ଚିନ୍ତାଧାରା ଦେଇ ଯାଇଥିଲେ ୧୫୬୯ରେ ଇହଲୀଳା ସାଙ୍ଗ କଲେ ।

ଶଙ୍କରୀୟ ବିପ୍ଳବ ତଥା ଆନ୍ଦୋଳନରୁ ସୁଦୂରପ୍ରସାରୀ ଧର୍ମ ଓ ସମାଜ ସଂକ୍ରାନ୍ତ ସୁଫଳ ପରିବ୍ୟାପ୍ତ ହେଲା । ଆସାମରେ ଏହା ଜ୍ଞାନ ଓ ସାହିତ୍ୟର ପ୍ରଗତି ପାଇଁ ପ୍ରଚୁର ପ୍ରେରଣା ଦେଲା । ଶଙ୍କରଦେବ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଥାଇ ମଧ୍ୟ ମୁଖ୍ୟତଃ ଅସମୀୟା ଭାଷାରେ ଲେଖୁଥିଲେ । ଅଭିପ୍ରାୟ ଥିଲା, ଅଶିକ୍ଷିତ ଜନତା ସମୀପକୁ ସଂସ୍କୃତ ପାଠ ପହୁଞ୍ଚାଇ ସେ ସ୍ୱକୀୟ ରଚ଼ନା ସଙ୍ଗେ ସଙ୍ଗେ ପାଠ୍ୟର ଟୀକା ଅନୁବାଦକରି ନିଜ ଧର୍ମ ଓ ରଚ଼ନାର ଉଦ୍ଦେଶ୍ୟ ପ୍ରତିପାଦନ କରୁଥିଲେ । ତାଙ୍କ ଲେଖନୀସ୍ପର୍ଶରେ ସବୁ ସୁନା ପାଲଟି ଯାଇଥିଲା । ତାଙ୍କ ରଚ଼ନାବଳୀର ବ୍ୟାବହାରିକ ପ୍ରୟୋଗ ମଧ୍ୟ ଥିଲା । ନାନାକ୍ଷେତ୍ରରେ ପାରଦର୍ଶୀ ଥାଇ ସେ କବିତା, ସଙ୍ଗୀତ ଏବଂ ନାଟକ ଲେଖି ଅସମୀୟା ସାହିତ୍ୟକୁ ନୂତନ ପ୍ରେରଣା ଓ ଦିଗ୍‌ଦର୍ଶନ ଦେଇଥିଲେ ।

ଶଙ୍କରଦେବ ନିଜେ ମୁଖ୍ୟତଃ ପ୍ରେରଣା ନେଇଥିଲେ ଭାଗବତରୁ । ବେଦାନ୍ତ ଦର୍ଶନର ସାରତଥ୍ୟ ସଂଗ୍ରହହେଲା ଏହି ଭାଗବତରୁ, ଯାହା ଅବିସ୍ମରଣୀୟ ଲୋକପ୍ରିୟ କଥାରାଶିର ଆଧାର । ଏହି ପୁସ୍ତକକୁ ଅସମୀୟା ଭାଷାରେ ଅନୂଦିତ କରିବାର ଏକ ପ୍ରାରମ୍ଭିକ ପ୍ରଚ଼େଷ୍ଟା ସେ ଆଗରୁ କରିଥିଲେ । ଏହା ଅତୀବ ସାହସିକ ଏବଂ ଅସାଧାରଣ ପଦକ୍ଷେପ । କାରଣ ପ୍ରାଚୀନ ଭାଷାରେ ଉଚ୍ଚାଙ୍ଗ ଦିବ୍ୟ ରୀତିରେ ଲିଖିତ ଧର୍ମଗ୍ରନ୍ଥକୁ ପ୍ରାଦେଶିକ ସର୍ବଜନବୋଧ୍ୟ ଭାଷାକୁ ଅନୁବାଦ କରିବା ଏକ ଦୁରୂହ ବ୍ୟାପାର । ଏ ସମ୍ପର୍କରେ ଏହାମଧ୍ୟ ମନେରଖିବା ଉଚ଼ିତ ଯେ କୋଚ଼ରାଜା ନରନାରାୟଣଙ୍କ ନିକଟରେ ବ୍ରାହ୍ମଣମାନେ ତାଙ୍କୁ ଭାଗବତର ଅନୁଗତ ପାଠକ, ଶିକ୍ଷକ ଏବଂ ଅନୁବାଦକ ବୋଲି ଅଭିଯୋଗ କରିଥିଲେ ।

ଏଡ଼େ ବିରାଟ ଗ୍ରନ୍ଥର ଅନୁବାଦ ଜଣେ ଲୋକପକ୍ଷରେ ସହଜ କାମ ନୁହେଁ । ତେଣୁ ଶଙ୍କରଦେବ ବିଭିନ୍ନ ଅଂଶ ଶିଷ୍ୟମାନଙ୍କ ମଧ୍ୟରେ ବାଣ୍ଟିଦେଇଥିଲେ । ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ନିଜହାତରେ ରଖିଲେ ଯଥା : -- ପ୍ରଥମ, ଦ୍ୱିତୀୟ, ତୃତୀୟ, ସପ୍ତମ, ଅଷ୍ଟମ, ନବମ, ଦଶମ ଏବଂ ଦ୍ୱାଦଶ ଅଧ୍ୟାୟ । ଶଙ୍କରଦେବଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଅନ୍ୟାନ୍ୟ ଅଧ୍ୟାୟର କାମ ନେଇଥିଲେ ସେମାନେ ହେଲେ ଅନନ୍ତ କନ୍ଦଲୀ (୪ର୍ଥ ଓ ୬ଷ୍ଠ) ଏବଂ ଦଶମର କିୟଦଂଶ), କେଶବଚ଼ରଣ (ସପ୍ତମ ଓ ନବମ), ଗୋପାଳ ଚରଣ ଦ୍ୱିଜ (ତୃତୀୟ), କବି କଳାପ ଚନ୍ଦ୍ର (ଚତୁର୍ଥ), ଶ୍ରୀ ବିଷ୍ଣୁଭାରତୀ (ଚତୁର୍ଥର କେତୋଟି ସର୍ଗ) ରତ୍ନାକର ମିଶ୍ର (ପଞ୍ଚମର କେତୋଟି ସର୍ଗ), ଶ୍ରୀ ଚନ୍ଦ୍ରଦେବ (ଚତୁର୍ଥର କିୟଦଂଶ) ଅନିରୁଦ୍ଧ କାୟସ୍ଥ (ଚତୁର୍ଥ ଓ ପଞ୍ଚମର କେତୋଟି ସର୍ଗ) ଏବଂ ହରି (ପଞ୍ଚମର କିଛି ଅଂଶ) ।

Digitized by srujanika@gmail.com

ଭାଗବତର ଅନୁବାଦ ଅସମୀୟା କାବ୍ୟ ସାହିତ୍ୟର ଅଭ୍ୟୁତ୍ଥାନର ସୂଚନା ଦିଏ । ଶଙ୍କର ସାହିତ୍ୟ ଉପରେ ଏହାର ସାହିତ୍ୟିକ ପ୍ରଭାବ ବହୁମୁଖୀ । ଅସମୀୟାମାନଙ୍କର ବିଶ୍ୱାସ ଓ ବିବେକକୁ ଏହା ନୂଆ ଛାଞ୍ଚରେ ପକାଇଲା । କେବଳ ଯେ କୃଷ୍ଣକଥା ପାଇଁ ଶଙ୍କର ଦେବ ଭାଗବତ ପାଖରେ ଋଣୀ ତାହା ନୁହେଁ, ତାର ଯତି, ଭାଷା ଏବଂ ପରମ୍ପରା ମଧ୍ୟ ତାଙ୍କୁ ଆକୃଷ୍ଟ କରିଥିଲା । ଶଙ୍କରଦେବଙ୍କ ଅନୁବାଦର ମହତ୍ତ୍ୱ ଅସମୀୟା ଭାଷାର ସାବଲୀଳତା ତଥା ପ୍ରକାଶଭଙ୍ଗୀ ଉପରେ ନିର୍ଭର କରୁଥିଲା ।

ଭାଗବତର ସବୁ ଗ୍ରନ୍ଥ ମଧ୍ୟରେ ଆଦିଦଶମର ସାର୍ବଜନୀନ ଲୋକପ୍ରିୟତା ରହିଛି । ଏ ଗ୍ରନ୍ଥରେ କୃଷ୍ଣଙ୍କ ବାଲ୍ୟଲୀଳାର ସବୁ ଘଟଣା ବର୍ଣ୍ଣିତ । ଯଥା :- ବାଳୁତ ଶ୍ରୀକୃଷ୍ଣ ଅସୁରଙ୍କୁ ବଧ କରିବା, ତାଙ୍କ ଖେଳାଲୀଳା, କାନନରେ ସାଙ୍ଗସାଥୀଙ୍କ ସହିତ ଗୋରୁଜଗିବା, ଲହୁଣୀ, ଦହି, ଦୁଧସର ଚୋରି ଏବଂ ଗୋପୀମାନଙ୍କ ସହ କଳହ ଏବଂ ଯଶୋଦାଙ୍କ ପାଖରୁ ଭର୍ତ୍ସନା, ଗାଳି ଓ ଦଣ୍ଡ । ଭକ୍ତି ଭାବର ପ୍ରାଚୁର୍ଯ୍ୟରେ ଭରପୁର ଥିଲେ ହେଁ ଦଶମ ସ୍କନ୍ଧରେ ଶୈଶବର ମଣିଷସୁଲଭ ବାସ୍ତବ ଜୀବନର ଚିତ୍ର ତଥା ଶିଶୁପ୍ରତି ମାତୃସ୍ନେହର ତଥା ସୁଖ ଦୁଃଖର ଅଭିବ୍ୟକ୍ତି ଦେଖିବାକୁ ମିଳେ, ଯାହା ଯୁଗେ ଯୁଗେ ମଣିଷ ହୃଦୟକୁ ଆନ୍ଦୋଳିତ କରିଥାଏ । ଲକ୍ଷ୍ୟ କରିବାର କଥା ଯେ ଅନ୍ୟାନ୍ୟ ପ୍ରାଦେଶିକ ବୈଷ୍ଣବ ସାହିତ୍ୟରେ ଯେପରି ଭାବରେ ରାଧା ଏପ୍ରକାର ଦୃଶ୍ୟାବଳିରେ ଥାଆନ୍ତି ଏଠି ସେମିତି ତାଙ୍କର ଉପସ୍ଥିତି ନ ଥାଏ । ସମଗ୍ର ସଂସ୍କୃତ ସାହିତ୍ୟରେ ମଧ୍ୟ ତାଙ୍କ ସ୍ଥାନ ନାହିଁ ।

ଜ୍ଞାନର ଏକ ଅସରନ୍ତି ଖଣି ଭାଗବତ ଯହିଁରୁ ଶଙ୍କରଦେବ ବାରମ୍ବାର ଅମୂଲ୍ୟ ସମ୍ପଦ ସଂଗ୍ରହ କରୁଥିଲେ । ଅନୁବାଦ ଗ୍ରନ୍ଥ ବ୍ୟତୀତ ସଂସ୍କୃତ ଗ୍ରନ୍ଥମାନଙ୍କରୁ କଥାବସ୍ତୁ ସଂଗ୍ରହକରି ସେ ଅନେକ ଗ୍ରନ୍ଥ ରଚନା କରିଥିଲେ । ତାଙ୍କର "ନିମି ନବ ସିଦ୍ଧ ସମ୍ବାଦ" ଭାଗବତର ଏକାଦଶ ସ୍କନ୍ଧର ତତ୍ତ୍ୱ ଉପରେ ପର୍ଯ୍ୟବସିତ । ରାଜା ନିମି ନଅଜଣ ମୁନିଙ୍କ ସହିତ ଯାହା ହିନ୍ଦୁ ଧର୍ମ ସମ୍ପର୍କରେ ଆଲୋଚନା କରିଛନ୍ତି ତାହା ଏ ଗ୍ରନ୍ଥରେ ନାରଦ ବସୁଦେବଙ୍କ ଆଗରେ ବର୍ଣ୍ଣନା କରିଛନ୍ତି । ପ୍ରତ୍ୟେକ ମୁନି ଭାଗବତ ଧର୍ମର ଗୋଟିଏ ଗୋଟିଏ ବିଷୟ ଉପରେ କହିଛନ୍ତି ଯଥା : ଭକ୍ତି, ମାୟା, ମୁକ୍ତି, ଯୋଗପଦ୍ଧତି ଏବଂ କର୍ମଯୋଗ, ଅଭକ୍ତର ଦୁର୍ଗତି ଏବଂ ଅବତାରର ରୂପ ଓ ପ୍ରକୃତି । ଏଥିରେ ଅସମୀୟା ଭାଷାରେ ଅନେକ ପରମାର୍ଥୀ ତତ୍ତ୍ୱ ଅତି ପ୍ରାଞ୍ଜଳ ଭାବରେ ଆଲୋଚିତ ହୋଇଅଛି । ଗ୍ରନ୍ଥର ପ୍ରକୃତି ଉଚ୍ଚାଙ୍ଗ କବିତାର ଅବକାଶ ରଖିନାହିଁ ; ତଥାପି ସାହିତ୍ୟିକ ମୂଲ୍ୟର ସଂକେତ କେତେଗୁଡ଼ିଏ ପଦରେ ରହିଛି । ଭକ୍ତିର ମୂଲ୍ୟ ଓ ଗୁଣ ସାଧାରଣ ଭାଷାରେ ତୁଳନା ଉପମା ସାହାଯ୍ୟରେ ବୁଝାଇ ଦିଆଯାଇଛି ।

"ହେ ମାଧବ, ଯେ ଭଗବାନଙ୍କ ନାମ ସ୍ମରଣ କରେ ତାର ଅବିଳମ୍ବେ ତିନୋଟି ଆବଶ୍ୟକତା ପରିପୂର୍ଣ୍ଣ ହୁଏ । ପ୍ରଥମରେ ସେ କାମ ପାଏ ଯାହା ଭକ୍ତିରୁ ଝରିଆସେ ।

Digitized by srujanika@gmail.com

ତାପରେ ଘର ବା ଶରୀର ପ୍ରତି ବିରାଗ ଆସେ ଏବଂ କୃଷ୍ଣଙ୍କପ୍ରତି ପ୍ରେମରେ ହୃଦୟ ଫୁଲି ଉଠେ । କ୍ଷୁଧାର୍ତ୍ତ ପାଇଁ ଖାଦ୍ୟ ଯେମିତି ଆସେ, ପ୍ରେମର ମୂଳାଧାର କୃଷ୍ଣଙ୍କଠାରୁ ସେହି ତିନୋଟି ଆପେ ଆପେ ଆସିଯାଏ ଏବଂ ଭାବନାର ପ୍ରତିଟି କଣାରୁ ଆତ୍ମା ପୂର୍ଣ୍ଣତା ପାଏ । ଆନନ୍ଦ ବଢ଼ିଗଲେ, ଦେହ ପୂର୍ବ ଅବସ୍ଥା ପାଏ ଏବଂ ଆତ୍ମାର କ୍ଷୁଧା ମେଣ୍ଟିଯାଏ । ହେ ରାଜା ! ପ୍ରେମ ଓ ଭକ୍ତିର ପ୍ରକୃତି ଶୁଣ ! ଜାଣିଗଲେ ଭକ୍ତି ପ୍ରେମକୁ ବଞ୍ଚାଇ ରଖେ ଯିମିତି ଟୁକୁରାଏ ଖାଦ୍ୟ କେତେକଙ୍କର ତୁଷ୍ଟି ବିଧାନ କରିଥାଏ ।''

ଶଙ୍କରଙ୍କ ଅନ୍ୟଏକ ପରମାର୍ଥିକ ଗ୍ରନ୍ଥ 'ଭକ୍ତି ପ୍ରଦୀପ'ରେ ଭକ୍ତିର ପ୍ରକୃତିର ଚିନ୍ତାମୂଳକ ବିଶ୍ଳେଷଣ ରହିଛି । ଗରୁଡ଼ ପୁରାଣରୁ ସଂଗୃହୀତ ବୋଲି କୁହାଯାଇଥିଲେ ମଧ୍ୟ ଏହାର ଭାଗବତର ଏକାଦଶ ସ୍କନ୍ଦ ସହିତ ସାମାନ୍ୟ ମେଳ ରହିଛି । ତାଙ୍କର 'ଅନାଦି ପାଟନା' ଗ୍ରନ୍ଥଟି ଭାଗବତର ତୃତୀୟ ସ୍କନ୍ଦରୁ ସଂଗୃହୀତ; ଯଦିଓ କେତୋଟି ଉପାଖ୍ୟାନ 'ବାମନ ପୁରାଣ'ରୁ ଅନୁପ୍ରବେଶ କରିଛି । ବହିଟିରେ ବ୍ରହ୍ମାଣ୍ଡର ବିଷୟ ଥିଲେ ମଧ୍ୟ ତାହାର ସାହିତ୍ୟିକ ମୂଲ୍ୟ କମ୍ । 'ଗୁଣମାଳା' ଗ୍ରନ୍ଥଟି ଶଙ୍କରଦେବଙ୍କ ଶେଷ ରଚ଼ନାରୁ ଗୋଟିଏ; ଯାହା କୋଚ଼ ରାଜା ନରନାରାୟଣଙ୍କ ଅନୁରୋଧରେ ରଚ଼ିତ ହୋଇଥିଲା । ପ୍ରକୃତରେ 'ଗୁଣମାଳା' ଗୋଟିଏ କ୍ଷୁଦ୍ର ପୁସ୍ତକ ଯାହା ଭାଗବତର ଦଶମ ଓ ଏକାଦଶ ସ୍କନ୍ଦର ସଂକ୍ଷିପ୍ତସାର । ଛଅଟି ଛୋଟ ବିଭାଗରେ ବିଷ୍ଣୁ ଓ କୃଷ୍ଣଙ୍କ ମହିମା ବର୍ଣ୍ଣନା କରି ସ୍ତୁତି ରୂପରେ ଏହା ରଚ଼ିତ । ଗୋଟିଏ ପ୍ରଶସ୍ତିମୂଳକ ପଦଭିତରେ କବି କୃଷ୍ଣଙ୍କ ଜୀବନର ଅନେକାନେକ ଘଟଣା ବର୍ଣ୍ଣନା କରିଥିବାରୁ ତାହା ସହଜରେ ମନେରହିଯାଏ । ପ୍ରକୃତ ପକ୍ଷରେ ଆସାମରେ ଏମିତି କେହି ଜଣେ ବିଷ୍ଣୁଭକ୍ତ ନାହିଁ ଯେକି 'ଗୁଣମାଳା'କୁ କଣ୍ଠସ୍ଥ ନକରିଛି । ଯମକର ପ୍ରାଚୁର୍ଯ୍ୟ ସହିତ ସୁଶ୍ରାବ୍ୟ ପଦମେଳ କବିତାଟିକୁ ଆବୃତ୍ତି ପାଇଁ ଉପଯୋଗୀ କରିଛି ।

'କୀର୍ତ୍ତନ ଘୋଷ' ଶଙ୍କରଦେବଙ୍କ ପରବର୍ତ୍ତୀ ପ୍ରସିଦ୍ଧ ରଚ଼ନା । ଆଜି ବି ଆସାମର ପ୍ରତିଟି ବ୍ୟକ୍ତିର ହୃଦୟ ଓ ମନ ଗ୍ରନ୍ଥର ଉଚ୍ଚ ପରମାର୍ଥିକ ଭାବରେ ବିହ୍ୱଳ ହୋଇଉଠେ । ଉତ୍ତରଭାରତରେ ତୁଳସୀ ଦାସଙ୍କ 'ରାମଚ଼ରିତ ମାନସ' ଯେମିତି ଭକ୍ତିପୂତ ହୃଦୟରେ ପାଠକ ପୂଜା କରେ, ଏ ରଚ଼ନାକୁ ମଧ୍ୟ ସେମିତି ଆଦରରେ ଦେଖେ । ଆସାମରେ ଏପରି ହିନ୍ଦୁ ଗୃହସ୍ଥ ନାହିଁ ଯାହାଘରେ ପୋଥି ବା ପୁସ୍ତକ ଆକାରରେ 'କୀର୍ତ୍ତନ ଘୋଷ' ନାହିଁ ; ଏମିତି ପରିବାର ନାହିଁ ଯାହାଘରେ ଧର୍ମୋତ୍ସବରେ ବା ଅସୁସ୍ଥତା କାଳରେ ଏହା ପଠିତ ନ ହୁଏ ।

'କୀର୍ତ୍ତନ ଘୋଷ'ର ରଚ଼ନା କାଳ ଜଣାନାହିଁ । କେତେକ ଜୀବନ ଚରିତ ଲେଖକ କହନ୍ତି ଯେ ଶଙ୍କରଦେବ କୌଣସି ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏହା ଲେଖି ନ ଥିଲେ । ବର୍ଷ ବର୍ଷ ଧରି ବିଭିନ୍ନ ସମୟରେ ଲେଖାଯାଇଥିଲେ ହେଁ ବିଭିନ୍ନ ପରିଚ୍ଛେଦଗୁଡ଼ିକ

Digitized by srujanika@gmail.com

ସଜାଇ ରଖିଲେ ଜଣାଯିବ ଯେ ଜୀବନର ଶେଷ ଭାଗରେ ସେ ସବୁ ରଚିତ ହୋଇଥିଲା । ପୁନଶ୍ଚ 'କୀର୍ତ୍ତନ ଘୋଷ' ଗୋଟିଏ ନୁହେଁ ନିର୍ବାଚିତ ଛବିଶଟି କବିତାର ସମାବେଶ ଯହିଁରେ ୨୨୬୧ଟି ପଦ ଭିନ୍ନ ଭିନ୍ନ ରାଗରେ ଲିଖିତ । ଏହି ଆଖ୍ୟାନମୂଳକ କବିତାର ସାଧାରଣ ନାମ ଆଖ୍ୟାନ, ଉପାଖ୍ୟାନ, କୀର୍ତ୍ତନ, ବର୍ଣ୍ଣନା ଏବଂ ବୃତ୍ତାନ୍ତ, ଶୋକଗୀତି ପର୍ଯ୍ୟାୟର କବିତାର ନାମ ପ୍ରୟାଣଗୀତା । ଅଧିକାଂଶ କବିତା 'ଭାଗବତ ପୁରାଣ'ର ଅବଲମ୍ବନରେ ଲିଖିତ । ସେ କବିତାରୁ ଦୁଇଟି ଯଥାକ୍ରମେ ତାଙ୍କର ଦୁଇ ଶିଷ୍ୟ ଦ୍ୱାରା ଲିଖିତ : ରତ୍ନାକର କନ୍ଦଳୀ ଓ ଶ୍ରୀଧର କନ୍ଦଳୀ । ସେ ଦୁଇ ଲେଖକଙ୍କ ଅନୁରୋଧରେ ପୋଥିର ଅନ୍ତର୍ଭୁକ୍ତ କରାଯାଇଛି । 'କୀର୍ତ୍ତନ ଘୋଷ'ରେ ଅନ୍ତର୍ଭୁକ୍ତ ପ୍ରତି କବିତା ପୃଥକ୍ ପୃଥକ୍ ରଚନା ପରି ଜଣାଯାଏ, ଯେପରିକି ଲିଖିତ ସଂସ୍କୃତ ଉପଦେଶ ମୂଳକ ନୀତିଶ୍ଳୋକର ଅନୁକୃତି । 'କୀର୍ତ୍ତନ' ନାମଟି ସୂଚନା ଦିଏ ଯେ ସେସବୁ ପ୍ରାର୍ଥନାସଭାମାନଙ୍କରେ ଧର୍ମସଭାରେ ଆବୃତ୍ତି ପାଇଁ ଉଦ୍ଦିଷ୍ଟ । ପ୍ରତିଟି ପ୍ରାର୍ଥନାରେ ଘୋଷା ରହିଛି । ଏସବୁ ଭକ୍ତମାନଙ୍କର ଦଳପତିଙ୍କ ଦ୍ୱାରା ଗାନ ହୋଇଥାଏ ଏବଂ ଅନ୍ୟମାନେ ତାଳିଦେଇ ପାଳି ଧରନ୍ତି ।

'କୀର୍ତ୍ତନ ଘୋଷ' ଶଙ୍କରଦେବଙ୍କ ପୋଖତ ରଚନା । ଭାଗବତରୁ ଅନେକ ଉପାଖ୍ୟାନ ଜନସାଧାରଣଙ୍କୁ ଶିକ୍ଷିତ କରିବାର ଉଦ୍ଦେଶ୍ୟ ରଖି ଶୁଦ୍ଧ, ସରଳ ଓ ନିର୍ମଳ ଶୈଳୀରେ ଲେଖାଯାଇଛି, ଭକ୍ତି ତତ୍ତ୍ୱ ଓ ନୀତି ଏବଂ ଭକ୍ତର ପରମାର୍ଥିକ ଶିକ୍ଷା ଓ ନୀତିଜ୍ଞାନ ଉପରେ ନିର୍ଭର କରି । ଶିଶୁ ଧ୍ରୁବର ସରଳ ବିଶ୍ୱାସ ଓ ଭକ୍ତି ଉପାଖ୍ୟାନ ଓ ପ୍ରହ୍ଲାଦର ନିର୍ଭୀକ ଭକ୍ତି, କୁବୁଜାର ଅନୁରକ୍ତି, ଗୋପାଳ ବାଳକର ବନ୍ଧୁତା, ବିପ୍ର ଦାମୋଦର ଓ ଉଦ୍ଧବର ଏକନିଷ୍ଠ ଭକ୍ତି, ଗଜେନ୍ଦ୍ରର ଆନ୍ତରିକ ପ୍ରାର୍ଥନା, ଭଗବାନଙ୍କ ନାମୋଚ୍ଚାରଣ ମାତ୍ରେ ଅଜାମିଳର ମୋକ୍ଷ ଆଦି । ଏହିପରି 'କୀର୍ତ୍ତନ'ରେ ଗଳ୍ପମାଳା ଅସମୀୟା ସାହିତ୍ୟରେ ପ୍ରଥମ କରି ଆମେ ଦେଖିବାକୁ ପାଉ । ଯେଉଁ ଗଳ୍ପ ଚିତ୍ତାକର୍ଷକ ଭାବରେ କୁହାଯାଇଛି, ଶିକ୍ଷା ଓ ମନୋରଞ୍ଜନର ଏକତ୍ର ସମାବେଶ କରି, ଆକର୍ଷଣୀୟ ଭାଷା ଓ ଶୈଳୀରେ ପ୍ରକାଶ କରି । କିନ୍ତୁ ଆଧୁନିକ ପାଠକଙ୍କ ଦୃଷ୍ଟିରୁ 'କୀର୍ତ୍ତନ'ର ମୂଲ୍ୟ ହିତୋପଦେଶ, ନୈତିକତା ବା ପରମାର୍ଥିକ ତତ୍ତ୍ୱ ଉପରେ ନିର୍ଭର କରେ ନାହିଁ ; ନିର୍ଭର କରେ ତାର ଆଙ୍ଗିକ, ଛବିଳ ବର୍ଣ୍ଣନା ଓ ରଚନାର ମୌଳିକତା ଓ ଛନ୍ଦର ସାବଲୀଳତା ଉପରେ । ଯାହାଫଳରେ ତାଙ୍କ କାବ୍ୟବୃତି ଘରେ ଆବୃତ ହୁଏ ଏବଂ ବାହାରେ ସମ୍ମାନିତ ହୁଏ । ଶଙ୍କରଦେବଙ୍କ କବିତା ଅସମୀୟା କର୍ଣ୍ଣକୁହରରେ କଥିତଭାଷାର ଅନୁରୂପ ସଙ୍ଗୀତ ଓ ମୂର୍ଚ୍ଛନା ସହିତ ପ୍ରବେଶ କଲା । ଲୋକପ୍ରିୟତା ସମ୍ପର୍କରେ ଜଗନ୍ନାଥ ବୋରା ଯଥାର୍ଥରେ କହନ୍ତି "ସୁଖ, ଦୁଃଖ, ପ୍ରେମ, ବିରହ, କ୍ରୋଧ, କ୍ଷମା ଆଦି ମଣିଷର ସମସ୍ତ ଭାବନିଚୟ ସମଭାବରେ 'କୀର୍ତ୍ତନ'ରେ ମିଶି ରହିଛି । ସବୁ ଶ୍ରେଣୀର ପାଠକଙ୍କୁ ଏହା ଆନନ୍ଦ ଦିଏ । ଶିଶୁ ମାନଙ୍କୁ ଏହା ଆନନ୍ଦ ପାଇଁ ଗପ ଓ ଗୀତ ଯୋଗାଏ, ଯୁବକମାନଙ୍କୁ ଆନନ୍ଦ ଦିଏ ଯଥାର୍ଥ କାବ୍ୟିକ ସୌନ୍ଦର୍ଯ୍ୟ ଜରିଆରେ, ପ୍ରୌଢ଼ମାନେ ଏଥିରୁ ଧର୍ମୋପଦେଶ ପାଆନ୍ତି । 'କୀର୍ତ୍ତନ ଘୋଷ' କେବଳ ପରମାର୍ଥିକ

Digitized by srujanika@gmail.com

ଦୃଷ୍ଟିକୋଣ ପାଇଁ ନୁହେଁ ହୃଦୟଭାବ ଓ ସମ୍ପ୍ରସାରିତ ଦୃଷ୍ଟିପାଇଁ ମଧ୍ୟ ସବୁଧର୍ମର ଉର୍ଦ୍ଧ୍ୱରେ ସ୍ଥାନ ପାଇଛି । ଆମେ ନିମ୍ନଲିଖିତ ପରିଚ୍ଛେଦ ପାଇଁ ଏହାର ଖ୍ୟାତି ଗାଉ :

"ମଣିଷର ଜୀବନ ବା ଆୟୁକାଳ ନିର୍ଦ୍ଦିଷ୍ଟ, ସେଥିରୁ ଅର୍ଦ୍ଧେକ ନିଦ୍ରାରେ ଅତିବାହିତ ହୁଏ; ପିଲାଖେଳରେ ପବନରେ ଉଡ଼ିଯାଏ କୋଡ଼ିଏ ବର୍ଷ, ଦଶବର୍ଷ ଯାଏ ଆଙ୍ଗୁଳି ଅଗରେ ମୁଦ୍ରା ଗଣିବାରେ, ବାକି କୋଡ଼ିଏଟି ବର୍ଷ ଚିନ୍ତାକର ଯେତେବେଳେ ଜୀବନର ଭାରକୁ ବୋହିବା ବଡ଼ କଷ୍ଟଦାୟକ, ଯେତେବେଳେ ତହିଁର ପ୍ରତିଟି କଣାରେ ଅନନ୍ତ ଯନ୍ତ୍ରଣା ପୁରି ରହିଥିବ; ପ୍ରତିଟି ସୂର୍ଯ୍ୟୋଦୟ ଅଜଣା ବ୍ୟାଧି ଓ ଆଳସ୍ୟ ଆଣିଦେବ ଏବଂ ଆଖିର ଜ୍ୟୋତି ଓ ରଙ୍ଗର ସମସ୍ତ ସ୍ୱପ୍ନକୁ ତରଳାଇ ଦେବ ଏବଂ ରୁଦ୍ଧ କୋଠରୀରେ ଅସୀମ ଦୁଃଖର ପସରାକୁ ଥୋଇଦେବ ।" (ପ୍ରହ୍ଲାଦ ଚରିତ୍ର)

ପୁଣି ନିମ୍ନ ପଂକ୍ତିମାନଙ୍କରେ ଏମିତି ମହନୀୟ ବିନୟ ଲିପିବଦ୍ଧ ହୋଇଛି : ଅନନୁଭବୀ ଏବଂ ଉଦ୍ଧତ ହୋଇ ମୁଁ ଘୂରିବୁଲେ ଦୁନିଆର ଚିନ୍ତା ମୁଣ୍ଡରେ ଧରି, ତୁମେ ତେଣୁ ବିନା ଔଦ୍ଧତ୍ୟରେ ମୋତେ ତେଣେ ଧ୍ୱଂସ କରୁଥାଅ, ମୂଷାକୁ ସର୍ପ ବିନାଶିଲା ପରି । (ମୁଚୁକୁନ୍ଦ ସ୍ତୁତି)

ପୁଣି ଏହିପରି ପରମାର୍ଥିକ ଚିନ୍ତାଧାରା :

ମୋର ବୁଦ୍ଧିକୁ ମେଘ ଢାଙ୍କେ, ମୁଁ ନିଜକୁ ଦିହ ସଙ୍ଗେ ମିଶାଇ ଦିଏ; ହାୟ ! ତୁମେ ମୋରି ଭିତରେ, ମୁଁ ତୁମଙ୍କୁ ଖୋଜିବୁଲେ ବାହାରେ ବାହାରେ । (ଶିକୁଲିତା)

ଏବଂ ଏମିତି ଉଚ୍ଚାଙ୍ଗ ଭାବନା :

ତାକୁଇ ଲୋକେ ଜ୍ଞାନୀ କହିଥାନ୍ତି ଯେ ବ୍ରାହ୍ମଣ ଜାତି ଓ ଚଣ୍ଡାଳ ଜାତି ଭିତରେ ପାର୍ଥକ୍ୟ ଦେଖେ ନାହିଁ, ଯେ ଦାତା ଓ ଅପହରଣକର୍ତ୍ତାକୁ ସମାନ ଆଖିରେ ଦେଖେ ଏବଂ ଯେ ପତିତ ମଣିଷ ଓ ସଚ୍ଚରିତ୍ର ସାଧୁ ମଧ୍ୟରେ ପାର୍ଥକ୍ୟ ଦେଖେ ନାହିଁ । ( ଶ୍ରୀକୃଷ୍ଣର 'ବୈକୁଣ୍ଠ ପ୍ରୟାଣ )

ଶ୍ୱାନ, ରାସଭ ତଥା ପତିତର ମଧ୍ୟ ଆତ୍ମା ଭଗବାନ । ଏକଥା ମନେରଖି ସବୁ ପ୍ରାଣୀଙ୍କୁ ଭକ୍ତି କର ।

ସ୍ଥାନାଭାବ ଯୋଗୁଁ ଅଧିକ ଉଦ୍ଧୃତ ସମ୍ଭବ ହେଉନାହିଁ ।

ତାଙ୍କର ଅନ୍ୟାନ୍ୟ ରଚନାମଧ୍ୟରୁ 'ହରିଶ୍ଚନ୍ଦ୍ର ଉପାଖ୍ୟାନ' ରଚିତ ହୋଇଥିଲା ଯେତେବେଳେ ଶଙ୍କରଦେବ ମହେନ୍ଦ୍ର କନ୍ଦଲୀଙ୍କ ସ୍କୁଲରେ ଛାତ୍ର ଥିଲେ । ଏ କବିତାର ଉପକରଣ ମୁଖ୍ୟତଃ ମାର୍କଣ୍ଡେୟ ପୁରାଣରୁ ସଂଗୃହୀତ ହୋଇଥିଲା । ଏ କବିତାର ଆମୂଳଚୂଳ ରଚୟିତା ଭକ୍ତି ମହିମାର ପ୍ରଶଂସା କରିଛନ୍ତି ।

Digitized by srujanika@gmail.com

ଯୁବା ବୟସର ଅନ୍ୟ ଏକ କବିତା 'ରୁକ୍ମିଣୀ ହରଣ' । ଭାଗବତ ଓ ହରିବଂଶରୁ ସଂଗୃହୀତ ବିଷୟବସ୍ତୁ ଏଥିରେ କାବ୍ୟିକ ମାଧୁରୀ ଓ ସୌନ୍ଦର୍ଯ୍ୟରେ ଭୂଷିତ ହୋଇଛି । ପ୍ରଥମ ପଦମାନଙ୍କରେ ରଚୟିତା ଋଣ ସ୍ୱୀକାର କରିଛନ୍ତି ଏ ଦୁଇ ଗ୍ରନ୍ଥ ପାଖରେ । ତଥାପି କବିତାରେ ଯଥେଷ୍ଟ ବାସ୍ତବବାଦର ସ୍ପର୍ଶ ରହିଛି, ଯାହା ଫଳରେ ଶାସ୍ତ୍ରୀୟ ଘଟଣା ଆକର୍ଷଣୀୟ, ଲୋକପ୍ରିୟ ଅନୁଭୂତି ବହନ କରିଛି ।

'ବାଳୀଚଳନ' ରଚିତ ହୋଇଥିଲା ଶଙ୍କରଦେବ ଯେବେ ପାଟ ବଂଶୀରେ ଅବସ୍ଥାନ କରୁଥିଲେ । 'ଭଗବତ ପୁରାଣ'ର ପ୍ରଖ୍ୟାତ ଅଷ୍ଟମ ଅଧ୍ୟାୟର ପ୍ରଖ୍ୟାତ ବାଳୀ ଚରିତ ଅନୁସୃତିରେ ଏହା ରଚିତ । ଏ କବିତାଟି ହାସ୍ୟଭାବର ଗଭୀରଭକ୍ତି ପ୍ରତି ଛତ୍ରରେ ବହନ କରିଛି । ତା'ଛଡା ଏଥିରେ ଦାନ, ସମ୍ପଦର ବ୍ୟବହାର କିପରି ଆଧ୍ୟାତ୍ମିକ ଉନ୍ନତିର ଅନ୍ତରାୟ ହୋଇପାରେ ତାହା ନୀତିବାକ୍ୟ ମାଧ୍ୟମରେ ପ୍ରକାଶିତ ହୋଇଛି, କାମନାର ଅନିଷ୍ଟକାରିତା ଏବଂ ସଂଯମରୁ ପ୍ରାପ୍ତ ସନ୍ତୋଷର ଶାନ୍ତି ଉପରେ ଯୋର୍ ଦିଆଯାଇଛି ।

ଶଙ୍କରଦେବ ନିଜକୁ କୃଷ୍ଣ କଥାରେ ଆବଦ୍ଧ କରି ରଖି ନ ଥିଲେ । ରାମାୟଣରୁ ମଧ୍ୟ ବିଷୟବସ୍ତୁ ନେଉଥିଲେ । ରାମାୟଣର ଉତ୍ତରକାଣ୍ଡକୁ ସେ ଅସମୀୟାରେ ଅନୁବାଦ କରିଥିଲେ । ମାଧବ କନ୍ଦଲୀଙ୍କ ଅସମୀୟା ରାମାୟଣ ପାଞ୍ଚୋଟି କାଣ୍ଡରେ ଥିଲା, ପ୍ରଥମ ଓ ସପ୍ତମକାଣ୍ଡ ନ ଥିଲା । ''ଉତ୍ତର କାଣ୍ଡ''କୁ ଏକ ସ୍ୱତନ୍ତ୍ର ରାମାୟଣ ବୋଲାଯାଇପାରେ । କାରଣ ରାମଚନ୍ଦ୍ରଙ୍କ ସଭାରେ ରାମାୟଣର ଘଟଣାବଳୀ ଲବ, କୁଶଙ୍କ ଦ୍ୱାରା ସଙ୍ଗୀତରେ ଗାନ କରାଯାଇଥିଲା, ସେ ସମସ୍ତ ଏ କାଣ୍ଡର ଅନ୍ତର୍ଭୁକ୍ତ ଅଛି । କିନ୍ତୁ 'ଭାଗବତ'ର ଅନୁବାଦରେ ପୁଣ୍ୟ ଶାସ୍ତ୍ରକୁ ଯେପରି ନିଷ୍ଠାର ସହିତ ଆକ୍ଷରିକ ଅନୂଦିତ କରାଯାଇଅଛି, ଏ କ୍ଷେତ୍ରରେ ତାହା ନ ହୋଇ 'ଉତ୍ତର କାଣ୍ଡ'ରେ ମୂଳଗ୍ରନ୍ଥର ଆଦର୍ଶ, ଚରିତ୍ର ବା ଘଟଣାବଳୀକୁ ଅନୁବାଦକ ଯୋର୍ ଦେଇ ନାହାଁନ୍ତି । ଏଥିରେ ପୌରାଣିକ ନାୟକ ନ ହୋଇ ମଣିଷଦେବତା କୃଷ୍ଣଙ୍କର ଏକ ଅବତାର । କାରଣ ଗୋଟିଏ ଭଣିତାରେ ଶଙ୍କର ରାମଙ୍କୁ କହୁଛନ୍ତି :—

ତୁମେ ତିନି ଭୁବନର ପ୍ରଭୁ, ସଂସାରର ଗତି, ପଥ, ତୁମେ ଅଚିନ୍ତ୍ୟ ପୁଣ୍ୟ, ଅସୀମ ଶକ୍ତି ; ପ୍ରକୃତିର ଉର୍ଦ୍ଧ୍ୱରେ ତୁମେ ଗୁହ୍ୟାପିଗୁହ୍ୟ, ତୁମ ମହିମାର ଆଦି ଅନ୍ତ ଅଜ୍ଞେୟ, ତୁମେ ଯୁଗେ ଯୁଗେ ସମ୍ଭବି ପୃଥିବୀର ଭାରା ସମ୍ଭାଳ, ଧର୍ମର ସ୍ଥାପନା କର, ଅଧର୍ମର ବିନାଶ କର, ତୁମେହିଁ ଈଶ୍ୱର ; ତୁମଙ୍କୁ ସୁରାସୁର ସ୍ତୁତି କରନ୍ତି, ତୁମେ ଏକା ଶେଷ ପର୍ଯ୍ୟନ୍ତ ଥାଅ, ତୁମେ ପୁରୁଷପ୍ରଧାନ ।

ଅସମୀୟା ସାହିତ୍ୟର ଆଉ ଦୁଇଟି ବିଭାଗରେ ଶଙ୍କରଦେବ ଅଗ୍ରଦୂତ ଥିଲେ । ବରଗୀତ ଅର୍ଥାତ୍ ଭକ୍ତିମୂଳକ ସଙ୍ଗୀତ ଏବଂ ଅଙ୍କିଆ ନାଟ ବା ଏକାଙ୍କିକା ଅସମୀୟା ସାହିତ୍ୟରେ ଉଭୟ ନୂତନ ବିଭାଗ । ଏ ଉଭୟ ଧରଣର ରଚନା କୀର୍ତ୍ତନ ବା କାବ୍ୟପରି

Digitized by srujanika@gmail.com

ଘରୁଆ ଅସମୀୟା ଭାଷାରେ ନ ଥିଲା । ବ୍ରଜବୁଲି ବୋଲି ଏକ ପ୍ରାଚୀନ ଭାଷାରେ ଲେଖାଥିଲା । ମିଶ୍ରିତ ମୈଥିଳୀ ଓ ଅସମୀୟା ଭାଷାକୁ ବ୍ରଜବୁଲି କୁହାଯାଏ, ଯେଉଁ ଭାଷା ପୁରାଣ ଯୁଗରେ କୃଷ୍ଣ ଓ ରାଧା କୁଆଡ଼େ ବ୍ୟବହାର କରୁଥିଲେ । ଏହି ସାହିତ୍ୟିକ ମାଧ୍ୟମ ବଙ୍ଗଳା, ବିହାର ଓ ଓଡ଼ିଶାରେ ମଧ୍ୟଯୁଗୀୟ, ବୈଷ୍ଣବ କବିମାନଙ୍କ ସମୟରେ ପ୍ରଚଳିତ ଥିଲା । ଅନୁମାନ କରିବା କଷ୍ଟ କାହିଁକି ଶଙ୍କରଦେବ ନିଜ ଭାଷାରେ ଲିଖିତ କାବ୍ୟକବିତାରେ ଏ ବ୍ୟତିକ୍ରମ ଆଣିଲେ ଏବଂ ବ୍ରଜବୁଲି ପସନ୍ଦ କଲେ ଗୀତିକବିତା ଓ ନାଟକ ପାଇଁ । ହୋଇପାରେ ଭାଷା ହିସାବରେ ବ୍ରଜବୁଲିରେ କମ୍ ଯୁକ୍ତାକ୍ଷର ଓ ପ୍ରଚୁର ସ୍ୱରବର୍ଣ୍ଣର ବ୍ୟବହାର, ଯମକର ଅପର୍ଯ୍ୟାପ୍ତ ସ୍ଥିତି, ଉଚ୍ଚାରଣ ପଦ୍ଧତି ଏବଂ ଅନ୍ୟାନ୍ୟ ଗୁଣ ଗୀତି କବିତା ପାଇଁ ଉପାଦେୟ ହୋଇଥିବ । ଭାଷାର ଏଇ ସ୍ଥିତିସ୍ଥାପକତା ସହିତ କିଛି ପବିତ୍ରତା ରହିଥିବାରୁ ଏଇ ଅପ୍ରାକୃତିକ ଭାଷାକୁ ବ୍ୟବହାର କରିଥିଲେ ଏବଂ 'ବରଗୀତ' ଏବଂ 'ଅଙ୍କିଆ ନାଟ'ରେ ସେ ଅପ୍ରତ୍ୟାଶିତ ଫଳ ପାଇଥିଲେ । ବୌଦ୍ଧଚର୍ଯ୍ୟାପଦ 'ବରଗୀତ'ର ରଚନାର ଆଦର୍ଶ ରୂପେ ସାହାଯ୍ୟ କରିଥିବ ।

କାବ୍ୟ ଅପେକ୍ଷା 'ବରଗୀତ' ଅଧିକ କାବ୍ୟଧର୍ମୀ ; 'କୀର୍ତ୍ତନ'ର ଆଖ୍ୟାନ ଅପେକ୍ଷା ବେଶୀ ଆବେଗମୟ । ସଙ୍ଗୀତର କ୍ରମବର୍ଦ୍ଧମାନ ଲୋକପ୍ରିୟତା ଏବଂ ସେବାପୂଜାର ଆବଶ୍ୟକତା ଦୃଷ୍ଟିରୁ ଶଙ୍କରଦେବ ଅସଂଖ୍ୟ 'ବରଗୀତ' ରଚନା କରିଥିଲେ ଯାହା ଏବେ ବି ଅସମୀୟା ସାହିତ୍ୟରେ ମନୋହର ସ୍ତବ ସ୍ତୁତି ଆକାରରେ ଖ୍ୟାତ । ଶଙ୍କରଙ୍କ ବରଗୀତର ସାରସଂଗ୍ରହ ହେଲା ପରମାର୍ଥୀ ଅଭିଜ୍ଞତା ଓ ସଂସାର ଉପରେ ଦାର୍ଶନିକ ଅନୁଚିନ୍ତା ଏବଂ ନୈତିକତା, ଆତ୍ମାନୁଚିନ୍ତା, ଅଧ୍ୟାତ୍ମିକ ଯନ୍ତ୍ରଣା ଓ ନିର୍ବେଦ ଏବଂ ଆଲୋକ ପାଇଁ ଆଗ୍ରହ । ସେ ଭିତରୁ କିଛି ଭଗବାନଙ୍କ ପ୍ରକୃତି ବିଷୟରେ ମଧ୍ୟ ତତ୍ତ୍ୱାନୁସନ୍ଧାନ କରିଥାନ୍ତି ; ମଣିଷ ସହିତ ଭଗବାନଙ୍କ ସମ୍ପର୍କ, ତାଙ୍କର ଅଶେଷ ଦୟା, ମଣିଷର ବଞ୍ଚିବାର ବୋଝ ଓ ତହିଁରୁ ମୁକ୍ତି ଇତ୍ୟାଦି । ଆଉ କେତେକ ଉଦ୍‌ବୋଧନୀ, ଯହିଁରେ ମଣିଷଙ୍କୁ ଭଗବାନ ନାମ ନେବାପାଇଁ, ଗୋବିନ୍ଦଙ୍କୁ ଭଜିବା ପାଇଁ, ରାମଙ୍କ ପାଦରେ ଆଶ୍ରା ନେବାପାଇଁ ଏବଂ ମାୟାରୂପୀ କ୍ଷଣସ୍ଥାୟୀ ଆନନ୍ଦକୁ ପରିହାର କରିବାପାଇଁ କୁହାଯାଇଛି । ପ୍ରତିଟି ବରଗୀତର ସମାପ୍ତି ହୁଏ ଗୋବିନ୍ଦଙ୍କ ଚରଣରେ ଆଶ୍ରାପାଇଁ ଏବଂ ଜୀବନ ଯନ୍ତ୍ରଣାରୁ ମୁକ୍ତିପାଇଁ ଏକ ଆବେଗମୟ ପ୍ରାର୍ଥନାରେ ।

ବରଗୀତରେ ଆମେ ଶଙ୍କରଦେବଙ୍କୁ ଶ୍ରେଷ୍ଠ ସ୍ୱର୍ଗୀୟ ଅନୁଭୂତିର ମୁହୂର୍ତ୍ତମାନଙ୍କରେ ଦେଖିବାକୁ ପାଉ । ଏଥିରେ ସେ ଦାର୍ଶନିକ ଭାବସମୁହକୁ ଲିରିକ୍ ଅନୁଭୂତି ସହିତ ଯୁଗପତ୍ ସରଳ ଓ ସାବଲୀଳ ଭାଷାରେ ପ୍ରକାଶ କରିଛନ୍ତି । ଅସଂଖ୍ୟ ଧ୍ୱନିତତ୍ତ୍ୱ, ଉପମା, ଯମକ, ଅଳଙ୍କାରରେ ଭୂଷିତ କରି ସେ ପ୍ରାର୍ଥନା ବା ସ୍ତୁତିଗୁଡ଼ିକୁ ଚିତ୍ତାକର୍ଷକ ଓ ମନୋରଞ୍ଜକ କରିଛନ୍ତି । 'ବରଗୀତ'ର ଲୋକପ୍ରିୟତା ଅବିଳମ୍ବେ ବଢ଼ିଗଲା ଏବଂ ପରବର୍ତ୍ତୀ କବିମାନେ

Digitized by srujanika@gmail.com

ଅସଂଖ୍ୟ ସ୍ତୁତି ରଚ଼ନା କଲେ । ସେମାନଙ୍କ ମଧ୍ୟରେ ନାରୀକବି ମଧ୍ୟ ଥିଲେ । ଶ୍ରେଷ୍ଠ ରଚ଼ନା ସବୁ ଲେଖିଥିଲେ ମାଧବଦେବ ଯେ କି ନିଜେ ଜଣେ ଉଚ୍ଚଧରଣର ସଙ୍ଗୀତଜ୍ଞ ।

ଶଙ୍କରଦେବଙ୍କ ଅନ୍ୟ ଧରଣର ଏକ ରଚ଼ନାର ନାଆଁ ଚଉତିଶା । ବାରଣାସୀ ତୀର୍ଥଯାତ୍ରା ସମୟରେ ଶଙ୍କର ବୋଧହୁଏ କବିରଙ୍କ କତିପୟ ଶିଷ୍ୟଙ୍କୁ ଭେଟିଥିଲେ ଏବଂ କବିରଙ୍କ ଚୌତିଶାମାନ ସେମାନଙ୍କ ମୁହଁରୁ ଶୁଣି ମୁଗ୍ଧ ହୋଇଥିଲେ । ବର୍ଣ୍ଣମାଳାର ବ୍ୟଞ୍ଜନ ବର୍ଣ୍ଣର ଧର୍ମତତ୍ତ୍ୱର ଅଭିବ୍ୟକ୍ତି ଏଇ ଚଉତିଶାରେ । ଚଶାରଙ୍କ ଏ.ବି.ସି.ରେ ପଦସବୁ ଯେପରି ଲାଟିନ୍‌ର ବର୍ଣ୍ଣମାଳାର କ୍ରମାନୁଯାୟୀ ରଚିତ ସେହିପରି ଚଉତିଶାରେ ସଂସ୍କୃତ ବର୍ଣ୍ଣମାଳାର କ୍ରମ ଅନୁଯାୟୀ ପଦସବୁ ରଚିତ । ଅସମୀୟା ଭାଷାରେ ବର୍ଣ୍ଣମାଳାର ସେଇ କ୍ରମିକ ଅନୁସୃତିର ଫଳ ହିଁ 'ଚଉତିଶା' ।

'ଅଙ୍କିଆନାଟ'ରେ ଉଭୟ ଇନ୍ଦ୍ରିୟ ଓ ବୁଦ୍ଧିଗତ ଆକର୍ଷଣ ରହିଛି । ଆସାମର ଜାତୀୟ ଓ ସଂସ୍କୃତିଗତ ଜୀବନରେ ଏହି ନାଟକମାନଙ୍କର ପ୍ରଚ଼ଣ୍ଡ ପ୍ରଭାବ ରହିଛି । ସେହି 'ନାଟ'ରୁ ହିଁ ରଙ୍ଗମଞ୍ଚର ଉତ୍ପତ୍ତି ଏବଂ ନାଚଗୀତର ଉନ୍ନତି । ନାଟକ ଦୃଶ୍ୟ କାବ୍ୟ ; ମୁଦ୍ରାଯନ୍ତ୍ର ନ ଥିବା ସମୟରେ ଏହାର ଆବଶ୍ୟକତା କେତେ ତାହା ସହଜରେ ଅନୁମେୟ ଯଦିଓ ପ୍ରଥମେ ମୁଖ୍ୟତଃ ଅସମୀୟା ବୈଷ୍ଣବଧର୍ମର ପ୍ରଗତିପାଇଁ ଜନସାଧାରଣଙ୍କ ଚିତ୍ତକୁ ଦୃଶ୍ୟ ଜରିଆରେ ଆକର୍ଷଣ କରି ଏହା ବ୍ୟବହୃତ ହୋଇଥିଲା । ଶଙ୍କର ଦେବଙ୍କ ନାଟକାବଳୀ ଆଜି ଯାଏ ଆସାମର ଜନସାଧାରଣଙ୍କ ମନରେ ପ୍ରଭୂତ ସ୍ଥାୟୀ ପ୍ରଭାବ ପକାଇବାରେ ସମର୍ଥ ହୋଇଛି । ସେହି ନାଟକାବଳୀ ଅସମୀୟା କବିତାକୁ ପ୍ରେରଣା ଦେଇଛି ଏବଂ ଭଟିମା ନାମକ, ଆଖ୍ୟାନମୂଳକ ଏକ ସ୍ୱତନ୍ତ୍ର କବିତା ସୃଷ୍ଟି କରିଛି । ତଦୁପରି 'ଅଙ୍କିଆ ନାଟ'ରେ ପ୍ରଥମ ଅସମୀୟା ଗଦ୍ୟ ଦେଖାଦେଇଛି, ଯେଉଁ ଗଦ୍ୟ ଶକ୍ତ, ସଂଗୀତମୟ ଏବଂ ଉଚ୍ଚାଙ୍ଗ ।

ଶଙ୍କରଦେବଙ୍କ ନାଟକ ଭିତରେ କାଳୀ ଦମନ (୧୫୧୮ରେ ବର୍ଦ୍ଧୋଭାରେ ରଚିତ)ପତ୍ନୀ ପ୍ରସାଦ (ପ୍ରାୟ୧୫୨୧ରେ ଧୁବ ହାଟରେ ରଚିତ) ରାସକ୍ରୀଡା ବା କେଳି ଗୋପାଳ (୧୫୪୦), ରୁକ୍ମିଣୀ ହରଣ, ପାରିଜାତ ହରଣ, ଏବଂ ରାମ ବିଜୟ (କୁଚବିହାରରେ ୧୫୬୮ରେ ରାଜା ନରନାରାୟଣଙ୍କ ଇଙ୍ଗିତରେ ରଚ଼ିତ ) ଏଯାଏଁ ବିଦ୍ୟମାନ । ପ୍ରଥମ ତିନୋଟି ନାଟକ, ଶାସ୍ତ୍ରୀୟ ବିଷୟ ପ୍ରଧାନତଃ 'ଭାଗବତ'ର ଅବଲମ୍ବନରେ ରଚିତ, 'ରୁକ୍ମିଣୀ ହରଣ' ଏବଂ 'ପାରିଜାତହରଣ' ଯଥାକ୍ରମେ 'ହରିବଂଶ' ଏବଂ 'ବିଷ୍ଣୁପୁରାଣ'ରୁ ଗୃହୀତ; 'ରାମବିଜୟ' ପ୍ରଧାନତଃ 'ରାମାୟଣ'ରୁ ନିଆଯାଇଛି । ଏ ସମସ୍ତ ନାଟକର ମିଳନାନ୍ତକ । ପ୍ରତିନାଟକର କଥାବସ୍ତୁ ପୂର୍ବରୁ ସ୍ଥିରୀକୃତ ହୋଇଥିବାରୁ ଏବଂ କଳାତ୍ମକ ପ୍ରଦର୍ଶନ ନ ହୋଇ ଧର୍ମପ୍ରଗ୍ଚର ଉଦ୍ଦେଶ୍ୟ ହୋଇଥିବାରୁ ନାଟ୍ୟକାରଙ୍କୁ ନାନା ନିର୍ଦ୍ଦିଷ୍ଟ ପରିସୀମାମଧ୍ୟରେ କାମ କରିବାକୁ ପଡୁଥିଲା । ଶଙ୍କର ଦେବ ଥିଲେ ପ୍ରଥମତଃ ପ୍ରଗ୍ଚରକ, ତତ୍‌ପରେ କଳାକାର । ତେଣୁ ସେ ସେହିସେହି କଥା ନିର୍ବାଚ଼ନ

Digitized by srujanika@gmail.com

କରୁଥିଲେ, ଯାହା ତାଙ୍କ ପ୍ରଗ୍ରରଧର୍ମିତାକୁ ସୁହାଇବ । ତଥାପି ନାନାବିଧ ସୀମାଭିତରେ ରହି ମଧ୍ୟ କୌଣସି କୌଣସି ନାଟକର ବିଶେଷତଃ 'ରୁକ୍ମିଣୀ ହରଣ', 'ପାରିଜାତହରଣ' ଏବଂ 'ରାମବିଜୟ'ରେ ସେ ନୂତନ କ୍ଷେତ୍ରର ସନ୍ଧାନ ପାଇଥିଲେ । ଏଇ ନାଟକମାନଙ୍କର କ୍ଷୁଦ୍ର ପୃଷ୍ଠପଟରେ ମଧ୍ୟ ପ୍ରଧାନ ଚ଼ରିତ୍ରଗଣ ସ୍ପଷ୍ଟରୂପେ ପରିଦୃଷ୍ଟ ହୁଅନ୍ତି ।

'ଅଙ୍କିଆ ନାଟ'ର ଶ୍ରୀବୃଦ୍ଧି ପୂର୍ବପ୍ରଚ଼ଳିତ କାବ୍ୟ ଓ ଶାସ୍ତ୍ରର ଧର୍ମ ଓ ସାମାଜିକ ଅନୁଷ୍ଠାନମାନଙ୍କରେ ଆବୃତ୍ତିରୁ ସଂଘଟିତ ହୋଇଥିଲା । 'ଅଙ୍କିଆ ନାଟ' ରଚନାର ପୂର୍ବରୁ ଶଙ୍କରଦେବ ନିଜେ ମଧ୍ୟ କିଛି କାବ୍ୟ ରଚନା କରିଥିଲେ ଯାହା ଏହି ଆବୃତ୍ତିମାନଙ୍କରେ ବ୍ୟବହୃତ ହେଉଥିଲା । ସେ ଏହି ନାଟକୀୟ ମାଧ୍ୟମର ନିଜ ଧର୍ମ ଉପରେ ପ୍ରଭାବ ବେଶ୍ ଉପଲବ୍‌ଧି କରିପାରିଥିଲେ ଏବଂ ଜାଣିଥିଲେ ଯେ 'କାବ୍ୟ'ରେ କଥା ବା ଗଳ୍ପକୁ ଆବୃତ୍ତି କରି ଯେଉଁ ଫଳ ମିଳେ, ତା ଅପେକ୍ଷା 'ନାଟ'ରେ ବେଶୀ ମିଳେ, କାରଣ ଏ କ୍ଷେତ୍ରରେ ଆବେଦନ ଶ୍ରାବ୍ୟ ନ ହୋଇ ଦୃଶ୍ୟ ହୋଇଥାଏ ।

ଲକ୍ଷ୍ୟ କରିବା କଥା ଯେ ଯେବେ ସେ 'ଅଙ୍କିଆ ନାଟ' ରଚନାକଲେ ସେତେ-ବେଳକୁ ସେ ବହୁସ୍ଥାନ ପରିଭ୍ରମଣ କରିଥିଲେ ଏବଂ ବାରବର୍ଷ ତୀର୍ଥଯାତ୍ରୀ ଜୀବନଯାପନ କରି ଉତ୍ତର ଓ ଦକ୍ଷିଣ ଭାରତରେ ବହୁ ପୁଣ୍ୟ ପୀଠ ଦର୍ଶନ କରିସାରିଥିଲେ । ଅନୁମାନ କରାଯାଇପାରେ ଯେ ସେ ରାମଲୀଳା, ରାସଲୀଳା, ଯାତ୍ରା, କଥକ, ଯକ୍ଷଗାନ, ଭାଗବତମ୍ ଏବଂ ଉବାଇ ପରି ନାଟକୀୟ ମନୋରଞ୍ଜକ କାର୍ଯ୍ୟକ୍ରମ ଦେଖିଥିବେ । ଯାହା ଭାରତର ଆନ୍ୟାନ୍ୟ ଭାଗରେ ତାଙ୍କ ସମୟରେ ଲୋକପ୍ରିୟ ଥିଲା । ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ ପରେ ସେ ଅଚିରେ 'କାବ୍ୟ' ଧରଣର ମନୋରଞ୍ଜକ ରଚନାକୁ ନାଟକରେ ପରିଣତ କରିବାର ସୁଯୋଗ ନେଲେ ଏବଂ 'ଭାଗବତ ପୁରାଣ'ର ଗଳ୍ପରାଜିକୁ ଜୀବନ୍ତ ଅଭିନୟରେ ଉପଯୋଗ କଲେ ।

ଶଙ୍କରଦେବଙ୍କ ସମୟରେ ଅନ୍ୟ କେତେପ୍ରକାରର ଲୋକପ୍ରିୟ ନାଟ ଏବଂ ନାଟକୀୟ ମନୋରଞ୍ଜନ ଆସାମରେ ପ୍ରଚ଼ଳିତ ଥିଲା । ସେସବୁ ହେଲା ମନ୍ଦିର ନାଟ, ଦିଓଧାନି ନାଚ଼, ପୁତୁଳିନାଚ଼, ଏବଂ ଓଝାପଲୀ । ଓଝାପଲୀ ଐକତାନ ସଂଗୀତ ବଡ଼ ଲୋକପ୍ରିୟ ଥିଲା ଏବଂ ଆଜି ପର୍ଯ୍ୟନ୍ତ ଗାଁ ଗହଳିରେ ସର୍ବତ୍ର ଆଦୃତ ଜନସାଧାରଣଙ୍କ ମନୋରଞ୍ଜକ ନୃତ୍ୟଗୀତ । ଏହି ଓଝାପଲୀ ଦଳରେ ଗ୍ରରିପାଞ୍ଚଜଣ ଗାୟକ ଥାଆନ୍ତି । ସେମାନେ ଦୁଇଦଳରେ ବାଣ୍ଟିହୋଇ ପ୍ରତିଟିଦଳ ଏକା ସ୍ୱରରେ ଗାଆନ୍ତି । ସେମାନଙ୍କ ନେତାକୁ ଓଝା କହନ୍ତି ଏବଂ ଦଳର ଅନ୍ୟମାନଙ୍କୁ ପାଲି (ପାଳିଆ) କୁହାଯାଏ । ସେ ଭିତରୁ ଜଣେ ଡାଏନା ପଲି, ଯେ କି ଓଝାର ଡାହାଣ ବା ମୁଖ୍ୟ ସହାୟକ । ଦଳପତି କଥାଟିଏ ଆରମ୍ଭ କରେ, ଘୋଷା ଆବୃତ୍ତି କରେ ଏବଂ ପଲିମାନେ ଘୋଷାକୁ ଗାଆନ୍ତି, ଗିନି ବା ଝାଞ୍ଜ ବା କରତାଳ ବଜାଇ ଏବଂ ପାଦ ପତନ ସହିତ ତାଳ ଦେଇ ଦେଇ । ଗଳ୍ପ କଥାର ତର୍ଜମା କରୁ କରୁ ଓଝା ନାଟକୀୟ

Digitized by srujanika@gmail.com

ଅଭିନୟ, ଗତି , ମୁଖଭଙ୍ଗୀ ଦେଖାଏ । କେତେବେଳେ କେମିତି ଅଭିନୟ ମଞ୍ଚରେ ଓଝା ଅଟକିଯାଏ ଏବଂ ତାଏନା ସହିତ କଥାବାର୍ତ୍ତା କରି କାହାଣୀକୁ ପରିସ୍ଫୁଟ କରେ, ଯେପରି କି ନାଟକୀୟ ସଂଳାପର ଅନୁକୃତି ହେଉଛି । ଏହି ଗ୍ରୀକ୍-ବୈଷ୍ଣବ ଓଝାପଲୀ ନାଟ୍ୟବୃତ୍ତିସକଳ ହୁଏତ ଶଙ୍କର ଦେବଙ୍କୁ  ଅଙ୍କିଆ ନାଟ ପ୍ରଯୋଜନାର ଆଦି ଧାରଣା ଦେଇଥିବ । ଧରିନିଆଯାଇପାରେ  ଯେ କାବ୍ୟମାନଙ୍କର ଆବୃତ୍ତି, ଓଝାପଲୀସମୂହ ଗାନ  ଏବଂ ଭାରତର ଅନ୍ୟପ୍ରାନ୍ତର ଦର୍ଶନୀୟ ଅଭିନୟାଦି ସବୁ ମିଶି ଅସମୀୟା ଭାଷାର ପୂର୍ଣ୍ଣାଙ୍ଗ ନାଟକର ଅଭ୍ୟୁତ୍ଥାନରେ ସାହାଯ୍ୟ କରିଥିବେ ।

ଅଙ୍କିଆ ନାଟ ସ୍ଥାନୀୟ ତଥା ସ୍ୱଦେଶୀ ଉପାଦାନରୁ ଗଢି ଉଠିଥିଲେ ମଧ୍ୟ ସଂସ୍କୃତ ନାଟକ ଓ ନାଟ୍ୟକଳାର ପ୍ରଭୂତ ପ୍ରଭାବ ସେଥିରେ ବେଶ୍ ଲକ୍ଷ୍ୟ କରିହୁଏ । ଶଙ୍କରଦେବ ନିଜେ ତାଙ୍କର ଏହି ରଚନାବଳୀକୁ ନାଟ ବା ନାଟକ ଆଖ୍ୟା ଦେଇଥିଲେ ସଂସ୍କୃତ ନାମର ଅନୁସରଣ କରି  । ଅନ୍ୟାନ୍ୟ ବୈଷ୍ଣବ କବିମାନେ ଏ ପ୍ରକାର ରଚନାକୁ ଯାତ୍ରା, ନୃତ୍ୟ ଏବଂ ଅଙ୍କ ନାମ ଦେଇଥିଲେ । ମାଧବଦେବଙ୍କ କ୍ଷୁଦ୍ରତର ରଚନାକୁ 'ଝୁମୁରା' କୁହାଯାଏ । ଅଧିକଲୋକ ପ୍ରଚଳିତ ବା ଲୋକପ୍ରିୟ ନାଁ ହେଲା ଅଙ୍କିଆ ନାଟ । କିନ୍ତୁ ଏ ପ୍ରକାର ନାଟକର ସଂସ୍କୃତରେ 'ଅଙ୍କପରି' ଜଣାଯାଇଥିବା 'ରୂପକ' ସହିତ କୌଣସି ସାମଞ୍ଜସ୍ୟ ନାହିଁ । ଅସାମୀୟା ସାହିତ୍ୟରେ 'ଅଙ୍କିଆ ନାଟ' ହେଲା ନାଟକୀୟ ରଚନାର ଏକ ସାଧାରଣ ନାଁ, ଯହିଁରେ ଗୋଟିଏ ଅଙ୍କରେ ବୈଷ୍ଣବ ଧର୍ମନୀତି ବର୍ଣ୍ଣିତ ହୋଇଥାଏ ।

କଳାକୌଶଳ କ୍ଷେତ୍ରରେ ମଧ୍ୟ ଏହି 'ଅଙ୍କିଆନାଟ' ସଂସ୍କୃତ ନାଟ୍ୟକଳା ପ୍ରାୟଶଃ ଅନୁସରଣ କରିଥାଏ । ବିଶେଷତଃ ସଂସ୍କୃତ ନାଟକର ଶ୍ଳୋକ ଏବଂ ନାନ୍ଦୀ, ସୂତ୍ରଧର ପ୍ରୟୋଗରେ ଏବଂ ପୂର୍ବରଙ୍ଗ  ଅଭିନୟରେ ।  କିନ୍ତୁ ସଂସ୍କୃତ ନାଟକର ସୂତ୍ରଧର ପରିହାର୍ଯ୍ୟ; ଅଙ୍କିଆ ନାଟକରେ ସୂତ୍ରଧର ତାହା ନୁହେଁ । ସଂସ୍କୃତ ନାଟକର ସୂତ୍ରଧର ଏକାବେଳେ ପ୍ରସ୍ଥାନରେ, ବନ୍ଦନା ପରେ ପରେ । କିନ୍ତୁ ଅସମୀୟା ନାଟକରେ ଭିନ୍ନ ପ୍ରକାର । ଏଠି ସୂତ୍ରଧର ସଦାସର୍ବଦା ମଞ୍ଚରେ ଉପସ୍ଥିତ ରହେ । ପୁନଶ୍ଚ 'ଅଙ୍କିଆ ନାଟ'ରେ ସୂତ୍ରଧର ଉଭୟ  ପ୍ରୟୋଜକ ଏବଂ ଧାରାବିବରଣୀ ପ୍ରଦାନକାରୀ, ସେ ବାଦ୍ୟବୃନ୍ଦ ସହିତ ତାଳ ଦେଇ  ନାଚେ, ନାଟକ ଉନ୍ମୋଚନ କରେ, ନାନ୍ଦୀ ଗାନକରି ଚରିତ୍ରମାନଙ୍କ ପରିଚୟ ଦିଏ, ଚରିତ୍ରମାନଙ୍କୁ ଅଭିନୟ ଶିଖାଏ ଏବଂ ସେମାନଙ୍କ ପ୍ରବେଶ ଓ ପ୍ରସ୍ଥାନ ଘୋଷଣା କରେ  । ଯଦି ନାଟକରେ କେଉଁଠି ତ୍ରୁଟି ବା ବିଚ୍ୟୁତି ରହିଗଲା ତାକୁ ଗୀତ, ନାଚ, ସଂଳାପ ଦ୍ୱାରା ପୂରଣ କରେ ଏବଂ କଥାବସ୍ତୁର ନୈତିକ ବା ଆଧ୍ୟାତ୍ମିକ ବିନ୍ଦୁ ଉପରେ ପ୍ରବଚନ ଦିଏ । ପୁଣି 'ଅଙ୍କିଆ'ରେ ଅଙ୍କ ବା ଦୃଶ୍ୟ ନ ଥାଏ । ତେଣୁ ଦୃଶ୍ୟପଟ୍ଟର ପରିବର୍ତ୍ତନ ସୂତ୍ରଧର ସଂଳାପରେ ବା ବାଦ୍ୟସଂଗୀତ ସାହାଯ୍ୟରେ ଘୋଷଣା କରେ । 'ଅଙ୍କିଆ ନାଟ'ରେ ସୂତ୍ରଧରର ଆବଶ୍ୟକତା ଏଇ ସବୁ କାମ ପାଇଁ, ଯାହା ଫଳରେ ଅଭିନୟର 'ଭାବନା' ଉନ୍ନତ ଓ

Digitized by srujanika@gmail.com

ଲୋକପ୍ରିୟ ହୋଇପାରୁଥିଲା । ଦର୍ଶକ ମୁଖ୍ୟତଃ ଗାଉଁଲି ଓ ନିରକ୍ଷର ଥିବାରୁ ନାଟକର ପ୍ରତ୍ୟେକ ସ୍ତରରେ ପ୍ରଗତି ସହିତ ବ୍ୟାଖ୍ୟାନ ଗ୍ରହୁଁଥିଲା । ଅସମୀୟା 'ଭାବନା'ରେ ତେଣୁ ସୂତ୍ରଧରର କର୍ତ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାମ୍ପ୍ରତିକ କାଳରେ ମଧ୍ୟ କୌଣସିମତେ ସେ ହୀନ ବା ହେୟ, ଅଳ୍ପବୁଦ୍ଧିସମ୍ପନ୍ନ ବ୍ୟକ୍ତି ନୁହେଁ । ସେ ଜଣେ ଅଭିନେତା, ଶିକ୍ଷିତ, ବ୍ୟକ୍ତି ସଂଗୀତଜ୍ଞ ଏବଂ କୁଶଳୀ ନର୍ତ୍ତକ । ସମ୍ଭବହେଲେ ଗାଁର ଦକ୍ଷ କଳାକାରକୁ ଏଥିପାଇଁ ମନୋନୀତ କରାଯାଉଥିଲା, ଯାହାକୁ ନାଟକର ଦିଗଦର୍ଶନ ଓ ପରିଚାଳନା ଭାର ଦିଆଯାଇପାରିବ । ପିଲାଟି ଦିନରୁ ତାକୁ ସଂଗୀତ, ନୃତ୍ୟ ଓ ନାଟ୍ୟକଳା ତାଲିମ୍ ଦିଆଯାଉଥିଲା ।

'ଅଙ୍କିଆ ନାଟ'ର ଅନ୍ୟଏକ ଉଲ୍ଲେଖଯୋଗ୍ୟ ଲକ୍ଷଣ ହେଲା ଏହାର ଗୀତିପ୍ରଧାନତା । ଏସବୁ ନାଟକରେ ଗୀତ ଓ କବିତାର ବହୁଳତା ଥାଏ ଏବଂ ନାଟ୍ୟକାରଗଣ ତହିଁର ପ୍ରଚୁର ବ୍ୟବହାର କରିଥାନ୍ତି, ନାଟକର ଅନ୍ତର୍ନିହିତ ବାଣୀ, ଦର୍ଶକର ହୃଦୟରେ ପ୍ରବେଶ କରାଇବା ପାଇଁ । ଅନେକ ଘଟଣା, ଦୃଶ୍ୟ ଓ ପରିସ୍ଥିତିର ସୂଚନା ଦିଆଯାଇଥାଏ କେବଳ ବର୍ଣ୍ଣନାତ୍ମକ କବିତା ମାଧ୍ୟମରେ, ସୂତ୍ରଧର ମୁହଁରେ । ଚରିତ୍ର ବା ଘଟଣା ଅଭିନୟ ସାହାଯ୍ୟରେ ନ ଫୁଟାଇ । ଗୌଣ ଘଟଣା, ଅନୁଭୂତି ଏବଂ ଅନୁଭବକୁ ମଧ୍ୟ ଅନେକ ସମୟରେ ସଂଗୀତଜରିଆରେ ପ୍ରକାଶ କରାଯାଇଥାଏ । ଏ ସ୍ଥଳରେ ଯେଉଁ ସଂଳାପ ଦିଆଯାଇଥାଏ ତାର ଲକ୍ଷ୍ୟ ହେଉଛି ସଂଗୀତମୟ ଭାବରାଶିକୁ ଗଦ୍ୟରେ ବୁଝାଇ ପ୍ରକାଶ କରିବା । ତେଣୁ ଗୀତିମୟ ହେଲେ ମଧ୍ୟ ଗଦ୍ୟର ଅଂଶ ଖୁବ୍ କମ୍ । ଏହି ନାଟକମାନଙ୍କରେ ଲେଖକ ନାଟ୍ୟକାର ରୂପେ ଆବିର୍ଭୂତ ନ ହୋଇ କବି ଓ ସଂଗୀତଜ୍ଞ ରୂପେ ଆତ୍ମପ୍ରକାଶ କରନ୍ତି । ତାଙ୍କ ନାଟକଟି ପ୍ରକୃତ ପକ୍ଷରେ ନାଟକ ନୁହେଁ, ଗୀତିନାଟ୍ୟର ଦୃଶ୍ୟ ।

ନାଟକର ସଂଗୀତ ଏବଂ କବିତାର ମଧ୍ୟ ପ୍ରକୃତି ସ୍ୱତନ୍ତ୍ର ଧରଣର । ସେଗୁଡ଼ିକୁ ସେଥିପାଇଁ ଅଙ୍କର ଗୀତ ଓ ଭଟିମ କୁହାଯାଏ । କେତେକ ନାଟକରେ ସ୍ୱତନ୍ତ୍ର ଧରଣର ଧର୍ମଗୀତି 'ବରଗୀତ' ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ପ୍ରତିଟି 'ଅଙ୍କିଆ ଗୀତ' ବା ନାଟ୍ୟଗୀତିରେ ଧ୍ରୁବ ବା ଘୋଷା ଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ 'ରାଗ', 'ତାଳ' ଏବଂ 'ମାନ' ବହନ କରିଥାଏ ।

ସଂସ୍କୃତ ନାଟକପରି ଅଧିକାଂଶ 'ଅଙ୍କିଆ ନାଟ' ଆରମ୍ଭ ହୁଏ, ପ୍ରାଚୀନ ନାଟ୍ୟ ଶାସ୍ତ୍ର' ବର୍ଣ୍ଣିତ ବିଧିବିଧାନ ଅନୁସାରେ— ଯଥା ନାନ୍ଦୀ, ପ୍ରରୋଚନା, ପ୍ରସ୍ତାବନା । ପ୍ରାରମ୍ଭ କାଳରେ ଅସମୀୟା ନାଟକରେ ଦୁଇଟି ନାନ୍ଦୀ ଶ୍ଳୋକ ଯହିଁରେ ଆଠ ବା ବାର ପାଦ ବା ଚରଣ ଥାଏ । ଏଥିରୁ ଗୋଟିଏ ଆଶୀର୍ବାଦ କିସମର; ଅନ୍ୟଟି ବିଷୟବସ୍ତୁ ସୂଚକ । ପରବର୍ତ୍ତୀ ନାଟକରେ ସଂସ୍କୃତ ନାନ୍ଦୀ ଶ୍ଳୋକ ଏକାବେଳେକେ ବାଦ୍ ଦିଆଯାଇ ତା ସ୍ଥାନରେ ଏକ

Digitized by srujanika@gmail.com

ଅସମୀୟା ଆଶୀର୍ବାଦ କବିତା ଦିଆଯାଉଥିଲା । ସଂସ୍କୃତ ନାଟକରେ ସାଧାରଣ ରଙ୍ଗମଞ୍ଚ ସୂଚନା ଓ ସଜ୍ଜା ଓ ନିର୍ଦ୍ଦେଶନାରେ 'ନାନ୍ଦ୍ୟନ୍ତେ ତତଃ ପ୍ରବିଶତି ସୂତ୍ରଧର' ଥାଏ, ଯହିଁରୁ ସ୍ପଷ୍ଟ ଜଣାପଡ଼େ ଯେ ସୂତ୍ରଧାର ପ୍ରବେଶପୂର୍ବରୁ ନାନ୍ଦୀ ପଠିତ ହୋଇଯାଇଛି ଅର୍ଥାତ୍ ସୂତ୍ରଧର ନାନ୍ଦୀ ପାଠ କରିନାହିଁ । କିନ୍ତୁ ଅଙ୍କିଆ ନାଟରେ ନାନ୍ଦୀପାଠ ସୂତ୍ରଧରର ଏକ ସ୍ୱତନ୍ତ୍ର କର୍ମ ।

ନାନ୍ଦୀ ସରିଲେ ସୂତ୍ରଧର 'ପ୍ରରୋଚନା'ରେ ସଂସ୍କୃତ ଶ୍ଳୋକରେ ବିଷୟବସ୍ତୁ ଘୋଷଣା କରେ । ଏହା ସହିତ ନିଶ୍ଚିତ ରୂପେ ଅସମୀୟାରେ 'ଭାଟିମା' କୁହାଯାଉଥିବା ଏକ ଦୀର୍ଘ କବିତା ଥାଏ । ତାପରେ ଆସେ 'ପ୍ରସ୍ତାବନା' । ସୂତ୍ରଧର ଶୂନ୍ୟବାଣୀ ଶୁଣେ । ଏଇ ସ୍ଥାନରେ ଆଲୋଚନା ଚାଲେ ଏବଂ ଆଲୋଚନାର ଅଗ୍ରଗତି ସହିତ ସୂତ୍ରଧର ଘୋଷଣାକରେ ପ୍ରବେଶ କରୁଥିବା ମୁଖ୍ୟ ଚରିତ୍ରମାନଙ୍କ ନାମ । ଆଲୋଚନା ଶେଷରେ 'ସଙ୍ଗୀ' ମଞ୍ଚରୁ ପ୍ରସ୍ଥାନ କରେ ।

ସୂତ୍ରଧାରକୁ ଛାଡି ଆଉ ଦୁଇଟି ଅଧିକା ଚରିତ୍ର ଅସମୀୟା ନାଟକରେ ଦେଖାଯାନ୍ତି । ସେମାନେ ହେଲେ ଦୂତ ଏବଂ ବହୁଭା । ଏ ଦୁହେଁ କିନ୍ତୁ ନାଟକୀୟ ଚରିତ୍ର ମାନଙ୍କଠାରୁ ଅଲଗା । ପ୍ରକୃତ ଅଭିନୟ କାଳରେ ଏମାନଙ୍କୁ ଅଣାଯାଏ ଦୂତ ବା ପ୍ରହରୀ ରୂପେ, ହାସ୍ୟରସ ପାଇଁ । ଅଭିନୟ ଚାଲିଥିଲାବେଳେ ଯଦି କୌଣସି କାରଣରୁ ବ୍ୟାଘାତ ଆସି ନାଟକ ଅଟକି ଗଲା ତେବେ ତାର କାରଣ ବଖାଣିବା ପାଇଁ ଦୂତ ଓ ବହୁଭା ମଞ୍ଚରେ ଉପସ୍ଥିତ ହୁଅନ୍ତି । ପଟ ପରିବର୍ତ୍ତନ ଓ ନୂତନ କୁଶୀଲବଙ୍କୁ ମଞ୍ଚରେ ଆବିର୍ଭାବ ଘୋଷଣା କରିଥାନ୍ତି ସେ ଦୁହେଁ। 'ବହୁଭା'ର ଅନ୍ୟାନ୍ୟ କର୍ତ୍ତବ୍ୟ ମଧ୍ୟ ଅଛି । ଘଟଣାର ଶୂନ୍ୟସ୍ଥାନ ପୂରଣ ବ୍ୟତୀତ ତାକୁ ନିଜମନରୁ କୌତୁକ କଥା ବା ହସ କଥା ବାହାରକରି ରସହୀନତା ଦୂର କରିବାକୁ ପଡ଼େ ଏବଂ ଦର୍ଶକଙ୍କୁ ଯଥାସମ୍ଭବ ପରମ୍ପରା ଉଲ୍ଲଙ୍ଘନ ନ କରି ହସାଇବାକୁ ପଡ଼େ । ଅବଶ୍ୟ ତାକୁ ନାଟକର ଗୁରୁତ୍ୱପୂର୍ଣ୍ଣ ଅଂଶରେ ରସଭଙ୍ଗ କରିବାକୁ ଦିଆଯାଏ ନାହିଁ।

ନାଟକର ଆରମ୍ଭ ଯେମିତି ଆଶୀର୍ବାଣୀରେ ଶେଷ ସେମିତି ଅସମୀୟା ପ୍ରାର୍ଥନାରେ । ତାକୁ କୁହାଯାଏ 'ମୁକ୍ତିମଙ୍ଗଳ ଭାଟିମା' । ସେଥିରେ ସୂତ୍ରଧର ଭଗବାନଙ୍କ ପାଖରୁ କ୍ଷମାମାଗେ, କାଳେ ନାଟକର ପରିଚାଳନାରେ କେଉଁଠି କଣ ଭୁଲ୍‌ଭଟକା ରହିଯାଇଥିବ । ଶେଷରେ ସେ ନାଟକର ନୈତିକ ମୂଲ୍ୟ ଉପରେ ଜୋର୍ ଦିଏ ଏବଂ ଶ୍ରୋତାବର୍ଗଙ୍କୁ ଧର୍ମମାର୍ଗରେ ଯିବାକୁ ଇଚ୍ଛା ପ୍ରକାଶ କରେ ।

ଅଙ୍କିଆ ନାଟକୁ ମଞ୍ଚସ୍ଥ କରିବାର ସବୁଠାରୁ ବଡ଼ କଥା ହେଲା ଚାରୋଟି ଅଙ୍ଗ ବା ଉପାଦାନ ମଧ୍ୟରେ ଯୋଗାଯୋଗ ଓ ଏକତ୍ୱ ବା ସମନ୍ୱୟ ଆନୟନ କରିବା । ସେ ଅଙ୍ଗସବୁ ହେଲା ସଂଗୀତ, ନୃତ୍ୟକୁ ସମତାଳରେ ଉପସ୍ଥାପନ, ଉପଯୁକ୍ତ ବାଦ୍ୟଯନ୍ତ୍ରର ସମନ୍ୱୟ, ସ୍ୱରର ଏକତା ଏବଂ ସଂଳାପ । ଅଙ୍କିଆ ନାଟର ସାଙ୍ଗୀତିକ ପ୍ରକୃତି ବା ଉପାଦାନ ବିଷୟରେ

Digitized by srujanika@gmail.com

ଆଗରୁ କୁହାଯାଇଛି । ସେଇ ସାଙ୍ଗୀତିକ ପ୍ରକୃତି ପାଇଁ ଅଙ୍କିଆ ନାଟରେ ନାନାପ୍ରକାରର ଗୀତ ଓ କବିତା ଅଜସ୍ର ସଂଖ୍ୟାରେ ଦେଖିବାକୁ ମିଳେ । ଏକ ଅସମୀୟା ନାଟକ 'ଭାବନା'ରେ କୁଶୀଳବ ଗଣ ପ୍ରଥମରୁ ସମତାଳରେ ଚଳପ୍ରଚଳ ହୁଅନ୍ତି । ଯଥାଯଥ ପାଦ ସଂଗ୍ଚଳନ କରି ମୁଖଭଙ୍ଗୀ ଏବଂ ଅଭିନୟଭଙ୍ଗୀ ଦେଖାଇ । ସଂକ୍ଷେପତଃ ନୃତ୍ୟ ମାଧ୍ୟମରେ ସମଗ୍ର ଗଳ୍ପ କୁହାଯାଇଥାଏ ଏବଂ ଭାବ ଜାଗ୍ରତ କରିବା ପାଇଁ ଏଇ ନୃତ୍ୟ ହିଁ ଶ୍ରେଷ୍ଠ କଳା । କୁହାଯାଇପାରେ ଯେ ଅସମୀୟା ନାଟକାଭିନୟ ମୁଖ୍ୟତଃ ଅଙ୍ଗପ୍ରତ୍ୟଙ୍ଗର ସଞ୍ଚାଳନ, ଯହିଁରେ ତାଳମାନ ପ୍ରଧାନ ଅଂଶଗ୍ରହଣ କରେ ।

ଏହି ନୃତ୍ୟନାଟିକାରେ ସୂତ୍ରଧର ମୁଖ୍ୟ ନର୍ତ୍ତକ । ନାନ୍ଦୀ ଆବୃତ୍ତି ପରେ ସୂତ୍ରଧର ବିଷୟବସ୍ତୁ ବା ଗଳ୍ପର ଅନ୍ତର୍ନିହିତ ଭାବରାଶିକୁ ଉପଯୁକ୍ତ ନୃତ୍ୟଦ୍ୱାରା ପରିବେଷଣ କରିଥାଏ । ସମଗ୍ରନାଟକରେ ସୂତ୍ରଧର ଏହାକରେ । 'ଅଙ୍କିଆ ଭାବନା'ର ମୁଖ୍ୟତଃ ତିନୋଟି ନୃତ୍ୟରୂପ ହେଲା ରାସନାଚ୍, ନଟୁଭାନାଚ୍, ଏବଂ ଚଲି ନାଚ୍ । ଏ ସମସ୍ତ ନାଚ୍ ଶାସ୍ତ୍ରୀୟ ନୃତ୍ୟରୁ ଅଳ୍ପ ବହୁତେ ଗୃହୀତ ।

ନାନ୍ଦୀ ଆବୃତ୍ତି ହେବା ପୂର୍ବରୁ ଅସମୀୟା 'ଭାବନା'ରେ ଗାୟନବାୟନ ଦଳ ସୂତ୍ରଧରର ନେତୃତ୍ୱରେ ଦୀର୍ଘ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହାକୁ 'ଧେମାଳି' ବା 'ରଙ୍ଗ' କହନ୍ତି । ଆବାହନୀ ଏବଂ ଭକ୍ତିମୂଳକ ନୃତ୍ୟ ଓ ଗୀତ ଏଥିରେ ଥାଏ । ବାଦ୍ୟବୃନ୍ଦ ବା ଗାୟନ-ବାୟନ ଦ୍ୱାରା ମୁଖ୍ୟତଃ ଖୋଳ, ଓ ମନ୍ଦିରାର ସାହାଯ୍ୟ ନିଆଯାଏ । ଏହି ପ୍ରାରମ୍ଭିକ ନୃତ୍ୟର ପ୍ରଧାନ ଉଦ୍ଦେଶ୍ୟ ହେଲା ଅଭିନୟ ପାଇଁ ଭଗବତ୍ କୃପା ଭିକ୍ଷା । ଏ ନୃତ୍ୟମାନଙ୍କର ନାମ 'ସରୁ-ଧୋମାଲି', 'ବଡ଼-ଧୋମାଲି', 'ଦେବ-ଧୋମାଲି', 'ଘୋଷ-ଧୋମାଲି' ଇତ୍ୟାଦି । କେତେବେଳେ ଏଇ ପ୍ରାରମ୍ଭ ଅବିରାମ ଗତିରେ ଘଣ୍ଟା ଘଣ୍ଟା ଧରି ଚ୍ଳେ; ତା ପରେ ପ୍ରକୃତ ନାଟକର ଆରମ୍ଭ ।

ଏଇ ସାଙ୍ଗୀତିକ 'ଧୋମାଲି'ର ସ୍ୱରୂପ ହେଲା ଭରତଙ୍କ ନାଟ୍ୟଶାସ୍ତ୍ର ଲିଖିତ ପ୍ରାରମ୍ଭ ସଦୃଶ । ସଂସ୍କୃତ ନାଟକପରି ଏହା ପ୍ରକୃତ ନାଟକର ଅଂଶ ନୁହେଁ । ଭରତଙ୍କ ମତରେ ପୂର୍ବରଙ୍ଗରେ କୋଡ଼ିଏ ବିଭିନ୍ନ ଉପାଦାନ ରହିଛି; ସେ ଭିତରୁ ନଅଟି ପରଦା ଅନ୍ତରାଳରେ ଅଭିନୀତ ହୁଏ, ବାକୀସବୁ ମଞ୍ଚଉପରେ । ପରବର୍ତ୍ତୀ କାଳର ନାଟକୀୟ ଚଳନିରେ ଏବଂ ଏହି ସୁଦୀର୍ଘ ପଦ୍ଧତିରେ ଅନେକ କଟାକଟି ହେଲା । ଅସମୀୟା ଅଭିନୟରେ ମଧ୍ୟ ସେଇଆ ଘଟିଲା । 'ଅଙ୍କିଆ ନାଟ'ରେ ନାନ୍ଦୀ ଆବୃତ୍ତି ପରେ ପରେ 'ଅଳମତିବିସ୍ତରେଣ' ପଦଟିର ଉଲ୍ଲେଖ ତହିଁର ସୂଚନା ଦିଏ । ଅଭିନୟ ଶେଷରେ ଯନ୍ତ୍ର ସଂଗୀତ ଏବଂ ନୃତ୍ୟର ପୁନରାବୃତ୍ତି ହୁଏ । ନାଟକରେ ଘଟଣାର ଶେଷ ମଧ୍ୟ ସୂତ୍ରଧାର ଦ୍ୱାରା ଯନ୍ତ୍ର, ସଂଗୀତ ଓ ନୃତ୍ୟ ଦିଆଯାଇଥିବାରୁ ସ୍ୱାଗତଯୋଗ୍ୟ ବିରତି ମିଳେ ।

Digitized by srujanika@gmail.com

'ଅଙ୍କିଆ ନାଟ'ସବୁ ଅନାଧର୍ମୀୟ ଲକ୍ଷ୍ୟ ନ ଥାଇ ଧର୍ମୀୟ ଉଦ୍ଦେଶ୍ୟରେ ରଚିତ । ତେଣୁ ସେଗୁଡ଼ିକର ଅଭିନୟ ଗାଁର ନାମଘର (ପ୍ରାର୍ଥନାଘର) ଗୁଡ଼ିକରେ ଜନ୍ମାଷ୍ଟମୀ, ଦୋଳଯାତ୍ରା, ରାସପୂର୍ଣ୍ଣିମା ଉପଲକ୍ଷରେ ହେଉଥିଲା । ପରବର୍ତ୍ତୀ କାଳରେ ଉତ୍ସବମାନଙ୍କରେ ଅଭିନୀତ ହେଲା, ଯଥାଃ -- ପୁନେଇ ରାତିରେ, ଧାନବୁଣା, ଧାନକଟା-ବେଳେ ଏବଂ ଯେବେ ଗ୍ରାମବାସୀମାନେ କୃଷିକର୍ମରୁ ବିରତ ହେଉଥିଲେ ସେ ସମୟରେ । କେତେବେଳେ ସ୍ଥାୟୀ ଘରମାନଙ୍କରେ, କେତେବେଳେ ଅସ୍ଥାୟୀ ଖୋଲିଆରେ ନାଟକ ପ୍ରଦର୍ଶନ ହୋଇଥାଏ । କେହି କେହି କହନ୍ତି ମାଧବଦେବ ବରପେଟାରେ ଏକ ବଡ଼ ସଦନ ବା ବଡ଼ଘର ବା ରଙ୍ଗିଆଲ ଘର ତିଆରି କରିଥିଲେ, ଯେଉଁଠି ତାଙ୍କ ନାଟକ 'ଭଜନ-ବିହାର' ଓ 'ଦଧିମନ୍ଥନ' ଅଭିନୀତ ହେବ ।

'ନାମଘର' ହେଲା ଗ୍ରାମବାସୀମାନଙ୍କ ସର୍ବସାଧାରଣ ସମ୍ପତ୍ତି । ସେଠି ପ୍ରତିସନ୍ଧ୍ୟାରେ ସେମାନେ ଏକଜୁଟ ହୁଅନ୍ତି; ପାଠକଦ୍ୱାରା ପାଠ କରାଯାଉଥିବା ଶାସ୍ତ୍ର ଶୁଣନ୍ତି ଏବଂ ସନ୍ଧ୍ୟା ପ୍ରାର୍ଥନାରେ ଯୋଗଦିଅନ୍ତି । ଦିନବେଳେ 'ନାମଘର'ଟି ବିଗ୍ରହ ଘରରେ ପରିଣତ ହୁଏ । ଗାଁର ମୁଖିଆମାନେ ବଡ଼ ବଡ଼ ମାଲିମୋକଦ୍ଦମା ବାଦ ବିସମ୍ବାଦସବୁ ନିଷ୍ପତ୍ତି କରନ୍ତି । ପର୍ବପର୍ବାଣିରେ ଏହି ନାମଘର ଥିଏଟର ଘରରେ ପରିଣତ ହୁଏ । ତେଣୁ ନାମଘର ଅସମୀୟ ଜନସାଧାରଣଙ୍କ ସାମାଜିକ ଓ ଧାର୍ମିକ ଜୀବନରେ ଉଲ୍ଲେଖଯୋଗ୍ୟ ପ୍ରଭାବ ପକାଏ । ଏହା ଯେ କେବଳ ଆସାମର ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛି ତା ନୁହେଁ, ଅସାମୀୟ ସଂଗୀତ, ନୃତ୍ୟ ଏବଂ ନାଟକର ଉନ୍ନତି, ପ୍ରଗତି ଉପରେ ପ୍ରଭୂତ ପ୍ରଭାବ ପକାଇଛି ।

'ନାମଘର' ଦୁଇଛାତଥିବା ଏକ ଖୋଲାଘର । ଲମ୍ବରେ ସାଧାରଣତଃ ପଚାଶ ଫୁଟରୁ ଉର୍ଦ୍ଧ୍ୱ ଏବଂ ଆକାରରେ ଆୟତକ୍ଷେତ୍ର ସଦୃଶ । (ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଥିବା 'ବିକ୍ରିଷ୍ଟ' ଧରଣର ରଙ୍ଗମଞ୍ଚ) ଏହା ପାଖରେ ଗୋଟିଏ ମୁଣ୍ଡରେ ମଣିକୂଟ ବୋଲି ଏକ ଛୋଟଘର (ଯାହାକୁ ହିନ୍ଦୁମନ୍ଦିରର ଗର୍ଭଗୃହ ବୋଲାଯାଏ ।), ଯେଉଁଠି ମୂର୍ତ୍ତିଟିଏ ବା ଧର୍ମଗ୍ରନ୍ଥଟିଏ ସିଂହାସନ ଖଟୁଲିରେ ଥୁଆ ହୋଇଥାଏ । ଯେଉଁ କେତେଜଣ ଅଭିନୟ ସହିତ ସଂପୃକ୍ତ ସେଇମାନଙ୍କୁ ଛାଡ଼ି ଅନ୍ୟମାନଙ୍କୁ ମଣିକୂଟରେ ପ୍ରବେଶ ନିଷେଧ । 'ନାମଘର'ର ଯୋଡ଼ିଏ ପାର୍ଶ୍ୱ । ମଣିକୂଟ ପାଖଟି 'ଅଧିକାର' ବା ପୁରୋହିତ ପାଇଁ ଯେ ଅଭିନୟରେ ସଭାପତିତ୍ୱ କରନ୍ତି, ଏବଂ ବ୍ରାହ୍ମଣମାନଙ୍କ ପାଇଁ । ଅନ୍ୟ ପାଖଟି ଅଭିନେତାଙ୍କ ପାଇଁ । ପ୍ରବେଶଦ୍ୱାରକୁ ଲାଗି ଦର୍ଶକମାନଙ୍କ ରଙ୍ଗମଣ୍ଡପ ଯେଉଁଠି ଦର୍ଶକମାନେ ମସିଣା ବା ଖାଲି ଭୂଇଁରେ ବସନ୍ତି । ପ୍ରକୋଷ୍ଠଟିରେ ଦୁଇଧାଡ଼ି ଖୁଣ୍ଟ । ଯାହାପାଖରେ ବିଶିଷ୍ଟ ଅତିଥିପାଇଁ ଆସନ । ଦୁଇଟି ଧାଡ଼ି ମଧ୍ୟରେ ଥିବା ସ୍ଥାନଟି ହେଲା ମଞ୍ଚ ବା ରଙ୍ଗଭୂମି ଯାହାର ଉଚ୍ଚ ପ୍ଲାଟ୍‌ଫର୍ମ ନାହିଁ । ବାଦ୍ୟଯନ୍ତ୍ରୀଗଣ ଏବଂ ଅଭିନେତାମାନେ ମଞ୍ଚକୁ ଘେରି ବସନ୍ତି । ମଞ୍ଚପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ, ଅର୍କପୋରକୁ ଛାଡ଼ି । ଏଇଟି ଏକ ଧଳା ପରଦା ଯାହା ମୁଖ୍ୟ ଅଭିନେତାମାନେ ଶୋ

Digitized by srujanika@gmail.com

ଘରରୁ ବା ଛଦ୍ମଘରୁ ବାହାରିଆସିଲେ ବ୍ୟବହାର କରିଥାନ୍ତି । ଏହି ଛଦ୍ମଗୃହ 'ନାମଘର' ପାଖରେ ଅବସ୍ଥିତ । ସବୁ ଅଭିନେତା ଏକ ସମୟରେ ମଞ୍ଚକୁ ଆସନ୍ତି ନାହିଁ । ସେମାନେ ଶୋ ଘରରେ ଅପେକ୍ଷା କରନ୍ତି । ଯେତେବେଳେ ତାଙ୍କ ପାଳିପଡ଼େ, ସେମାନଙ୍କୁ ସୂତ୍ରଧାର ଡାକିଦିଏ । ବେଳେ ବେଳେ ତାଙ୍କ ବକ୍ତବ୍ୟ କୌଣସି ଦୃଶ୍ୟରେ ସରିଗଲେ ମଧ୍ୟ ସେମାନେ ମଞ୍ଚ ପରିତ୍ୟାଗ କରନ୍ତି ନାହିଁ; ଗୀତ, ବାଦ୍ୟକାରଙ୍କ ସହିତ ବସିଯାନ୍ତି, ମଞ୍ଚରେ ତାଙ୍କର ପରବର୍ତ୍ତୀ ଆବିର୍ଭାବ ପର୍ଯ୍ୟନ୍ତ ।

ଅସମୀୟା ଭାଷାରେ ଅଭିନେତାଙ୍କୁ ସାଧାରଣତଃ 'ଭାବରିଆ' କୁହାଯାଏ । କାରଣ ସେମାନେ ଭାବ ଉଦ୍ରେକ କରନ୍ତି ଦର୍ଶକଙ୍କ ମନରେ । ଯେଉଁମାନେ ନାଟ୍ୟ ଅଭିନେତା ସେମାନଙ୍କୁ ନର୍ତ୍ତକ, ନାଟୁଆ ବା ନଟ କୁହାଯାଏ । ଯେଉଁମାନେ ବାଦ୍ୟ ବଜାନ୍ତି, ସେମାନଙ୍କୁ ଗାୟନ ବା ଗାୟକ କୁହାଯାଏ: ଯେଉଁମାନେ ଯନ୍ତ୍ର ସାହାଯ୍ୟରେ ସଂଗୀତ ଯୋଗାନ୍ତି ସେମାନେ ବାୟନ, ବା ବାୟକ ନାମରେ ଅଭିହିତ ।

ଆଜିକାଲି ପରି ସେକାଳରେ ପେଷାଦାର ଅଭିନେତା ନ ଥିଲେ । ସେମାନଙ୍କୁ ଗାଁଗହଳିରୁ ସଂଗ୍ରହ କରାଯାଉଥିଲା । ଅସମୀୟା ଅଭିନୟ ତେଣୁ ସଉଖୀନ ଅଭିନୟ । ରାମ ଓ କୃଷ୍ଣଙ୍କ ପରି ମୁଖ୍ୟ ଚରିତ୍ର ଏବଂ ତାଙ୍କ ସଙ୍ଗୀ-ସଙ୍ଗୀନି ଚରିତ୍ର ଉଚ୍ଚଜାତିର ସୁନ୍ଦର ସୁଦର୍ଶନ ଟୋକାମାନଙ୍କୁ ଅଭିନୟ କରିବାକୁ ଦିଆଯାଉଥିଲା । କାରଣ ସେମାନେ ଅନ୍ୟାନ୍ୟ ଅଭିନେତା ଓ ଦର୍ଶକମାନଙ୍କଠାରୁ ସମ୍ମାନ ପାଉଥିଲେ । ଏହି ଅଭିନେତାମାନେ 'ଭାବନା' ଉପସ୍ଥାପିତ କରିବା ପୂର୍ବରୁ ଉପବାସ ପାଳନ କରୁଥିଲେ । ନାରୀ ଚରିତ୍ରର ଅଭିନୟ ସାଧାରଣତଃ ଝିଅଙ୍କପରି ଚେହେରା ଥିବା ଟୋକାମାନେ କରୁଥିଲେ ।

କିନ୍ତୁ ଏକଥା ମନେରଖିବାକୁ ହେବ ଯେ ପୂର୍ବେ ସଂସ୍କୃତ ରଙ୍ଗମଞ୍ଚରେ ଅଭିନେତାମାନଙ୍କର ଯେପରି ଦୁର୍ନାମ ବା ବଦନାମ ଥିଲା ଅସମୀୟା 'ଭାବନା' ରେ ତାହା କଦାପି ନ ଥିଲା । ପ୍ରଜ୍ଞାବାନ, ସଂସ୍କୃତିମନ୍ତ, ମର୍ଯ୍ୟାଦାସମ୍ପନ୍ନ ଏପରିକି ଉଚ୍ଚ ସାମାଜିକ ଧର୍ମପରାୟଣ, ରାଜନୈତିକ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଅସମୀୟା 'ଭାବନା'ରେ ସମ୍ମାନ ବା ଗୌରବ ନ ହରାଇ ଅଭିନେତା ହେଉଥିଲେ ।

ଯେତେବେଳେ 'ଅଧିକାର' ଅଭିନୟ କାଳରେ ଉପସ୍ଥିତ ଥିଲେ, ସେ 'ପ୍ରେକ୍ଷାପତି' ହେଉଥିଲେ ଏବଂ ଦର୍ଶକ ତଥା ଅଭିନେତା ଏବଂ ସଭାପତିଙ୍କଠାରୁ ସମ୍ମାନ ପାଉଥିଲେ । ଦର୍ଶକମାନଙ୍କୁ 'ସଭାସଦ୍' ବା 'ସାମାଜିକ' ବୋଲି ସମ୍ବୋଧନ କରାଯାଉଥିଲା । ଅଭିନେତାମାନଙ୍କ ସ୍ୱତନ୍ତ୍ର ପ୍ରକାର ପୋଷାକ ପରିଚ୍ଛଦ ଥିଲା । ଏସବୁ 'ଖନିକାର' ଘରେ ସାଇତି ରଖାଯାଉଥିଲା । 'ଖନିକାର' ହେଲା ବେଶକାରୀ; କିନ୍ତୁ ତାର ବୃତ୍ତି ହେଲା କାଠ ଓ ମାଟିର ମୂର୍ତ୍ତି ନିର୍ମାଣ । ତାର ସାହାଯ୍ୟ ଅଭିନେତାଙ୍କ ପକ୍ଷରେ ଅପରିହାର୍ଯ୍ୟ । ପୂଜାପାଇଁ

Digitized by srujanika@gmail.com

ସେ ଭଗବାନଙ୍କ ମୂର୍ତ୍ତିମେଢ଼ ଏବଂ କୁଶପୁତ୍ତଳିକା ଓ ମୁଖା ତିଆରି କରେ । ଭିନ୍ନ ଭିନ୍ନ ଅଭିନୟ ପାଇଁ ଆବଶ୍ୟକ ପଡୁଥିବା ପୋଷାକ ପ୍ରସ୍ତୁତ କରେ ଏବଂ ଖଣ୍ଡା, ଢାଲ, ଧନୁତୀର, ଚକ୍ର, ଗଦା ଆଦି ଯୁଦ୍ଧର ହାତ ହତିଆର ତିଆରି କରେ । ଗ୍ରୀନ ରୁମ୍‌ରେ ଅଭିନେତାମାନଙ୍କର ଚେହେରା ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ଏବଂ 'ଆରିଆ' ଓ 'ମତା' ବା ମଶାଲ୍ ଯୋଗାଏ ରାତି ଅଭିନୟ ବେଳେ । ଖନିକାର ବା ମୁଖାପ୍ରସ୍ତୁତକାରୀ ବିବିଧ ଗୁଣର ଅଧିକାରୀ ଏବଂ ତାର ସାହାଯ୍ୟ ସହାୟତା ମଞ୍ଚର ବାହାରେ ଲୋଡ଼ା ଦ୍ରବ୍ୟମାନଙ୍କ ସଂଗ୍ରହଭାର ତାରି ଉପରେ । କଳାପ୍ରେରଣା ଓ କାରିଗରୀ ସେ ପୁରୁଷାନୁକ୍ରମ ସଞ୍ଚିତ ଜ୍ଞାନ ଓ ଅଭିଜ୍ଞତାରୁ ପାଇଥାଏ । ତାର କଳ୍ପନାଶକ୍ତି ଯଥେଷ୍ଟ ଥିବା ଦରକାର, ଯାହାଦ୍ୱାରା ସେ କିମ୍ଭୂତକିମାକାର ତଥା ଆଶ୍ଚର୍ଯ୍ୟଜନକ ଜୀବନ୍ତ ଆକାର ପ୍ରକାରର ମୁଖା କରିପାରିବ । ସେ ସବୁକୁ ଯଥାରୀତି ତିଆରି କରିବା ପାଇଁ ଅବିକଳ ମାନୁଷୀ ଚେହେରାର, ପ୍ରାଣୀ ଜଗତର ଆଚରଣ ତଥା ନାଟକାଭିନୟର ଆବଶ୍ୟକତା ସବୁ ଭଲଭାବରେ ଜଣାଥିବ ।

ମୁଖା ଛଡ଼ା ଚରିତ୍ରମାନଙ୍କର ଚେହେରା ଓ ପୋଷାକପତ୍ର ଖୁବ୍ ସାବଧାନତା ସହ ରଙ୍ଗ ଓ ଧରଣ ନେଇ ସଜାଇବାକୁ ହୁଏ । ସୂତ୍ରଧର ଆଣ୍ଠୁପର୍ଯ୍ୟନ୍ତ ଲମ୍ବିଥିବା ଘୁରୀଟିଏ ପିନ୍ଧେ, ଯାହାର ଫିତା, ବୋତାମ ଓସାରିଆ, ତା ଉପରେ ଫତୁଆ ଯାହାର ହାତ ନାହିଁ ଏବଂ ରଙ୍ଗବେରଙ୍ଗ କରଧନି ବା ଅଣ୍ଟାଫିତା । ସେ ଏକ ବିଶିଷ୍ଟ ଧରଣର ପାଗ ମୁଣ୍ଡରେ ଭିଡ଼ିଥାଏ । ଗାୟନ-ବାୟନ ଦଳର ପୋଷାକ ମଧ୍ୟ ସୂତ୍ରଧର ପୋଷାକସଦୃଶ । କିନ୍ତୁ ସାଦାସିଧା ଏବଂ ଅଳ୍ପଦାମିକା । ଅନ୍ୟ ପୁରୁଷ ଚରିତ୍ରମାନେ ଧୋତି ପିନ୍ଧନ୍ତି ଯାହା ଆଣ୍ଠୁଯାଏ ଲମ୍ବିଯାଏ ଏବଂ ଅଣ୍ଟା-ଫିତା ଯେଉଁ ଚରିତ୍ର ପୋଷାକଟି ପିନ୍ଧେ ତାର ପାହିଆ ଅନୁସାରେ ରଙ୍ଗ ଓ ଜରି କାମ ହୁଏ । ସ୍ତ୍ରୀ ଚରିତ୍ରମାନଙ୍କ ପାଇଁ ପୋଷାକ ଖୁବ୍ ସାବଧାନତାର ସହିତ ବଛାଯାଏ । ସେମାନଙ୍କ ପ୍ରଧାନ ପୋଷାକଟି ମେଖଳା, ରିହା (ଛାତିକନା) ଏବଂ ଗ୍ୱଦର ବା ଶାଲ । ସେମାନେ ପ୍ରଚୁର ଗହଣା ନାଆନ୍ତି ଯଦିଓ ସେସବୁ ଚକଚକିଆ ଅଳ୍ପଦାମିଆ ।

ଅଭିନେତାମାନେ ଚେହେରା ଆଣିବାପାଇଁ ରଙ୍ଗ ବ୍ୟବହାର କରନ୍ତି, ଅବଶ୍ୟ ତାଙ୍କ ରୋଲ୍ ଅନୁଯାୟୀ । ଆଖିଦୃଶିଆ କରିବାପାଇଁ ହିଙ୍ଗୁଳ, ହରିତାଳ ବ୍ୟବହାର କରାଯାଏ । ବିଭିନ୍ନରଙ୍ଗ ସବୁ ଗୋଟିକିଆ ବା ମିଶାମିଶି କରି ବ୍ୟବହାର କରିବାର ପରମ୍ପରାଗତ ଅର୍ଥ ରହିଛି । ଉଦାହରଣ ସ୍ୱରୂପ, କିରୀଟ ବୋଲାଯାଉଥିବା ଲମ୍ବ ମୁଣ୍ଡ ପୋଷାକରେ କୃଷ୍ଣ ଶ୍ୟାମଳରଙ୍ଗ ନେଇଥାନ୍ତି । ବ୍ରାହ୍ମଣ ବା ସନ୍ୟାସୀ ଧଳାରଙ୍ଗ, ହିଂସ୍ର ବା ନାରକୀୟ ଚରିତ୍ର ଲାଲରଙ୍ଗ ଏବଂ ଦୈତ୍ୟ କଳାରଙ୍ଗ ।

କୁଶପୁତ୍ତଳିକା ବା ମୁଖା ଆସାମରେ ପ୍ରାୟ ବ୍ୟବହୃତ ହେଉଥିଲା, ବିଶେଷତଃ ଲୋକନୃତ୍ୟରେ; ଶଙ୍କରଦେବଙ୍କ ନାଟକ ପ୍ରବର୍ତ୍ତନର ପୂର୍ବେ । ଶଙ୍କରଦେବ ଏବଂ ତାଙ୍କ ସାଥୀମାନେ ମଞ୍ଚସ୍ଥ କରିଥିବା 'ଚିହ୍ନ ଯାତ୍ରା'ରେ ଏହାର ଉଲ୍ଲେଖ ଅଛି । ସେଠି ବିଷ୍ଣୁଙ୍କ

Digitized by srujanika@gmail.com

ବାହନ ଗରୁଡ଼ ମୁଖା ପିନ୍ଧିଥିଲା । ଅସମୀୟା 'ଭାବନା'ରେ ତିନି ପ୍ରକାରର ମୁଖା ବ୍ୟବହୃତ ହେଉଥିଲା । (୧) କୁତ୍ସିତ ବା ଜଘନ୍ୟ ଚରିତ୍ର ପାଇଁ, ଯଥା ରାକ୍ଷସ ରାଜା ରାବଣ, ତାର ଭାଇ କୁମ୍ଭକର୍ଣ୍ଣ, ମୃତ୍ୟୁଦେବତା ଯମ, ହନୁମାନ ଇତ୍ୟାଦି । (୨) ବିଭିନ୍ନ ପଶୁ ଚରିତ୍ରପାଇଁ ଯଥା ଗରୁଡ଼, କାଳୀୟ ସର୍ପ, ବରାହ, ମର୍କଟ ଏବଂ ଜଟାୟୁ ପକ୍ଷୀ (୩) ବିଦୂଷକ, ଭାଣ୍ଡ ହାସ୍ୟରସ ସୃଷ୍ଟିକାରୀ ଚରିତ୍ରଙ୍କ ମୁଖା ।

ଯେଉଁ ମୁଖା ଉଭୟ ମୁହଁ ଓ ମୁଣ୍ଡକୁ ଘୋଡ଼ାଏ ସେହି ମୁଖା ପ୍ରାୟତଃ ବ୍ୟବହାର ହୁଏ । କିନ୍ତୁ ଅନେକ ଅଭିନୟରେ ଜୀବନ୍ତ ଆକାରର ମୁଖା ଅପରିହାର୍ଯ୍ୟ, ଯଥା -- ରାବଣବଧ, କାଳୀୟଦଳନ, ଓ 'ଶ୍ୟାମନ୍ତ ହରଣ' । 'ରାବଣ ବଧ ଭାବନା'ରେ ପୁରା ଜୀବନ୍ତ ଆକାରର ଦଶମୁଣ୍ଡ ଏବଂ ଶହେ ହାତଥିବା ମୁଖା ରାବଣ ବ୍ୟବହାର କରେ । କୁମ୍ଭକର୍ଣ୍ଣ, ହନୁମାନ ମଧ୍ୟ ଯେ ଯାହା ଉପଯୋଗୀ ମୁଖା ବ୍ୟବହାର କରିଥାନ୍ତି । 'କାଳୀୟ ଦଳନ' ଓ 'ଶ୍ୟାମନ୍ତ ହରଣ'ରେ କାଳୀୟନାଗ ଏବଂ ଭଲ୍ଲୁକରାଜ ଜାମ୍ବୁବନ୍ତ ଜୀବନ୍ତ ସାଇଜର ମୁଖା ବ୍ୟବହାର କରିଥିଲେ । କୃଷ୍ଣ ସେମାନଙ୍କ ସାଙ୍ଗରେ ଯୁଦ୍ଧରେ ଯୋଗଦେଇ 'ଶ୍ୟାମନ୍ତ'ମଣି ଉଦ୍ଧାର କରିଥିଲେ ।

ହାଲୁକା ଓଜନପାଇଁ ମୁଖା ପିନ୍ଧି ଚଳପ୍ରଚଳର ସୁବିଧାପାଇଁ ବଡ଼ଧରଣର ମୋଟାମୋଟି ଚିରା ବାଉଁଶ ଓ କନା ବ୍ୟବହୃତ ହେଉଥିଲା । ବିଦୂଷକମାନେ କାଦୁଅ, କନା, ମୋଟାକାଗଜ ଏବଂ ଗଛର ଛେଲିରେ ପ୍ରସ୍ତୁତ ଛୋଟ ମୁଖା ବ୍ୟବହାର କରୁଥିଲେ । ସାମୟିକ ବ୍ୟବହାର ପାଇଁ କଦଳୀ ଗଛର ବାହୁଙ୍ଗା ବ୍ୟବହୃତ ହେଉଥିଲା । ଶିରସ୍ତ୍ରାଣ ଏବଂ ଶରୀର ଉପରିଭାଗର ଯଥା ମୁହଁ ମୁଣ୍ଡ ପାଇଁ ମୁଖା ସବୁ କାଠ ବା ଟାଣୁଆ ଗଛ ଛେଲିରୁ ତିଆରି ହେଉଥିଲା ।

ଅନେକସମୟରେ 'ଭାବନା' ଅଭିନୟର ସମୟ ହେଲା ସଞ୍ଜବେଳେ ଏବଂ ସାରାରାତି ଧରି ଗ୍ଭଲୁଥିଲା । କେବେ କେମିତି ଉପରବେଳା ଆରମ୍ଭ ହୁଏ ଏବଂ ରାତି ପର୍ଯ୍ୟନ୍ତ ଗ୍ଭଲେ । ମାଧବଦେବଙ୍କ 'ଗ୍ଭେରଧରା', 'ପିମ୍ପରାଗୁଚ୍ଛୋଭା' ପରି ଅଳ୍ପ ସମୟ ଭିତରେ ଅଭିନୟ ହୋଇପାରୁଥିବା ନାଟକ ରାତିହେବା ପୂର୍ବରୁ ସରିଯାଏ । କୌଣସି ନାଟକ ନିଶାର୍ଦ୍ଧ ପରେ ଅଭିନୀତ ହୁଏ ନାହିଁ । ତା'ଛଡ଼ା 'ଭାବନା' ସବୁ ମାଘରୁ ବୈଶାଖ ଯାଏ ଶୀତଦିନରେ ଅଭିନୀତ ହୋଇଥାଏ । ସେତେବେଳକୁ ଧାନକଟା ସରିଯାଇଥାଏ ଏବଂ ହଳକାମ, ବୁଣାବୁଣି ଆରମ୍ଭ ହୋଇ ନ ଥାଏ । ଏହି ସମୟରେ ବିଲ କାମରୁ ଗ୍ରାମବାସୀମାନେ ମୁକ୍ତ ଥାନ୍ତି । ପର୍ବପର୍ବାଣୀ ପଡ଼ିଲେ କେତେଜଣ ଗ୍ରାମବାସୀ ଏକତ୍ରହୋଇ ବହୁ ଦିନ ଧରି ଦିନରାତି ନାଟକ ପରେ ନାଟକ ଅଭିନୟ କରିଥାନ୍ତି । ସେ ନାଟକକୁ କହନ୍ତି 'ବାରଖେଲିଆ', 'ଭାବନା' ଅର୍ଥାତ୍ ଯେଉଁ ଭାବନାସବୁ ଅନେକ 'ଖେଲ' ବା ଦଳ ମଞ୍ଚସ୍ଥ କରିଥାନ୍ତି ।

Digitized by srujanika@gmail.com

ନୂତନ ନୂତନ କଳାକୁଶଳ ଏକତ୍ର କରି ଏକ ନୂଆ ସମ୍ମିଳିତ ପ୍ରକାଶ ଘଟିଥିବା ଏହି ଅଭିନବ ବିଭବଟି ଅସମୀୟା ସାହିତ୍ୟ କ୍ଷେତ୍ରରେ ଏକ ଲକ୍ଷଣୀୟ ଘଟଣା । 'ଅଙ୍କିଆ ନାଟ'ରେ ଧର୍ମ ତଥା ସମାଜର ପ୍ରଭୂତ ପ୍ରଭାବ ରହିଥିଲେ ହେଁ ସେଥିରେ ମାଟିର ନୃତ୍ୟ ପରମ୍ପରା ସହିତ ନାଟକର ରୀତି ପରମ୍ପରା ଓ ନୃତ୍ୟ ଏବଂ ଭାରତୀୟ କଳା-କୃତିର ଅଂଶ ସମ୍ମିଶ୍ରିତ କରିପାରିଛି ।

ଏହା ସତ ଯେ ବୈଷ୍ଣବ ଆନ୍ଦୋଳନ ଅସମୀୟା ସାହିତ୍ୟର ବିଭିନ୍ନ ଦିଗରେ ଉନ୍ନତି ଓ ପ୍ରଗତିର ପ୍ରଭୂତ ପ୍ରେରଣା ଦେଇଛି; କିନ୍ତୁ ଶଙ୍କରଦେବଙ୍କ ବ୍ୟକ୍ତିତ୍ୱ ଏବଂ ପ୍ରତିଭା ଏହାକୁ ଏକ ବେଶ୍ ବେଗବାନ୍ ଓ ଗତିଶୀଳ କରିଛି । ଶଙ୍କରଦେବ ସ୍ୱୟଂ ସମକାଳୀନ ଲେଖକମାନଙ୍କୁ ଅସୀମ ପ୍ରେରଣା ଦେଇଛନ୍ତି । ତାଙ୍କ ଅନୁରକ୍ତ ଶିଷ୍ୟ ମାଧବଦେବ -- ସେ ସମୟର ସାହିତ୍ୟାକାଶର ଅନ୍ୟ ଏକ ଜ୍ୟୋତିଷ୍କ -- ଗୁରୁ ଶଙ୍କରଦେବଙ୍କ ଇଙ୍ଗିତ ପାଇ ଗୀତି ଓ ନାଟକ କରିଥିଲେ । ଯେଉଁ ଘଟଣାଚକ୍ରରେ ମାଧବଦେବ ନାମଘୋଷ ବା ହଜାରିଘୋଷାରେ ଦାର୍ଶନିକ କବିତା ସବୁ ଲେଖିଥିଲେ ତାହା 'କଥାଗୁରୁଚରିତ୍ର'ରେ ବର୍ଣ୍ଣିତ ହୋଇଛି । ମାଧବଦେବ ବିଷ୍ଣୁପୁରୀ ସନ୍ନ୍ୟାସୀଙ୍କ 'ଭକ୍ତି ରତ୍ନାବଳୀ' ଅନୁବାଦ କରିଥିଲେ ଏବଂ 'କାବ୍ୟ ରାଜସୂୟ' ଶଙ୍କରଦେବଙ୍କ ଅନୁରୋଧରେ ରଚନା କରିଥିଲେ । କୁହାଯାଇଥାଏ ଯେ ଶଙ୍କରଦେବ ନିଜ ଶିଷ୍ୟକୁ ସମ୍ମାନଦେବା ଉଦ୍ଦେଶ୍ୟରେ ଉଭୟ 'ନାମଘୋଷା' ଏବଂ 'ଭକ୍ତିରତ୍ନାବଳି'ରେ ପ୍ରଥମ ପଦଟି ମାଧବଦେବ ଲେଖିଥିଲେ । ରାମ ସରସ୍ୱତୀ ନାମକ ତଦାନୀନ୍ତନ ଅନ୍ୟଜଣେ ବିପୁଳ ରଚନାର ଅଧିକାରୀ ମଧ୍ୟ ଶଙ୍କରଦେବଙ୍କ ଅନୁରୋଧରେ 'ମହାଭାରତ'ର ଅନୁବାଦ କରିଥିଲେ । ଶଙ୍କରଦେବଙ୍କଠାରେ ତାଙ୍କର ଋଣ ବହୁତ । 'ଭାଗବତପୁରାଣ'ର ଦଶମ ସ୍କନ୍ଧର କିଛି ଅଧ୍ୟାୟର ଅନୁବାଦ ସଂକ୍ରାନ୍ତରେ ବ୍ରାହ୍ମଣ ଅନନ୍ତ କନ୍ଦଳୀ ଏକ ଚିତ୍ତାକର୍ଷକ ଗଳ୍ପ କହିଛନ୍ତି । ଏକ ସ୍ୱପ୍ନରେ ଅନନ୍ତ କନ୍ଦଳୀଙ୍କୁ ଶଙ୍କରଙ୍କ ଉଚ୍ଛିଷ୍ଟ ଖାଇବା ପାଇଁ ଆଦେଶ ହେଲା । ବ୍ରାହ୍ମଣ ଯେତେବେଳେ ଶଙ୍କରଙ୍କୁ ତାହା ମାଗିଲେ ଶଙ୍କର ଦେବାକୁ ଅମଙ୍ଗ ହେଲେ । ପରିବର୍ତ୍ତରେ ଅନନ୍ତ କନ୍ଦଳୀକୁ ଭାଗବତ ପୁରାଣର ଦଶମ ସ୍କନ୍ଧ ଅନୁବାଦ କରିବାକୁ କହିଲେ, ଯାହାର ଅନୁବାଦ ଶଙ୍କର ନିଜେ ପୂର୍ବେ କରିଥିଲେ । ଅନ୍ୟସବୁ କବିଗଣ ଯେଉଁମାନେ ଭାଗବତର ବିଭିନ୍ନ ସ୍କନ୍ଧମାନ ଅନୁବାଦ କରିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ସିଧାସିଧି ବରାଦ କରିଥିଲେ ବା ତାଙ୍କ ନିକଟତମ ଶିଷ୍ୟମାନଙ୍କଦ୍ୱାରା ଅନୁପ୍ରାଣିତ ହୋଇ କରିଥିଲେ ।

ଯେତିକି ପୂର୍ବରୁ କୁହାଯାଇଛି ତା ଉପରେ ଦେବଙ୍କ ରଚନାର ପ୍ରଧାନ ଉଦ୍ଦେଶ୍ୟ ସ୍ୱତନ୍ତ୍ରଭାବେ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ତାଙ୍କ ସାହିତ୍ୟ ଯେ ଧର୍ମ ଉଦ୍ଦେଶ୍ୟରେ ଏବଂ ବୈଷ୍ଣବ ଆନ୍ଦୋଳନର ଅଗ୍ରଗତି ପାଇଁ ଉଦ୍ଦିଷ୍ଟ ଥିଲା ସେଥିରେ ଦ୍ୱିରୁକ୍ତି ନାହିଁ । ରୂପ, ରସ, ରଙ୍ଗରେ ଏହା ଧର୍ମପ୍ରାଣ ସାହିତ୍ୟ; ତେଣୁ କେତେଗୁଡ଼ିଏ ସୀମାରେଖା ମଧ୍ୟରେ

Digitized by srujanika@gmail.com

ରହିବ । ଧର୍ମ ଓ ନୀତି ଯେଣୁ ଅଲଗା ଅଲଗା କରାଯାଇପାରିବ ନାହିଁ ତେଣୁ ତାଙ୍କ ରଚନା ସ୍ୱତଃ ଧର୍ମର ନୀତିଦିଗରେ ଯୋର ଦେଇଛି । ଅନେକସ୍ଥଳରେ ଶଙ୍କରଦେବ ମହାକାବ୍ୟ ଓ ପୁରାଣରୁ ଉପଯୁକ୍ତ ଉଦାହରଣ ନେଇ ସତ୍ୟ, ଦୟା, କୃପା, ଦାନ, ଅହିଂସା, କ୍ଷମା, ଧୃତି, ଅନସୂୟତା, ଶ୍ରଦ୍ଧା ଏବଂ ଦମ ଗୁଣ ଉପରେ ଜୋର୍ ଦେଇଛନ୍ତି । ଯେଉଁ ଦୁର୍ଗୁଣ ସବୁ ଦୁଃଖ ଏବଂ ଧ୍ୱଂସଆଡକୁ ଆମକୁ ଟାଣିନିଏ, ସେ ସବୁକୁ ସେ ନିର୍ଦ୍ଧାରଣ କରିଛନ୍ତି । ସେ ସବୁ ହେଲେ କାମ, କ୍ରୋଧ, ଲୋଭ, ମଦ ଏବଂ ମାତ୍ସର୍ଯ୍ୟ । ଧର୍ମ ଓ ନୀତିଦ୍ୱାରା ଭାରାକ୍ରାନ୍ତ ହେଲେ ମଧ୍ୟ ପ୍ରାଣମୟ, ଅଗ୍ନିମୟ ହିତକର ବାଣୀ ସବୁମଣିଷର ହୃଦତନ୍ତ୍ରୀକୁ ସ୍ପର୍ଶ କରିଥାଏ । ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ପ୍ରକୃତ ଧର୍ମର ଅଭିବ୍ୟକ୍ତି ରହିଛି, ଯାହା ଯୁଗେ ଯୁଗେ ମଣିଷର ଧର୍ମ ।

ଆମେ ଲକ୍ଷ୍ୟ କରିସାରିଛୁଁ, କିପରି ଶଙ୍କରଦେବଙ୍କ କୃତିମାନଙ୍କରେ ପ୍ରକୃତିର ସ୍ଥାନ ରହିଛି । ପ୍ରକୃତପକ୍ଷରେ ତାଙ୍କର ସମୁଜ୍ଜ୍ୱଳ ପ୍ରକୃତି ବର୍ଣ୍ଣନାସମୂହ ଧର୍ମସଂକ୍ରାନ୍ତ ପ୍ରସ୍ତର ଖଣ୍ଡକୁ ମୂଲ୍ୟବାନ୍ ମଣିରେ ପରିଣତ କରିଦେଇଛି । ଯେଉଁ ନଦନଦୀ, ସମୁଦ୍ର, ଉପବନ, ଅରଣ୍ୟାନି ଏବଂ ପର୍ବତର ଦୃଶ୍ୟରାଜି ମଧ୍ୟରେ ସେ ଦୀର୍ଘ ସମୟ ଆନନ୍ଦାପ୍ଳୁତ ହୋଇ ଅତିବାହିତ କରୁଥିଲେ, ସେସବୁ ଦୃଶ୍ୟ ଯିମିତି ଆକାରରେ ତାଙ୍କ ଆଗକୁ ଆସୁଥିଲେ ସେମିତି ସେ ଉପସ୍ଥାପିତ କରୁଥିଲେ ଏବଂ ନିଜ ଅନୁଭବ ଭାବନା ସେ ଭିତରକୁ ପ୍ରବେଶ କରାଉନଥିଲେ । କୌଣସି ଆଧ୍ୟାତ୍ମିକ ଧାରଣା ତା ଭିତରେ ଖୋଜିବାର ଚେଷ୍ଟା ନ କଲେ ମଧ୍ୟ ସେ ଜେରାଲ୍ଡ ମେନ୍‌ଲି ହପ୍‌କିନ୍‌ସ୍‌ଙ୍କ ପରି ପ୍ରକୃତିର ପ୍ରତିଟି ସୌନ୍ଦର୍ଯ୍ୟରେ ଭଗବାନଙ୍କ ମହିମା ଉପଲବ୍ଧି କରିପାରୁଥିଲେ । 'ହରମୋହନ'ରେ ଦିବ୍ୟ ଉପବନର ବର୍ଣ୍ଣନା ବା 'ଗଜେନ୍ଦ୍ର ଉପାଖ୍ୟାନ'ରେ ଚିତ୍ରକୂଟର ବର୍ଣ୍ଣନା ଏ ସମ୍ପର୍କରେ ଉଦାହରଣ ଯୋଗାଇବ । ପ୍ରତିଟି ଦୃଶ୍ୟ ଗ୍ରନ୍ଥକାରଙ୍କ ପ୍ରକୃତି ପ୍ରୀତି ଓ ସ୍ପର୍ଶକାତର ଦୃଷ୍ଟିଶକ୍ତି ପ୍ରମାଣ କରେ ଏବଂ ବିସ୍ତୀର୍ଣ୍ଣ ସ୍ଥଳଭାଗର ଦୃଶ୍ୟ ଉପସ୍ଥାପିତ କରେ ।

ସାହିତ୍ୟର ରୀତିନୀତି କ୍ଷେତ୍ରରେ ଶଙ୍କରଦେବ ସଂସ୍କୃତ ଆଳଙ୍କାରିକଙ୍କ ଅନୁରାଗୀ ଥିଲେ ଏବଂ ରୀତିଯୁଗର ପରମ୍ପରା ଅନୁସରଣ କରିଥିଲେ । ତାଙ୍କ କବିତାର ରୂପକଳ୍ପ, ଭାବନା, ଓ ପରିପ୍ରକାଶ ପ୍ରାଚୀନ ସଂସ୍କୃତ କବିମାନଙ୍କଠାରୁ ଗୃହୀତ ହୋଇଥିଲା । ଉଦାହରଣ ସ୍ୱରୂପ, ନାରୀର ତରଳଚଞ୍ଚଳ ଦେହଲତାକୁ ବିଜୁଳିରେଖା ବା ତପ୍ତସ୍ୱର୍ଣ୍ଣ ସହିତ, ଜାନୁକୁ କରିକର ବା ରମ୍ଭାତରୁ ସହିତ, କଣ୍ଠକୁ କମ୍ବୁ (ଶଙ୍ଖ) ସହିତ, ବାହୁକୁ ବଳିତ ଭୁଜଙ୍ଗ ବା ମୃଣାଳ ଦଣ୍ଡ ସହିତ, ଆଙ୍ଗୁଳିକୁ ଚମ୍ପାକଢ଼ି ବା କନକଶଳାକା ସହିତ, ଆଖିକୁ ପଦ୍ମପଳାଶ ସହିତ ବା ଚକୋଆ ସହିତ, ଭ୍ରୂଲତାକୁ କାମଦେବଙ୍କ ଧନୁ ସହିତ, କଟାକ୍ଷକୁ କାମର ଶର, ମୁହଁକୁ ଚନ୍ଦ୍ର, ନାକକୁ ତିଳପୁଷ୍ପ, ନାଲିଓଠକୁ ବନ୍ଧୁଲି ଫୁଲ ବା ପାଚିଲା ବିମ୍ବଫଳ, ଦନ୍ତପଂକ୍ତିକୁ ମୁକ୍ତାମାଳ ବା ଡାଳିମ୍ବବୀଜ, ସ୍ତନକୁ ବଦରି ଫଳ ବା କୁମ୍ଭ, ଗତିକୁ ରାଜହଂସ ବା କରୀ

Digitized by srujanika@gmail.com

ସହିତ ବା ମୃଗରାଜ ଗତି ସହିତ, କଣ୍ଠସ୍ୱରକୁ କୋକିଳ ଏବଂ ଏହିପରି ଶତଶତ ଏକାପ୍ରକାରର ଉପମା, ତୁଳନା । ଅଳଙ୍କାର ଭିତରେ ସେହିପରି ଯମକ ଯାହା ବିଭିନ୍ନ ଶବ୍ଦର ପ୍ରତିଧ୍ୱନି ଅନୁକରଣ କରେ ଏବଂ ସୁନ୍ଦର ଧ୍ୱନି ଉତ୍ପନ୍ନ କରି ଚମକ ଆଣିଦିଏ । ତହିଁର ପ୍ରଚୁର ବ୍ୟବହାର ତାଙ୍କ ରଚନାରେ ।

ଭାବଗୋଟିକୁ ଲକ୍ଷ୍ୟଇବାକୁ ହେଲେ ଅନେକ ସମୟରେ ଉପମା ବ୍ୟବହାର କରିବା ଏକ କୌଶଳ । କେବେ କିମିତିଗୁଡ଼ାଏ ଉପମା ଗୋଟିଏ ପଦରେ ବ୍ୟବହାର କରାଯାଇ ସେଇ ଗୋଟିଏ ଭାବ ବା କଥାକୁ ଭଲଭାବରେ ହୃଦୟଙ୍ଗମ କରିବାକୁ ଚେଷ୍ଟା କରାଯାଇଥାଏ । ରୁକ୍ମିଣୀଙ୍କୁ ବିଭାହେବାର ଯୋଗ୍ୟତା ଆଦୌ ନଥାଇ ଶିଶୁପାଳ ଯେତେବେଳେ ତାଙ୍କୁ ପାଇବାର ଅଭିଳାଷ କରୁଛି ସେତେବେଳେ କବି ଗୋଟାଏ ପରେ ଗୋଟାଏ ଦଶଟା ଉପମା ପ୍ରୟୋଗ କରିଛନ୍ତି, ସେଇ ଗୋଟାଏ କଥାକୁ ବୁଝାଇବାକୁ ।

"ଏହି ଶିଶୁପାଳ (ରୁକ୍ମିଣୀ କହୁଛନ୍ତି) ମୋତେ ବିଭାହେବା ପାଇଁ ଆସିଛି । ଏଥର ମୋ ଜୀବନ ଭଲଆଡ଼କୁ ଗତି କରିବ ଦେଖୁଛି । କେଉଁ ମୁହଁ ନେଇ ସେ ମୋତେ ବିଭାହେବାକୁ ଆସିଛି ? ଯିମିତି ଶିଆଳ ସିଂହକୁ ଖାଇବାକୁ ଚାହେଁ, ଶିଶୁଟିଏ ଚନ୍ଦ୍ରକୁ ହାତ ବଢ଼ାଇଲା ପରି, ବେଙ୍ଗ କୂଅରେ ଥାଇ ଅମୃତ ଖାଇବାକୁ ଚାହିଁଲାପରି, ଶିଶୁପାଳ ମୋତେ ଭୋଗ କରିବାକୁ ଚାହୁଁଛି । ଯଜ୍ଞବେଦୀରେ ଦିଆଯାଇଥିବା ଭୋଗକୁ କୁଆ ଖାଇବାକୁ ଚାହିଁଲା ପରି, ପତିତ ବ୍ରାହ୍ମଣଟିଏ ଦାନ ପାଇବାକୁ ଲୋଭ କଲାପରି, ବ୍ରହ୍ମହନ୍ତା ସ୍ୱର୍ଗପ୍ରାପ୍ତିର ଆଶା ରଖିଲା ପରି ରାଜା ଶିଶୁପାଳ ମୋ ଉପରେ ଆଖି ରଖିଛି । ସେ ଭାବୁଛି ରୁକ୍ମିଣୀର ସ୍ୱାମୀ ହେବ । କିନ୍ତୁ ତିନିଭୁବନର ରାଜା ମାଧବକୁ ଆଖି ବନ୍ଦ କରି ଶିଶୁପାଳକୁ ବରଣ କରିବ କିଏ ? କିଏ ସିଂହକୁ ଛାଡ଼ି ଘୁଷୁରିକୁ ଚାହିଁବ ? କ୍ଷୀର ଛାଡ଼ି କିଏ ମାଛଧୁଆ ପାଣି ପିଇବ ?"

ଅନ୍ୟାନ୍ୟ ଅଳଙ୍କାରଦ୍ୱାରା ମଧ୍ୟ ଶଙ୍କରଦେବଙ୍କ ରଚନା ସମୃଦ୍ଧ । ଜନସାଧାରଣଙ୍କ ମନକୁ ଛୁଇଁବା ପାଇଁ ତାଙ୍କ ଲେଖାର ଅନ୍ୟ ଲକ୍ଷଣୀୟ ହେଲା ପ୍ରବାଦର ପ୍ରଚୁର ପ୍ରୟୋଗ । ଛୋଟ ଛୋଟ ଚୁଟୁକି ଚୁଟୁକି ଉକ୍ତି ସବୁ ମାଟିର ମହକ ନେଇ ସାଧାରଣ ଜୀବନର ହିତକଥା ସାଧାରଣ ମଣିଷର ଜ୍ଞାନକୁ ପ୍ରସ୍ଫୁଟିତ କରେ ।

ଶଙ୍କରଦେବଙ୍କ ଲେଖାର ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଗତ ପାଞ୍ଚଶହ ବର୍ଷ ଧରି ଅସମୀୟା ଜନସାଧାରଣଙ୍କୁ ଆନନ୍ଦ, ପ୍ରେରଣା, ଆଶ୍ୱାସ ଏବଂ ଜ୍ଞାନ ପ୍ରଦାନ କରିଆସିଛି । ତାଙ୍କ ନିଜ ଯୁଗରେ ଶଙ୍କରାଚାର୍ଯ୍ୟଙ୍କୁ ଜଣେ ମହାକବି ବୋଲି ଅଭିହିତ କରାଯାଇଥିଲା ଏବଂ ତାଙ୍କ ରଚନାବଳିର ନୈପୁଣ୍ୟ କଷଟି ପଥର ରୂପେ ଏବଂ ଉତ୍କୃଷ୍ଟ ରଚନାର ମାନରୂପେ ବିବେଚିତ ହେଉଥିଲା । ପରବର୍ତ୍ତୀ କାଳରେ ଆମ୍ଭେମାନେ ଭାଷାସମ୍ପଦର ଯଥେଷ୍ଟ ଶ୍ରୀବୃଦ୍ଧି

Digitized by srujanika@gmail.com

ଘଟାଇଥିବାରୁ ତଥା ସାହିତ୍ୟର କଳ୍ପନା ପରିସରର ଆୟତନ ବୃଦ୍ଧିକରି କ୍ଲାସିକ୍ ସଂସ୍କୃତ ସାହିତ୍ୟର ସୌନ୍ଦର୍ଯ୍ୟ ଓ ଶିଳ୍ପର ଉନ୍ନତ ସ୍ତରକୁ ନେଇ ସେଥିରେ ସୁନ୍ଦର ଓ ଶିବର ମେଳ କରିଥିବାରୁ ସମ୍ମାନ ଦେଇଥାନ୍ତି । ମାଧବଦେବଙ୍କ ଭାଷାରେ "ପୂର୍ବେ ପ୍ରେମାମୃତର ଧାରା କେବଳ ସ୍ୱର୍ଗର ପରିସୀମାରେ ପ୍ରବାହିତ ହେଉଥିଲା । କିନ୍ତୁ ଶଙ୍କର ଆସି ସେ ବନ୍ଧ ଭାଙ୍ଗିଦେଲେ ଏବଂ ଗୃହୁଁ ଗୃହୁଁ ଆମର ଏଇ ମର୍ତ୍ତ୍ୟରେ ଉତ୍ତାଳ ରାତ୍ରିରେ ବୋହିବାକୁ ଲାଗିଲା ।" ଦିଗ୍‌ବଳୟ ବଦଳିଲା, ଆଦର୍ଶ ବଦଳିଲା ଏବଂ ନୂଆ ନୂଆ ସାହିତ୍ୟର ଆଙ୍ଗିକ ମଧ୍ୟ ବଦଳିଲା କିନ୍ତୁ ଶଙ୍କରଦେବଙ୍କ କୃତି ଆମ ସାଙ୍ଗରେ ରହି ଉଚ୍ଚାଙ୍ଗ କବିତାର ମାନ ଓ ମାପ ହୋଇ ରହିଗଲା । ଆଜି ମଧ୍ୟ ତାଙ୍କ ଏକାଙ୍କିକାମାନ ଅଭିନୀତ ହେଉଛି, ବରଗୀତ ମଧ୍ୟ ଗାନ ହେଉଛି ଏବଂ କାବ୍ୟମାନ ଉତ୍ସାହ ଉଦ୍ଦୀପନା ସହିତ ପଠିତ ହେଉଛି । ଆମର ସାଂସ୍କୃତିକ ଏବଂ ପରମାର୍ଥିକ ଜାତୀୟ ସଂପଦ ରୂପେ ସେ ସବୁ ସମ୍ପଦ ସାଇତି ରଖିଛୁ ।

ଅସମୀୟା ବୈଷ୍ଣବ ଆନ୍ଦୋଳନ ପରବର୍ତ୍ତୀ ଉଲ୍ଲେଖଯୋଗ୍ୟ ବ୍ୟକ୍ତି ଶଙ୍କରଦେବଙ୍କ ଶିଷ୍ୟ ମାଧବଦେବ । ଆସାମର ସାହିତ୍ୟାକାଶରେ ସେ ଏକ ଜାଜ୍ୱଲ୍ୟମାନ ଜ୍ୟୋତିଷ୍କ ରୂପରେ ପ୍ରତିଭାତ ହୋଇଥିଲେ । ଲକ୍ଷ୍ମୀପୁରର ଲେଟେକୁ ପୋଖରୀରେ ସେ ୧୯୪୨ ରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ ଶାକ୍ତ ଥିଲେ କିନ୍ତୁ ଶଙ୍କରଦେବଙ୍କ ସଂସ୍ପର୍ଶରେ ଆସିବାପରେ ସେ ତାଙ୍କ ଧର୍ମପ୍ରତି ପୁରାପୁରି ଟାଣି ହୋଇଯାଇଥିଲେ । ତା ପରଠୁ ମାଧବଦେବ ଶଙ୍କରଦେବଙ୍କ ଛାୟାସଦୃଶ ହୋଇ ରହିଲେ । ସେ ତାଙ୍କର ସବୁଠାରୁ ଗୁଣୀ ଏବଂ ବିଶ୍ୱସ୍ତ ଶିଷ୍ୟ । ତାଙ୍କର ଏହି ଧର୍ମାନ୍ତରୀକରଣ ଫଳରେ ବୈଷ୍ଣବଧର୍ମ ବହୁତ ପ୍ରେରଣା ପାଇଲା । କାରଣ ତାଙ୍କର ଚରିତ୍ରବତ୍ତା, ଅନନ୍ୟ ସାଧାରଣ ବୁଦ୍ଧିମତ୍ତା, ସାମାଜିକ ଧର୍ମ ସଂସ୍କାରକ ପକ୍ଷରେ ଏକାନ୍ତ ବାଞ୍ଛନୀୟ ଗୁଣ । ତତ୍କାଳୀନ ପାରମ୍ପରିକ ଶିକ୍ଷାରେ ପଟୁ ଥାଇ ସେ ସୁମଧୁର ଲଳିତକଣ୍ଠରେ ସଂଗୀତ ଗାଇପାରୁଥିଲେ । ଶଙ୍କରଦେବଙ୍କ ଇଚ୍ଛା ବିରୁଦ୍ଧରେ ସେ ଆଜୀବନ ଅବିବାହିତ ଥିଲେ ଏବଂ ତାଙ୍କର ଏ ଆଦର୍ଶ ଅନୁସରଣରେ କେୱଲିୟ ବୋଲି ଏକ ସମ୍ପ୍ରଦାୟ ଗଠିତ ହୋଇଥିଲା । ପ୍ରକୃତପକ୍ଷରେ ମାଧବଦେବ ସାତ୍ର ଅନୁଷ୍ଠାନର ପ୍ରକୃତ ସ୍ଥାପୟିତା କାରଣ ସେ ଏହାକୁ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା କରିଥିଲେ ଏବଂ ଖୁବ୍ ସଂଯତ ଓ କଠୋର ନୀତିନୀୟମ ପ୍ରଚଳନ କରିଥିଲେ । ପୁନଶ୍ଚ, ସେ ଗୁରୁ ଶଙ୍କରଦେବଙ୍କ ପ୍ରତି ସଂପୂର୍ଣ୍ଣ ଆନୁଗତ୍ୟ ହୋଇ ଏଇ ଧର୍ମନୁଷ୍ଠାନରେ ଅନୁପ୍ରବେଶ କରାଇଥିଲେ । ଏବଂ ସଂଯମ, ସତୀତ୍ୱ ଏବଂ ଦାରିଦ୍ର୍ୟ ସଂକଳ୍ପବଦ୍ଧ ହେବା ଉପରେ ଜୋର ଦେଉଥିଲେ । ଶଙ୍କରଦେବଙ୍କ ମୃତ୍ୟୁପରେ ଯେତେବେଳେ ଗୁରୁର ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା, ସେତେବେଳେ ସେଇ ମାଧବଦେବଙ୍କ ପ୍ରସ୍ତାବିତ କଠୋର ବ୍ରତ ସମସ୍ତ ଆଚାର୍ଯ୍ୟ ଓ ଶିଷ୍ୟମାନଙ୍କ ପ୍ରତି ବାଧ୍ୟତାମୂଳକ ହେଲା ଏବଂ ମହାପୁରୁଷୀୟ ଦଳ ପକ୍ଷରେ କଳହ, ଦ୍ୱନ୍ଦ୍ୱ ଓ ବିଭେଦର କାରଣ ହେଲା ।

Digitized by srujanika@gmail.com

ମାଧବଦେବଙ୍କ ପ୍ରଥମ ସାହିତ୍ୟିକ କୃତି ହେଲା 'ଜନ୍ମରହସ୍ୟ' । ପୁରାଣ ବର୍ଣ୍ଣିତ ମତେ ଦୁନିଆର ସୃଷ୍ଟି ଓ ପ୍ରଳୟ ଉପରେ ଏ ଛୋଟ କବିତାଟି ଲିଖିତ । ପରବର୍ତ୍ତୀ ରଚନା ହେଲା ବିଷ୍ଣୁପୁରୀ ସନ୍ୟାସୀଙ୍କ 'ଭକ୍ତିରତ୍ନାବଳୀ'ର କାବ୍ୟିକରୂପ । 'ଭକ୍ତି' ରସ ଉପରେ ପର୍ଯ୍ୟବସିତ ଏହି ମୂଲ୍ୟବାନ୍ ପୁସ୍ତକଟିକୁ ମାଧବଦେବ ସ୍ୱୀୟ ଗୁରୁ ଶଙ୍କରଦେବଙ୍କ ନିର୍ଦ୍ଦେଶ ଅନୁଯାୟୀ ଅସମୀୟାକୁ ଅନୁବାଦ କରିଥିଲେ ଏବଂ ଅନୁବାଦ କଲାବେଳେ ସେ 'କାନ୍ତିମାଳା' ଟୀକାରୁ ମଧ ଋଣଗ୍ରହଣ କରିଛନ୍ତି । ମାଧବଦେବ ରାମାୟଣର ଆଦିକାଣ୍ଡ ମଧ୍ୟ ଅନୁବାଦ କରିଥିଲେ । ତାଙ୍କର ଲୋକପ୍ରିୟ ରଚନାମଧ୍ୟରୁ ଗୋଟିଏ ହେଲା 'ରାଜସୂୟ ଯଜ୍ଞ' । ଏ କିବିତାର ବିଷୟବସ୍ତୁ ଆନୀତ ହୋଇଥିଲା ପାଣ୍ଡବମାନଙ୍କଦ୍ୱାରା ସମାହିତ ରାଜସୂୟ ଯଜ୍ଞର ଆଖ୍ୟାନରୁ । ଏ ବହିଟି ବେଶ୍ ଲୋକପ୍ରିୟ ରୀତିରେ ରଚିତ ଏବଂ ଅନେକ ଚିତ୍ତାକର୍ଷକ ଆଖ୍ୟାୟିକାରେ ପରିପୂର୍ଣ୍ଣ । କବି ଇତସ୍ତତଃ ମାଘ ଓ ଅନ୍ୟାନ୍ୟ କ୍ଲାସିକାଲ୍ ସଂସ୍କୃତ ଲେଖକଙ୍କ ପାଖରେ ଋଣୀଥିବାର ପ୍ରକଟିତ ହୋଇଛି ।

ଏ ସମସ୍ତ ରଚନାପରେ ମାଧବଦେବଙ୍କ କାବ୍ୟରେ ପରିଣତି ଆସିଲା ବୋଲି କୁହାଯିବ । ତାଙ୍କର ରଚନାର ବ୍ୟାପ୍ତି ସରଳ ଓ ସୁମଧୁର କବିତାଠାରୁ ଆରମ୍ଭକରି କଠିନ ଦୁର୍ବୋଧ୍ୟ, ଆଧ୍ୟାତ୍ମିକ ଚିନ୍ତାସମ୍ମିଳିତ ଲେଖା ପର୍ଯ୍ୟନ୍ତ । ସ୍ୱୀୟ ଭେଦକ୍ଷମ ବୁଦ୍ଧି, ସର୍ବବ୍ୟାପୀ ଜ୍ଞାନ ଓ ଗଭୀର ପାଣ୍ଡିତ୍ୟକୁ ଏକତ୍ରକରି ସେ ଶଙ୍କରଦେବଙ୍କ ପଦ୍ଧତିକୁ ନିରାପଦ ସୁଦୃଢ଼ ପତନ ଉପରେ ସ୍ଥାପନ କଲେ । ଏ ଦୃଷ୍ଟିରୁ ଦେଖିଲେ ମାଧବଦେବଙ୍କ ଶ୍ରେଷ୍ଠକୃତି ଯାହାକୁ ଅସାମୀୟ ବୈଷ୍ଣବ ସ୍ତୌତ୍ରର ଉଲ୍ଲସିତ ସୃଷ୍ଟି ବୋଲାଯିବ । "ନାମଘୋଷା" (ଅନ୍ୟନାମ ହାଜାରିଘୋଷ, ଯହିଁରେ ଏକହଜାର ପଦ ରହିଛି ।) ଅସାମୀୟା କାହିଁକି ଭାରତୀୟ ସାହିତ୍ୟ ଦାର୍ଶନିକ ରଚନାବଳୀରେ ସ୍ୱତନ୍ତ୍ର ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଏ ଗ୍ରନ୍ଥ ସର୍ବତ୍ର ପଠିତ, ମୁଖସ୍ଥ ହୋଇ ଉଦାହୃତ ଓ ଉଦ୍ଧୃତ ହୋଇଥାଏ । ତେଣୁ ସନ୍ଦେହର ଅବକାଶ ନାହିଁ ଯେ ଏହା ଅସାମୀୟ ବୈଷ୍ଣବଧର୍ମର ଏକ ମହାମେରୁ ବା ସ୍ଥାୟୀ ସ୍ତମ୍ଭ । ଏହି ନାମଘୋଷାରେ ମାଧବଦେବଙ୍କ ଯେଉଁ ଦର୍ଶନ ନିହିତ ତାକୁ ତିନିଭାଗ କରାଯାଇପାରେ । ଯଥାଃ-- ମାୟା, ଏହାର ପ୍ରକୃତି ଓ ପରିଣାମ ସୃଷ୍ଟିତତ୍ତ୍ୱ; ବ୍ରାହ୍ମଣ, ଆତ୍ମୋପଲବ୍ଧିର ଉପାୟ; ଜୀବର ମନସ୍ତତ୍ତ୍ୱ ଏବଂ ମାନବ ଜୀବନର ଆଭିମୁଖ୍ୟ ।

'ନାମଘୋଷା' ପ୍ରଥମେ ବୁଝାଇଦେଇଛି, ଯେପରି ସ୍ୱପ୍ନ ଦେଖୁଥିବା ମନୁଷ୍ୟଟିଏ ନିଜେ ସୃଷ୍ଟି କରିଥିବା ସ୍ୱପ୍ନର ଦୁନିଆକୁ ବିଶ୍ୱାସ କରେ, ସେହିପରି ବ୍ୟକ୍ତିବିଶେଷ ମାୟାର ପ୍ରଭାବରେ ସ୍ୱୀୟ ପ୍ରକୃତିର ସ୍ୱରୂପ ଭୁଲି ମାୟାସୃଷ୍ଟ ଦୁନିଆକୁ ପ୍ରକୃତ ବୋଲି ଧରିନିଏ । ତେଣୁ ମାଧବଦେବ କହନ୍ତି "ଅବିଦ୍ୟା, ହେ ହରି, ମୋତେ ଏପରି ଉନ୍ମତ୍ତ ଓ ମୋହଗ୍ରସ୍ତ କରିଛି ଯେ ମୁଁ ଆପଣଙ୍କୁ ପ୍ରକୃତ ସ୍ୱରୂପରେ ଜାଣିପାରୁନାହିଁ ।" ସେ ସ୍ପଷ୍ଟ କହନ୍ତି ଯେ

Digitized by srujanika@gmail.com

ଯାହା ଦୃଶ୍ୟମାନ ଏବଂ ବିଭିନ୍ନ ରୂପରେ ପରିବ୍ୟାପ୍ତ, ତାହା ମାୟା ଛଡ଼ା ଅନ୍ୟ କିଛି ନୁହେଁ, ତେଣୁ ସେସବୁକୁ ମନରୁ ସମୂଳେ ଉତ୍ପାଟନ କରିବାକୁ ପଡ଼ିବ ।

ହିନ୍ଦୁଧର୍ମ ଅନୁସାରେ, ସୃଷ୍ଟିର ଶୂନ୍ୟରୁ ଉତ୍ପତ୍ତି ହୋଇନାହିଁ । ଭାଗବତ କହେ, ସଂସାରର ସୃଷ୍ଟି, ସ୍ଥିତି ଓ ପ୍ରଳୟ ଶ୍ରୀକୃଷ୍ଣଙ୍କଦ୍ୱାରା । 'ନାମଘୋଷା' ସମସ୍ୟାର ସମାଧାନ କରେ ପଦେ କଥାରେ । ପୁରୁଷଠାରୁ ପ୍ରକୃତି ସଂପୂର୍ଣ୍ଣ ପୃଥକ୍ ତଥାପି ଏ ଦୁଇର ସୃଷ୍ଟିକର୍ତ୍ତା, ରକ୍ଷାକର୍ତ୍ତା ପରମେଶ୍ୱର ନାରାୟଣ ।

ଏ ସଂସାରରେ ଅନ୍ତଃବାସୀ ବା ବହିଃବାସୀ ପୁରୁଷର ଦୁଇରୂପଃ-- କ୍ଷର ଓ ଅକ୍ଷର, ନଶ୍ୱର ଓ ଅବିନଶ୍ୱର ! ଯେ ଉତ୍ତମପୁରୁଷ ତାଙ୍କୁ ପରମାତ୍ମା ବୋଲାଯାଏ ଏବଂ ସେ ଓତଃପ୍ରୋତ ଭାବରେ ଜଡ଼ିତ ତିନି ଦୁନିଆଁକୁ ରକ୍ଷା ଓ ପାଳନ କରନ୍ତି ।

ତେଣୁ ବ୍ରହ୍ମ ଛଡ଼ା ଆଉ କାହାରି ଅସ୍ତିତ୍ୱ ନାହିଁ । ସେ ହିଁ କେବଳ ଏକମାତ୍ର ସତ୍ୟ । ସେ ସର୍ବବ୍ୟାପୀ, ସର୍ବସ୍ଥାୟୀ, ସର୍ବକାଳୀନ । ମାଧବଦେବ କହନ୍ତି, ''ମୁଁ ଆପଣଙ୍କୁ ବାରମ୍ବାର ନମୋ ନମସ୍ତେ କହୁଛି, ହେ ସନାତନ, ହେ ନିଷ୍କଳଙ୍କ ପୁରୁଷ ! ଆପଣ ହିଁ ସତ୍ୟ, ସନାତନ, ନାରାୟଣ, ଶିବ, ଅନାଦି, ଅନନ୍ତ, ନିର୍ଗୁଣ, ସ୍ୱୟଂସଂପୂର୍ଣ୍ଣ, ଆପଣ ହିଁ ଭଗବାନ, ପୁରୁଷପ୍ରଧାନ ! ଆରମ୍ଭ ନାହିଁ ଶେଷନାହିଁ, ପୂର୍ବନାହିଁ, ପରନାହିଁ । ବ୍ରହ୍ମାଣ୍ଡରେ ଆପଣ ହିଁ ଚେତନାବନ୍ତ ପୁରୁଷ । ସଂକ୍ଷେପରେ ''ନାମଘୋଷା'' କହେ ବ୍ରହ୍ମାଣ୍ଡ ଈଶ୍ୱରଙ୍କ ପରିପ୍ରକାଶ ଛଡ଼ା ଆଉ କିଛି ନୁହେଁ । ''ନାମଘୋଷା'' କହେ ବ୍ରହ୍ମ ହିଁ ସନାତନ, ସୀମାହୀନ ମଙ୍ଗଳଦାତା, ଚିରସ୍ଥାୟୀ, ସର୍ବବ୍ୟାପୀ, ଏକ, ଅଦ୍ୱିତୀୟ ନାହିଁ ଏବଂ ଅପରିବର୍ତ୍ତନୀୟ । ମୋଟଉପରେ ରୂପ ଓ ନାମର ବିଭିନ୍ନତା ସତ୍ତ୍ୱେ ସେଇ ଏକ ବ୍ରହ୍ମ । ବ୍ରହ୍ମ ମହାକାଶକାଳ, କାର୍ଯ୍ୟକରଣର ଉର୍ଦ୍ଧ୍ୱରେ । ଏହା ଏକାବେଳକେ ପୂତ, ପବିତ୍ର, ଶୁଦ୍ଧ, ପୂର୍ଣ୍ଣ; ଏହା ଅଭିନ୍ନ ଅବିନଶ୍ୱର । ଶୁଦ୍ଧଚେତନା ଏହାର ପ୍ରକୃତି । ଯାହା ଆଦିରେ ନାହିଁ ବା ଅନ୍ତରେ ନାହିଁ । ତାହା ମଧ୍ୟରେ ମଧ୍ୟ ନାହିଁ, ଅନ୍ତ ନାହିଁ, ଆଦି ନାହିଁ । ବ୍ରହ୍ମ ତେଣୁ ମହାକାଶ ସଦୃଶ; ଅନନ୍ତ, ଅପାର, ଯାହାର ଆରମ୍ଭ ବା ଶେଷ ଅମାପ । ବ୍ରହ୍ମା ବ୍ରହ୍ମାଣ୍ଡର ସୃଷ୍ଟି, ରକ୍ଷା ଏବଂ ଧ୍ୱଂସକର୍ତ୍ତା ।

ବ୍ରହ୍ମ ଉଭୟ ଇନ୍ଦ୍ରିୟାନୁଭୂତ ଏବଂ ଇନ୍ଦ୍ରିୟାତୀତ । ତିନି ସଂସାରରେ ସେ ରହିଛନ୍ତି ଏବଂ ରହିନାହାନ୍ତି । ଏହା ତ୍ରିଗୁଣ, ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱରେ । ଏହା ସମ, ନରୋତ୍ତମ, ନିର୍ବିକାର, ନିରଞ୍ଜନ । ସର୍ବୋପରି ବ୍ରହ୍ମ ହେଉଛନ୍ତି ସହଜାନନ୍ଦ, ସ୍ୱରୂପାନନ୍ଦ ଏବଂ ପରମାନନ୍ଦ ।

ମାଧବଦେବ ଅବତାରରେ ବିଶ୍ୱାସ କରୁଥିଲେ । କାରଣ ଅଦୃଶ୍ୟ, ନିର୍ଗୁଣ ଈଶ୍ୱରକୁ ତଦ୍ୱାରା ଭକ୍ତିରେ ଦୃଶ୍ୟମାନ କରିହେବ । 'ନାମଘୋଷା'ରେ ଏହି ଦଶଟି ଅବତାରର ଉଲ୍ଲେଖ ଅଛି : ଯଥା -- ମତ୍ସ୍ୟ, କୂର୍ମ, ନରସିଂହ, ବାମନ, ପରଶୁରାମ, ହଳୀରାମ, ବରାହ,

Digitized by srujanika@gmail.com

ଶ୍ରୀରାମ, ବୁଦ୍ଧ ଏବଂ କଲ୍‌କି । ଏହିପରି 'ନାମଘୋଷା' ଚିନ୍ତାଧାରା ଓ ଧର୍ମର ମୂଳମନ୍ତ୍ର ହେଲା ବ୍ରହ୍ମଦ୍ୱାରା ଆତ୍ମାକୁ ବ୍ରହ୍ମମୟ କରିବା ।

"ନାମଘୋଷା" ଅନୁସାରେ ଆତ୍ମାକୁ ଉପଲବ୍ଧି କରିବାର ଯୋଡ଼ିଏ ସୋପାନ:-- ଭକ୍ତି ଓ ଗୁରୁକୃପା । 'ନାମଘୋଷା' ବିଗ୍ରହଧାରା ଅନୁଯାୟୀ ଭକ୍ତି ହେଲା ସହଜପନ୍ଥା । ଜ୍ଞାନ ଅପେକ୍ଷା ଏହା ବଡ଼ । ଯେଉଁ ଭକ୍ତି ନିଷ୍ଫଳ ସେଠି ଜ୍ଞାନ ଓ କର୍ମ ରକ୍ଷା କରିପାରିବ ନାହିଁ । ପୁନଶ୍ଚ ଏହା କହେ, "ସତ୍ୟଯୁଗ ପାଇଁ ଯୋଗ; ତ୍ରେତୟା ଯୁଗ ପାଇଁ ଜ୍ଞାନ; ଦ୍ୱାପର ଯୁଗ ପାଇଁ ପୂଜା ଓ ଯଜ୍ଞକର୍ମ; କିନ୍ତୁ ମନେରଖିବାକୁ ହେବ ଯେ ହରିଭଜନ ଛଡ଼ା ଅନ୍ୟ କୌଣସି ଧର୍ମ ନାହିଁ ।" ଭକ୍ତି ହିଁ ସଂସାର ବାରିଧି ପାଇଁ ଏକମାତ୍ର ଭେଳା । ମୋକ୍ଷ ପାଇଁ ଏହା ଏକମାତ୍ର ପନ୍ଥା ।

କଳିଯୁଗର ପରମଧର୍ମ ହେଲା ଭକ୍ତିପୂତ ହୋଇ ହରିନାମ ଭଜନ । ଯେଉଁବ୍ୟକ୍ତି ସଦାସର୍ବଦା ରାମ ଏବଂ କୃଷ୍ଣଙ୍କ ନାମକୁ ଅଭେଦ୍ୟ କବଚ କରି ପିନ୍ଧିବ, ତାକୁ ସତ୍ତ୍ୱ, ରଜ, ତମର ତ୍ରିଗୁଣାସ୍ତ୍ର ଭେଦ କରିପାରିବ ନାହିଁ । ହରିନାମ ମନ୍ତ୍ର ଜପ କରିବାର ଗୁରୁତ୍ୱ ଉପଲବ୍ଧି କରିହେବ ଯଦି ଆମେ ହିରଣ୍ୟକଶିପୁ କଥା ଭାବୁ । ପୁତ୍ର ପ୍ରହ୍ଲାଦକୁ ଯେଉଁ ରାକ୍ଷସରାଜ ନାନାଭାବରେ ଅତ୍ୟାଗ୍ରହ କରିଥିଲେ, ସେ ତାଙ୍କ ଦେହରୁ ଲେମଟିଏ ମଧ୍ୟ ଉପୁଡ଼ାଇପାରି ନଥିଲେ କାରଣ ତାଙ୍କର ରକ୍ଷାକବଚ ଥିଲା ଯାଦୁକରୀ ହରିନାମ । ଶାସ୍ତ୍ର, ବେଦ, ତନ୍ତ୍ର ଆଦି ପଢ଼ିବାର ବା ଅସଂଖ୍ୟ ତୀର୍ଥସ୍ଥଳକୁ ଯିବାର କୌଣସି ଆବଶ୍ୟକତା ନାହିଁ । ସଂସାର ଜଞ୍ଜାଳରୁ ଯେ ବିଯୁକ୍ତ ହେବାକୁ ଚାହିଁବ ସେ ନିଜର ନିରାପତ୍ତା ଓ ମୋକ୍ଷ ପାଇଁ ନିରନ୍ତର ମୁଖରେ ଗୋବିନ୍ଦ ଶବ୍ଦ ଉଚ୍ଚାରଣ କରୁ ।

ଗୁରୁଙ୍କ ସହାୟତା ଉପରେ 'ନାମଘୋଷା' ଖୁବ୍ ଗୁରୁତ୍ୱ ଦିଏ । ଗୁରୁସେବା ଆତ୍ମାକୁ ଉପଲବ୍ଧି କରିବାର ଏକମାତ୍ର ଉପାୟ ବୋଲି କୁହାଯାଇଛି । ଗୁରୁଭକ୍ତିର ଚରମ ଗୁରୁତ୍ୱ ଉପରେ ଜୋର୍ ଦିଆଯାଇଛି । ପ୍ରକୃତପକ୍ଷରେ ଗୁରୁହିଁ ଶିଷ୍ୟମାନଙ୍କର ଈଶ୍ୱର । ଈଶ୍ୱର ଏବଂ ଗୁରୁ ମଧ୍ୟରେ ପାର୍ଥକ୍ୟ ନାହିଁ । ଦୁହେଁ ଏକ, ଯଦିଓ ଜଣାଯାଏ ଗୁରୁଙ୍କର ସ୍ୱତନ୍ତ୍ର ଦୈହିକ ସ୍ଥିତି ଅଛି । ଦୁହିଁଙ୍କ୍ ହୃଦୟ କୃପାମୃତ ପରିପୂର୍ଣ୍ଣ; ଉଭୟେ ସର୍ବଦା ସଂସାରର ମଙ୍ଗଳ ଚିନ୍ତା କରନ୍ତି; ଦୁହେଁ ଗର୍ବ ଅହଂକାର ବିବର୍ଜିତ; ଏବଂ ଉଭୟେ ନିଜ ଗୁଣରେ ଅନ୍ୟମାନଙ୍କ ଉପରେ ସନ୍ତୁଷ୍ଟ ।

ଗୁରୁ ବ୍ରହ୍ମଙ୍କୁ ଦେଖିପାରେ ଏବଂ ଶିଷ୍ୟଙ୍କୁ ଦେଖାଇପାରେ ଏବଂ ଜୀବନ୍ମୁକ୍ତ କରିପାରେ ଅର୍ଥାତ୍ ଜୀବଦ୍ଦଶାରେ ରକ୍ତମାଂସ ଶରୀରରେ ମୋକ୍ଷ ଦେଇପାରେ । କେବଳ ଗୁରୁ ହିଁ ଭାଗବତ୍ ଉପଲବ୍ଧିର ନିଗୂଢ଼ପନ୍ଥା ଦେଖାଇବାରେ କ୍ଷମ; ଯେଉଁ ପନ୍ଥା ଶାସ୍ତ୍ର ପୁରାଣର ଊର୍ଦ୍ଧ୍ୱରେ । ବ୍ରହ୍ମର ପ୍ରକୃତଜ୍ଞାନ ଗୁରୁ ବ୍ୟତୀତ ଅର୍ଜନ କରିହେବ ନାହିଁ । ଏହିପରି ଭାବରେ ଗୁରୁହିଁ ପ୍ରକୃତ ଉପାୟ ନିଜକୁ ଉପଲବ୍ଧି କରିବାପାଇଁ ।

Digitized by srujanika@gmail.com

'ନାମଘୋଷା' ଅନୁଯାୟୀ ଜୀବ ବ୍ରହ୍ମଠାରୁ ପୃଥକ୍ ନୁହେଁ । ଏହାର ଅନ୍ତର୍ନିହିତ ଶକ୍ତି ବ୍ରହ୍ମର ଶକ୍ତି ପରି । କିନ୍ତୁ ଆତ୍ମା ଈଶ୍ୱରଙ୍କୁ ଜାଣିପାରେ ନାହିଁ ଅବିଦ୍ୟା (ମାୟା) ଯୋଗୁଁ । ଏହା ଅନିତ୍ୟ ଦେହକୁ ଆତ୍ମାବୋଲି ଭାବେ ଏବଂ ଅନିତ୍ୟ ସୁଖରେ ମଜ୍ଜି ଘୋର ଅପରାଧ କରେ । ଅବିଦ୍ୟା ବିନାଶ ହେଲେ କୃଷ୍ଣ ଆସିଯାଆନ୍ତି ବେକରେ ବନ୍ଧାହୋଇଥିବା ଚିଜପରି । ମାୟାରେ ବୁଡିରହି ଏବଂ ଅହମିକାରେ ପୁରି ଜୀବ ସଂସାରର ବନ୍ଧନରେ ରହେ । ଅହମିକା ସଂପୂର୍ଣ୍ଣ ବିନଷ୍ଟ ନ ହେଲା ପର୍ଯ୍ୟନ୍ତ ସଂସାରରୁ ମୁକ୍ତିନାହିଁ । 'ନାମଘୋଷା' ସ୍ତୁତିରେ ପରିପୂର୍ଣ୍ଣ, ଯହିଁରେ ଭଗବାନଙ୍କୁ ପ୍ରାର୍ଥନା କରାଯାଇଛି ଭବଭୟ - ଭଞ୍ଜନ ପାଇଁ । ମଣିଷ ଜନ୍ମ ମୃତ୍ୟୁ ଚକ୍ରରେ ଜଡ଼ିତ ହୁଏ କାମନା ଯୋଗୁଁ । କିଛି ସାଧନ କରିବା ପାଇଁ ବାସନା କରେ, ସେ ଅନୁସାରେ କାମ କରେ ଏବଂ କର୍ମଫଳ ମଧ୍ୟ ପାଏ । ଏହିମତେ ସେ ଅନନ୍ତ ଜୀବନ ଓ ମୃତ୍ୟୁଚକ୍ରରେ ଘୁରୁଥାଏ । ନିଜକୁ ଉପଲବ୍ଧି କରିବାର ଏକମାତ୍ର ଉପାୟ ହେଲା ବାସନାକୁ ସଂପୂର୍ଣ୍ଣ ବିନାଶ କରିବା, ଯଦ୍ଦ୍ୱାରା ପରମ ଆନନ୍ଦକୁ ପାଇବାର ପନ୍ଥା ସୁଗମ କରିବା ।

'ନାମଘୋଷା' ଅନୁସାରେ ଧର୍ମାନୁସନ୍ଧିତ୍ସାର ସାର ଉଦ୍ଦେଶ୍ୟ ହେଲା ପରମ ଶାନ୍ତି ଲାଭ କରିବା । ଈଶ୍ୱର ଏବଂ ଆତ୍ମାର ସମାନତାର ଉପଲବ୍ଧି କରିବା । ନାମଘୋଷା ଅନୁସାରେ ମୁକ୍ତିର ଅର୍ଥ ନୁହେଁ । ସରଳ କଥାରେ ଏହାର ଅର୍ଥ ଈଶ୍ୱରଙ୍କ ନୈକଟ୍ୟ ଲାଭ, ଯେଉଁ ଅବସ୍ଥାରେ ଜୀବ 'ହରିନାମ' ଅନବରତ ଉଚ୍ଚାରଣ କରିଚାଲେ । ପ୍ରକୃତପକ୍ଷରେ ଭକ୍ତ ମୁକ୍ତିକୁ ଅତି ମୂଲ୍ୟବାନ୍ ବୋଲି ଗଣେ ନାହିଁ, କିନ୍ତୁ ରାମକୃଷ୍ଣ ନାମ ସାଗରରେ ବୁଡ଼ି ରହିବାର ଆନନ୍ଦ ପାଇଥାଏ । ଅନ୍ୟକଥାରେ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତିର ଅର୍ଥ ହେଲା ଅଚିନ୍ତ୍ୟ, ଅନନ୍ତ, ଆନନ୍ଦସାଗରରେ ବୁଡ଼ିରହିବା । ତେଣୁ ଯେଉଁମାନଙ୍କ ଭକ୍ତି ଏକନିଷ୍ଠ ଏବଂ ପ୍ରଗାଢ଼ ସେମାନେ ଅନ୍ୟକିଛି ଚାହାଁନ୍ତି ନାହିଁ, ମହାନନ୍ଦ ସାଗରରେ ବୁଡ଼ି ରହନ୍ତି ଶ୍ରୀକୃଷ୍ଣ ନାମ ଉଚ୍ଚାରଣ କରି । ତହିଁରୁ ବଳି ଅନ୍ୟକିଛି ସୁମଧୁର ହିତକାରୀ ବା ଆଶ୍ଚର୍ଯ୍ୟଜନକ ନାହିଁ ।

ଏହା ଛଡା 'ନାମଘୋଷା'ରେ ବହୁସଂଖ୍ୟାରେ ଅନୁତାପ, ପ୍ରାର୍ଥନା, ଆତ୍ମ-ସଂଯମ ଓ ଆତ୍ମଧିକ୍କାରମୂଳକ ସ୍ତୋତ୍ର ରହିଛି । ପ୍ରତ୍ୟେକଟି ଗୀତିମୟ, ଆର୍ତ୍ତନାଦମୟ । ରଚନାର ଶେଷ ଅଧ୍ୟାୟମାନଙ୍କରେ ଶ୍ରୀକୃଷ୍ଣ ନାମ ଓ ଗୁଣକୀର୍ତ୍ତନ ରହିଛି । 'ନାମଘୋଷା'ରେ ସର୍ବମୟ ପ୍ରାର୍ଥନା ଅଛି ଏବଂ ଉପନିଷଦ ଏବଂ ଭଗବଦ୍ ଗୀତା ପରି ଉଚ୍ଚାଙ୍ଗ ସାହିତ୍ୟର ସାଦୃଶ୍ୟ ରହିଛି । ଚିନ୍ତାଧାରାର ଗୁରୁଗମ୍ଭୀରତା; ଲକ୍ଷ୍ୟର ସମନ୍ୱୟ, ଐକ୍ୟ; ତଥା ଶବ୍ଦରାଜିର ସଂଗୀତମୟତା 'ନାମଘୋଷା'କୁ କଳାତ୍ମକ ସୃଷ୍ଟିରେ ପରିଣତ କରେ ଏବଂ ମାଧବଦେବଙ୍କ ଦାର୍ଶନିକ ଏବଂ କାବ୍ୟିକ ପ୍ରତିଭାର ସ୍ତମ୍ଭରୂପେ ପରିଗଣିତ କରେ ।

ମାଧବଦେବ କେତେଗୁଡ଼ିଏ ଏକାଙ୍କିକା (ଅଙ୍କିଆନାଟ) ମଧ୍ୟ ରଚନା କରିଥିଲେ । ସେଗୁଡ଼ିକ ହେଲା 'ଚୋରଧରା', ପିମ୍ପରଗୁଚୋର୍', 'ଅର୍ଜ୍ଜୁନ ଭଞ୍ଜନ', 'ଭୂମି ଲୁଟିଭା', 'ଭୂଷଣ

Digitized by srujanika@gmail.com

ହେରୋବା' । ଏଥିରେ ଶ୍ରୀକୃଷ୍ଣଙ୍କ ବାଳଲୀଳା ବର୍ଣ୍ଣିତ । ମାଧବଦେବଙ୍କ ଏହି ଅଙ୍କିଆନାଟରେ ଶଙ୍କର ଦେବଙ୍କ ଅପେକ୍ଷା କମ୍‌ଗୀତ ଓ ସଂସ୍କୃତ ଶ୍ଳୋକ ରହିଛି । ତେଣୁ ମାଟିପ୍ରତି ସଂପ୍ରୀତି ଓ ଅନୁରାଗରେ ସେସବୁ ହୃଦୟସ୍ପର୍ଶୀ ହୋଇଛି ।

ମାଧବଦେବ ତାଙ୍କର 'ବରଗୀତ' ମାଧ୍ୟମରେ ବୈଷ୍ଣବ ଆନ୍ଦୋଳନରେ ଏକ ଲୋକପ୍ରିୟ ଲେଖକ ରୂପେ ପରିଚିତ ହୋଇଥିଲେ । ତାଙ୍କର ଧର୍ମଭାବ ପୁରାପୁରି ଅଭିବ୍ୟକ୍ତି ଲାଭ କରିଥିଲା ଏହି ଭକ୍ତିମୟ ଆବେଗପୂର୍ଣ୍ଣ ଗୀତମାନଙ୍କରେ । 'ବରଗୀତ'ର ଅଧିକାଂଶ ନମ୍ରତା, ବିନୟ ବହନ କରେ, ଯାହାର ଉତ୍ପତ୍ତି ମୌଳିକ ପାପ ଜ୍ଞାନରୁ ଏବଂ ଆତ୍ମସମର୍ପଣରୁ ଏବଂ ପାପକୁ ଦୂରକରୁଥିବା ଆତ୍ମୋତ୍ସର୍ଗରୁ । ସେଥିଭିତରୁ ଅନେକ ଗୀତରେ ବୃନ୍ଦାବନର ଦୃଶ୍ୟରାଜିର ଜୀବନ୍ତ ବର୍ଣ୍ଣନା ବାଳକ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ରକରି ଦିଆଯାଇଛି । ମାଧବଦେବଙ୍କ ଏହି ସଂଗୀତମାନଙ୍କରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଓ କୈଶୋରର ସୁନ୍ଦର ଛବିମାନ ଦିଆଯାଇଛି ଏବଂ ଶିଶୁ ଓ ଯୁବାକାଳର ଚିନ୍ତା ଓ ଭାବନାର ଜୀବନ୍ତ ବର୍ଣ୍ଣନା ରହିଛି । ଭାଗବତର ଶ୍ରୀକୃଷ୍ଣଙ୍କ ଅସାଧାରଣ ଓ ଅସ୍ୱାଭାବିକ ବ୍ୟକ୍ତିତ୍ୱ ଏଇ ଗୀତିମାନଙ୍କରେ ଜୀବନ୍ତ, ସ୍ୱାଭାବିକ ଓ ମାନବସୁଲଭ ହୋଇଛି । କୃଷ୍ଣଙ୍କ ବାଲ୍ୟ ଜୀବନର ଘଟଣାବଳୀ ପ୍ରକୃତିର ସୌନ୍ଦର୍ଯ୍ୟ ସହିତ ସଂଶ୍ଳିଷ୍ଟ ରହି ଏହି 'ବରଗୀତ'ରେ ରସବନ୍ତ ଓ ଯଥାର୍ଥ ହୋଇଛି । ବାଳକର ସନାତନ ପ୍ରକୃତି ବାଳକ କୃଷ୍ଣଙ୍କ ପରେ ପୁରାପୁରି ପ୍ରକଟିତ ହୋଇଛି । ଜଣାପଡ଼େ ସେ ଆଜିର ବାଳକଟିଏ, ଏକାନ୍ତ ସରଳ ଏବଂ ତାଙ୍କ ହସରୁ ଅମୃତ ଝରିପଡୁଛି । ମାଧବଦେବଙ୍କ ଯାଦୁକାରୀ ଲେଖନୀ ଏଠି ରୋମାଣ୍ଟିକ୍ ଆଶ୍ଚର୍ଯ୍ୟର ପୁନରୁତ୍‌ଥାନ ଆଣିଦେଇଛି ଏବଂ ନୂଆ ଅର୍ଥ ଏବଂ ଆନନ୍ଦ ନିତିଦିନିଆ କଥାରେ ନୂତନତା ସଞ୍ଚାର କରିଛି ।

କେତେଗୁଡ଼ିଏ ସଂଗୀତରେ ମାତା ଯଶୋଦା ଶିଶୁ କୃଷ୍ଣଙ୍କ ଖେଳାଲୀଳାକୁ ସହନଶୀଳତା ତଥା କୌତୁକାବହ ଚକ୍ଷୁରେ ଦେଖିବାର ଚିତ୍ର ରହିଛି । ଅନ୍ୟ କେତେକ ଗୀତରେ ପୁଣି ବିଚ୍ଛେଦର ବର୍ଣ୍ଣନା ଅଛି । ଏହି ଗୀତମାନଙ୍କରେ ମାତାଙ୍କ ଉଦ୍‌ବେଗ ତଥା ଆଶଙ୍କା ବର୍ଣ୍ଣିତ ହୋଇଛି । ମୁହୂର୍ତ୍ତକ ପାଇଁ ନୟନପିତୁଳା ଅଦୃଶ୍ୟ ବା ଅନ୍ତର ହେଲେ ମାତାଙ୍କ, ଯେଉଁ ଅଧୈର୍ଯ୍ୟ ଓ ଆକୁଳତା ଆସିଛି ତାହା ମଧ୍ୟ ଏହି ଗୀତମାନଙ୍କରେ ବର୍ଣ୍ଣିତ । ଏହା ଖୁବ୍ ସ୍ୱାଭାବିକ ଯେ ଯଶୋଦାଙ୍କ ହୃଦୟ ସର୍ବଜୟୀ ପ୍ରେମରେ ଥରି ଉଠିବ ; କାରଣ ତାଙ୍କ ପିଲାଟି ବହୁଦିନ କଷ୍ଟସାଧ୍ୟ ତପସ୍ୟା, ପ୍ରାର୍ଥନା ଏବଂ ଫଳ, ଯାହାକି ଜୀବନର ବହୁ ବିଳମ୍ବରେ ମିଳିଛି । କୃଷ୍ଣ ସକାଳେ ସାଙ୍ଗସାଥୀମାନଙ୍କ ସହିତ ଖେଳିବାପାଇଁ ଘର ବାହାରକୁ ଖସିଯାଇଛନ୍ତି । ମାଆ ଅଧୀର ହୋଇ କୃଷ୍ଣ ଫେରିବାଯାକେ ଦ୍ୱାରବନ୍ଧରେ ଛିଡ଼ାହୋଇ ମୁହୂର୍ତ୍ତ ଗଣୁଛନ୍ତି । "ବେଳ ଗଡ଼ିଗଲାଣି ଅଥଚ ପୁଅ ଘରକୁ ଫେରିନାହିଁ" ସେ ନିଜକୁ ନିଜେ କହୁଛନ୍ତି । ତାଙ୍କୁ ଡର ମାଡୁଛି, ଦାଣ୍ଡକୁ ଯାଉଛନ୍ତି, ଯାକୁ ତାକୁ କୃଷ୍ଣକଥା ପଚାରୁଛନ୍ତି ଏବଂ ଶେଷରେ ଯମୁନା ବାଲିରେ ପହଞ୍ଚିଛନ୍ତି ଯେଉଁଠି ପୁଅ ହୁଏତ ଖେଳୁଥିବ । ମାତ୍ର

Digitized by srujanika@gmail.com

ସେଠି ମଧ୍ୟ ତାଙ୍କୁ ନପାଇ ସେ ଛାତି ବାଡ଼େଇହେଉଛନ୍ତି, କାନ୍ଦୁଛନ୍ତି, ମୂର୍ଚ୍ଛାଯାଉଛନ୍ତି । ପୁଣି ଚେତା ପାଇ ସେ ପୁଣି କାନ୍ଦିଲେ, ଲୁହ ଧାରଧାର ହୋଇ ଗାଲରେ ପଡ଼ିଲା ଏବଂ ସେ ବାହୁନି ବାହୁନି କାନ୍ଦିଲେ, "ମୋ ପୁଅ ଯଦୁମଣି କେଣିକି ଗଲା ?" ଏବଂ ତା ପରେ ହତାଶାରେ ଧୂଳିରେ ଲୋଟିଲେ । ଏମିତି ପ୍ରେମ ସରଗରେ ସିନା ଦେଖିବାକୁ ମିଳେ !

ଏ ପ୍ରକାର ବିରହ ଦୃଶ୍ୟ ବର୍ଣ୍ଣନା କରିବାକୁ ଯାଇ ମାଧବାନନ୍ଦ ପାରମ୍ପରିକ ରୀତି ଅନୁସରଣ କରି ଭାବୋଚ୍ଛ୍ୱାସରେ ଭାସି ନ ଯାଇ ଗଭୀରତା ଉପରେ ଜୋର୍ ଦେଇଛନ୍ତି । ଖୁବ୍ ଅଳ୍ପ ଶବ୍ଦରେ ସନ୍ଥକବି ଯଶୋଦାଙ୍କ ପୁତ୍ର ବିଚ୍ଛେଦ ସହିତ ନିଜ ହୃଦ ଯନ୍ତ୍ରଣାକୁ ମିଶାଇ ଦେଇଛନ୍ତି । ସୁର, ରାଗିଣୀ ଏବଂ ସଂଗୀତର ଯତିରାଗ ଶ୍ରୋତାକୁ ମନ୍ତ୍ରମୁଗ୍ଧକରି ଅନ୍ୟ ରାଜ୍ୟକୁ ଯେ କେବଳ ନେଇଥାଏ ତା ନୁହେଁ, ଇନ୍ଦ୍ରିୟକୁ ସେଇ ରସରେ ଆପ୍ଲୁତ କରି ଶିଶୁକୁ ମାଆ କୋଳକୁ ଫେରାଇଆଣେ ଏବଂ ପିଲାକୁ ଆଦର କରୁଥିଲାବେଳେ ଦରୋଟି କଥା ସବୁ ଉଚ୍ଚାରଣ କରାଏ । ଅସମୀୟା ବୈଷ୍ଣବ ସାହିତ୍ୟ ଏହିମତେ ଶିଶୁଜୀବନର ସୌନ୍ଦର୍ଯ୍ୟ ତଥା ମାତୃସ୍ନେହ ସମୃଦ୍ଧ କବିତାରେ ସାଇତି ରଖିଛନ୍ତି ଯାହାଫଳରେ ମନୁଷ୍ୟର କୋମଳ ମଧୁର ସଂପର୍କ ଅର୍ଚ୍ଚିତ ପୂଜିତ ହେବା ଅବସ୍ଥାକୁ ଆସିଯାଇଛି ।

ରବୀନ୍ଦ୍ରନାଥ ଠାକୁର ଏହି ଶିଶୁଜୀବନର ଦେବତ୍ୱ ଉପରେ ଏକ ମଧୁର ମନ୍ତବ୍ୟ ପ୍ରକାଶ କରିଛନ୍ତି । ସେ କହନ୍ତି, "ଯେଉଁଠି ଗଭୀର ପବିତ୍ର ପ୍ରେମ ଅଛି ସେଇଠି ଈଶ୍ୱରଙ୍କର ପ୍ରକୃତ ପୂଜା ହୁଏ । ଯେତେବେଳେ ଆମେ ମଣିଷକୁ ଭଲପାଉ ସେତେବେଳେ ଭଗବାନଙ୍କୁ ଉପଲବ୍ଧି କରୁ । ଶିଶୁର ଛୋଟ ମୁହଁଟିରେ ଏମିତି କଣ ରହିଛି ଯାହା ପ୍ରତ୍ୟେକକୁ ବାନ୍ଧି-ରଖେ ? ଆମେ ଏହି କ'ଣର ଅର୍ଥ ଜାଣିବାକୁ ଚାହୁଁ । ଅନ୍ୟ ନାଆଁ ଅଭାବରେ ତାକୁ ଆମେ ସୌନ୍ଦର୍ଯ୍ୟ କହିବା । ଏହି ସୌନ୍ଦର୍ଯ୍ୟକୁ ବୁଝିବାକୁ ଚେଷ୍ଟାକରି ମଣିଷ ଅରଣ୍ୟ ଭିତରକୁ ମଧ୍ୟ ଯାଇଛି । ଯୋଗୀମାନେ ଖାଦ୍ୟ ପାନୀୟ ଓ ବିଶ୍ରାମ ଛାଡ଼ି ଏହି ସୌନ୍ଦର୍ଯ୍ୟର ଅନୁସନ୍ଧାନ କରିଛନ୍ତି । ମାଆ କିନ୍ତୁ ମୁହଁରେ ଅମୃତ ଓ ଅନୁପମ ସୌନ୍ଦର୍ଯ୍ୟ ପାଇପାରିଛନ୍ତି ଏଇ ଛୋଟ ଶିଶୁକୁ କୋଳରେ ଧରି । ଯଶୋଦାଙ୍କ ପୁଅ ତାଙ୍କ ନିଜ ପୁଅ ସହିତ ଏକ ହୋଇଯାଇଛି; ବିଶ୍ୱ ବ୍ୟକ୍ତିସ୍ତରକୁ ଆସିଯାଇଛି । ସ୍ୱର୍ଗର ଭଗବାନ ସ୍ୱେଚ୍ଛାରେ ନିଜକୁ ମଣିଷ ଶିଶୁ ସହିତ ମିଶାଇଦେଇଥାନ୍ତି କେବଳ ଆମକୁ ତାଙ୍କ ପାଖକୁ ନେବା ଉଦ୍ଦେଶ୍ୟରେ ।

ମାଧବଦେବ ଶଙ୍କରାଚାର୍ଯ୍ୟଙ୍କଠାରୁ ଆହୁରି ଅଠେଇଶି ବର୍ଷ ଅଧିକ ବଞ୍ଚିଥିଲେ, ଯେଉଁ ସମୟର ସେ ଅଧିକାଂଶ କାଳ ସେ ବାରପେଟର ପ୍ରଧାନ ସତ୍ର ଗଣଖୁଚି ଓ ସୁନ୍ଦରିଦିଆ ସତ୍ରରେ ରହିଥିଲେ । ଏହି ସ୍ଥାନରେ ଥିଲାବେଳେ ମାଧବଦେବ ପୂର୍ବକୋଚ଼ ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ କାମାକ୍ଷାଙ୍କ ପୂଜା ବିରୁଦ୍ଧରେ ପ୍ରଚାର କରୁଛନ୍ତି ବୋଲି ଖବର ଗଲା । ତେଣୁ ରଘୁଦେବ ତାଙ୍କୁ ବିଜୟନଗରକୁ ବନ୍ଦୀରୂପେ ନେଇଆସିଲେ । ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲା ।

Digitized by srujanika@gmail.com

ତେଣୁ ଗୁରୁ ସସମ୍ମାନ ଦୋଷମୁକ୍ତ ହେଲେ । ତାପରେ ମାଧବଦେବ କିଛିକାଳ ହାଜୋଠାରେ, ବର୍ତ୍ତମାନର ହୟଗ୍ରୀବ ମାଧବ ମନ୍ଦିର ପାଖରେ ରହିଲେ । କିନ୍ତୁ ଏଠି ମଧ୍ୟ ସେ ଶାନ୍ତିରେ ରହିପାରିଲେ ନାହିଁ; କାରଣ, ଉଭୟ ରାଜା ଓ ବ୍ରାହ୍ମଣମାନେ ତାଙ୍କ ପ୍ରତି ଶତ୍ରୁସୁଲଭ କାର୍ଯ୍ୟ ଆରମ୍ଭ କଲେ । ତେଣୁ ସେ ନରନାରାୟଣଙ୍କ ପୁତ୍ର ଲକ୍ଷ୍ମୀନାରାୟଣଦ୍ୱାରା ଶାସିତ ପଶ୍ଚିମ କୋଚ ରାଜ୍ୟର ରାଜଧାନୀ କୁଚ୍‌ବିହାର ଆଡ଼କୁ ଚାଲିଲେ । ରାଜା ଲକ୍ଷ୍ମୀ ନାରାୟଣ ସସମ୍ମାନ ତାଙ୍କୁ ଓ ତାଙ୍କ ଶିଷ୍ୟମାନଙ୍କୁ ଗ୍ରହଣ କରି ସେମାନଙ୍କୁ ସମସ୍ତଙ୍କୁ ରାଜଧାନୀ ନିକଟ ଭେଲଦୁଆର ଗାଁରେ ବସତି କରାଇଦେଲେ । କାଳକ୍ରମେ ରାଜାଙ୍କ ବଦାନ୍ୟତାରେ ସେଇ ଭେଲଦୁଆରରେ ସତ୍ରଟିଏ ସ୍ଥାପିତ ହେଲା । ଲିପିବଦ୍ଧ ଅଛି ଯେ ରାଜପରିବାରର କେତେ ଜଣ ବିଶିଷ୍ଟ ସଦସ୍ୟ ବୈଷ୍ଣବ ଧର୍ମ ଏଇଠି ଗ୍ରହଣ କରିଥିଲେ ଏବଂ ମାଧବାନନ୍ଦ ସେମାନଙ୍କୁ ଦୀକ୍ଷା ଦେଇଥିଲେ । ଏଇ ସତ୍ରରେ ମାଧବାନନ୍ଦ ତିନିବର୍ଷ ଶାନ୍ତିରେ କଟାଇ ତାଙ୍କର ପ୍ରଧାନଗ୍ରନ୍ଥ 'ନାମଘୋଷା' କୁ ଚୂଡ଼ାନ୍ତ ରୂପ ଦେଇଥିଲେ । ୧୫୯୬ ରେ ସେ ଭେଲାଦୁଆରରେ ପ୍ରାଣତ୍ୟାଗ କଲେ ।

ବୈଷ୍ଣବ ଧର୍ମର ଅଗ୍ରଦୂତ ଶଙ୍କରଦେବ ଏବଂ ମାଧବଦେବ ଯେଉଁ ବରଗୀତ ଓ ଅଙ୍କିଆନାଟ ରଚନା କରିଥିଲେ ତଦ୍ୱାରା ଅସମୀୟା ଧର୍ମ ସାହିତ୍ୟର ପ୍ରଧାନ ସ୍ରୋତ ପ୍ରବାହିତ ହେଲା ଏବଂ ଦୁଇ ଶତାବ୍ଦୀ ଭିତରେ ଅନେକାନେକ ଉପସ୍ରୋତ ଦ୍ୱାରା ତାହା ପରିପୁଷ୍ଟ ହେଲା । ଶଙ୍କରଦେବ ଭଜନଗାନ, ସ୍ତୋତ୍ର ପଠନ ଏବଂ ଶାସ୍ତ୍ର ଆବୃତ୍ତିର ପରମ୍ପରା ସ୍ଥାପନ କରିଗଲେ । ପାତ୍ରଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସମୟର ଯେଉଁ ପ୍ରସଙ୍ଗରେ ଯେଉଁ ପୂଜାର୍ଚ୍ଚନା ହେଉଥିଲା ସେଥିରେ ଏସବୁର ପ୍ରଚଳନ ଥିଲା । ଶଙ୍କରଦେବଙ୍କ ଅନ୍ୟଏକ ବୁଦ୍ଧିମାନର କାର୍ଯ୍ୟହେଲା ନାଟକ, ଅଙ୍କିଆନାଟର ଦୃଶ୍ୟାବଳୀ ମାଧ୍ୟମରେ ଧର୍ମପ୍ରଚାର କରିବା । ମଠର ସତ୍ରାଧିକାରୀମାନଙ୍କ ସହିତ ମିଶି ଏମିତି ଏକପ୍ରଥା କରିଥିଲେ ଯାହାଫଳରେ ଧର୍ମଯାଜକମାନେ ବ୍ରତ ହେବା ପୂର୍ବରୁ ଗୀତ ଓ ଅଙ୍କିଆନାଟକ ରଚନାର ବ୍ୟବସ୍ଥା ଥିଲା । ଏହିସବୁ ନାନାକାରଣ ମିଶି କେବଳ ଅସମୀୟା ସାହିତ୍ୟର ସମୃଦ୍ଧି ଯେ ସଂଘଟିତ ହେଲା ତାହା ନୁହେଁ ଗାଁ ଗଣ୍ଡାରେ ସାକ୍ଷରତା ପ୍ରସାର ମଧ୍ୟ ଜୋର୍‌ସୋର୍ ବଢ଼ିଗଲା । ଯେଉଁ ପ୍ରଥମ ସତ୍ରାଧୀକାରମାନେ 'ଗୀତ' ଓ 'ନାଟ' ରଚନା କରିଥିଲେ ସେମାନଙ୍କ ମଧ୍ୟରେ ଗୋପାଳ ଆତା ଜଣେ । ସେ ୧୫୪୭ରୁ ୧୬୧୧ ପର୍ଯ୍ୟନ୍ତ ବଞ୍ଚିଥିଲେ । ମାଧବାନନ୍ଦ ତାଙ୍କୁ ଦ୍ୱାଦଶ ଧର୍ମାଗ୍ରର୍ଯ୍ୟରୁ ଜଣେ ବୋଲି ନିଯୁକ୍ତି ଦେଇଥିଲେ । ସେ କଳଝରସତ୍ର ଏବଂ ଜଳସଂହିତ ଶାଖା ଶଙ୍କରଦେବଙ୍କ ଗୋଷ୍ଠୀରେ ପ୍ରତିଷ୍ଠା କରିଥିଲେ । ଶ୍ରୀରାମ ଆତା ହେଲେ ଅହଟଗୁରୀ ସତ୍ରର ପ୍ରତିଷ୍ଠାତା ଏବଂ ତାଙ୍କପୁତ୍ର ରାମାନନ୍ଦ ଦ୍ୱିଜ ଯେ ଅହୋମ ରାଜା ଚକ୍ରଧର ସିଂହ (ମୃତ୍ୟୁ ୧୬୬୯)ଙ୍କ ସମକାଳୀନ ଏବଂ ଯେ ପ୍ରାଚୀନ ସ୍ତୋତ୍ରର ଆଦର୍ଶରେ ଅନେକ ପାର୍ଥନା ଲେଖିଥିଲେ । ସେଗୁଡ଼ିକରେ ଶଙ୍କରଦେବଙ୍କ ଚିନ୍ତା, ଭାବନା ଓ ଭାଷାର ପ୍ରତିଫଳନ

Digitized by srujanika@gmail.com

ଦେଖାଯାଏ । ଜୟଦେବଙ୍କ 'ଗୀତଗୋବିନ୍ଦ'ର ମଧ୍ୟ ପ୍ରତିଧ୍ୱନି ଲକ୍ଷ୍ୟ କରିହୁଏ ସେମାନଙ୍କ ରଚନାବଳୀରେ । କେତେକ ଗୀତିରେ କୃଷ୍ଣ ଓ ରାଧାଙ୍କ ପ୍ରେମ ମଧ୍ୟ ବର୍ଣ୍ଣିତ, ଯାହା ଅସାମୀୟା ବୈଷ୍ଣବ କବିତାର ପ୍ରଥମ କାଳରେ ଦେଖାଯାଇନଥିଲା ।

ବୈଷ୍ଣବ ଅଭ୍ୟୁତ୍ଥାନ ଯୁଗର ଆକର୍ଷଣୀୟ କଥା ହେଲା ଏକ ଗଣତାନ୍ତ୍ରିକ ଚେତନାର ଆବିର୍ଭାବ । କାରଣ ଏହା କେବଳ ପୁରୁଷମାନଙ୍କ ମଧ୍ୟରେ ନୁହେଁ ନାରୀମାନଙ୍କ ମଧ୍ୟରେ ବିଦ୍ୟାପାଠର ଉତ୍ସାହ ସଞ୍ଚାରକଲା । କନକଲତା ( ଲକ୍ଷ୍ମୀଆଇ) ଶଙ୍କରଦେବଙ୍କ ନାତୁଣୀବୋହୂ ଥାଇ ଅନେକ ଅଟ୍ଟୋଷ୍ଟର୍ଗର କବିତା ରଚନା କରିଥିଲେ । ସେ ଯେ କେବଳ ଆସାମର ପ୍ରଥମ ନାରୀ କବି ତାହା ନୁହେଁ, ସେ ପ୍ରଥମ ନାରୀ ଯେ କି ସତ୍ରର ଅଧିକାରିଣୀ ଓ ଧର୍ମୀୟ ଶାଖାର ଦଳପତି ।

ଭାଗବତ ପରେ ମହାଭାରତରେ ବହୁଳ ପ୍ରଭାବ ବୈଷ୍ଣବ କବିମାନଙ୍କ ଉପରେ ପଡ଼ିଥିଲା ଯେହେତୁ ମହାପୁରାଣଟିକୁ ବୈଷ୍ଣବ ଧର୍ମଶାସ୍ତ୍ର ବୋଲି ଗଣନା କାରାଯାଇଥିଲା । ତେଣୁ କରି ବୈଷ୍ଣବକବିମାନେ ଏହି ଗ୍ରନ୍ଥକୁ ନିଜ ନିଜ ନୀତି ପ୍ରଚାର ଓ ପ୍ରସାର ପାଇଁ ଗ୍ରହଣ କରିନେଲେ । ଅନେକ କବି ମହାଭାରତର କିଛି ଅନୁବାଦ କଲେ ବା ସେଥିର ଗଳ୍ପ ବା କାହଣୀ ଗ୍ରହଣ କରି ବିଷ୍ଣୁ ବା କୃଷ୍ଣଙ୍କ ପ୍ରତି ଭକ୍ତି ଜାଗ୍ରତ କରିବାପାଇଁ ଚରିତ ଲେଖିଥିଲେ ଏବଂ ବୈଷ୍ଣବ ଆଦର୍ଶ ଯଥା ସନ୍ୟାସ, ସରଳ ଜୀବନ, ଦୟା, ଦାକ୍ଷିଣ୍ୟ, ସତ୍ୟ, ତୀର୍ଥଯାତ୍ରା ଇତ୍ୟାଦିର ମହିମା ପ୍ରଚାରକଲେ । ଅସମୀୟା ଭାଷାରେ ମହାଭାରତ କବିମାନଙ୍କ ମଧ୍ୟରେ କବି ରାମ ସରସ୍ୱତୀ ଅଗ୍ରଣୀ । ରାମ ସରସ୍ୱତୀ ଜଣେକ ଲୋକପ୍ରିୟ କବି ଏବଂ ବହୁ ଗ୍ରନ୍ଥର ଲେଖକ । ରାଜା ନରନାରାୟଣଙ୍କ ପୃଷ୍ଠପୋଷକତାରେ ସେ ସମସାମୟିକ ଲେଖକମାନଙ୍କ ସାହିତ୍ୟିକ କୃତିରେ ସମନ୍ୱୟ ପ୍ରତିଷ୍ଠାକରି ଯୁଗକୁ ଖ୍ୟାତ କରିଥିଲେ । ନରନାରାୟଣ ରାମ ସରସ୍ୱତୀଙ୍କୁ ମହାଭାରତ ଅନୁବାଦ କରିବାକୁ ନିୟୋଜିତ କରିଥିଲେ ଏବଂ ସେ ଅନିରୁଦ୍ଧ, କବିଚନ୍ଦ୍ର, ଭାରତଭୂଷଣ ଏବଂ ଶ୍ରୀନାଥ ବ୍ରାହ୍ମଣ ଆଦି ବିଭିନ୍ନ ନାମରେ ମହାଭାରତର ଅଧିକାଂଶ ଭାଗ ଅନୁବାଦ କରିଥିଲେ । କବି ନିଜେ କହିବାମତେ ତିରିଶ ହଜାର ପଦ କରିଥିଲେ । ଯେତେବେଳେ ଅନ୍ୟ କବିମାନେ ମାତ୍ର ତିନିହଜାର ପଦ କରିଥିଲେ । ସେ ସଂପୂର୍ଣ୍ଣ ଆଦିପର୍ବ ୧୯୯୩ ପଦରେ ଶେଷ କରିଥିଲେ । ସ୍ୱୀୟ ପୁତ୍ର ଗୋପୀନାଥ ପାଠକ ସହିତ ସଭାପର୍ବକୁ ୧୦୭୩ ପଦରେ ଅନୁବାଦ କରିଥିଲେ । ବନପର୍ବ ଓ ତାର ଉପପର୍ବଗୁଡ଼ିକୁ ରାମ ସରସ୍ୱତୀ ଏକା ଏକା ହିଁ ଅସମୀୟା ରୂପରେ ପରିଣତ କରିଥିଲେ । ବନପର୍ବରେ ବିଭିନ୍ନ ଅଂଶ ରହିଛି ଯଥା ଆଦି-ବନ-ପର୍ବ (୮୩୩ ପଦ) ପୁଷ୍ପହରଣ-ବନପର୍ବ (୫୮୪ପଦ), ମଣିଚନ୍ଦ୍ର ଘୋଷ ପର୍ବ (୧୦୮୫ପଦ), ବିଜୟପର୍ବ (୨୨୨୨ ପଦ), ଶେଷ- ବନ ପର୍ବ (୭୧୮ ପଦ) ; ଏବଂ ସିନ୍ଧୁ ଯାତ୍ରା ପର୍ବ (୧୮୪୨ ପଦ) । ଅସମୀୟା ଭାଷାର ବନପର୍ବ ଭିତରେ ଆହୁରି ମଧ୍ୟ ଅଛି କୁଳାଚଳ ବଧ (୧୮୪୭ ପଦ), ବଘାସୁର

Digitized by srujanika@gmail.com

ବଧ (୪୧୨୫ ପଦ); ଖଟସୁରବଧ (୧୮୨ ପଦ); କୁର୍ମବଳି ବଧ (୩୬୬ ପଦ) ଅଶ୍ୱକର୍ଣ୍ଣ ବଧ (୬୧୧ ପଦ); ଜଙ୍ଘାସୁର ବଧ (୩୪୦ ପଦ); ଏବଂ ଭଜକଟା ବଧ । ବିଭିନ୍ନ ଭାଗର ପ୍ରତିଟି ଅଂଶକୁ ବଧକାବ୍ୟ କୁହାଯାଏ ଏବଂ ପ୍ରତ୍ୟେକଟି ଖୁବ୍ ଦୀର୍ଘ ଏବଂ ଭାବ ଓ କର୍ମ କ୍ଷେତ୍ରରେ ସ୍ୱତନ୍ତ୍ର । ଏ ସମସ୍ତ ବଧକାବ୍ୟମାନ ପାଣ୍ଡବମାନଙ୍କ ଅତିମାନୁଷିକ ଦୁଃସାହସିକ କ୍ରିୟାକାଣ୍ଡ ଲୋକକଥା, କିମ୍ବଦନ୍ତୀ, ପଶୁପକ୍ଷୀ କାହାଣୀ, ଭୂତ, ରାକ୍ଷସ, ଦେବତା, ଯୋଗୀଋଷି, ପ୍ରାଚୀନ ରାଜାଙ୍କୁ ନେଇ ଗଠିତ । ଧର୍ମଶିକ୍ଷା ଦେବା ଏବଂ ଆଶ୍ଚର୍ଯ୍ୟଜନକ ଗଳ୍ପ ରାଶି ଶୁଣାଇବା ବ୍ୟତୀତ ଏଇ ବଧକାବ୍ୟମାନ ଜନସାଧାରଣଙ୍କୁ ନୀତି, ସତ୍ୟ ଏବଂ ନ୍ୟାୟପରାୟଣତା ଶିଖାଇବାରେ ବହୁଦୂର ସାହାଯ୍ୟ କରିଛି । ସ୍ୱଭାବତଃ ଏହି କାବ୍ୟମାନ ଧର୍ମ ଓ ଅଧର୍ମଭିତରେ ଉପୁଜିଥିବା ସଙ୍ଘର୍ଷର ବିଷୟବସ୍ତୁ ନେଇ ରଚିତ । ଅଧର୍ମଦ୍ୱାରା ଧର୍ମର ନିପୀଡ଼ନ, ସତ୍ୟଦ୍ୱାରା ମିଥ୍ୟାର ପରାଭବ ଏବଂ ଶେଷରେ ସତ୍ୟର ବିଜୟ । ଏହି ପର୍ବମାନଙ୍କର ମୂଳ ମହାଭାରତ ସହିତ ଖୁବ୍ କମ୍ ସାମଞ୍ଜସ୍ୟ ରହିଛି ।

ଏହା ବ୍ୟତୀତ ରାମ ସରସ୍ୱତୀ 'ଉଦ୍ୟୋଗ' ଓ 'କର୍ଣ୍ଣପର୍ବ'ପର୍ବମାନ ଏବଂ ସମସାମୟିକ କବି ବିଦ୍ୟାପଞ୍ଚାନନଙ୍କ ସହିତ ମିଳିମିଶି ଭୀଷ୍ମପର୍ବ ଅନୁବାଦ କରିଥିଲେ । 'ଦ୍ରୋଣପର୍ବ'ର ଅନୁବାଦ ରାମ ସରସ୍ୱତୀ, ତାଙ୍କ ପୁତ୍ର ଗୋପୀନାଥ ଓ ଦାମୋଦରଙ୍କ ମିଳିତ କୃତି । 'ବିରାଟ ପର୍ବ' ୧୩୨୧ ପଦରେ ସଂପୂର୍ଣ୍ଣ କଂସାରୀ କାୟସ୍ଥଦ୍ୱାରା ଅନୁଦିତ, ଯାହା ମୂଳ ଅନୁବାଦ ସହିତ ପୂରାପୂରି ମିଳିଯାଇଛି । କଂସାରୀ ଜଣେ ବଡ଼ ସଂସ୍କୃତ ପଣ୍ଡିତ ଥିଲେ । ଏପରିକି ରାମସରସ୍ୱତୀ ତାଙ୍କୁ କବି ଏବଂ ଋଷି ବୋଲି ସ୍ୱୀକାର କରନ୍ତି । ପର୍ବର କେତେ ଅଂଶ ଶ୍ରୀମନ୍ତ ଗଭାରୁ ଖାନଙ୍କ ନାମରେ ଯାଏ, ଯେ ବହୁ ଶ୍ରମ କରି ପଦଗୁଡ଼ିକୁ ରଚ଼ନା କରିଥିଲେ । ଅନ୍ୟାନ୍ୟ ଯେଉଁ କବିମାନେ ଅବଶିଷ୍ଟ ପର୍ବ ଅନୁବାଦ କରିଥିଲେ ସେମାନେ ହେଲେ ଦାମୋଦର ଦାସ (ଶଲ୍ୟପର୍ବ), ଜୟନାରୟଣ (ସ୍ତୁତି ପର୍ବ) ଲକ୍ଷ୍ମୀନାଥ ଦ୍ୱିଜ (ଶାନ୍ତିପର୍ବ), ଗଙ୍ଗାଦାସ, ସୁବୁଦ୍ଧି ରାୟ ଏବଂ ଭବାନୀ ଦାସ ଶେଷ ତିନିଜଣ ଏକତ୍ର (ଅଶ୍ୱମେଧ ପର୍ବ) କରିଥିଲେ ।

ଏହା କହିବା ଆବଶ୍ୟକ ପଡୁଛି ଯେ ଅସମୀୟା ମହାଭାରତ ମୂଳ ମହାପୁରାଣରେ ଆକ୍ଷରିକ ଅନୁବାଦ ନୁହେଁ । ସଂକ୍ଷେପୀକରଣ, ପରିବର୍ତ୍ତନ, ଆନୟନ, ନବୀକରଣ ତଥା ଗ୍ରହଣ ପ୍ରକ୍ରିୟାରେ ଅସମୀୟା ଭାଷାର ମହାପୁରାଣ ସ୍ଥାନୀୟ ରୂପରେଖ ଗ୍ରହଣ କରିଛି । ବର୍ଣ୍ଣନାକୁ ମଧୁର, ସରଳ, ସଳଖ, ଏବଂ ଚିତ୍ତରଞ୍ଜନ କରି ଜନମନ ହରଣ କବିବାର ସମସ୍ତ ପ୍ରଚେଷ୍ଟା କରିବାକୁ ଯାଇ ଅସାମୀୟ କବିମାନେ ଇଚ୍ଛା କରି ଆଇନ୍ ନିତୀଶାସ୍ତ୍ର ତଥା ଗଭୀର ଦର୍ଶନର ଆଲୋଚ଼ନା, ତର୍ଜମା ବାଦ୍ ଦେଇଛନ୍ତି । ପୁଣି ଅସାମୀୟା ଟୀକା ବୈଷ୍ଣବ ଶାସ୍ତ୍ରର ଅନୁରୂପ ହୋଇଛି । ତାର କାରଣ ବୈଷ୍ଣବ ତତ୍ତ୍ୱ ପ୍ରସାର ପାଇଁ ବୈଷ୍ଣବକବିମାନଙ୍କ ଦ୍ୱାରା ଅନୂଦିତ ହୋଇଗଲା । ଅସମୀୟା ମହାଭାରତରେ ଅଧିକାଂଶ ଭାଗ ବୈଷ୍ଣବ ଧର୍ମନୀତି

Digitized by srujanika@gmail.com

ଲୋକକଥା ଏବଂ ପରମ୍ପରାସମ୍ବଳିତ ପରିଚ୍ଛେଦରେ ଶେଷ ହୁଏ । ଏପରିକି ମୂଳକଥାରେ ମଧ୍ୟ କବି ଭକ୍ତିର ଗୌରବ ଗାଇବାକୁ ଯାଇ ଅନେକ ପଦ ଯୋଡ଼ି ପୁରାଇଦିଅନ୍ତି ।

ତା'ଛଡ଼ା ମୂଳ ଗ୍ରନ୍ଥରେ ଯାହା ନାହିଁ, ଅସମୀୟା ଭାଷାରେ ଘଟଣାସବୁ ଇଛା ମୁତାବକ ପୁରାଇ ଦିଆଯାଏ । ଏ ଦିଗରୁ 'ବନପର୍ବ' ଲକ୍ଷଣୀୟ । ବେଳେବେଳେ ମୂଳ ଘଟଣାକୁ କଳ୍ପନାର ନାନା ରଙ୍ଗ ଦେଇ ସଂପ୍ରସାରିତ କରାଯାଏ । ଉଦାହରଣ ସ୍ୱରୂପ, ପଣ୍ଡୁଙ୍କ ମୃତ୍ୟୁ କଥା ଦେଖାଯାଉ । ମୂଳ ଗ୍ରନ୍ଥରେ ଅଛି ଯେ ଦିନେ ବସନ୍ତକାଳରେ ପଣ୍ଡୁ ସୁନ୍ଦରୀ ମାଦ୍ରୀଙ୍କ ସହିତ ବନରେ ବୁଲୁଥିଲେ । ରାଜା ହଠାତ୍ କାମାସକ୍ତ ହୋଇ ବଳାତ୍କାର କରି ମାଦ୍ରୀଙ୍କୁ କୁଣ୍ଢେଇ ପକାଇଲେ ଏବଂ ନିଜ କାମପ୍ରବୃତ୍ତି ଚରିତାର୍ଥ କରୁ କରୁ ପ୍ରାଣତ୍ୟାଗ କଲେ । ଅସମୀୟାରେ କିନ୍ତୁ ଅଛି ଯେ ପଣ୍ଡୁ ଋଷିମାନଙ୍କ ଗ୍ରହଣରେ ଧର୍ମଚର୍ଚ୍ଚା କରୁଥିଲେ । ସୂର୍ଯ୍ୟ ପ୍ରାୟ ଅସ୍ତ ହେବାକୁ ଯାଇଛନ୍ତି ଏବଂ ପଣ୍ଡୁ ସନ୍ଧ୍ୟା କରିବାକୁ ଉଠିବାର କୌଣସି ଲକ୍ଷଣ ନାହିଁ, କୁନ୍ତୀ ବିଚଳିତ; କାରଣ ପଣ୍ଡୁ ରାତ୍ରି ଭୋଜନ କରିବେ ନାହିଁ ଯଦି ସନ୍ଧ୍ୟା ନ କରନ୍ତି । କୁନ୍ତୀ ତେଣୁ ମାଦ୍ରୀଙ୍କୁ କହିଲେ ଅଗଣାରେ ସୂର୍ଯ୍ୟଙ୍କୁ ମୁହଁକରି ଛିଡ଼ାହେବା ପାଇଁ । ତାହାହେଲେ ସୂର୍ଯ୍ୟ ତାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହେବେ ଏବଂ ଅସ୍ତାଚଳକୁ ଯିବେ ନାହିଁ । ମାଦ୍ରୀ ତାହା କଲେ । ସଭା ଭାଙ୍ଗିଲାରୁ ପଣ୍ଡୁ ଘରକୁ ଫେରିଲେ ଏବଂ ଆଶ୍ଚର୍ଯ୍ୟ ହେଲେ ସୂର୍ଯ୍ୟ କେମିତି ଏ ଯାକେ ଦିଗ୍‌ବଳୟ ତଳକୁ ଯାଇନାହାନ୍ତି ଅଥଚ ରାତ୍ରି ଢେର ହୋଇଗଲାଣି । ପଗ୍ଚରିଲାରୁ କୁନ୍ତୀ କହିଲେ, ସୂର୍ଯ୍ୟଦେବ ମାଦ୍ରୀଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ଦିଗ୍‌ବଳୟ ଉପରେ ରହି ଯାଇଛନ୍ତି । ତାପରେ ମାଦ୍ରୀଙ୍କୁ ପାଇବାର ଏକ ମାରାତ୍ମକ ଇଚ୍ଛା ପଣ୍ଡୁଙ୍କ ହୃଦୟରେ ଜାତ ହେଲା ଏବଂ କୁନ୍ତୀ ଯେତେ ବୁଝାଇଲେ ମଧ୍ୟ ସେ ତାଙ୍କ ଉପଦେଶ ଶୁଣିଲେ ନାହିଁ । କୁନ୍ତୀ ବାଧ୍ୟହୋଇ ପଣ୍ଡୁଙ୍କ ପାଇଁ ମାଦ୍ରୀଙ୍କି ଆଣିଲେ ଏବଂ ସଙ୍ଗମକାଳରେ ପଣ୍ଡୁ ପ୍ରାଣତ୍ୟାଗକଲେ ।

ସ୍ଥାନୀୟ ଇତିହାସ ଏବଂ ଭୂଗୋଳ ସଂପର୍କିତ ଘଟଣାର ଅନୁପ୍ରବେଶର ଦୃଷ୍ଟାନ୍ତ କିଛି କମ୍ ନୁହେଁ । ଉଦାହରଣ ସ୍ୱରୂପ, ଅସମୀୟା ଭାଷାର ଆଦିପର୍ବ ଏବଂ ଦ୍ରୋଣପର୍ବରେ ରାଜା ଭଗଦତ୍ତଙ୍କ ସ୍ୱୟମ୍ବର ସଭାରେ ଉପସ୍ଥିତ ଏବଂ କୁରୁକ୍ଷେତ୍ରରେ ତାଙ୍କ ମୃତ୍ୟୁର ବର୍ଣ୍ଣନା ଉଲ୍ଲେଖ କରାଯାଇପାରେ ।

ଏହା ଖୁବ୍ ସ୍ୱାଭାବିକ ଯେ ଅସମୀୟା ଅନୁବାଦ ବା ଟୀକାରେ ଆସାମର ଜୀବନ ଓ ସଂସ୍କୃତିର ନାନା କଥା ପ୍ରଚୁର ପରିମାଣରେ ରହିବ । ଏମିତି ସ୍ଥାନୀୟ ରଙ୍ଗର ଉଦାହରଣ ଏତେ ବେଶୀ ଯେ ସେ ସବୁର ଉଲ୍ଲେଖ ଅନାବଶ୍ୟକ । ସାଧାରଣତଃ, ସେସବୁ ଜୀବନ୍ତ ପ୍ରକୃତି, ପୁଷ୍ପଫଳ, ଜୀବଜନ୍ତୁ, ବିବାହ ଉତ୍ସବ, ପୋଷାକପତ୍ର, ଗହଣାଗାଣ୍ଠି, ଖାଦ୍ୟପାନୀୟ, ଭୋଜିଭାତ, ବାଦ୍ୟସଂଗୀତ, ମହାଉତ୍ସବର ବର୍ଣ୍ଣନା ଆଦିରେ ଭରପୁର । ସ୍ଥାନୀୟ ଆଗ୍ରହ

Digitized by srujanika@gmail.com

ବ୍ୟବହାର ରୀତିନୀତି ମଧ୍ୟ ସଚରାଚର ଦେଖାଯାଏ । ଆସାମର ଗ୍ରାମୀଣ ଜୀବନରୁ ନିଆଯାଇଥିବା ଘରୋଇ ଉପମା ତୁଳନାରେ ଅସମୀୟା ରଙ୍ଗ ଆହୁରି ବେଶୀ ପରିସ୍ଫୁଟ । ଅସମୀୟା ରୂପାନ୍ତରରେ ଆଉ ମଧ୍ୟ ଅସମୀୟା ଭାଷାର ମଧ୍ୟ ବିଚିତ୍ର ରୂପ ଦେଖାଯାଇଥାଏ । କବିମାନେ ବିଭିନ୍ନ ସୂତ୍ରରୁ ଏବଂ ବିଚିତ୍ର ରୂପର ଶବ୍ଦରାଜି ବ୍ୟବାହାର କରିଥିଲେ, ଯେଉଁଥିରୁ ଅଧିକାଂଶ ଆଜି ବିଲୁପ୍ତ ବା ଅବୋଧ୍ୟ ।

ମହାଭାରତର ଅନୁବାଦ ଅସାମୀୟା ସାହିତ୍ୟରେ ଉନ୍ନତି ଓ ଲୋକପ୍ରିୟତା ଉପରେ ବହୁତ ପ୍ରେରଣା ଦେଲା । ଏହା ଗଳ୍ପ, ରୋମାଞ୍ଚକର କାହାଣୀ, ଲୋକକଥା, ଉପକଥାର ସୁବର୍ଣ୍ଣମୟ ଧାରା ଫିଟାଇଦେଲା । ଆଜି ବି ଆଧୁନିକ ଅସମୀୟା ଲେଖକବର୍ଗ ଏଥିରୁ ପ୍ରଜ୍ଞା ଓ ଆନନ୍ଦର ଅସରନ୍ତି ଉତ୍ସ ପାଇଛନ୍ତି । ଗ୍ରାମୀଣମାନଙ୍କ ପକ୍ଷରେ ଏହି ମହାକାବ୍ୟ କେବଳ ଯେ ମନୋରଞ୍ଜକ କାବ୍ୟ ହେଲା ତାହା ନୁହେଁ, ଏକ ପୁଣ୍ୟ ଧର୍ମଗ୍ରନ୍ଥ ମଧ୍ୟ । ଅନୁବାଦମାନଙ୍କରେ କବିମାନେ ବାରମ୍ବାର ଭାରତୀୟ ଧର୍ମନୀତି ଯଥା, ବଦାନ୍ୟତା, ସତ୍ୟ, ସହନଶୀଳତା, ମନ, ଶରୀର ଓ କଥାର ପବିତ୍ରତା ଉପରେ ଜୋର୍ ଦେଇଛନ୍ତି । ଶଲ୍ୟପର୍ବରେ ଯଥାର୍ଥରେ କୁହାଯାଇଛି, "ଏହି ଶାସ୍ତ୍ର ଧର୍ମ ଓ ନୀତିଶାସ୍ତ୍ରର ଆବଶ୍ୟକତା ପୂରଣ କରିବା ସଙ୍ଗେ ବୈଷୟିକ ସମ୍ପଦ, ଜୀବନର ଆନନ୍ଦ ଏବଂ ଆଧ୍ୟାତ୍ମିକ ମୁକ୍ତିପଥ ସୁଗମ କରିଦିଏ ।"

ରାମ ସରସ୍ୱତୀ ଜୟଦେବଙ୍କ 'ଗୀତଗୋବିନ୍ଦ'ର ମଧ୍ୟ ଏକ ଅନୁବାଦ କରିଥିଲେ । ଏହା ମଧ୍ୟ ଏକ ଆକ୍ଷରିକ ଅନୁବାଦ ନୁହେଁ । ଅସମୀୟା କବି 'ଭାଗବତପୁରାଣ'ରୁ କିଛି ଆଖ୍ୟାୟିକା ଏଥିରେ ପୁରାଇଥିଲେ ଏବଂ ସଂସ୍କୃତରୁ କିଛି କିଛି ପୁଷ୍ପ ସଂଗ୍ରହକରି ଗ୍ରନ୍ଥକୁ ସମ୍ପ୍ରସାରିତ ଓ ଅଳଙ୍କୃତ କରିଥିଲେ । ପୁଣି ଏହି ଅସମୀୟା ଗ୍ରନ୍ଥରେ ବୈଷ୍ଣବ ଧର୍ମ ଉପରେ ଜୋର୍ ଦିଆ ଯାଇଥିଲା ଏବଂ ଅସାମୀୟା ବୈଷ୍ଣବ ଧର୍ମର ଆଦର୍ଶ ସହିତ ସ୍ୱର ମିଳାଇବାପାଇଁ ମୂଳଗ୍ରନ୍ଥର ପ୍ରେମଭାବକୁ ବହୁତ କମାଇ ଦିଆଯାଇଥିଲା । ରାମ ସରସ୍ୱତୀଙ୍କ ଅନ୍ୟଏକ ପ୍ରଖ୍ୟାତ ଓ ଲୋକପ୍ରିୟ କାବ୍ୟହେଲା 'ଭୀମ ଚରିତ' । ମହାଭାରତର 'ଆଦିପର୍ବ'ରେ ଥିବା ଭୀମର ବାଲ୍ୟ ଜୀବନର ଏକ ଆଖ୍ୟାନ ଏଥିରେ ବର୍ଣ୍ଣିତ । ସମଗ୍ର ଅସମୀୟା ସାହିତ୍ୟରେ କୌଣସି ସ୍ଥାନରେ ଲୋକପ୍ରିୟ ଭୀମର ଏପରି ଜୀବନ୍ତ ଛବି ମିଳିବ ନାହିଁ । ଏକ ଅତିକାୟ ପୁରୁଷ ସ୍ୱୀୟ ଗଦା ସଂଚ୍ଚାଳନ କରି ହାରକ୍ୟୁଲିସର ଶକ୍ତି ପ୍ରଦର୍ଶନ କରୁଛି, ଯାହାର ରାକ୍ଷସ ପରି ଭୋଜନଶକ୍ତି ତଥା ଅନନ୍ତ କ୍ଷୁଧା ରହିଛି । ଏ ଗ୍ରନ୍ଥରେ ସେ ଶିବଙ୍କଦ୍ୱାରା ନିଯୁକ୍ତ ହୋଇଛି ବୃଷଭର ଗୃହଣ ପାଇଁ । ଶିବଙ୍କ ଛବି ଏଠି ବିଦ୍ରୂପାତ୍ମକ ଏବଂ ଅତିରଞ୍ଜିତ କରାଯାଇଅଛି । ଶିବଙ୍କୁ ଏକ ଟାଣୁଆ ଚଷା ରୂପରେ ଚିତ୍ରିତ କାରଯାଇଅଛି, ଯାହାର ସାଂସାରିକ ଜ୍ଞାନ ନାହିଁ । ସଙ୍ଗିନୀ ପାର୍ବତୀ ଦୁଇପୁଅ ସହିତ ଦାରିଦ୍ର୍ୟ ଓ ଅଭାବରେ ରହିଛନ୍ତି । ଏମିତି ଏକ ମଜାଦାର ଛବିପାଇଁ ଗ୍ରନ୍ଥଟି ଏତେ ଲୋକପ୍ରିୟ । ଏହା ଛଡ଼ା ଗ୍ରନ୍ଥର ଅନ୍ୟ

Digitized by srujanika@gmail.com

ମୂଲ୍ୟ ମଧ୍ୟ ଅଛି । ଏହା ଗୃହୀଜୀବନ ତଥା ଘରୁଆ ଜୀବନର ସାରଲ୍ୟ, ସୁଖ ଓ ଆନନ୍ଦର ମଧ୍ୟ ଉଜ୍ଜ୍ୱଳ ଚିତ୍ର ପ୍ରଦାନକରେ ।

ରାମ ସରସ୍ୱତୀଙ୍କ ପୁତ୍ର କଳାପଚନ୍ଦ୍ର ମଧ୍ୟ ଅନ୍ୟ ଏକ ପ୍ରଖ୍ୟାତ କବି । 'ଭାଗବତ ପୁରାଣ'ର ଚତୁର୍ଥ ଖଣ୍ଡର କିୟଦଂଶ ସେ ଅନୁବାଦ କରିଥିଲେ । ମାତ୍ର ତାଙ୍କର ଉତ୍କୃଷ୍ଟ ଗ୍ରନ୍ଥ ହେଲା 'ରାଧାଚରିତ' । ଭାଷା ଓ ଶୈଳୀ ପାଇଁ ଗ୍ରନ୍ଥଟି ଯେତେ ବିବେଚନା ଯୋଗ୍ୟ ନୁହେଁ ଭାବପାଇଁ ସେତେ ଉଲ୍ଲେଖଯୋଗ୍ୟ, ରାଧାକୃଷ୍ଣଙ୍କ ରତି ବା କେଳି ଅସମୀୟା ବୈଷ୍ଣବ କବିମାନଙ୍କ ରଚନାରେ ବର୍ଣ୍ଣିତ ହୋଇ ନ ଥାଏ । 'ରାଧାଚରିତ'ରେ କଳାପଚନ୍ଦ୍ର ରାଧାକୃଷ୍ଣଙ୍କ ପ୍ରେମ ଇନ୍ଦ୍ରିୟାତୀତ ରୀତିରେ ବର୍ଣ୍ଣନା କରିଛନ୍ତି । ଲୋକକଳ୍ପନାର ଯେଉଁସବୁ ପ୍ରେମ କାହାଣୀକୁ ସତ ବୋଲି ଧରିନିଆଯାଇଥାଏ, ତାହା ଏଠି ନାହିଁ । କବି ରାଧା ଚରିତର କେବଳ ଭକ୍ତି ବିଭାବକୁ ଦେଖାଇଛନ୍ତି, ତାଙ୍କ ଉତ୍ସର୍ଗୀକୃତ ଦେହ, ମନ ଏବଂ ଆତ୍ମା, ତାଙ୍କ ଦୀର୍ଘ ବେଦନା ଏବଂ କୃଷ୍ଣପ୍ରତି ତାଙ୍କର ଅମର ପ୍ରେମ ନିବେଦନ ପ୍ରଶଂସନୀୟ ଭାବରେ କବି ବର୍ଣ୍ଣନା କରିଛନ୍ତି । ସଂକ୍ଷେପରେ 'ରାଧାଚରିତ' ଆଦର୍ଶ, ନିଃସ୍ୱାର୍ଥ ପ୍ରେମଗାରିମାର ଆଲେଖ୍ୟ ।

ରଚନାର କଥାବସ୍ତୁ ଏହିପରି -- "କୃଷ୍ଣ ଭକ୍ତିରେ ଗଦ୍‌ଗଦ୍‌ହୋଇ ରୁକ୍ମିଣୀ ଗର୍ବରେ ଦିନେ ପଗ୍ଚରିଲେ, "ତୁମର ସବୁଠାରୁ ବଳି ଭକ୍ତ କିଏ ?" କୃଷ୍ଣ ଅନେକ ଭକ୍ତଙ୍କ ନାମକହି ଯୋଡ଼ିଲେ, "ବୃନ୍ଦାବନର ଗୋପୀଙ୍କଠୁଁ ବଳି କେହି ବଡ଼ ଭକ୍ତ ମୋର ନାହିଁ, ତୁମମାନଙ୍କ ଭିତରେ ବି ଭକ୍ତିରେ ରାଧାଙ୍କ ସମକକ୍ଷ କେହି ନାହିଁ ।" ଏହା ଶୁଣି ରୁକ୍ମିଣୀ ହିଂସାରେ ବୁଡ଼ିଯିବା ସ୍ୱାଭାବିକ । ସେ କୃଷ୍ଣଙ୍କୁ କହିଲେ, "ଟିକିଏ ରାଧାଙ୍କୁ ଦେଖନ୍ତି ।" ଉଦ୍ଧବକୁ ପଠାଗଲା ତାଙ୍କୁ ଆଣିବାପାଇଁ । ଉଦ୍ଧବ ଦେଖିଲେ ରାଧା ଅନବରତ 'କୃଷ୍ଣ' 'କୃଷ୍ଣ' ଭଜୁଛନ୍ତି । ବାହାର ଦୁନିଆ ପ୍ରତି ନଜର ନାହିଁ । ଉଦ୍ଧବ ତାଙ୍କ ଆସିବାର କାରଣ କହିଲେ । କୃଷ୍ଣ ମଧ୍ୟ ତାଙ୍କୁ ପୂର୍ଣ୍ଣରୂପ ଯୌବନରେ ଦେଖିବେ ବୋଲି ଇଚ୍ଛା କରୁଛନ୍ତି ବୋଲି ଯୋଡ଼ିଲେ । ତାପରେ ରାଧା ଅତୀବ ସୁନ୍ଦରୀ ଅନନ୍ୟସାମାନ୍ୟ ସୁନ୍ଦରୀ ରୂପ ଧଇଲେ, ଯାହା ପାଖରେ ରୁକ୍ମିଣୀ ଏବଂ କୃଷ୍ଣଙ୍କ ଅନ୍ୟପ୍ରେୟସୀମାନେ ଏକାବେଳେକେ ନିଷ୍ପ୍ରଭ ହୋଇଗଲେ । "ଯେପରି ଦୀପଟିଏ ବା ଚନ୍ଦ୍ରମା ସୂର୍ଯ୍ୟଙ୍କ ନିକଟରେ ନିଷ୍ପ୍ରଭ ଦେଖାଯାଏ, ସେହିପରି କୃଷ୍ଣଙ୍କର ସ୍ତ୍ରୀମାନେ ରାଧାଙ୍କର ଅବର୍ଣ୍ଣନୀୟ ପ୍ରଜ୍ୱଳିତ ଜ୍ୟୋତି ସମ୍ମୁଖରେ ରାତ୍ରିର ପଦ୍ମଫୁଲ ସଦୃଶ୍ୟ ବିମଳିନ ହେଲେ ।" ତାପରେ ରୁକ୍ମିଣୀ ଏବଂ ଅନ୍ୟମାନେ ରାଧାଙ୍କୁ ବହୁମୂଲ୍ୟ ଉପହାରମାନ ପ୍ରଦାନ କଲେ । ସେ କିନ୍ତୁ ସେସବୁ ଗ୍ରହଣ କଲେ ନାହିଁ । କହିଲେ, "ମୋର କେବଳ ଏତିକି ଇଚ୍ଛା ଯୁଗ ଯୁଗ ଧରି ମୁଁ ଯେପରି କୃଷ୍ଣଙ୍କ ସେବାର ସୁଯୋଗ ପାଏ ।"

ରାମ ସରସ୍ୱତୀଙ୍କ ସାଙ୍ଗସାଥୀଙ୍କ ଭିତରେ ଏପରି ଜଣେ ଅଛନ୍ତି ଯାହାଙ୍କ ନାମ ସ୍ୱତନ୍ତ୍ର ଉଲ୍ଲେଖ ନ କରି ଗୋଟାଏ ଗୋଷ୍ଠୀ ଭିତରେ ରଖିହେବ । ସେ ହେଉଛନ୍ତି କଂସାରୀ

Digitized by srujanika@gmail.com

କାୟସ୍ଥ । ଜନୈକ ଦ୍ରଷ୍ଟାରୂପେ ତାଙ୍କ ସମୟରେ ସେ ଖ୍ୟାତି ଲଭିଥିଲେ । କଂସାରୀଙ୍କ 'ମହାଭାରତ'ର ଅନୁବାଦ ମୂଳ ରଚନାର ଭାବ ଏବଂ ଅର୍ଥ ଅନେକାଂଶରେ ବଜାୟ ରଖିଛି ଏବଂ ଅନ୍ୟ କବିମାନଙ୍କ ଅନୁବାଦକୁ ମଧ୍ୟ ବଳିଯାଇଛି ।

ତତ୍କାଳୀନ ସାହିତ୍ୟାକାଶରେ ଅନ୍ୟଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ହେଉଛନ୍ତି ଅନନ୍ତ କନ୍ଦଳୀ । କାମରୂପ ଜିଲ୍ଲାର ହଜୋ ଗ୍ରାମର ସେ ଜଣେ ବ୍ରାହ୍ମଣ । ତାଙ୍କର ପ୍ରକୃତନାମ ହରିଚରଣ; ଅନନ୍ତ କନ୍ଦଳୀ ହେଲା ତାଙ୍କ ଶିକ୍ଷାଗତ ପଦବୀ । ମାତ୍ର ଏହି ଶିକ୍ଷାଗତ ପଦବୀରେ ସେ ସର୍ବତ୍ର ବିଦିତ । ନରନାରାୟଣଙ୍କ ରାଜପରିଷଦରେ ଶଙ୍କର ଦେବଙ୍କ ସମସାମୟିକ ଥାଇ ଶଙ୍କରଦେବଙ୍କୁ ଗୁରୁ ବୋଲି ମାନି ତାଙ୍କ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ । ଅନୁଗ୍ରହ ଛଳରେ ଶଙ୍କରଦେବ ତାଙ୍କୁ ଭାଗବତ ପୁରାଣର ଅସମାପ୍ତ ଦଶମ ସ୍କନ୍ଧର ଅନୁବାଦ ସଂପୂର୍ଣ୍ଣ କରିବାକୁ ଅନୁମତି ଦେଇଥିଲେ ।

ଅନନ୍ତ କନ୍ଦଳୀଙ୍କର ଅନ୍ୟାନ୍ୟ କାବିକ୍ୟ କୃତି ହେଲା 'ମହୀରାବଣ ବଧ', ହରିହର ଯୁଦ୍ଧ' 'ବୃତ୍ତାସୁର ବଧ', 'ଭରତ - ସାବିତ୍ରୀ', ଜୀବସ୍ତୁତି ଏବଂ 'କୁମାରହରଣ କାବ୍ୟ' । ଶଙ୍କର ଦେବଙ୍କ 'ରୁକ୍ମିଣୀ ହରଣ କାବ୍ୟ' ପରି 'କୁମାରହରଣ' ଜନପ୍ରିୟତା ଲାଭ କରିଥିଲା । 'କୁମାର ହରଣ'ରେ କବି ମନୋହର ରୀତିରେ ଉଷା ଓ ଅନିରୁଦ୍ଧଙ୍କ ସୁଖମୟ ପ୍ରେମକାହାଣୀ ବର୍ଣ୍ଣନା କରିଛନ୍ତି । କାରୁଣ୍ୟମୟ ଅରଫିୟାସ୍ ଏବଂ ଇଉରୀଡାଇସ୍ ବା ଲନ୍ ସେଲଟ୍ ଓ ଗିନିଭିୟାର କାହାଣୀପରି ଏହା ପ୍ରଖ୍ୟାତ । ଭାଗବତ ପୁରାଣର ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ନବମ ସ୍କନ୍ଧମାନ ମଧ୍ୟ ସେ ସୁନ୍ଦର ପଦମାନଙ୍କରେ ଅନୁବାଦ କରିଥିଲେ ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଏ ସମୟର ଅନ୍ୟ ଏକ ଖ୍ୟାତିସମ୍ପନ୍ନ ଲେଖକ । ସେ ନିଜେ କହିଛନ୍ତି ଯେ ସେ ପ୍ରାଗ୍‌ଜ୍ୟୋତିଷପୁରରେ ରହିଥିଲେ ଏବଂ ଶିବଙ୍କର ପରମ ଭକ୍ତ ରୂପେ ପରିଚିତ ଥିଲେ । ବୈଷ୍ଣବ ଓ ଶାକ୍ତ ଦୁଇପୂଜାର ତୁଳନାତ୍ମକ ଉପାଦେୟତା ସମ୍ପର୍କରେ ଦୀର୍ଘ ଆଲୋଚନା ସେ ଶଙ୍କରଦେବଙ୍କ ସହିତ କରିଥିଲେ । ଯୁକ୍ତି ତର୍କରେ ହାରିଯାଇ ସେ ମୁଣ୍ଡପୋତି ବନାରସ ଆଡ଼କୁ ଯାତ୍ରାକଲେ ବିଶେଶ୍ୱର ଚକ୍ରବର୍ତ୍ତୀ ନାମକ ଜନୈକ ହିନ୍ଦୁ ଶିକ୍ଷକଙ୍କ ପାଖରେ ହିନ୍ଦୁଶାସ୍ତ୍ର ପଢ଼ିବାପାଇଁ । ପାଞ୍ଚବର୍ଷକାଳ ଗଭୀର ଅଧ୍ୟୟନ କରି ସେ ନିଜ କରିବା ଅନୁସାରେ ଶାସ୍ତ୍ରଚର୍ଚ୍ଚାରେ ଧୂରୀଣ ହେଲେ । ବନାରସରେ ସେ 'ପଦ୍ମପୁରାଣ'ର ଏକ ଅଂଶ ପାଇଲେ, ଯାହାର ଅନୁବାଦ ସେ ପରବର୍ତ୍ତୀ କାଳରେ କରି 'ସ୍ୱର୍ଗ' ଖଣ୍ଡ ରହସ୍ୟ' ନାମଦେଲେ । ବନାରସରେ ସେ ହରି ପୂଜକ ହେଲେ ଏବଂ ସେଠାରୁ ଫେରି ଶଙ୍କରଦେବଙ୍କ ପଦତଳେ ପଡ଼ି ତାଙ୍କର ଅନ୍ୟ ଏକ ଶିଷ୍ୟ ହେଲେ । ପରେ ସେ ସ୍ୱୀୟ ଗୁରୁଙ୍କର ଜୀବନଚରିତ ଲେଖିଲେ । 'ଭାଗବତ ପୁରାଣ' ଓ 'ଭବିଷ୍ୟ ପୁରାଣ'ର କିୟଦଂଶ ମଧ୍ୟ ସେ ଅନୁବାଦ କରିଥିଲେ ।

Digitized by srujanika@gmail.com

ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ପତ୍ନୀ ମଧ୍ୟ ବେଶ୍ ବିଦୁଷୀ ପଣ୍ଡିତ ଥିଲେ । କୁହାଯାଏ, ସେ ରାଜା ନରନାରାୟଣଙ୍କ ରାଜସଭାର ତତ୍କାଳୀନ ଖ୍ୟାତନାମା ବଙ୍ଗାଳୀ ପଣ୍ଡିତ ରଘୁନନ୍ଦନ ଭଟ୍ଟାଚାର୍ଯ୍ୟଙ୍କୁ ବେଦ ଓ ସ୍ମୃତିରେ ବର୍ଣ୍ଣିତ ବିଭିନ୍ନ ପ୍ରକାର ଜୀବନପ୍ରଣାଳୀ ଉତ୍କର୍ଷ ସଂପର୍କରେ ଯୁକ୍ତିତର୍କରେ ହରାଇ ରାଜାଙ୍କ ପାଖରୁ ପ୍ରଶଂସା ପାଉଥିଲେ ।

ଶଙ୍କରଦେବଙ୍କ ସମସାମୟିକ ତଥା ପ୍ରିୟଶିଷ୍ୟ ଶ୍ରୀଧର କନ୍ଦଲୀଙ୍କ ନାମ ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ଭାବରେ ଶଙ୍କର ଦେବ ତାଙ୍କୁ ସ୍ୱୀୟ ପ୍ରଖ୍ୟାତ 'କୀର୍ତ୍ତନଘୋଷା'ରେ 'ଘୁନୁଚ ଯାତ୍ରା' ବୋଲି ଏକ ପରିଚ୍ଛେଦ ଲେଖିବାକୁ ଦେଇଥିଲେ । କିନ୍ତୁ 'କୃଷ୍ଣ ଲୋକକଥାରୁ' 'କାନଖାଓ୍ବା' ବୋଲି କ୍ଷୁଦ୍ର କବିତାଟିଏ ପାଇଁ ସେ ସମ୍ମାନ ଦାବି କରନ୍ତି । ଏଇଟି ଏକ କଉତୁକିଆ ଶିଶୁଗୀତ । ଦିନେ ଶିଶୁ କୃଷ୍ଣ କାନ୍ଦୁଥିଲେ । ମାତା ଯଶୋଦା ତାଙ୍କୁ ଡରାଇ ଚୁପ୍ କରିବାଲାଗି କାନଖାଓ୍ବା ବୋଲି ଏକ ରାକ୍ଷସ ଆସୁଛି ବୋଲି ଗୀତଟିଏ ଗାଇଲେ । କୃଷ୍ଣ ସାଙ୍ଗେ ସାଙ୍ଗେ ଡରିଗଲେ ଏବଂ ତୁରନ୍ତ ମାଆଙ୍କ କୋଳକୁ ଧାଇଁଗଲେ । କହିଲେ, "ମାଆ ଏ ବିଚିତ୍ର ରାକ୍ଷସର ରୂପ କେମିତି କୁହ, କାରଣ ପୂର୍ବ ଅବତାରରେ ମୁଁ ତ ଏମିତି ରାକ୍ଷସ ଦେଖିନି ।" ଯଶୋଦାଙ୍କ ବୁଦ୍ଧି ହଜିଗଲା । ସେ ବାଧ୍ୟ ହୋଇ ମାନିଗଲେ ସେ ମିଛ କହୁଥିଲେ ବୋଲି । ଆସାମରେ ଆଜି ମଧ୍ୟ କାନ୍ଦୁଥିବା ଛୁଆକୁ ଏଇ ମିଛ ରାକ୍ଷସ କଥା କହି, ଡରାଇ ଚୁପ୍ କରାଯାଉଛି । କୁହାଯାଏ, "ଏଇ କାନଖାଓ୍ବା ଅସୁର ଆସିଲା. ଯେଉଁ ପିଲା କାନ୍ଦୁଥିବ ତା କାନ କାଟି ନେଇଯିବ ।" ଏ ଗପ ଏତେ ଲୋକପ୍ରିୟ ଓ ଜଣାଶୁଣା ଯେ ସଞ୍ଜବେଳେ ପ୍ରତି ଶିଶୁପାଳନ କେନ୍ଦ୍ରରେ ଏହା ଶୁଣାଯାଇଥାଏ ।

ଆସାମର ବୈଷ୍ଣବ ଆନ୍ଦୋଳନ ସର୍ବ ଭାରତୀୟ ଆନ୍ଦୋଳନର ଏକ ଖଣ୍ଡିତାଂଶ ମାତ୍ର; ଏଣୁ ଏହା ମୋଟାମୋଟି ଭାବେ ବୈଷ୍ଣବ ଧର୍ମଗ୍ରନ୍ଥର ଉପଦେଶାବଳୀ ଗ୍ରହଣ କରିଦେଲା ଏବଂ ଏକ ପୃଥକ୍ ଧର୍ମ ଓ ଦର୍ଶନଶାସ୍ତ୍ର ବାହାର କଲାନାହିଁ । ପୁନଶ୍ଚ ଅସମୀୟା ବୈଷ୍ଣବ ଧର୍ମ ଭକ୍ତି ଓ ଆତ୍ମୋତ୍ସର୍ଗ ଉପରେ ଜୋର୍ ଦେଉଥିବାରୁ ଏଥିରେ ବେଶୀ ସୁଯୋଗ ନ ଥିଲା ବହୁଳ ଭାବରେ ନୀତିଶାସ୍ତ୍ର ବୃଦ୍ଧି କରିବାପାଇଁ, ବୈଷ୍ଣବ ଚିନ୍ତା ଓ ଦର୍ଶନ ଉପରେ ଯେଉଁ ସଂକ୍ଷିପ୍ତ ଉପଦେଶମାଳା ସମ୍ବଳିତ ଶଙ୍କରଦେବଙ୍କ 'ଭକ୍ତିରତ୍ନାକର' ଏବଂ 'ଭକ୍ତି ପ୍ରଦୀପ' ପୁସ୍ତକ ବିଷୟରେ ଆଲୋଚନା କରାଯାଇଛି । 'ଭକ୍ତି ରତ୍ନାବଳି' ଛଡା 'ମାଧବଦେବ'ଙ୍କ 'ନାମଘୋଷା'କୁ ବୈଷ୍ଣବ ଦର୍ଶନର ପ୍ରାମାଣିକ ଗ୍ରନ୍ଥରୂପେ ଗଣାଯାଇଛି । ଭଟ୍ଟ ଦେବଙ୍କ ସଂସ୍କୃତ 'ଭକ୍ତି ବିବେକ', ରାମଚରଣ ଠାକୁରଙ୍କ 'ଭକ୍ତିରତ୍ନ', ନରୋତ୍ତମ ଠାକୁରଙ୍କ 'ଭକ୍ତି ପ୍ରେମାବଳି,' ଏବଂ ଗୋପାଳ ମିଶ୍ରଙ୍କ 'ଘୋଷରତ୍ନ' ଅସମୀୟା ବୈଷ୍ଣବ ସାହିତ୍ୟରେ ଜ୍ଞାନସମ୍ମତ ଓ ପ୍ରାମାଣିକ ବ୍ୟାଖ୍ୟାପାଇଁ ପ୍ରତିଷ୍ଠିତ ସ୍ଥାନ ରହିଛି ।

Digitized by srujanika@gmail.com

ବୈଷ୍ଣବଲେଖକମାନଙ୍କ ଅସମୀୟା ଦାର୍ଶନିକ ରଚନାକୁ ଏକ ବିଶିଷ୍ଟ ଅବଦାନ ହେଲା ଉଭୟ ଗଦ୍ୟ ଓ ପଦ୍ୟରେ ଗୀତାର ଅସଂଖ୍ୟ ଟୀକା । ଗୀତାର ସଂପୃକ୍ତ ଶ୍ଳୋକକୁ ପ୍ରଥମେ ଅସମୀୟା ଭାଷାକୁ ଦୁଇଜଣ ସନ୍ଥ ଶଙ୍କରଦେବ ଓ ମାଧବଦେବ ରୂପାନ୍ତର କଲେ। ଉଦ୍ଦେଶ୍ୟ ସେ ସବୁରେ ନିହିତ ଭକ୍ତି, ମୁକ୍ତି ଏବଂ ଅବତାରବାଦ ବଖାନ କରିବା। କିନ୍ତୁ ପରିପୂର୍ଣ୍ଣାଙ୍ଗ ସାମଗ୍ରିକ ଗୋଟିଏ ଗଛରେ ତାହା ମିଳିଲା ନାହିଁ । ଏହା ଅସମୀୟା ଗଦ୍ୟ ରୂପରେ ପ୍ରଥମେ ଭଟ୍ଟାଚାର୍ଯ୍ୟଙ୍କଠାରୁ ପ୍ରାପ୍ତ ହେଲା ଶ୍ରୀଧର ସ୍ୱାମୀଙ୍କ ଟୀକା ସାହାଯ୍ୟରେ। କାମରୂପର ବାସିନ୍ଦା ଗୋବିନ୍ଦ ମିଶ୍ର ପଦ୍ୟାନୁବାଦରେ ପ୍ରଥମ ହେଲେ । ତାଙ୍କ ଅନୁବାଦର ବୈଶିଷ୍ଟ୍ୟ ହେଲା ଉଚ୍ଚ କାବ୍ୟିକ ଗୁଣ ଏବଂ ଶକ୍ତିଶାଳୀ ଅସମୀୟା ଭାଷା ପ୍ରୟୋଗ। ତାଙ୍କ ଭାଷା ସରଳ, ଚିକ୍କଣ ଏବଂ ସୁନ୍ଦର; ତେଣୁ ସହଜରେ ମନେରହିଯାଏ ।

ବୈକୁଣ୍ଠନାଥ କବିରତ୍ନ ଭାଗବତ ଭଟ୍ଟାଚାର୍ଯ୍ୟ, ଯାହାଙ୍କୁ ସମସ୍ତେ ଭଟ୍ଟଦେବ ବୋଲି ଜାଣନ୍ତି, ୧୫୫୮ରୁ ୧୬୩୮ ଭିତରେ ଆବିର୍ଭୂତ ହୋଇଥିଲେ । ତାଙ୍କ ଗ୍ରନ୍ଥମାନଙ୍କର ନାମ 'କଥାଭାଗବତ' (ଗଦ୍ୟରେ ଭାଗବତ) ଏବଂ 'କଥାଗୀତା' (ଗଦ୍ୟରେ ଗୀତା) । 'କଥାଗୀତା' ବହୁତ ଆଗରୁ ଲେଖାହୋଇଥିବାରୁ ବିଶିଷ୍ଟ ବୈଜ୍ଞାନିକ ସନ୍ଥ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ କହନ୍ତି, "ବାସ୍ତବ ପକ୍ଷରେ ଭଟ୍ଟଦେବଙ୍କ ଷୋଡ଼ଶ ଶତାବ୍ଦୀର ଗଦ୍ୟଶୈଳୀ ବୈଶିଷ୍ଟ୍ୟମୟ ......... ଏହା ଏକ ଅମୂଲ୍ୟ ସମ୍ପଦ । ଇଂରାଜୀ ସାହିତ୍ୟର ସୁଦୂର ଷୋଡ଼ଶ ଶତାବ୍ଦୀରେ ଇଂଲଣ୍ଡରେ ହୁକାର ଓ ଲାଟିମାରଙ୍କୁ ଛାଡ଼ି ପୃଥିବୀରେ ଆଉ କେଉଁ ସାହିତ୍ୟ ଅସମୀୟା ଗଦ୍ୟ ପରି ଉନ୍ନତ ନ ଥିଲା ।"

ଭଟ୍ଟଦେବଙ୍କ ରଚନାବଳିର ମୂଲ୍ୟାୟନ କରିବା ପୂର୍ବରୁ ଜାଣିବା ଉଚିତ କାହିଁକି ସେ ପାରମ୍ପରିକ ପଦ୍ୟ ରଚନା ଛାଡ଼ି ଗଦ୍ୟ ଧରିଲେ । ତାଙ୍କ ଜୀବନକୁ ପ୍ରଭାବିତ କରୁଥିବା ବ୍ୟକ୍ତିହେଲେ ଦାମୋଦର ଦେବ, ଯାହାଙ୍କ ଅନୁରୋଧରେ ଭଟ୍ଟଦେବ ଏଇ ଗ୍ରନ୍ଥସବୁକୁ ନୀତି ଏବଂ ଉପଦେଶ ନିମନ୍ତେ ନାରୀମାନଙ୍କପାଇଁ ଏବଂ ତଳଶ୍ରେଣୀର ଲୋକମାନଙ୍କପାଇଁ ଅସମୀୟା ଭାଷାକୁ ଅନୁବାଦ କଲେ । ଏ ଚେଷ୍ଟାରେ ଭଟ୍ଟଦେବ ବେଶ୍ ସଫଳ ହୋଇଥିଲେ ବୋଲାଯିବ । ଧର୍ମ ପ୍ରତି ଅତୀବ ଆଗ୍ରହ ଏବଂ ଯୁଗସୁଲଭ ପ୍ରଭାବ ତାଙ୍କ ସହିତ ଥିଲା । 'କଥା ଭାଗବତ' ଓ 'କଥାଗୀତା'ର ପଲ୍ଲବଗ୍ରାହୀ ପାଠକ ବିନା ଦ୍ୱିଧାରେ ସ୍ୱୀକାର କରିବ ଯେ ଲେଖକ ଏହି ଗ୍ରନ୍ଥମାନଙ୍କୁ ସାଧାରଣ ପାଠକପାଇଁ ବୋଧଗମ୍ୟ କରିପାରନ୍ତି । ଏ ଦୁଇ ଅତୀବ ପବିତ୍ର ସଂସ୍କୃତ ଧର୍ମଗ୍ରନ୍ଥକୁ ଅସମୀୟାରେ ଅନୁବାଦ କରି ଏବଂ ଭାଷାକୁ ସହଜ ସରଳକରି ସୂକ୍ଷ୍ମ ଦାର୍ଶନିକ ଭାବ ପ୍ରକାଶ ପାଇଁ ଉପଯୋଗୀ କରିଥିବାରୁ ଭଟ୍ଟଦେବ ପାଠକଠାରୁ ପ୍ରଶସ୍ତି ପାଇଥାନ୍ତି ।

ଭଟ୍ଟଦେବଙ୍କ ଜ୍ଞାନ ଓ ପାଣ୍ଡିତ୍ୟ ତାଙ୍କ ଲିଖନଶୈଳୀକୁ ଗୁରୁଗମ୍ଭୀର କରିଛି ।

Digitized by srujanika@gmail.com

ଅତୁଳନୀୟ ଚାତୁରୀରେ ସେ ସଂସ୍କୃତ ଓ ଅସମୀୟା ଶବ୍ଦମାନଙ୍କୁ ଗଭୀର ଆଧ୍ୟାତ୍ମିକ ଚିନ୍ତା ପ୍ରକାଶ କରିବାପାଇଁ ପାଖେ ପାଖେ ରଖିଛନ୍ତି । ତାଙ୍କ ଶୈଳୀ ଚମତ୍କାର ସ୍ଥିତିସ୍ଥାପକତା ଓ ବିଭିନ୍ନତା ବିଷୟଭେଦରେ ପ୍ରକାଶ କରିଥାଏ । 'କଥାଭାଗବତ ପାଠ କଲାବେଳେ ପାଠକ ଅନୁଭବ କରେ, ଯେମିତି କି ସେ ଧର୍ମସଭା ଭିତରେ ରହିଛି ଏବଂ ଦେବୋପମ ବ୍ୟକ୍ତିଟିଏ ଶାସ୍ତ୍ରଟିକୁ ମନ୍ତବ୍ୟ ସହିତ ବୁଝାଇ ଚାଲିଛନ୍ତି ଏବଂ ସମ୍ଭାବିତ ପ୍ରଶ୍ନର ଉତ୍ତରମାନ ମଧ୍ୟ ପ୍ରଦାନ କରୁଛନ୍ତି । ଅନ୍ୟ ପକ୍ଷରେ କେହି ପାଠକ 'କଥା ଗୀତା'ର ରଚନାତ୍ମକ ଚାତୁରୀ ପୁରା ଉପଭୋଗ କରିପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେ ସର୍ବତ୍ର ପରିବ୍ୟାପ୍ତି ସଂଳାପର ବାତାବରଣ ଭେଦ ନ କରିଛି ।

ଭଟ୍ଟଦେବଙ୍କ ରଚ଼ନାବଳି ମୁଖ୍ୟତଃ ଅନୁବାଦ ହେଲେ ମଧ୍ୟ ସେଥିରେ ଲେଖକଙ୍କର ସ୍ୱକୀୟତା ପ୍ରଚୁରମାତ୍ରାରେ ରହିଛି ଏବଂ ଲେଖାର ଅତୁଳନୀୟ ଶୈଳୀପାଇଁ ପଢ଼ିବାକୁ ସୁଖ ଲାଗେ । ତା' ଛଡ଼ା ଏ ଗ୍ରନ୍ଥସବୁ ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷାକୁ ଅନୁବାଦ ନୁହେଁ, ଲେଖକ ମୂଳଲେଖାକୁ ହଜମ କରି ତାଙ୍କ ନିଜ ଦୃଷ୍ଟିକୋଣରୁ ତର୍ଜମା କରିଛନ୍ତି । ପୁଣି ଲେଖକ ଯେତେବେଳେ ସୁବିଧା ସୁଯୋଗ ପାଇଛନ୍ତି ଗ୍ରନ୍ଥ ଭିତରକୁ ଘରୋଇ ଉପମା ଅଳଙ୍କାର ଏବଂ ଜଣାଶୁଣା ପ୍ରବାଦ ସବୁ ପୁରାଇ ଯୁକ୍ତିସବୁ ବୁଝାଇବାକୁ ଯାଇଛନ୍ତି । ଅନୁବାଦ କଳା ଦୃଷ୍ଟିରୁ 'କଥାଭାଗବତ' ଏକ ଆଖିଦୃଶିଆ ମାଇଲଖୁଣ୍ଟ; ଯାହା ମଧ୍ୟଯୁଗୀୟ ଅସମୀୟା ପଦ୍ୟ ଅନୁବାଦକୁ ଲୁଚାଇଦିଏ ।

ଭଟ୍ଟଦେବଙ୍କ ସଂସ୍କୃତ ସାହିତ୍ୟ ଓ ବ୍ୟାକରଣରେ ଅସାଧାରଣ ଦକ୍ଷତା ଥିଲା, ଯେଉଁଥିପାଇଁ ତାଙ୍କୁ ଭାଗବତ ଭଟ୍ଟାଚାର୍ଯ୍ୟ ଉପାଧି ଦିଆଯାଇଥିଲା । ଭଟ୍ଟଦେବ ଅନେକ ସଂସ୍କୃତ ଗ୍ରନ୍ଥର ମଧ୍ୟ ପ୍ରଣେତା । ତେଣୁ ଅପରିହାର୍ଯ୍ୟ ଭାବରେ ସଂସ୍କୃତ ଶବ୍ଦ ଓ ବାକ୍ୟ ବିନ୍ୟାସର ପ୍ରଭାବ ତାଙ୍କ ଅସାମୀୟା ରଚନା ଉପରେ ପଡ଼ିଛି । ତା'ଛଡ଼ା ଗ୍ରନ୍ଥସବୁ ସଂସ୍କୃତରୁ ଅନୂଦିତ ହୋଇଥିବାରୁ ତତ୍‌ସମ ଶବ୍ଦ ସ୍ୱାଭାବିକ ରୀତିରେ ତା ଭିତରେ ପଶିଯାଇଛନ୍ତି । ମାତ୍ର ଲେଖକ କେଉଁସ୍ଥାନରେ ବାହାଦୁରି ଦେଖାଇନାହାନ୍ତି କାରଣ ସେ ଲେଖାସବୁ କେବଳ ପଣ୍ଡିତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ସଂସ୍କୃତ ଶବ୍ଦରାଶିର ବୁଦ୍ଧିସମ୍ମତ ପ୍ରୟୋଗ ଏହି ପରମାର୍ଥିକ ଲେଖାଗୁଡ଼ିକୁ ଗମ୍ଭୀରତା ଓ ଚିକ୍କଣତା ଦେଉଛି । ବାକ୍ୟଗଠନରେ ମଧ୍ୟ ତାଙ୍କ ରଚନାସବୁ ସଂସ୍କୃତ ବ୍ୟାକରଣ ଦ୍ୱାରା ପ୍ରଭାବିତ । ତାଙ୍କ 'କଥାଗୀତା' କିନ୍ତୁ କୌଣସି କୌଣସି ସ୍ଥାନରେ ଲମ୍ୱାଲମ୍ୱା ଜଟିଳ ବାକ୍ୟ ସିଧାସଳଖ ନ ଚାଲି ଏପଟ ସେପଟ ହୁଏ, ଖଣ୍ଡିତ ବାକ୍ୟ ଉପରେ ଖଣ୍ଡିତ ବାକ୍ୟର ବୋଝ ଓ ଚାପ ପଡ଼ି । କେଉଁଠି କିମିତି ଦୋଷ ଦୁର୍ବଳତା ସତ୍ତ୍ୱେ ବାକ୍ୟବିନ୍ୟାସ ସିଧାସଳଖ କ୍ରିୟା ଅନ୍ତର୍ହିତ ନୁହେଁ, ବା ଇଚ୍ଛା ଅନୁସାରେ ସ୍ଥାନପରିବର୍ତ୍ତନ କରେନାହିଁ । ଅବ୍ୟୟକୁ ଭଙ୍ଗାଯାଇନାହିଁ, ଏଠିସେଠି ସ୍ଥାନଚ୍ୟୁତ କରାଯାଇନାହିଁ କି ନିର୍ମଳତା, ବିମଳତାର ନିୟମକୁ ଭଙ୍ଗ କରାଯାଇନାହିଁ ।

Digitized by srujanika@gmail.com

ଅସମୀୟା ସାହିତ୍ୟରେ ସର୍ବଗୁଣୋପେତ ଦାର୍ଶନିକ ଓ ବର୍ଣ୍ଣନାତ୍ମକ ଗଦ୍ୟ ବିବୃଦ୍ଧିର ଇତିହାସରେ ଏକ ଚିହ୍ନରୂପେ ଭଟ୍ଟଦେବଙ୍କ ରଚନାବଳି ପରିଗଣିତ । ନିର୍ଭର ପଦଗ୍ରନ୍ଥନା ପାଇଁ ବ୍ୟାକରଣସମ୍ମତ ଏକ ଗଦ୍ୟଶୈଳୀ ସେ ସୃଷ୍ଟି କରିଦେଇଗଲେ । ସୁସ୍ପଷ୍ଟ ଏବଂ ଯୁକ୍ତିସମ୍ମତ ଭାବରେ ଧର୍ମସଂକ୍ରାନ୍ତ ବ୍ୟାଖ୍ୟା ଥିଲା ତାଙ୍କର ଉଦ୍ଦେଶ୍ୟ । 'କଥା-ଗୀତାର' କଥୋପକଥନ ଓ ଯୁକ୍ତିତର୍କସମ୍ମତ ଗଦ୍ୟରୀତି ପରବର୍ତ୍ତୀକାଳରେ ପରମାର୍ଥିକ ବୈଷ୍ଣବ ଗଦ୍ୟ ଲେଖକମାନଙ୍କୁ ଆଦର୍ଶ ଓ ଛାଞ୍ଚ ଯୋଗାଇଲା ଏବଂ 'କଥା-ଭାଗବତ'ର ସରଳ, ମୁକ୍ତ ଏବଂ ହାଲୁକା ଶୈଳୀ 'କଥାପୁଥି'ର ଲେଖକମାନଙ୍କ ଉପରେ ପ୍ରଭୂତ ପ୍ରଭାବ ପକାଇଥିଲା । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟ ଶାଖା ଯାହା ବୈଷ୍ଣବ ଆନ୍ଦୋଳନରୁ ସତ୍ର ଅନୁଷ୍ଠାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଭବ ହେଲା, ତାହା ଶଙ୍କରଦେବଙ୍କ ଜୀବନୀ ସମ୍ବଳିତ 'ଚରିତପୁଥି' । ପରେ ଏଇ ପରମ୍ପରା ଅନୁସୃତ ହେଲା ଅନେକ ବୈଷ୍ଣବ ସନ୍ଥ କବିମାନଙ୍କ ଜୀବନ ଚରିତରେ । ଏବେମଧ୍ୟ ଧର୍ମସଭାପରେ ଭକ୍ତମାନଙ୍କ ଧର୍ମଭାବ ଉଦ୍ରେକ କରିବାପାଇଁ ଏଇ 'ପଥିମାନଙ୍କରୁ' ଆବୃତ୍ତି ହେଉଛି । 'କଥା ଗୁରୁଚରିତ' (ଶଙ୍କର ଦେବ ଏବଂ ମାଧବ ଦେବଙ୍କ ଗଦ୍ୟଜୀବନ ଚରିତ)ରେ ଉଲ୍ଲେଖ ଅଛି ଯେ ମାଧବଦେବ ପ୍ରଥମେ ଏ ପ୍ରଥା ପ୍ରଚଳନ କରିଥିଲେ । ପ୍ରଥମେ ସେ ସେହି ଗୁରୁଙ୍କ ଜୀବନଚରିତରୁ ପ୍ରତିଦିନ ଆବୃତ୍ତି ଆରମ୍ଭ କରିଥିଲେ । କଳା ମଧ୍ୟରେ ଜୀବନ ଚରିତ ରଚନାକୁ ସବୁଠାରୁ ବଳି କୋମଳ ଓ ମାନବୀୟ ବୋଲି କୁହାଯାଇଥାଏ । ବାସ୍ତବରେ ଏହା ଏକ ଭଙ୍ଗପ୍ରବଣ କଳା, କାରଣ ଜୀବନଚରିତ ଜରିଆରେ ଜଣେ ଲୁପ୍ତ ଅନ୍ତର୍ହିତ ବ୍ୟକ୍ତିକୁ ଜୀବନଦାନ କରାଯାଏ । ଏହା ମଣିଷସୁଲଭ କଳା କାରଣ ଜୀବନର ସମସ୍ତ ଅମେଳ ଓ ବିଭିନ୍ନତାର ଲକ୍ଷଣ ବହନ କରେ । ତେଣୁ 'ଚରିତପୁଥି' ପାଠକକୁ ଉପଯୁକ୍ତ ମୂଲ୍ୟ ଦିଏ ଏବଂ ଅସମୀୟା ସାହିତ୍ୟରେ ଏକ ନିରାପଦ ସ୍ଥାନ ଅଧିକାର କରେ ।

ପୂର୍ବ ଜୀବନଚରିତର ଅଧିକାଂଶକୁ ଛନ୍ଦୋବଦ୍ଧ ଗଦ୍ୟ ଆଖ୍ୟା ଦିଆଯିବ ଏବଂ ସେମାନଙ୍କ ସାହିତ୍ୟିକ ମୂଲ୍ୟ ସନ୍ଦେହଜନକ ମଧ୍ୟ । ତଥାପି ଐତିହାସିକ ବସ୍ତୁର ପ୍ରଥମ ସାହିତ୍ୟିକ ରୂପାନ୍ତର ହିସାବରେ ସେ ସବୁର ମୂଲ୍ୟ ଅଛି । ରାମଚରଣ ଠାକୁରଙ୍କ 'ଶଙ୍କର ଚରିତ' ହେଉଛି ପଦ୍ୟରେ ସ୍ଥୂଳତମ ଜୀବନୀ । ରାମଚରଣ ଥିଲେ ମାଧବ ଦେବଙ୍କ ଭଉଣୀ ଉର୍ବଶୀଙ୍କ ପୁତ୍ର । ଶଙ୍କରଦେବଙ୍କ ସମସାମୟିକ ହେଲେ ମଧ୍ୟ ରାମଚରଣ ମିଥ୍ୟାରୁ ସତ୍ୟକୁ ବାଛି ପାରି ନ ଥିଲେ; ତେଣୁକରି ଜୀବନୀର କେତେକ ସ୍ଥାନରେ ତଥ୍ୟକୁ ସ୍ଥିରଚିତ୍ତରେ ପ୍ରକାଶ ନ କରି ଅନ୍ଧ ପ୍ରଶସ୍ତିରେ ମାତି ଯାଇଛନ୍ତି । କେତେଗୁଡ଼ିଏ ଅଂଶ ଗ୍ରନ୍ଥରେ ଅନୁପ୍ରବେଶ ମଧ୍ୟ କରିଛି କାରଣ ସେ ସବୁ ଘଟଣା ରାମଚରଣଙ୍କ ମୃତ୍ୟୁ ପରେ ଘଟିଥିଲା । ଗୁଡ଼ାଏ ଗାଥା, କାହାଣୀ ଓ ଅଦ୍ଭୁତକାଣ୍ଡ ଯାହା ଶଙ୍କରଦେବଙ୍କ ଜୀବନ ସହିତ ସଂପୃକ୍ତ ବୋଲି ଲୋକେ କହନ୍ତି ତାହା 'ଭଗବତ ପୁରାଣ' ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ବାଳଲୀଳା ଓ ଗୁରୁଶଙ୍କରଙ୍କ ଆଦ୍ୟ

Digitized by srujanika@gmail.com

ଜୀବନ ସହିତ ଏକ ଓ ଅଭିନ୍ନ କରାଯାଇଛି । ଗୁରୁଙ୍କ ବ୍ୟକ୍ତିତ୍ୱକୁ ସମ୍ପ୍ରସାରିତ କରି ତାଙ୍କୁ ଈଶ୍ୱରଙ୍କ ଏକ ଅବତାର ସହିତ ମେଳ କରାଯାଇଛି; ତାର କାରଣ ବୋଧହୁଏ ସେଇ କଥାଟି, ଯହିଁରେ କୁହାଯାଇଛି ଯେ ଭଗବତ୍ ଉପଲବ୍ଧି କରେ ସେ ବି ଭଗବାନ ହୋଇଯାଏ । (ବ୍ରହ୍ମବିଦ୍ ବ୍ରହ୍ମଇବ ଭବତି ।) ରାମଚରଣଙ୍କ ପୁତ୍ର ଦୈତାରି ଠାକୁର 'ଗୁରୁଚରିତ' ଲେଖିଥିଲେ ଯାହା କ୍ଷୁଦ୍ର ହେଲେବି ଶଙ୍କରଦେବଙ୍କ ଅନତିରଞ୍ଜିତ ଜୀବନୀ । ଚରିତ ଲେଖକ ହିସାବରେ ପୁତ୍ର ପିତାଙ୍କର ଭ୍ରମ ପରିତ୍ୟାଗ କରି ସନ୍ଥଙ୍କର ସଠିକ୍ ଓ ବାସ୍ତବ ଜୀବନୀ ଦେବାର ଚେଷ୍ଟା କରିଥିଲେ ଓ ବାଲ୍ୟ ଜୀବନର ଅସ୍ପଷ୍ଟ ଘଟଣାରାଶିକୁ ବାଦ୍‌ଦେଇ କେବଳ ପରବର୍ତ୍ତୀ କାଳର ପ୍ରଧାନ କଥାଗୁଡ଼ିକ ବର୍ଣ୍ଣନାକରି ସନ୍ତୁଷ୍ଟ ହୋଇଥିଲେ । ମାଧବଦେବଙ୍କ ଜୀବନର ପ୍ରାମାଣିକ ଘଟଣାବଳୀର ଏକ ତାଲିକା ଦୈତାରି ତାଙ୍କ 'ଗୁରୁଚରିତ'ରେ ସଂଲଗ୍ନ କରିଥିଲେ । ଶଙ୍କରଦେବଙ୍କ ଶିଷ୍ୟ ଚକ୍ରପାଣିଙ୍କ ନାତି, ଭୂଷଣ ଦ୍ୱିଜ ପାରମ୍ପରିକ ଉପାଦାନ ଦେଇ 'ଶଙ୍କରଚରିତ' ସଂକଳନ କରିଥିଲେ ଏବଂ ଜଣାପଡ଼େ ଯେମିତି ସେ ପୂର୍ବସୂରୀମାନଙ୍କୁ ରଚନାସବୁ ମୁକ୍ତହସ୍ତରେ ବ୍ୟବହାର କରିଥିଲେ । ରାମାନନ୍ଦ ଦ୍ୱିଜଙ୍କ 'ଶଙ୍କରଚରିତ'ରେ ଶଙ୍କରଦେବ ଏବଂ ମାଧବଦେବଙ୍କ ବିଷୟରେ ନୂଆ ନୂଆ କଥା ରହିଛି, ଯାହା କେଉଁଠି କେଉଁଠି ହୁଏତ ପୂର୍ବ ଘଟଣାର ବିରୋଧ କରୁଛି । ତାଙ୍କ ଜୀବନଚରିତରେ ଗୋପାଳଦେବଙ୍କ ଜୀବନୀ ଉପରେ ମଧ୍ୟ କିୟଦଂଶ ରହିଛି । ରାମାନନ୍ଦ କାଳସଂହତି ସମ୍ପ୍ରଦାୟର ପଣ୍ଡା ବା ପୁରୋହିତ ଥିଲେ ଏବଂ ସେ ହିସାବରେ ନିଜ ସମ୍ପ୍ରଦାୟର କିଛିକିଛି ନୀତିନିୟମ ସେଥିରେ ପୁରାଇଥିଲେ ଏବଂ ତା ଉପରେ ଜୋର୍ ମଧ୍ୟ ଦେଇଥିଲେ ।

ଶଙ୍କରଦେବଙ୍କ ତିରୋଧାନ ପରେ ତାଙ୍କ ଉପଦେଶାବଳୀରେ ପରସ୍ପର ବିରୋଧୀ ବ୍ୟାଖ୍ୟାମାନ ଦେଖାଦେଲା; ଯାହା ଫଳରେ ଚାରୋଟି 'ସଂହତି', ମହାପୁରୁଷୀୟ ଧର୍ମର ମୂଳରେ ଦେଖାଦେଲା । ସେ ସବୁ ହେଲା ବ୍ରହ୍ମସଂହତି, ପୁରୁଷ ସଂହତି, ନିକା ସଂହତି ଏବଂ କାଳ ସଂହତି । ଯଥାକ୍ରମେ ଦାମୋଦରଦେବ, ପୁରୁଷୋତ୍ତମ ଠାକୁର, ମଥୁରାଦାସ ଆତା ଏବଂ ଗୋପାଳ ଆତାଙ୍କ ଦ୍ୱାରା ସ୍ଥାପିତ ଏହି ସଂହତି ସବୁ କାଳକ୍ରମେ ପୁରାପୁରି ମୂଳ ସମ୍ପ୍ରଦାୟରୁ ସ୍ୱତନ୍ତ୍ର ହୋଇ ପ୍ରତ୍ୟେକ ନିଜ ନିଜ ଶିଷ୍ୟ ଓ ଅନୁଗାମୀ ସଂଗ୍ରହ କଲେ ଏବଂ ଅସଂଖ୍ୟ ବଡ଼ଓଛୋଟ ସତ୍ରମାନ ସ୍ଥାପନକରି ସତ୍ରାଧିକାରୀ ବା ମହନ୍ତ, ଭାଗବତୀ ବା ଭାଗବତ ଆବୃତ୍ତିକାରୀ ଓ ଭାଗବତ ପ୍ରବଚନ ଦାତା, ପାଠକ ବା ଶାସ୍ତ୍ରପାଠକାରୀ, ଶ୍ରବଣୀ ବା ସ୍ୱତନ୍ତ୍ର ଭାବରେ ନିଯୁକ୍ତ ଶ୍ରୋତା ଗାୟନବାୟନ, କୀର୍ତ୍ତନ ଦଳ, ଦେଉରି ବା ବିଲାନିଆ ବା ଧର୍ମସଭାର ସଭ୍ୟମାନଙ୍କୁ ପ୍ରସାଦବଣ୍ଟନକାରୀ ବା ଭଲାରୀ ବା ଭଣ୍ଡାରଘର ଦାୟୀତ୍ୱରେ ଥିବା ବ୍ୟକ୍ତି, ଅଲଧରା ବା ସୂତ୍ରାଧିକାରଙ୍କ ବ୍ୟକ୍ତିଗତ ଅନୁଚର; ଲିଖକ ବା ଲେଖୋଇ, ଭକ୍ତ ଶିଷ୍ୟଗଣ ବା ମାମୁଲି ଭକ୍ତଗଣ । ଏ ଭିତରୁ ପ୍ରତିଟି ନୂତନ ସତ୍ର ନିଜ ନିଜ ପ୍ରସଙ୍ଗ ବା ଧର୍ମସଭା ପାଇଁ ଗୁଡ଼ାଏ ଧର୍ମସମ୍ବନ୍ଧୀ ଲେଖା ସୃଷ୍ଟି କରିଗଲେ ଏବଂ 'ସତ୍ରର କୁରଞ୍ଜି, ବୋଲାଉଥିବା

Digitized by srujanika@gmail.com

ବହୁତ ରଚନାବଳି ମୁଖ୍ୟ ମଠାଧିକାରୀଙ୍କ ଜୀବନୀ ଓ କର୍ମ ଉପରେ ଲେଖାଯାଇଥିଲା । ଆମେମାନେ ଗୋପଳଦେବଙ୍କ କଥା ଉଲ୍ଲେଖ କରିସାରିଛୁ । ଗୋପାଳଦେବ ଯାହାଙ୍କୁ ସାଧାରଣତଃ ଭବାନୀପୁରିଆ ଗୋପାଳ ଆତା ବୋଲାଯାଏ, ସେ ମାଧବଦେବଙ୍କ ଦ୍ୱାରା ତାଙ୍କ ଅନ୍ତେ ଧର୍ମମୁଖ୍ୟ ରୂପେ ନିଯୁକ୍ତ ହୋଇଥିଲେ । ସେ ସଂସ୍କୃତରେ ମହାଜ୍ଞାନୀ ଓ ପଣ୍ଡିତ ଥିଲେ ଏବଂ ଧର୍ମ ଓ ଦର୍ଶନସମ୍ବଳିତ ଚିତ୍ତାକର୍ଷକ ଗଳ୍ପ ଓ ଉପାଖ୍ୟାନ ଜରିଆରେ ମନୋଜ୍ଞ ପ୍ରବଚନମାନ ଦେଇପାରୁଥିଲେ । ତେଣୁ ସେ 'କଥାସାଗର' ଆଖ୍ୟା ପାଇଥିଲେ । ଗୋପାଳ ଆତା କାମରୂପ ଜିଲ୍ଲାର କାଲିଝାରଠାରେ ଏକସତ୍ର ପ୍ରତିଷ୍ଠା କରିଥିଲେ । ସେହିଠାରେ ସେ ୧୬୧୧ ସାଲରେ ପ୍ରାଣତ୍ୟାଗ କଲେ । ରାମାନନ୍ଦ ଦ୍ୱିଜ, ରାମାନନ୍ଦ ଦାସ ଏବଂ ରାମଗୋପାଳ ତାଙ୍କର ମୁଖ୍ୟ ଜୀବନଚରିତ ଲେଖକ । ସେମାନେ ସମସ୍ତେ ପରମ୍ପରାଗତ ଘଟଣାବଳୀ ବ୍ୟବହାର କରିଛନ୍ତି ।

ଦାମୋଦରଦେବ (୧୪୮୮-୧୫୯୮) ବୈଷ୍ଣବ ଆନ୍ଦୋଳନର ଜଣେ ପୁରୋଧା । ସେ ବ୍ରାହ୍ମଣ ଥିଲେ ମାତ୍ର ଲୋକେ କହନ୍ତି ସେ ଶଙ୍କରଦେବଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ତାଙ୍କ ଶିଷ୍ୟ ହୋଇଥିଲେ କିନ୍ତୁ ଶଙ୍କର ଦେବଙ୍କ ମୃତ୍ୟୁର ଅବ୍ୟବହିତ ପରେ ମାଧବଦେବ ଓ ଦାମୋଦରଦେବଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଲା । ଦାମୋଦର ନୈଷ୍ଠିକ ଧର୍ମ ତ୍ୟାଗକରି ଦାମୋଦରିଆ ଧର୍ମ ସ୍ଥାପନ କଲେ, ଯହିଁରେ ଅନ୍ୟାନ୍ୟ ହିନ୍ଦୁ ଦେବାଦେବୀ ଓ ବ୍ରାହ୍ମଣମାନଙ୍କ ପୂଜାପଣା ଓ ପର୍ବପର୍ବାଣୀ ପ୍ରଚଳିତ ହେଲା । ସେହିସବୁ କାରଣରୁ ଦାମୋଦରଙ୍କ ଧର୍ମ ବହୁତ ବ୍ରାହ୍ମଣଙ୍କୁ ଆକର୍ଷଣ କଲା । ଦାମୋଦରଙ୍କ ସମସାମୟିକ ରାମରାୟ ଦ୍ୱିଜ ତାଙ୍କ 'ଗୁରୁଲୀଳା'ରେ ଏବଂ ନୀଳକଣ୍ଠଦାସ ତାଙ୍କ 'ଦାମୋଦର ଚରିତ'ରେ ସନ୍ଥଙ୍କ ଜୀବନୀ ଓ କାର୍ଯ୍ୟକଳାପ ଏବଂ ତାଙ୍କ ପ୍ରତିଷ୍ଠିତ ସତ୍ରମାନଙ୍କର ବିଶଦ୍ ବର୍ଣ୍ଣନା ଦେଇଛନ୍ତି । ଏହି ଦୁଇ ଜୀବନୀରେ ଯେଉଁ ଐତିହାସିକ ତଥ୍ୟ ଲିପିବଦ୍ଧ ହୋଇଛି ସେଥିରୁ ମୂଳ ଧର୍ମର ବିଭିନ୍ନ ପ୍ରକାର ଏବଂ ଧର୍ମନୀତି ଓ ଦର୍ଶନର ନିର୍ଭରଯୋଗ୍ୟ ଚିତ୍ର ମିଳେ । ରାମାନନ୍ଦ ତାଙ୍କ 'ବଂଶୀ ଗୋପାଳ ଦେବର ଚରିତ'ରେ ମଧ୍ୟ ଦାମୋଦର ଦେବଙ୍କୁ ଉଲ୍ଲେଖ କରିଛନ୍ତି । ଏହି ଦାମୋଦର ଦେବ ପ୍ରଚାରକ ବଂଶୀ ଗୋପାଳଙ୍କ ଧର୍ମଗୁରୁ ଥିଲେ । ମୂଳ ଧର୍ମତ୍ୟାଗ କରିବା ପୂର୍ବରୁ ବୈଷ୍ଣବଧର୍ମ ପ୍ରଚାରପାଇଁ ସେ ବଂଶୀ ଗୋପାଳଙ୍କୁ ପୂର୍ବ ଆସାମକୁ ପଠାଇଥିଲେ । ରମାକାନ୍ତଙ୍କ 'ବନମାଳୀ ଦେବ ଚରିତ' ମଧ୍ୟ ପୂର୍ବ ଆସାମରେ ବୈଷ୍ଣବଧର୍ମର ଇତିହାସ ପାଇଁ ଏକ ଅପରିହାର୍ଯ୍ୟ ଗ୍ରନ୍ଥ । ବନମାଳୀଦେବ (୧୫୭୬ ଖ୍ରୀ:ଅ:) ବଂଶୀଗୋପାଳ ଦେବଙ୍କ ଶିଷ୍ୟ ଥିଲେ ଏବଂ ପୂର୍ବ ଆସାମରେ ଧର୍ମପ୍ରସାର ତାଙ୍କରି ପାଇଁ । ତାଙ୍କର ଏହି ପ୍ରଚାରକର୍ମରେ ସେ ରାଜନୁଗ୍ରହ ଅହୋମ ରାଜା ଜୟଧ୍ୱଜ ସିଂହ ପାଖରୁ ପାଇଥିଲେ । ରମାକାନ୍ତ ଯେ କେବଳ ଜଣେ ଭକ୍ତ ଥିଲେ ତା ନୁହେଁ ସେ ସମସାମୟିକ ଘଟଣାବଳୀର ତୀକ୍ଷ୍ଣ ଦ୍ରଷ୍ଟା ମଧ୍ୟ ଥିଲେ ଏବଂ ତତ୍‌କାଳୀନ ରାଜନୀତିର ବେଶ୍ ବୁଝାମଣା

Digitized by srujanika@gmail.com

ତାଙ୍କର ଥିଲା । ତେଣୁ ଗୁରୁଙ୍କ ଜୀବନର ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇ ପୂର୍ବ ଆସାମରେ ତାଙ୍କ ପ୍ରଗ୍ରେମୂଳକ କାର୍ଯ୍ୟକଳାପର ବିବରଣୀ ସହିତ ଅହୋମ ରାଜତ୍ୱ ଓ ଶାସନର ଐତିହାସିକ ବିବରଣୀ ଯୋଗାଇଛନ୍ତି ଏବଂ ଶାସନର ବୈଷ୍ଣବ ଗୁରୁ ଓ ସତ୍ର ସହିତ ସଂପର୍କର ଛବି ମଧ୍ୟ ଦେଇଛନ୍ତି । ପ୍ରସିଦ୍ଧ ଅହୋମରାଜା ରୁଦ୍ରସିଂହ (୧୬୯୭-୧୭୧୪)ଙ୍କ ରାଜତ୍ୱ ସ୍ୱଳ୍ପକାଳ ସ୍ଥାୟୀ ହେଲେ ମଧ୍ୟ ସେହି ସମୟ ମଧ୍ୟରେ ଗୋବିନ୍ଦ ଦାସ ଯେଉଁ 'ସତ୍ ସମ୍ପ୍ରଦାୟ କଥା' ରଚନା କରିଥିଲେ ତାହା ସତ୍ର ଅନୁଷ୍ଠାନମାନଙ୍କର ଅହୋମ ରାଜାମାନଙ୍କ ବିଶ୍ୱାସଯୋଗ୍ୟ ଇତିହାସ ପ୍ରଦାନକରେ । ଧର୍ମ ଓ ପରମାର୍ଥ ଆଡ଼କୁ ଢଳିଥିଲେ ମଧ୍ୟ ଗୋବିନ୍ଦ ଦାସ ତାଙ୍କ ଗ୍ରନ୍ଥରେ ଐତିହାସିକ ଚେତନା, ନିରୀକ୍ଷଣର ତୀକ୍ଷ୍ଣ ଏବଂ ସତ୍ୟ ପ୍ରତି ଶ୍ରଦ୍ଧାର ସୂଚନା ଦେଇଛନ୍ତି ।

ପଦ୍ୟରେ ରଚିତ ଏ ଧରଣର ଜୀବନଚରିତ ମୂଲ୍ୟାୟନ କଲାବେଳେ ମନେରଖିବା ଉଚିତ ଯେ ଏହି ଲେଖାମାନଙ୍କରେ ସନ୍ଥମାନଙ୍କର ଦୈନନ୍ଦିନ ଅଭିଜ୍ଞତା ଓ ଘଟଣାବଳୀ, ଯାହା ଉକ୍ତ ରଚୟିତାମାନେ ନିଜେ ଦେଖିଛନ୍ତି ବା ବଂଶାନୁକ୍ରମେ ବା ପରମ୍ପରାରେ ପାଇଛନ୍ତି ସେ ସହିତ ଭୟ ଓ ଆଶ୍ଚର୍ଯ୍ୟ ସହିତ ଗୁନ୍ଥି ଦିଆଯାଇଛି । ଅନ୍ୟ ଏକପ୍ରକାର ପଦ୍ୟ ଜୀବନଚରିତ ମଧ୍ୟ ଅଛି ଯାହାକୁ କଥା-ଗୁରୁ-ଚରିତ' କୁହାଯାଏ । ଏ ଜୀବନ ଚରିତ ସବୁ ଜଣେ ସାଧୁ ଦ୍ୱାରା ରଚିତ ନ ହୋଇ ବିଭିନ୍ନ ସତ୍ରର ଦଳେ ଦଳେ ଭକ୍ତଙ୍କ ଦ୍ୱାରା ସଂକଳିତ ହୋଇଛି । ଏହି ଧରଣର 'କଥାଗୁରୁ ଚରିତ'ରୁ ଅନ୍ତତଃ ଦୁଇଟି ବରପେଟା ଏବଂ ବର୍ଦୋଣ୍ଡା ସତ୍ରରେ ରଚିତ । ଏହି 'କଥାଗୁରୁ ଚରିତ'ସବୁ ଜୀବନୀ ଆପେକ୍ଷା କିଛି ଅଧିକ; ଦେଶର ସାଂସ୍କୃତିକ ଇତିହାସ ସମ୍ପଦର ସେସବୁ ସମୃଦ୍ଧଭଣ୍ଡାର । ସାଧୁସନ୍ଥମାନଙ୍କର ଜୀବନୀ ବ୍ୟତୀତ ସେ ସବୁ ବୈଷ୍ଣବ ଆନ୍ଦୋଳନର ଇତିହାସର ଜ୍ଞାନକୋଷ। ଯହିଁରେ ବୈଷ୍ଣବ ଧର୍ମର ନୀତିନିୟମ, ଦର୍ଶନ, ବାରବ୍ରତ, ପର୍ବପର୍ବାଣି, କଳା ସାହିତ୍ୟ, ବିଭିନ୍ନ ଚିନ୍ତାଧାରା ଓ ଅନୁଷ୍ଠାନ ଏବଂ ତତ୍କାଳୀନ ସମାଜ ଜୀବନ ପ୍ରତିଫଳିତ ହୋଇଛି ।

ଏହି ଚରିତ ପୁଥିର ଲକ୍ଷ୍ୟ ହେଲା ସାଧାରଣ ମନୁଷ୍ୟ ମନରେ ସାଧୁ ସନ୍ଥମାନଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ କରିବା, ସେମାନଙ୍କ ଜୀବନର ଘଟଣାବଳି ବର୍ଣ୍ଣନା କରି । ତେଣୁ ଏହି ଜୀବନୀର ଗଦ୍ୟଶୈଳୀ ଓ ସଂକଳନ ରୀତି ଭଟ୍ଟଦେବଙ୍କ ରଚନାଠାରୁ ବେଶ୍ ପୃଥକ୍ । ଗଣଙ୍କୁ ପ୍ରେରଣା ଦେବା ପାଇଁ ଏସବୁ ଚରିତ । ସ୍ୱଭାବତଃ ଏ ଲେଖା ସବୁ ସରଳ, ଆବେଗମୟ, ଘରୋଇ ଏବଂ ଜନସାଧାରଣଙ୍କ କଥିତ ମାମୁଲି ଭାଷାରେ ।

ଲକ୍ଷ୍ୟକରିବା ଉଚିତ ଯେ କଥିତ ଭାଷା ବ୍ୟବହାର ତିନୋଟି ବିଷୟ ଉପରେ ନିର୍ଭରକରେ -- ବାକ୍ୟ ଗଠନ ଓ ବିନ୍ୟାସ, ବିଶେଷ୍ୟ ଓ ସର୍ବନାମ ପଦର ବ୍ୟବହାର ଏବଂ ଶବ୍ଦମାନଙ୍କର ପ୍ରାଚୁର୍ଯ୍ୟ । ଜେ ଭେନ୍ଦ୍ରାୟେସ୍ କହନ୍ତି, "ଯାହା କଥିତ ଭାଷାର ବୈଶିଷ୍ଟ୍ୟ

Digitized by srujanika@gmail.com

ତାହା ହେଲା ପ୍ରଧାନ ଚିନ୍ତାଧାରାଗୁଡ଼ିକ ଉପରେ ଜୋର୍‌ଦେଇ ଏହା ସନ୍ତୁଷ୍ଟ ହୁଏ । ବାକ୍ୟଟିକୁ ଏହିମାନେ ହିଁ ସୁଦୃଢ଼ କରନ୍ତି । ଶବ୍ଦମାନଙ୍କ ଯୁକ୍ତିସମ୍ମତ ସମ୍ପର୍କ ଏବଂ ବାକ୍ୟଟିର ବିଭିନ୍ନ ଅଂଶର ମାମୁଲି ସୂଚନା ଥାଏ, କେବଳ ଉଚ୍ଚାରଣ ଉପରେ ଛାଡ଼ି ଦିଆଯାଏ ବା ସ୍ୱଭାବିକ ବୁଦ୍ଧି ଉପରେ ପୂରଣ ପାଇଁ ଛାଡ଼ି ଦିଆଯାଏ । ଜୋର ଆବେଗର ଗ୍ରପରେ ମନରୁ ସ୍ୱତସ୍ଫୂର୍ତ୍ତ ଭାବରେ କଥିତଭାଷା ବାହାରିଥାଏ । ଆବଶ୍ୟକ ଅସଲ ଶବ୍ଦଟି ତାପରେ ଉପଯୁକ୍ତ ସ୍ଥାନରେ ରହିଯାଏ; କାରଣ ବକ୍ତାର ବେଳ ବା ଅବକାଶ ନଥାଏ ତାର ଚିନ୍ତାକୁ ନିୟମାନୁସାରେ ସୁଗଠିତ ଚିନ୍ତାସମ୍ମତ ଭାଷାରେ ପକାଇବାକୁ'' । ତା' ଛଡ଼ା ପ୍ରତି କଥିତ ଶୈଳୀରେ ସବୁବେଳେ ନାଟକୀୟ ଛଟା ରହିଛି । 'ଚରିତପୁଥି'ରେ ସର୍ବତ୍ର ସଂଳାପ ବର୍ଣ୍ଣନାତ୍ମକ ପରିଚ୍ଛେଦରେ ସ୍ପଷ୍ଟ ଭାବରେ ଗ୍ରଥିତ ହୋଇଛି । ଉଭୟ ଦୀର୍ଘ ଓ କ୍ଷୁଦ୍ର ବାକ୍ୟ ସବୁ ଯେଉଁଠି ସମାନତା, ସୌନ୍ଦର୍ଯ୍ୟ ଓ ସଫଳତା ପାଇଁ ଦରକାର ସେଇଠି ରଖାଯାଇଛି । ଏକା ପରିଚ୍ଛେଦରେ, ଦୈନନ୍ଦିନ କଥିତ ଭାଷାରେ, ଯିମିତି ବିଭିନ୍ନ ପ୍ରକାରର ବାକ୍ୟ ଥାଏ ସେହିପରି ନାନା ଶ୍ରେଣୀର ବାକ୍ୟ ଥିବାରୁ ବିରକ୍ତିକର ଏକସୁରା ନ ହୋଇ ବିଭିନ୍ନତାର ମଧୁରତା ଆଣିଦିଏ ।

ଆଜିକାଲିକା କଥିତ ଭାଷାରେ ବ୍ୟାକରଣ ଲଗାମଛଡ଼ା ହୋଇଥାଏ । ଅସାମୀୟା ଭାଷାରେ କର୍ତ୍ତା ପ୍ରଥମେ ଓ କ୍ରିୟା ଶେଷରେ ଆସେ । ଅନ୍ୟ ପଦସବୁ ଏ ଦୁହିଁଙ୍କ ମଧ୍ୟରେ ଥାଏ । ଅବଶ୍ୟ ଯଦି ବାକ୍ୟଟି ବ୍ୟାକରଣ ନିୟମ ଅନୁସାରେ ଗଠିତ ହୋଇଥାଏ । ଅନିୟମିତ ବାକ୍ୟରେ ଲେଖକ ପ୍ରଥମରେ ଅବା ଶେଷରେ ସେଇ ଶବ୍ଦଟି ରଖେ ଯାହା ଉପରେ ସେ ଜୋର୍‌ଦେବାକୁ ଗ୍ରହେଁ, ଯେ କୌଣସି ପଦର ତାହା ହେଉନା କାହିଁକି । 'ଚିରତପୁଥି' ସବୁରେ ଅନେକ ଏ ପ୍ରକାର ଅନିୟମିତ ବାକ୍ୟ ରହିଛି । ପୁଣି ଠିକ୍ ଶବ୍ଦଟି ଠିକ୍ ସ୍ଥାନରେ ଥିବାରୁ ଏ ସବୁ ଲେଖା ସାଧାରଣ ହୃଦୟଗ୍ରାହୀ ହୋଇଥାଏ । ସାହିତ୍ୟ ଛଟା ଦେଖାଇବାର ପ୍ରଚେଷ୍ଟା ନଥିଲେ ହେଁ ଏହି 'ଚରିତପୁଥି'ର ଭାଷା ପୁରାପୁରି ଅଳଙ୍କାର ବିଯୁକ୍ତ ନୁହେଁ । ଭାଷାରେ ତୁଳନା, ଉପମା, ଅଳଙ୍କାରଖଚିତ ଯାହା ବିନା ଚେଷ୍ଟାରେ ଆପେ ଆପେ ଆସିଯାଏ ।

ପୂର୍ବରୁ କୁହାଯାଇଛି ଯେ 'ଚିରତପୁଥି'ର ବିଷୟବସ୍ତୁ ଶୁଷ୍କ ଧର୍ମତଥ୍ୟ ଏବଂ ସଂସଦୀୟ ଯୁକ୍ତିତର୍କଠାରୁ ପୃଥକ୍ । ସେ ସବୁ ଖ୍ୟାତନାମା ଉପାସ୍ୟ ବ୍ୟକ୍ତିଙ୍କ ଡାଏରୀ ପରି । ପଢ଼ିଲାବେଳେ ପାଠକ ପୁରାପୁରି ଘରୋଇ' ଅନୁଭବ ପାଏ କାରଣ ଏ ଶ୍ରେଣୀର ଲେଖାରେ ସେ ସମାଜ ସହିତ ଅନ୍ତରଙ୍ଗ ଭାବରେ ଜଡ଼ିତ ଲୋକମାନଙ୍କର ରେକର୍ଡ ପାଏ । 'କଥା-ଗୀତା'ର ବିଷୟବସ୍ତୁ ନିର୍ବ୍ୟକ୍ତିକ, ସତ୍ୟମୂଳକ ଓ ଘଟଣାବିଜଡ଼ିତ । କାରଣ ଏହାର ଅଧିକାଂଶ ଭାଗ ଦର୍ଶନ ଉପରେ ଆଧାରିତ ପ୍ରବନ୍ଧରାଶି । କିନ୍ତୁ 'କଥା-ପୁଥି'ର ବିଷୟବସ୍ତୁ ହେଲା କେତେକାଂଶରେ ବ୍ୟକ୍ତିଗର୍ଭିତ । ଲେଖକ ନିଜେ ଜଣେ ପୂଜକଭକ୍ତ । ତେଣୁ ତାଙ୍କର

Digitized by srujanika@gmail.com

ନାୟକ ସହିତ ଆଧ୍ୟାତ୍ମିକ ସଂଯୋଗ ଅଛି । ଖାଲି ଗୁଡ଼ାଏ ବିଷୟ ଓ ଘଟଣାର ତାଲିକା ଦେବା ତାଙ୍କର ଲକ୍ଷ୍ୟ ନୁହେଁ । ସେ ଦେଖାଇବା ଉଚିତ କେମିତି ଗୁରୁଦେବଙ୍କ ଦୃଷ୍ଟାନ୍ତ ତାଙ୍କୁ ସ୍ପର୍ଶକରିଛି ଓ ପ୍ରେରଣା ଯୋଗାଇଛି, ଯଦ୍ୱାରା ଅନ୍ୟମାନେ ଅନୁରୂପ ଭାବରେ ପ୍ରଭାବିତ ହେବେ । ତାଙ୍କ ଲେଖନୀ ବଳରେ ନାୟକ ପୁଣି ଜୀଇଁ ଉଠିଛନ୍ତି, ନିଜ ଜୀବନର ହସକାନ୍ଦ, ଭାଗ୍ୟର ଉତ୍ଥାନପତନ, ଧୈର୍ଯ୍ୟ ସହିଷ୍ଣୁତା ଓ ବିଶ୍ୱାସ ସହିତ ଏଇଠି, ଏଇ ଲେଖାମାନଙ୍କରେ ଆମ୍ଭେମାନେ ପ୍ରଥମ କରି ଆସାମର ବଡ଼ ବଡ଼ ଲୋକମାନଙ୍କ ସହିତ ପ୍ରକୃତ ବ୍ୟକ୍ତିଗତ ସଂପର୍କରେ ଆସୁ ଏବଂ ସେମାନଙ୍କୁ ଦେଖୁଁ ସମସାମୟିକ ସ୍ତ୍ରୀ ଓ ପୁରୁଷମାନଙ୍କ ସମଭିବ୍ୟାହାରେ, ଯେଉଁମାନଙ୍କ ସହିତ ସେମାନେ କାମ କରିଛନ୍ତି ଓ ନିତିପ୍ରତି କଥାବାର୍ତ୍ତା କରିଛନ୍ତି । ଏ ଦିଗରୁ ଦେଖିଲେ 'ଚରିତପୁଥି' ସବୁ ମଣିଷ ଜୀବନର ପ୍ରାମାଣିକ ରେକର୍ଡ ଯାହା ପାଠକର ମନକୁ ଟାଣିନିଏ, ଆଗ୍ରହ ସୃଷ୍ଟିକରେ ଏବଂ ବ୍ୟାପକ ଆବେଦନ ସୃଷ୍ଟିକରେ ।

ଏହି ଜୀବନୀସବୁର ବିଶେଷତ୍ୱ ହେଲା, ଭକ୍ତ ତଥା ସଙ୍କଳୟିତାଙ୍କ ସାରଲ୍ୟ, ଗଭୀର ବିଶ୍ୱାସ, ନିଷ୍ଠାପରତା, ଯାହା ସୁନ୍ଦର ଘରୁଆ ବାତାବରଣ ସୃଷ୍ଟିକରେ । ଏହା କଦାପି ସମ୍ଭବ ହୋଇ ନ ଥାନ୍ତା କେବଳ କଥିତ ଭାଷା ପ୍ରୟୋଗ କରି । ସମଗ୍ର ବାତାବରଣ ଆନନ୍ଦମୟ, ମୁକ୍ତ ଏବଂ ଅଚିରାଚରିତ । ଏହି ଆନନ୍ଦଦାୟକ ସହଜଶୈଳୀ ଯୋଗୁ ଅସ୍ୱାଭାବିକ ଘଟଣା ସାଧୁସନ୍ଥଙ୍କ ଜୀବନୀରେ ସଂଶ୍ଲିଷ୍ଟ ହୋଇଥିବାରୁ ଭକ୍ତମାନଙ୍କ ହୃଦୟରେ ମଣିଷ ଦେହରେ ଭଗବାନଙ୍କ ପ୍ରତି ଭକ୍ତିର ଉଦ୍ରେକ କରିଥାଏ ଏବଂ ଦୈନନ୍ଦିନ ଜୀବନର କାହାଣୀ, ସହାନୁଭୂତି ଓ ନୈକଟ୍ୟ ପ୍ରତିଷ୍ଠାରେ ସାହାଯ୍ୟ କରିଥାଏ । ଏହି ମଣିଷସୁଲଭ ଘଟଣାବଳୀରେ ହାସ୍ୟରସ ମଧ୍ୟ ରହିଛି । ବିଶେଷତଃ ଗାଉଁଲୀକଥାର ବୈଚିତ୍ର୍ୟ ଏବଂ ଲେଖକଙ୍କର ସାରଲ୍ୟ ଆଧୁନିକ ପାଠକର ରଙ୍ଗରସ ମଧ୍ୟ ଉଦ୍ରେକ କରେ ।

ସନ୍ଦେହାନ୍ଦୋଳିତ ଆଧୁନିକ ମଣିଷ ମନରେ ପୂତପବିତ୍ରାତ୍ମାମାନଙ୍କ ଜୀବନୀର ଆଜି ଯେପରି ଆବଶ୍ୟକତା ରହିଛି, ତାହା ପୂର୍ବେ କେବେ ନ ଥିଲା । ବାଛବିଗ୍ଭର ଶକ୍ତିହେଲା ପ୍ରକୃତ ଧର୍ମାତ୍ମାମାନଙ୍କ ସମ୍ପର୍କରେ ଜ୍ଞାନର ଫଳ । ଭଗବଦ୍ ଗୀତାରେ କୁହାଯାଇଛି, ବିଗ୍ଭରଶକ୍ତିବିହୀନ ମଣିଷ ଶାସ୍ତ୍ରର ଶ୍ଳୋକ ଗାଇପାରେ ମାତ୍ର ତାର ପ୍ରକୃତ ଅର୍ଥ ତାକୁ ମାଲୁମ ନ ଥାଏ । ସେମାନେ ଐହିକ ବାସନାପୂର୍ଣ୍ଣ ଏବଂ ସ୍ୱର୍ଗର ଦାନ ପାଇଁ ବୁଭୁକ୍ଷୁ । ସେମାନେ ଅଳଙ୍କାରମୟ ବାକ୍ୟ ବ୍ୟବହାର କରନ୍ତି, ସେମାନେ ଧର୍ମକର୍ମର ଶିକ୍ଷାଦିଅନ୍ତି କିନ୍ତୁ ପ୍ରକୃତରେ ସେମାନେ କର୍ମର ଧର୍ମ ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ଯାହା ମଣିଷକୁ ପୂନର୍ଜନ୍ମ ସହିତ ବାନ୍ଧିରଖିଛି । ଯେଉଁମାନେ ବିଗ୍ଭରଶକ୍ତି ହରାଇ ବସିଛନ୍ତି, ସେମାନେ ଏକାଗ୍ରତାର ବା ସ୍ଥୈର୍ଯ୍ୟର ଉନ୍ନତି କରିପାରନ୍ତି ନାହିଁ । ଫଳତଃ ଭଗବଦ୍ ଆସକ୍ତି ତାଙ୍କର ଜନ୍ମେନାହିଁ ।

Digitized by srujanika@gmail.com

ବଡ଼ ଆଶ୍ଚର୍ଯ୍ୟର କଥା ଯେ ଆଜି ଯେଉଁମାନେ ଶିକ୍ଷିତ ଏବଂ ଜାଗ୍ରତ ସେମାନଙ୍କ ନିକଟରେ ମଧ୍ୟ ଧର୍ମାତ୍ମାମାନଙ୍କ ଇତିହାସ ପ୍ରିୟ ନୁହେଁ । ଆଧୁନିକ ମନର ଏ ପ୍ରକାର ସହାନୁଭୂତିହୀନତାର କାରଣ ଦର୍ଶାଇବାକୁ ଯାଇ ଆଲ୍‌ଡାସ ହାକ୍ସଲି ନୂତନତା, ବିଭିନ୍ନତା ଏବଂ ଅନ୍ୟମନସ୍କତା ପ୍ରତି ଆଗ୍ରହକୁ ଦୋଷ ଦେଇଛନ୍ତି । କିନ୍ତୁ ସାଧୁ ସନ୍ୟାସୀମାନେ ସଦାସର୍ବଦା ଗୋଟିଏ ଚିନ୍ତାରେ ବ୍ୟସ୍ତ, ତାହା ହେଲା ଆଧ୍ୟାତ୍ମିକ ବାସ୍ତବତା । ସେମାନଙ୍କ କାର୍ଯ୍ୟ ସବୁ ଏକାପ୍ରକାର, ଯେପରି ତାଙ୍କର ଏକାଗ୍ରମୁଖୀ ଚିନ୍ତଧାରା । ସବୁକ୍ଷେତ୍ରରେ ସେମାନଙ୍କ ବ୍ୟବହାର ନିଃସ୍ୱାର୍ଥପର, ଧୈର୍ଯ୍ୟସମ୍ପନ୍ନ, ଏବଂ ସହନଶୀଳ । ତେଣୁ ତାଙ୍କ ଜୀବନୀ କେହି ନ ପଢ଼ିବାରେ ଆଶ୍ଚର୍ଯ୍ୟ କଣ ?

ଭାରତୀୟମାନଙ୍କର ବିଶ୍ୱାସ, ''ମଣିଷ ଯେତେଦିନ ବଞ୍ଚିଛି ସେତେଦିନ ଭଗବାନଙ୍କ ଉପରେ ଭରସା ରଖିଥିବ; କାରଣ ମୁକ୍ତି ଜୀବନରେ ନିହିତ ଅଛି ।''କଥାଟି ଉପନିଷଦ ପରି ପୁରୁଣା' । ସନ୍ଥ କବୀର ଲେଖିଛନ୍ତି —

''ଯଦି ବର୍ତ୍ତମାନ ତାଙ୍କୁ ପାଇବା, ସେବେ ବି ସେ ଅଛନ୍ତି;
ତା ଯଦି ନୁହେଁ ତେବେ ଆମେ ମରଣର ସହରରେ ବସା ବାନ୍ଧିବାକୁ ଯାଉଛୁ ।''

ତେଣୁ ଏଠି ଜୀବନର ଚରମ ମୂଲ୍ୟ ହେଲା ମୁକ୍ତିର ପଥ ଖୋଜି ପାଇବା । ମୁକ୍ତି ମିଳିବ ଭକ୍ତିରୁ, ଭଗବାନଙ୍କ ଅବତାରଙ୍କ କୃପାରୁ । ସନ୍ଥ ବର୍ଣ୍ଣାଡ୍ ସହିତ ଜନୈକ ବୈଷ୍ଣବ କହିପାରେ, ''ଅଦୃଶ୍ୟମାନ ଭଗବାନ ରକ୍ତମାଂସର ଦେହ ବହି ଦୃଶ୍ୟମାନ ହୋଇ ମଣିଷ ସହିତ କଥା କହିବାର ମୁଖ୍ୟ କାରଣ ହେଲା ରକ୍ତ ମାଂସର ମଣିଷକୁ ପଥ ଦେଖାଇବା; କାରଣ ମଣିଷ କେବଳ ରକ୍ତ, ମାଂସ ଜରିଆରେ ପ୍ରେମ କରିପାରେ ଏବଂ ତାକୁ ନିଜ ମାଂସର ସୁସ୍ଥ ପ୍ରେମ ଆଡ଼କୁ ଟାଣିବା ।'' ସାଧୁ ସନ୍ଥମାନଙ୍କର ଜୀବନଚରିତ ନିଷ୍ପାପର ପାଠକ ହୃଦୟରେ ଏଇପ୍ରକାର ପ୍ରେମ ଜାଗ୍ରତ.ଓ ଉଦ୍‌ବୁଦ୍ଧ କରିଥାଏ ।

ବୈଷ୍ଣବଧର୍ମର ଅଭ୍ୟୁତ୍ଥାନ ଅସାମୀୟ ସାହିତ୍ୟରେ ତଥା ଅସମୀୟା ଜୀବନର ଅନ୍ୟାନ୍ୟ ବିଭାଗରେ ନୂତନ ଯୁଗର ପ୍ରବର୍ତ୍ତନ କଲା । ଏହା ଏକ ସଂପ୍ରସାରଣ ଯୁଗ । ଯୁବକ ଶିକ୍ଷାନୁରାଗୀମାନେ ବନାରସକୁ ଦଳ ଦଳ ହୋଇ ଧାଇଁଲେ; ଶାସ୍ତ୍ରସବୁ ଆୟତ୍ତକଲେ, ସହରୀ ରୁଚି ସଂଗ୍ରହ କଲେ ଏବଂ ନିଜ ଦେଶକୁ ସେ ସବୁ ଧରି ଫେରିଲେ । ଧର୍ମଗୁରୁମାନଙ୍କ ସାକ୍ଷାତପାଇଁ ତୀର୍ଥଯାତ୍ରାରେ ଲୋକେ ବାହାରିପଡ଼ିଲେ ଜ୍ଞାନର ଦିଗ୍‌ବିଜୟର ପ୍ରସାର ପାଇଁ । ବେଳେବେଳେ କବିମାନଙ୍କ ତୀର୍ଥଯାତ୍ରା ବିଜୟଯାତ୍ରା ରୂପ ଧାରଣ କଲା ଏବଂ ପ୍ରତ୍ୟେକ ପ୍ରଖ୍ୟାତକବି ସେ କାଳରେ ରାଜାମାନଙ୍କର ପୃଷ୍ଠପୋଷକତା ଲାଭ କରିବାରେ ନିଶ୍ଚିତ ଥିଲେ । କୋଚ୍ ରାଜାମାନେ କଳା ଓ ଶିକ୍ଷାର ପ୍ରଭୂତ ପୃଷ୍ଠପୋଷକତା କରୁଥିଲେ । ଗୋଟିଏ ଭଣିତାରେ ରାଜା ନରନାରାୟଣ ସମ୍ବନ୍ଧରେ ରାମ ସରସ୍ୱତୀ ଯାହା କହିଛନ୍ତି

Digitized by srujanika@gmail.com

ସେଥିରୁ ରାଜକୀୟ ପୃଷ୍ଠପୋଷକତାର ଧାରଣା କରିହେବ । ସେ ଲେଖିଥିଲେ, "ମୋ ରାଜା ମୋତେ ମହାଭାରତ ଅସମୀୟା କବିତାରେ ଅନୁବାଦ କରିବାକୁ ଆଦେଶ ଦେଲେ । ରାଜସଭାରେ ଯେତେ ଯେତେ ଟୀକା ବା ବ୍ୟାଖ୍ୟା ଥିଲା ସବୁ ମୋତେ ଯୋଗାଇଦେବେ ବୋଲି କହିଲେ । ମୋ ଘରକୁ ସେ ଶଗଡ଼ ଶଗଡ଼ ପୋଥି ପଠାଇଦେଲେ ଏବଂ କାର୍ଯ୍ୟରେ ଉତ୍ସାହଦେବାପାଇଁ ଅର୍ଥ ବସ୍ତ୍ର, ପୋଷାକପରିଚ୍ଛଦ ଏବଂ ଭୃତ୍ୟମଧ୍ୟ ପଠାଇଦେଲେ ।"

କାରଲାଇଲ୍‌ଙ୍କ ମତରେ ବଡ଼ ଲୋକଙ୍କ ଜୀବନୀ ହେଲା ଇତିହାସ । ପ୍ରକୃତରେ ଏ ଯୁଗର ସାହିତ୍ୟିକ ଇତିହାସ ହେଲା ଶଙ୍କରଦେବ ଏବଂ ମାଧବଦେବଙ୍କ ଆଧ୍ୟାତ୍ମିକ ଜୀବନ ଚରିତ । ଏ ଦୁଇ ଲେଖକ ସୂର୍ଯ୍ୟ ଓ ଚନ୍ଦ୍ରପରି ସାହିତ୍ୟାକାଶରେ ଉଦ୍ଭାସିତ ହୋଇଥିଲେ । ଅନ୍ୟମାନେ ସେ ଦୁହିଁଙ୍କ କୃତିର ଅନୁକରଣ କରିଥିଲେ ବା ସମ୍ପ୍ରସାରଣ କରିଥିଲେ ମାତ୍ର । କଳ୍ପନାର ବ୍ୟାପକତା ରଚନାର ମୁକ୍ତ ଶୈଳୀ ଏବଂ ପ୍ରବାହମାନ ସୁର ସଂଯୋଜନା ବଳରେ ସେମାନେ ସାହିତ୍ୟିକ ରୁଚିକୁ କ୍ଲାସିକାଲ୍ ଆଡ଼କୁ ମୁହାଁଇଦେଲେ ଏବଂ ଯୁଗକୁ ଶିଖାଇଲେ କିପରି ଭକ୍ତି ଓ ଧୈର୍ଯ୍ୟରେ ଅନ୍ୟସବୁ ଗୁଣ ଅପେକ୍ଷା ବେଶୀ ମୂଲ୍ୟ ଆରୋପ କରି ଜୀବନରେ ଜ୍ଞାନଗର୍ଭିତ ସୌନ୍ଦର୍ଯ୍ୟ ଓ ସାହିତ୍ୟରେ ସହର ସଭ୍ୟତା ଫୁଟାଇବାକୁ ଶିଖାଇଲେ ।

ଏ ସମୟର ଅଧିକାଂଶ ଲେଖକ ଅନୁବାଦକ ନ ହେଲେ ମଧ୍ୟ ସଂସ୍କୃତ କ୍ଲାସିକ୍‌ର ଆହରଣକର୍ତ୍ତା । ସେମାନଙ୍କ ଲେଖା ଉପଦେଶାତ୍ମକ, ନୀତିମୂଳକ ବା ଦୀକ୍ଷାତ୍ମକ । ସଂଗୀତର ଲକ୍ଷଣ ବିବର୍ଜିତ । ସ୍ତୁତି, ପ୍ରାର୍ଥନା ଗୀତିକାର ଲେଖକଙ୍କଠାରେ ଅନାଧର୍ମୀୟ ସୁର ଓ ପ୍ରଭାବ ପରିସ୍ଫୁଟ । ସୀତା, ଉଷା ବା ବେହୁଲା ଆଦି କାହାଣୀର ନାୟିକାଙ୍କ ବିବାହ ପରି ପ୍ରେମଗାଥା ସେମାନେ ରଚନା କଲେ ରୋମାଣ୍ଟିକ୍ କଳ୍ପନାର ସହାୟତାରେ । କବିତାରଛନ୍ଦ ବିଷୟରେ ସେମାନେ ପ୍ରବର୍ତ୍ତକ ନହୋଇ ସଂସ୍କାରକ ହେଲେ । ସେମାନେ ପଦମେଳ ରଖି ଦୁଇଧାଡ଼ିଆ କବିତ ମୁଖ୍ୟତଃ ଲେଖିଲେ ଯାହାକୁ 'ପଦ' ଦୁଲାରି' 'ଛବି' କୁହାଯାଏ । ପ୍ରତିଟି ପଦ କ୍ଲୃପ୍ତ ଏବଂ ପୁରା ଭାବଟିଏ ବ୍ୟକ୍ତକରେ । ପଦଟି ଚତୁର୍ଦ୍ଦଶ ପାଦର ଏବଂ ଅଷ୍ଟମ ପାଦ ପରେ ବିରତିଥାଏ । ଦୁଲାରି ଏବଂ ଛବି ଛଅ ପାଦ ଥିବା ଗୋଟିଏ ଗୋଟିଏ ଶ୍ଳୋକ । 'ଦୁଲାରି'ରେ ପ୍ରଥମ, ଦ୍ୱିତୀୟ, ଚତୁର୍ଥ ଓ ପଞ୍ଚମ ପଦରେ ଛଅ ପାଦ ଥାଏ, ଅନ୍ୟସବୁରେ ଆଠପଦ ଥାଏ । ଆବୃତ୍ତି କଲାବେଳେ ସ୍ୱରରେ ଶୂନ୍ୟସ୍ଥାନ ପୂରଣ ହୋଇଯାଏ । ଏ ସମୟର କବିଗଣ କ୍ଲାସିକେଲ୍ ଥିବାରୁ ସେମାନେ ସଂସ୍କୃତ କବିଗଣଙ୍କ ରୀତି ଅନୁସରଣ କରି ନାନା ଭାବରେ ଉପମା, ଜନକ ଆଦି ନାନାବିଧ ଅଳଙ୍କାର ଦେଇ ପାଣ୍ଡିତ ଦେଖାଇବା ଉଦ୍ଦେଶ୍ୟରେ ଅଳଙ୍କୃତ କରିବାର ଦେଖାଯାଏ । ସେମାନଙ୍କ କବିତାରେ ସାଧାରଣ ଜୀବନ ଓ ପ୍ରକୃତିରୁ ଉପମା ଆଦି ଥିବାରୁ ସେ ସବୁ ଖୁବ୍ ଲୋକପ୍ରିୟ ହୋଇଥାଏ ।

Digitized by srujanika@gmail.com

ବୈଷ୍ଣବ ଆନ୍ଦୋଳନ ସାଧାରଣ ଲୋକର ସାଂସ୍କୃତିକ ସ୍ତରକୁ ଉନ୍ନତ କରିବାପାଇଁ ଚେଷ୍ଟା କରି ଅନେକ ପରିମାଣରେ ସଫଳ ମଧ୍ୟ ହୋଇଥିଲା । ଜନସାଧାରଣଙ୍କ ମଧ୍ୟରେ ଉଚ୍ଚମାନର ଜ୍ଞାନ ପ୍ରସାର କରିଥିଲା ମଧ୍ୟ । ଲକ୍ଷ୍ୟ କରିବାର କଥା ଯେ ଆସାମରେ ବୈଷ୍ଣବଧର୍ମ କେବଳ ଧର୍ମ ନୁହେଁ ଏକ ଅନୁଷ୍ଠାନ ଏବଂ ଏପରିକି ଆଜି ମଧ୍ୟ ଅସମୀୟା ଲୋକମାନଙ୍କ ସାମାଜିକ ଓ ସାମ୍ପ୍ରଦାୟିକ ଜୀବନଉପରେ ଖୁବ୍ ଉତ୍ତମ ଓ ପ୍ରଚୁର ପ୍ରଭାବ ପକାଉଛି । ଅନୁଷ୍ଠାନ ହିସାବରେ ଦୁଇ ବିଭାବରେ ଦେଖିବାକୁ ହେବ । ସତ୍ରର ପ୍ରତିଷ୍ଠା, ଆଶ୍ରମ ସୁଲଭ ଶୃଙ୍ଖଳା ଏବଂ ଧର୍ମବିଷୟକ ଶିକ୍ଷାପାଇଁ; ନାମଘର ପ୍ରତିଷ୍ଠା ଗଣଶିକ୍ଷା କାର୍ଯ୍ୟ କ୍ରମର ପ୍ରସାର ପାଇଁ । ସତ୍ର ସବୁ ଉଭୟ ଧର୍ମଶିକ୍ଷା ଏବଂ ଆବାସିକ ବିଦ୍ୟାଳୟର କାର୍ଯ୍ୟ ସମ୍ପାଦନ କରନ୍ତି । ସତ୍ରାଧିକାରୀଙ୍କ ତତ୍ତ୍ୱାବଧାନରେ ଭକ୍ତ ବା ସାଧୁମାନେ ରହି ଐହିକ ଓ ପାରତ୍ରିକ ଉନ୍ନତିର ଦାୟୀତ୍ୱ ନିଅନ୍ତି । ସାଧୁମାନେ ଯେ କେବଳ ବୈଷ୍ଣବ ଧର୍ମଗ୍ରନ୍ଥ ଶିକ୍ଷା ନିଅନ୍ତି ତା ନୁହେଁ ବେଦ ଓ ପୁରାଣରୁ ମଧ୍ୟ ଜ୍ଞାନ ସଂଗ୍ରହ କରିଥାନ୍ତି । ସତ୍ରାଧିକାରକୁ ଛାଡ଼ି ସତ୍ରର ଅନ୍ୟାନ୍ୟ କର୍ମୀ ଯଥା ଭାଗବତୀ ଓ ପାଠକମାନେ ମଧ୍ୟ ତର୍କବିତର୍କ ଓ ଆଳାପ ଆଲୋଚନା ମାଧ୍ୟମରେ ସେମାନଙ୍କୁ ଶିକ୍ଷା ଦେଇଥାନ୍ତି । ପୁନଶ୍ଚ ସାଧୁମାନଙ୍କୁ ଲିଖିତ ଶିକ୍ଷା ମଧ୍ୟ ଦିଆଯାଏ, ଯହିଁରେ ସେମାନେ ପାଣ୍ଡୁଲିପି ନକଲ କରି ଉପଯୁକ୍ତ ସ୍ଥାନରେ ସଂପୃକ୍ତ ଚିତ୍ର ବା ଛବି ଦେବାକୁ କୁହାଯାଏ; ସଂସ୍କୃତପୋଥି ଅନୁବାଦ କରିବାକୁ ଏବଂ ଅସମୀୟା ଭାଷାରେ ନିଜ ନିଜ କୃତି ଦେଖାଇବାକୁ ମଧ୍ୟ କୁହାଯାଇଥାଏ । ବର୍ଷ ବର୍ଷ ଧରି ଏ ପ୍ରକାର ଶିକ୍ଷା ଏବଂ ବୈଷ୍ଣବ ଧର୍ମରେ କଠୋର ଦୀକ୍ଷା ପରେ ଏହି ସାଧୁମାନଙ୍କୁ ପ୍ରଦେଶର ବିଭିନ୍ନ ସ୍ଥାନମାନଙ୍କୁ ଧର୍ମ ପ୍ରଚ୍ୟର ଓ ପ୍ରସାର କାର୍ଯ୍ୟରେ ପଠାଯାଉଥିଲା । କାଳକ୍ରମେ ଅନେକ ସାଧୁ ନୂଆନୂଆ ସ୍ଥାନରେ ନୂଆ ସତ୍ରମାନ ପ୍ରତିଷ୍ଠା କଲେ ଏବଂ ଏହି ଅନୁଷ୍ଠାନମାନଙ୍କ ସାହାଯ୍ୟରେ ଶିକ୍ଷା, ଜ୍ଞାନ ଏବଂ ସଂସ୍କୃତିର ପ୍ରସାର ସାରା ଦେଶରେ ସଂଘଟିତ ହେଲା । ଏହି ମତେ ସତ୍ରସବୁ ସଫଳକାମ ଶିକ୍ଷକ ଏବଂ ପାଦ୍ରୀ ଓ ଖ୍ୟାତନାମା ଦାର୍ଶନିକ ପଣ୍ଡିତ ଓ କବିମାନଙ୍କୁ ଜନ୍ମଦେଲେ ।

ଯେଉଁ ନାମଘରକୁ ଗ୍ରାମ କେନ୍ଦ୍ରୀୟ ଧର୍ମ ଓ ରାଜନୀତି ଅନୁଷ୍ଠାନ ରୂପେ ପ୍ରତିଷ୍ଠିତ ହୋଇଥିଲା, ସେମାନେ ଜ୍ଞାନବୁଦ୍ଧି ଓ ସଂସ୍କୃତି କ୍ଷେତ୍ରରେ ପ୍ରଭୂତ ଅଂଶ ଗ୍ରହଣ କରିଥିଲେ । ଏଠି ଯେ କେବଳ ଶାସ୍ତ୍ରପ୍ରସିଦ୍ଧ ସାହିତ୍ୟିକ ଗ୍ରନ୍ଥମାନ ଆଦୃତ ହେଉଥିଲା ତାହା ନୁହେଁ ଜୀବନର ବଡ଼ ବଡ଼ ସମସ୍ୟା, ଦର୍ଶନ ଏବଂ ଧର୍ମ ସଂକ୍ରାନ୍ତ ଆଲୋଚନା ଓ ତର୍କବିତର୍କର ବ୍ୟବସ୍ଥା ଥିଲା । ଗାଉଁଲୀଲୋକେ ଯାହା ନଜାଣିଥିଲେ ତାହା ଏଠୁ ଜାଣିଲେ ଏବଂ ନୂଆ ଧାରଣା ଓ ଅଭିଜ୍ଞତା ମଧ୍ୟ ସଂଗ୍ରହ କଲେ । ନାମଘରସବୁ ପଞ୍ଚାୟତ ଘରର କାମ ତୁଲାଉଥିଲେ (ଏବେ ବି ତୁଲାଉଛନ୍ତି,) ଯେଉଁଠି ଗ୍ରାମବାସୀମାନେ ଧର୍ମକର୍ମ ଛଡ଼ା ଗାଁର ଚଳନ୍ତି ସମସ୍ୟା, ସମାଜ ଜୀବନ ଏବଂ ରାଜନୈତିକ, ଅର୍ଥନୈତିକ, ସାମାଜିକ ସମସ୍ୟା

Digitized by srujanika@gmail.com

ଆଲୋଚନା କରୁଥିଲେ । ଏହିସବୁ ଅନୁଷ୍ଠାନ ଅସମୀୟା ଗାଉଁଲୀ ଜୀବନରେ ଐକ୍ୟ ଓ ସଂହତି ଆଣି ଦେଇଥିଲା ।

ତା' ଛଡ଼ା ସତ୍ର ଓ ନାମଘର ବୋଲି ଯେଉଁ ଦୁଇ ଅନୁଷ୍ଠାନ, ତାହା ନାଟକ, ସଂଗୀତ ଏବଂ ରଙ୍ଗମଞ୍ଚର ସୃଷ୍ଟି ଓ ପ୍ରତିଷ୍ଠା ଦିଗରେ ସହାୟକ ହୋଇଥିଲା । ଏହି ତିନୋଟି ସର୍ବସାଧାରଣଙ୍କୁ ଆକର୍ଷଣ କରୁଥିବାରୁ ସଂସ୍କୃତିକୁ ଜନପ୍ରିୟ କରିବାପାଇଁ ଶକ୍ତିଶାଳୀ ମାଧ୍ୟମ ହୋଇପାରିଥିଲା । 'ଅଙ୍କିଆନାଟ' ନାଚ ଓ ଗୀତରେ ଭରପୁର ହୋଇଥିବାରୁ ଏବେ ବି ନାମଘରମାନଙ୍କରେ ଅଭିନୀତ ହେଉଛି ଏବଂ ସାରା ଗାଆଁ ଉଠିଆସୁଛି । କାରଣ ରାମାୟଣ, ମହାଭାରତ ଓ ଭାଗବତ ପୁରାଣର ଗଳ୍ପସବୁ ମଣିଷ ଜୀବନର ଧର୍ମ ଓ ଜୀବନର ଗୁରୁ ସମସ୍ୟାମାନ ଉପସ୍ଥାପିତ କରିଥାଏ । ବୈଷ୍ଣବମାନେ ବହୁତ ନୂଆ ପର୍ବପର୍ବାଣି ଓ ସନ୍ଧ ଦିବସ ପାଞ୍ଜିରେ ପୁରାଇଲେ; ଫଳରେ ଚିନ୍ତା ପୀଡ଼ିତ ସାଧାରଣ ମଣିଷପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ନାଟକାଭିନୟର ପ୍ରଚୁର ଅବକାଶ ମିଳିଲା ।

ପୂର୍ବରୁ କୁହାଯାଇଛି, ସଂସ୍କୃତ ଅଧ୍ୟୟନର ପୁନରୁତ୍‌ଥାନ କେମିତି ବୈଷ୍ଣବ ଯୁଗରେ ହୋଇଥିଲା, ଯାହା ଫଳରେ ଦେଶର ବୌଦ୍ଧିକ ଜୀବନର ଅପୂର୍ବ ଅଭ୍ୟୁତ୍ଥାନ ଘଟିଥିଲା । ସଂସ୍କୃତ ବା କ୍ଲାସିକେଲ୍ ପ୍ରଭାବ ସାଂସ୍କୃତିକ ଜୀବନର ସବୁବିଭାବରେ ଅସମୀୟ ଭାଷାକୁ ବିରଳ ପ୍ରତିଷ୍ଠା ଦେଇଥିଲା ଏବଂ ଏପରି ଏକ ସାହିତ୍ୟ ସୃଷ୍ଟି କରିଥିଲା, ଯାହା ସବୁକାଳପାଇଁ ସ୍ଥାୟୀ ହେଲା । ସର୍ବୋପରି ବିଭିନ୍ନ ଉପାଦାନରେ ଗଠିତ ଅସମୀୟା ସମାଜର ଗ୍ୱଲିଚଳନ, ଆଗ୍ୱରବ୍ୟବହାର ଓ ଚରିତ୍ରକୁ ନିର୍ମଳ, ଶୁଦ୍ଧ ଓ ଚିକ୍କଣ କରି ତୋଳିଲା ।

❑ ❑ ❑

Digitized by srujanika@gmail.com

## ପରିଚ୍ଛେଦ -- ଚାରି

# ଆହୋମ ରାଜବଂଶ

ଆହୋମମାନଙ୍କର ବହୁପୂର୍ବରୁ ଆସାମର ପୂର୍ବାଞ୍ଚଳରେ ବସତି ସ୍ଥାପନ କରିଥିବା ଚୁଟୀୟା, କଚାରୀ, ଭୁୟା, ନାଗା ଓ ଟାଇ ସଂପ୍ରଦାୟର ଅନ୍ୟକେତେକ ଜାତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଆହୋମ ଶକ୍ତିକୁ ସୁଦୃଢ଼ କରିଥିବା ସୁହଙ୍ଗମଙ୍ଗ ଦିହିଙ୍ଗୀୟ ରାଜା (୧୪୯୭-୧୫୩୯)ଙ୍କ ବିଷୟରେ ପୂର୍ବରୁ ଉଲ୍ଲେଖ କରାଯାଇଛି । ସୁହଙ୍ଗମଙ୍ଗ ହେଉଛନ୍ତି ପ୍ରଥମ ଆହୋମୀୟ ରାଜା ଯିଏ ହିନ୍ଦୁଧର୍ମ ପ୍ରତି ପ୍ରତ୍ୟକ୍ଷ ସମର୍ଥନ ଜଣାଇଥିଲେ । ରାଜକୀୟ ପୃଷ୍ଠପୋଷକତା ସାହାଯ୍ୟରେ ହିନ୍ଦୁଧର୍ମର ପ୍ରସାର ଘଟିବା ସଙ୍ଗେ ସଙ୍ଗେ ତାଙ୍କ ରାଜତ୍ୱକାଳରେ ଶଙ୍କରଦେବଙ୍କ ଦ୍ୱାରା ପ୍ରଚାରିତ ବୈଷ୍ଣବ ଧର୍ମର ମଧ୍ୟ ପ୍ରସାର ଘଟିଥିଲା । ସୁହଙ୍ଗମଙ୍ଗଙ୍କର ଉତ୍ତରାଧିକାରୀ, ଶୁକ୍ଲେଙ୍ଗମୁଙ୍ଗ ଗର୍ଗୋୟ ରାଜା (୧୫୩୯-୧୬୪୧), ଜୟଧ୍ୱଜ ସିଂହ (୧୬୪୮-୧୬୬୩) ଏବଂ ଚକ୍ରଧ୍ୱଜ ସିଂହ (୧୬୬୩-୧୬୬୯) ଥିଲେ ବୀରରାଜା ଏବଂ ସୁଦକ୍ଷ ପ୍ରଶାସକ । ସେମାନେ ସଫଳତାର ସହ ଅନେକଥର ମୋଗଲ୍ ଆକ୍ରମଣକୁ ପ୍ରତିହତ କରିବା ସଙ୍ଗେ ସଙ୍ଗେ ପୂର୍ବ ଭାରତରେ ଇସ୍‌ଲାମ୍ ଧର୍ମର ପ୍ରସ୍ୱାରକୁ ମଧ୍ୟ ବାଧା ପ୍ରଦାନ କରିଥିଲେ । ସେମାନଙ୍କ ରାଜତ୍ୱକାଳରେ ଆସାମ ଜନଜୀବନରେ ପ୍ରଭୂତ ଉନ୍ନତି ସାଧିତ ହେଲା । ହିନ୍ଦୁଧର୍ମ ଏବଂ ସଂସ୍କୃତି ସେମାନଙ୍କ ଅନୁଗ୍ରହ ଓ ଯତ୍ନ ଫଳରେ ପ୍ରସାରିତ ହେବାକୁ ଲାଗିଲା । ଅସମୀୟା କଳା ଓ ସାହିତ୍ୟ ସେମାନଙ୍କ ଦରବାରରେ ସଯତ୍ନେ ପର୍ଯ୍ୟାଲୋଚିତ ହେଲା ।

ଗଦାଧର ସିଂହ ନାମକ ତୁଙ୍ଗ୍‌ଖୁଙ୍ଗୀୟ ବଂଶରେ ଜଣେ ରାଜପୁତ୍ର ୧୬୮୧ ମସିହାରେ ସିଂହାସନ ଆରୋହଣ କଲେ । ରାଜପଦରେ ଅଭିଷିକ୍ତ ହେବା ପୂର୍ବରୁ ଗଦାଧର ସିଂହ ଶାସକରାଜା ଲୋରାରା ଜାଙ୍କଠାରୁ ନିଜକୁ ରକ୍ଷାକରିବା ପାଇଁ ପଳାତକ ସାଜିଥିଲେ । ତାଙ୍କ ପତ୍ନୀ ଜୟମତୀକୁଆରୀ ଧରାପଡ଼ି ସ୍ୱାମୀଙ୍କର ସନ୍ଧାନ ନେବାପାଇଁ ଅମାନୁଷିକ ନିର୍ଯାତନା ଭୋଗିଥିଲେ । ସେ ସ୍ୱାମୀଙ୍କ ବିଷୟରେ କୌଣସି ଖବର ନେବାକୁ ମନାକରିଦେଇଥିଲେ, ଏପରିକି ଗୁପ୍ତରେ ତାଙ୍କ ସ୍ୱାମୀ ନିଜେ ଆସି ତାଙ୍କୁ ସେପରି କରିବାକୁ କହିବାପରେ ମଧ୍ୟ । ଦେଶକୁ ଏବଂ ତାଙ୍କର ଲୋକମାନଙ୍କୁ ଲୋରା ରାଜାଙ୍କ ଅତ୍ୟାଚାରରୁ ରକ୍ଷାପାଇବାପାଇଁ ଜୟମତୀ ତାଙ୍କ ସ୍ୱାମୀଙ୍କୁ ସୈନ୍ୟବଳ ସଂଗ୍ରହ କରିବାପାଇଁ ପ୍ରବର୍ତ୍ତାଇଥିଲେ । ପରିଶେଷରେ ଜୟମତୀ ଏହି ନିର୍ଯାତନାର ଶିକାରହୋଇ ପତିବ୍ରତା ନାରୀରୂପେ ଶହୀଦ ହେଲେ । ପ୍ରତିବର୍ଷ

Digitized by srujanika@gmail.com

ତାଙ୍କ ମୃତ୍ୟୁବାର୍ଷିକୀ ପ୍ରଦେଶର ସର୍ବତ୍ର ପାଳନ କରାଯାଉଛି । ଆଜିମଧ୍ୟ ତାଙ୍କ ଜୀବନୀ ଆମ କବିମାନଙ୍କୁ ପ୍ରଣୋଦିତ କରେ ଏବଂ ଦେଶସେବା ନିମିତ୍ତ ଉତ୍ସର୍ଗୀକୃତ ତାଙ୍କର ପବିତ୍ର ଜୀବନ ସେମାନଙ୍କୁ କବିତା ଓ ନାଟକ ଲେଖିବା ନିମିତ୍ତ ଖୋରାକ ଯୋଗାଏ ।

ଗଦାଧର ସିଂହ ଜଣେ ଶକ୍ତିଶାଳୀ ରାଜାଥିଲେ ଏବଂ ତାଙ୍କ ରାଜତ୍ୱ କାଳରେ ଆସାମରୁ ମୋଗଲମାନେ ସଂପୂର୍ଣ୍ଣରୂପେ ବିତାଡ଼ିତ ହୋଇଥିଲେ । ରାଜା ଶାକ୍ତ ଧର୍ମପ୍ରତି ଗଭୀର ଅନୁରକ୍ତଥିଲେ ଓ ବୈଷ୍ଣବ ମହନ୍ତମାନଙ୍କୁ ଦମନ କରିଥିଲେ । ବୈଷ୍ଣବ ମହନ୍ତମାନେ ତାଙ୍କର ଶିଷ୍ୟମାନଙ୍କ ଉପରେ ପ୍ରଦର୍ଶନ କରୁଥିବା ପ୍ରଭୂତ କ୍ଷମତା ଆହୋମୀୟ ସାର୍ବଭୌମତ୍ୱ ପାଇଁ ବିପଦଜନକ ବୋଲି ରାଜାଙ୍କଦ୍ୱାରା ବିବେଚିତ ହେଲା । ସେଥିପାଇଁ ଗଦାଧର ସିଂହ ବୈଷ୍ଣବ ମହନ୍ତମାନଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତ କରିଦେଲେ, ସେମାନଙ୍କୁ ସତ୍ରରୁ ବିତାଡ଼ିତ କଲେ, କିଛି ମହନ୍ତଙ୍କୁ ମାରିଦେଲେ ଏବଂ ଅନ୍ୟମାନଙ୍କୁ ବିକଳାଙ୍ଗ କରିଦେଲେ । ଗଦାଧର ସିଂହଙ୍କ ଉତ୍ତରାଧିକାରୀ ରୁଦ୍ର ସିଂହ (୧୬୯୬-୧୭୧୪) ଜୀବିତଥିବା ମହନ୍ତ ବା ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ମଠଗୁଡ଼ିକୁ ପ୍ରଦାନ କରିଥିଲେ । କେତେକ ବୈଷ୍ଣବ ମହନ୍ତଙ୍କୁ ରାଜକୀୟ ପୃଷ୍ଠପୋଷକତା ଦେଇଥିଲେ । ତଥାପି ସେ ଶାକ୍ତ ଧର୍ମପ୍ରତି ଅନୁରକ୍ତ ଥିଲେ । ତାଙ୍କ ରାଜତ୍ୱର ଶେଷ ଆଡ଼କୁ ସେ ନଦିଆ (ବଙ୍ଗଳା)ରୁ କୃଷ୍ଣରାମ ଭଟ୍ଟାଚାର୍ଯ୍ୟ ନ୍ୟାୟବାଗୀଶ ନାମକ ଜଣେ ନିଷ୍ଠାପର ଶାକ୍ତ ଧର୍ମାବଲମ୍ବୀ ବ୍ରାହ୍ମଣଙ୍କୁ ଅଣାଇଥିଲେ । ତାଙ୍କ ମୃତ୍ୟୁଶଯ୍ୟାରେ ମଧ୍ୟ ସେ ତାଙ୍କର ପୁତ୍ର ଏବଂ ଉତ୍ତରାଧିକାରୀ ଶିବ ସିଂହଙ୍କୁ କୃଷ୍ଣରାମଙ୍କଠାରୁ ଦୀକ୍ଷା ନେବାପାଇଁ ଆଦେଶ ଦେଇଥିଲେ । ଆହୋମ ରାଜାମାନଙ୍କର ଶାକ୍ତଧର୍ମ ଗ୍ରହଣ ଏବଂ ବରିଷ୍ଠ ପାରିଷଦମାନଙ୍କଦ୍ୱାରା ଏହି ଧର୍ମ ଗ୍ରହଣ ବୈଷ୍ଣବମାନଙ୍କ ମଧ୍ୟରେ ଭେଦ ଓ କଳହର ସୂତ୍ରପାତ କଲା ।

ରୁଦ୍ର ସିଂହ ଜଣେ ସୁଦକ୍ଷ ଓ ଉଚ୍ଚାକାଂକ୍ଷୀ ରାଜା ଥିଲେ । ମୋଗଲମାନଙ୍କ ସହ ଲଢ଼ିବାପାଇଁ ଏବଂ ପୂର୍ବଭାରତର ହିନ୍ଦୁ ସାର୍ବଭୌମତ୍ୱ ଫେରାଇଆଣିବା ପାଇଁ ସେ ପୂର୍ବ ଭାରତର ହିନ୍ଦୁ ରାଜ୍ୟମାନଙ୍କ ମଧ୍ୟରେ ଐକ୍ୟ ଆଣିବାର ଚେଷ୍ଟା କରିଥିଲେ । ରୁଦ୍ର ସିଂହ କଳା, ସାହିତ୍ୟ ଓ ଶିକ୍ଷାର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ । ସେ ଚିତ୍ରକାର, ସ୍ଥପତି, ସଙ୍ଗୀତଜ୍ଞ ଏବଂ ଜ୍ଞାନୀମାନଙ୍କୁ ଆସାମକୁ ନିମନ୍ତ୍ରଣ କରୁଥିଲେ । ସେ ଉଦାରତାର ସହ କବି ଓ ପଣ୍ଡିତମାନଙ୍କର ପୃଷ୍ଠପୋଷକତାକରି ଅସମୀୟା ସାହିତ୍ୟର ଉନ୍ନତିପାଇଁ ଯଥେଷ୍ଟ ଉତ୍ସାହ ପ୍ରଦାନ କରିଥିଲେ । ରୁଦ୍ର ସିଂହଙ୍କ ପରେ ତାଙ୍କର ଗ୍ରୋଚିଯାକ ପୁତ୍ର ଶିବ ସିଂହ, ପ୍ରମତ୍ତ ସିଂହ, ରାଜେଶ୍ୱର ସିଂହ ଏବଂ ଲକ୍ଷ୍ମୀ ସିଂହ ଜଣକପରେ ଜଣେ ସିଂହାସନ ଆରୋହଣ କରିଥିଲେ । ଶେଷୋକ୍ତ ରାଜାଙ୍କପରେ ତାଙ୍କପୁତ୍ର ଗୌରୀନାଥ ସିଂହ (୧୭୮୦-୮୫) ଏବଂ ପରେ କମଳେଶ୍ୱର ସିଂହ (୧୭୯୫-୧୮୧୧) ସିଂହାସନରେ ଅଧିରୂଢ଼ ହୋଇଥିଲେ । ଶିବ ସିଂହ, ପ୍ରମତ୍ତ ସିଂହ ଏବଂ ରାଜେଶ୍ୱର ସିଂହଙ୍କ ରାଜତ୍ୱକାଳ (୧୭୧୪-୧୭୬୯)ରେ

Digitized by srujanika@gmail.com

ରାଜ୍ୟରେ ଶାନ୍ତିଶୃଙ୍ଖଳା ରହିଥିଲା । ରାଜାମାନେ ସାହିତ୍ୟ ଓ କଳାର ପୃଷ୍ଠପୋଷକତା ନିମିତ୍ତ ଅବସର ପାଉଥିଲେ । କିନ୍ତୁ ୧୭୬୯ ମସିହାପରେ ଜନସାଧାରଣଙ୍କ ଭିତରେ ମତଭେଦ ଯୋଗୁ ରାଜ୍ୟରେ ଅସ୍ଥିରତା ସୃଷ୍ଟିହେଲା ଏବଂ ସେଥିପାଇଁ ଆଭ୍ୟନ୍ତରୀଣ ଗଣ୍ଡଗୋଳକୁ ରୋକିବାପାଇଁ ବାହାରର ସାହାଯ୍ୟ ନିଆଗଲା ।

କମଳେଶ୍ୱର ସିଂହଙ୍କ ପରେ ତାଙ୍କଭାଇ ଚନ୍ଦ୍ରକାନ୍ତ ସିଂହ ୧୮୧୧ ମସିହାରେ ସିଂହାସନ ଆରୋହଣ କଲେ । ତାଙ୍କ ରାଜସଭାର କେତେକ ପାରିଷଦ ଆହୋମୀୟ ପ୍ରଧାନମନ୍ତ୍ରୀ ପୂର୍ଣ୍ଣାନନ୍ଦ ବୁରା ଗୋହାଇଁଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ଏବଂ ସେମାନେ ବ୍ରହ୍ମଦେଶ ରାଜାଙ୍କ ନିକଟକୁ ଗୋଟିଏ ସୈନ୍ୟଦଳ ପଠାଇ ସେଠାରେ ସେହି ପ୍ରଧାନମନ୍ତ୍ରୀଙ୍କର କୁଶାସନର ଅବସାନ ଘଟାଇବାପାଇଁ ଅନୁରୋଧ କରିଥିଲେ । ଏହି ବ୍ରହ୍ମଦେଶୀୟମାନେ ୧୮୧୭ ମସିହାରେ ଆସାମ ଦଖଲ କଲେ କିନ୍ତୁ ଆକ୍ରମଣକାରୀମାନେ ରାଜଧାନୀରେ ପହଞ୍ଚିବା ପୂର୍ବରୁ ପୂର୍ଣ୍ଣାନନ୍ଦ ମୃତ୍ୟୁବରଣ କରିଥିଲେ । ଚନ୍ଦ୍ରକାନ୍ତ ୧୮୧୮ ମସିହାରେ ପୁରନ୍ଦର ସିଂହଙ୍କ ଦ୍ୱାରା ଗାଦିଚ୍ୟୁତ ହେବାପର୍ଯ୍ୟନ୍ତ ଶାସନ କରୁଥିଲେ । ବ୍ରହ୍ମଦେଶୀମାନଙ୍କ ହସ୍ତକ୍ଷେପ ଦ୍ୱାରା ଚନ୍ଦ୍ରକାନ୍ତ ୧୮୨୧ ମସିହାରେ ପୁଣି ସିଂହାସନ ଫେରିପାଇଥିଲେ । କିନ୍ତୁ ବୈଦେଶିକ ଶତ୍ରୁ ଦ୍ୱାରା କରାଯାଉଥିବା ଅତ୍ୟାଗ୍ରର ସହ୍ୟକରିନପାରି ସେ ଆକ୍ରମଣକାରୀଙ୍କ ସହ ଯୁଦ୍ଧରେ ପ୍ରବୃତ୍ତ ହେଲେ । କିନ୍ତୁ ସେ ୧୮୨୨ ମସିହାରେ ପରାସ୍ତହୋଇ ଆସାମକୁ ବ୍ରହ୍ମଦେଶର ସଂପୂର୍ଣ୍ଣ ଅଧିକାରରେ ଛାଡ଼ି ବଙ୍ଗଳାକୁ ପଳାୟନ କଲେ । କିନ୍ତୁ ୧୮୨୪ ମସିହାରେ ବ୍ରିଟିଶମାନେ ଆସାମରେ ପ୍ରବେଶକଲେ ଏବଂ ବ୍ରହ୍ମଦେଶୀଙ୍କୁ ବିତାଡ଼ିତ କଲେ । ୧୮୨୬ ମସିହାରେ ଯାଣ୍ଡାବୁ ଚୁକ୍ତି ଅନୁଯାୟୀ ଆସାମ ଇଷ୍ଟଇଣ୍ଡିଆ କମ୍ପାନୀର ଅଧିକାରକୁ ଗଲା । ଉପର ଆସାମର କରଦ ରାଜାରୂପେ ପୁରନ୍ଦର ସିଂହ ୧୮୩୩ ମସିହାରେ ଗାଦିନାସୀନ ହୋଇଥିଲେ । ମାତ୍ର ସେ କର ବାବଦ ନିର୍ଦ୍ଦିଷ୍ଟ ଦେୟ ଦେବାକୁ ଅକ୍ଷମ ହେବାରୁ ୧୮୩୩ ମସିହାରେ କମ୍ପାନୀର ରାଜ୍ୟସହ ତାଙ୍କ ରାଜ୍ୟ ମିଶିଗଲା । ଏହା ପୂର୍ବଭାରତରେ ଛଅଶହବର୍ଷର ଆହୋମୀୟ ଶାସନ ଦ୍ୱାରା ଉନ୍ମୋଚିତ ହୋଇଥିବା ସ୍ୱର୍ଣ୍ଣ ଅଧ୍ୟାୟକୁ ଚିରକାଳ ପାଇଁ ବନ୍ଦ କରିଦେଲା ।

ଅସ୍ୱୀକାର କରିହେବନାହିଁ ଯେ ଆହୋମ ଶାସନ ଆସାମକୁ କିଛି ଶତାବ୍ଦୀଧରି ଗୋଟିଏ ସଫଳ ଏବଂ ଦୃଢ଼ ଶାସନ ବ୍ୟବସ୍ଥା ପ୍ରଦାନ କରିଥିଲା । ବିଭିନ୍ନ ମୁସଲମାନୀ ଆକ୍ରମଣର ଦୃଢ଼ ମୁକାବିଲା କରି ଦେଶର ଶାନ୍ତିଶୃଙ୍ଖଳା ରକ୍ଷାକରିବା ଓ ସମୃଦ୍ଧି ଆଣିଦେବାରେ ଏହା ସମର୍ଥ ହୋଇଥିଲା । ଆହୋମମାନେ ଆସାମ ଭିତରର ଏବଂ ସୀମାନ୍ତବର୍ତ୍ତୀ ଗିରିଅଞ୍ଚଳଗୁଡ଼ିକର ସବୁ ଛୋଟରାଜ୍ୟକୁ ଏକତ୍ରକରି ନେଇଥିଲେ । ଏହି ପଦକ୍ଷେପରୁ ଗୋଟିଏ ଖିଅରେ ଗୁନ୍ଥାହୋଇଥିବା ଭୌଗୋଳିକ ଓ ରାଜନୈତିକ ଭୂଖଣ୍ଡ ଆସାମର ସୃଷ୍ଟିହେଲା । ଦେଶର ରାଜନୈତିକ ଏକତ୍ରୀକରଣ ହେଲା ଆହୋମ ଶାସନର ସବୁଠାରୁ ଉଲ୍ଲେଖଯୋଗ୍ୟ

Digitized by srujanika@gmail.com

ଘଟଣା । ଏହି ପଦକ୍ଷେପ କିଛିବର୍ଷ ମଧ୍ୟରେ ସାମାଜିକ ସାଂସ୍କୃତିକ ଏବଂ ଭାଷାଭିତ୍ତିକ ସଂହତି ଆଣିବା ସଙ୍ଗେସଙ୍ଗେ ଲୋକମାନଙ୍କ ମଧ୍ୟରେ ଏକତାର ଭାବ ଜାଗରିତ କଲା ।

ପ୍ରାରମ୍ଭରେ ଆହୋମମାନେ ସାମନ୍ତବାଦୀ ପ୍ରାଧାନ୍ୟ ଜାହିରକରିବାକୁ ଗ୍ରହିଁଥିଲେ ଏବଂ ଶାସକଗୋଷ୍ଠୀର ଗୋଟିଏ ସ୍ୱତନ୍ତ୍ର ସ୍ଥିତି ବଜାୟ ରଖିବାକୁ ଚେଷ୍ଟା କରିଥିଲେ । ଏପରିକି ଦେଶର କୃଷକ ଅଧିବାସୀମାନଙ୍କସହ ଶାସକଗୋଷ୍ଠୀର ସଦସ୍ୟମାନଙ୍କର ସାମାଜିକ ସଂପର୍କ ସ୍ଥାପନକୁ ବାରଣ କରାଯାଇଥିଲା । ସେମାନେ ସମୟକ୍ରମେ ଜାଣିଲେ ଯେ ଏତେବଡ଼ ଦେଶକୁ ପ୍ରଥମ ବିଜୟୀ ସମ୍ରାଟ ସୁକଫଙ୍କ ସହ ଆସିଥିବା ଅଳ୍ପସଂଖ୍ୟକ ନିଜଲୋକମାନଙ୍କ ଦ୍ୱାରା ଶାସନ କରିବା ସମ୍ଭବ ନୁହେଁ । ସେଇଥିପାଇଁ ସେମାନେ ଦୂରଦୃଷ୍ଟିସମ୍ପନ୍ନ ଆକବରଙ୍କଭଳି ଅଣ ଆହୋମ ବା ହିନ୍ଦୁ ପରିବାର ସହ ବୈବାହିକ ସମ୍ବନ୍ଧ ସ୍ଥାପନକରି ସେମାନଙ୍କର ସଂଖ୍ୟାବଢ଼ାଇବାକୁ ବାଧ୍ୟ ହେଲେ । କେତେକ ଅଣ ଆହୋମୀୟ ପରିବାରଙ୍କୁ ସେମାନେ ଶାସକଗୋଷ୍ଠୀ ଉପଭୋଗ କରୁଥିବା ସୁବିଧା ସୁଯୋଗ ମଧ୍ୟ ଯୋଗାଇଦେଲେ । ଏହି ଆଗନ୍ତୁକମାନେ ଖାଣ୍ଟି ଆହୋମଙ୍କ ସହ ସଂପୂର୍ଣ୍ଣ ମିଶିଗଲେ । ଏମାନେ ଓ ଏମାନଙ୍କର ବଂଶଧରମାନେ ଉଚ୍ଚପଦସ୍ଥ ପଦବୀର ଦାୟିତ୍ୱରୁ ବଞ୍ଚିତ ହେଲେ ନାହିଁ । ସମୟକ୍ରମେ ଏହି ଆହୋମୀୟମାନେ ହିନ୍ଦୁ ଆଗ୍ରରବ୍ୟବହାରକୁ ଗ୍ରହଣ କରିନେଲେ । ତାପରେ ଆସାମରେ ଇସ୍‌ଲାମ୍ ଧର୍ମର ପ୍ରସାରକୁ ସଫଳତାର ସହ ପ୍ରତିହତ କରି ନିଜକୁ ହିନ୍ଦୁବିଶ୍ୱାସର ରକ୍ଷାକର୍ତ୍ତା ଓ ସମର୍ଥକ ରୂପେ ପରିଚୟ ପ୍ରଦାନକଲେ ।

ହିନ୍ଦୁଧର୍ମର ପ୍ରସାରପାଇଁ ଆହୋମ ରାଜାମାନଙ୍କର ଅବଦାନକୁ ବିଗ୍ରର ନକଲେ ସେ ସମୟର ଐତିହାସିକ ମୂଲ୍ୟାୟନ ଠିକ୍‌ରୂପେ ହୋଇପାରିବ ନାହିଁ । ଗୋଟିଏ ବ୍ରାହ୍ମଣ ପରିବାର ଦ୍ୱାରା ପାଳିତ ହୋଇଥିବା ରାଜା ସୁଦଙ୍ଗଫ ବାସୁନୀ-ଆନନ୍ଦାର (୧୩୯୭--୧୪୦୭)ଙ୍କ ରାଜତ୍ୱ ସମୟରେ ପ୍ରଥମକରି ହିନ୍ଦୁଧର୍ମ ଆହୋମ ରାଜସଭାକୁ ପ୍ରବେଶ କରିଥିଲା । ରାଜା ପ୍ରତାପ ସିଂହଙ୍କ ଶାସନକାଳରେ ହିନ୍ଦୁଧର୍ମର ପ୍ରଭାବ ଅଧିକ ହୋଇଥିଲା । ସେ ରାଜକୁମାର ଥିବାବେଳେ ଥରେ ଭୂତ କବଳରୁ ମୁକ୍ତ ହୋଇଥିଲେ । ବ୍ରାହ୍ମଣ ପଣ୍ଡିତମାନେ ତାଙ୍କୁ ସେଥିରୁ ମୁକ୍ତ କରିଥିବାରୁ ସେ ବ୍ୟକ୍ତିଗତ ଭାବରେ ସେମାନଙ୍କ ପ୍ରତି କୃତଜ୍ଞ ଥିଲେ । ଜୟଧ୍ୱଜ ସିଂହ ହେଉଛନ୍ତି ପ୍ରଥମେ ବିଧିବଦ୍ଧଭାବେ ହିନ୍ଦୁଧର୍ମ ଗ୍ରହଣ କରିଥିବା ଆହୋମ ରାଜା । ଲୋରା ରାଜାଙ୍କ ପର୍ଯ୍ୟନ୍ତ ଜୟଧ୍ୱଜ ସିଂହଙ୍କ ଉତ୍ତରାଧିକାରୀମାନେ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ । ଗଦାଧର ସିଂହ ବୈଷ୍ଣବମାନଙ୍କ ଉପରେ ଅତ୍ୟାଗ୍ରର କରିଥିଲେ ଏବଂ ଶାକ୍ତମାନଙ୍କୁ ରାଜକୀୟ ଅନୁଗ୍ରହ ପ୍ରଦାନ କରିଥିଲେ । ସେ ଶାକ୍ତ ପୁରୋହିତମାନଙ୍କ ପ୍ରତି ବିନୟଭାବ ପୋଷଣ କରିବା ସଙ୍ଗେ ସଙ୍ଗେ ପ୍ରଭୂତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଗଦାଧର ସିଂହଙ୍କ ପୁତ୍ର ରାଜା ଶିବ ସିଂହ ଜଣେ ଶାକ୍ତ ବ୍ରାହ୍ମଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାପରେ ଶାକ୍ତମାନେ ସେମାନଙ୍କର କ୍ଷମତା ବିସ୍ତାର କଲେ । ଫଳ ସ୍ୱରୂପ ରାଜକୀୟ ପୃଷ୍ଠପୋଷକତା ଲାଭ

Digitized by srujanika@gmail.com

କରୁଥିବା ଶାକ୍ତ ଓ ରାଜକୀୟ ଶକ୍ତିଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ବୈଷ୍ଣବମାନଙ୍କ ମଧ୍ୟରେ ଶତ୍ରୁତା ଓ ପରଶ୍ରୀକାତରତା ବୃଦ୍ଧି ପାଇଲା । ଶିବ ସିଂହଙ୍କ ରାଣୀ ଫୁଲେଶ୍ୱରୀ ମୋଆ ମାରିଆ ସଂପ୍ରଦାୟର ବୈଷ୍ଣବମାନଙ୍କୁ ଥରେ ଶକ୍ତିପୂଜାପାଇଁ ନିମନ୍ତ୍ରଣକରି ଅପମାନିତ କରିବାପରେ ବୈଷ୍ଣବମାନେ ଖୋଲାଖୋଲି ଭାବରେ ଆହୋମ ରାଜାଙ୍କ ବିରୋଧରେ ବିଦ୍ରୋହ କଲେ । ଆହୋମ ଶକ୍ତିର କ୍ଷୟ ଓ ପତନରକାରଣ ମଧ୍ୟରୁ ଏହି ଧର୍ମ ବିଦ୍ରୋହ ଅନ୍ୟତମ । ଏହି ପୃଥକୀକରଣ ଓ ଧର୍ମ ଅସହିଷ୍ଣୁତା ଦ୍ୱାରା ଗଠିତ ଦୁଇ ଗୋଷ୍ଠୀର ପ୍ରଭାବ ସେ ସମୟର ସାହିତ୍ୟ ଉପରେ ପ୍ରଭାବ ପକାଇଲା । ଏହା ମଧ୍ୟ ଲକ୍ଷ୍ୟ କରିବାର କଥା ଯେ, ଆହୋମମାନେ ଶାକ୍ତମାନଙ୍କର ଦେବାଦେବୀ ମନ୍ଦିରମାନ ନିର୍ମାଣ କରିଥିଲେ ଓ ଏହି ମନ୍ଦିରଗୁଡ଼ିକ ଶାକ୍ତ ସଂସ୍କୃତି ପୀଠରେ ପରିଣତ ହୋଇଥିଲା । ଉଭୟ ସଂସ୍କୃତ ଓ ଅସମୀୟା ଭାଷାରେ ଲିଖିତ ଶାକ୍ତଧର୍ମ ପୁସ୍ତକଗୁଡ଼ିକ ଏହି ମନ୍ଦିରମାନଙ୍କରେ ଆବୃତ୍ତ ଓ ବିଶ୍ଲେଷିତ ହେଉଥିଲା । ଫଳରେ ଶାକ୍ତସାହିତ୍ୟ ଅସମୀୟା ଭାଷାରେ ଲେଖାହୋଇ ଉନ୍ନତ ହେବାକୁ ଲାଗିଲା ।

ପରନ୍ତୁ, ଆହୋମମାନେ ରାଜ୍ୟରେ ବାସକରୁଥିବା ବିବିଧ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ଆଣିଲେ । ଏହା ସତ୍ୟ ଯେ ଆହୋମ ରାଜାମାନେ ହିନ୍ଦୁଧର୍ମ ଗ୍ରହଣ କରି ହିନ୍ଦୁମାନଙ୍କ ଜୀବନଧାରାକୁ ଅବଲମ୍ବନ କରିଥିଲେ ମଧ୍ୟ ସେମାନଙ୍କର କୌଳିକ ଧର୍ମ ଏବଂ ପରମ୍ପରାକୁ ସଂପୂର୍ଣ୍ଣ ଭାବେ ଦୂରେଇ ଦେଉନଥିଲେ । ସେମାନଙ୍କର ରାଜ୍ୟାଭିଷେକ ମହୋତ୍ସବ ଉଭୟ ହିନ୍ଦୁ ଓ ଆହୋମ୍ କର୍ମକାଣ୍ଡ ଅନୁସାରେ ଏବଂ ଉଭୟଧର୍ମ ସମ୍ମତ ନୀତିଦ୍ୱାରା ପାଳନ କରାଯାଉଥିଲା । ପ୍ରତ୍ୟେକ ନୂଆ ରାଜାଙ୍କର ଅଭିଷେକବେଳେ ଆହୋମ ଉତ୍ସବ ରଖ୍ଭନ ସବୁବେଳେ ପାଳିତ ହେଉଥିଲା । ସିଂହାସନ ଆରୋହଣ ବେଳେ ପ୍ରତ୍ୟେକ ରାଜା ଗୋଟିଏ ଅସାମୀମାନଙ୍କର ହିନ୍ଦୁନାମ ଓ ଅନ୍ୟଟି ଆହୋମ ନାମ ଏହିପରି ଦୁଇଟିନାମ ଗ୍ରହଣ କରୁଥିଲେ । ଏହି ଆହୋମ ରାଜାମାନେ ନିଜକୁ ଇନ୍ଦ୍ରଙ୍କର ବଂଶଧର ବୋଲି ମନେ କରୁଥିଲେ, ସେଇଥିପାଇଁ ଏହି ରାଜବଂଶ ଇନ୍ଦ୍ର-ବଂଶ ନାମରେ ପରିଚିତ ହେଲା । ଆହୋମୀୟ ଦେବତା ଓ ପୁରାଣର ଚରିତ୍ରଗୁଡ଼ିକ ମଧ୍ୟ ବ୍ରାହ୍ମଣମାନଙ୍କର ଦେବାଦେବୀଆଦିଙ୍କ ସହ ସମାନ ବୋଲି ଚିହ୍ନିତ କରାଗଲା । ଏହାଦ୍ୱାରା ଉଭୟ ହିନ୍ଦୁ ଏବଂ ଆହୋମମାନେ ଅନୁଭବ କଲେ ଯେ ସେମାନଙ୍କର ଦେବତାମଣ୍ଡଳୀ ପ୍ରାୟ ସମାନ, ମାତ୍ର ପ୍ରଭେଦ ହେଉଛି କେବଳ ଭାଷା ଓ ଗୁରୁତ୍ୱ । ତେଣୁ ଆମେ ଦେଖୁ ଯେ ସ୍ୱର୍ଗର ରାଜା (ସ୍ୱର୍ଗଦେବ) ଗଓଫା, ଆହୋମମାନଙ୍କର ପୂର୍ବପୁରୁଷ ଲେଙ୍ଗ-ଡାଳ ବା ଇନ୍ଦ୍ର ରୂପେ ଚିହ୍ନିତ । ସେହିପରି ଯାଚିଙ୍ଗ-ଫା ସରସ୍ୱତୀ ସହିତ, ଲୁଙ୍ଗ୍-ଗ୍ୱଇ-ନେବ୍ ବାୟୁ, ସହିତ, ଖାନ୍-ଫା-ଫା, ଦେବୀ, ଖୁନ୍‌ଟୁନ୍ ସୂର୍ଯ୍ୟଦେବତା, ଖୁନ୍‌ବନ୍ ଚନ୍ଦ୍ରଦେବ ଏବଂ ଲାଉଖେ ବିଶ୍ୱକର୍ମା ରୂପରେ ପରିଚିତ ହେଲେ ।

ଉଭୟ ଧର୍ମ ଓ ପୂଜା ପଦ୍ଧତିରେ ମଧ୍ୟ ସେମାନେ ଗୋଟିଏ ମମତା ଆଣିବା ପାଇଁ

Digitized by srujanika@gmail.com

ଚେଷ୍ଟା କରିଥିଲେ । ସେମାନେ ହିନ୍ଦୁ ଧର୍ମଗ୍ରନ୍ଥକୁ ପବିତ୍ରରୂପେ ଗ୍ରହଣକଲେ ଏବଂ ବ୍ରାହ୍ମଣ ଓ ବୈଷ୍ଣବ ମହନ୍ତମାନଙ୍କୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କଲେ । ତୀର୍ଥସ୍ଥାନ ଏବଂ ମଠମାନଙ୍କର ରକ୍ଷଣାବେକ୍ଷଣ ପାଇଁ ସେମାନେ ଅନୁଦାନ ପ୍ରଦାନକଲେ ଏବଂ ଦେବୋତ୍ତର ସଂସ୍ଥାମାନ ଗଢ଼ିଲେ । ତତ୍ ସଙ୍ଗେ ସଙ୍ଗେ ସେମାନେ ଆହୋମ ପୁରୋହିତମାନଙ୍କର ପୃଷ୍ଠପୋଷକତା କଲେ ଏବଂ ସେମାନଙ୍କୁ ସେମାନଙ୍କର ଧର୍ମନୀତି ସମ୍ପାଦନ କରିବା ଓ ବିବାହ, ଶୁଦ୍ଧି ଓ ରାଜ୍ୟାଭିଷେକ ଉତ୍ସବରେ ଧର୍ମାତ୍ମା ଭାବରେ ଯୋଗଦାନ କରିବାକୁ ଅନୁମତି ପ୍ରଦାନ କରିଥିଲେ ।

ସମନ୍ୱିତ ଅସମୀୟା ସଂସ୍କୃତିପାଇଁ ଗଢ଼ିଉଠୁଥିବା ଧାରା ସେମାନଙ୍କର ଭାଷାନୀତିରେ ମଧ୍ୟ ସୁସ୍ପଷ୍ଟ ଥିଲା । ଆହୋମମାନଙ୍କର ଭାଷାଥିଲା ତିବ୍ବତ-ବ୍ରହ୍ମଦେଶୀ ପରିବାରର, ମାତ୍ର ଅସମୀୟା ଥିଲା ଗୋଟିଏ ଆର୍ଯ୍ୟଭାଷା । ଆହୋମ ଶାସକମାନେ ପ୍ରାରମ୍ଭରେ ଆହୋମ ଭାଷାକୁ ଦରବାର ଓ ସଂସ୍କୃତିର ଭାଷାରୂପେ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ । ବୁରାଞ୍ଜି ବା ଦରବାରର ଇସ୍ତାହାର ଏବଂ ଅନ୍ୟ ନଥିପତ୍ରଗୁଡ଼ିକ ପ୍ରକୃତରେ ଆହୋମ ଭାଷାରେ ଲିଖିତ ହେଉଥିଲା । କିନ୍ତୁ ବହୁ ଅସାମୀ ଅଞ୍ଚଳରେ ଏହି ବିଦେଶୀ ଭାଷା ଦୁର୍ବୋଧ୍ୟ ହେବାରୁ ଏହି ବ୍ୟବସ୍ଥା ଅନେକ ବ୍ୟାବହାରିକ ଅସୁବିଧାରେ ଭାରାକ୍ରାନ୍ତ ହେଲା । ପରବର୍ତ୍ତୀ ସମୟରେ ଏହି ଦଲିଲ୍ ନଥିପତ୍ର ଏବଂ ଜମିର ପଟ୍ଟାଗୁଡ଼ିକ ଉଭୟ ଆହୋମ ଏବଂ ଅସମୀୟା ଭାଷାରେ ଲେଖିବାକୁ ପଡ଼ିଲା । ପରବର୍ତ୍ତୀ ସମୟରେ ଏହି ନୀତି ଲୋପପାଇଗଲା ଏବଂ ଅସମୀୟା ଭାଷା ସଂପୂର୍ଣ୍ଣରୂପେ ଆହୋମ ଭାଷାକୁ ଉଠାଇଦେଲା । ଆହୋମ ଭାଷୀ ଲୋକେ ରାଜ୍ୟରେ ଅସମୀୟା ଭାଷୀ ଲୋକଙ୍କ ସଙ୍ଗେ ମିଶିଗଲେ । ତଥାପି ଆହୋମ ଶବ୍ଦ ଏବଂ କଥନଶୈଳୀ ଅସମୀୟା ଭାଷାରେ ଅନୁପ୍ରବେଶ କଲେ । ଆହୋମ ଚିନ୍ତା ଓ ଚେତନାର ପ୍ରବୃତ୍ତି ଅସମୀୟା ଲେଖା ଓ ସାହିତ୍ୟ ବିଶେଷ କରି ବୁରାଞ୍ଜି ଲେଖିବାର ଶୈଳୀକୁ ପ୍ରଭାବିତ କଲା ।

ଆହୋମ ଇତିହାସର ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ବାରମ୍ବାର ମୁସଲମାନୀ ଆକ୍ରମଣ । ଏହି ମୁସଲମାନୀ ଆକ୍ରମଣ ପରୋକ୍ଷରେ କିଛି ଉପକାର କଲା, ମୁସଲମାନୀ ଆକ୍ରମଣର ପୂର୍ବରୁ ଆସାମରେ ସଂଘବଦ୍ଧ ଜାତୀୟ ଜୀବନ ଥିଲା । ସମସ୍ତଙ୍କ ପ୍ରତି ଏହି ସାଧାରଣ ବିପତ୍ତି ପରସ୍ପର ମଧ୍ୟରେ ଥିବା ପାର୍ଥକ୍ୟ ଓ ଭେଦାଭେଦ ଯୋଡ଼ିଦେଲା । କୋଚ, କାଗ୍ରୀ, ଆହୋମ ଏବଂ ଆସାମୀ ସମସ୍ତେ ଜଣେ ଶକ୍ତିଶାଳୀ ରାଜାଙ୍କ ନେତୃତ୍ୱରେ ମିଳିତ ହେଲେ । ତୁଚ୍ଛ ବିଚ୍ଛିନ୍ନତାବାଦୀ ସଂକୀର୍ଣ୍ଣ ମନୋଭାବ ଦୃଢ଼ ଜାତୀୟତାବୋଧ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା । ଗୋଟିଏ ସମନ୍ୱିତ ଆସାମ ସଂସ୍କୃତିର ମୂଳଦୁଆ ପଡ଼ିଥିଲା । ସାଧାରଣ ବିପତ୍ତି ସମସ୍ତଙ୍କ ମନରେ ଦେଶପ୍ରେମ ଜାଗ୍ରତ କଲା । ମାତୃଭୂମିର ସୁରକ୍ଷାପାଇଁ ମୋଗଲ ଆକ୍ରମଣକାରୀଙ୍କର ବିରୋଧ କରିବାକୁ ଯାଇ ଅନେକ ସ୍ତ୍ରୀ ପୁରୁଷ ଜୀବନ ଉତ୍ସର୍ଗକରି ଶହୀଦ ହେଲେ । ସେମାନଙ୍କର କାହାଣୀ ଏବେ ସୁଦ୍ଧା ଆସାମୀ ପୁରୁଷ ଓ ସ୍ତ୍ରୀମାନଙ୍କୁ

Digitized by srujanika@gmail.com

ଉତ୍ସାହିତ କରେ । ଆହୋମମାନଙ୍କର ଶୁଭାଗମନ ବେଳକୁ ଦେଶର ରାଜନୀତି କ୍ଷେତ୍ରରେ ଯେ କେବଳ ଅସ୍ଥିରତା ଲାଗିରହିଥିଲା ତା ନୁହେଁ, ସାମାଜିକ ଜୀବନ ମଧ୍ୟ ବିଶୃଙ୍ଖଳିତ ଓ ଅସ୍ଥିର ଥିଲା । ଲୋକମାନେ ଚେଷ୍ଟା ଓ କର୍ମ ଅପେକ୍ଷା ଯାଦୁବିଦ୍ୟା ଓ ସ୍ୱପ୍ନରେ ଅଧିକ ଆସ୍ଥାବାନ୍ ଥିଲେ । ମୁସଲମାନମାନଙ୍କର ଆକ୍ରମଣ ଯୋଗୁ ଲୋକମାନଙ୍କ ମନରେ ବୀରତ୍ୱର ଜାଗରଣ ସୃଷ୍ଟିହେଲା, ଆତ୍ମବିଶ୍ୱାସ ଫେରିଆସିଲା ଏବଂ ସେମାନେ ସ୍ୱଦେଶାନୁରାଗୀ ସଂଘମାନ ଗଠନ କଲେ । ଫଳରେ ପରୋକ୍ଷ ଭାବରେ ସେମାନେ ନିଜକୁ ଅନ୍ଧବିଶ୍ୱାସ ଏବଂ ମିଥ୍ୟା ଭାବପ୍ରବଣତାରୁ ମୁକ୍ତ କଲେ । ଏହି ମୋଗଲ ଆକ୍ରମଣ ଦ୍ୱାରା ମଧ୍ୟ ଆସାମ ସହ ଭାରତର ଅନ୍ୟାନ୍ୟ ଅଞ୍ଚଳର ସଂପର୍କ ସ୍ଥାପିତ ହେଲା । ଏହି ସମ୍ପର୍କ ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀରେ ଲୋପପାଇ ଯାଇଥିଲା । ଏହି ଆକ୍ରମଣଗୁଡ଼ିକ ଫଳରେ ଆସାମରେ ଅନ୍ୟମାନଙ୍କର ସାଂସ୍କୃତିକ ପ୍ରଭାବ ପଡ଼ିଲା । ମୁଖ୍ୟତଃ ମୁସଲମାନ ଲୋକମାନଙ୍କର ପ୍ରଭାବ ସେମାନଙ୍କର ଜୀବନ ଓ କଳା ଉପରେ ବିଶେଷକରି ଚିତ୍ରକଳା ଓ ସଂଗୀତ ଉପରେ ପଡ଼ିଥିଲା । ସୁଫି ସମ୍ପ୍ରଦାୟର ଧର୍ମନୀତି ଉପରେ ଆଧାରିତ ଫିକିର ଏବଂ ଫଗୀ ଗୀତଗୁଡ଼ିକ ଅସମୀୟା ଭାଷାରେ ବିଶେଷ ଆଦୃତ ହେଲା । ପୀର ଓ ଫକିରମାନଙ୍କର ଅବଦାନ ଉଲ୍ଲେଖନୀୟ । ଏହିଭଳି ଭାବରେ ଅନେକ ଫାର୍ସୀ-ଆରବୀୟ ଶବ୍ଦ ଆସମୀୟା ଭାଷାରେ ପ୍ରବେଶ କଲା ।

ଆହୋମମାନେ ଦେଶକୁ ବହିଃଆକ୍ରମଣରୁ କେବଳ ରକ୍ଷା କରୁନଥିଲେ, ସେମାନେ ଦେଶର ଆଭ୍ୟନ୍ତରୀଣ ପରିସ୍ଥିତିକୁ ସୁରକ୍ଷିତ କରିଥିଲେ । ସେମାନେ ବିଭିନ୍ନ ସ୍ଥାନ ସହ ସଂଯୋଗ ସ୍ଥାପନ କରିବାପାଇଁ ଏବଂ ପରିବହନର ସୁବିଧାପାଇଁ ସୁନ୍ଦର ପ୍ରଶସ୍ତ ରାସ୍ତାମାନ ତିଆରି କରିଥିଲେ । ସେମାନେ ଗୋଟିଏ ଡାକବିଭାଗ ଖୋଲିଲେ, ବଜାରମାନ ବସାଇଲେ, ସହର ଏବଂ ମନ୍ଦିରମାନ ତିଆରି କଲେ, ଗ୍ରାମଗୁଡ଼ିକର ପୁନର୍ଗଠନ କଲେ, ଏବଂ କୃଷକ ସଂପ୍ରଦାୟର ସାମାଜିକ ଜୀବନକୁ ସୁଶୃଙ୍ଖଳିତ କଲେ । ସଂଯୋଗ ସ୍ଥାପନର ଉନ୍ନତି ଦ୍ୱାରା ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଫଳ ମିଳିଲା । ଏହା ପୂର୍ବରୁ କେବେ ଏଭଳି ଏକତ୍ରିତ ହୋଇନଥିବା ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ଏହା ଏକତ୍ରିତ କଲା, ଜାତୀୟ ଐକ୍ୟ ପାଇଁ କେତେକ ଶକ୍ତିଶାଳୀ ରାଜିନାମା ସ୍ୱାକ୍ଷରିତ ହେଲା । ଆସାମୀମାନଙ୍କ ମଧ୍ୟରେ ଏକତାର ଭାବ ଜାଗ୍ରତ ହେଲା । ଏହା ମଧ୍ୟ ସାମାଜିକ ଏବଂ ବାଣିଜ୍ୟିକ ସମ୍ପର୍କର ପରିସରକୁ ପ୍ରସାରିତ କଲା ଏବଂ ଗୋଟିଏ ମିଳିତ ଆସାମୀ ସଭ୍ୟତା ଗଠନରେ ସହାୟକ ହେଲା ।

ଆହୁରି ମଧ୍ୟ ଗାରଗାଓଁ, ରଙ୍ଗପୁର, ଜୋରହାଟ, ଗୌହାଟୀ ଏବଂ ଅନ୍ୟ କେତେକ ସ୍ଥାନରେ ଛୋଟ ବା ବଡ଼ ସହରସବୁ ଗଢ଼ିଉଠିବା ଫଳରେ ଗୋଟିଏ ନୂଆ ସହରୀ ସଭ୍ୟତାର ପରିବେଶ ସୃଷ୍ଟିହେଲା । ଆହୋମ ସାମନ୍ତମାନେ ସହଜଲଭ୍ୟ ଧନସମ୍ପଦ ଏବଂ ଭଦ୍ରାମି

Digitized by srujanika@gmail.com

ବଳରେ ଏବଂ ଏହି ସହରର ଅଧିବାସୀମାନଙ୍କ ଚଳଣି, ଶିକ୍ଷାଗ୍ରହ, ପୋଷାକ, ଜୀବନଯାପନ ପ୍ରଣାଳୀ ଏବଂ ଶିକ୍ଷାରେ ଗୋଟିଏ ସହରୀ-ସଂସ୍କୃତି ପ୍ରତିଫଳିତ ହେଲା । ଏହି ନବ୍ୟ-ସଂସ୍କୃତି ସେମାନଙ୍କୁ ଏକାପରି ପୁରୁଣା ଚଳଣିର ଜୀବନଧାରା, ରକ୍ଷଣଶୀଳ ଓ ନିଷ୍କ୍ରିୟ ପୁରାପନ୍ଥୀ ଜୀବନ ଯାପନ କରୁଥିବା ଗାଉଁଲି ଲୋକମାନଙ୍କଠାରୁ ଭିନ୍ନ କରିଦେଲା । ଆକାରରେ ଏହି ସମାଜ କ୍ଷୁଦ୍ର ହୋଇଥିଲେ ବି ଏହି ନବ୍ୟ ସମାଜ ପାରମ୍ପରିକ ସମାଜକୁ ପ୍ରଗତିଶୀଳ କରିବା ଚିନ୍ତାରେ ଅଭିପ୍ରେତ ହେଲା । ନୂଆ ଚିନ୍ତାଧାରା ଗ୍ରହଣ କରିବା, ଆନ୍ତର୍ଜାତିକ ବ୍ୟାପାରରେ ଧର୍ମନିରପେକ୍ଷତା ଦୃଷ୍ଟିଭଙ୍ଗୀକୁ ଗୁରୁତ୍ୱଦେବା ଏବଂ ନିଜର ସମାଜ ଏବଂ ଧର୍ମର ପରିସର ବାହାରେ ବିଭିନ୍ନ ଚୁକ୍ତିଆଦି କରିବାରେ ଏହା ବ୍ୟାପୃତ ହେଲା । ଏହି ସହରୀ-ସଭ୍ୟତା; କଳା, ସାହିତ୍ୟ, ଏବଂ ସଙ୍ଗୀତ ଆଦି ଜୀବନର ସୂକ୍ଷ୍ମ ଦିଗ ପ୍ରତି ସକ୍ରିୟ ପ୍ରଚେଷ୍ଟା ଚଳାଇଲା । ରାଜା, ମନ୍ତ୍ରୀ ଏବଂ ସାମନ୍ତମାନେ କବି ଏବଂ ଲେଖକମାନଙ୍କୁ ଜମି ଜାଗିର ଦେଇ ସେମାନଙ୍କର ପୃଷ୍ଠପୋଷକତା କଲେ । ଏହି ଜାଗିରି ଲାଭ କରିଥିବା କବି ଓ ଲେଖକମାନେ ମଧ୍ୟ ସେମାନଙ୍କର କୃତଜ୍ଞତାକୁ ନିଜର ରଚନାରେ ପ୍ରକାଶ କଲେ । ଏହା ନିଶ୍ଚିତ ଯେ ରାଜା ଏବଂ ସାମନ୍ତମାନଙ୍କର ଗୌରବଗାନ ନିମିତ୍ତ ଉଦ୍ଦିଷ୍ଟ ଥିବା ସାହିତ୍ୟର ଆବେଗ ପରେ କିଛି କିଛି ପରିବର୍ତ୍ତନ ଆସିଲା । ପ୍ରଥମେ ରାମ ମିଶ୍ର, କବିରାଜ ଚକ୍ରବର୍ତ୍ତୀ, ରୁଚିନାଥ କନ୍ଦଳୀ, ବିଦ୍ୟାଚନ୍ଦ୍ର, କବିଶେଖର ଆଦିକବିମାନେ, ଯେଉଁମାନେ ଆହୋମ ରାଜାମାନଙ୍କଠାରୁ ଉଦାର ପୃଷ୍ଠପୋଷକତା ଲାଭ କରୁଥିଲେ, ସେମାନଙ୍କ ଦ୍ୱାରା ରଚିତ ହୋଇଥିବା ପ୍ରଶସ୍ତି ଗୀତିରେ ଏହି ପରିବର୍ତ୍ତନ ଲକ୍ଷ୍ୟକରାଗଲା । ଏହି ପ୍ରଶଂସାଭରା ରଚନାଗୁଡ଼ିକ ବାହ୍ୟିକ ଚାକଚକ୍ୟ ଏବଂ କୃତ୍ରିମତାପୂର୍ଣ୍ଣ ସାହିତ୍ୟିକ ସୃଷ୍ଟି ଥିଲା । ଉଦ୍ଦିଷ୍ଟଥିବା ବ୍ୟକ୍ତିବିଶେଷଙ୍କୁ ହିଁ ଏସବୁ ଆନନ୍ଦ ପ୍ରଦାନ କରୁଥିଲା ।

ତା'ଛଡ଼ା ଆହୋମୀ ରାଜଦରବାର ଆଡ଼ମ୍ବରପୂର୍ଣ୍ଣ ଥିଲା । ଏହି ଆଡ଼ମ୍ବରଭରା ପରିବେଷ୍ଟନୀ କବିମାନଙ୍କର ଅନୁଭବଶକ୍ତିକୁ ପ୍ରଭାବିତ କଲା । ଫଳରେ ରଚନାର ଶୈଳୀରେ କୃତ୍ରିମତା ପରିଲକ୍ଷିତ ହେଲା । କିନ୍ତୁ ବୈଷ୍ଣବ ଯୁଗର ଏହି ଶୈଳୀରେ ନିଷ୍ଠା ଓ ଗାମ୍ଭୀର୍ଯ୍ୟ ଥିଲା । କଠୋରତା ଓ ଦାରିଦ୍ର୍ୟର ଆଦର୍ଶ ପ୍ରଚାର କରିବା ଫଳରେ ବୈଷ୍ଣବସାହିତ୍ୟ ବହୁ ଅକୃତ୍ରିମ ସୁଖକୁ ବାଧାଦେଲା । ସେତେବେଳେ ସେହିପ୍ରକାର ଅବଦମନରୁ ସାହିତ୍ୟ ମୁକ୍ତହେଲା । ଆହୋମ ରାଜନ୍ୟବର୍ଗଙ୍କର ଉଚ୍ଛୃଙ୍ଖଳତା ବିରୋଧୀ ଏବଂ ଆଦିରସମୂଳକ ରଚନାକୁ ଉତ୍ସାହିତ କରିବାର ମନୋବୃତ୍ତି ଯୋଗୁଁ ସେମାନେ ଧନ୍ୟବାଦର ପାତ୍ର । ଦରବାର, ପ୍ରେମ ଏବଂ ରୋମାନ୍ସର କେନ୍ଦ୍ରସ୍ଥଳୀ ଥିଲା । ରାଜା ଏବଂ ରାଣୀମାନେ ମଧ୍ୟ ଭକ୍ତିମୂଳକ କାହାଣୀ ଛାଡ଼ି ପ୍ରେମକାହାଣୀ ଭଲପାଉଥିଲେ । ସେଥିପାଇଁ କବିମାନେ ପ୍ରେମକାହାଣୀ ରଚନା କରୁଥିଲେ ବା ଧର୍ମ ସମ୍ପର୍କୀୟ ଆଖ୍ୟାୟିକାଗୁଡ଼ିକୁ ପ୍ରେମ ଇନ୍ଦ୍ରଧନୁର ସପ୍ତରଙ୍ଗରେ ରଙ୍ଗିନ କରୁଥିଲେ । ଯେହେତୁ ପୁରାଣଗୁଡ଼ିକ ପ୍ରେମ ଉପାଖ୍ୟାନର ଗନ୍ତାଘର ଥିଲା ତେଣୁ ଆହୋମ ରାଜାମାନେ

Digitized by srujanika@gmail.com

କବି ଓ ଲେଖକମାନଙ୍କୁ ସେଗୁଡ଼ିକ ଅସମୀୟା ଭାଷାରେ ଅନୁବାଦ କରିବାକୁ ଉତ୍ସାହିତକଲେ। ଦୈବୀଶକ୍ତିକୁ ଆଧାରକରି ବୈଷ୍ଣବୀୟ କାଳରେ ରଚିତ ହେଉଥିବା ସାହିତ୍ୟ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ପ୍ରଭାବିତ ହୁଏ । ଏହି ସମୟରେ ସାହିତ୍ୟ ବାହାରଜଗତ ଏବଂ ଆଦର୍ଶବାଦରୁ ମୁକ୍ତ । ଏହି ପରିବର୍ତ୍ତନ ବାସ୍ତବବାଦ ଆଡ଼କୁ ମୁହାଁଉଥିଲା । ଏପରିକି କବିତା ଏବଂ ରୋମାନ୍ସମାନଙ୍କରେ ପୁରୁଷ, ସ୍ତ୍ରୀର ସାଧାରଣ ଦୈନନ୍ଦିନ ଜୀବନ କବିମାନଙ୍କର ଦୃଷ୍ଟି ଆକର୍ଷଣ କଲା ।

❑ ❑ ❑

Digitized by srujanika@gmail.com

## ପରିଛେଦ -- ପାଞ୍ଚ

## ଆହୋମ ପୃଷ୍ଟପୋଷକତାରେ ଅସମୀୟା ସାହିତ୍ୟ

ଏ ଯୁଗରେ ପୁରାଣ ଅନୁବାଦ ଦିଗରେ ଏବଂ ଏହି ଗ୍ରନ୍ଥମାନଙ୍କର ବିଭିନ୍ନ ବିଷୟକୁ ଆଧାରିତ କରି କାବ୍ୟରଚନାରେ ପ୍ରଭୂତ କାର୍ଯ୍ୟ ହୋଇଥିଲା । ଏହି ପୁରାଣମାନଙ୍କର ଅନୁବାଦରୁ ରାଜା ଓ ସାଧାରଣ ଲୋକେ କେବଳ ଯେ ପୌରାଣିକ ଗଳ୍ପ ପାଇଲେ ତା ନୁହେଁ ଉଚ୍ଚାଙ୍ଗ ଧର୍ମ ସାହିତ୍ୟ ତଥା ପ୍ରେମ -- ରୋମାନ୍ସର ଗୁଚ୍ଛ ସହିତ ଆହୋମ ରାଜାମାନେ ଆବଶ୍ୟକ କରୁଥିବା ଆଇନ୍‌କାନୁନର ମଧ୍ୟ ସଂହିତା ପାଇଲେ ।

ବିଷ୍ଣୁପୁରାଣର କିୟଦଂଶ ସପ୍ତଦଶ ଶତାବ୍ଦୀର କୌଣସି ସମୟରେ ଭାଗବତ ମିଶ୍ର ଅନ୍ୟନାମ ରଘୁନାଥ ମିଶ୍ରଙ୍କ ଦ୍ୱାରା ଅନୂଦିତ ହୋଇଥିଲା । ସେ ଶାଶ୍ୱତତନ୍ତ୍ରର ପଦ୍ୟାନୁବାଦ ମଧ୍ୟ କରିଥିଲେ । ବିଷ୍ଣୁ ପୁରାଣର ସଂପୂର୍ଣ୍ଣ ଓ ଆକ୍ଷରିକ ଅନୁବାଦ ଊନବିଂଶ ଶତାବ୍ଦୀରେ (୧୮୩୬) ପରଶୁରାମ ଦ୍ୱିଜଙ୍କ ଦ୍ୱାରା ହୋଇଥିଲା । ଗ୍ରନ୍ଥକାର ଭାଷା ଏବଂ ବର୍ଣ୍ଣନାରେ ବୈଷ୍ଣବ କବିମାନଙ୍କୁ ଅନୁକରଣ କରିଥିଲେ ମଧ୍ୟ ତାଙ୍କ ରଚନାରେ ମୋଟାମୋଟି ସାହିତ୍ୟିକ ଛଟା ବା ପାରଦର୍ଶିତା ଦେଖିବାକୁ ମିଳେନାହିଁ । ହରିବଂଶର 'ବିଷ୍ଣୁପୁରାଣ କବିଶେଖର ବିଦ୍ୟାଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ଆହୋମରାଜା ରଜେଶ୍ୱର ସିଂହ (୧୭୫୧ - ୧୭୬୯) ଅମଳରେ ଅସମୀୟ ଭାଷାରେ ଅନୁବାଦ କରିଥିଲେ । ଏ ଗ୍ରନ୍ଥରେ କୃଷ୍ଣଙ୍କ ଜନ୍ମ ଏବଂ ପରବର୍ତ୍ତୀକାଳରେ ଗୋକୁଳ ବା ବୃନ୍ଦାବନରେ ତାଙ୍କ ଖେଳାଲୀଳା ବର୍ଣ୍ଣିତ । ଏଠି ଗୋଟିଏ ଲକ୍ଷଣୀୟ କଥା ହେଲା, କୃଷ୍ଣଙ୍କ ପ୍ରେୟସୀ ଆକାରରେ ରାଧାଙ୍କ ଉପସ୍ଥିତି । ମୂଳ ସଂସ୍କୃତରେ କୃଷ୍ଣଙ୍କ ବୃନ୍ଦାବନରେ ଗୋପୀମାନଙ୍କ ସହିତ ରାସକ୍ରୀଡ଼ା ବିଷ୍ଣୁପୁରାଣରେ ବିଂଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି କିନ୍ତୁ ରାଧାଙ୍କ ନାମଗନ୍ଧ ସେଠି ନାହିଁ । ଅସମୀୟା କବି ରାସକ୍ରୀଡ଼ା ଉପାଖ୍ୟାନରେ ବିରହ ଦୁଃଖ ଓ ରାଧାକୃଷ୍ଣଙ୍କ ପ୍ରଥମ ଦର୍ଶନରେ ପ୍ରେମ ବର୍ଣ୍ଣନା କରିଛନ୍ତି । କୃଷ୍ଣଙ୍କ ଅନୁଗତ ପ୍ରଣୟିନୀ ରୂପେ ରାଧାଙ୍କ ଆବିର୍ଭାବ 'ବ୍ରହ୍ମବୈବର୍ତ୍ତ ପୁରାଣ' ପ୍ରଭାବରେ ବୋଧହୁଏ ସଂଘଟିତ ହୋଇଛି । ସେହିପୁରାଣ ତତ୍‌କାଳୀନ ଆହୋମ ଦରବାରରେ ଲୋକପ୍ରିୟତା ଲାଭକରିଥିଲା ।

ରାଜା ଶିବ ସିଂହ (୧୭୧୪ - ୧୭୪୪) ଏବଂ ତାଙ୍କ ରାଣୀ ପ୍ରମଥେଶ୍ୱରୀଙ୍କ ଆଦେଶରେ 'ବ୍ରହ୍ମବୈବର୍ତ୍ତ ପୁରାଣ' ଦରବାର କବି କବିରାଜ ଚକ୍ରବର୍ତ୍ତୀଙ୍କଦ୍ୱାରା ଅନୂଦିତ ହୋଇଥିଲା । କବିରାଜ ଚକ୍ରବର୍ତ୍ତୀଙ୍କ ରଚନା ପୁରାପୁରି ଅନୁବାଦ ନୁହେଁ । କବି କେବଳ

Digitized by srujanika@gmail.com

କୃଷ୍ଣଙ୍କ ବାଲ୍ୟଜୀବନର କେତେକ ଘଟଣାକୁ ଗ୍ରହଣ କରିଛନ୍ତି । ଶ୍ରୀକୃଷ୍ଣଙ୍କ ରାସକ୍ରୀଡ଼ା ବର୍ଣ୍ଣନା ବେଶ୍ ହୃଦୟଗ୍ରାହୀ କାରଣ ଏଥିରେ ପ୍ରେମର ଭାବ ଓ ସୂଚନା ରହିଛି ।

କବିରାଜ ଚକ୍ରବର୍ତ୍ତୀ ଓରଫ ରାମନାରାୟଣ ଚକ୍ରବର୍ତ୍ତୀ ଏ ସମୟର ଜଣେ ଖ୍ୟାତନାମା କବି । ସେ ଅନେକାନେକ ଆହୋମ ରାଜାଙ୍କ ରାଜକବି ଥିଲେ । ଚକ୍ରବର୍ତ୍ତୀଙ୍କ ପ୍ରସିଦ୍ଧ ସାହିତ୍ୟିକ କୃତିମାନଙ୍କ ନାମ ହେଲା 'ଶଙ୍ଖାସୁର ବଧ', 'ଗୀତଗୋବିନ୍ଦ' ଏବଂ 'ଶକୁନ୍ତଳା' କାବ୍ୟ । 'ଶଙ୍ଖାସୁର ବଧ'ର କାହାଣୀ 'ବ୍ରହ୍ମବୈବର୍ତ୍ତ ପୁରାଣ'ର 'ପ୍ରକୃତି ଖଣ୍ଡରୁ' ଆନୀତ । 'ଶଙ୍ଖାସୁର ବଧ'ର ଆରମ୍ଭ ତୁଳସୀ ଜନ୍ମରୁ । ତାପରେ ଶଙ୍ଖାସୁର ନାମକ ରାକ୍ଷସରାଜା ସହିତ ବିବାହ ଏବଂ ଅସୁରରାଜାର କ୍ରିୟାକାଣ୍ଡର ବିଶଦ୍ ବର୍ଣ୍ଣନା । କୃଷ୍ଣଙ୍କଦ୍ୱାରା ତୁଳସୀର ବଳାତ୍କାର ଧର୍ଷଣ, ଶଙ୍ଖାସୁର ଏବଂ ମହାଦେବଙ୍କ ମଧ୍ୟରେ ଯୁଦ୍ଧ ଏବଂ ଶେଷରେ ଶଙ୍ଖାସୁରର ମୃତ୍ୟୁ ଏବଂ ଶଙ୍ଖରୂପ ପରିଗ୍ରହଣ ବେଶ୍ ଚିତ୍ତାକର୍ଷକ ରୂପେ ବର୍ଣ୍ଣିତ । କବିରାଜ ଚକ୍ରବର୍ତ୍ତୀଙ୍କ 'ଗୀତିଗୋବିନ୍ଦ'ର ଗତାନୁଗତିକ ଦ୍ୱାଦଶ ପାଦ ବିଶିଷ୍ଟ ପଂକ୍ତିରୁ ରୂପାନ୍ତର ମୂଳଗ୍ରନ୍ଥରୁ କବିତା ଓ ଗୀତ ବହନ କରେନାହିଁ । ତେଣୁକରି ଏହା ମୂଳଗ୍ରନ୍ଥର ଭାବ ଓ ଚରିତ୍ରମାନଙ୍କର ଅନ୍ତରର ଅନୁଭୂତି ଉପସ୍ଥାପିତ କରିପାରେ ନାହିଁ ।

କବିରାଜ ଚକ୍ରବର୍ତ୍ତୀଙ୍କୁ 'ମାଧବ - ସୁଲୋଚନା' ଆଖ୍ୟାୟିକାର ଅନୁବାଦକ ବୋଲି ବିବେଚନା କରାଯାଇଛି । ଏହା କ୍ରିୟା - ଯୋଗ -- ସାର'ର ପଞ୍ଚମ ଅଧ୍ୟାୟରୂପେ ପଦ୍ମପୁରାଣର ଉତ୍ତରଖଣ୍ଡରେ ସଂଯୋଜିତ ହୋଇଛି । ଗଳ୍ପଟିରେ ଗଙ୍ଗାସାଗର ସଙ୍ଗମରେ ସ୍ନାନ କରିବାର ପୁଣ୍ୟଫଳ ବର୍ଣ୍ଣିତ ହୋଇଛି ।

ନଜର କରିବା ଉଚିତ ଯୁବରାଜ ହରନାରାୟଣଙ୍କ ପୃଷ୍ଠପୋଷକତାରେ ସଂପୂର୍ଣ୍ଣ 'ବ୍ରହ୍ମବୈବର୍ତ୍ତ ପୁରାଣ' ଅନୂଦିତ ହୋଇଥିଲା । ଏହି କୋଚ୍ ରାଜା ଡରଙ୍ଗ ଜିଲ୍ଲାରେ ରାଜତ୍ୱ କରୁଥିଲେ । ଏ କାର୍ଯ୍ୟ ଶକାବ୍ଦ ୧୭୧୭ର କୌଣସି ସମୟରେ ଗ୍ରିଜଣ କବି ରତିକାନ୍ତ ଦ୍ୱିଜ, ନନ୍ଦେଶ୍ୱର ଦ୍ୱିଜ, ନରୋତ୍ତମ ଦ୍ୱିଜ ଏବଂ ଖଡ଼୍ଗେଶ୍ୱର ଦ୍ୱିଜ ମିଳିମିଶି ସମ୍ପନ୍ନ କରିଥିଲେ । ମାର୍କେଣ୍ଡେୟ ପୁରାଣର ଚଣ୍ଡୀ ଆଖ୍ୟାୟିକାର ପ୍ରଥମ ଅନୁବାଦକ ହେଉଛନ୍ତି ରକ୍ଷିନାଥ କନ୍ଦଲୀ । ରାଜା ରାଜେଶ୍ୱର ସିଂହ (୧୭୪୯)ଙ୍କ ରାଜତ୍ୱ କାଳରେ ଅନୂଦିତ ହୋଇଥିବା ଏହିଗ୍ରନ୍ଥରେ ରକ୍ଷିନାଥ କଳ୍କି ପୁରାଣ, 'ବାମନ ଏବଂ ବ୍ରହ୍ମ ବୈବର୍ତ୍ତ ପୁରାଣ'ରୁ କଥାସବୁ ଭର୍ତ୍ତି କରିଛନ୍ତି । କଳ୍କିପୁରାଣ ବୋଲି ଆଉ ଏକ ଗ୍ରନ୍ଥ ରକ୍ଷିନାଥଙ୍କ ରଚନାବୋଲି କୁହାଯାଏ ।

ରାଜା ଶିବ ସିଂହ ଏବଂ ତାଙ୍କ ପତ୍ନୀ ଅମ୍ବିକାଦେବୀ କବିଚନ୍ଦ୍ର ଦ୍ୱିଜଙ୍କ ପୃଷ୍ଠପୋଷକ ଆଉ 'ଧର୍ମପୁରାଣ' ଅନୁବାଦ କରିବାକୁ ପ୍ରବର୍ତ୍ତାଇଥିଲେ ।ଏହି 'ଧର୍ମ ପୁରାଣ' ଏକ ବିରାଟଗ୍ରନ୍ଥ, ଯହିଁରେ ମନୁଷ୍ୟର କର୍ତ୍ତବ୍ୟ ଓ ସେସବୁର ପାଳନବିଧି ବର୍ଣ୍ଣିତ । ଏଥି ସହିତ ଗ୍ରନ୍ଥଟିରେ

Digitized by srujanika@gmail.com

ଅନେକ ନୀତିଗର୍ଭକ ଗଳ୍ପ ରହିଛି । ଅସମୀୟା ଭାଷାର ପୋଥିଟିରେ 'ଗଙ୍ଗାର ଉତ୍ପତ୍ତି', 'ଅନ୍ଧକାସୁରର ଶିବ ସହିତ ଯୁଦ୍ଧ', 'କଦ୍ରୁ ଏବଂ ବିନତାଙ୍କ କଳହ', 'ଗରୁଡ଼ଦ୍ୱାରା ଅମୃତ ଚୋରି' ଆଦି ବିଷୟ ପୁରାଣରୁ ନିଆଯାଇଛି ।

ପୁରାଣରୁ ଅସମୀୟାରେ ଯାହା ଅନୂଦିତ ସେ ସବୁ ମୂଳଲେଖାର ଆକ୍ଷରିକ ଅନୁବାଦ ନୁହେଁ । ଆଖ୍ୟାନ ଉପରେ ପ୍ରାଧାନ୍ୟ ଦେଇ ମୁକ୍ତ ଅନୁବାଦ ବା ଆହରଣ ବୋଲି କୁହାଯିବ । ଅନୁବାଦକ ବା ପରିବର୍ତ୍ତନ ରୂପରେ ଗ୍ରହଣ କରିଥିବା ଲେଖକମାନେ ସାଧାରଣ ଶ୍ରେଣୀର, ଯେଉଁମାନେ ଆଦିକାଳରୁ ମାଟି ସହିତ ସଂଶ୍ରବ ରଖିଛନ୍ତି । ତେଣୁ ସେମାନେ ସହଜ ସରଳ ଭାଷାରେ ଲେଖୁଥିଲେ ଏବଂ ଲେଖାଭିତରେ ଲୋକପ୍ରିୟ ପୌରାଣିକ ଗଳ୍ପ, ଲୋକଗଳ୍ପ, ଜନଶ୍ରୁତି ଏବଂ ସାଂସ୍କୃତିକ ପରମ୍ପରାରୁ ସେମାନେ ଯାହାପାଇଲେ ପୁରାଇଦେଲେ । ଉଚ୍ଚାଙ୍ଗ ଦାର୍ଶନିକ ଆଲୋଚନା ସେମାନେ ପରିତ୍ୟାଗ କଲେ, ମାତ୍ର ଯଦି କେଉଁଠି ରଖିଲେ ତାକୁ ବ୍ୟାଖ୍ୟାକରି ଖଞ୍ଜିଲେ । ସେମାନଙ୍କ ରଚ଼ନାବଳୀରେ ରହିଲା, ଆଧ୍ୟାତ୍ମିକ ଭାବ ପରିବର୍ତ୍ତେ ଧର୍ମ ସଂଗୀତ, ସେଥିପାଇଁ ପୁରାଣସବୁ ଲୋକପ୍ରିୟ ହେଲା । ଲେଖକମାନେ ସାହିତ୍ୟିକ ଅଳଙ୍କାର ଉପରେ ନଜର ଦେଲେ ନାହିଁ । କାରଣ ସେମାନଙ୍କର ମୂଳ ଲକ୍ଷ୍ୟହେଲା ପୌରାଣିକ ଆଖ୍ୟାନ ଏବଂ ହିନ୍ଦୁ ଆଦର୍ଶକୁ ଲୋକପ୍ରିୟ କରିବା । ଏଇ ଅନୁବାଦମାନଙ୍କର ଅଂଶବିଶେଷ ହୁଏତ ଉଜ୍ଜ୍ୱଳ ଓ ଆନନ୍ଦଦାୟକ ହୋଇପାରେ; କିନ୍ତୁ ହାସ୍ୟରସ ପାଇଁ ନୁହେଁ କାରଣ ସେକାଳ ସାହିତ୍ୟରେ ସେ ରସ ନଥିଲା । ଏ କବିତାସବୁର ଉଚ୍ଚ ସାହିତ୍ୟିକ ଯୋଗ୍ୟତା ନ ଥିଲା ତଥାପି ଗାଉଁଲି ଲୋକେ ଏବେ ବି ଆଗ୍ରହର ସହିତ ସେ ସବୁ ପଢ଼ନ୍ତି । କାରଣ, ସେଥିରେ ନୀତିସମ୍ବଳିତ ପଂକ୍ତିମାନ ଥାଏ ଏବଂ ଜନସାଧାରଣଙ୍କ ଉପଭୋଗ୍ୟ ଦର୍ଶନ ମଧ୍ୟ ଥାଏ ।

ଦୁଇ ମହାପୁରାଣ, ରାମାୟଣ ଓ ମହାଭାରତର ବିଷୟବସ୍ତୁ ନେଇ ଖୁବ୍ କମ୍ ପୋଥି ଏ ଯୁଗରେ ଲେଖାଯାଇଥିଲା । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଯେଉଁ ଜଣେ ଅଗ୍ରଗାମୀ କବି ବେଶ୍ ଖ୍ୟାତି ଲଭିଥିଲେ ଏବଂ ରାମାୟଣରୁ ବିଷୟବସ୍ତୁ ଆହରଣ କରିଥିଲେ, ସେ ହେଉଛନ୍ତି ରଘୁନାଥ ମହନ୍ତ । ରଘୁନାଥ ରାମାୟଣର ଗଦ୍ୟରେ ସଂକ୍ଷିପ୍ତସାର କରିଥିଲେ । ତାଙ୍କ ଗଦ୍ୟରୁ ଜଣାପଡ଼େ ସେ ଏକପଟେ 'ବୁରଞ୍ଜି' ଦ୍ୱାରା ଏବଂ ଅନ୍ୟପଟେ ବେଶିଭାବରେ ବୈଷ୍ଣବମାନଙ୍କ 'ଚରିତ ପୁଥି' ଦ୍ୱାରା ପ୍ରଭାବିତ ହୋଇଥିଲେ । ଆଖ୍ୟାନମୂଳକ ଦୁଇଟି ଦୀର୍ଘ କବିତା ଉପରେ ରଘୁନାଥଙ୍କ ଖ୍ୟାତି ନିର୍ଭର କରେ । ସେ ଯୋଡ଼ିକ ହେଲା-- 'ଅବଧୂତ ରାମାୟଣ' ଓ 'ଶତ୍ରୁଞ୍ଜୟ' । ଦୁଇଟିଯାକ ଲୋକମୁଖର ରାମାୟଣ ଗାଥା ଉପରେ ପର୍ଯ୍ୟବସିତ ବୋଲି ଅନୁମାନ ହୁଏ ।

କବିଙ୍କ କଥାନୁସାରେ ଅବଧୂତ ରାମାୟଣର ମୂଳ ଉତ୍ସହେଲା 'ମାର୍କଣ୍ଡେୟ ପୁରାଣ' । କଥାବସ୍ତୁ ସୀତାକୁ ଆଧାରିତ କରି । ସ୍ୱାମୀଙ୍କ ସହିତ ବିଚ୍ଛେଦ କାଳରେ ସୀତା ପାତାଳପୁରୀର

Digitized by srujanika@gmail.com

ବିଦ୍ୟାବିଳାସିନୀ ପୂରୀରେ ରହିଥାନ୍ତି । କିନ୍ତୁ ସେ ମନର ଶାନ୍ତି ହରାଇ ବସିଥାନ୍ତି । ସେ ଛାଡ଼ିଯାଇଥାନ୍ତି ତାଙ୍କ ସ୍ୱାମୀଙ୍କ ଏବଂ ସ୍ନେହର ଦୁଇପୁତ୍ର ଲବକୁଶଙ୍କୁ । ଅଯୋଧ୍ୟାରେ ରାମଚନ୍ଦ୍ର ଝୁରୁଥା'ନ୍ତି ତାଙ୍କ ପ୍ରାଣପ୍ରିୟା ପତ୍ନୀଙ୍କୁ । ତାଙ୍କ ଦୁଃଖ ଆହୁରି ଗଭୀର । ରାମଚନ୍ଦ୍ରଙ୍କ ନିର୍ଦ୍ଦୟ ବକ୍ରୋକ୍ତି ପାଇଁ ସୀତା ବାଧ୍ୟ ହେଲେ ମାତା ବସୁଧାଙ୍କୁ ବିଦୀର୍ଣ୍ଣ ହେବା ପାଇଁ ପ୍ରାର୍ଥନା କଲେ । ଯିମିତିକି ସେ ତାଙ୍କ ହୃଦୟରେ ସ୍ଥାନ ପାଇ ଶାନ୍ତି ଲାଭ କରିବେ । ପାତାଳରେ ସୀତା ରାଜା ବାସୁକୀଙ୍କୁ କହିଲେ ଯେମିତି ସେ ଲବ ଓ କୁଶକୁ ଅଯୋଧ୍ୟାରୁ ଅପହରଣ କରିଆଣନ୍ତି । ବାସୁକୀ ଏକ ବିଫଳ ଚେଷ୍ଟାକରି ସୀତାଙ୍କୁ ଅଭିଯାନର ବିଫଳତା ଜଣାଇଲେ । ହନୁମନ୍ତ, ନୀଳ, ନଳ, ବିଭୀଷଣ ଆଦି ବୀରଙ୍କ ଅଭେଦ୍ୟ ଦୁର୍ଗ ଭେଦ କରିବା ତାଙ୍କ ପକ୍ଷରେ ଅସମ୍ଭବ ହେଲା । ସୀତା ତାଙ୍କ ଦୁଃଖ ବୁଝିଲେ ତଥାପି ଆଉ ଥରେ ଚେଷ୍ଟାକରିବା ପାଇଁ ଅନୁରୋଧ କଲେ ଯାଦୁବିଦ୍ୟା ସାହାଯ୍ୟରେ । ତଦନୁଯାୟୀ ବାସୁକୀ ବ୍ରାହ୍ମଣ ବେଶରେ ଗଲେ ଏବଂ ଲବ ଓ କୁଶଙ୍କୁ ଧନୁର୍ବିଦ୍ୟା ଶିଖାଇବା ଆଳରେ ରାମଙ୍କଠୁଁ ଘେନିଆସିଲେ । ନିଜକାର୍ଯ୍ୟ ସାଧନକରି ଛଦ୍ମବେଶୀ ବ୍ରାହ୍ମଣ ରାଜପୁତ୍ର ଦୁହିଁଙ୍କି ତାଙ୍କ ସହିତ ବିଦ୍ୟାବିଳାସୀନି ପୁରକୁ ଆସିବାକୁ ପ୍ରବର୍ତ୍ତାଇଲେ ଯେଉଁଠି ତାଙ୍କ ମାଆ ଅଛନ୍ତି । ତାପରେ ବାସୁକୀ ପାତାଳରେ ପହଞ୍ଚିଲେ । ମାଆ ଓ ପୁଅ ଦୁହିଁଙ୍କର ସେଠି ଭେଟହେଲା ଏବଂ ସେମାନଙ୍କ ଆନନ୍ଦର ସୀମା ରହିଲା ନାହିଁ ।

ବାସୁକୀର ବିଶ୍ୱାସଘାତକତା ରାମଙ୍କୁ ଏତେ ଉତ୍ୟକ୍ତ କଲା ଯେ ସେ ତୁରନ୍ତ ପାରିଷଦମାନଙ୍କୁ ଆଦେଶଦେଲେ, "ଲବ ଓ କୁଶ ଯେଉଁଠି ଥାଆନ୍ତୁ ଖୋଜି ବାହାରକର ।" ପ୍ରତ୍ୟେକ ଯଥାସମ୍ଭବ ଚେଷ୍ଟାକଲେ କିନ୍ତୁ ବିଫଳ ହେଲେ । ସର୍ବଶେଷରେ ହନୁମନ୍ତକୁ ଦାୟିତ୍ୱ ଦିଆଗଲା । ସେ ଚରମ ଯାଦୁଶକ୍ତି ପ୍ରୟୋଗ କରି ଅନେକ ପ୍ରକାର ଗୂଢ଼ କୌଶଳ ପ୍ରୟୋଗ କଲେ । ବାସୁକୀ ଓ ସର୍ପମାନଙ୍କ ସହିତ ତାଙ୍କର ଭୀଷଣ ଯୁଦ୍ଧ ହେଲା । ସେମାନେ ଭୟଙ୍କର ହିଂସ୍ର ଓ ବିପଦଜନକ ହୋଇଥିଲେ ମଧ୍ୟ ଶେଷରେ ସେମାନଙ୍କୁ ହରାଇ ହନୁମନ୍ତ ସୀତା ଓ ତାଙ୍କ ଦୁଇ ପୁଅଙ୍କୁ ରାମଙ୍କ ନିକଟକୁ ଘେନି ଆସିଲେ ।

ସ୍ୱଭାବତଃ ପୂନର୍ମିଳନରେ ରାମଙ୍କ ଆନନ୍ଦର ସୀମା ରହିଲା ନାହିଁ । ସୀତା ରାମଙ୍କୁ ପ୍ରଣାମ କରି କହିଲେ, "ମୋତେ ଆପଣଙ୍କ ସହିତ ରହିବାକୁ ଆଉ ବଳାନ୍ତୁ ନାହିଁ, କାରଣ ବିଧି ତାହା କରାଇଦେବ ନାହିଁ । ତଥାପି ମୁଁ ପ୍ରତିଶ୍ରୁତି ଦେଉଛି ପ୍ରିତିଦିନ ଆସିବି, କିନ୍ତୁ ଆପଣ, ହନୁମନ୍ତ ଓ ଲବକୁଶକୁ ଛାଡ଼ି ଆଉ କେହି ମୋତେ ଦେଖି ପାରିବେ ନାହିଁ ।"ଏହା କହି ସୀତା ଅନ୍ତର୍ଦ୍ଧାନ ହେଲେ ।

'ଶତ୍ରୁଞ୍ଜୟ'ରେ ରାମଙ୍କ କାହାଣୀ ଖୁବ୍ ସଂକ୍ଷେପରେ ବର୍ଣ୍ଣିତ ହୋଇଛି, ଅନ୍ୟ ଏକ ଗଳ୍ପର ଶେଷାଂଶ ରୂପେ । ଲେଖକଙ୍କର ଉଦ୍ଦେଶ୍ୟ ନଥିଲା ସମସ୍ତଙ୍କୁ ଜଣାଥିବା ରାମଚନ୍ଦ୍ରଙ୍କ କଥା କହିବାପାଇଁ । ସେ ଗ୍ରହିଁଥିଲେ ବାଳୀ ଓ ହନୁମାନଙ୍କ ବୀରତ୍ୱ ଓ ଦୁଃସାହସିକ କର୍ମ

Digitized by srujanika@gmail.com

ବର୍ଣ୍ଣନା କରିବାପାଇଁ । ଗଳ୍ପର ପ୍ରଥମ ଭାଗରେ ସେ ବିଶଦ୍‌ଭାବରେ ଯେଉଁ କର୍ମସବୁ ଟିକିନିଖି ବର୍ଣ୍ଣନା କରିଛନ୍ତି, ତାହା ବେଶ୍ କୌତୁକାବହ । ଅନୁମାନ ହୁଏ, ସେ ସବୁ କବିଙ୍କର ନିଜର ଉଦ୍ଭାବନ । ପ୍ରଥମ ଭାଗର ସାରାଂଶ ନିମ୍ନରେ ଦିଆଯାଇଛି ।

କବିତା ଆରମ୍ଭ ହୋଇଛି ବିଷ୍ଣୁଙ୍କ ବନ୍ଦନାରେ, ଯେଉଁ ବିଷ୍ଣୁ ବିଭିନ୍ନ ଅବତାର ଧାରଣକରି ପୃଥିବୀର ଦୁର୍ନୀତି, ପାପ, ଅନ୍ୟାୟ ଦୂର କରି ନ୍ୟାୟ, ସତ୍ୟ ଏବଂ ଧର୍ମର ଦୁନିଆ ପ୍ରତିଷ୍ଠାକଲେ । ଗଳ୍ପ ଆରମ୍ଭ ହୁଏ ପୁରାଣ ରୀତିରେ, ବାଲ୍ମିକୀ ଓ ଭରଦ୍ୱାଜଙ୍କ କଥୋପକଥନରୁ । ବାଲ୍ମିକୀ ଭରଦ୍ୱାଜଙ୍କୁ କହୁଛନ୍ତି, କିପରି ଓ କାହିଁକି ଦେବତାମାନେ ମର୍କଟ ହେଲେ ।

ଦିନେ ପାଳନକର୍ତ୍ତା ବ୍ରହ୍ମା ମେରୁପର୍ବତର ମଣିବତୀ ପୁରରେ ଦେବସଭାରେ ସଭାପତି ଥିଲେ । ମେରୁର ରାଜା ସୁମେରୁଙ୍କୁ ମିଶାଇ ଦେବତାମାନେ ଯେଷ୍ଠା ଝିଅମାନଙ୍କ ସହିତ ଉପସ୍ଥିତ ଥିଲେ । ସସନ୍ତେ ବିଦ୍ୟାଧରୀଙ୍କ ମନୋରଞ୍ଜନ ନୃତ୍ୟ ଉପଭୋଗ କରୁଥିଲେ । ସୁମେରୁଙ୍କ ଅନନ୍ୟସୁନ୍ଦରୀ କନ୍ୟା ସୁଲୋଚନା ତାଙ୍କ ଚିତ୍ତାକର୍ଷକ ନୃତ୍ୟରେ ସବୁ ଦେବତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ । ପ୍ରତ୍ୟେକେ ତାଙ୍କୁ ବିବାହ କରିବାପାଇଁ ଗ୍ରହିଁଲେ । ଦେବତାମାନଙ୍କ ମଧ୍ୟରେ ବିଶିଷ୍ଟ ପବନ ଦେବ ନିଷ୍ପତ୍ତି କଲେ ସୁଲୋଚନାଙ୍କ ପିତାଙ୍କୁ ଅନୁରୋଧ କରିବେ ତାଙ୍କ କନ୍ୟାଙ୍କ ପାଣିଗ୍ରହଣ ପାଇଁ । ଏ ଉଦ୍ଦେଶ୍ୟ ପୂର୍ଣ୍ଣ କରିବାପାଇଁ ଜଣେ ଦୂତ ପଠାଇ ଚିଠି ଖଣ୍ଡିଏ ମଧ୍ୟ ସୁଲୋଚନା ପାଖକୁ ଦେଇ ତାଙ୍କୁ ବିବାହ କରିବାପାଇଁ ଅନୁରୋଧ କଲେ । ଦୂତ ତଦନୁଯାୟୀ ତାଙ୍କ ଆଗମନର ଉଦ୍ଦେଶ୍ୟ ସୁମେରୁଙ୍କୁ ଜଣାଇଲା କିନ୍ତୁ ପ୍ରସ୍ତାବକୁ ସିଧାସଳଖ ସେ ମନା କରିଦେଲେ । କଣ କରିବେ କିଛି ଠିକ୍ ନ କରି ପାରି ସେ ବାୟୁଙ୍କୁ ପ୍ରାର୍ଥନାକଲେ ସୁଲୁସୁଲିଆ ବାଆ ଦମକାଏ ପଠାଇବାପାଇଁ । ପବନ ଆସିଗଲା, ତାରି ଜରିଆରେ ଦୂତ ଚିଠିଟି ସୁଲୋଚନା ପାଖକୁ ପଠାଇଦେଲେ । ସେ ଚିଠିଟି ପଢ଼ି ହସି ଉଡ଼ାଇଦେଲେ ଏ ଅଦ୍ଭୁତ ପ୍ରସ୍ତାବକୁ । ବାୟୁଦେବତା ଏଥିରେ ରାଗିଗଲେ ଏବଂ ସୁମେରୁ ଉପରେ ଯୁଦ୍ଧ ଘୋଷଣାକଲେ । ଭୀଷଣ ଯୁଦ୍ଧ ଲାଗିଲା । ଦେବତାମାନେ ଡରିଗଲେ ଏବଂ ବ୍ରହ୍ମାଙ୍କୁ ପ୍ରାର୍ଥନାକଲେ ସମାଧାନ କରିବାକୁ । ଦୁଇ ପକ୍ଷ ମଧ୍ୟରେ ମିଳାମିଶା କରିଦେବାପାଇଁ ବ୍ରହ୍ମା ନାରଦଙ୍କୁ ଲଗାଇଲେ ।

ମିଳାମିଶାର ସର୍ତ୍ତ ଅନୁଯାୟୀ ସୁମେରୁ ତାଙ୍କର ଗୋଟିଏ ଶୃଙ୍ଗ ବାୟୁଙ୍କୁ ଦେଲେ । ଏଇ ଶୃଙ୍ଗର ନାମ 'ବିହଙ୍ଗ ଶୃଙ୍ଗ' ଯାହାକୁ ବାୟୁ ଉଡ଼ାଇନେଇ କ୍ଷୀର ସାଗରରେ ତ୍ରିକୂଟ ପର୍ବତ ପାଖରେ ପକାଇଲେ । ଯେତେବେଳେ ବିଶ୍ୱକର୍ମା ବିହଙ୍ଗ ଶୃଙ୍ଗକୁ ଦେଖିଲେ, ସେ ତା ଉପରେ ଏକ ସୁନ୍ଦର ସହର ଗଢ଼ିଦେଲେ, ଯାହାର ନାମହେଲା ସୁବର୍ଣ୍ଣ ଲଙ୍କା । ଏହି ସହରରେ ମାଲି, ସୁମାଲି ଏବଂ ମାଲ୍ୟବନ୍ତ ବୋଲି ତିନି ରାକ୍ଷସ ଭ୍ରାତା ରହିଲେ । ବିଷ୍ଣୁ ତାଙ୍କ ଚକ୍ରଦ୍ୱାରା ମାଲିର ମୁଣ୍ଡ କାଟିଦେଲେ; ଅନ୍ୟ ଦୁଇଭାଇ ଜୀବନରକ୍ଷା କରିବାପାଇଁ ପଳାଇଲେ ।

Digitized by srujanika@gmail.com

ଲଙ୍କାର ରାଜା କୁବେର ତାପରେ ଘଟଣାସ୍ଥଳରେ ଆସି ପହଞ୍ଚିଲେ । ଦିନେ ସୁମାଲି କୁବେରଙ୍କୁ ସିଂହାସନରେ ଦେଖିଲେ ଏବଂ ରାକ୍ଷସମାନଙ୍କ ଏ ପ୍ରକାର ଦୁର୍ଗତି ଦେଖି ଦୁଃଖରେ କାନ୍ଦିଲେ । ଯେଉଁ ରାକ୍ଷସମାନଙ୍କୁ ଲଙ୍କା ପୁନର୍ଦଖଲ ପାଇଁ ଘଉଡ଼ାଇ ଦିଆଯାଇଛି । ସେ ତାଙ୍କ କନ୍ୟା ନାଇକେଶୀଙ୍କୁ କୁବେରଙ୍କ ପିତା ବିଶ୍ରବା କୁ ବିବାହ ଦେଇଥିଲେ, ଏହି ବିଶ୍ୱାସରେ ଯେ ସେ ହରାଇଥିବା ରାଜ୍ୟ ଫେରାଇଦେବେ । ନାଇକେଶୀ ତାଙ୍କର ଅଶୁଦ୍ଧକାଳରେ ଗର୍ଭବତୀ ହେଲେ ଏବଂ ଆଗାମୀ ଶିଶୁପ୍ରତି ତାଙ୍କ ହୃଦୟରେ ଭୟ ସଞ୍ଚାରହେଲା । କାରଣ ଲୋକେ କହନ୍ତି, ଏପ୍ରକାର ଶିଶୁ ଖୁବ୍ ଦୁଷ୍ଟ, ହିଂସ୍ର ଏବଂ କୁକର୍ମୀ ହୁଏ । ଗର୍ଭ ଧାରଣ କରିଥିବା ଅବସ୍ଥାରେ ସର୍ବତ୍ର ନାନା ଅପଶକୁନ ମଧ୍ୟ ଦେଖାଗଲା । ସ୍ୱର୍ଗ ଏବଂ ମର୍ତ୍ତ୍ୟରେ ସମସ୍ତେ ଆତଙ୍କିତ ହେଲେ । ଏମିତି ବିଶ୍ୱବ୍ୟାପୀ ଭୟ ଓ ଆଗାମୀ ଆତଙ୍କ ସତ୍ତ୍ୱେ ନାଇକେଶୀ ଗର୍ଭରେ ବିଷଫଳକୁ ଶହେବର୍ଷ ରଖିଥିଲେ । କିନ୍ତୁ ଆତଙ୍କ ସବୁଦିନ ଲାଗିରହିଲା । ଦେବତାମାନେ ବ୍ରହ୍ମାଙ୍କ ପାଖକୁ ଗଲେ କିନ୍ତୁ ବ୍ରହ୍ମା କହିଲେ ଯେ ବିପଦ ବାସ୍ତବ ଓ ଆସନ୍ନ । ସେ ତାପରେ ବୁଝାଇଲେ, କେମିତି ବ୍ରହ୍ମାଙ୍କର ଦୁଇ ଦ୍ୱାରପାଳ ଜୟା ଓ ବିଜୟା ଯେଉଁମାନେ କି ଦିତି ଗର୍ଭରେ ପ୍ରଥମେ ଜନ୍ମିବେ ବୋଲି ଅଭିଶାପ ପାଇଥିଲେ, ସେମାନେ ପୁଣି ଲକ୍ଷ୍ମୀଙ୍କଦ୍ୱାରା ଅଭିଶପ୍ତ ହୋଇ ବର୍ତ୍ତମାନ ନାଇକେଶୀଙ୍କ ଗର୍ଭରେ ଅଛନ୍ତି । ଶେଷରେ ସେ କହିଲେ ଯେଉଁ ମୁହୂର୍ତ୍ତରେ ସେମାନେ ଜନ୍ମିବେ, ଲୋକଙ୍କ ଦୁଃଖ କଷ୍ଟର ସୀମା ରହିବ ନାହିଁ । କେବଳ ବିଷ୍ଣୁ ଏହି ନିଦାରୁଣ ବିପଦରୁ ରକ୍ଷାକରିପାରିବେ ।

ବ୍ରହ୍ମା ତା'ପରେ ଗଭୀର ସମାଧୀରେ ଶୋଇ ରହିଲେ ଓ ଅପେକ୍ଷାକଲେ କେତେ ବେଳେ ବ୍ରହ୍ମାଣ୍ଡର ସର୍ବଶକ୍ତିବାନ୍ ବିଷ୍ଣୁଙ୍କ ବାଣୀ ଆସିବ । ବାଣୀ ଅବଶେଷରେ ଆସିଲା ଯେ ସ୍ୱୟଂ ବିଷ୍ଣୁ ଅବତାର ଗ୍ରହଣକରି ଏ ଆତଙ୍କର ଅନ୍ତ ଘଟାଇବେ । ଦେବତାମାନଙ୍କୁ ହୁକୁମହେଲା ସେମାନେ ପୃଥିବୀରେ ବାନର ରୂପରେ ଜନ୍ମ ହୁଅନ୍ତୁ । ବ୍ରହ୍ମାଙ୍କୁ କୁହାଗଲା, ଭାଲୁରୂପରେ ପୁନର୍ଜନ୍ମ ନେବାପାଇଁ । ବାୟୁ ମର୍କଟକେଶରୀ ପରିଗ୍ରହ ନେଲେ, ଇନ୍ଦ୍ର କିଷ୍କିନ୍ଧ୍ୟାରେ ମର୍କଟରାଜ ରୂପରେ ଜନ୍ମିଲେ; ଏହିପରି ସମସ୍ତ ଦେବାଦେବୀ ମର୍କଟ ହେବାକୁ ଆଦେଶ ପାଇଲେ । ମର୍କଟଙ୍କ ମଧ୍ୟରୁ କେତେଜଣ ଅସଭ୍ୟ ବଣମଣିଷ ହେବେ ଓ ରାଜ୍ୟ ପରେ ରାଜ୍ୟ ଲୁଟ୍‌ତରାଜ କରି ବୁଲୁଥିବେ ଯେପର୍ଯ୍ୟନ୍ତ କୈଳାସ ପର୍ବତରେ ନ ପହଞ୍ଚିଛନ୍ତି । ସେଇଠି ମହାଦେବଙ୍କ ଚେଲା ନନ୍ଦୀ ସେମାନଙ୍କୁ ମହାଶକ୍ତିଶାଳୀ ବାଳୀଙ୍କ ରାଜ୍ୟ କିଷ୍କିନ୍ଧ୍ୟା ଆକ୍ରମଣ କରିବାକୁ ପ୍ରବର୍ତ୍ତାଇବ ଏବଂ ବାଳୀ ତାଙ୍କୁ ପରାଭୂତ କରିବେ ।

ଯେତେ ଯାହା ଶୁଣିଥିଲେ ବ୍ରହ୍ମା ସେସବୁ ଦେବତାମାନଙ୍କୁ ଜଣାଇଲେ ଏବଂ କାଳକ୍ରମେ ଦେବତାମାନେ ଭଗବାନଙ୍କ ଇଚ୍ଛାମତେ ବାନର ହୋଇ ଜନ୍ମିଲେ ।

ବାଳୀ ବ୍ରହ୍ମାଣ୍ଡ ବିଜୟରେ ବାହାରିଲେ । ଅଭିଯାନରେ ଯାଇଥିବାବେଳେ ସେ ଦେଖିଲେ ଛୋଟ ମାଙ୍କଡ଼ ପିଲାଟିଏ ଡେଙ୍ଗା ଆମ୍ବଗଛର ଫଳ ଆଡ଼କୁ ପଥର ଫୋପାଡୁଛି ।

Digitized by srujanika@gmail.com

ବାଳୀ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ମାଙ୍କଡ଼ ପିଲାଟି ଏତେ ଶକ୍ତିଶାଳୀ ଯେ ତାକୁ ଅବହେଳା କରିବା କଥା ନୁହେଁ । ତେଣୁ ବାଳୀ ବଳ ପ୍ରୟୋଗ ନ କରି ଜଣେ ମନ୍ତ୍ରୀଙ୍କଦ୍ୱାରା ମାଙ୍କଡ଼ ପିଲାକୁ ପ୍ରବର୍ତ୍ତାଇଲେ ବାଳୀଙ୍କର ପୋଷ୍ୟପୁତ୍ର ହେବାକୁ । ବାଳୀ ଛଳକରି କହିଲେ ତାଙ୍କ ନିଜର ପୁଅ ନାହିଁ । ମାଙ୍କଡ଼ ପିଲାଟି ପ୍ରସ୍ତାବରେ ରାଜିହୋଇ ବାଳୀଙ୍କର ପୋଷ୍ୟପୁତ୍ର ହେଲା ।

ଜନ୍ମବୃତ୍ତାନ୍ତ ଓ ନାମ ପଗ୍ୱରନ୍ତେ ମାଙ୍କଡ଼ଟି କହିଲା ସେ କେଶରୀଙ୍କ ପୁଅ । ତା ମାଆର ନାମ ଅଞ୍ଜନା, ତା ନିଜ ନାଆଁ ହନୁମନ୍ତ । ଜନ୍ମ ହେବା ଅବ୍ୟବହିତ ପରେ ସେ ଲୋକାଲୋକ ପାହାଡ଼କୁ ଚଢ଼ିଗଲା । ସେଠାରେ ସେ ଗୋଟାଏ ବଡ଼ ହାତୀ ଦେଖିଲା । ହାତୀ ଉପରେ ଚଢ଼ିବା ଲୋଭ ସେ ସମ୍ଭାଳି ପାରିଲା ନହିଁ । ପିଲା ମାଙ୍କଡ଼ର ବୋଝରେ ହାତୀଟା ସାଙ୍ଗେସାଙ୍ଗେ ଗଁ ଗଁ କରି ପ୍ରାୟ ମୂର୍ଚ୍ଛାଗଲା । କିନ୍ତୁ ହାତୀ ପିଠି ଉପରେ ଯେଉଁ ମୁନିଆ ବୁଦାଳିଆ ଲୋମ ଥିଲା ତାହା ମାଙ୍କଡ଼ ଦେହରେ ଫୋଡ଼ିହୋଇ ତାକୁ ବହୁତ କଷ୍ଟ ଦେଲା । ତେଣୁ ସେ ଡେଇଁପଡ଼ି ହାତୀର ସମ୍ମୁଖୀନ ହେଲା ଏବଂ ଲାଞ୍ଜ ଛିଡ଼ା କରି ତା ସହିତ ଲୁଝିବା ପାଇଁ ପ୍ରସ୍ତୁତହେଲା । ତାର ଏମିତି ମନୋଭାବ ଜାଣି ହାତୀଟି ଏମିତି ଡରିଗଲା ଯେ ଜୀବନ ଭୟରେ ପଳାଇଲା । ଏହି ପ୍ରକାରେ ହନୁମନ୍ତ ଆଠଟା ହାତୀକୁ ହରାଇଲା । ହନୁମନ୍ତର ଏହି କାମରେ ତା ବାପା ଖୁବ୍ ଅସନ୍ତୁଷ୍ଟ ହେଲେ ଏବଂ ରାଗିଗଲେ । ପୁଅକୁ ଭର୍ତ୍ସନା କଲେ କାରଣ ଯେଉଁ ହାତୀମାନଙ୍କୁ ସେ ଏତେ ହଇରାଣ ହରକତ କରିଛି, ସେମାନେ ଆଉ କେହି ନୁହଁନ୍ତି ଭଗବାନଙ୍କ ଆଠ ଅବତାର, ଯେଉଁମାନେ ପିଠିରେ ଏହି ପୃଥିବୀକୁ ବୋହିଛନ୍ତି । ବିନମ୍ର ହୋଇ ହନୁମନ୍ତ ଉତ୍ତର ଦେଲା ଯେ ଯେଉଁମାନେ ପୃଥିବୀର ଭାରା ସମ୍ଭାଳିଛନ୍ତି ସେମାନଙ୍କ ଉପରେ ସେ ଚଢ଼ିବା କଥା କେତେ ଅଯୌକ୍ତିକ; ତା'ଛଡ଼ା ଭଗବାନ ସର୍ବବ୍ୟାପୀ ଏବଂ ପ୍ରତି ଜୀବର ଆତ୍ମା ଏବଂ ନିଜେ ଚୂଡ଼ାନ୍ତ ଆତ୍ମାର ଅବିଚ୍ଛେଦ୍ୟ ଅଂଶ । ତେଣୁ ଜଣେ ଯାହା କରେ ତାହା ଭଗବାନ ନିଜେ କରନ୍ତିବୋଲି ଧରାଯିବ । ଅତଏବ, ସେ ନିର୍ଦ୍ଦୋଷ । ପିତାଙ୍କ ଆଜ୍ଞା ପାଳିବାପାଇଁ ଏବଂ ପାଳନକରି ସୁଖୀ ହେବାପାଇଁ ସେ ସର୍ବଦା ପ୍ରସ୍ତୁତ । କେଶରୀ ତରିଳିଗଲେ । ପୁଅ ଗ୍ୱହିଁବାମତେ ସେ ତାକୁ କହିଲେ, "ତୁମେ ତୀର୍ଥଯାତ୍ରୀଙ୍କ ସେବା କର ଏବଂ କାୟମନୋବାକ୍ୟରେ ରାମଙ୍କର ଅନୁଗତ ହୁଅ ।"

ହନୁମନ୍ତ କଥା ଶୁଣି ବାଳୀ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ତାଙ୍କୁ ଶକ୍ତିଶାଳୀ ବାନରସେନାର ମୁଖ୍ୟ ସେନାଧିପତି କଲେ । ଏଥର ପ୍ରକୃତ ଦୁଃସାହସିକ କାର୍ଯ୍ୟ ଆରମ୍ଭ ହେଲା ଏବଂ ପରବର୍ତ୍ତୀ ପଂକ୍ତିମାନଙ୍କରେ ହନୁମନ୍ତର କାର୍ଯ୍ୟକଳାପ ବର୍ଣ୍ଣିତ ହୋଇଛି । ସ୍ୱଳ୍ପକାଳ ମଧ୍ୟରେ ହନୁମନ୍ତ ଜଣକ ପରେ ଜଣେ ମର୍କଟରାଜାଙ୍କୁ ବାଳୀ ଅଧୀନକୁ ଆଣିଲେ ।

ଧରଣୀପୁତ୍ର ରାକ୍ଷସ ରାଜା ଭୌମକୁ ଆକ୍ରମଣ କଲେ । ଭୌମ ପାତାଳ ପୁରର ଜନୈକ ପରାକ୍ରମୀ ରାଜା ଧନଞ୍ଜୟଙ୍କ ସାହାଯ୍ୟ ଲାଭ କଲେ । ଅଂସଖ୍ୟ ସର୍ପ ସୈନ୍ୟ

Digitized by srujanika@gmail.com

ଦେଇ ସେ ରାଜା ଭୌମକୁ ସାହାଯ୍ୟକଲେ । କଂକଣ ଥିଲେ ତାଙ୍କର ବଡ଼ ସେନାପତି । ଏ ଦୁହିଁଙ୍କ ମେଣ୍ଟ ଖୁବ୍ ଶକ୍ତିଶାଳୀ ହେଲା । ସ୍ୱର୍ଗରୁ ଆକାଶବାଣୀ ହୋଇଥିଲା, ଧନଞ୍ଜୟ ନାଗକୁ ପରାଭୂତ କରିବା ଅସମ୍ଭବ କାରଣ ତାଙ୍କ ପାଖରେ 'ସାରଙ୍ଗ ଧନୁ' ଏବଂ 'ନାରାୟଣୀ ଅସ୍ତ୍ର' ରହିଛି । ତେଣୁ ହନୁମନ୍ତ ପକ୍ଷରେ ସବୁ ସହଜ ହେଲା ନାହିଁ । ତେଣୁ ସେ ରାମଙ୍କୁ ଡାକିଲେ ତାଙ୍କୁ ସାହାଯ୍ୟ କରିବାପାଇଁ । ଆକାଶରୁ ଅପରାଜେୟ ଅସ୍ତ୍ରସବୁ ନେଇ ଗୋଟିଏ ସୁବର୍ଣ୍ଣ ରଥ ତଳକୁ ଆସିଲା । ହନୁମନ୍ତ ତା ଭିତରେ ପଶିଲେ ଏବଂ ଏକ ଭୀଷଣ ଯୁଦ୍ଧ ହେଲା ଏବଂ ଫଳରେ ହନୁମନ୍ତ ଜିଣିଲେ । ଏହି ପ୍ରକାରରେ ଯେଉଁ ସର୍ପରାଜାମାନେ ଭୌମକୁ ସାହାଯ୍ୟ କରିଥିଲେ, ସେମାନେ ସମସ୍ତେ ପରାଭୂତ ହେଲେ । ସମ୍ପଦପାଇ ଭୌମ ବିଚ଼ଳିତ ଓ ବ୍ୟତିବ୍ୟସ୍ତ ହେଲେ ଏବଂ କାଳ ବିଳମ୍ବ ନ କରି ମଙ୍ଗଳ (ଗ୍ରହ) ପାଖକୁ ଗଲେ ଏବଂ ଜାଣିବାପାଇଁ ଚାହିଁଲେ, ସେ ହନୁମନ୍ତ ସହିତ ଯୁଦ୍ଧ କରିବେ କି ? ମଙ୍ଗଳ ତାଙ୍କ ପ୍ରଶ୍ନକୁ ହସି ଉଡ଼ାଇଦେଲେ କାରଣ ସେ ଛାର୍ ମାଙ୍କଡ଼ଟାଏ ସହିତ ଯୁଦ୍ଧ କରିବେ ବୋଲି କିମିତି ଭାବୁଛନ୍ତି । ଇତି ମଧ୍ୟରେ ଜଣେ ସର୍ପରାଜା, ଯେ ହନୁମନ୍ତ ସହିତ ଯୁଦ୍ଧକରି ପରାସ୍ତ ହୋଇଥିଲେ ଆସି ପହଞ୍ଚିଲେ ଏବଂ ସେମାନଙ୍କୁ କହିଲେ ହନୁମାନ ସହିତ ଯୁଦ୍ଧକରିବା ଏକ ହାସ୍ୟାସ୍ପଦ କଥା କାରଣ ତାଙ୍କ ସମକକ୍ଷ ଯୋଦ୍ଧା କେହି ନାହିଁ । ଭୌମ ଅବସ୍ଥା ବୁଝିଗଲେ ଏବଂ ପଛଘୁଞ୍ଚା ଦେଲେ ।

ଏ ଭିତରେ ଗଜକେତୁ ହନୁମନ୍ତଙ୍କୁ ଶାକଦ୍ୱୀପକୁ ଅଭିଯାନ ଚଳାଇବାପାଇଁ ଉତ୍ସାହ ଦେଲେ । ହନୁମନ୍ତ ଯୋଗପଥ ଦେଇ ସୈନ୍ୟମାନଙ୍କୁ ଯିବାପାଇଁ ହୁକୁମ ଦେଲେ । ଈଶାନ ପର୍ବତରେ ସେମାନେ ଓହ୍ଲାଇଲେ ଏବଂ ଗୁଡ଼ାଏ ଅତୀବ ସୁନ୍ଦର ମାଙ୍କଡ଼ ଦେଖିଲେ । ସେମାନେ ଜାଣିଲେ ଯେ ନଳ ସେମାନଙ୍କର ରାଜା ଏବଂ ସେମାନେ ଗନ୍ଧର୍ବ ଚିତ୍ରରଥଙ୍କ ସିଧାସଳଖ ବଂଶଧର । ହନୁମନ୍ତ, ଶତବଳି ଓ ଦିବିଧ ସହିତ ନଳ ପାଖକୁ ଯାଇ ତାଙ୍କ ଆସିବାର କାରଣ କହିଲେ । ନଳ ଉତ୍ତରଦେଲେ ସେ ରାମଙ୍କର ଅନୁଗତ ଶିଷ୍ୟ । ଏହା ଶୁଣିଲାରୁ ହନୁମନ୍ତର ଆନନ୍ଦର ସୀମା ରହିଲାନାହିଁ ଏବଂ ଦୁହେଁ ଯଥାର୍ଥ ବନ୍ଧୁହେଲେ । ବର୍ତ୍ତମାନ ହନୁମନ୍ତ ଶାକଦ୍ୱୀପର ରାଜାମାନଙ୍କ କଥା ବୁଝିଲେ ଯେଉଁମାନଙ୍କ ସହିତ ଯୁଦ୍ଧ କରି ପରାଭୂତ କରିବାକୁ ହେବ । ନଳ ସମସ୍ତ ଖବର ଦେଲେ । ପରାକ୍ରାନ୍ତ ଯୋଦ୍ଧା ନଳ ସହ ଶକ୍ତି ବର୍ଦ୍ଧନ କରି ହନୁମନ୍ତ ଖୁବ୍ ଯୋର୍‌ସୋର୍ ଲଢ଼ିଲେ ଏବଂ ସଂପୃକ୍ତ ରାଜାମାନଙ୍କୁ ପରାସ୍ତକରି ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କଲେ । ଅଧିକାଂଶ ରାଜାମାନେ କିନ୍ତୁ ରାମଙ୍କ ଭକ୍ତ ଥିଲେ । ତେଣୁ ବିଜୟ ସହଜ ଓ ଆନନ୍ଦଦାୟକ ହେଲା ।

ତା'ପରେ ହନୁମନ୍ତ ବୈମାନିକ ବୋଲି ଏକ ଦ୍ୱୀପରେ ପହଞ୍ଚିଲେ । ସେଠି ଜନୈକ ରୁଦ୍ରବାହୁ ରାଜତ୍ୱ କରୁଥିଲେ । ସେ ଦେଶର ଲୋକେ ବିମାନରେ ଉଡୁଥିଲେ । ବୈମାନିକ ପାରହୋଇ ହନୁମନ୍ତ ସବାଶେଷରେ ପୁଷ୍କଳିନୀ ସହରରେ ପହଁଞ୍ଚିଲେ । ସେଇ

Digitized by srujanika@gmail.com

ସହର ତାଙ୍କର ଜନ୍ମସ୍ଥାନ । ସେଠି ସେ ପିତାମାତାଙ୍କୁ ପ୍ରଣତି ଜଣାଇଲେ । ସେମାନେ ତାଙ୍କୁ ଆଶୀର୍ବାଦ କରି ଦୀର୍ଘଜୀବନ କାମନାକଲେ । ପଚ୍ଚରିଲେ ତାଙ୍କ ବୀରତ୍ୱ କାହାଣୀ । ହନୁମନ୍ତ ଯାହାଯାହା କରିଥିଲେ ସବୁ କହିଗଲେ । ତା'ପରେ ସେ ପରାଜିତ ରାଜାମାନଙ୍କୁ ବାଳୀ ନିକଟକୁ ପଠାଇଦେଲେ କିନ୍ତୁ ଲୋକାଲୋକ ପର୍ବତର ବାନର ରାଜାମାନେ ଅଦ୍ୟାପି ପରାସ୍ତ ହୋଇ ନଥିଲେ । ତା ଛଡ଼ା ବାଳୀ ହନୁମନ୍ତଙ୍କ ପିତାମାତାଙ୍କୁ ସାଙ୍ଗରେ ନେଇଯିବାକୁ ଚାହିଁଲେ । ହନୁମନ୍ତ ଚାହୁଁଥିଲେ ସେମାନଙ୍କୁ ବାଳୀ ପାଖକୁ ନେବାପାଇଁ । ତିନିଜଣ ଏମିତି କଥାବାର୍ତ୍ତାରେ ବ୍ୟାପୃତ ଥିଲାବେଳେ ସେମାନେ ନାରଦଙ୍କୁ ସ୍ୱାଗତ ଜଣାଇଲେ । ନାରଦ ହନୁମନ୍ତଙ୍କ ବିଜୟରେ ଆନନ୍ଦ ପ୍ରକାଶ କଲେ କିନ୍ତୁ ହନୁମନ୍ତକୁ ମନା କଲେ ଲୋକଲୋକର ବାନର ରାଜାମାନଙ୍କୁ ଆକ୍ରମଣ କରିବାପାଇଁ; କାରଣ, ରାମଙ୍କଦ୍ୱାରା ପରାସ୍ତ ହେବା ସେମାନଙ୍କ ଭାଗ୍ୟରେ ଅଛି ଏବଂ ରାମ ଖୁବ୍ ଶୀଘ୍ର ଅବତାର ଗ୍ରହଣ କରିବାକୁ ଯାଉଛନ୍ତି । ତତ୍‌ପରେ ନାରଦ ହନୁମନ୍ତ ଏବଂ ତାଙ୍କ ପିତାମାତାଙ୍କୁ ବାଳୀଙ୍କ ରାଜଧାନୀକୁ ଯିବାପାଇଁ କହିଲେ । ହନୁମନ୍ତ ସମ୍ମତ ହେଲେ ଏବଂ ମାତା ଅଞ୍ଜନାଙ୍କୁ ସୁଶେଣଙ୍କ ଦୁଇଟିଅ ଦୁଇ ରାଜକନ୍ୟାଙ୍କ ଦାୟିତ୍ୱ ଗ୍ରହଣକରି ଏପରି ଶିକ୍ଷା ଦେବାକୁ କହିଲେ ଯାହା ଫଳରେ ସେ ଦୁହେଁ ଭବିଷ୍ୟତରେ ଉପଯୁକ୍ତା ରାଣୀ ହୋଇ ପାରିବେ । ତା'ପରେ ପିତା ସହିତ ବାଳୀ ପାଖକୁ ଗଲେ । କହିବା ବାହୁଲ୍ୟ ଯେ ବାଳୀ ଅତ୍ୟନ୍ତ ପ୍ରୀତ ହେଲେ । ହନୁମନ୍ତ ପ୍ରସ୍ତାବ ଦେଲେ ଯେ ବାଳୀ ଏବଂ ତାଙ୍କ ଭାଇ ସୁଶେଣଙ୍କ ଦୁଇ ପରମା ସୁନ୍ଦରୀ କନ୍ୟାକୁ ବିବାହ କରିବେ । ବାଳୀ ସମ୍ମତ ହୋଇ ବିବାହ ପରେ କିଷ୍କିନ୍ଧ୍ୟାକୁ ଚାଲିଗଲେ ଏବଂ ସେଇଠି ରାଜକୀୟ ଆଡ଼ମ୍ବରରେ ଦିନ କଟାଇବାକୁ ଲାଗିଲେ ।

ବାଳୀଙ୍କ ଦୁଃସାହସିକ କାର୍ଯ୍ୟର ଏଇଠି ପରିସମାପ୍ତି । ଲେଖକ ତା'ପରେ ଗୋଟିଏ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ରାମଙ୍କର ଜନ୍ମ, ଏବଂ ନିର୍ବାସନ, ସୀତାହରଣ, ରାମ ରାବଣ ଯୁଦ୍ଧ -- ବସ୍ତୁତଃ ସଂକ୍ଷେପରେ ସମଗ୍ର ରମାୟଣ ଏପରିକି ଲବକୁଶଙ୍କ କଥା ସହିତ ।

ଦୀର୍ଘ କବିତାଟି ବିଷ୍ଣୁଙ୍କ ପ୍ରାର୍ଥନାରେ ଶେଷ ହୋଇଛି । କବିଙ୍କର ଉଦ୍ଦେଶ୍ୟ ହେଲା ରାମଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ବର୍ଣ୍ଣନା କରିବା ଏବଂ ଭକ୍ତିର ନୀତିନିୟମ ପ୍ରସାର କରିବା । ଏହା ସେ କରିବାରେ ସଫଳକାମ ହୋଇଥିଲେ । ତାଙ୍କୁ ଧନ୍ୟବାଦ ଦେବା କଥା ଯେ ରାମଙ୍କ ସମ୍ପର୍କୀୟ ଚିତ୍ତାକର୍ଷକ ଲୋକଗାଥାକୁ ସେ ଲିପିବଦ୍ଧ କରିଦେଲେ ଯାହା ଅନ୍ୟଥା ବିସ୍ମୃତି ଗର୍ଭରେ ଲୀନ ପାଇଥାନ୍ତା । ଏହି କାବ୍ୟସବୁରୁ ରାମାୟଣର ଲୋକମୁଖରେ ଥିବା ଜୈନରୂପ ସହିତ କବିଙ୍କର ପରିଚୟ ଥିଲାବୋଲି ଜଣାଯାଏ ।

ଆହୋମ ଯୁଗରେ ଶାକ୍ତ ପ୍ରଭାବ କ୍ରମଶଃ ବଢୁଥିବା କଥା ଉଲ୍ଲେଖ କରାଯାଇଛି । ଶେଷ ଆହୋମ ରାଜାମାନେ ଶାକ୍ତ ଧର୍ମ ଗ୍ରହଣ କଲେ ଏବଂ ଶାକ୍ତ ଦୃଷ୍ଟିକୋଣ ଜୀବନ ଉପରେ ରଖିଥିଲେ । ଏହା ସେମାନଙ୍କର ଯୋଦ୍ଧୃଭାବ ଓ ଚାର୍ବାକ ଦର୍ଶନ ସହିତ ବେଶ୍

Digitized by srujanika@gmail.com

ଖାପ ମଧ୍ୟ ଖାଇଲା । ଏହି କାରଣରୁ ଏବଂ ସହରୀ ସଂସ୍କୃତିର ସ୍ରୋତର ପ୍ରଭାବରେ ବୈଷ୍ଣବ ସାହିତ୍ୟର କ୍ରମଶଃ ଅଧୋଗତି ହେଲା ଏବଂ ଏକ ନୂତନ ଶାକ୍ତ ସାହିତ୍ୟ ଲିଖିତ ହେଲା । ବୈଷ୍ଣବ 'ବରଗୀତ'ର ଅନୁକରଣରେ ଶାକ୍ତ କବିମାନେ ଅସମୀୟା ଭାଷାରେ ସ୍ତୋତ୍ରଗୁଚ୍ଛ ରଚନା କଲେ ଯାହା ଏବେ ମଧ୍ୟ ପ୍ରାର୍ଥନାରେ ଗୀତ ହେଉଛି । ଏହି ସ୍ତୋତ୍ରରୁ କେତେକ ଅହୋମରାଜା ରୁଦ୍ର ସିଂହ ଏବଂ ଶିବ ସିଂହଙ୍କ ଦ୍ୱାରା ରଚିତ ହୋଇଛି ବୋଲି କୁହାଯାଇଥାଏ । ଏହି ଶାକ୍ତ ସ୍ତୋତ୍ର ସବୁ ଯମକ ଓ ଯତି ଆଦି ଅଳଙ୍କାରରେ ଉଚ୍ଚ ଶ୍ରେଣୀର ହେଲେହେଁ ଗୋଟିଏ ପ୍ରକାର ଭାବ ଓ ଶବ୍ଦରାଜି ବହନ କରିଥିବାରୁ ଏବଂ ବ୍ୟକ୍ତିଗତ ଅନୁଭୂତିର ଅଭାବ ଯୋଗୁଁ ମନରେ ସେତେ ପ୍ରଭାବ ପକାଇପାରେ ନାହିଁ । ଏହି ଗୀତିମାନଙ୍କ ସହିତ ଏ ଯୁଗରେ ଦୁର୍ଗା, କାଳୀ, ଶୀତଳା ଆଦି ଦେବୀମାନଙ୍କ ଉଦ୍ଦେଶ୍ୟରେ ଲିଖିତ ବର୍ଣ୍ଣନାତ୍ମକ କବିତା ମଧ୍ୟ ଉନ୍ନତି ଲାଭ କଲା । ଯାହା ଆଜି ବି ସେମାନଙ୍କ ପୂଜା ଅର୍ଚ୍ଚନାରେ ପାଠ କରାଯାଉଛି ।

ଆହୋମ ରାଜାମାନେ ପରିଷଦର କବିମାନଙ୍କୁ ଶାକ୍ତଧର୍ମଗ୍ରନ୍ଥମାନଙ୍କର ଅସମୀୟା ଅନୁବାଦ କରିବାକୁ ଉତ୍ସାହ ଦେଉଥିଲେ । ରାଜା ଶିବ ସିଂହ ଅନନ୍ତ ଆଚାର୍ଯ୍ୟଙ୍କୁ 'ଆନନ୍ଦ ଲହରୀ' ଅନୁବାଦ କରିବାର ଦାୟିତ୍ୱ ଦେଇଥିଲେ । ଗ୍ରନ୍ଥଟିର ପ୍ରାରମ୍ଭ ଦୁର୍ଗାଙ୍କ ସ୍ତୁତିରେ, ଯେଉଁ ଦେବୀ ସଂସାରର ଆଦି କାରଣ । ତା'ପରେ ବର୍ଣ୍ଣନା ଚ୍ଲେ ଯଥା -- ତାଙ୍କର ଦୟା ଅନନ୍ତ, ସେ ନାନା ରୂପ ଧରନ୍ତି ଭକ୍ତଙ୍କୁ ସୁଖ ଦେବାପାଇଁ । ତା'ପରେ ତାଙ୍କ ଅଙ୍ଗସୌଷ୍ଠବ, କୈଳାସ ଏବଂ ଭଗବାନ ଶିବଙ୍କ ବର୍ଣ୍ଣନା । ଦେବୀଙ୍କ ପାଇଁ ଭକ୍ତିମୂଳକ ସ୍ତୋତ୍ର ଏବଂ କାବ୍ୟ ଶେଷ ହୁଏ ରାଜାଙ୍କ ପତ୍ନୀ ରାଣୀ ଫୁଲେଶ୍ୱରୀଙ୍କ ପ୍ରଶସ୍ତିରେ ।

ଋଷିନାଥ 'ଚଣ୍ଡୀ'କୁ ସହଜ ସାବଲୀଳ କବିତାରେ ଅନୁବାଦ କରିଥିଲେ । ଅସମୀୟା ଭାଷାରେ 'ଚଣ୍ଡୀ'ର ଅନ୍ୟଏକ ଅନୁବାଦ ମଧୁସୂଦନ ମିଶ୍ରଙ୍କ ଦ୍ୱାରା ହୋଇଥିଲା । ଏ ଉଭୟ କବିତା ବର୍ଣ୍ଣନାତ୍ମକ ଏବଂ ସାହିତ୍ୟିକ ମୂଲ୍ୟ ବିରହିତ । ତଥାପି ଧର୍ମଭାବ ଉଦ୍ରେକ କରୁଥିବାରୁ ସେ ଦୁଇଟି ଲୋକପ୍ରିୟ ଏବଂ ପୁରୁଷ ପୁରୁଷ ଧରି ହଜାର ହଜାର ଶାକ୍ତ ଉପାସକମାନଙ୍କଦ୍ୱାରା ପଠିତ ଓ ଆବୃତ୍ତ ହୁଏ । ବର୍ଣ୍ଣନା ଚ୍ତୁରୀ, ଭାଷା ଏବଂ ଉପମା ଅଳଙ୍କାରରେ ବୈଷ୍ଣବ କବିତାର ଆଦୌ ସମକକ୍ଷ ନହେଲେ ମଧ୍ୟ ଆଧ୍ୟାତ୍ମିକ ଗୁରୁଗୌରବ ପ୍ରକାଶ କରୁଥିବା ପଦମାନ ଯେ କେହି ଖୋଜି ବାହାର କରିପାରିବ ।

ବିଶେଷରୂପେ ଲକ୍ଷ୍ୟ କରିବା କଥା, ସେ କାଳରେ ପରିଷଦ ଓ ରାଜସଭା ସହିତ ସଂଶ୍ଳିଷ୍ଟ କବିମାନେ ରାଶିରାଶି ପ୍ରଶସ୍ତି ମନ୍ତ୍ରୀ, ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ବିଷୟରେ ଲେଖିଥିଲେ, ଯହିଁରେ ପୃଷ୍ଠପୋଷକମାନଙ୍କର ବୀରତ୍ୱ, ବିଜୟଗୌରବ ବଦାନ୍ୟତା ଓ ମହୋଦାରତାକୁ ପ୍ରଶଂସା କରାଯାଇଥିଲା । ଆହୋମ ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିଗଣ ପୁଷ୍କରିଣୀ ଖନନ, ରାସ୍ତା ନିର୍ମାଣ; ମନ୍ଦିର ଉତ୍ତୋଳନରେ ବେଶ୍ ବଦାନ୍ୟ ଥିଲେ ଏବଂ ଏ ସମ୍ପର୍କରେ ଅନେକ

Digitized by srujanika@gmail.com

ସମର୍ପଣମୂଳକ କବିତା ରଚିତ ହୋଇଥିଲା, ଯହିଁରେ ସେମାନଙ୍କର ବଦାନ୍ୟତା ଓ ପୁଣ୍ୟକର୍ମର ଗୌରବମାନ କରାଯାଇଥିଲା । ଏହି ରାଜସଭାର କବିମାନେ ଉଭୟ ସଂସ୍କୃତ ଓ ଅସମୀୟା ଭାଷାରେ କୃତବିଦ୍ୟ ଥିଲେ । ସ୍ୱଭାବତଃ ଏହି ପ୍ରଶସ୍ତିମାନଙ୍କରେ କବିମାନେ ଶ୍ରୁତିପ୍ରିୟ ସଂସ୍କୃତ ଶବ୍ଦରାଜି ପ୍ରଚୁରମାତ୍ରାରେ ବ୍ୟବହାର କରୁଥିଲେ, ଯହିଁରୁ ସେମାନଙ୍କ ପୌରାଣିକ ଗଳ୍ପ ଓ କାହାଣୀ ଜ୍ଞାନର ପରିଚୟ ମିଳୁଥିଲା ।

ଆହୋମ ରାଜସଭାରେ କାମଶାସ୍ତ୍ରର ବେଶ୍ ଚର୍ଚ୍ଚା ଓ ଆଲୋଚନା ହେଉଥିଲା ଏବଂ କିଛି କିଛି ସଂସ୍କୃତ ଗ୍ରନ୍ଥ ଅସମୀୟାରେ ଅନୁଦିତ ହୋଇଥିଲା । କବି ଶେଖର ଭଟ୍ଟାଚାର୍ଯ୍ୟ କାମବିଜ୍ଞାନ ଉପରେ ଏକ କବିତା ସଂକଳନ କରିଥିଲେ । ରାଜା ରାଜେଶ୍ୱର ସିଂହଙ୍କ ପୁତ୍ର ଯୁବରାଜ ଗ୍ୱରୁସିଂହ ଗୋହାଇଁ ଓ ତାଙ୍କ ପତ୍ନୀ ଯୁବରାଣୀ ପ୍ରମଦା ସୁନ୍ଦରୀ ଆଇଦେଓଙ୍କ ମନୋରଞ୍ଜନ ଓ ଶିକ୍ଷା ପାଇଁ ଏହା ଅଭିପ୍ରେତ ଥିଲା । ରାଣୀ, ଜେମା ଏବଂ ଉଚ୍ଚକୁଳର ଯୁବତୀମାନଙ୍କୁ ପଣ୍ଡିତ ଲଗାଇ ଜନପ୍ରିୟ କାବ୍ୟ, ପ୍ରେମକାହାଣୀ ଓ ପ୍ରେମଶାସ୍ତ୍ର ପଢ଼ାଇବା ଏକ ଚଳଣିରେ ପରିଣତ ହୋଇଗଲା । କାମଶାସ୍ତ୍ର ପ୍ରଚଣ୍ଡ ପ୍ରଭାବ ପକାଇଲା ସମାଜ ଉପରେ । ଫଳତଃ ଗୁଡ଼ାଏ ମନ୍ତ୍ରପୋଥି, ଗୁଣିଗାରିଡ଼ି, ମୋହିନୀମନ୍ତ୍ରସମ୍ବଳିତ ବହି ଏ ସମୟରେ ଲେଖାଯାଇଥିଲା । ଏ ମନ୍ତ୍ର ପୋଥିଯାକରେ ପ୍ରେମ ବ୍ୟାପାରରେ ବ୍ୟବହୃତ ହେଉଥିବା ଜଡ଼ିବୁଟି, ଯାଦୁ, ଉଚ୍ଚାଟନ, ସମ୍ମୋହନ ମନ୍ତ୍ରଯନ୍ତ୍ର ଏପରିକି ନାରୀର ସୌନ୍ଦର୍ଯ୍ୟ ବଢ଼ାଇବା, ଅଙ୍ଗପ୍ରତ୍ୟଙ୍ଗର ବିକୃତି ଦୂର କରିବା ଏବଂ କାମ ଶକ୍ତି ଉଦ୍ଦୀପନ କରିବା ଉପାୟ ମଧ୍ୟ ରହିଛି ।

ଉଲ୍ଲେଖ କରାଯାଇଛି ଯେ ଏ କାଳରେ ଐତିହାସିକ ରଚନାବଳୀ ପ୍ରତି ନୂତନ ଏବଂ କ୍ରମବର୍ଦ୍ଧମାନ ଶ୍ରଦ୍ଧା ଦେଖାଦେଇଥିଲା । ଲୋକ କବିଗଣ ଅତୀତ ପ୍ରତି ଆଗ୍ରହ ଦେଖାଇଲେ । 'ବରଫୁକନର ଗୀତ' ହେଉଛି ଗୋଟିଏ ଐତିହାସିକ ଗାଥା କବିତା ଯହିଁରେ ଗୌହାଟୀର ଆହୋମ ରାଜପ୍ରତିନିଧି ବଦନଚନ୍ଦ୍ର ବରଫୁକନଙ୍କୁ କେନ୍ଦ୍ରକରି ଘଟଣାସବୁ ବର୍ଣ୍ଣନା କରାଯାଇଛି ଏବଂ କୁହାଯାଇଛି କେମିତି ସେ ବ୍ରହ୍ମଦେଶବାସୀଙ୍କୁ ନିମନ୍ତ୍ରଣ କରି ପ୍ରଧାନମନ୍ତ୍ରୀତ୍ୱରୁ ତାଙ୍କ ଶତ୍ରୁ ପୂର୍ଣ୍ଣାନନ୍ଦ ବୁରଗୋହିନଙ୍କୁ ତଡ଼ି ଦେଇଥିଲେ । ଏ ଗାଥା କବିତାରେ ଐତିହାସିକ ଘଟଣାବଳୀ ଜନଶ୍ରୁତିମତେ କୁହାଯାଇଛି ଏବଂ ଏହାର ବର୍ଣ୍ଣନା ପ୍ରକୃତ ତଥ୍ୟକୁ ଅନୁସରଣ କରିଛି । 'ବରଫୁକନର ଗୀତ' ନାଟକୀୟ ଉତ୍କଣ୍ଠା ବର୍ଣ୍ଣନାତ୍ମକ ଗୁଣ, ସ୍ପଷ୍ଟ ଚରିତ୍ର ଚିତ୍ରଣ ଏବଂ ତାଜା ହାସ୍ୟରସ ପାଇଁ ପ୍ରଖ୍ୟାତ । 'ବଖରବରର ଗୀତ୍' ଏବଂ 'ପଦୁମ କୁବରିର ଗୀତ୍' ହେଲା ଅନ୍ୟ ଦୁଇଟି ଲୋକପ୍ରିୟ ଗାଥାକବିତା ଯାହା ଏଇ ସମୟ ଭିତରେ ରଚିତ ।

ଏଇଠି ଆମେ ଆଉ କେତୋଟି ଲୋକପ୍ରିୟ କବିତାର ଉଲ୍ଲେଖ କରିପାରୁ । ସେ ଭିତରୁ କେତେକ ପୁରାଣ, ହିତୋପଦେଶ ଏବଂ ପଞ୍ଚତନ୍ତ୍ରରୁ ଗୃହୀତ । କବିମାନେ ପ୍ରେରଣାପାଇଁ

Digitized by srujanika@gmail.com

ପରୀଗଳ୍ପ ଏବଂ ଲୋକଗାଥା ଆଡ଼କୁ ଢ଼ଳିଲେ ଏବଂ ଏପରି ଉପକରଣ ପାଇଲେ ଯାହା ସେମାନଙ୍କୁ ପ୍ରେରଣା ଯୋଗାଇଲା ଏବଂ କଳ୍ପନା ଶକ୍ତିକୁ ଅବାଧ ଗତି ଦେଲା । ଦ୍ୱିଜ ଗୋସ୍ୱାମୀଙ୍କ 'କାବ୍ୟଶାସ୍ତ୍ର' ଏକ ପଦ୍ୟରେ ରଚିତ ଗ୍ରନ୍ଥ, ଯହିଁରେ ହିତୋପଦେଶର ଗଳ୍ପ ଓ ନୀତିଶିକ୍ଷାମାନ ପଦମେଳ ଥିବା ଦୁଇଧାଡ଼ିଆ କବିତାରେ ରଚିତ । ଆଉ ଏକ ପଦ୍ୟ 'ହିତୋପଦେଶ' ଆହୋମ ସେନାପତି ଉଦ୍ରସେନ ଗୋହାଇଁ ଫୁଁକନଙ୍କ ନିର୍ଦ୍ଦେଶରେ 'ପୁତଳା ଚରିତ'ର ରଚୟିତା ରାମ ମିଶ୍ରଙ୍କଦ୍ୱାରା ରଚିତ ହୋଇଥିଲା ।

କବିରାଜ ମିଶ୍ର ହେଲେ ଆଉଜଣେ ଗଳ୍ପ କଥକ ଯେ ପ୍ରାୟ ୧୬୧୬ ଖ୍ରୀ.ଅ.ରେ ଆବିର୍ଭୂତ ହୋଇଥିଲେ । ସେ ଜଣେ ଭାଟ । ଗ୍ରାମଆଡ଼େ ବୁଲି, ବୁଲି, 'ଶିଆଳ ଗୋସାଇଁ' କବିତା ଗାଉଥିଲେ ଏବଂ ଖାଦ୍ୟପାନୀୟ ଯୋଗାଡ଼ କରୁଥିଲେ ।

ଗଳ୍ପଟି ଶିଆଳ ଗୋସାଇଁ ବୋଲି ଏକ ଲୋକଗଳ୍ପର ନାୟକକୁ କେନ୍ଦ୍ର କରି । କୁନ୍ଦଲତା ନାମକ ସାବତମାଆର ଚକ୍ରାନ୍ତରେ ସେ ଜନ୍ମହେବା ପରେ କେତକୀ ବୁଦାରେ ତାକୁ ଫୋପାଡ଼ି ଦିଆଯାଇଥିଲା । ମାଆ ଚନ୍ଦୋତରାର ମୁହଁରେ ଅନ୍ଧପୁଟୁଳି ବାନ୍ଧି ଦିଆଯାଇ-ଥିଲା ପିଲା ଜନ୍ମ କରୁଥିଲାବେଳେ । ସଦ୍ୟ ପଲେ ପିଲା ଜନ୍ମକରିଥିବା ମାଈଶିଆଳ ଟିଏ ତାକୁ କ୍ଷୀରଦେଇ ନିଜ ପିଲାପଲଙ୍କ ସାଙ୍ଗରେ ପାଳିଲା । ପିଲାଟି ଶିଆଳ ଛୁଆଙ୍କ ସାଙ୍ଗରେ ବଢ଼ିଲା ଏବଂ ରାତିରେ ସେମାନଙ୍କ ପରି ଭୁକି ଶିଖିଲା । ମଣିଷ ଆସିଲେ ସେମାନଙ୍କ ପରି ଗାତ ଭିତରକୁ ପଶିଯିବାର ଶିଖିଲା । ତୀର୍ଥ ଯାତ୍ରାରୁ ଫେରିଲାରୁ, ବାପା ଧର୍ମଦେବ, ଯେ ବାରଜଣ ପ୍ରଖ୍ୟାତ ଭୂୟାମାନଙ୍କ ବଂଶଧର ବୋଲାନ୍ତି, ନିଜ ସ୍ତ୍ରୀ କୁନ୍ଦଲତା ପାଖରୁ ଜାଣିଲେ ଯେ ଚନ୍ଦୋତରା ପିଲାଟିଏ କିଛି ଜନ୍ମ କରିନାହିଁ ଏବଂ ଧାଇ କୁନ୍ଦଲତାଙ୍କଠାରୁ ଉତ୍କୋଚ୍ ନେଇ ମିଛ କଥାକୁ ସତବୋଲି କହିଲା ଏବଂ ବାପା ତାହା ବିଶ୍ୱାସ କଲେ ମଧ୍ୟ । ମାତ୍ର ଦିନେ ଗାଧୁଆ ତୁଠକୁ ଯାଉ ଯାଉ ସେ ଦେଖିଲେ, ତାଙ୍କୁ ଦେଖି ପିଲାଟିଏ ଶିଆଳଗାତରେ ପଶିଯାଉଛି । ଏ କଥା ତାଙ୍କୁ ବିଚିତ୍ର ଲାଗିଲା ଏବଂ କେଉଁଠି ହୁଏତ କିଏ ଅପକର୍ମ କରିଛି ଭାବି ସେ ଫେରି ଆସି ଧାଇକୁ ଜେରା ଜମାନବନ୍ଦୀ କଲେ ଏବଂ ସତକଥାଟି ଆଦାୟକଲେ ଯେ ଚନ୍ଦୋତରା ଗୋଟିଏ ପୁଅ ଜନ୍ମ କରିଛି । ପରଦିନ ସେ ଶିଆଳଗାତ ତନ୍ତାକରାଇ ଶିଆଳ ମାଆ ଓ ତାର ଛୁଆମାନଙ୍କୁ ବାହାରକଲେ ଏବଂ ତାଙ୍କ ଘରକୁ ନେଇଗଲେ । ପିଲାଟି ବଢ଼ିଲାରୁ ଶିଆଳ ଗୋସାଇଁ ନାଆଁ ପାଇଲା ।

ପୁନଶ୍ଚ ରାଜସଭାର ପଣ୍ଡିତମାନଙ୍କଦ୍ୱାରା ପ୍ରେମ କାହାଣୀ ସବୁ ପୁରାଣ ଏବଂ ଲୋକକଥାରୁ ସଂଗ୍ରହ କରି ରଚିତ ହେଲା । ଉଭୟ ରାଜା ରୁଦ୍ର ସିଂହ ଏବଂ ରାଜା ଶିବ ସିଂହଙ୍କ ପରିଷଦର କବିରାଜ ଚକ୍ରବର୍ତ୍ତୀ ତାଙ୍କର 'ଶକୁନ୍ତଳା କାବ୍ୟ'ରେ ଜଣାଶୁଣା ଶକୁନ୍ତଳା ଉପାଖ୍ୟାନ ଲେଖିଛନ୍ତି ଏବଂ ରୋମାଣ୍ଟିକ୍ ଆବେଦନ ବଢ଼ାଇବାପାଇଁ ସେଥିରେ ଚନ୍ଦ୍ରକେତୁ ଓ କାମକଳାର ପ୍ରେମକାହାଣୀ ଯୋଡ଼ିଛନ୍ତି । ଏ କାହାଣୀରେ ରାଜା ଚନ୍ଦ୍ରକେତୁ ସ୍ୱପ୍ନରେ

Digitized by srujanika@gmail.com

ଭଦ୍ରାବତୀର ରାଜାଙ୍କ ସୁନ୍ଦରୀକନ୍ୟା କାମକଳାକୁ ସ୍ୱପ୍ନରେ ଦେଖିଲେ ଏବଂ ହଠାତ୍ ପ୍ରେମରେ ପଡ଼ିଗଲେ । ରାଜା ଏକ ଶୁଆକୁ ମଧ୍ୟସ୍ଥ ରୂପେ ଲଗାଇଲେ ଏବଂ ତାରି ସହାୟତାରେ କାମକଳାକୁ ବାହାହେବାରେ ସଫଳ ହେଲେ । କିନ୍ତୁ ବେଶିଦିନ ଦୁହେଁ ବୈବାହିକ ଜୀବନଯାପନ କରିପାରିଲେ ନାହିଁ । ଦିନେ ଉଭୟ ରାଜା ଓ ରାଣୀ ଅରଣ୍ୟକୁ ଯାଇଥିଲେ ଏବଂ ସେଇଠି ଦୁହେଁ ପରସ୍ପରଠାରୁ ଅଲଗା ହେଲେ, ଯେତେବେଳେ ରାଜା ଗୋଟିଏ ହରିଣୀର ପଶ୍ଚାଦ୍ଧାବନ କଲେ । ଦୁଃଖ ଓ ଅନୁତାପରେ କାମକଳା ନିଆଁରେ ଝାସଦେଇ ନିଜ ଜୀବନ ନାଶ କରିବାକୁ ଗ୍ରହିଁଲେ । ଶୂନ୍ୟରୁ ଏକ ବାଣୀ ଯୋଗୁଁ ଏ ବିୟୋଗାନ୍ତକ ଘଟଣା ସଂଘଟିତ ହେଲା ନାହିଁ । ସେଇ ବାଣୀ କହିଲା, ବର୍ଷେ ପରେ ସେ ଦୁହିଁଙ୍କ ପୁନର୍ମିଳନ ହେବ । ଏ ଘଟଣାରୁ କବି ବାରମାସର ଋତୁ ଚିତ୍ର ଦେବାର ସୁଯୋଗ ପାଇଗଲେ । ପ୍ରେମ କାଙ୍ଗାଳିନୀ ନାୟିକା କାମକଳା ମୁହଁରୁ ଏ ବର୍ଣ୍ଣନା ସମୁଚିତ ଭାବରେ ବାହାରିଛି । ବାରମାସପରେ ବସନ୍ତ ଋତୁ ର ଆଗମନରେ ପ୍ରେମିକ ଯୁଗଳର ପୁନର୍ମିଳନ ହୋଇଛି । କବିରାଜ ଚକ୍ରବର୍ତ୍ତୀ ତାଙ୍କର 'ତୁଳସୀ ଚରିତ' ବା 'ଶଙ୍ଖାସୁର ବଧ'ରେ ବ୍ରହ୍ମବୈବର୍ତ୍ତ ପୁରାଣରୁ ଗୃହୀତ ଏହି ଆଖ୍ୟାନରେ ପ୍ରେମ ବିଷୟ ବହୁତ ବେଶି ଆଲୋଚନା କରିଛନ୍ତି । ଶଙ୍ଖାସୁରର ତୁଳସୀ ବିବାହ ଏବଂ ନାରାୟଣ ଦ୍ୱାରା ତୁଳସୀର ଧର୍ଷଣ ଏଥିରେ ବର୍ଣ୍ଣିତ । ଦୀନ ଦ୍ୱିଜରାଜ 'ମାଧବ -- ସୁଲୋଚନା' ନାମକ ସୁରୁଚିପୂର୍ଣ୍ଣ ପ୍ରେମକବିତାଟି ପଦ୍ମପୁରାଣର 'କ୍ରିୟାଯୋଗସାର' ଅଧ୍ୟାୟରୁ ସେଇ ନାମର ଗଳ୍ପକୁ ନେଇ ଲେଖିଥିଲେ । ରୋମାଣ୍ଟିକ୍ ବର୍ଣ୍ଣନାଚାତୁରୀ ଏବଂ ପ୍ରେମସୁଲଭ ଭାଷା ମାଧ୍ୟମରେ କବି ସଂଗୃହୀତ ରଚନାଟିରେ ମୂଳଲେଖାର ଭକ୍ତିମୂଳକ ଭାବସବୁକୁ ଗ୍ରୀକ୍ ପ୍ରେମକବିଙ୍କ ରୀତିରେ ଓ ପାର୍ଥିବ ପ୍ରେମରେ ପରିଣତ କରିଦେଇଛନ୍ତି ।

କେତେଜଣ କବି ନୂଆ ସାହିତ୍ୟ କ୍ଷେତ୍ରରେ ନୂଆ ପ୍ରେମ କଥା ଖୋଜି ବସିଲେ । ନୂଆ ଧରଣର ଏଇ ପ୍ରେମ ରୋମାନ୍ସଟିଏ ହେଲା ରାମ ଦ୍ୱିଜଙ୍କ 'ମୃଗାବତୀ ଚରିତ୍ର' । ଏହି ରଚନାଟି ହେଲା ୧୫୦୦ ଖ୍ରୀ. ଅ.ରେ କୁଟବନ୍ ଲିଖିତ ସେଇ ନାମର ସୁଫି ରଚନା ତୁଲ୍ୟ । ଜଣାଯାଏ ଯେ କବି ଜୟସ୍‌ଙ୍କ 'ପଦ୍ମାବତୀ' ଏବଂ ଜୈନକବି ମଲଧରିନ ଦେବପ୍ରଭାଙ୍କ 'ମୃଗାବତୀ ଚରିତ୍ର', ଯାହା ଲୋକପ୍ରିୟ ଉଦୟନ ଲୋକକାହାଣୀ ଉପରେ ଆଧାରିତ କରିଛନ୍ତି । ଅସମୀୟା 'ମୃଗାବତୀ ଚରିତ୍ର'ର ଘଟଣା ସଂକ୍ଷେପରେ ଏହିପରି -- କୁନ୍ଦିଲନଗରର ଯୁବରାଜ ଗ୍ରରିଜଣ ଜଳପରୀ ଗୋଟିଏ ହ୍ରଦରେ ସ୍ନାନକରୁଥିବା ଦେଖି ସେମାନଙ୍କ ମଧ୍ୟରୁ କନିଷ୍ଠର ପ୍ରେମରେ ପଡ଼ିଗଲେ । ପରୀମାନେ ଉଡ଼ିଗଲେ ଏବଂ କାମାତୁର ଯୁବକ ପ୍ରେୟସୀକୁ ଝୁରିଝୁରି ଦିନ କଟାଇଲେ । ଭାଗ୍ୟକୁ ସେମାନେ ଆଉଥରେ ଯେତେବେଳେ ସ୍ନାନ କରିବାକୁ ଆସିଲେ, ରାଜପୁତ୍ର କନିଷ୍ଠ ପରୀଟିକୁ ଧରିବାରେ ସଫଳ ହେଲେ ଏବଂ କିଛିଦିନପାଇଁ ତା ସହିତ ସୁଖରେ ରହିଲେ । ଦିନେ ରାଜପୁତ୍ର ନଥିଲା ବେଳେ ପରୀଟି କୌଣସିପ୍ରକାରେ ଖସିଗଲା । କିନ୍ତୁ ସେ ଗଲାବେଳେ ତା ସହରଟିର ନାଆଁଟି ମାଉସୀକି ଦେଇ ଯାଇଥିଲା ।

Digitized by srujanika@gmail.com

ରାଜପୁତ୍ର ଫେରି ଯେତେବେଳେ ଜାଣିଲେ ଯେ ପରୀଟି ଗ୍ଭଲିଯାଇଛି, ସେ ମର୍ମନ୍ତୁଦ ଯନ୍ତ୍ରଣା ଭୋଗକଲେ ଏବଂ ସଙ୍ଗେ ସଙ୍ଗେ ତାକୁ ଖୋଜିବାକୁ ବାହାରିପଡ଼ିଲେ । ଭ୍ରମଣ କାଳରେ ସେ ଅନେକ ବିପଦଜନକ ପରିସ୍ଥିତିରେ ପଡ଼ିଲେ ଏବଂ ବହୁ ଅଦ୍ଭୁତ କ୍ରିୟାକାଣ୍ଡ ଘଟାଇଲେ ଏବଂ ଶେଷରେ ରୁକେମ ସହରରେ ପହଞ୍ଚିଲେ, ଯେଉଁଠି ପରୀଟି ତା ସାଙ୍ଗପରୀମାନଙ୍କ ସହିତ ରହୁଥିଲା । ଏହି ସାଙ୍ଗମାନେ ଯାକଯମକରେ ସାଙ୍ଗପରୀଟିର ବିବାହ ରାଜପୁତ୍ର ସହିତ ସମ୍ପନ୍ନ କଲେ । ଏଇଠି କବି ସୁଯୋଗ ପାଇଗଲେ, ଦୁହିଁଙ୍କ ପ୍ରେମ ଲୀଳାଖେଳାର ମହାନନ୍ଦରେ ବିଶଦ୍ ବର୍ଣ୍ଣନା ଦେବାକୁ । ମଧ୍ୟଯୁଗୀୟ ଆଉ ଏକ ସୁଫି କବିତା ହେଲା, ମନଝାନ୍‌ଙ୍କ ମୃଗାବତୀ ରୀତିରେ, ଲିଖିତ 'ମଧୁମାଳତୀ' । ଏହାକୁ ଆଧାରିତ କରି ଆଉଜଣେ ଅଜ୍ଞାତ କବି ସେଇ ନାମରେ ଏକ ଅସମୀୟା କାବ୍ୟ ଲେଖିଥିଲେ । ଲକ୍ଷ୍ୟ କରିବାକଥା, ଏହି ଯୋଡ଼ିକଯାକ ଅସମୀୟା କାବ୍ୟରେ ମୂଳ ସୁଫି ଆଦର୍ଶ ପୁରାପୁରି ଅନ୍ତର୍ହିତ ହୋଇଛି । ସୁଫି କବିମାନଙ୍କର ଉଦ୍ଦେଶ୍ୟ, ହେଲା ଆତ୍ମାର ପ୍ରେମ ଓ ଅଭିଳାଷ ଭଗବାନଙ୍କ ପାଇଁ ଏବଂ ଶେଷରେ ତାଙ୍କ ସହିତ ମିଳନପାଇଁ । ସୁଫି କବିଙ୍କ ପକ୍ଷରେ ମାନୁଷୀ ପ୍ରେମ କେବଳ ଏକ ତୁଳନା, ଉପମା । ଅସମୀୟ କବିମାନେ କିନ୍ତୁ ପ୍ରେମିକମାନଙ୍କୁ ପ୍ରେମିକାଙ୍କପାଇଁ ଦୁଃଖ କଷ୍ଟ ଭୋଗିବାପାଇଁ ବାଧ୍ୟ କରିଥିଲେ । ସେମାନେ ପାର୍ଥିବ ଏବଂ ମାନୁଷୀ ପ୍ରେମ ଉପରେ ଜୋର୍ ଦେଇଥିଲେ ଏବଂ ପ୍ରେମକୁ ଦୁହିଁଙ୍କ ମିଳନ ଓ ବିରହ ଆକାରରେ ଚିତ୍ରିତ କରିଥିଲେ । ସ୍ୱଭାବତଃ ଅସମୀୟା କାବ୍ୟରେ କାମ ପ୍ରବୃତ୍ତି ପ୍ରାଧାନ୍ୟ ଲାଭ କରିଥିଲା ଏବଂ ସେଥିରେ ପରିଚ୍ଛେଦମାନ ଭରପୁର ହୋଇ ରହିଥିଲା, ଯହିଁରେ କେବଳ ନାରୀର ସୌନ୍ଦର୍ଯ୍ୟର ଯାଦୁକରୀ ଶକ୍ତି ଏବଂ ତା ସହିତ ଖେଳାଲୀଳା ଖୋଲାଖୋଲି ଭାବରେ ଚିତ୍ରିତ ହୋଇଥିଲା ।

ଅନେକ ଅନଧର୍ମୀୟ ସଂସ୍କୃତ ଗ୍ରନ୍ଥ ମଧ୍ୟ ରାଜାମାନଙ୍କ ପୃଷ୍ଠପୋଷକତାରେ ଅସମୀୟା ଗଦ୍ୟରେ ଅନୂଦିତ ହୋଇଥିଲା । ସେ ସବୁ ଭେଷଜ, ନକ୍ଷତ୍ର ବିଦ୍ୟା, ଗଣିତ, ନୃତ୍ୟକଳା, ସ୍ଥପତି ବିଷୟସଂକ୍ରାନ୍ତ । ଏଇ ଗ୍ରନ୍ଥମାନଙ୍କରେ ଅସମୀୟା ଗଦ୍ୟ ପ୍ରଥମକରି ବ୍ୟାବହାରିକ ଜ୍ଞାନପାଇଁ ବ୍ୟବହୃତ ହୋଇଥିଲା । ସେଥିମଧ୍ୟରୁ ଅଧିକାଂଶ ସଂସ୍କୃତ ପଣ୍ଡିତମାନେ ଲେଖିଥିଲେ । ସ୍ୱଭାବତଃ ସଂସ୍କୃତର ଛାପ ତା ଉପରେ ରହିଥିଲା । କାରଣ ସେତେବେଳକୁ ଅନେକ ତଦ୍‌ଭବ ଏବଂ ଦେଶଜ ଶବ୍ଦମାନ ସଠିକ ଓ ବ୍ୟବହାରସିଦ୍ଧ ରୂପନେଇ ତିଆରି ହୋଇ ନ ଥିଲା । ସଂସ୍କୃତ ଗ୍ରନ୍ଥରପାଠ ଓ ଅଧ୍ୟୟନ ଜ୍ଞାନପରିସର ବୃଦ୍ଧିପାଇଁ ଅପରିହାର୍ଯ୍ୟ ଥିଲା କିନ୍ତୁ ଅସମୀୟା ଗଦ୍ୟ ସାହିତ୍ୟପାଇଁ ଶବ୍ଦରାଶିର ବେଶୀ ଆବଶ୍ୟକତା ଥିଲା । ଏଇଠି ଏହା ମଧ୍ୟ କହିବାକୁ ହେବ ଯେ ତତ୍‌ସମ ଶବ୍ଦରାଶି ଆନୟନ କଲେ ମଧ୍ୟ ଅସମୀୟା ଲେଖକଗଣ ସିଧାସଳଖ ଶୈଳୀ ବ୍ୟବହାର କଲେ, ଯାହାକି ବୈଜ୍ଞାନିକ ଭାବପ୍ରକାଶପାଇଁ ଉପଯୁକ୍ତ ହେଲା । ସେହି ଏକ କାରଣପାଇଁ ଏହି ଗ୍ରନ୍ଥସବୁ ମୋଟାମୋଟି ଭାବରେ କହିବାକୁ ଗଲେ ବୋଧଗମ୍ୟ ଓ ସୁସ୍ପଷ୍ଟ ।

Digitized by srujanika@gmail.com

ସାହିତ୍ୟ ଏବଂ ଟେକ୍‌ନିକାଲ୍ ଦଲିଲ୍ ଭାବରେ ସେମାନଙ୍କର ମୂଲ୍ୟ ଛାଡ଼ି ମଧ୍ୟ ଆହୋମ ଯୁଗରେ ବୈଜ୍ଞାନିକ ଗଦ୍ୟର ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଆକାରରେ ସେମାନଙ୍କୁ ଗ୍ରହଣ କରାଯିବ । ସେମାନଙ୍କ ମଧ୍ୟରୁ ସୁକୁମାର ବରକାଥଙ୍କ "ହସ୍ତୀବିଦ୍ୟାର୍ଣ୍ଣବ" ମୁଖ୍ୟ । ଏହି ଛବିଳ ପୁସ୍ତକଟି ୧୭୩୪ ସାଲରେ ରାଜା ଶିବ ସିଂହ ଏବଂ ତଦୀୟ ପାତ୍ନୀ ରାଣୀ ଅମ୍ବିକାଦେବୀଙ୍କ ଆଜ୍ଞାନୁସାରେ ଲିଖିତ । ଛବି ସବୁ ଅଙ୍କା ହୋଇଥିଲା ଦିଲବର ଏବଂ ଦୋସାଇ ନାମକ ଯୁଗଳ ରଙ୍ଗଶିଳ୍ପୀଙ୍କ ଦ୍ୱାରା । ଏ ପୁସ୍ତକରେ ରହିଛି ବିଭିନ୍ନ ପ୍ରକାର ହସ୍ତୀର ବର୍ଣ୍ଣନା, ସେମାନଙ୍କର ଶିକ୍ଷାପଦ୍ଧତି, ସେମାନଙ୍କ ରୋଗ ଓ ସେ ସବୁର ଆରୋଗ୍ୟ ନିଦାନ । ସମାଜର କେଉଁ ଶ୍ରେଣୀର ଲୋକେ କେଉଁ ପ୍ରକାରର ହସ୍ତୀ ବ୍ୟବହାର କରିବେ ତାହା ମଧ୍ୟ ସେଥିରେ ଉଲ୍ଲେଖ କରାଯାଇଛି । ଶମ୍ଭୁନାଥଙ୍କ 'ଗଜେନ୍ଦ୍ର ଚିନ୍ତାମଣି' ଗ୍ରନ୍ଥରୁ ବିଷୟମାନ ସଂଗୃହୀତ ହୋଇଛି ବୋଲି ପୁସ୍ତକଟିରେ କୁହାଯାଇଛି । 'ହସ୍ତୀ ବିଦ୍ୟାର୍ଣ୍ଣବ'ର ଗଦ୍ୟ ପଞ୍ଜିକାର ଗଦ୍ୟଠାରୁ ବିଶେଷ ପୃଥକ୍ ନୁହେଁ । ବାକ୍ୟଗଠନ ଓ ଶବ୍ଦରାଶି ଉଭୟତଃ ଏକାପରି । ବନାନ ଏବଂ ବାକ୍ୟବିନ୍ୟାସ ଦୈନନ୍ଦିନ କଥିତ ଭାଷା ଅନୁରୂପ ।

ସେଇ ଶ୍ରେଣୀର ଆଉଏକ ଗ୍ରନ୍ଥ ହେଲା 'ଘୋଡ଼ା ନିଦାନ' ବା ଘୋଡ଼ାଚିକିତ୍ସା । ଆସାମ ସରକାର ଏ ମୂଲ୍ୟବାନ ପୁସ୍ତକଟି ଛାପିଛନ୍ତି । ଏ ବହିଟି ତାରିଣୀ ଚରଣ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ (୧୯୩୨) । 'ଘୋଡ଼ା ନିଦାନ'ର ମୁଖବନ୍ଧରେ ଡକ୍ଟର ଏସ୍. କେ. ଭୂୟାଁ ଲେଖିଛନ୍ତି, "ଏ ଦୁଇଟି ପ୍ରତିନିଧିମୂଳକ ନିଦାନ (ହସ୍ତୀବିଦ୍ୟାର୍ଣ୍ଣବ ଓ ଘୋଡ଼ା ନିଦାନ)ରେ ଅସମୀୟା ଭେଷଜର ପ୍ରାଚୁର୍ଯ୍ୟ ଓ ପ୍ରକାର ତଥା ସାହିତ୍ୟିକ ମୂଲ୍ୟ ରହିଛି ଅଧୁନା ଅବ୍ୟବହୃତ ଗୁଡ଼ାଏ ଶବ୍ଦର ପ୍ରୟୋଗରେ ।" ଏଥି ସହିତ ଭେଷଜ ବିଜ୍ଞାନ, ଜ୍ୟୋତିଷବିଜ୍ଞାନ ଏବଂ ଭବିଷ୍ୟତ ଗଣନା ସମ୍ପର୍କରେ ପୋଥିପତ୍ର ଉଭୟ ସଂସ୍କୃତ ଓ ଅସମୀୟାରେ ଲିଖିତ ହୋଇଥିଲା । ଔଷଧ ସଂକ୍ରାନ୍ତ ପୋଥିମାନଙ୍କରେ ଗ୍ରହ ନକ୍ଷତ୍ର ସମ୍ପର୍କରେ ମଧ୍ୟ ଅଧ୍ୟାୟ ଥିଲା । କାରଣ ସେଥିରେ ରୋଗର ଲକ୍ଷଣ ଓ ପ୍ରକୃତି, ଗ୍ରହ, ନକ୍ଷତ୍ର ସହିତ ଜଡ଼ିତ ବୋଲି ବିବେଚନା କରାଯାଉଥିଲା ଏବଂ ଆରୋଗ୍ୟ ପାଇଁ ମନ୍ତ୍ରଯନ୍ତ୍ର, ଗୁଣିଗାରିଡ଼ିର ମଧ୍ୟ ଆବଶ୍ୟକତା ଥିଲା । ରୋଗର ଚିକିତ୍ସା ଓ ଆରୋଗ୍ୟ ପାଇଁ ଇନ୍ଦ୍ରିୟାତୀତ କ୍ରିୟାକଳାପ ମଧ୍ୟ ଗ୍ରହଣ କରାଯାଉଥଲା । ମନ୍ତ୍ରଯନ୍ତ୍ର ବଳରେ ଡାହାଣୀ, ଦେବତା, ଭୂତପ୍ରେତ, କବଳରୁ ରକ୍ଷା ମିଳୁଥିଲା । ସେଇ ମନ୍ତ୍ର ବଳରେ ସର୍ପଦଂଶନରୁ ମଣିଷ ବଞ୍ଚେ, ଦୁଃସ୍ୱପ୍ନରୁ ରକ୍ଷାପାଏ, ମୁକ୍ତି ଏଡ଼ାଇପାରେ, କ୍ଷେତରୁ କୁ ଦୃଷ୍ଟି ନିବାରଣ କରେ, ଘରର ମଙ୍ଗଳପାଇଁ, ଭଲ ଫସଲ ପାଇବା ପାଇଁ, ଏମିତି ଶହଶହ ଉଦ୍ଦେଶ୍ୟରେ ଗୁଣିଗାରିଡ଼ି ବ୍ୟବହାର କରିହୁଏ ।

ଆହୋମ ପଞ୍ଜିକା ଏବଂ ମୁସଲମାନ ଐତିହାସିକମାନଙ୍କ ରିପୋର୍ଟରୁ ମଧ୍ୟ ଗୁଣିଗାରିଡ଼ି ମନ୍ତ୍ରଯନ୍ତ୍ରର ପ୍ରୟୋଗର ପ୍ରମାଣ ମିଳେ । ଶତ୍ରୁପକ୍ଷକୁ ଡାହାଣୀ ଲଗାଇ ବଶୀଭୂତ କରାଯାଉଥିଲା । ଅତ୍ୟାଗ୍ରହୀ କର୍ମଗ୍ରହୀମାନଙ୍କର ମନ୍ତ୍ରବଳରେ ଜୀବନନାଶ କରିବାର

Digitized by srujanika@gmail.com

ଚେଷ୍ଟା କରାଯାଉଥିଲା । ସରକାରକୁ ରାଜଦ୍ରୋହମୂଳକ କାର୍ଯ୍ୟରେ ଗାଦିଚ୍ୟୁତ କରିବାପାଇଁ ଚେଷ୍ଟା କରୁଥିବା ଅପରାଧରେ ଅଦାଲତରେ ବିଗ୍ରହର ସମ୍ମୁଖୀନ ହୋଇଥିବା ବେଳେ ଜଣେ ସାକ୍ଷୀ ଯେଉଁ ସାକ୍ଷ୍ୟ ଦେଇଥିଲେ ତାହା ଜନୈକ ଆହୋମ ବୁରଞ୍ଜି ଏହିମତେ ଲିପିବଦ୍ଧ କରିଛନ୍ତି -- ''ଲୋକେ କହିବାର ମୁଁ ଶୁଣିଛି, ଜଣେ ବଗର ଗୋଟାଏ ପୁରୁଣା ପୁଥି ଅଛି ଯାହା ସାହାଯ୍ୟରେ ରାଜା, ପ୍ରଜା ସମସ୍ତଙ୍କୁ ବାଗକୁ ଆଣି ଜବଦ୍ କରାଯାଇ ପାରିବ ।'' ଏଇ ମନ୍ତ୍ର ସମ୍ପର୍କରେ ଗୁଡ଼ାଏ ଲେଖାଯାଇଛି ଉଭୟ ପଦ୍ୟରେ ଓ ଗଦ୍ୟରେ । ଏହି ମନ୍ତ୍ର ସମ୍ପର୍କରେ ରଚିତ ଗ୍ରନ୍ଥମାନଙ୍କର ଆକାର ଓ ପ୍ରକାର କେତେ ତାହା କଳନା କରିହେବ ସେମାନଙ୍କ ଭିତରୁ କେତୋଟିର ନାମ ଉପରେ ଆଖି ପକାଇଲେ । ଏହି ମନ୍ତ୍ର ପୋଥି ମଧ୍ୟରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ବହିର ନାମ ହେଲା 'ସାପର ଧରଣୀ ମନ୍ତ୍ର', 'କରତିମନ୍ତ୍ର', 'ସର୍ବାଧିକ ମନ୍ତ୍ର', 'କାମରତ୍ନ ମନ୍ତ୍ର', 'ଭୂତର ମନ୍ତ୍ର', କ୍ଷେତ୍ର ମନ୍ତ୍ର'' । ଏ ତାଲିକା ସହଜରେ ବୃଦ୍ଧି କରିହେବ । ଏହା ସତ ଯେ, ଏ ସବୁ ମନ୍ତ୍ରପୁଥିର ସାହିତ୍ୟିକ ମୂଲ୍ୟ ନାହିଁ କିନ୍ତୁ ଲୋକମାନଙ୍କ ବିଶ୍ୱାସ ଓ ଅନ୍ଧବିଶ୍ୱାସ ସମ୍ବନ୍ଧରେ ସେ ସବୁ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ । ବ୍ୟବହାର୍ଯ୍ୟ ଜ୍ଞାନ ଆହରଣ ପାଇଁ ଶୁଭଙ୍କରଙ୍କ 'ଶ୍ରୀହସ୍ତ ମୁକ୍ତାବଳି' ପୁଥିକୁ ବିଗ୍ରହକୁ ନିଆଯାଇପାରେ । ମୂଳ ସଂସ୍କୃତ ଗ୍ରନ୍ଥରେ ମଣିଷ ଶରୀର ଚଳପ୍ରଚଳ ବିଷୟରେ, ଏବଂ କାମ କରୁଥିଲାବେଳେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟକଳାପ ପୁଙ୍ଖାନୁପୁଙ୍ଖ ଭାବରେ ଦିଆଯାଇଛି । ଏସବୁ ଗ୍ରନ୍ଥ ପ୍ରାଞ୍ଜଳ ଭାବରେ ଅସମୀୟାରେ ସଠିକ ଅନୁଦିତ ହୋଇଛି । ଅନୁବାଦକ ଯଥାସମ୍ଭବ ସଂସ୍କୃତ ଶବ୍ଦମାନଙ୍କର ଅସମୀୟା ପ୍ରତିଶବ୍ଦ ଦେବାର ଚେଷ୍ଟା କରିଛନ୍ତି । କବିରାଜ ଚକ୍ରବର୍ତ୍ତୀଙ୍କ 'ଭାସ୍ୱତୀ' ହେଲା ଜ୍ୟୋତିଷବିଜ୍ଞାନ ସମ୍ପର୍କିତ ଗ୍ରନ୍ଥ । ସେ ଯଦି ସେହିବ୍ୟକ୍ତି ଯେ 'ଶଙ୍ଖାସୁର ବଧ', 'ଶକୁନ୍ତଳା କାବ୍ୟ' ପଦ୍ୟରେ 'ବ୍ରହ୍ମବୈବର୍ତ୍ତ, ପୁରାଣ ଏବଂ 'ଗୀତ ଗୋବିନ୍ଦର'ର ଅନୁବାଦ କରିଛନ୍ତି ତେବେ ସେ ରାଜା ଶିବ ସିଂହ (୧୭୧୪-୪୪)ଙ୍କ ସମସାମୟିକ ହେବେ । 'ଭାସ୍ୱତୀ' ସଂସ୍କୃତ 'ସୂର୍ଯ୍ୟ ସିଦ୍ଧାନ୍ତ'ର ସାରସଂଗ୍ରହ । ଗଣିତଶାସ୍ତ୍ର ସମ୍ପର୍କରେ କହିଲେ କାଶୀନାଥଙ୍କ 'ଅଙ୍କର ଆର୍ଯ୍ୟା'ର ନାମ ଉଲ୍ଲେଖ କରିବାକୁ ପଡ଼ିବ । ଏ ପୁସ୍ତକରେ ଗଣିତ ବିଷୟରେ ଲେଖାଯିବା ସଙ୍ଗେ ସଙ୍ଗେ ଜମି ମାପ ଓ ଅଙ୍କର ବର୍ଗମୂଳ ବାହାର କରିବା ଉପାୟ ଦିଆଯାଇଛି । ସ୍ଥାନେ ସ୍ଥାନେ ଏ ବହିର ସଂସ୍କୃତ ଶ୍ଳୋକମାନ ମଧ୍ୟ ଦିଆଯାଇଛି । ସ୍ଥପତି ବିଦ୍ୟା, ରାସ୍ତା ନିର୍ମାଣ ଏବଂ ସେହି ଶ୍ରେଣୀର ଗ୍ରନ୍ଥମାନ ମଧ୍ୟ ରହିଛି ।

ଭଟ୍ଟଦେବ ଓ 'ହସ୍ତୀବିଦ୍ୟାର୍ଣ୍ଣବ' ରଚନାକାଳ ମଧ୍ୟରେ ଯେତେ ଗଦ୍ୟ ପୁସ୍ତକ ରଚିତ ହୋଇଥିଲା ତାର ସଂଖ୍ୟାରୁ ସହଜରେ ଜାଣିହେବ, ବିଭିନ୍ନ ଦିଗରେ ଅସମୀୟା ଗଦ୍ୟସାହିତ୍ୟର କେତେ ଶ୍ରୀବୃଦ୍ଧି ସାଧିତ ହୋଇଥିଲା । ସଂସ୍କୃତର ପ୍ରଭାବ ଅବଶ୍ୟ ଥିଲା, ବିଶେଷତଃ ଦାର୍ଶନିକ ଏବଂ ଧର୍ମ ସମ୍ବନ୍ଧୀ ଗ୍ରନ୍ଥମାନଙ୍କରେ । କାରଣ ସେସବୁର ଅନୁବାଦ ସଂସ୍କୃତ ପଣ୍ଡିତମାନଙ୍କଦ୍ୱାରା ହୋଇଥିଲା । ଅସମୀୟା ଭାଷା ସେ ପର୍ଯ୍ୟନ୍ତ ଯଥେଷ୍ଟ ତଦ୍ଭବ

Digitized by srujanika@gmail.com

ତଦ୍‌ଦେଶୀୟ ଶବ୍ଦ ବାହାର କରିପାରି ନ ଥିଲା । ସେ ସବୁର ବ୍ୟବହାରରେ ସମତା ବା ସମନ୍ୱୟ ମଧ୍ୟ ଆସିନଥିଲା । ସଂସ୍କୃତ ଛଡ଼ା ଅନ୍ୟ କେଉଁଥିରେ ବ୍ୟାକରଣ ଏବଂ ଶୈଳୀ କ୍ଷେତ୍ରରେ ଦିଗ୍‌ଦର୍ଶନ ମିଳୁନଥିଲା । ତେଣୁ ନୂତନକରି ଜନ୍ମଲାଭ କରିଥିବା ଅସମୀୟା ଭାଷା ପକ୍ଷରେ ସଂସ୍କୃତର ଅନୁକରଣ କରିବା କେବଳ ଯେ ଆବଶ୍ୟକ ଥିଲା ତାହା ନୁହେଁ, ଅପରିହାର୍ଯ୍ୟ ମଧ୍ୟ ଥିଲା । ସଂସ୍କୃତ ଶାସ୍ତ୍ର ଏବଂ ଟୀକାର ଆଦର୍ଶ ବଜାୟ ରଖି ଅସମୀୟା ଗଦ୍ୟ ସାହିତ୍ୟ ଫମ୍ପା ଆବାଜ ଓ ସନ୍ଧିଯୁକ୍ତ ବଡ଼ବଡ଼ ଶବ୍ଦକୁ ପରିତ୍ୟାଗ କରି ନିର୍ମଳତା ଲାଭ କରିଥିଲା । ଉଦ୍ଦେଶ୍ୟ ହେଲା, ସାଧାରଣ ମଣିଷଙ୍କ ଭିତରେ ଦରକାରୀ ଜ୍ଞାନର ପ୍ରସାର । ସେଥିପାଇଁ ଉଜ୍ଜ୍ୱଳତା ଓ ସରଳତାର ଆବଶ୍ୟକତା । ଏସବୁ ବହିରେ ତେଣୁ ଭାବସବୁ ପ୍ରକାଶିତ ହୋଇଛି ସଠିକ, ଯୁକ୍ତିସମ୍ମତ ଭାବରେ ଏବଂ ଆବଶ୍ୟକସ୍ଥଳେ ସ୍ୱଳ୍ପ ପରିସରରେ । ସାହିତ୍ୟ କ୍ଷେତ୍ରରେ ସେସବୁ ମୂଲ୍ୟ ବିଗ୍ଚର ନ କରି ଏ ପୁସ୍ତକମାନଙ୍କରେ ମଧ୍ୟଯୁଗୀୟ ଅସମୀୟା ସାହିତ୍ୟର ବୌଦ୍ଧିକ କାର୍ଯ୍ୟକଳାପରେ ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରିତ କରିବା ଉଚିତ ହେବ ।

ଉଲ୍ଲେଖ କରାଯାଇଛି ଯେ ଆହୋମ ଅମଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସମୀୟା ସାହିତ୍ୟର ଉନ୍ନତି ପରିଲକ୍ଷିତ ହୋଇଛି ବୁରଞ୍ଜିରେ, ଯାହା ଆହୋମ ଦରବାରରେ ଲିଖିତ । ଏଇ ବୁରଞ୍ଜିସବୁ ରାଜକୀୟ ହୁକୁମ୍‌ନାମା ଏବଂ ରାଜ୍ୟର ପଦସ୍ଥ ଉଚ୍ଚକୂଳସମ୍ଭୁତ ବ୍ୟକ୍ତିମାନଙ୍କ ଆଦେଶରେ ଲିପିବଦ୍ଧ ହୋଇଛି । କାରଣ ସେହିମାନେ ହିଁ ରାଜ୍ୟର ଦଲିଲ୍ ଦସ୍ତାବିଜ ବ୍ୟବହାର ଅନୁମତି ଦେଇପାରିବେ କାରଣ ବିନା ରେକର୍ଡରେ ବୁରଞ୍ଜି ଲିଖିତ ହୋଇପାରିବ ନାହିଁ । ଏହି ରେକର୍ଡ ସବୁ ମଧ୍ୟେ ମଧ୍ୟେ କୋର୍ଟକୁ ପ୍ରଧାନତଃ ସାମରିକ ସେନାପତି, ସୀମାନ୍ତ ଲାଟସାହେବମାନେ ପଠାଇଥାନ୍ତି । ଅନ୍ୟଦେଶର ଶାସକ ଓ ମିତ୍ରଦେଶ ପାଖକୁ ଯେଉଁ ଚିଠିପତ୍ରସବୁ ପଠାଯାଇଥାଏ ବା ସେମାନଙ୍କ ପାଖରୁ ଆସିଥାଏ ; ବିଗ୍ଚର ବିଭାଗୀୟ ଓ ରାଜସ୍ୱ ସଂକ୍ରାନ୍ତ ଫାଇଲପତ୍ର ଯାହା ରାଜା ବା ମନ୍ତ୍ରୀମାନଙ୍କ ପାଖକୁ ନିଷ୍ପତ୍ତିମୂଳକ ହୁକୁମ ପାଇଁ ଦିଆଯାଇଥାଏ ଏବଂ ଦୈନନ୍ଦିନ କୋର୍ଟକଚେରୀର ରେକର୍ଡ, ଯହିଁରେ ଗୁରୁତ୍ୱପୂର୍ଣ୍ଣ ହୁକୁମ ଏବଂ ସ୍ୱଚକ୍ଷୁରେ ଦେଖିଥିବା ଘଟଣାର ବିଶ୍ୱସ୍ତ, ପ୍ରଧାନ ପ୍ରଧାନ ସାକ୍ଷୀମାନଙ୍କର ବକ୍ତବ୍ୟ ରେକର୍ଡ ହୋଇଥାଏ, ସେସବୁ ବୁରଞ୍ଜିରେ ସ୍ଥାନ ପାଇଥାଏ । ବୁରଞ୍ଜିସବୁ ପ୍ରଥମେ ଆହୋମ ଭାଷାରେ ଲେଖାଯାଇଥିଲା । ପରେ କିନ୍ତୁ ସେସବୁ ସଂକଳିତ ହେଲା ଅସମୀୟା ଭାଷାରେ । ଅସମୀୟା ଭାଷାରେ ଏହି ବୁରଞ୍ଜି ଏକ ଅପୂର୍ବ ଓ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଉନ୍ମୋଚିତ କରେ । ଅତ୍ୟୁକ୍ତି ହେବନାହିଁ, ଯଦି ମନ୍ତବ୍ୟ କରାଯାଏ, ଏହି ବୁରଞ୍ଜିରୁ ଆଧୁନିକ ଅସମୀୟା ଗଦ୍ୟର ଉଦ୍ଭବ । ଏହି ଆଶ୍ଚର୍ଯ୍ୟଜନକ ଐତିହାସିକ ସାହିତ୍ୟ ଉପରେ ମନ୍ତବ୍ୟ ଦେଇ ଜି.ଏ. ଗ୍ରୀୟାର୍‌ସନ୍ କହନ୍ତି, "ଆସାମୀମାନେ ଯଥାର୍ଥରେ ସେମାନଙ୍କର ଜାତୀୟ ସାହିତ୍ୟପାଇଁ ଗର୍ବିତ । ପାଠ୍ୟର ଯେଉଁ ଶାଖାରେ କୌତୁହଳଜନକ ଭାବରେ ଭାରତୀୟମାନେ

Digitized by srujanika@gmail.com

ଦୁର୍ବଳ, ସେହି ବିଭାଗରେ ଅସମୀୟାମାନେ ଅନ୍ୟାନ୍ୟଭାଷା ଅପେକ୍ଷା ସଫଳ । ଏହି ଐତିହାସିକ ଲେଖା ବା ବୁରଞ୍ଜି ସବୁ ଅସଂଖ୍ୟ ଏବଂ ସ୍ଥୂଳକାୟ । ବୁରଞ୍ଜିର ଜ୍ଞାନ ଅସମୀୟା ବରିଷ୍ଠ ଲୋକ ପକ୍ଷରେ ନିହାତି ଆବଶ୍ୟକ ବୋଲି ବିବେଚିତ ହେଉଥିଲା ।''

ବୁରଞ୍ଜିର ସଂକଳନ ଏକ ପୁଣ୍ୟ କାର୍ଯ୍ୟ । ସେଥିପାଇଁ ପ୍ରଥମେ ଦେବାଦେବୀଙ୍କି ନମସ୍କାର କରି ସଂକଳନ କାର୍ଯ୍ୟ ଆରମ୍ଭ କରାଯାଏ । ଏହି ପାଞ୍ଜିସବୁ ସରକାରୀ କାର୍ଯ୍ୟରେ ବ୍ୟାପକ ଜ୍ଞାନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ । ଅନେକ ବୁରଞ୍ଜି ଅଛି, ଯାହାର ସଂକଳକମାନେ ବଡ଼ ବଡ଼ ସରକାରୀ କର୍ମଗ୍ଚାରୀ । ଏ ସବୁର ଭାଷା ସେଥିପାଇଁ ଗୁରୁଗମ୍ଭୀର ଏବଂ ମୁଲାଏମ । ଯେଣୁ ସେସବୁ ତଥ୍ୟମୂଳକ ରେକର୍ଡ ଏମିତି ଭାଷାରେ ଲିପିବଦ୍ଧ, ଯହିଁରେ ଭାବପ୍ରବଣତା ବା ଆଳଙ୍କାରିକତା ନଥିବ । ସହଜ, ସରଳ, ନମ୍ର ଏବଂ ନିଃସନ୍ଦେହ ରୂପେ ମନୋମୁଗ୍ଧକର ସେ ଭାଷା ।

ଏ ସବୁ ପ୍ରଚୁର ଐତିହାସିକ ଲେଖାମାନଙ୍କୁ ଏ ଯାକେ ପୁରାପୁରି ଆଲୋକକୁ ଅଣାଯାଇନାହିଁ । ଡକ୍ଟର ଏସ୍. କେ. ଭୂୟାଁ ଆସାମ ସରକାରଙ୍କ ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ କିଛିମାତ୍ର ବାହାରକୁ ଆଣିଛନ୍ତି । ସେହି ଡିପାର୍ଟମେଣ୍ଟ ତରଫରୁ ଏ ପର୍ଯ୍ୟନ୍ତ ଯେତିକି ପ୍ରକାଶିତ ହୋଇଛି, ସେ ସବୁର ନାଆଁ 'ଆସାମ ବୁରଞ୍ଜି' (ହରକାନ୍ତ ବରୁଆ, ୧୯୩୦), 'ଦେଓଧନୀ-ଆସାମ-ବୁରଞ୍ଜି' (ବିଭିନ୍ନ ସ୍ଥାନରୁ ସଂକଳିତ ୧୯୩୨), 'ତୁଙ୍ଗଖୁଙ୍ଗୁଆ ବୁରଞ୍ଜି' (ଶ୍ରୀନାଥ ଦୁଆରା ୧୯୩୨), 'କଗ୍ଚାରୀ ବୁରଞ୍ଜି' (୧୯୩୬) ଏବଂ 'ଆସାମ-ବୁରଞ୍ଜି (୧୯୪୫) । ଦୁଇଟି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପାଞ୍ଜି ଯଥା 'ପୁରାନି-ଆସାମ-ବୁରଞ୍ଜି' (୧୯୨୨) ଏବଂ 'ପାଦସୁଆ ବୁରଞ୍ଜି' (କାମରୂପ ଅନୁସନ୍ଧାନ ସମିତି ଦ୍ୱାରା ପ୍ରକାଶିତ) ଏବଂ ଯଥାକ୍ରମେ ପଣ୍ଡିତ ହେମଚନ୍ଦ୍ର ଗୋସ୍ୱାମୀ ଏବଂ ଡକ୍ଟର ଏସ୍. କେ. ଭୂୟାଁଙ୍କ ଦ୍ୱାରା ସମ୍ପାଦିତ ।

ଏ ସମସ୍ତ ବୁରଞ୍ଜିର ରଚନାକାଳ ଠିକ୍ ନିର୍ଣ୍ଣିତ ହୋଇପାରି ନାହିଁ; ହୁଏତ ଦୀର୍ଘକାଳ ଧରି ଷୋଡ଼ଶ ଶତାବ୍ଦୀ ଶେଷ ପାଦରୁ ଉନବିଂଶ ଶତାବ୍ଦୀର ପ୍ରଥମପାଦ ପର୍ଯ୍ୟନ୍ତ ସେସବୁ ସଂକଳିତ ହୋଇଥିଲା । କାଳକ୍ରମ ଦୃଷ୍ଟିରୁ କୁହାଗଲେ ସ୍ୱର୍ଗତ ହେମଚନ୍ଦ୍ର ଗୋସ୍ୱାମୀ ଦ୍ୱାରା ସମ୍ପାଦିତ 'ପୁରାନି-ଆସାମ-ବୁରଞ୍ଜି' ସବୁଠାରୁ ପ୍ରାଚୀନ । ଗୋସ୍ୱାମୀଙ୍କ ବିଗ୍ଚରରେ ଏ ପୁସ୍ତକଟି ଗଦାଧର ସିଂହଙ୍କ (୧୬୮୧-୯୫) ରାଜତ୍ୱକାଳରେ ସଂକଳିତ ହୋଇଥିଲା । ସ୍ୱର୍ଗ-ନାରାୟଣଦେବ ମହାରାଜାର ଆଖ୍ୟାନ ନାମକ ଅନ୍ୟ ଏକ ପଞ୍ଜିକା ଯାହା 'ଆସାମ ବୁରଞ୍ଜି' ନାମରେ ମୁଦ୍ରିତ ହୋଇଛି ତାହା ଡକ୍ଟର ଭୂୟାଁଙ୍କ ମତରେ ଏହି ସମୟରେ ସଂକଳିତ ହୋଇଥିଲା ।

ପଣ୍ଡିତ ଗୋସ୍ୱାମୀ ଆହୁରି ନିର୍ଣ୍ଣୟ କରିଛନ୍ତି ଯେ 'କଥା-ଗୀତା' ୧୫୯୪ ସାଲ ପରେ କେବେ ରଚିତ ହୋଇଥିଲା । ତେଣୁ 'କଥା-ଗୀତା' ଏବଂ 'ପୁରାନି-ଆସାମୀ-ବୁରଞ୍ଜି'

Digitized by srujanika@gmail.com

ରଚ଼ନାର ଅନ୍ତର୍ବର୍ତ୍ତୀ କାଳ ପ୍ରାୟ ଶହେବର୍ଷ ହେବ । 'ପୁରାନି-ଆସାମୀ-ବୁରଞ୍ଜି'ରୁ ସ୍ପଷ୍ଟ ଜଣାଯାଏ, କିପରି ଏହି ଶହେ ବର୍ଷର ଅସମୀୟା ଗଦ୍ୟରୂପ ନେଉଥିଲା । ଏ କଥା ସତ ଯେ ଭଟ୍ଟଦେବ ଗତାନୁଗତିକ ଆଳଙ୍କାରିକ ରୀତି ପରିହାର କରି ଅସମୀୟା ଭାଷାରେ ପ୍ରଥମକରି କଥିତ ଭାଷା ଗ୍ରହଣ କଲେ । କିନ୍ତୁ ସେ କେବେ ପୁରାପୁରି ଆଳଙ୍କାରିକ ତଥା କର୍ଷିତ ସଂସ୍କୃତ ରୀତିର ପ୍ରଭାବରୁ ମୁକ୍ତ ନ ଥିଲେ । ଆଗରୁ ଦେଖାଇ ଦିଆଯାଇଛି, ଭଟ୍ଟଦେବ ବହୁପରିମାଣରେ ଅସମୀୟା ଶବ୍ଦସମ୍ଭାର ବ୍ୟବହାର କରିବାରେ ସଫଳକାମ ହୋଇଥିଲେ, ଯଦିଓ ସଂସ୍କୃତ ଜ୍ଞାନ ତାଙ୍କୁ ଛନ୍ଦି ରଖୁଥିଲା । ବାକ୍ୟ ଗଠନ କ୍ଷେତ୍ରରେ ସେ ପୁରାପୁରି ସଂସ୍କୃତ ଆଦର୍ଶରୁ ଖସିଯାଇ ପାରୁନଥିଲେ ଏବଂ ବହୁଶତାଂଶ ତତ୍‌ସମ ଶବ୍ଦ ତାଙ୍କ ଲେଖା ଭିତରକୁ ଅନୁପ୍ରବେଶ କରିଥିଲା । ବୁରଞ୍ଜିର ଭାଷା କିନ୍ତୁ ସଂସ୍କୃତ ପ୍ରଭାବରୁ ଏକାବେଳେକେ ମୁକ୍ତ, କାରଣ ସେ ସବୁ ଯେଉଁ ବିଷୟରେ ଲେଖାଯାଇଥିଲା ତାର ସୁର ଏବଂ ଉଚ୍ଚାରଣ ସଂପୂର୍ଣ୍ଣ ଭିନ୍ନ ଥିଲା । ବୁରଞ୍ଜିସବୁର ଶାସ୍ତ୍ରୀୟ ପୁସ୍ତକ ସହିତ ସଂପର୍କ ନଥିଲା । ସେ ସବୁ ରାଜପରିବାରର ଇତିବୃତ୍ତ, ସମସାମୟିକ ଘଟଣାବଳୀର ଅନ୍ତରଙ୍ଗ ଓ ବିଶ୍ୱସ୍ତ ବର୍ଣ୍ଣନା ଯାହା ଜ୍ଞାନୀ ଓ ଅଭିଜ୍ଞ ଐତିହାସିକ ଦୃଷ୍ଟିସମ୍ପନ୍ନ ବ୍ୟକ୍ତିମାନଙ୍କ ସଂକଳିତ । ସେଥିରୁ ଦରବାରର କ୍ରମିକ ଘଟଣା, ରାଜକୀୟ କାର୍ଯ୍ୟନିର୍ଘଣ୍ଟ ଏବଂ ରାଜସଭାର କାର୍ଯ୍ୟକ୍ରମର ପରିଚ଼ୟ ମିଳେ । ଏହିସବୁ କାରଣରୁ ବୁରଞ୍ଜିର ଭାଷା ପାରିଷଦବର୍ଗଙ୍କ ମାର୍ଜିତ ଭାଷା ଛଡ଼ା ଅନ୍ୟ କିଛି ହୋଇନପାରେ । ପାରିଷଦର ମାର୍ଜିତ ଭାଷା ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହାର ସମ୍ପଦ, ବିଶୁଦ୍ଧତା, ଐତିହାସିକ ବିବରଣୀ ପାଇଁ ଅତୀବ ଉପଯୁକ୍ତ । ଡକ୍ଟର ଏସ୍.କେ.ଭୁୟାଁ ମନ୍ତବ୍ୟ ଦେଇଛନ୍ତି, "ବୁଟିହୁଏନା କିପରି ଅସମୀୟା ବୁଦ୍ଧି ବୈଷ୍ଣବ କବିତାର ବିଳାସବ୍ୟସନରେ ଲାଳିତପାଳିତ ହୋଇ ଅବଶେଷରେ କଠୋର ବାସ୍ତବତା ଓ ଘଟଣାକୁ ରଙ୍ଗହୀନ ଏବଂ ନିର୍ବ୍ୟକ୍ତିକ ଭାବରେ ରୂପଦେବାରେ ନିଜକୁ ନିୟୋଜିତ କଲା । କଳ୍ପନା ଓ ବାସ୍ତବତାର ଦୁଇଦୁନିଆଁକୁ ଏକତ୍ର ଯୋଡ଼ଯୋଡ଼ି କରିବାର ଆଦର୍ଶ ଯୋଗାଇଲା ଆହୋମ ଭାଷାରେ ଲିଖିତ ବୁରଞ୍ଜି । ଯେଉଁ ରଚ଼ନାରେ ନ ଥିଲା କଳ୍ପନା ବା କାବ୍ୟକବିତା ଏବଂ ଯାହା କଠୋର ଶୃଙ୍ଖଳା ଓ ପର୍ଯ୍ୟବେକ୍ଷଣ ନିଗଡ଼ରେ ଅଫିସ ନିର୍ଘଣ୍ଟରେ ପଡ଼ି ରହିଥିଲା । ବୁରଞ୍ଜିରେ ସାହିତ୍ୟିକ ଫୁଟାଣି ବା ଗୌରବ ନ ଥିଲା ସତ କିନ୍ତୁ ଏକାବେଳେକେ ଅଣସାହିତ୍ୟ ବୋଲି ସେମାନଙ୍କୁ ଆଖ୍ୟା ଦେଇ ହେବନାହିଁ । ଏ ପ୍ରସଙ୍ଗରେ, ଡକ୍ଟର ଏସ୍.କେ.ଭୁୟାଁ 'ପାଦସା-ବୁରଞ୍ଜି'ର ସାହିତ୍ୟିକ ମହକ ସମ୍ପର୍କରେ ଯାହା କହିଛନ୍ତି, ତାହା ଅନ୍ୟ ବୁରଞ୍ଜି ପକ୍ଷରେ ମଧ୍ୟ ସେତିକି ଜୋର୍‌ଦେଇ କୁହାଯାଇପାରେ । ସେ କୁହନ୍ତି, "ଇତିହାସ ଶୁଷ୍କ ଅସ୍ଥି ନୁହେଁ । ଯେ କେହି ଯ୍ୟା ଭିତରେ ଚିନ୍ତା ଓ ଆବେଗ ଉଭୟ ପାଇପାରେ । ତେଣୁ ଏହା ଖାଣ୍ଟି ସାହିତ୍ୟ ସ୍ତରକୁ ମଧ୍ୟ ଉଠିପାରେ । ଅତିଶୟୋକ୍ତି ହେବନାହିଁ ଯଦି କେହି କୁହେ ଯେ ଇତିହାସ ଓ ସାହିତ୍ୟର ସଙ୍ଗମ ପ୍ରାକ୍-ବ୍ରିଟିଶ୍ ଅମଳର ଆଧୁନିକ ଭାରତୀୟ ସାହିତ୍ୟରେ ଦେଖାଯାଏ ନାହିଁ । ଯାହା ଶୁଖିଲା ଇତିହାସର ବର୍ଣ୍ଣନା ହୁଅନ୍ତା, ତାହା ପ୍ରକୃତ ଲେଖକ

Digitized by srujanika@gmail.com

ହାତରେ ଏକ ମନୋରଞ୍ଜକ ଐତିହାସିକ ରୂପନେବ, ଯାହା ମଧ୍ୟେ ମଧ୍ୟେ ଉପମା, ଅଳଙ୍କାର ତୁଳନା, ଉଦାହରଣ, ଆଲେଖିକା ଆଦି ଶୈଳୀର ଉପକରଣ ଦ୍ୱାରା ପାଠକର ମନ ହରଣ କରିବ ।" ସମଗ୍ର ବୁରଞ୍ଜି ସାହିତ୍ୟରେ ଇତସ୍ତତଃ ଅସଂଖ୍ୟ ଉଦାହରଣ ରହିଛି ଯହିଁରେ ସାଂସାରିକ ଜ୍ଞାନ ଏବଂ ମୌଳିକ ଚିନ୍ତା ଭରପୁର । ବୁରଞ୍ଜିର ସାହିତ୍ୟିକ ସଫଳତାର ଗୁପ୍ତ ରହସ୍ୟ ରହିଛି ତାର ବାକ୍ୟଗଠନରେ; ସ୍ଥାନୀୟ ଭାଷା ଶବ୍ଦ ସୁଷ୍ଠୁ ପ୍ରୟୋଗ ଏବଂ କଥିତ ଭାଷାର ପ୍ରକାଶସ୍ୱରରେ ଲେଖକମାନେ ସମସ୍ତେ ଛୋଟଛୋଟ ବାକ୍ୟରେ, ସରଳ ଘରୋଇ ଶବ୍ଦବିନ୍ୟାସରେ ପାରଗ । ବୁରଞ୍ଜି ସବୁ ଅସମୀୟା ଶବ୍ଦ ଭଣ୍ଡାରର ବିଭିନ୍ନ ବିଭାଗ ଓ କ୍ଷେତ୍ରରେ ସମୃଦ୍ଧି ବଢାଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା । ଆହୋମ ଦରବାରରେ ପ୍ରଚଳିତ ଗୁଡାଏ ଆଇନ୍ ଓ ଶାସନଗତ ଶବ୍ଦ ବୁରଞ୍ଜି ଭିତରେ ରହିଯାଇଛି । ଆହୋମ ଭାଷାର ଶବ୍ଦ ମଧ୍ୟ ବିରଳ ନୁହେଁ । ଦ୍ରବ୍ୟ ଓ ଅନୁଷ୍ଠାନ ପାଇଁ ଏମିତି ଶବ୍ଦସବୁ ବ୍ୟବହାର କରାଯାଉଛି ଯାହା ଆହୋମ ଜୀବନ ଓ ସଂସ୍କୃତି ସହିତ ସ୍ପଷ୍ଟରୂପେ ସଂଶ୍ଲିଷ୍ଟ । ଆରବୀ ପାରସି ଭାଷାରୁ ଆସିଥିବା ଶବ୍ଦରାଶି ବିଶେଷତଃ ରାଷ୍ଟ୍ରନୀତି ଓ କୂଟନୀତି ସ୍ତରର ଦଲିଲଦସ୍ତାବିଜର ଶବ୍ଦ ଏଥିର ଅନ୍ତର୍ଭୁକ୍ତ ।

ଏହି ବୁରଞ୍ଜିମାନ ପ୍ରାୟ ଅଧିକାଂଶ ଅସମୀୟା ପ୍ରାଚ୍ୟ ଅପଭ୍ରଂଶରେ (ଭଜନିଆ ଭାଷା) ଲିଖିତ, ଯାହା କାଳକ୍ରମେ ଆଦର୍ଶ ସାହିତ୍ୟିକ ଭାଷାରେ ପରିଣତ ହେଲା । ଏ ଉନ୍ନତିର କାରଣ ହେଲା ଆହୋମ ଦରବାର ଓ ଶାସନ କେନ୍ଦ୍ରରୂପେ ପୂର୍ବ ଆସାମର ପ୍ରାଧାନ୍ୟ, ଯଦ୍ୱାରା ଅସମୀୟା ଭାଷା ଆଦାନ ପ୍ରଦାନର ଭାଷା ହେଲା । ଏଇ ଗଦ୍ୟଶୈଳୀକୁ ଅନୁସରଣ କରି, ସହଜ ସରଳ ଭାଷା ବହନକରି ଅସମୀୟାର ପ୍ରଥମ ମାସିକ ପତ୍ରିକା 'ଅରୁଣୋଦୟ' (୧୮୪୬)ର ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆବିର୍ଭାବ ହେଲା ।

ଆହୁରି ଏକ ପ୍ରକାର ଐତିହାସିକ ଲେଖା ଅଛି ଯାହା ଉଭୟ ପଦ୍ୟ ଓ ଗଦ୍ୟରେ 'ବଂଶାବଳୀ' ନାମରେ ପରିଚିତ । ରାଜାରାଜୁଡା ବା ସମ୍ଭ୍ରାନ୍ତ ପରିବାରର ବଂଶାନୁଚରିତ ଲିପିବଦ୍ଧ କରିବା ଛଡ଼ା ଏହି ବଂଶାବଳୀସମୂହ ସେମାନଙ୍କର ଜୀବନୀ ଓ କାର୍ଯ୍ୟକଳାପର ପରିଚୟ ଲିପି ମଧ୍ୟ ଦେଇଥାନ୍ତି । ନାନାକାରଣରୁ ସମ୍ଭ୍ରାନ୍ତ ପରିବାରର ବିଶ୍ୱାସଯୋଗ୍ୟ ବିବରଣୀ ରଖିବାର ଆବଶ୍ୟକତା ଅନୁଭୂତ ହେଉଥିଲା କାରଣ ତାହା ବଳରେ ରାଜ ଦରବାରର ସ୍ୱୀକୃତି ଓ ଅନୁଦାନ ପାଇବାର ଯୋଗ୍ୟତା ବିଗ୍ରହ କରାଯାଉଥିଲା । ଏହି ବଂଶାବଳୀରୁ ବୁରଞ୍ଜିରେ ମିଳୁନଥିବା ଖବର ମିଳିଥାଏ, ଏମିତି ଏକ ବଂଶାବଳୀ ହେଲା 'ଦରଙ୍ଗ-ରାଜ-ବଂଶାବଳୀ'; ଯାହା ପଦ୍ୟରେ ସୂର୍ଯ୍ୟଖରି ଦୈବଜ୍ଞ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଦରଙ୍ଗର କୋଚ୍‌ରାଜା ସମୁଦ୍ର ନାରାୟଣଙ୍କ ପୃଷ୍ଠପୋଷକତାରେ ଲିଖିତ ହୋଇଥିଲା । ଏ ପୁସ୍ତକ ମୂଳ ପାଣ୍ଡୁଲିପିଟି ଚିତ୍ରଦ୍ୱାରା ଅଳଙ୍କୃତ ହୋଇଥିଲା । ଡକ୍ଟର

Digitized by srujanika@gmail.com

ଏସ୍.କେ.ଭୂୟାଁ ଲେଖିଛନ୍ତି "ଦରଙ୍ଗ-ରାଜ-ବଂଶାବଳୀ କୋଚ୍ ଶାସକମାନଙ୍କ ଆଦ୍ୟ ଇତିହାସର ଏକ ଅମୂଲ୍ୟ ଉତ୍ସ।"

ଆହୋମ ରାଜତ୍ୱର ଛଅ ଶହ ବର୍ଷ ଜୀବନର ସମସ୍ତ ବିଭାଗର ବ୍ୟାପକ ଶ୍ରୀବୃଦ୍ଧିର ଛବି ଉପସ୍ଥାପିତ କରିଥାଏ । ପୂର୍ବକଥିତମତେ ଏ ଯୁଗର ସବୁଠାରୁ ଉଲ୍ଲେଖନୀୟ ବିଭାଗ ହେଲା, ଦେଶର ଭୌଗୋଳିକ ଏବଂ ଜାତିଗତ ଐକ୍ୟ । ରାଜନୈତିକ ଅନୁଷ୍ଠାନଗୁଡ଼ିକର ସ୍ଥିରତା, ଅର୍ଥନୈତିକ, ସାମାଜିକ ଏବଂ ଧର୍ମାନୁଷ୍ଠାନମାନଙ୍କ ସଂଗଠନ ଏବଂ ସାଂସ୍କୃତିକ ଜାତୀୟତାର ଅଭ୍ୟୁତ୍ଥାନ । ଏହି ଜାତୀୟତା ଶ୍ରୀବୃଦ୍ଧି ବିଭିନ୍ନ ପ୍ରକାର ଘଟଣାର ସମାବେଶ ଯୋଗୁଁ; ଯଥା– ମୋଗଲ ଆକ୍ରମଣ, ଇସ୍‌ଲାମ୍ ଆଗମନ, ଶାସକବର୍ଗଙ୍କ ରାଜ୍ୟ ସଂପ୍ରସାରଣବାଦ ଏବଂ ରାଜ୍ୟର ଜନସାଧାରଣଙ୍କ ଜାଗୃତି । ଏ କାଳର ଯୁକ୍ତିଯୁକ୍ତ ମନୋଭାବର କଳା ଓ ସଂସ୍କୃତି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଲା ଯଦ୍ୱାରା ଜନସାଧାରଣଙ୍କ ଜୀବନ ଉପରେ ସୁଫଳ ପଡ଼ିଲା । ଯୁଗର ବୃଦ୍ଧି ଓ କଳାତ୍ମକ ବିକାଶ ଜଣାଯିବ, ବିପୁଳ ପାଣ୍ଡୁଲିପିର ଉତ୍ପାଦନରୁ । ଏହି ପାଣ୍ଡୁଲିପିର ଉତ୍ପାଦନପାଇଁ ଯେଉଁ ଉତ୍କୃଷ୍ଟ ଲେଖନୀ ଶୈଳୀ ଓ ବର୍ଣ୍ଣାଶୁଦ୍ଧି ଆବଶ୍ୟକ ତାହା ମଧ୍ୟ ଏକ ଉନ୍ନତ କ୍ରିୟା । ପାଣ୍ଡୁଲିପିର ପ୍ରସ୍ତୁତି ଏକ ଭୀଷଣ କଷ୍ଟକର ଓ ପରିଶ୍ରମର କାମ ଯହିଁରେ ଅର୍ଥ ଓ ଅବସର ଆବଶ୍ୟକ । ଗୁଡ଼ାଏ ପାଣ୍ଡୁଲିପି ତିଆରିକରି ହେବ କେବଳ ଯଦି ରାଜାଙ୍କ ଅନୁଗ୍ରହ ବା ବଦାନ୍ୟତା ମିଳେ । ରାଜପାରିଷଦରେ ପ୍ରସ୍ତୁତ ପ୍ରତିଟି ପାଣ୍ଡୁଲିପି ଆଜିମଧ୍ୟ କଳାର ଅମୂଲ୍ୟ ସମ୍ପଦ । ତାର ଲିଖନକଳା ଏପରିକି ଯାହା ଉପରେ ଅକ୍ଷରସବୁ ଲେଖାଯାଇଛି ତାରି ପାଇଁ । ଏହି ପାଣ୍ଡୁଲିପି ସବୁ ତିଆରି ହୋଇଥିଲା ଗଛ ବକ୍କଳ ବା ଭୁର୍ଜପତ୍ରରେ । ସେସବୁକୁ ପାଣିରେ ପକାଇବା, ପଲିସ୍ କରିବା ଓ ରଙ୍ଗକରିବା ପାଇଁ ନାନା ଦ୍ରବ୍ୟ ଆବଶ୍ୟକ ହେଉଥିଲା ଏବଂ ତା ପରେ ଅକ୍ଷର ଲେଖାଯାଉଥିଲା । ଆହୁରି ମଧ୍ୟ ଲକ୍ଷ୍ୟ କରିବା କଥା ଯେ ପାଣ୍ଡୁଲିପି ପ୍ରସ୍ତୁତି ସହିତ ଅଙ୍କନ କଳା ଅନ୍ତରଙ୍ଗ ଭାବରେ ଜଡ଼ିତ ଥିଲା । କେତୋଟି ଉତ୍କୃଷ୍ଟ ଧରଣର ପାଣ୍ଡୁଲିପି ହେଲା 'ଗୀତ ଗୋବିନ୍ଦ', 'ଶଙ୍ଖାସୁର ବଧ', 'ଦରଙ୍ଗ-ରାଜ-ବଂଶାବଳୀ', 'ହସ୍ତୀ ବିଦ୍ୟାର୍ଣ୍ଣବ' । ଏହି ପାଣ୍ଡୁଲିପିର ଚିତ୍ରକଳାରେ କେବଳ ଯେ ଧର୍ମସଂକ୍ରାନ୍ତ ଛବିମାନ ଅଛି ତା ନୁହେଁ, ରାଜାମାନଙ୍କର ଏବଂ ରାଜସଭାର ଜୀବନ୍ତ ଚିତ୍ରମଧ୍ୟ ରହିଛି ।

ସାହିତ୍ୟିକ ଇତିହାସ ଦୃଷ୍ଟିରୁ ଏ ଯୁଗର ବିଶିଷ୍ଟ ଲକ୍ଷଣୀୟ ଘଟଣା ହେଲା ଗଦ୍ୟସାହିତ୍ୟର ତଥା ଅନାଧର୍ମୀୟ ସାହିତ୍ୟର ଶ୍ରୀବୃଦ୍ଧି, ବ୍ୟକ୍ତିକୁ ବିଶେଷତଃ ସାଧୁସନ୍ଥ ଏବଂ ରାଜାମହାରାଜାଙ୍କୁ ଉଚ୍ଚସ୍ଥାନ ଦେବାର ପ୍ରଚେଷ୍ଟା ଏବଂ ବୈଜ୍ଞାନିକ ଜିଜ୍ଞାସା ବା କୌତୁହଳର ଆବିର୍ଭାବ । ଯୁଗର ଏକ ବିଶିଷ୍ଟ ଲକ୍ଷଣ ହେଲା ଯେ ଗଦ୍ୟ ସାହିତ୍ୟର ଉନ୍ନତି ସହିତ ବୈଷୟିକ ଆଗ୍ରହ ଓ ବୈଜ୍ଞାନିକ ମନୋଭାବ ନୂଆକରି ବେଗ ପାଇଲା । ଗଣିତ ବିଦ୍ୟା ଏବଂ ସ୍ଥପତି ବିଦ୍ୟାର ଅଧ୍ୟୟନ ଏହାର ପ୍ରଥମ ସୋପାନ । ଜ୍ୟୋତିଷବିଦ୍ୟା ଏବଂ 'ଗଧ

Digitized by srujanika@gmail.com

ଏବଂ ସୂର୍ଯ୍ୟଙ୍କ ଘୋଡା' ଅଧୀତ ହେଲା ଏବଂ ଜ୍ୟୋତିଷଶାସ୍ତ୍ରମାନଙ୍କରେ ଗ୍ରନ୍ଥକାରମାନେ ପ୍ରାକୃତିକ ଘଟଣା ଓ ଦୃଶ୍ୟରାଜିକୁ ତାଙ୍କ ଆୟତରେ ଥିବା ସୀମିତ ଜ୍ଞାନରେ ବର୍ଣ୍ଣନା କଲେ। ଆୟୁର୍ବେଦ ଗ୍ରନ୍ଥସବୁ ଭେଷଜ ଓ ପ୍ରାଣୀ ବିଜ୍ଞାନ ସମ୍ବନ୍ଧୀ ମନ୍ତବ୍ୟରେ ଭରପୁର ।

ଯେତେବେଳେ କିନ୍ତୁ ଆମେ ପ୍ରକୃତ ସାହିତ୍ୟ ଉପରକୁ ଦୃଷ୍ଟି ପକାଉଁ ସେତେବେଳେ ପ୍ରେରଣାର ଛାପ ପାଉନାହିଁ । ଜଣାପଡ଼େ ଯିମିତି କେବେ ଏତେଗୁଡ଼ାଏ ଗ୍ରାଗଛ ଏତେ ଉତ୍ସାହରେ ବଢାଯାଇ ନ ଥିଲା । ଅତି କମ୍ ସଂଖ୍ୟାର ଗଛରେ ଯେଉଁ ଫୁଲ ଫୁଟିଛି ସେଥିରେ ମୌଳିକ ରଙ୍ଗ ବା ମହକ ନାହିଁ । ସାହିତ୍ୟିକ କ୍ଷେତ୍ରରେ ଉତ୍ପନ୍ନଦ୍ରବ୍ୟ ନିଃସନ୍ଦେହ ରୂପେ ପ୍ରଚୁର ଏବଂ ସାହିତ୍ୟର ସବୁ ଶାଖାରେ ବହିସବୁ ରଚିତ ହୋଇଥିଲା କିନ୍ତୁ ସାହିତ୍ୟ ଓ ଅଣସାହିତ୍ୟ ଉଭୟ ବିଭାଗରେ ଅଧିକାଂଶ ଭାଗ ରଚନା ଏକାପରି, ଫିକା ଓ ରୁଗ୍ଣ, ଅନୁକୃତ, ପରିଶ୍ରମପ୍ରସୂତ ଏବଂ ପଦମିଳାଇ ଲେଖାଯାଇଥିବା କବିତାର ସ୍ତର ଉପରକୁ ଯାଏ ନାହିଁ । କବିତାର ଆଙ୍ଗିକ ମଧ୍ୟ ଗତାନୁଗତିକ, ପାରମ୍ପରିକ ଏବଂ ସେଥିରେ ନା ଅଛି ସ୍ୱତଃସ୍ଫୁର୍ତ୍ତି ନା ମୌଳିକତା । ଏହା ସତ ଯେ ମୁଷ୍ଟିମେୟ କବି ନୂତନ 'ବାକ୍' ଓ 'ଅର୍ଥ' ନେଇ କାବ୍ୟରଚନା କରିବାର ଚେଷ୍ଟା କରିଥିଲେ କିନ୍ତୁ ସେମାନଙ୍କ ରଚନାବଳିରେ ମଧ୍ୟ ଗଭୀର ଅନୁଭୂତି ଓ ଆବେଗର ଅଭାବ ଯୋଗୁଁ ସେ ସବୁର ଶେଷ ଛାପ ରକ୍ତହୀନ ବୋଧହୁଏ। ଏ ଯୁଗ ଅନେକ ଲେଖକ ଓ ଲେଖାର ଅବଦାନ ପାଇଥିଲା କିନ୍ତୁ ଶଙ୍କରଦେବଙ୍କ ପରି ପ୍ରତିଭାଧର ସନ୍ଥ-କବି ବା ମାଧବ ଦେବଙ୍କ ପରି ବିଶିଷ୍ଟ-ଭକ୍ତ-ଦାର୍ଶନିକ ବା ରାମ ସରସ୍ୱତୀଙ୍କ ସଦୃଶ ମହାନ୍ ଗୁଣୀଜ୍ଞାନୀ ବ୍ୟକ୍ତିମାନଙ୍କୁ ଆମେ ପାଉନାହୁଁ ।

❑ ❑ ❑

Digitized by srujanika@gmail.com

# ପରିଚ୍ଛେଦ -- ଛଅ

## ଆଧୁନିକ ଯୁଗର ପ୍ରାରମ୍ଭ

## ଆମେରିକାର ବାପ୍‌ଟିଷ୍ଟ ମିଶନ

ଆସାମରେ ଆହୋମମାନେ ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରୁ ଉନବିଂଶ ଶତାବ୍ଦୀର ମଧ୍ୟଭାଗ (୧୮୨୬) ପର୍ଯ୍ୟନ୍ତ ଶାସନ କରିଥିଲେ । ଆହୋମ ରାଜତ୍ୱର ଶେଷ ଦଶନ୍ଧିସବୁ ଆସାମ ଇତିହାସରେ ଘଡ଼ିସନ୍ଧି କାଳ । ସମଗ୍ରଦେଶ ଆଭ୍ୟନ୍ତରୀଣ ବିବାଦରେ ଛିନ୍ନବିଛିନ୍ନ ହୋଇଯାଇଥିଲା । କ୍ଷମତାପାଇଁ ପଞ୍ଚଦଶ ଶତାବ୍ଦୀରୁ ହିନ୍ଦୁଧର୍ମର ବୈଷ୍ଣବ ଓ ଶାକ୍ତ ଦୁଇରୀତିର ପୂଜା ପଦ୍ଧତି ମଧ୍ୟରେ ଗ୍ଭଲିଆସିଥିବା ଦ୍ୱନ୍ଦ୍ୱରେ ଶାକ୍ତଧର୍ମ ଆହୋମ ରାଜାମାନଙ୍କର ଦରବାରର ଧର୍ମରୂପେ ଗୃହୀତ ହେବାରେ ସଫଳତା ଅର୍ଜନ କରିଥିଲା ଏବଂ ଶାସକମାନେ ଏହି ଧର୍ମ ଅନୁସରଣକାରୀଙ୍କୁ ପୃଷ୍ଟପୋଷକତା ପ୍ରଦାନ କଲେ । ଏଥିରେ ସେମିତି କିଛି ଅସୁବିଧା ହୁଅନ୍ତା ନାହିଁ ଯଦି ରାଜାମାନେ ନିଜେ ଧର୍ମକ୍ଷେତ୍ରରେ ସହନଶୀଳତା ଦେଖାଉଥାନ୍ତେ । କିନ୍ତୁ ରାଜା ରାଜେଶ୍ୱର ସିଂହଙ୍କ ରାଜତ୍ୱର (୧୭୧୪-୧୭୪୪) ଶେଷବେଳକୁ ରାଣୀ, ଯେ କି ପ୍ରଭୂତ କ୍ଷମତା ପ୍ରୟୋଗ କରୁଥିଲେ, ବୈଷ୍ଣବମାନଙ୍କ ଗୋଟିଏ ଦଳ ଉପରେ ଅତ୍ୟାଗ୍ଭର କରିବାକୁ ଲାଗିଲେ । ସେମାନେ ବିଦ୍ରୋହୀ ହୋଇ ଉଠିଲେ ଏବଂ ବିଦ୍ରୋହ ଏତେ ଶକ୍ତି ସଂଗ୍ରହ କଲା ଯେ ଶାସନର ମୂଳଭିତ୍ତି ଦୋହଲାଇ ଦେଲା । ତାଙ୍କ ଉତ୍ତରାଧିକାରୀ ଲକ୍ଷ୍ମୀ ସିଂହ ଅବସ୍ଥାର ଉନ୍ନତି କରିପାରିଲେ ନାହିଁ । ରାଜ୍ୟର ଶାସନକଳ, ଯାହା ଟାଣୁଆ ନ ଥିଲା, କ୍ରମେ ଅଧଃପତନ ଓ ବିଭାଜନର ନିଶ୍ଚିତ ଲକ୍ଷଣ ଦେଖାଇବାକୁ ଆରମ୍ଭ କଲା ।

ବୈଷ୍ଣବ ବିଦ୍ରୋହ ଓ ଅନ୍ୟାନ୍ୟ ରାଜନୈତିକ ସଂଘର୍ଷ ଯୋଗୁଁ ଶାସନ ଏକାବେଳେକେ ଭୁଷୁଡ଼ି ପଡ଼ିଲା, ଚନ୍ଦ୍ରକାନ୍ତ ସିଂହଙ୍କ ରାଜତ୍ୱ କାଳରେ ଏବଂ ୧୮୧୭ ସାଲରେ ଆହୋମ ରାଜପ୍ରତିନିଧି ବଦନ ବରଫୁକନଙ୍କ ନିମନ୍ତ୍ରଣ କ୍ରମେ ବ୍ରହ୍ମଦେଶୀମାନେ ଆସାମ ଆକ୍ରମଣ କଲେ ଏବଂ ଦେଶ ଲୁଟ କଲେ । ପରବର୍ଷ ସେମାନେ ପୁଣି ଆସିଲେ ଏବଂ ରାଜ୍ୟର ସମ୍ପଦରେ ପ୍ରଲୁବ୍ଧ ହୋଇ ୧୮୨୦ ରେ ଅବଶେଷରେ ଆସାମ ଦଖଲ କରିଗଲେ । ୧୮୨୬ ସାଲରେ ବ୍ରହ୍ମଦେଶୀମାନେ କାଗ୍ଭରରେ ଇଂରେଜମାନଙ୍କ ସହିତ ସଂଘର୍ଷରେ ଆସିଲେ ଏବଂ ପରାସ୍ତହୋଇ ୧୮୩୯ ମସିହାର ୟାନ୍ଦାବୁ ସନ୍ଧି ଅନୁସାରେ ଆସାମକୁ ଇଷ୍ଟଇଣ୍ଡିଆ କମ୍ପାନୀ ହାତରେ ସମର୍ପଣ କଲେ ।

Digitized by srujanika@gmail.com

ଦେଶରେ ବ୍ରିଟିଶମାନେ ଆଗନ୍ତୁକ ଏବଂ ସ୍ଥାନୀୟଭାଷା ତାଙ୍କୁ ଅଜଣା । ତେଣୁ ଭାରତର ଅନ୍ୟାନ୍ୟ ପ୍ରଦେଶ ଲୋକେ ଆସାମକୁ ସୁଅପରି ମାଡ଼ି ଆସିଲେ ଏବଂ ଭାଷାନ୍ତର ବା କିରାଣୀକାମ କରିବାପାଇଁ ବସାବାନ୍ଧି ରହିଗଲେ । ଫଳରେ ବିଦେଶୀମାନେ ନବପ୍ରତିଷ୍ଠିତ ଶାସନ କଳ ସହଜରେ ଚଳାଇପାରିଲେ । ବେଶୀଭାଗ ବଙ୍ଗଳାରୁ ସଂଗ୍ରହ କରାଯାଇଥିବା ଏହି ଲୋକମାନଙ୍କ ପ୍ରଭାବରେ ବ୍ରିଟିଶ ଶାସନ ବଙ୍ଗାଳୀ ଭାଷାକୁ ଆସାମର କୋର୍ଟକଚେରୀ ଏବଂ ବିଦ୍ୟାଳୟମାନଙ୍କର ଭାଷାକୁ ମାଧ୍ୟମ କଲେ । ୧୮୩୬ ସାଲରେ ଆସାମୀ ଭାଷାକୁ କୋର୍ଟକଚେରୀ ସ୍କୁଲମାନଙ୍କରୁ ଉଠାଇ ଦିଆଯାଇ ବଙ୍ଗଳା ଭାଷାକୁ ସେ ସ୍ଥାନରେ ଅଧିଷ୍ଠିତ କରାଗଲା । ଯେଉଁ ବର୍ଷ ଅସମୀୟା ଭାଷା ସରକାରୀ ଆସ୍ଥାନ ହରାଇଲା ସେହିବର୍ଷ ଦୁଇଜଣ ଆମେରିକା ବାପ୍ଟିଷ୍ଟ ମିଶନର ବିଶିଷ୍ଟ ବ୍ୟକ୍ତି ରେଭେରେଣ୍ଡ ଏନ୍ ବ୍ରାଉନ୍ ଏବଂ ଓ. ଟି. କଟ୍ଟର ସପରିବାର ଆସାମରେ ପହଞ୍ଚିଲେ । ସେମାନଙ୍କର ମିଶନାରୀ ଆସବାବପତ୍ର ଭିତରେ ଅନ୍ୟାନ୍ୟ ଜିନିଷ ମଧ୍ୟରେ ଗୋଟିଏ ମୁଦ୍ରାଯନ୍ତ୍ର ଥିଲା । ସଙ୍ଗେ ସଙ୍ଗେ ସେମାନେ ଉପଲବ୍ଧି କଲେ, ଯୀଶୁଖ୍ରୀଷ୍ଟଙ୍କ ପ୍ରତି ପ୍ରେମ ଲୋକଙ୍କ ହୃଦୟରେ ଜାଗ୍ରତ କରିବାକୁ ହେଲେ ସେମାନଙ୍କୁ ମାତୃଭାଷା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ । ତେଣୁକରି ମିଶନାରୀମାନେ ମାତୃଭାଷା ଶିଖିବା ଆରମ୍ଭ କଲେ ଏବଂ ଆସିବାର ତିନିମାସ ଭିତରେ ଅସମୀୟା ଭାଷାର ପ୍ରଥମପାଠ ସଦ୍ୟ ସ୍ଥାପନ କରିଥିବା ସ୍କୁଲମାନଙ୍କରେ ପ୍ରଚଳନ କଲେ । ଆସି ପହଞ୍ଚିବା ପୂର୍ବରୁ ଇଂରେଜ ମିଶନାରୀ କେରୀ ଏବଂ ମାର୍ସମେନ୍ ସାହେବ କଲିକତା ସନ୍ନିକଟ ସେରାମପୁରରେ କାର୍ଯ୍ୟ ଆରମ୍ଭ କରିଦେଇଥିଲେ ଏବଂ ନାଉଗଙ୍ଗ ଜିଲ୍ଲାର କାଳିଆବରର ଜନୈକ ଆସାମୀୟା ପଣ୍ଡିତ ଆତ୍ମାରାମ ଶର୍ମାଙ୍କ ସହାୟତାରେ ସମଗ୍ର ବାଇବେଲ୍‌କୁ ଅସମୀୟା ଭାଷାରେ ଅନୁବାଦ କରିଥିଲେ ଏବଂ ସେରାମପୁରରେ ୧୮୧୩ରେ ଛପାଇଥିଲେ । ଏଇଟି ହେଲା ଅସମୀୟା ଭାଷାରେ ମୁଦ୍ରିତ ପ୍ରଥମ ପୁସ୍ତକ । ପାଦ୍ରୀମାନେ ସାହିତ୍ୟିକ ନଥିଲେ । ସେମାନଙ୍କ ପ୍ରଧାନ ଉଦ୍ଦେଶ୍ୟ ହେଲା ଖ୍ରୀଷ୍ଟଧର୍ମ ଏବଂ ପାଶ୍ଚାତ୍ୟ ଶିକ୍ଷାର ପ୍ରଚ୍ରର ଓ ପ୍ରସାର । ତେଣୁ ସେମାନେ ଖ୍ରୀଷ୍ଟିୟାନ୍ ସାହିତ୍ୟ ଓ ପାଠ୍ୟପୁସ୍ତକ ପ୍ରଣୟନ କଲେ । ଏ ବହିମାନଙ୍କରେ ସାଧାରଣ ଜ୍ଞାନ, ଇତିହାସର ଗଳ୍ପ, ଭୂଗୋଳ, ବିଜ୍ଞାନ ଦୁନିଆ ଏବଂ ଖ୍ରୀଷ୍ଟିୟାନ୍ ସନ୍ଥ ଓ ସାଧୁମାନଙ୍କ ଜୀବନୀ ରହିଲା । ଏଥି ସହିତ ସେମାନେ ଅଭିଧାନ ସଂକଳନ କଲେ ଏବଂ ଅସମୀୟା ବ୍ୟାକରଣ ପୁସ୍ତକ ରଚନା କଲେ, ଯେଉଁ ଦୁଇଟି ଭାଷା ଶିଖିବା ପାଇଁ ଏକାନ୍ତ ପ୍ରୟୋଜନ । ୧୮୩୯ରେ ସେରାମପୁରରୁ ଡବ୍ଲ୍ୟୁ ରବିନ୍‌ସନ୍ ଦ୍ୱାରା 'ଅସମୀୟା ଭାଷାର ବ୍ୟାକରଣ' ମୁଦ୍ରିତ ହେଲା ଏବଂ ଏହାହିଁ ପ୍ରଥମ ଅସମୀୟା ବ୍ୟାକରଣ । ୧୮୪୯ରେ ରେଭେରେଣ୍ଡ୍ ବ୍ରାଉନ୍ ଶିବସାଗରରୁ 'ଅସମୀୟା ସାହିତ୍ୟର ବ୍ୟାକରଣ ପରିଚୟ' ପ୍ରକାଶ କଲେ । ସେହି ସ୍ଥାନରୁ ପୁଣି ଶ୍ରୀମତୀ କଟ୍ଟରଙ୍କ "ଶବ୍ଦକୋଷ" ପ୍ରକାଶିତ ହେଲା । ୧୮୯୪ ରେ ଜି. ଏଫ୍. ନିକୋଲ ତାଙ୍କ ବଙ୍ଗାଳୀ ଭାଷାର ମେନୁଏଲ୍ ସହିତ ଏକ ଅସମୀୟା ବ୍ୟାକରଣ ମଧ୍ୟ ଛାପିଲେ । ଅସମୀୟା ଭାଷାର ଏହିସବୁ ବ୍ୟାକରଣ

Digitized by srujanika@gmail.com

ଇଂରାଜୀରେ ଲେଖା ହୋଇଥିଲା ଏବଂ ସେ ସବୁ ଇଂରାଜୀ-ଭାଷୀ ଲୋକଙ୍କପାଇଁ ଉଦ୍ଦିଷ୍ଟ ଥିଲା, ବିଶେଷତଃ ଯେଉଁମାନେ ଅସମୀୟା ଭାଷା ଶିଖିବାକୁ ଚାହୁଁଥିଲେ । ସ୍ୱଭାବତଃ ସେମାନେ ଇଂରାଜୀ ବ୍ୟାକରଣର ନୀତିନିୟମଦ୍ୱାରା ପ୍ରଭାବିତ ହେଉଥିଲେ । କିନ୍ତୁ ସେମାନଙ୍କୁ ଅସମୀୟା ଭାଷା ଅଧ୍ୟୟନର ବୈଜ୍ଞାନିକ ପ୍ରଚେଷ୍ଟାର ପ୍ରଥମ ପ୍ରତିନିଧି ବୋଲାଯିବ ।

୧୮୬୭ରେ ବ୍ରନ୍‌ସନ୍‌ଙ୍କ 'ଅସମୀୟା ଓ ଇଂରାଜୀ ଶବ୍ଦକୋଷ' ଶିବସାଗରରୁ ବାପ୍ଟିଷ୍ଟ ମିସନ ପ୍ରେସ୍‌ରୁ ବାହାରିଲା । ଏଇଟି ପ୍ରଥମ ଅସମୀୟା ଶବ୍ଦକୋଷ । ଶ୍ରୀ ଯଦୁରାମ ବରୁଆ ଏହା ପୂର୍ବେ ଶବ୍ଦକୋଷଟିଏ ସଂକଳନ କରିଥିଲେ, ମାତ୍ର, ଦୁର୍ଭାଗ୍ୟକୁ ତାହା ଛପାହୋଇ ପାରିଲା ନାହିଁ ।

ବ୍ରନ୍‌ସନ୍‌ଙ୍କ ବନାନ କଥିତ ଭାଷା ଉପରେ ପର୍ଯ୍ୟବସିତ ହୋଇଥିଲା; ଯାହାର କଦାପି ଲିଖିତ ଶୈଳୀ ସହିତ ମେଳ ନ ଥାଏ । ତେଣୁ ତାଙ୍କ ଶବ୍ଦକୋଷର ଆଜି ସେତେଟା ବ୍ୟାବହାରିକ ଆବଶ୍ୟକତା ନାହିଁ । ମିଶନାରୀମାନଙ୍କ ଅନ୍ୟାନ୍ୟ ଅବଦାନ ବିଷୟରେ ମିଃ ପିଃ ଏରିକ୍‌ମୁର୍ ଜନୈକ ପାଦ୍ରୀ ତଥା ଭାଷାବିତ୍ ୧୯୦୭ ସାଲରେ ମନ୍ତବ୍ୟ କରିଥିଲେ: ଅସମୀୟା ଆଧୁନିକ ସାହିତ୍ୟ, ଖ୍ରୀଷ୍ଟାନ୍ ହେଉ ବା ନହେଉ, ଉନବିଂଶ ଶତାବ୍ଦୀର ଶେଷ ଷାଠିଏବର୍ଷର ଫଳ ବୋଲାଯିବ । ବ୍ରାଉନ୍, ବ୍ରନ୍‌ସନ୍ ଏବଂ ନିଧି ଲେଭି ହେଲେ ତ୍ରିମୂର୍ତ୍ତି ଯାହାଙ୍କନାମ ଅସମୀୟା ଖ୍ରୀଷ୍ଟିୟାନ୍ ସାହିତ୍ୟର ପ୍ରତିଷ୍ଠାତାରୂପେ ଅନ୍ୟମାନଙ୍କ ଭିତରେ ସ୍ପଷ୍ଟ ଫୁଟି ଦିଶେ ।''

ବ୍ରାଉନ୍‌ଙ୍କ ଅନ୍ୟଏକ ଅବଦାନ ହେଲା ନିଉ ଟେଷ୍ଟାମେଣ୍ଟର ଅସମୀୟା ସଂସ୍କରଣ । କିନ୍ତୁ ଏହା ମଧ୍ୟ ମନେରଖିବା ଉଚିତ ଯେ ବାଇବେଲ୍ ଯଦିଓ ମହାନ୍ ଏବଂ ପବିତ୍ର ପୁସ୍ତକ ଏହାର ଅସମୀୟା ସଂସ୍କରଣ ଆସାମର ଭାଷା ଓ ସାହିତ୍ୟ ଉପରେ କୌଣସି ପ୍ରଭାବ ବା ଛାପ ପକାଇନାହିଁ । ଅପ୍ରାକୃତିକ ଏବଂ ବିକୃତ ଭାଷାରେ, ଅସମୀୟା ଭାଷାରେ ଅପରିପକ୍ୱ ଜ୍ଞାନ ଥିବା ଲୋକଙ୍କଦ୍ୱାରା ପୁରାପୁରି ପୃଥକ୍‌ଧରଣର ସାଧୁ, ସନ୍ଥ ଏବଂ ଧର୍ମବିଶ୍ୱାସ ବିଷୟରେ ଲେଖାଯାଇଥିବାରୁ ନିଉ ଟେଷ୍ଟାମେଣ୍ଟ ଲୋକଙ୍କ ହୃଦୟରେ ଚେରଧରି ପାରିଲାନାହିଁ ଯେମିତି ଅମର ମହାକାବ୍ୟଦ୍ୱୟ ରାମାୟଣ ଓ ମହାଭାରତ ସେମାନଙ୍କ ମନକୁ ଆକର୍ଷଣ କଲା । ଖ୍ରୀଷ୍ଟିୟାନ୍ ସ୍ତୁତି ଓ ପ୍ରାର୍ଥନା ଯାହା ସେ ନିଜେ ରଚନାକରି ପ୍ରକାଶ କରିଥିଲେ, ତାହା ସହିତ ବ୍ରାଉନ୍ କିଛି ପ୍ରାଚୀନ ପାଣ୍ଡୁଲିପି ମୁଦ୍ରଣର ବ୍ୟବସ୍ଥା ମଧ୍ୟ କରିଥିଲେ । ତାଙ୍କ ସ୍ତ୍ରୀ ମଧ୍ୟ କେତେଖଣ୍ଡି ପାଠ୍ୟପୁସ୍ତକ ଓ ଗଳ୍ପ ଅସମୀୟା ଭାଷାରେ ଲେଖିଥିଲେ ।

ସ୍ଥାନୀୟଗୁଣୀମାନଙ୍କ ଭିତରୁ ଯେଉଁମାନେ ପାଦ୍ରୀମାନଙ୍କୁ ସାହାଯ୍ୟ କରିଥିଲେ, ସେ ମଧ୍ୟରେ, ନିଧି ଲେଭି ଫାର୍‌ୱେଲ୍‌ଙ୍କ ନାମ ଉଲ୍ଲେଖଯୋଗ୍ୟ । 'ଅରୁଣୋଦୟ'ରେ ସେ ଗୁଡ଼ିଏ ପ୍ରବନ୍ଧ ଓ କବିତା ପ୍ରକାଶ କରିଥିଲେ ଏବଂ ଅସମୀୟା ବନାନ ଓ ବ୍ୟାକରଣକୁ

Digitized by srujanika@gmail.com

ଗୋଟାଏ ମାନରେ ପକାଇବାକୁ ଚେଷ୍ଟା କରିଥିଲେ । ତା ଛଡ଼ା ସେ ୧୮୫୫ରେ ବଙ୍ଗଳାରୁ ଅନୁବାଦକରି Natural Science in Familiar Dialogue ଛାପିଥିଲେ । ଏ ବହିଟି ଚଉଦଟି ବିଭିନ୍ନ କଥୋପକଥନ ଜରିଆରେ ପ୍ରାକୃତିକ ଘଟଣାବଳି ଯଥା-- ଗ୍ରହମାନଙ୍କର ଗତିବିଧି, ବାୟୁମଣ୍ଡଳ, ମଣିଷର ଉତ୍ପତ୍ତି ଓ ରହସ୍ୟ, ପ୍ରାଣୀ, ଉଦ୍ଭିଦ, ଲତାଗୁଳ୍ମ ଏବଂ ଧାତୁମାନଙ୍କ କ୍ରମବିକାଶ ବହିଟିରେ ବୁଝାଇ ଦିଆଯାଇଛି । ଏ ପୁସ୍ତକଟିରୁ ଆଧୁନିକ ଅସମୀୟାର ସର୍ବପ୍ରାଚୀନ ଗଦ୍ୟସଂଳାପର ଚିତ୍ର ମିଳେ, ଯାହା ପରବର୍ତ୍ତୀ କାଳରେ ଗଦ୍ୟନାଟକର ଭାଷାରେ ପରିଣତ ହେଲା । ଫାରଭ୍ରେଲ୍‌ଙ୍କ ସାଧାରଣ ବିଜ୍ଞାନ ଉପରେ ଲିଖିତ ଗ୍ରନ୍ଥଟି ସହିତ ଯେଉଁ ଆଧୁନିକ ଅସମୀୟା ବୈଜ୍ଞାନିକ ଭାଷା ପାଇଁ ସ୍ଥିତିସ୍ଥାପକ ଗଦ୍ୟଶୈଳୀ ସୃଷ୍ଟିକଲେ ତାହା ଏକପ୍ରକାର ତାଙ୍କ ନିଜସ୍ୱ ସୃଷ୍ଟି । Pilgrim's Progress ର ଅନୁବାଦ 'ଯାତ୍ରୀକାରର ଯାତ୍ରା' ଏଠାରେ ଉଲ୍ଲେଖ କରାଯାଇପାରେ ଏବଂ ତା ସହିତ ପାଦ୍ରୀମାନେ ପ୍ରକାଶ କରିଥିବା ଦୁଇଟି ଉପନ୍ୟାସ 'କାମିନୀ କାନ୍ତ' ଏବଂ 'ଫୁଲବାଣୀଆରୁ କରୁଣା' । ଉଲ୍ଲେଖଯୋଗ୍ୟ ଧର୍ମଗ୍ରନ୍ଥର ସୁର ଥାଇମଧ୍ୟ ଜି.ଏସ. ଗୁର୍ଣ୍ଣେଙ୍କ 'କାମିନୀକାନ୍ତ' (୧୮୭୭) ହେଉଛି ଅସମୀୟା ପ୍ରଥମ ଉପନ୍ୟାସ । ଖ୍ରୀଷ୍ଟଧର୍ମ ପ୍ରସାରପାଇଁ ପାଦ୍ରୀମାନେ ଗଦ୍ୟରେ ଅନେକ ବହି ଲେଖିଥିଲେ । ଯଦିଓ ଅଧିକାଂଶ ବହି ଇଂରାଜୀର ଅନୁବାଦ ଏବଂ ମୌଳିକତାବିହୀନ ତଥାପି ସେମାନଙ୍କ ମାଧ୍ୟମରେ ଏକ ଗଦ୍ୟଶୈଳୀର ଉଦ୍ଭବ ହେଲା, ଯାହାଦ୍ୱାରା ବିଭିନ୍ନ ବିଷୟରେ ଭାବପ୍ରକାଶ ସମ୍ଭବ ହେଲା ।

ପାଦ୍ରୀମାନେ ସେମାନଙ୍କ ରଚନାରେ ଲୋକମାନଙ୍କର କଥିତଭାଷା ଗ୍ରହଣକଲେ । ଭାଷାର ପ୍ରତିଭାର ବ୍ୟାପକ ବା ଗଭୀର ପ୍ରବେଶ ବା ଜ୍ଞାନ ସେମାନଙ୍କର ନଥିଲା । ଫଳରେ ସେମାନଙ୍କ ଲେଖା କୃତ୍ରିମ ଏବଂ କେତେବେଳେ ଶବ୍ଦର ଭ୍ରମ ବା ଭୁଲ୍ ଉଚ୍ଚାରଣ ଯୋଗୁଁ କୌତୁକାବହ ମଧ୍ୟ ହେଲା । ମୋଟାମୋଟି ସେମାନଙ୍କ ଲେଖା ଜନସାଧାରଣଙ୍କୁ ଆକର୍ଷଣ କରିପାରିଲା ନାହିଁ ।

କିନ୍ତୁ ସେମାନେ ନିଶ୍ଚିତରୂପେ ଗୋଟାଏ କାମ କରିପାରିଲେ । ଏଯାକେ ଅସମୀୟା ସାହିତ୍ୟ ଊଣାଧିକେ ମୌଖିକ ସାହିତ୍ୟ ହୋଇ ଗାଁଗଣ୍ଡା ବା ଆହୋମ ଦରବାରରେ ଆବଦ୍ଧହୋଇ ରହିଥିଲା । ବର୍ତ୍ତମାନ ଏହା ନିଶ୍ଚିତରୂପେ ସହରୀ ରଙ୍ଗ ନେଲା ଏବଂ ଗୌହାଟୀ, ଶିବସାଗର, ନାଉଗଙ୍ଗ ଏବଂ ସେମିତି ପ୍ରଧାନସ୍ଥଳୀ ବା ସହରମାନଙ୍କରେ ସାହିତ୍ୟ ଚକ୍ରମାନ ଦେଖାଦେଲା । ପୁରୁଣା ଧର୍ମସର୍ବସ୍ୱ ସ୍ୱର ବଦଳରେ ନୂଆ ଅନାଧର୍ମିକ ସ୍ୱର ଶୁଭିଲା ଏବଂ ଏକପ୍ରକାର ସାହିତ୍ୟର ଉଦ୍ଭବହେଲା, ଯହିଁରେ ପୌରାଣିକ ଦେବାଦେବୀ ବା ପରୀ ଅପ୍ସରୀଙ୍କ ଦୁନିଆଁ ନଥିଲା; ଥିଲେ ଏଇଠିକାର, ଆଜିର, ମର ଦୁନିଆଁର ଲକ୍ଷଲକ୍ଷ ମଣିଷ । ଦେଶରେ ପାଶ୍ଚାତ୍ୟ ଭାବଧାରା ଇଂରାଜୀ ଶିକ୍ଷାର ପ୍ରଗତି ସହିତ ପ୍ରସରିବାକୁ ଲାଗିଲା । ପ୍ରତିସହରରେ ଏକ ଏକ ସାହିତ୍ୟିକ ସମାଜ ଜନ୍ମନେଲା । ପୁରୁଣା ବିଶ୍ୱାସ, ପନ୍ଥା ଏବଂ

Digitized by srujanika@gmail.com

ଚିନ୍ତାଧାରା ସ୍ଥାନରେ ନୂଆ ନୂଆ ଧାରଣା, ଭାବ ଆସିଲା । ପାଶ୍ଚାତ୍ୟ ଭାବଧାରାର ପ୍ରଭାବ ସାହିତ୍ୟ ରାଜ୍ୟରେ ତୀବ୍ରଭାବରେ ଅନୁଭୂତ ହେଲା ଏବଂ ନାନା ସୃଜନମୂଳକ କର୍ମରେ ସାହିତ୍ୟିକମାନେ ନିଜକୁ ନିୟୋଜିତ କଲେ ।

ନୂଆ ଭାବରାଶିର ପ୍ରସାର, ଦିଗ୍‌ବିଜୟର ପରିବ୍ୟାପ୍ତି ଏବଂ ସାହିତ୍ୟର ସମୃଦ୍ଧି ସାଙ୍ଗକୁ ସମ୍ବାଦପତ୍ର ଓ ମୁଦ୍ରାଯନ୍ତ୍ର, ବିଶେଷତଃ ଶିବସାଗରର ବାପ୍ଟିଷ୍ଟ ମିସନ୍ ପ୍ରେସ୍ ଏବଂ ସେଠାରୁ ପ୍ରକାଶିତ 'ଅରୁଣୋଦୟ' ଅମୂଲ୍ୟ ଅବଦାନ ଯୋଗାଇଲେ ମଧ୍ୟ ଊନବିଂଶ ଶତାବ୍ଦୀର ଅଧିକାଂଶ ଅସମୀୟା ପୁସ୍ତକ ଏଇ ପ୍ରେସ୍‌ରୁ ବାହାରିଥିଲା । ଛପାବହି ଏବଂ ସମ୍ବାଦପତ୍ର ସାଧାରଣ ଲୋକଙ୍କ ପହୁଞ୍ଚକୁ ସାହିତ୍ୟ ଆଣିଦେଲା । ତଦ୍ବାରା ସାହିତ୍ୟର ପ୍ରଗତି ସହିତ ସମସ୍ତଙ୍କ ବୋଧଗମ୍ୟ ଷ୍ଟାଣ୍ଡାର୍ଡ ଭାଷା ସୃଷ୍ଟିର ସହାୟକ ମଧ୍ୟହେଲା ।

ପ୍ରସଙ୍ଗତଃ କେତେକ ତତ୍‌କାଳୀନ ଅସମୀୟା ସାହିତ୍ୟିକଙ୍କ ନାମୋଲ୍ଲେଖ କରାଯାଇପାରେ ଯେଉଁମାନେ ପାଦ୍ରୀମାନଙ୍କସହିତ ମିଳିମିଶି ଅନେକ କାମ କରିଥିଲେ ଏବଂ ସେମାନଙ୍କ କାର୍ଯ୍ୟସାଧନରେ ମଧ୍ୟ ସହାୟତା କରିଥିଲେ । ସେମାନଙ୍କ ମଧ୍ୟରେ ଆନନ୍ଦରାମ ଢେକିଆଲ୍ ଫୁକନ୍ ଥିଲେ ଅଗ୍ରଣୀ । ଢେକିଆନ୍ ଫୁକନ୍ ଅସମୀୟା ଭାଷାକୁ କୋର୍ଟକଚେରୀ ସ୍କୁଲମାନଙ୍କରେ ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନ କରିଥିଲେ ଏବଂ 'ଅରୁଣୋଦୟ'ରେ ଅନେକ ଶକ୍ତିଶାଳୀ ପ୍ରବନ୍ଧ ସେ ସମ୍ବନ୍ଧରେ ପ୍ରକାଶକରିଥିଲେ । ତାଙ୍କର 'A few remarks on the Assamese language' ନାମରେ ଶକ୍ତିଶାଳୀ ପ୍ରଶ୍ନର ପତ୍ରଟି ଯହିଁରେ ଅସମୀୟା ଭାଷାକୁ ପୁନର୍ବାର ପ୍ରଚଳନ କରାଯାଉ ବୋଲି ଆବେଦନ କରାଯାଇଥିଲା ତାହା ୧୮୪୯ରେ ଶିବସାଗର ବାପ୍ଟିଷ୍ଟ ମିସନ ପ୍ରେସ୍‌ରୁ ଛପାଯାଇଥିଲା । ଫୁକନ୍‌ଙ୍କ ଅନ୍ୟାନ୍ୟ ଲେଖା ଭିତରେ ଥିଲା ପ୍ରଶଂସନୀୟ 'ଅସମୀୟା ଲୋରାର ମିତ୍ର' (୧୮୪୯) । ଯଦିଓ ସେଥିରେ ସାହିତ୍ୟ ମୂଲ୍ୟ ନାହିଁ ତଥାପି ତାଙ୍କ ରଚନାବଳୀରେ କ୍ରମେ ଉଦ୍ଭବ ହେଉଥିବା ପରିବର୍ତ୍ତନ ଯୁଗର ଗଦ୍ୟରୀତିର ନମୁନା ଦେଖିବାକୁ ମିଳେ । ଅକାଳରେ ଯୁବଦଶାରେ ତାଙ୍କ ମୃତ୍ୟୁ ଉଦୀୟମାନ ସାହିତ୍ୟିକଙ୍କ ଜୀବନକୁ ଶେଷ କରିଦେଲା ।

ପରବର୍ତ୍ତୀ ବଡ଼ଲେଖକ, ଯିଏ ଅସମୀୟାଭାଷା ଓ ସାହିତ୍ୟକୁ ଆଗକୁ ନେବାର ପ୍ରଚେଷ୍ଟା କରିଥିଲେ ସିଏ ହେଲେ ଗୁଣାଭିରାମ ବରୁଆ । ଆନନ୍ଦରାମ ଢେକିଆଲ୍ ଫୁକନଙ୍କ ପରି ଗୁଣାଭିରାମ ମଧ୍ୟ କଲିକତାରେ ଶିକ୍ଷାଲାଭ କରିଥିଲେ । ବରୁଆଙ୍କ ଦୁଇଟି ମୁଖ୍ୟରଚନା ହେଲା "ଆନନ୍ଦରାମ ଢେକିଆଲ୍ ଫୁକନ୍‌ଙ୍କ ଜୀବନ ଚରିତ" (୧୮୮୦) ଏବଂ 'ଆସାମ ବୁରଞ୍ଜି' (୧୮୮୪) ଯଥାକ୍ରମେ ଜୀବନୀ ଓ ଇତିହାସ ରଚନାରେ ଆଧୁନିକ୍ ଚିନ୍ତାସମ୍ମତ ଆଦର୍ଶ ଗ୍ରନ୍ଥ । ଗୁଣାଭିରାମଙ୍କ ମଣିଷର ଆତ୍ମାକୁ ପରିସ୍ଫୁଟକରିବାପାଇଁ ଘଟଣା ସଜାଇବା ଏବଂ କାଳର ସ୍ୱରୂପ ଉନ୍ମୁକ୍ତ କରିବାର ଶକ୍ତି ଓ ଚାତୁରୀ ଯଥେଷ୍ଟମାତ୍ରାରେ

Digitized by srujanika@gmail.com

ଥିଲା । ବୈଷ୍ଣବଯୁଗର ଧର୍ମାତ୍ମାମାନଙ୍କ ଜୀବନଚରିତ ଚିତ୍ରଣକଳାର ପରମ୍ପରା ସହିତ ସେ ସମ୍ପର୍କ ତୁଟାଇଦେଲେ । ତାଙ୍କ ଇତିହାସ ଆସାମର ପ୍ରଥମ ପରିପୂର୍ଣ୍ଣାଙ୍ଗ ଆଧୁନିକ ଇତିହାସ ଯହିଁରେ କେବଳ ରାଜନୀତି ନୁହେଁ ଧର୍ମ, ସମାଜ ଓ ସଂସ୍କୃତି ମଧ୍ୟ ସ୍ଥାନ ପାଇଲା । ତାଙ୍କ ବର୍ଣ୍ଣନା ମନମୁଗ୍ଧକର, ଭାଷା ଅଳଙ୍କାରବର୍ଜିତ, ସରଳ, ଆବେଦନପୂର୍ଣ୍ଣ । ଗୁଣାଭିରାମ 'ଆସାମ ବନ୍ଧୁ' ନାମକ ମାସିକ ପତ୍ରିକାଟିଏ ମଧ୍ୟ ସମ୍ପାଦନ କରିଥିଲେ; ପତ୍ରିକାଟି କଲିକତାରୁ ବାହାରୁଥିଲା । ସେଥିରେ ସେ ନିଜେ ଆସାମର ଇତିହାସ ସହିତ ସଂପୃକ୍ତ ଅନେକ ପ୍ରବନ୍ଧ ଲେଖିଥିଲେ ।

ଗୁଣାଭିରାମ ବରୁଆଙ୍କ ହାତରେ ଅସମୀୟା ଗଦ୍ୟ ପୂର୍ବେ ପାଇନଥିବା ପରାକାଷ୍ଠା ପାଇଲା । ତାଙ୍କ ପୂର୍ବସୂରୀମାନେ ଅସମୀୟା ଗଦ୍ୟକୁ ସ୍ଥିତିସ୍ଥାପକ କରି ସର୍ବପ୍ରକାର ଭାବନା ପ୍ରକାଶକ୍ଷମ କରିଥିବା ସ୍ଥଳେ ଏବଂ ଖ୍ରୀଷ୍ଟିୟାନ୍ ପାଦ୍ରୀମାନେ ତାକୁ ଲଗାଇ ଖ୍ରୀଷ୍ଟିୟାନ୍ ଧର୍ମୀୟ ଓ ଅନାଧର୍ମୀୟ ଏବଂ ବୈଜ୍ଞାନିକ ଭାବ ବ୍ୟକ୍ତ କରିଥିବାସ୍ଥଳେ ଗୁଣାଭିରାମ ପୁରାପୁରି ସାହିତ୍ୟିକ ଓ କଳାତ୍ମକ ଭାବପ୍ରକାଶର ମାଧ୍ୟମ କରିଥିଲେ । ଏ ଯାକେ ଯାହା ଧର୍ମପ୍ରଚାରର ମାଧ୍ୟମ ଥିଲା, ତାହା ଶକ୍ତି ଓ ସୌନ୍ଦର୍ଯ୍ୟର ଅସ୍ତ୍ରରେ ପରିଣତ ହେଲା । ସାହିତ୍ୟିକ ସଂସ୍କୃତିର ଅଭିବୃଦ୍ଧି ଘଟାଇବା ପାଇଁ ସେ ବନ୍ଧୁମାନଙ୍କୁ ଲେଖିବାକୁ ଉତ୍ସାହିତ କଲେ ଏବଂ ବହୁଫଳବତୀ ସାହିତ୍ୟିକ କାର୍ଯ୍ୟର କେନ୍ଦ୍ରବ୍ୟକ୍ତି ରୂପେ ପରିଗଣିତ ହେଲେ । ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଏବଂ ସୁଦୀର୍ଘ ସାହିତ୍ୟିକ ଜୀବନପାଇଁ ସମସାମୟିକ ଲେଖକବର୍ଗ ତାଙ୍କୁ ସାହିତ୍ୟିକ ଡିକ୍ଟେଟର ବୋଲି ମାନୁଥିଲେ । ସେ ଇଂଲଣ୍ଡର ଡକ୍ଟର ଜନ୍‌ସନ୍‌ଙ୍କୁ ମନେପକାଇଦିଅନ୍ତି ।

ଊନବିଂଶ ଶତାବ୍ଦୀର ଅନ୍ୟଏକ ବିରାଟ ସାହିତ୍ୟିକ ପୁରୁଷ ହେଉଛନ୍ତି ହେମଚନ୍ଦ୍ର ବରୁଆ (୧୮୩୫-୯୬), ଯାହାଙ୍କୁ ଯଥାର୍ଥରେ ଅସମୀୟା ଭାଷା ଓ ସାହିତ୍ୟର ଜନକ ବୋଲାଯାଏ । ସେ ତାଙ୍କ କର୍ମରେ ଅପରିସୀମ ନିଷ୍ଠା, ସଂଗଠନଶକ୍ତି ଏବଂ ପରିଶ୍ରମ ବିନିଯୋଗ କରିଥିଲେ । ତାଙ୍କ ପ୍ରଣୀତ 'ଅସମୀୟା ଭାଷାର ବ୍ୟାକରଣ' (୧୮୫୬) ଏବଂ ଶବ୍ଦକୋଷ ଜଗତରେ ଆଦର୍ଶସ୍ଥାନୀୟ 'ହେମକୋଷ' (ଅଭିଧାନ) ଭାଷାର ଭବିଷ୍ୟତ ସମୃଦ୍ଧିପାଇଁ ନିର୍ଭରଶୀଳ ଭିତ୍ତିପ୍ରସ୍ତର ହେଲା । ଭାଷା ବର୍ତ୍ତମାନ ଏକ ଶୃଙ୍ଖଳା ଓ ପଦ୍ଧତିଗତ ବ୍ୟାକରଣ ପାଇଲା ଯହିଁରୁ ବନାନ, ବାକ୍ୟଗଠନ ସଂପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ମିଳିଲା । ଫଳତଃ ଗଣ୍ଡଗୋଳ ବିଭ୍ରାଟ ଅବୋଧ୍ୟତାର ଅବକାଶ ଆଉ ରହିଲା ନାହିଁ । ସେଥିରେ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି, ତହିଁର ଇଂରାଜୀ ପ୍ରତିଶବ୍ଦ ଏବଂ ଅସମୀୟାରେ ତାର ସଠିକ୍ ଅର୍ଥ ଥିବାରୁ ହେମକୋଷ ଏକ ଆଦର୍ଶ ଶବ୍ଦକୋଷ ରୂପେ ପରିଗଣିତ ହେଲା । ତାଙ୍କର ବ୍ୟାକରଣ ଓ ଶବ୍ଦକୋଷ ଆଜି ପର୍ଯ୍ୟନ୍ତ ତାହାହିଁ ରହିଛି ।

ହେମଚନ୍ଦ୍ର ବରୁଆ ଶିବସାଗରର ଜନୈକ ନୈଷ୍ଠିକ ବ୍ରାହ୍ମଣ ପରିବାରର ସନ୍ତାନ । ସେ ପାଦ୍ରୀମାନଙ୍କ ସାହାଯ୍ୟରେ ଘରୋଇ ଭାବରେ ଇଂରାଜୀ ଶିଖିଥିଲେ ।

Digitized by srujanika@gmail.com

'ଅରୁଣୋଦୟ' ପତ୍ରିକାର ସେ ଜଣେ ଗୁଣୀ ଲେଖକ । ସେ ତାଙ୍କ ସାହିତ୍ୟିକ ଜୀବନ ସ୍କୁଲ ପାଠ୍ୟ ରଚନାରୁ ଆରମ୍ଭ କରିଥିଲେ । ତାହା ମଧ୍ୟରୁ 'ଆଦିପାଠ' ଏବଂ 'ପାଠମାଳା' ଆଜିଯାକେ ଅସମୀୟା ଗଦ୍ୟଶୈଳୀର ଉଦାହରଣ ରୂପେ ରହିଛି । ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଭିତରେ "ବାହିରେ ରଠ କଉଁ ଭିତରେ କଭା ଭାତୁରି" ନାମକ ଛୋଟ ଉପନ୍ୟାସରେ ପ୍ରଥମଥର ପାଇଁ ଅସମୀୟା ସାହିତ୍ୟରେ ସମାଲୋଚକ ଦୃଷ୍ଟିଭଙ୍ଗୀ ପ୍ରବେଶ କଲା । ନିଜେ ଉଚ୍ଚ ଶ୍ରେଣୀର ବ୍ରାହ୍ମଣ ହୋଇମଧ୍ୟ ହେମଚନ୍ଦ୍ର ବରୁଆ ବ୍ରାହ୍ମଣମାନଙ୍କ ନୈଷ୍ଠିକତାର ଖୋଲାଖୋଲି ସମାଲୋଚନା କରୁଥିଲେ ଏବଂ ଅନେକ ସାମାଜିକ ଓ ନୈତିକ ଭଣ୍ଡାମି ଓ ପ୍ରାଚୀନ ପନ୍ଥାର କଠୋର ସମାଲୋଚକ ଥିଲେ । ଏହି ଛୋଟ ଉପନ୍ୟାସଟିରେ ଜନୈକ ହିନ୍ଦୁ ମହନ୍ତ ଗୋବର୍ଦ୍ଧନ ସତ୍ରାଧିକାରଙ୍କ ସମସ୍ତ ଦୁର୍ଗୁଣ ଓ ଦୁଷ୍କର୍ମ ସେ ପଦାକୁ ପକାଇ-ଦେଇଛନ୍ତି । ମଠାଧୀଶ ଧାର୍ମିକ ବୋଲି ପରିଚୟ ଦିଅନ୍ତି ସିନା, ଭିତରେ କାମାତୁର ଥାଇ ନାନା ଅନୈତିକ ଦୁଷ୍କର୍ମରେ ମଗ୍ନ ରହିଥାନ୍ତି, ଏପରିକି ନିଜ ନିମ୍ନ ଶ୍ରେଣୀର ଶିଷ୍ୟର ସ୍ତ୍ରୀକୁ ମଧ୍ୟ ଭୁଲାଇ ଆଣିବା ପର୍ଯ୍ୟନ୍ତ ଯାଇପାରନ୍ତି ।

୧୮୬୧ ସାଲରେ ତାଙ୍କର 'କାନିୟାର କୀର୍ତ୍ତନ' ପ୍ରକାଶିତ ହେଲା । ଏଇଟି ଏକ ସାମାଜିକ ଫାର୍ଶ ଯହିଁରେ ଅଫିମର ନିଶାର କୁଫଳ ବର୍ଣ୍ଣିତ । ପ୍ରସଙ୍ଗକ୍ରମେ ସେ ଏହି ଫାର୍ଶରେ ଦର୍ଶାଇଥିଲେ, କେମିତି ଧର୍ମ ନାଆଁରେ ଗୋସାଇଁ ଏବଂ ମହନ୍ତମାନେ, (ଯାହାଙ୍କ ଉପରେ ଧର୍ମୀୟ ଶାସନଭାର ନିହିତ ଥିଲା), ଅନୀତିମାନ ଆଚରଣ କରୁଥିଲେ; ଏବଂ ବ୍ରିଟିଶମାନଙ୍କ ପିଅନମାନେ ଗର୍ବରେ ଫୁଲି ମାତୃଭାଷା ବଦଳରେ ହିନ୍ଦୁସ୍ଥାନୀ ବ୍ୟବହାର କରୁଥିଲେ କେବଳ ସାଧାରଣ ଲୋକଙ୍କୁ ଡରାଇବା ଓ ଫୁଟାଣି ଦେଖାଇବା ପାଇଁ । ସମଗ୍ର ଫାର୍ଶଟି ତିକ୍ତତା, ବ୍ୟଙ୍ଗ ବିଦ୍ରୂପଭରା । ନାଟକୀୟ ଶକ୍ତି କିଛି ଊଣାହେଲେ ମଧ୍ୟ ଏହାର ଚରିତ୍ର ସଂଶୋଧନର ଆବେଦନ ଓ ମନୋରଞ୍ଜକ ସଂଳାପ 'କାନିୟାର କୀର୍ତ୍ତନ'କୁ ଏକ ବିଶିଷ୍ଟ ସାହିତ୍ୟିକ ସ୍ଥାନ ଦେଇଛି । ପ୍ରମାଣତଃ ଏହା ସରକାରଠାରୁ ପୁରସ୍କାରଟିଏ ମଧ୍ୟ ପାଇଥିଲା । ଅସମୀୟା ଗଦ୍ୟ ସାହିତ୍ୟର ବିବର୍ତ୍ତନରେ ହେମଚନ୍ଦ୍ର ବରୁଆଙ୍କ ପ୍ରଭାବ ଖୁବ୍‌ବେଶୀ ଉପକାରୀ ବୋଲାଯିବ ।

❑ ❑ ❑

Digitized by srujanika@gmail.com

# ପରିଚ୍ଛେଦ — ସାତ

## କବିତା

ପାଶ୍ଚତ୍ୟ ଶିକ୍ଷାର ପ୍ରସାର ଏବଂ ତା ଫଳରେ ପାଶ୍ଚାତ୍ୟ ଚିନ୍ତାର ପ୍ରଭାବ ଫଳରେ ଆସାମୀ କବିତାର ଶରୀର ଏବଂ ସତ୍ତାରେ ଏକ ମୌଳିକ ପରିବର୍ତ୍ତନ ହେଲା । ଉନବିଂଶ ଶତାବ୍ଦୀର ଶେଷ ଦଶକଗୁଡ଼ିକରେ ଏପରି ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ଅସମୀୟା ସାହିତ୍ୟ ଇଂଲଣ୍ଡର ରୋମାଣ୍ଟିକ ପୁନର୍ଜାଗରଣ (Romantic Revival) ଦ୍ୱାରା ପ୍ରଭାବିତ ହେବାଫଳରେ ନୂତନରୂପେ ବିକଶିତ ହେଲା । ପୁରାତନ ଏବଂ ସଂକୀର୍ଣ୍ଣ ଦୃଷ୍ଟିକୋଣ ବଦଳରେ ଆସିଲା ଉଦାରତା, ଚିରାଚରିତ ଧାରାବାହିକତା ବଦଳରେ ଆସିଲା ଆକର୍ଷଣୀୟ ବିଭିନ୍ନ ଆଙ୍ଗୀକର ପରୀକ୍ଷା । ଭାଷା, ଛନ୍ଦ ଏବଂ ଚିତ୍ରକଳ୍ପରେ ଅର୍ଥାତ୍ କାବ୍ୟଚେତନାର ଅନିବାର୍ଯ୍ୟ ମାଧ୍ୟମଗୁଡ଼ିକରେ ନାନାପ୍ରକାର ପରୀକ୍ଷା ନିରୀକ୍ଷା କବିତାକୁ ଏକ ନୂଆ ଦିଗନ୍ତ ଦେଲା । ଅସମୀୟା କବିତା ରୋମାଣ୍ଟିକ୍ ଯୁଗର ଇଉଟୋପିଆ ଓ ଏଲଡରାଡୋର ଜଗତରେ ପ୍ରବେଶ କଲା -- ଯେଉଁ ଜଗତ ସ୍ୱପ୍ନର ଜଗତ, ଆକାଶଚୁମ୍ବୀ ଆକାଂକ୍ଷାର ଜଗତ; ପୁଣି ସାମାଜିକ ଅବିଗ୍ରର, ଧର୍ମୀୟ ସଂକୀର୍ଣ୍ଣତା ଏବଂ ରାଜନୈତିକ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇବାର ସ୍ୱରରେ ମୁଖର ହେଲା ଏଇ ନୂଆ ଧର୍ମର କାବ୍ୟ ।

ଅନ୍ୟାନ୍ୟ ଭାଷାପରି ଅସମୀୟା ଭାଷାର କବିତା ମଧ୍ୟ ମଣିଷର ପ୍ରାଚୀନତମ ପ୍ରକାଶ ମାଧ୍ୟମ । ତେଣୁ ରୋମାଣ୍ଟିସିଜିମ୍‌ର ନୂଆ ସ୍ୱର (Spirit) କବିତାରେ ଯେ ତା'ର ପ୍ରଥମ ମୂର୍ଚ୍ଛନା ଖୋଜିନେବ, ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ । ଜଣେ ଆଧୁନିକ କବିଙ୍କ ଉକ୍ତି, "ଆଧୁନିକ ଜୀବନର ଜଟିଳତା, ଆର୍ତ୍ତ ଆଶଙ୍କା, କ୍ଳାନ୍ତି ନୈରାଶ୍ୟବୋଧ, ଚିନ୍ତା ଓ ଅନୁଭବର ଦୈନ୍ୟ ଭିତରେ କବିତାର ଉପଯୋଗିତାକୁ ଆମେ ଅସ୍ୱୀକାର କରିପାରୁଁ । କିନ୍ତୁ ଏହାର ପ୍ରଭାବରେ ମଣିଷର ବିଚଳିତ ମନସ୍ତରରେ ସ୍ଥୈର୍ଯ୍ୟ ଫେରି ଆସିପାରେ, ଅସରାଏ ବର୍ଷା ପରେ ଫୁଲର ଔଜ୍ଜ୍ୱଲ୍ୟ ଫେରିଆସିଲା ପରି ଏବଂ ଏହା ଫଳରେ ବାସ୍ତବତା ଆହୁରିଥରେ ରହସ୍ୟଘନ ହୋଇଉଠେ ।" ଆଧୁନିକ ଅସମୀୟା କବିତା ପାଇଁ କଥାଟି ଏକ ମହାସତ୍ୟ । ଇଂଲିଶ୍ ରୋମାଣ୍ଟିକତାର ପ୍ରଭାବ ନିଃସନ୍ଦେହ ଭାବେ ଯଥେଷ୍ଟ ଉପକାରୀ ହୋଇଥିଲା । ଏହାର ସୌନ୍ଦର୍ଯ୍ୟପ୍ରୀତି କବିତାକୁ ନିଜ ଦେଶର ନିଃସର୍ଗ ସୌନ୍ଦର୍ଯ୍ୟକୁ ପୂର୍ଣ୍ଣତର ରୂପେ ରସୋପଲବ୍ଧି କରିବାରେ ସାହାଯ୍ୟ କଲା । ସେହିପରି ଏହାର ପ୍ରାଚୀନତା ପ୍ରତି ଆଗ୍ରହ ତାକୁ ଜାତୀୟ ଐତିହ୍ୟ ପ୍ରତି ମନୋଯୋଗୀ କରାଇଲା ।

Digitized by srujanika@gmail.com

ଏହି ନୂଆ ଆନ୍ଦୋଳନର ଅଗ୍ରଗାମୀ କବି ଜଣେ ହେଲେ -- କମଳାକାନ୍ତ ଭଟ୍ଟାଚାର୍ଯ୍ୟ (୧୮୫୮-୧୯୩୬) । କମଳାକାନ୍ତଙ୍କ କବିତାରେ ତିନୋଟି ସର୍ତ୍ତ ଦେଖିବାକୁ ମିଳିଥାଏ- ଦେଶପ୍ରେମୀ, ଦାର୍ଶନିକ, ସମାଜ ସଂସ୍କାରକ । ପ୍ରଥମଥର ପାଇଁ ଅସମୀୟା ସାହିତ୍ୟରେ ସେ ଦେଶପ୍ରେମର ଡାକ ଦେଲେ । ତାଙ୍କ ଦେଶପ୍ରେମ ଭିତରେ ଯେଉଁ ଆହ୍ୱାନ ଥିଲା -- ତାହା ଗୋଟାଏ ସୁପ୍ତ ବିସ୍ମୃତ ଜାତିକୁ ଜାଗ୍ରତ କରିବାର ଆହ୍ୱାନ କେବଳ ନ ଥିଲା, ଶୀଥିଳତାର ମୋହ କାଟି ପ୍ରାଚୀନ ସଂସ୍କୃତିର ଗୌରବକୁ ଚିହ୍ନିବାପାଇଁ ଏବଂ ସମୟର ଗତି ସହ ତାଳ ରଖି ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅନୁସରଣ କରିବାପାଇଁ ମଧ୍ୟ ଆହ୍ୱାନ ଥିଲା । ଗାରିବାଲ୍‌ଡୀ ଓ ମାଜିନୀଙ୍କ କାର୍ଯ୍ୟକଳାପ ଦ୍ୱାରା ଅନୁପ୍ରେରଣା ପାଇ ସେ ଲେଖିଲେ :

ତା'ପରେ ଜନ୍ମନେବେ ସହସ୍ର ମାଜିନୀ
ଉପେକ୍ଷିତ ପଥର ଖଣ୍ଡରୁ
ଏବଂ ଶହ ଶହ ଗାରିବାଲ୍‌ଡୀ ମଧ୍ୟ
ଭାରତ ଭୂମିକୁ କରିବେ ଉଜ୍ଜ୍ୱଳ ।

ଖ୍ରୀ ୧୮୦୯ରେ ପ୍ରକାଶିତ ଦୁଇଟି କାବ୍ୟଗ୍ରନ୍ଥ 'ଚିତାନଳ' ଓ 'ଚିନ୍ତାତରଙ୍ଗିନୀ'ରେ ଦେଶର ପରାଧୀନତା ଓ ତତ୍-ଜନିତ ଦୁର୍ଭୋଗତାକୁ କିପରି ଅସ୍ଥିର କରିଛି ଦେଖିବାକୁ ମିଳେ । ଅଧିକାଂଶ କବିତାର ବିଷୟବସ୍ତୁ ହେଲା ସୂର୍ଯ୍ୟକରୋଜ୍ଜ୍ୱଳ ଅତୀତ ସହ ତମସାଚ୍ଛନ୍ନ ବର୍ତ୍ତମାନର ପାର୍ଥକ୍ୟ । ଏହି ପ୍ରାଚୀନ ଭୂଖଣ୍ଡ ଏବେବି ସୁନ୍ଦର ମହନୀୟ ଯଦିଓ ଦେଶବାସୀ ଦୁର୍ଦ୍ଦଶାଗ୍ରସ୍ତ -- ଏହାହିଁ ତାଙ୍କର କାବ୍ୟବାଣୀ ଥିଲା । 'ଚିତାନଳ'ର ଯେପରି "ଉଦ୍‌ଗାନ", "ପୂର୍ଣ୍ଣିମାର ରାତି" "ଇନୁ ଆସାମ୍ ନୟ ଶ୍ମଶାନ" ଏବଂ "ଜାତୀୟ ଗୌରବ" ଇତ୍ୟାଦି କବିତାଗୁଡ଼ିରେ ଦୁଇଟି ଚିତ୍ରର ଚମତ୍କାର ପ୍ରତିନ୍ୟାସ ଦେଖିବାକୁ ମିଳେ । ଗୋଟିଏ ସୁନେଲୀ ଅତୀତର, ଅନ୍ୟଟି ଲୌହଶୃଙ୍ଖଳମୟ ସମକାଳୀନ ଅବସ୍ଥାର । ଫୁଲର ସୌରଭପରି ତାଙ୍କ କବିତାର ସୌରଭ ଯାହା ଭିତରେ ଥିଲା ନୂଆ ଜାତୀୟତାବୋଧ, ନୂଆ ମୂଲ୍ୟବୋଧ, ଏବଂ ଉପନିଷଦୀୟ ସଂସ୍କୃତି । ଭାରତୀୟ କବି ଭାବେ ନିଜକୁ ଗର୍ବ ଅନୁଭବ କରିବା ସଙ୍ଗେ ସଙ୍ଗେ ଆସାମର ଗୌରବପାଇଁ ସୁବେଦୀ ଥିଲେ ।

'ପାହାରାନୀ (ବିସ୍ମୃତି)' କବିତା ବହିରେ ଆସାମର ପ୍ରାଚୀନ ଲୁପ୍ତଗୌରବ କିପରି ପୁନରୁଦ୍ଧାର ହୋଇପାରିବ ଏବଂ ମାତୃଭୂମିକୁ ବିଶ୍ୱରେ ଚିହ୍ନେଇହେବ ବିଷୟବସ୍ତୁରୂପେ ନେଲେ । ଏହି ଜାତୀୟବାଦୀ କବିତା କମଳାକାନ୍ତଙ୍କର ପରବର୍ତ୍ତୀ ଯୁଗର କବିମାନଙ୍କୁ ଯଥେଷ୍ଟ ପ୍ରେରଣା ଦେଇଛି ।

'ହିମାଳୟର ପ୍ରତି ସମ୍ବୋଧନ' କବିତାରେ କବି ଉତ୍ତାଳ କଳ୍ପନାପ୍ରବଣ ଓ ଆକର୍ଷଣୀୟ ସଂଳାପ ମାଧ୍ୟମରେ ଭାରତର ଗୌରବମୟ ପ୍ରାଚୀନତା ସହ ବର୍ତ୍ତମାନର

Digitized by srujanika@gmail.com

ଦୁଃଖ ଦୁର୍ଦ୍ଦଶାକୁ ଦେଖାଇଛନ୍ତି । ବୈଦିକ ଯୁଗରେ ବ୍ରାହ୍ମଣମାନେ ଶିକ୍ଷା ସଂସ୍କୃତିର କର୍ଣ୍ଣଧାର ଥିଲେ, କ୍ଷତ୍ରିୟମାନେ ଦେଶର ଶାସନ ଓ ପ୍ରତିରକ୍ଷା ଦାୟିତ୍ୱରେ ଥିଲେ ଏବଂ ବୈଶ୍ୟମାନେ ବ୍ୟବସାୟବାଣିଜ୍ୟ ତଥା ଅର୍ଥନୀତି ଓ ଶିଳ୍ପର ଯତ୍ନ ନେଉଥିଲେ । ଏବେ ସମସ୍ତେ ନିଜ ନିଜର ନିଦ୍ଦିଷ୍ଟ ଉର୍ଦ୍ଦିଷ୍ଟ ଦାୟିତ୍ୱରୁ ଓହରିଯାଉଥିବାରୁ ମୂର୍ଖତା, ନିରକ୍ଷରତା, ଅଶାନ୍ତି, ଅସାମ୍ୟ, ଦୁର୍ନୀତି ଓ ଦାରିଦ୍ର୍ୟରେ ଦେଶବାସୀ ପ୍ରପୀଡ଼ିତ । କବି ଅବଶ୍ୟ ଏକ ଉଜ୍ଜ୍ୱଳ ଭବିଷ୍ୟତରେ ଆଶାବାଦୀ ।

ଧୀରେ ଏକ ନୂତନ ପୃଥିବୀ ନେବ ଜନ୍ମ
ଈର୍ଷା ଏବଂ ଘୃଣା ବଦଳରେ ଆସିବ ପ୍ରେମ
ଅବଶେଷେ ପୃଥିବୀରେ ଶାନ୍ତିର ହେବ ଜୟ ।

କମଳାକାନ୍ତ ଆସାମୀମାନଙ୍କ ଚିନ୍ତାଜଗତକୁ, ଭାବଜଗତକୁ, କଳ୍ପନାଜଗତକୁ ଦୋହଲାଇ ଦେଇଥିଲେ, ଯାହା ଫଳରେ ନୂଆ ଦୃଷ୍ଟି ଜନ୍ମନେଲା । ପ୍ରଗତି ଏକ ନୂଆପଥରେ ସଞ୍ଚାରିତ ହେଲା । କମଳାକାନ୍ତଙ୍କଠାରେ ଆବେଗ ଥିଲା, ଦୈବୀ ପ୍ରେରଣାର ଚକିତ ସ୍ପର୍ଶ ଥିଲା, କିନ୍ତୁ ତାଙ୍କର ଛନ୍ଦ ସର୍ବଦା ସାବଲୀଳ, ସୁଶୃଙ୍ଖଳ ଓ ସୁଶୋଭନ ନ ଥିଲା । ତାଙ୍କ କାବ୍ୟବିନ୍ୟାସ କହିବାକୁ ଗଲେ ଶିଥିଳ ।

ଭୋଳାନାଥ ଦାସ (୧୮୫୮--୧୯୨୯) ଆଉଜଣେ ଗୀତିକବି । ତାଙ୍କର ଚିନ୍ତା ତରଙ୍ଗିଣୀରେ କିଛି ମହତ କବିତା ଅଛି । ସେ ମଧ୍ୟ ଆସାମୀ ଭାଷାର ପ୍ରଥମ ମହାକାବ୍ୟ ରଚୟିତା । ମାଇକେଲ ମଧୁସୂଦନଙ୍କ ଦ୍ୱାରା ପ୍ରଭାବିତ ରାମାୟଣ ଗଳ୍ପକୁ ଅବଲମ୍ବନକରି ସୀତାହରଣ କାବ୍ୟ ୧୮୮୮ରେ ପ୍ରକାଶିତ କାବ୍ୟଭାଷାରେ ପ୍ରଚୁର ସଂସ୍କୃତ ଶବ୍ଦ ସହ ମଧ୍ୟଯୁଗୀୟ ଆସାମୀ ଶବ୍ଦ ଦେଖିବାକୁ ମିଳେ, ତେଣୁ କାବ୍ୟଟି ଅନେକସ୍ଥଳେ ମାଧୁର୍ଯ୍ୟବର୍ଜିତ, ଯଦିଓ ବାଗ୍ମୀତା କାବ୍ୟପ୍ରକରଣରେ ଉଲ୍ଲେଖ୍ୟ । ସ୍ମରଣୀୟ ପଙ୍‌କ୍ତି କ୍ୱଚିତ୍ ଦେଖାଯାଏ । 'ସୁର୍ପନଖା' କବିତାରେ କବି ସ୍ତ୍ରୀ-ଚରିତ୍ର ବିଷୟରେ କହନ୍ତି --

"ରମଣୀର ମନଟା କ'ଣ ସାରା ବିଶ୍ୱରେ କିଏ ବା ଜାଣିପାରେ ? ତା'ର କୋମଳ ସୁନ୍ଦର ମୁହଁ ତ ନୁହେଁ ମନର ଦର୍ପଣ ? କିଏ ବା ମାପିପାରେ ଯୁବତୀର ମନର ଅତଳ ସମୁଦ୍ରକୁ ? ହୋଇପାରେ ତାହା ସ୍ଥିର, ଶାନ୍ତ, କିନ୍ତୁ ହୃଦୟ ? ପଦ୍ମନୟନାର କମନୀୟତା ଲୁଗ୍ଧଇ ଥାଏ ଅନ୍ଧକାର । ଅଗ୍ନିର ସ୍ଫୁଲିଙ୍ଗ ଦିଏ ଆଲୋକ ତଥାପି ତା ଭିତରେ ଥାଏ ଅନ୍ଧକାରର କଣିକା ।"

ଲକ୍ଷ୍ମୀନାଥ ବେଜବରୁଆ (୧୮୬୮-୧୯୩୮) ଆଧୁନିକ ଅସମୀୟା ସାହିତ୍ୟର ସର୍ବଶ୍ରେଷ୍ଠ ବ୍ୟକ୍ତିଭାବେ ଗଣ୍ୟ । ଐତିହ୍ୟ ଲଙ୍ଘନକାରୀ ଚମତ୍କାର କବି, ମୌଳିକ ପ୍ରାବନ୍ଧିକ ଏବଂ ଖ୍ୟାତନାମା ସାମ୍ବାଦିକ ବ୍ୟକ୍ତି । ତାଙ୍କ ଲେଖାରେ କେବଳ ଯେ ନୂଆଚିନ୍ତା ଭାବନାର

Digitized by srujanika@gmail.com

ଉନ୍ମେଷ ମିଳିଥାଏ ତା'ନୁହେଁ, ଆଙ୍ଗିକ ଏବଂ ନୂଆ ପ୍ରକରଣର ମଧ୍ୟ ସେ ନୂଆ ସ୍ୱାଦର ପ୍ରବର୍ତ୍ତକ । ସେ ପ୍ରେମକବିତା, ପ୍ରକୃତି କବିତା, କାହାଣୀ କବିତା, ଗୀତିକଥା ରଚନା କରିଥିଲେ । ରୋମାଣ୍ଟିକ ଭାବଧାରାରେ ପରିପୃକ୍ତ ଏହି କବି ଦୁଇପ୍ରକାର ଜଗତର ଦ୍ରଷ୍ଟା ଥିଲେ-- ଗୋଟିଏ ବିଷାଦର ମାଧୁର୍ଯ୍ୟ, ଅନ୍ୟଟି ପ୍ରକୃତିର ଶବ୍ଦବର୍ଣ୍ଣମୟ ସୁଷମା ।

ତାଙ୍କର ଦେଶାମୃବୋଧ କବିତାଗୁଡ଼ିକ ଅସମୀୟା ଐତିହ୍ୟ ଓ ସଂସ୍କୃତିର ମହନୀୟତାରେ ମୁଖର । 'ଆମାର୍ ଜନ୍ମଭୂମି', 'ମୋର ଦେଶ' ଏବଂ 'ଆସାମ ସଂଗୀତ' ଇତ୍ୟାଦି କାବ୍ୟଗ୍ରନ୍ଥ ତା'ର ପ୍ରମାଣ । ଆସାମର ଲୁପ୍ତଗୌରବ ଏବଂ ବିସ୍ମୃତ ପରମ୍ପରା ପାଇଁ କବି ସମ୍ବେଦନଶୀଳ ।

ବେଜବରୁଆଙ୍କ ଜାତୀୟ ଭାବାଳୁତା ରୋମାଣ୍ଟିକ ଭାବାଦର୍ଶଦ୍ୱାରା ରୁଦ୍ଧିମନ୍ତ । ଏହି ଭାବାଦର୍ଶ ଅତୀତ ଗୌରବକୁ ମହନୀୟ ଦୃଷ୍ଟିରେ ଦେଖେ । ଅତଏବ, କହିବା ବାହୁଲ୍ୟ ଯେ ଲକ୍ଷ୍ମୀକାନ୍ତଙ୍କ ଦେଶାମୃକାବ୍ୟ ନିପୀଡ଼ିତ ଜନତାକୁ ଦେଲା ଆମୃବିଶ୍ୱାସ, ସାହସ ଏବଂ ଶକ୍ତି । ତାଙ୍କ କବିତା 'ହେ ମୋର ମାତୃଭୂମି' ଆସାମର ଜାତୀୟ ସଂଗୀତ ରୂପେ ସମ୍ମାନିତ ।

ବିଭିନ୍ନ ଜାତି ଓ ଉପଜାତିର ମିଳନ କ୍ଷେତ୍ର ଏହି ଆସାମ, ନାନା ସଂସ୍କୃତିର ଗନ୍ତାଘର । ଏହାର ଲୋକଗୀତ ସବୁଦିନେ ଶିକ୍ଷିତ ଲୋକମାନସକୁ ଆକର୍ଷଣ କରିଛି । ସ୍ଥାନୀୟ ଲୋକଗାଥାରୁ ଉପକରଣ ସଂଗ୍ରହକରି ତାଙ୍କ ନିଜ କାବ୍ୟ ରଚନାକୁ ପରିପୁଷ୍ଟ କରିଥିଲେ । ବହୁ ପୁରାତନ ଗାଥାକାବ୍ୟକୁ ଆଶ୍ରୟ କରି ତାଙ୍କ କବିତା ରଚିତ । ବହୁ ମଧ୍ୟଯୁଗୀୟ ଗୋପଗାଥାର ଶରୀର ଓ ଆମୃାକୁ ନିଜ କବିତାରେ ପୁନର୍ଜୀବିତ କଲେ । ତାଙ୍କର ଥିଲା ଗୋଟିଏ ଚିତ୍ରକରର ଚକ୍ଷୁ ଏବଂ ସଂଗୀତଜ୍ଞର କର୍ଣ୍ଣ । ତାଙ୍କର ନିମାତି କନ୍ୟା (ମୁକ ବୋହୁ) ଏକ ଚିତ୍ରରୂପମୟ କବିତା । ଗୋଟାଏ ଗାଉଁଲୀ ଯୁବକ ଓ ଗୋଟାଏ ଯୁବତୀକୁ ନେଇ ଅପୂର୍ବ ଏକ ଗାଥାକବିତା ହେଉଛି 'ଧାନବର ଅରୁ ରତନୀ', 'କିଆନୋ ଆନିଲି' ଅନ୍ୟ ଏକ ଗୋପଗାଥା, ଯେଉଁଠି ୧୮୧୮ ରେ ବର୍ମାଦ୍ୱାରା ଆକ୍ରାନ୍ତ ଆସାମର କରୁଣ ଚିତ୍ର ରୂପାୟିତ ।

ପଦ୍ମନାଥ ଗୋହାଇଁ ବରୁଆ ମଧ୍ୟ କିଛି ଗୀତି କବିତା ରଚନା କରିଥିଲେ । 'ଫୁଲର ଗ୍ନେକୀ' ପ୍ରକୃତି ବର୍ଣ୍ଣନାରେ ପରିପୂର୍ଣ୍ଣ ଏକ କାବ୍ୟସଂକଳନ ଯେଉଁଠି କବି ପ୍ରକୃତିର ଶାନ୍ତ ପରିବେଶଦ୍ୱାରା ବିମୋହିତ । ହପ୍‌କୀନ୍‌ସଙ୍କ ପରି ବରୁଆ ମଧ୍ୟ ବିଶ୍ୱାସ କରନ୍ତି ପ୍ରକୃତି ଈଶ୍ୱରଙ୍କର ଦାନ, ଈଶ୍ୱରଙ୍କର ଐଶ୍ୱର୍ଯ୍ୟ । ଗଛ, ଲତା, ସୂର୍ଯ୍ୟ କେବଳ ଭଗବାନଙ୍କର ହିଁ ଜୟଗାନ କରନ୍ତି । ଏ ଦୃଷ୍ଟିରୁ ତାଙ୍କର 'କର୍ତ୍ତବ୍ୟ' ନାମକ କବିତାଟି ଉଲ୍ଲେଖଯୋଗ୍ୟ । 'ଉଷା' କବିତାରେ ନୂଆ ଜୀବନର ଉନ୍ମେଷ ସୂଚିତ -- ଯାହା ଭାଷା ଏବଂ ପ୍ରକୃତିର ମିଳନରେ ସମ୍ଭବ । ବରୁଆ ଯେହେତୁ ପ୍ରାଚୀନ ପରମ୍ପରାର ପକ୍ଷପାତୀ, ତାଙ୍କର ଶବ୍ଦ ସମ୍ପଦ ଅତିରିକ୍ତ

Digitized by srujanika@gmail.com

ଦେଶଜ । ମୁକ୍ତଛନ୍ଦରେ ରଚିତ ଏକ ଦୀର୍ଘ ଆତ୍ମଜୀବନୀମୂଳକ କାବ୍ୟ 'ଲୀଳା'ରେ ପାରିବାରିକ ସମସ୍ୟାର ବର୍ଣ୍ଣନା ହୋଇଥାଏ । ଆସାମର ପ୍ରକୃତି ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଏ କବିତା ସମୃଦ୍ଧ ।

ଚନ୍ଦ୍ରକାନ୍ତ ଅଗରୱାଲା (୧୮୬୭-୧୯୩୮) ଅନ୍ୟ ଜଣେ ପ୍ରକୃତି କବି । ସୌନ୍ଦର୍ଯ୍ୟପିପାସୁ, ଆଶାବାଦୀ । ଏହି କବିଙ୍କ ରଚନାରେ ଏକ ଦରଦୀ ହୃଦୟର ପରିଚୟ ମିଳେ । ତାଙ୍କ କବିତାରେ କିଛି ନୂଆ ପଥର ସନ୍ଧାନ ମିଳେ । ପୁରୁଣା କବିମାନେ ଯେତେବେଳେ ବିଶ୍ୱାସ କରୁଥିଲେ, 'ସୁନ୍ଦର' କେବଳ ମୃତ୍ୟୁ ପରେ ସ୍ୱର୍ଗରେ ଲଭ୍ୟ, ଆଧୁନିକମାନେ ବିଶ୍ୱାସ କଲେ ଯେ 'ସୁନ୍ଦର' ପ୍ରକୃତିର କୋଳରେ ହିଁ ଅବସ୍ଥିତ, ଅନ୍ୟ କେଉଁଠି ନୁହେଁ । ଚନ୍ଦ୍ରକୁମାର ଆଉଟିକେ ଆଗେଇଯାଇ କହିଲେ, ଯେ 'ସୁନ୍ଦର' ବସ୍ତୁଟି ମଣିଷର କୋମଳ ହୃଦୟରେ, ତା'ର ମଧୁର ସଂପର୍କ ଓ ତା'ର ମହନୀୟତା ଭିତରେହିଁ ଲଭ୍ୟ । ଏକ କ୍ଷୁଦ୍ର ସଂକଳନ ଗ୍ରନ୍ଥ 'ପ୍ରତିମା'ରେ କେତେଗୁଡ଼ିଏ ଚମତ୍କାର ପ୍ରକୃତି କବିତା ରହିଅଛି । ଯାହାମଧ୍ୟରୁ 'ସନ୍ଧ୍ୟା', 'ପ୍ରକୃତି', 'ନିୟାର' ପ୍ରଭୃତି କବିତାରେ ପ୍ରକୃତି ସୌନ୍ଦର୍ଯ୍ୟର ରହସ୍ୟଘନ ପ୍ରଭାବ ମଣିଷ ମନ ଉପରେ କିପରି ପଡ଼ିପାରେ, ତାହା କବି ଦର୍ଶାଇଛନ୍ତି । ଯୁବକ ଅବସ୍ଥାରେ ବା ପିଲାବେଳେ ରୋମାଣ୍ଟିକ ଚେତନା ଦ୍ୱାରା ପ୍ରଭାବିତ ହୋଇ ଏହି କବି ତାଙ୍କ ଚିନ୍ତାକୁ ଲୋକଗାଥା ଆଡ଼କୁ ଟାଣିନେଇଥିଲେ । ତାଙ୍କର 'ବାନ୍ କୁମାରୀ' (ଆରଣ୍ୟ-ଅପ୍ସରୀ), 'ଜଲ କୁମାରୀ' (ଜଳ ପରୀ) ଏବଂ ଏହିପରି କିଛି କବିତା ଅତିପ୍ରାକୃତ ସୌନ୍ଦର୍ଯ୍ୟ ଚିତ୍ରରେ ପରିପୂର୍ଣ୍ଣ । ଏସବୁ କବିତା ମଧ୍ୟ ଅତିନ୍ଦ୍ରୀୟ ଆଲୋକରେ ଆଲୋକିତ । ଏଠି ଆମେ ପାଉଁ ଏକପ୍ରକାର କେଲ୍‌ଟିକ୍ ସ୍ପର୍ଶ, ଯେଉଁଠି ଲୋକକାହାଣୀ ବା ସଂସ୍କାର କାବ୍ୟ ହୋଇଉଠିଛି, ଅପ୍ରତିଦ୍ୱନ୍ଦ୍ୱୀ କୌଶଳଦ୍ୱାରା, ନିର୍ମାଣ ଏବଂ କାବ୍ୟ ଚରମ ଆନନ୍ଦ ଦେଇପାରିଛି । ଏହି କବିଙ୍କର ଅନ୍ୟଏକ ଲକ୍ଷଣ ହେଲା ମଣିଷ ପ୍ରତି ସମ୍ବେଦନଶୀଳତା, ଏବଂ ମଣିଷ ମଣିଷ ମଧ୍ୟରେ ମୂଳତଃ କିଛି ବୈଷମ୍ୟ ନାହିଁ -- ଏଇ ବିଶ୍ୱାସ । Auguste Compte ଦ୍ୱାରା ପ୍ରଭାବିତ ହୋଇ କବି ମଣିଷର ମର୍ଯ୍ୟାଦାବୋଧର ବିଶ୍ୱାସୀ, ତେଣୁ 'ବିନ ବାରାଗୀ' (ଭାଟ) କବିତାରେ ସେ ଜୟଗାନ କଲେ ମାନୁଷୀ ପ୍ରେମର । ମଣିଷର ଦୈନନ୍ଦିନ ଜୀବନରେ ସତ୍ୟ ଓ ସୁନ୍ଦରର ସ୍ଥାନ ନିହିତ, ମଣିଷର ସ୍ନେହ ମମତାରେ, ଦୁଃଖ ଭୋଗରେ, ଯାତନାରେ, ଏବଂ ସେ ସବୁ ପ୍ରତି ସମବେଦନାରେ ପ୍ରକୃତ ମାନବତା ରହିଛି । ପୃଥିବୀରୁ ଅସାମ୍ୟ ଦୂରୀଭୂତ ହେଉ ଏବଂ ଏହା ଏକ ସୁନ୍ଦର ସ୍ୱର୍ଗରେ ପରିଣତ ହେଉ -- ଏହାହିଁ ତାଙ୍କର କାମନା ଥିଲା ।

ଆନନ୍ଦଚନ୍ଦ୍ର ଅଗ୍ରୱାଲା (୧୮୭୪-୧୯୪୦) ଇଂରାଜୀରୁ ଅସାମୀୟା ଭାଷାରେ କିଛି କବିତା ଅନୁବାଦ କରିଛନ୍ତି, ଯେଉଁଗୁଡ଼ିକ ଅନୁବାଦର ସାଫଲ୍ୟ ହେତୁ ମୂଳ କବିତା ପଢ଼ିବାପରି ଲାଗେ । ଲୋକଗଳ୍ପକୁ ଆଧାର କରି କିଛି ଚମତ୍କାର କଥାକାବ୍ୟ ମଧ୍ୟ ଏହି କବି ରଚନା କରିଛନ୍ତି ।

Digitized by srujanika@gmail.com

ହୀତେଶ୍ୱର ବରବରୁଆ (୧୮୭୬-୧୯୩୯) ଇଂରାଜୀ ଶୈଳୀରେ କିଛି ସନେଟ୍ ଏବଂ ମୁକ୍ତଛନ୍ଦରେ କିଛି ଦୀର୍ଘକବିତାର ରଚୟିତା । ଏହି କବିଙ୍କର ପ୍ରଥମ 'ଧୋପାକଲୀ' (୧୯୦୨) ରେ ଯୌବନର ସ୍ଫୁରଣ; ୧୯୧୨ରେ ପ୍ରକାଶିତ 'କାମାତପୁର ଧ୍ୱଂସ ଅରୁ ବିରହିଣୀ କାବ୍ୟ'ର ବିଷୟବସ୍ତୁ ନେଲେ ମଧ୍ୟଯୁଗର ଆସାମୀ ଇତିହାସରୁ । ରାଜା ନୀଳାମ୍ବରଙ୍କ ରାଜତ୍ୱ ସମୟରେ ତାଙ୍କରି ଜଣେ ମନ୍ତ୍ରୀଙ୍କ ଚକ୍ରାନ୍ତ ଫଳରେ କିପରି ପ୍ରାଚୀନ କାମାତପୁର ଗଡ଼ ଧ୍ୱଂସ ପାଇଲା ତାହାର କାହାଣୀ ଏଠାରେ ବିନ୍ୟାସ କରାଯାଇଛି । ପନ୍ଦରଟି ସର୍ଗରେ ବିଭକ୍ତ, ଏହି କାବ୍ୟର ଚରିତ୍ର ହେଲା ନାଟକୀୟ । ଅନ୍ୟ ଏକ ଐତିହାସିକ ବର୍ଣ୍ଣନା ପ୍ରଧାନ କବିତା ହେଉଛି -- 'ତିରତାର ଆତ୍ମଦାନ' (ଜଣେ ସ୍ତ୍ରୀ ଲୋକର ଆତ୍ମଦାନ), ଯେଉଁଠି ସେ ବର୍ଣ୍ଣନା କରୁଛନ୍ତି କିପରି ରାଜକନ୍ୟା ଜୟାମତୀ ତା ସ୍ୱାମୀ ପାଇଁ ଓ ଦେଶମାତୃକାର ସୁରକ୍ଷା ପାଇଁ ଆତ୍ମବନ୍ଦୀ ହେଲା । କାବ୍ୟକୁ ମହିମା ଦେଇଛି କବିଙ୍କର କଳ୍ପନାବିଳାସ । ଅଶ୍ରୁବିନ୍ଦୁ, ଶିଶିରକଣା, ନିଦ୍ରା, ଏଥିରେ ଏଗୁଡ଼ିକ ପ୍ରଧାନ ଚରିତ୍ର ହୋଇପଡ଼ିଛନ୍ତି । ଛନ୍ଦର ସାବଲୀଳତା, ଗୀତାତ୍ମକ ଗତିଶୀଳତା କାବ୍ୟକୁ ଅପୂର୍ବ କରି ତୋଳିଛି ।

''ଯୁଦ୍ଧ କ୍ଷେତ୍ରେ ଅହମ ରମଣୀ' ଅନ୍ୟ ଏକ ଦୀର୍ଘ କାହାଣୀ କାବ୍ୟ । ଖ୍ରୀ ୧୬୩୨ ଓ ୧୬୩୩ ରେ ଦିଲ୍ଲୀର ମୋଗଲ ସମ୍ରାଟଙ୍କର ଷଷ୍ଠ ଓ ସପ୍ତମ ଆସାମ ଅଭିଯାନ ଉପରେ ଆଧାରିତ ଏହି କାବ୍ୟରେ ଜଣେ ଆସାମ ରମଣୀର ବୀରତ୍ୱ ଓ ସାହସିକତା ଓ ଆତ୍ମଦାନର ଘଟଣା ବର୍ଣ୍ଣିତ । ନାୟିକା ମୂଲା ସୈନ୍ୟବିଭାଗରେ ଯୋଗଦାନ କରି ମୋଗଲ ସେନା ବିରୋଧରେ ଯୁଦ୍ଧ କରିଛି ଓ ଦୁଇଜଣ ମୋଗଲ ସେନାଧ୍ୟକ୍ଷ (ଜେନେରାଲ)ଙ୍କୁ ମାରି ନିଜ ସ୍ୱାମୀହତ୍ୟାର ପ୍ରତିଶୋଧ ନେଇଛି । ଅବଶେଷରେ 'ମୂଲା' ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିଛି । କାବ୍ୟ ଶରୀରର ସ୍ତରେ ସ୍ତରେ ଏହିପରି ଦେଶାତ୍ମବୋଧ; ବାରବାରୁଆଙ୍କ ପଙ୍‌କ୍ତି ଆସାମ ଦେଶରେ ପ୍ରବାଦପରି ଲୋକମୁଖରେ ବଞ୍ଚିରହିଛି ।

ପିତୃଭୂମିର ସ୍ୱାଧୀନତାପାଇଁ
ଯୁଦ୍ଧଭୂଇଁରେ ଯେ ନିଜର ଜୀବନ ଦେଇଦିଏ
ମୃତ୍ୟୁପରେ ସେ ହୁଏ ଅମର, ବିଶ୍ୱଜନନୀର କୋଳେ
ମୃତ୍ୟୁ ତ ତାହାପାଇଁ ଶାଶ୍ୱତ ନିଦ୍ରାସୁଖ !
ତା'ପାଇଁ ଅଗ୍ନିଶିଖା ଜ୍ୟୋତ୍ସ୍ନାଠାରୁ ଅଧିକ ଶୀତଳ,
କର୍ଦ୍ଦମ ଶଯ୍ୟା ହୁଏ ପୁଷ୍ପ-ଶଯ୍ୟା
ତୀକ୍ଷ୍ଣ ବର୍ଚ୍ଛାର ବର୍ଷଣ ହୁଏ ପୁଷ୍ପର ବର୍ଷଣ ।

ଇଉରୋପୀୟ ସାହିତ୍ୟରେ ତାଙ୍କର ଅଧ୍ୟୟନ ତାଙ୍କ ସାହିତ୍ୟ ସୃଷ୍ଟିକୁ ପ୍ରଭାବିତ କରିଥିଲା । ତାଙ୍କର 'ଅଞ୍ଜଳି' କାବ୍ୟ ଭାଇକାର୍ ଅଫ୍ ୱେକ୍‌ଫିଲ୍‌ଡ଼ (Vicar of wakefield)

Digitized by srujanika@gmail.com

ଛାୟାରେ ଲିଖିତ, 'ଡେସ୍‌ଡେମୋନା କାବ୍ୟ' ଅଥେଲୋ ଉପରେ ଆଧାରିତ । ଯଶୋଦା, ବୋଆଡ଼ିସିଆ ଜୋନ୍ ଅଫ୍ ଆର୍କ, ଏପରି ପୃଥିବୀ ସାହିତ୍ୟରେ ବିଖ୍ୟାତ ନାରୀମାନଙ୍କୁ ନେଇ ସେ ରଚନାକରିଥିଲେ ଏକାଇଶଟି ଗୀତିକାବ୍ୟ ।

ତାଙ୍କର 'ମାଲାକ୍' (୧୯୧୮) ୧୨୮ ଟି ସନେଟ୍‌ର ଏକ ସଂକଳନ ଯାହାକି ଆସାମୀ ଭାଷାରେ ଲିଖିତ ସନେଟ୍ ଧାରାର ପ୍ରଥମ ପ୍ରଚେଷ୍ଟା; ଚତୁର୍ଦ୍ଦଶପଦୀ କବିତାର ସ୍ୱଳ୍ପ ଆୟତନ ଭିତରେ ଈଶ୍ୱର-କଳ୍ପନା, ଇହକାଳ, ସ୍ୱପ୍ନ, ଇତ୍ୟାଦି ବହୁ ବିଷୟ ନେଇଛନ୍ତି ଏବଂ କବିତାଗୁଡ଼ିକ ସେକ୍‌ସପିୟର, କାଳିଦାସ, ଶଙ୍କରଦେବ, ଶକୁନ୍ତଳା, ମିରାଣ୍ଡା ଓ ଅନ୍ୟାନ୍ୟ କାଳ୍ପନିକ ବା ବାସ୍ତବ ଚରିତ୍ରମାନଙ୍କୁ ସମ୍ବୋଧିତ । ବାସ୍ତବ ଜୀବନର ବହୁ ଦୁଃଖ ଯନ୍ତ୍ରଣାର ଅନୁଭୂତି ବାରବରୁଆଙ୍କର ଥିଲା । ତେଣୁ କିଛି ସନେଟ୍ ତାଙ୍କ ବ୍ୟକ୍ତିଗତ ଯନ୍ତ୍ରଣା ପ୍ରକାଶର ମାଧ୍ୟମ ଭାବେ ଗ୍ରହଣୀୟ -- 'ଯାତନା', 'କାନ୍ଦନ', 'ସାନ୍ତ୍ୱନା' ଇତ୍ୟାଦି ସେଇ ପର୍ଯ୍ୟାୟର କବିତା । 'କାକୁଲ' (୧୯୨୦) ଆଉଏକ ସନେଟ୍‌ଗୁଚ୍ଛ ଯାହା ନିଜ କନିଷ୍ଠ ପୁତ୍ରର ମୃତ୍ୟୁ ଶୋକରେ ଲିଖିତ । ଗୋଟିଏ ପୁତ୍ରହରା ପିତାର ଶୋକ ଏହି କାବ୍ୟଗ୍ରନ୍ଥରେ ଏପରି ଚମତ୍କାର ଭାବେ ପ୍ରକାଶିତ ଯେ ଅନେକଙ୍କ ମତରେ ଏଗୁଡ଼ିକ ସତ ବା ମହତ୍ କବିତା ପର୍ଯ୍ୟାୟକୁ ଉନ୍ନୀତ । କେବଳ ଜଣେ ଶୋକାଚ୍ଛନ୍ନ ପିତାର ଆର୍ତ୍ତନାଦ ନୁହେଁ, କବିତାରେ ଜୀବନ, ମୃତ୍ୟୁ, ଆତ୍ମା, ସ୍ୱର୍ଗ ଇତ୍ୟାଦି ବିଷୟନେଇ ବହୁ ସମସ୍ୟା ଉତ୍‌ଥାପିତ । କବି ଅହୋମ ରାଜବଂଶର ଲୋକ, ତେଣୁ ଅହୋମ ଇତିହାସରେ ତାଙ୍କର ପ୍ରବେଶ ଅବଶ୍ୟମ୍ଭାବୀ -- 'ଅହମେର ଦିନ' ଏଇ ଇତିହାସ ବହି ଏଯାବତ୍ ଅପ୍ରକାଶିତ । ତାଙ୍କର 'ମାଳିତା' ଉପନ୍ୟାସରେ ଅହମ ବଂଶର ଆଭିଜାତ୍ୟ କଥା ସୁଲିଖିତ ।

ସନେଟ୍ ରଚନା କ୍ଷେତ୍ରରେ ଦୁର୍ଗେଶ୍ୱର ଶର୍ମା ଅସମୀୟା ସାହିତ୍ୟରେ ଖୁବ୍ ଉଚ୍ଚସ୍ଥାନର ଅଧିକାରୀ । କିଛି ଗୀତିକବିତା ଓ ସନେଟ୍ ସମଗ୍ରକୁ ନେଇ ତାଙ୍କର ଦୁଇଟି ଗ୍ରନ୍ଥ -- 'ଅଞ୍ଜଳି' ଏବଂ 'ନିବେଦନ' । ପ୍ରବଳ ନୀତିବାଦୀ ଆଦର୍ଶ ଓ ଭକ୍ତିଭାବର କବି ଶ୍ରୀଶର୍ମା ଚଳମାନ ଜୀବନ ଏବଂ ସନାତନ ଈଶ୍ୱର ଏବଂ ଆତ୍ମଜ୍ଞାନପାଇଁ ଜୀବାତ୍ମାର ଅସ୍ଥିର ଆକୂତି ନେଇ କବିତା ଲେଖନ୍ତି ।

ତାଙ୍କର ବହୁ କବିତା ରୂପରସାତ୍ମକ ବା ଇନ୍ଦ୍ରିୟ ନିର୍ଭର ଏବଂ ଗ୍ରାମ୍ୟ ଯୁବକ ଯୁବତୀଙ୍କ ରୂପବର୍ଣ୍ଣନାରେ ମୁଖର । ସାଙ୍ଗୀତିକ ବାକବନ୍ଧ, ଚିତ୍ରଳ ଆଧେୟ, ଶବ୍ଦ, ବର୍ଣ୍ଣ ଓ ଧ୍ୱନିମିଳନର ସମାବେଶରେ ଆଶ୍ଚର୍ଯ୍ୟ ଝଙ୍କାର ସୃଷ୍ଟି କ୍ଷମତା ଏ କବିଙ୍କର । ଏହାଙ୍କ କବିତା ଇଂଲିଶ ଲେକ୍ ପୋଏଟ୍‌ସ୍‌ମାନଙ୍କ ରଚନାକୁ ସ୍ମରଣ କରାଏ ।

ଚକ୍ରଧର ବରୁଆ (୧୮୭୮- ) ରୋମାଣ୍ଟିକବାଦର ଅନ୍ୟତମ ଅଗ୍ରଦୂତ କିନ୍ତୁ ତାଙ୍କର ଖ୍ୟାତି କାବ୍ୟ ଅପେକ୍ଷା ନାଟକରେ ଅଧିକ । ପ୍ରେମ ପ୍ରକୃତି ଓ କିଛି ଲଘୁ କବିତାକୁ

Digitized by srujanika@gmail.com

ନେଇ ତାଙ୍କର କାବ୍ୟଗ୍ରନ୍ଥ 'ରଞ୍ଜନ' ଏବଂ 'ସ୍ମୃତି'ରେ ପ୍ରେମିକାର ସ୍ପର୍ଶ ପ୍ରକୃତିର ପ୍ରତ୍ୟେକଟି ଚରଣରେ ସେ ଉପଲବ୍ଧି କରନ୍ତି । ଏଇ ତୁଚ୍ଛ ଅନିଶ୍ଚିତ ଜୀବନରେ ସ୍ମୃତି ହିଁ ଏକମାତ୍ର ଅବଲମ୍ବନ ।

ରଘୁନାଥ ଚୌଧୁରୀ (୧୮୭୯-- ) ଆସାମର 'ପକ୍ଷୀ-କବି'ଭାବେ ପରିଚିତ । ତାଙ୍କର ପ୍ରଥମଗ୍ରନ୍ଥ 'ସଦାରି'ରେ କବିଙ୍କ ପକ୍ଷୀପ୍ରୀତି, ଫୁଲ ଓ କାନନପ୍ରୀତି ଲକ୍ଷଣୀୟ । ଏହାର ପରବର୍ତ୍ତୀ ଦୁଇଟିଗ୍ରନ୍ଥ 'କେତକୀ' ଓ 'ଦହିକତରା' ଦୁଇଟି ଦୀର୍ଘ କବିତାରେ ସେଇ ପକ୍ଷୀପ୍ରସଙ୍ଗ ଉଚ୍ଚାରିତ । ପ୍ରଶଂସନୀୟ ଶୈଳୀରେ 'ସଦାରି' କବିତାଗ୍ରନ୍ଥର ବହୁ କବିତାରେ ପକ୍ଷୀଜୀବନ ଚିତ୍ରିତ । ତାଙ୍କର ପ୍ରକୃତି କବିତା ଦୁଇଶ୍ରେଣୀର -- ବିଷୟପ୍ରଧାନ ପ୍ରକୃତି ଏବଂ ଅଳଙ୍କାରମୟୀ ପ୍ରକୃତି । ପ୍ରଥମଟିରେ ପ୍ରକୃତି ତା ନିଜ ପ୍ରାଚୁର୍ଯ୍ୟରେ ତନ୍ମୟ, ଦ୍ୱିତୀୟଟିରେ ମଣିଷର ପ୍ରେରଣାଦାତ୍ରୀ । ବସନ୍ତର କନ୍ୟା ବାହାଗୀର ବିବାହ ଉତ୍ସବପାଇଁ ଛୋଟବଡ଼ ବୃକ୍ଷ ନବକଳିକା ପ୍ରକାଶ କରିଛନ୍ତି, ପକ୍ଷୀ ଏବଂ କୀଟଜଗତ ଆନନ୍ଦରେ ଉନ୍ମତ୍ତ । 'ବାହାଗୀର ବିୟା'ରେ ପ୍ରକୃତି ଏହିପରି ଚିତ୍ରିତ । କେତକୀ (କୋଇଲି) କାବ୍ୟର କେନ୍ଦ୍ର ବିଷୟ ହେଲା ପୃଥିବୀପୃଷ୍ଠକୁ ସେ ପକ୍ଷୀର ପ୍ରତ୍ୟାବର୍ତ୍ତନ । କାବ୍ୟଟିର ଆରମ୍ଭରୁ ପାଞ୍ଚଟି ଅଧ୍ୟାୟ ପର୍ଯ୍ୟନ୍ତ କବିର ଆଶ୍ଚର୍ଯ୍ୟ ଦୃଷ୍ଟି, ରହସ୍ୟବୋଧ ବିସ୍ତୃତ । ଏହାପରେ କବି ଚେଷ୍ଟା କରିଛନ୍ତି ପକ୍ଷୀଟିର ସ୍ୱରର ଅର୍ଥ ବୁଝିବାକୁ, ତା ଗୀତର ମର୍ମ ବୁଝିବାକୁ । ଯନ୍ତ୍ରଣାମୟ ଏ ଜଗତରେ କେଉଁଠି ହେଲେ ଆନନ୍ଦ ନାହିଁ । ଯଦିଓ ଅଛି, ସେ ଆନନ୍ଦ ଏଇ ପକ୍ଷୀଟିର ଜୟଧ୍ୱନି । ପ୍ରକୃତି ଓ ମଣିଷର ଜଗତରେ ପକ୍ଷୀଟିର ଗୀତ ଯେଉଁ ପ୍ରେମ ଓ ଆନନ୍ଦ ଜାତ କରେ, ତା'ର ମନୋମୁଗ୍ଧକର ଚିତ୍ର ଦ୍ୱିତୀୟ ଅଧ୍ୟାୟରେ ସଞ୍ଚାର କରାଯାଇଛି । ଏସବୁ ଚିତ୍ର ଆସାମଦେଶର ଜନଜୀବନ ଓ ନିଃସର୍ଗ ସୌନ୍ଦର୍ଯ୍ୟ ସହ ଜଡ଼ିତ, ତେଣୁ ପାଠକ ମନକୁ ସ୍ପର୍ଶ କରେ ।

ତୁମ ଗୀତ ଶୁଣୁ ଶୁଣୁ  
ଲଜ୍ଜାଶୀଳା ବଧୂ ତା'ର ବୟନ ବନ୍ଦ କରେ  
ରଖିଦେଇ ତୁକୁତାକୁ ତା'ର କାନ ପାତେ ତୁମ ସ୍ୱର ଆଡ଼େ ।

ତୃତୀୟ ବିଭାଗରେ କବି କଳ୍ପନା-ବିଭୋର ଦୃଷ୍ଟିରେ ଦେଖନ୍ତି, ପକ୍ଷୀଟିର ଗୀତ କିପରି ଆନନ୍ଦର ବନ୍ୟା ଆଣିଦିଏ ମଣିଷର ସଂସାରକୁ ଏବଂ ନେଇଯାଏ ସେଇ ପୁରାଣକାହାଣୀର ଜଗତକୁ ଯେଉଁଠି କଣ୍ୱାଶ୍ରମରେ ଶକୁନ୍ତଳା ବିଦର୍ଭର ରାଜକନ୍ୟା ଦମୟନ୍ତୀ, ଏବଂ ସୋନିତପୁରର ଉଷାଦେବୀ, ଅଳକାର ନବବିବାହିତ ଯକ୍ଷ ଏବଂ ଗୋକୁଳର ଗୋପୀମାନେ ପକ୍ଷୀର ଗୀତରେ ବିହ୍ୱଳ ହୋଇଯା'ନ୍ତି । ଚତୁର୍ଥ ଅଧ୍ୟାୟରେ କାବ୍ୟିକ ବକ୍ତବ୍ୟ; ପକ୍ଷୀଟିର ଗୀତ କେବଳ ଯେ ଅତୀତର ଲୋକମନକୁ ଆନନ୍ଦବିହ୍ୱଳ କରିଥିଲା ତା ନୁହେଁ, ଚିରକାଳର ବସ୍ତୁ ଜଗତକୁ ତାହା ନୁହେଁ, ଚତୁର୍ଦ୍ଦିଗର ଜୀବନସ୍ରୋତକୁ ମଧ୍ୟ ପ୍ରବାହିତ

Digitized by srujanika@gmail.com

ଶିହରିତ କରିଆସିଛି । ଯମୁନାର ଜୁଆର ଭଙ୍ଗା, ଗୋପୀଗଣଙ୍କ ନାଚ, ବର୍ଷଣମୁଖୀ ମେଘ ଓ ବିଦ୍ୟୁତର ଝଲକ ଭିତରେ ପକ୍ଷୀଟିର ସ୍ୱରମୂର୍ଚ୍ଛନା; ପଞ୍ଚମ ଅଧ୍ୟାୟରେ ପକ୍ଷୀଟି ଅନ୍ତର୍ହିତ ହେବାପରେ କବି ପୁଣି କଠିନ ବାସ୍ତବ ଜୀବନକୁ ଫେରିଆସିଛନ୍ତି । ସଂପୂର୍ଣ୍ଣ ଏକ ବୃତ୍ତ ରଚନାକରି କାବ୍ୟ ବସ୍ତୁ ପୁଣି ପ୍ରକୃତିକୁ ଫେରିଆସିଛି, ଯେଉଁଠୁ ତାର ଯାତ୍ରା ଆରମ୍ଭ ହୋଇଥିଲା । କବି ସାରାଜୀବନ ଅବିବାହିତ ଥିଲେ, ଅନ୍ୟକବିଙ୍କ ପ୍ରେମିକା ସ୍ଥାନରେ ଏଠି ସ୍ଥାନପାଇଛି ପକ୍ଷୀ, ଯାହା କବି କଳ୍ପନାରେ ଅତୀତର ସ୍ମୃତିକୁ ବହନ କରିଆଣିଛି । ସଂସ୍କୃତ ସାହିତ୍ୟ ଦ୍ୱାରା ପ୍ରଭାବିତ ଏହି କବି ପ୍ରକୃତିକୁ ପରମ୍ପରାଗତ ଭାବେ ଆଣି ତାକୁ ତୁଳନା, ପ୍ରତି-ତୁଳନା ଦ୍ୱାରା ସଂଜୀବନୀ ଦେଇଛନ୍ତି, ତା'ଛଡ଼ା ସଂସ୍କୃତ ସାହିତ୍ୟ ଭଣ୍ଡାରର ନାନା ରୂପଗନ୍ଧ, କାହାଣୀ, ରୂପକ, ତୁଳନା ବା ଉପମା ଓ ଚିତ୍ରକଳ୍ପ ଗ୍ରହଣ କରିଛନ୍ତି । କାଳିଦାସଙ୍କ ପ୍ରଭାବ ବିଶେଷ ଲକ୍ଷଣୀୟ ।

ଅମ୍ବିକାଗିରି ରାୟ ଚୌଧୁରୀ (୧୮୮୫ —) ଜାତୀୟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଭାବେ ସାରାଜୀବନ ଅତିବାହିତ କରିଅଛନ୍ତି । ଦେଶପ୍ରେମୀ, ପ୍ରଗତିଶୀଳ, ସଂସ୍କାରକ ଏବଂ ବିଶ୍ୱସ୍ତକର୍ମୀ, ଶ୍ରୀ ଚୌଧୁରୀ ମଧ୍ୟ ଜଣେ ଖ୍ୟାତନାମା ଗାୟକ, ଦୁର୍ଦ୍ଧାନ୍ତ ବକ୍ତା ଏବଂ ଶକ୍ତିଶାଳୀ ଲେଖକ । ତାଙ୍କ କବିତାର ଅନ୍ତଃସ୍ରୋତ ହେଲା ଦେଶପ୍ରେମ । ଏହା ସହ ମିଶି ରହିଛି ସମାଜସେବା ଏବଂ ଦେଶର ମୁକ୍ତି ସଂଗ୍ରାମ । ଅନେକ ସମୟରେ ଜଣେ ବିପ୍ଳବୀ ଭାବେ ସେ ନିଜକୁ ପରିଚୟ ଦେଇଛନ୍ତି । କେବଳ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ନୁହେଁ, ଜାତିପ୍ରଥାର ବିଲୋପସାଧନ, ବୈଷମ୍ୟ, ଈର୍ଷା, ଘୃଣା, ଅହଙ୍କାର, ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାର ବିଲୋପ ସାଧନ ମଧ୍ୟ ତାଙ୍କର ଲକ୍ଷ୍ୟ ଥିଲା । କାରଣ ଏଗୁଡ଼ିକ ସମାଜର ମୂଳଦୁଆକୁ ବିଷାକ୍ତ କରିଆସିଛି ବର୍ଷ ବର୍ଷ ଧରି । ତାଙ୍କ କବିତା "ମଇ ବିପ୍ଳବୀ ମଇ ଡେଢଭି" (ମୁଁ ବିପ୍ଳବୀ ମୁଁ ନୂଆ ଧାରାର ଅଗ୍ରଦୂତ)ରେ କବି ବିପ୍ଳବର ଧ୍ୱଜା ଉଡ଼ାଇଛନ୍ତି, ଶଠତା ଓ ଅନ୍ତଃସାରଶୂନ୍ୟତା ବିରୋଧରେ ସ୍ୱର ଟୋକିଛନ୍ତି । 'ଅନୁଭୂତି'ରେ ଜନସାଧାରଣ ଶିଥିଳତା ପରିତ୍ୟାଗକରି ଜାଗ୍ରତ ହୁଅନ୍ତୁ -- ଏପରି ଆହ୍ୱାନ ଦିଆଯାଇଛି । ତାଙ୍କର ପରବର୍ତ୍ତୀ କାଳର କବିତାଗୁଡ଼ିକ ବାସ୍ତବଧର୍ମୀ ଏବଂ ସାମାଜିକ ଅମଙ୍ଗଳ ଓ ଦୁର୍ନୀତି ବିରୋଧରେ ଲିଖିତ । ଏଗୁଡ଼ିକରେ ମଧ୍ୟ ପ୍ରବଳ ଦେଶପ୍ରେମ ଓ ବିଦ୍ରୋହର ସ୍ୱର ଝଙ୍କୃତ ।

ତାଙ୍କର "ଜୀବନ କିହାକ କାଏ" (ଜୀବନର ଅର୍ଥ କ'ଣ ?) କବିତାଟିରେ ତାଙ୍କ ଜୀବନଦର୍ଶନ ପ୍ରକାଶିତ । ମଧ୍ୟଯୁଗୀୟ କବିମାନଙ୍କର ବିଶ୍ୱାସ ଥିଲା ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଓ କରଣୀୟ ହେଲା ଉପଭୋଗ, ବିଶ୍ରାମ ଓ ବିନୋଦନ କାରଣ, ଜୀବନ କ୍ଷଣସ୍ଥାୟୀ ଏବଂ ଦୁଇପ୍ରକାର ଚରମ ଚିରନ୍ତନ ଅତଳ ଅନ୍ଧକାର ଅବସ୍ଥା ମଧ୍ୟରେ ଜୀବନର ସୀମାରେଖା ନିହିତ, ଅର୍ଥାତ୍ ଜୀବନ ନାମକ କ୍ଷଣିକ ଜାଗରଣ ଅବସ୍ଥା ଦୁଇପ୍ରକାର ଶାଶ୍ୱତ ନିଦ୍ରାବସ୍ଥା ମଧ୍ୟରେ ବନ୍ଦୀ । ତେଣୁ ସେମାନେ କଳାକୁ ଭାବୁଥିଲେ ଏକ ବିଳାସ । କିନ୍ତୁ

Digitized by srujanika@gmail.com

ରାୟ ଚୌଧୁରୀଙ୍କ ଜୀବନର ଆଦର୍ଶ ହେଲା ଝଡ଼ଝଞ୍ଜା ମଧ୍ୟ ଦେଇ ଆଗେଇଯିବା ଅର୍ଥାତ୍ ଜନସାଧାରଣର ହିତରେ ଜୀବନର ପରିପୂର୍ଣ୍ଣତା ।

ତାଙ୍କ କବିତା ତାଙ୍କ ବନ୍ଦୀଜୀବନ ପୂର୍ବରୁ ରାଜନୀତି ଗନ୍ଧୀ ନଥିଲା, ଆଗ୍ନେୟ ନଥିଲା । ସେ ଅସହଯୋଗ ଆନ୍ଦୋଳନରେ ୧୯୨୦-୨୧ରେ ଜେଲ୍ ଗଲେ । 'ତୁମି' (୧୯୧୫) ଏକ ଉଲ୍ଲେଖଯୋଗ୍ୟ ଦାର୍ଶନିକ କବିତା, କଳାକୌଶଳ ଦୃଷ୍ଟିରୁ ଏହା ଚମତ୍କାର । କବିଙ୍କ ନିଜସ୍ୱ ଦାର୍ଶନିକ ବିଶ୍ୱାସ ଏଠାରେ ପ୍ରକାଶିତ । ସମସ୍ତ ବିଶ୍ୱର ଚିତ୍ର ଏଠାରେ ବିଧୃତ । ଏ କାବ୍ୟ ସାତଟି ସର୍ଗରେ ବିଭକ୍ତ । ପ୍ରଥମ ତିନୋଟି ସର୍ଗରେ ସର୍ବବ୍ୟାପୀ ଈଶ୍ୱରଙ୍କର ବର୍ଣ୍ଣନା । ଈଶ୍ୱର ନାରୀର ସୌନ୍ଦର୍ଯ୍ୟ ଭିତରେ, ମାଆର ସ୍ନେହ ଭିତରେ, ସ୍ୱାମୀ ସ୍ତ୍ରୀଙ୍କର ପ୍ରେମ ଭିତରେ ଏବଂ ପ୍ରକୃତିର ପ୍ରତିଟି ଉପାଦାନରେ ପ୍ରକାଶିତ । ଚତୁର୍ଥ ସର୍ଗରେ ସର୍ବଭୂତ ଭଗବାନ ହେଉଛନ୍ତି ସବୁ ଧର୍ମର ସାରକଥା । ଅବଶିଷ୍ଟ ସର୍ଗଗୁଡ଼ିକରେ ଈଶ୍ୱରଙ୍କ ସହ କବିଙ୍କ ସଂପର୍କ ଦେଖାଇଦିଆଯାଇଛି, ବିଶ୍ୱଦେବତାଙ୍କ ଚରଣରେ ନିଜକୁ ସମର୍ପଣ କରି କବି ଚରମ ଆନନ୍ଦ ପାଇଛନ୍ତି ଓ ତାଙ୍କ ଜୀବନ ବିଶ୍ୱଦେବ ତାଙ୍କ ଆଶୀର୍ବାଦରେ ଧନ୍ୟହୋଇଛି, ତାହା ମଧ୍ୟ ଉଲ୍ଲେଖ କରାଯାଇଛି । ଚିତ୍ରକଳ୍ପ ଓ ସାଂଗୀତିକତା ପାଇଁ ମଧ୍ୟ 'ତୁମି' ଏକ ସାର୍ଥକ ସୃଷ୍ଟି ।

ଯତୀନ୍ଦ୍ରନାଥ ଦୁଆର (୧୮୯୨--) ଜଣେ ଗୀତି କବି । ଚିନ୍ତାର ଜଟିଳତାକୁ ସଫଳ ଭାବରେ ଯଦି କେହି ଆସାମୀ ଗୀତିକାବ୍ୟରେ ପ୍ରକାଶ କରିବାରେ ସମର୍ଥ ହୋଇଥାଏ, ତାହେଲେ ସେମାନଙ୍କ ମଧ୍ୟରେ ଯତୀନ୍ଦ୍ରନାଥ ସର୍ବଶ୍ରେଷ୍ଠ । ଏହି ଆତ୍ମମଗ୍ନ କବି ବିଭିନ୍ନ ଭାବସମ୍ପଦକୁ ଭିନ୍ନ ଭିନ୍ନ ହୃଦୟବୃତ୍ତି ଓ ଭାବାବେଶର ନିର୍ଦ୍ଦେଶ ଅନୁସାରେ ପ୍ରକାଶ କରିଥାନ୍ତି ।

ଦୁଆରା ମୁଖ୍ୟତଃ ଜଣେ ସୌନ୍ଦର୍ଯ୍ୟପିପାସୁ ଓ ପ୍ରେମ କବିତାର ସଫଳ କବି । ପ୍ରେମ ହେଉଛି ଫୁଲର ସୌରଭ ଓ ସୌନ୍ଦର୍ଯ୍ୟ ହେଉଛି ସେହି ଫୁଲରଙ୍ଗ । ଯେଉଁଠି ପ୍ରେମ, ସେଠି ଭାଗବତ ସୌନ୍ଦର୍ଯ୍ୟ । ଯନ୍ତ୍ରଣା, କଷ୍ଟକାରିତା ବିଚ୍ଛେଦ, ବିଷାଦ, ଦୁଃଖ, ଉପେକ୍ଷା ଓ ନିରାଶା ଆଦି ପ୍ରେମର ଚରିତ୍ର ଲକ୍ଷଣ, ଇନ୍ଦ୍ରଧନୁର ବର୍ଣ୍ଣପରି ବହୁ ବର୍ଣ୍ଣରେ ରଙ୍ଗୀନ । ଦୁରାଙ୍କ କବିତା ସେହିପରି ଭିନ୍ନତାର ଐଶ୍ୱର୍ଯ୍ୟରେ ମଣ୍ଡିତ । ତାଙ୍କ କବିତାରେ ଅଛି ମିଳନର ଆକାଂକ୍ଷା, ବିଚ୍ଛେଦର ଦୁଃଖ, ଅଛି ପ୍ରକୃତିକୋଳରେ ନିଜକୁ ସମର୍ପଣ ଓ ତା'ଠାରେ ପ୍ରେମ ଓ ସୁନ୍ଦରର ଉପଲବ୍ଧି । ପକ୍ଷୀର କାକଳି, ମହୁମାଛିର ଗୁଞ୍ଜରଣ, ଫୁଲର ସୌନ୍ଦର୍ଯ୍ୟ, ଝରଣାର ନିନାଦ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ରଙ୍ଗ, ଜ୍ୟୋତ୍ସ୍ନାବିଧୌତ ବ୍ରହ୍ମପୁତ୍ର ଉପତ୍ୟକାର ରୂପେଲୀ ସୌନ୍ଦର୍ଯ୍ୟ, ଗ୍ରୀଷ୍ମ ଆକାଶରେ ମେଘମାଳାର ରାଜକୀୟ ଗତି -- ଏ ସମସ୍ତ ନିଃସର୍ଗ ସୌନ୍ଦର୍ଯ୍ୟ କବିଙ୍କୁ ଅତୀନ୍ଦ୍ରିୟ ଅନୁଭୂତିରେ ସିକ୍ତ କରିଛି ।

ରୋମାଣ୍ଟିକ ମନୋବୃତ୍ତିର ଲକ୍ଷଣଗୁଡ଼ିକୁ ବିଶ୍ଳେଷଣ କଲେ ଆମେ ଦୁଇଟି ପ୍ରଧାନ

Digitized by srujanika@gmail.com

ଲକ୍ଷଣ ପାଉ -- ନୂଆ ଅଭିଯାନ ଲାଳସା ଓ ସୁନ୍ଦରପ୍ରତି ଆବେଗମୟ ଅନ୍ୱେଷା । ଉର୍ଦ୍ଧ୍ୱାୟିତ ସୌନ୍ଦର୍ଯ୍ୟ ପ୍ରତି ଏଇ ନିରବଚ୍ଛିନ୍ନ ଅନ୍ୱେଷା ଏବଂ ସୂର୍ଯ୍ୟାସ୍ତ ସେପାରି ରାଜ୍ୟଆଡ଼େ ଅବିଶ୍ରାନ୍ତ ଯାତ୍ରା କବିଙ୍କର ମୁଖ୍ୟ ଦାର୍ଶନିକ ଅଭିଜ୍ଞା । "ଏହି ବାଟେ ନାହିଁ ବା ଦୁନାଇ" ବା "ଏହିବାଟେ ଆଉ ଆସନା" କାବ୍ୟରେ ନଦୀ, ନାବ ଏବଂ ନାବିକ ଏଇ ତିନୋଟି ପ୍ରତୀକ ସାହାଯ୍ୟରେ ଜୀବନର ଏକ ଧର୍ମୀୟ ଅର୍ଥ ବା ମୂଲ୍ୟବୋଧ ସ୍ଥାପନ କରିଛନ୍ତି । ବୌଦ୍ଧ ଧର୍ମର ପ୍ରଭାବ ଏଠି ଲକ୍ଷ୍ୟ କରାଯାଇପାରେ । କବିଙ୍କୁ କୌଣସି ଦୁଃଖ ବା ବେଦନା ମ୍ରିୟମାଣ କରିପାରିନାହିଁ । ତାଙ୍କ କବିତା ଦୁଇପ୍ରକାର ଅନ୍ୱେଷାର କବିତା ।

'ଦୁଆରା' ଇଂରାଜୀ କାବ୍ୟଦ୍ୱାରା ପ୍ରଭାବିତ, ବିଶେଷତଃ କବିତାର ଗୀତିମୟତା, ସାବଲୀଳତା ଓ ଆବେଗମୟ ସ୍ରୋତ ଦୃଷ୍ଟିରୁ । ତାଙ୍କର ଛନ୍ଦ ପଙ୍‌କ୍ତି ବା ଚରଣ ନିର୍ମିତର କୌଶଳ ସାଧାରଣ । ପଦ୍ୟ ତାଙ୍କ ଆୟତ୍ତକୁ ସହଜଭାବରେ ଆସେ ଏବଂ ଆଙ୍ଗିକ ମଧ୍ୟ ତାଙ୍କର ସହଜଲଭ୍ୟ । ବସ୍ତୁତଃ ତାଙ୍କ କାବ୍ୟକୁ ବିଗତ ଅର୍ଦ୍ଧଶତାବ୍ଦୀର କବିତାର ଉଦାହରଣ ବା ପ୍ରତିନିଧି ସ୍ଥାନୀୟ ବୋଲି ଧରାଯାଇପାରେ । ତାଙ୍କର 'ଆପନସୁର' ଏବଂ 'ବନଫୁଲ'ରେ ଟେନିସନ୍ ଓ ସେଲୀଙ୍କର ପ୍ରତିଧ୍ୱନି ଲକ୍ଷଣୀୟ ।

ଅସମୀୟା ଭାଷାରେ ରୁବାୟତ- ଓମର୍‌ଖାୟାମ୍‌ଙ୍କ କବିତାକୁ ଏହି କବି ଅନୁବାଦ କରି ପରିଚୟ କରାଇଥିଲେ । ତାଙ୍କର 'କଥା କବିତା' ଗ୍ରନ୍ଥ କବିତା ହେଲେ ବି ଗଦ୍ୟରେ ଲିଖିତ । ତୁର୍ଗେନିଭଙ୍କ କବିତା ସହ ଏହାର ତୁଳନା କରାଯାଇପାରେ । ଏହି କବିଙ୍କ କାବ୍ୟିକ ଭାବଧାରା; ଆସାମୀ ଦେଶଜ ଭାଷାର ବ୍ୟବହାର ଏକ ନୂତନ ପରମ୍ପରା ଆଣିଛି, ଦ୍ୟୋତନା ଆଣିଛି ।

ରତ୍ନକାନ୍ତ ବରକାକଟୀଙ୍କ (୧୮୯୭) କବିତାର ମୁଖ୍ୟକଥା ହେଉଛି ପାର୍ଥିବ ପ୍ରେମ, ନାରୀପୁରୁଷ ମଧ୍ୟରେ ଜାଗତିକ ପ୍ରେମ । ତାଙ୍କର 'ସେଭଲୀ'ରେ ପ୍ରେମିକା ସକଳ ସୌନ୍ଦର୍ଯ୍ୟର ଆଧାର -- ସେ ତିଳୋତ୍ତମା । ଶାରୀରିକ ସୌନ୍ଦର୍ଯ୍ୟ ବ୍ୟତୀତ, 'ସେଭଲୀ' ଗ୍ରନ୍ଥରେ, ପ୍ରେମର ବନ୍ଧୁର ପଥରେ ଦୁଃଖ, ବିଚ୍ଛେଦ, ସନ୍ଦେହ ଓ ନିରାଶାର ମଧ୍ୟ ବର୍ଣ୍ଣନା ଅଛି । ଜାଗତିକ ପ୍ରେମ ଏକାଧାରରେ ସୁକ୍ଷ୍ମ, ଜଟିଳ ଓ ରହସ୍ୟମୟ ଯେମିତି ଗୋଟାଏ ଫୁଲ ବା ନାରୀର ଶରୀର ।

ତାଙ୍କର କିଛି କବିତାର କାବ୍ୟବସ୍ତୁ ହେଉଛି କବିସହ କବିତାର ସଂପର୍କ । କବିମାନେ ଅତ୍ୟନ୍ତ ସ୍ପର୍ଶକାତର ବା ସୂକ୍ଷ୍ମାନୁଭୂତିକ୍ଷମ ବ୍ୟକ୍ତି । ସେମାନଙ୍କ ସଚେତନଶୀଳତା ଉଚ୍ଚସ୍ତରର ଏବଂ ଏହା ଫଳରେ ସେମାନଙ୍କ ଦୃଷ୍ଟିଶକ୍ତି ସାଧାରଣଙ୍କଠାରେ ଅନୁପସ୍ଥିତ । ଜୀବନର ଚଳମାନ ଘଟଣାପ୍ରତି ସେମାନେ ପ୍ରତିକ୍ରିୟାଶୀଳ । ମହାବିଶ୍ୱର ମହନୀୟତା ସେମାନଙ୍କ ଦୃଷ୍ଟିରେ ପଡ଼ିଥାଏ । 'ସାକିୟାନୀ' କବିତାରେ କବିଙ୍କ ବକ୍ତବ୍ୟ ବା ପ୍ରଶ୍ନ--

Digitized by srujanika@gmail.com

ଏଇ ପ୍ରକୃତି ମୋତେ ଚିରକାଳ ଦେଇଛି ଉଲ୍ଲାସ
ତୁମ ପାଇଁ ତା'ର କ'ଣ କିଛି ବାର୍ତ୍ତା ନାହିଁ ?
ବକୁଳ କି କେବେ ଦେଇନାହିଁ ତୁମକୁ ଉଚ୍ଛ୍ୱାସ ?
ବଣର ଫୁଲକିଛି ବା କୋକିଳର ସ୍ୱର
ଆଣିନିକି ଶିହରଣ କେବେ ?

ବରକାକଟୀଙ୍କ କବିତା ଜୀବନରେ ବଞ୍ଚିବାର ଜଟିଳତା, କଷ୍ଟକାରିତା, ଐକତାନ ଓ କ୍ଷିପ୍ରତା ଓ ଅଭିଜ୍ଞତାର କାହାଣୀକୁ ମଧ୍ୟ ଅବଲମ୍ବନ କରେ । 'କି ଜାନି ନା ହୟ ଭୁଲ' କବିତାରେ କବି ବିଶ୍ୱାସ କରନ୍ତି ଯେ ମଣିଷର ଦୋଷ ଦୁର୍ବଳତା ତା'ର ଶ୍ରେଷ୍ଠତ୍ୱର ପରିଗ୍ରାୟକ, ତା'ର ମୋକ୍ଷର ପାଥେୟ । ନିକୃଷ୍ଟ ଜୀବନଧାରାରେ କର୍ମର ସ୍ଥାନ ନଥାଏ । ପ୍ରକୃତିର କ୍ରୀଡ଼ନକ ହୋଇ ତାହା ଆଗେଇଯାଏ । ମଣିଷର ମୁକ୍ତି ପ୍ରକୃତିଦ୍ୱାରା ସୀମାବଦ୍ଧ ନୁହେଁ ।

ତେଣୁ ତ ମଣିଷ ଭୁଲକରେ
ଭୁଲ୍‌କରେ, ଅଜସ୍ର ଭୁଲ୍‌କରେ, ପ୍ରତିଟି ପଦକ୍ଷେପେ ।

ମଣିଷର ଭୁଲ୍ କରିବାର ଅଭିରୁଚି ପ୍ରତି ଓ ତାର ସୃଷ୍ଟିକ୍ଷମତା ପ୍ରତି କବିଙ୍କର ଦରଦ ପ୍ରଶଂସନୀୟ ।

ଦାର୍ଶନିକ ଭିତ୍ତିକୁ ବାଦ୍‌ଦେଲେ ବି, କବିଙ୍କର ଶିଳ୍ପ ନୈପୁଣ୍ୟ ଅତୁଳନୀୟ । ପଦ୍ୟଗୁଡ଼ିକର ଝଙ୍କାର, ଅନ୍ତର୍ଛନ୍ଦ, ଶବ୍ଦଗୁଡ଼ିକର ଧ୍ୱନୀ ତାଙ୍କୁ ସର୍ବଶ୍ରେଷ୍ଠ ସାଙ୍ଗୀତିକ କବି ଭାବେ ପରିଚୟ କରାଇଛି । କଳାକୌଶଳ ଦୃଷ୍ଟିରୁ ସେ ରବୀନ୍ଦ୍ରନାଥଙ୍କଦ୍ୱାରା ପ୍ରଭାବିତ ।

ନଳିନୀବାଳା ଦେବୀ (୧୮୯୯) ଜଣେ ପ୍ରଧାନ ଅସମୀୟା ନାରୀ କବି । ଅଳ୍ପ ବୟସର ବୈଧବ୍ୟ ତାଙ୍କ ଜୀବନକୁ ଅନ୍ଧକାରମୟ କରିଥିଲେ ବି ସେ ଏହି ଅବସ୍ଥା, ଭାରତୀୟ ମହିଳା ଭାବେ ଅଳ୍ପଦିନ ପରେ ଅତିକ୍ରମ କରିପାରିଥିଲେ । ଜୀବନରେ ଶାନ୍ତି ଓ ଆଲୋକ ପାଇଁ ସେ ଗୀତା, ଉପନିଷଦ ଏବଂ ଅସମୀୟା ବୈଷ୍ଣବ୍ୟ ସାହିତ୍ୟର ଶରଣାପନ୍ନ ହୋଇଥିଲେ । ଏହିପ୍ରକାର ଚର୍ଚ୍ଚାଫଳରେ ସେ ଏକପ୍ରକାର ପ୍ରଶାନ୍ତି ଓ ଧ୍ୟାନମଗ୍ନତା ହାସଲ କରିପାରିଥିଲେ ଏବଂ ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କରିପାରିଥିଲେ । ରବୀନ୍ଦ୍ରନାଥ ଠାକୁରଙ୍କ କବିତା ଓ ଦାର୍ଶନିକ ବିଶ୍ୱାସ ଦ୍ୱାରା ସେ ଆକୃଷ୍ଟ ଥିଲେ । ଜଣେ ରହସ୍ୟବାଦୀ କବୟିତ୍ରୀ ବା ମରମୀକବୟିତ୍ରୀ ହିସାବରେ ନଳିନୀବାଳା ଦେବୀ ସର୍ବଦା କିଛି ଗୋଟାଏ ଅବର୍ଣ୍ଣନୀୟ ପାଇଁ ଅସ୍ଥିର ହୋଇପଡ଼ନ୍ତି । ତାଙ୍କର 'ସନ୍ଧ୍ୟାର ସୁର', 'ସପନେର ସୁର' ଏବଂ 'ପରଶମଣି'-- ଏହି ତିନୋଟି ସାରା କାବ୍ୟଗ୍ରନ୍ଥରେ କେନ୍ଦ୍ରୀୟ ବିଷୟ ହେଉଛି ସେଇ ଅଜଣା ପାଇଁ ଆକାଂକ୍ଷା । ତାଙ୍କର ସମସ୍ତ କାବ୍ୟକୃତି ଅନୁଧ୍ୟାନ କଲେ ପାଠକ ବୁଝିପାରିବେ, ଗୋଟାଏ କ୍ଷତବିକ୍ଷତ ହୃଦୟର ବେଦନା ବୀଣା ଏବଂ କିପରି ଦୁଃଖ ଭୋଗଦ୍ୱାରା ଆତ୍ମାର ଶୁଦ୍ଧତା ଅବଶେଷରେ

Digitized by srujanika@gmail.com

ଲାଭକରିଥାଏ । ବ୍ୟକ୍ତି ଜୀବନର ଆତ୍ମା କିପରି ବିଶ୍ୱଜୀବନ ସହ -- ଯାହାଙ୍କ ସହ କବିଙ୍କର ପ୍ରୀତି, ଯିଏ ଏକାଧାରରେ ସୁନ୍ଦର ଓ ଅସୀମ । ଏହି ଶାଶ୍ୱତ ସୌନ୍ଦର୍ଯ୍ୟଙ୍କ ସ୍ପର୍ଶ କବି ଅନୁଭବ କରନ୍ତି ପ୍ରକୃତିର ପ୍ରତିଟି ଉପାଦାନରେ ବା ବସ୍ତୁରେ, ଯାହାର ସୌନ୍ଦର୍ଯ୍ୟର ସମଷ୍ଟି ହେଉଛି ସୃଷ୍ଟିକର୍ତ୍ତାଙ୍କ ସୌନ୍ଦର୍ଯ୍ୟ । ବିଭିନ୍ନ ଋତୁ ଓ ନିଃସର୍ଗ ସୌନ୍ଦର୍ଯ୍ୟ ବିଶ୍ୱାତ୍ମାଙ୍କ ପରିପ୍ରକାଶ ମାତ୍ର । କବି ଏବଂ ଏହି ବିଶ୍ୱାତ୍ମା ଭିତରେ ମାଧ୍ୟମ ହେଉଛନ୍ତି ପ୍ରକୃତି, ଯିଏ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରନ୍ତି । ଆକାଶର ବିଦ୍ୟୁତ୍ ଝଲକ, କେତକୀର ଗୀତ, ପ୍ରଭାତୀ ଆକାଶର ନରମ ଆଲୋକ, ରାତ୍ରିର ଅସମ୍ଭବ ନୀରବତା, ବନ୍ୟ ଜସମୀନ ଫୁଲର ସୁଗନ୍ଧ -- ଏ ସମସ୍ତେ ଈଶ୍ୱରଙ୍କ ପରିଚୟ ତାଙ୍କୁ ଦେଇଥାନ୍ତି । ଏମାନେ ଈଶ୍ୱରଙ୍କୁ ଅଞ୍ଜଳି ଦେବା ସଙ୍ଗେ ସଙ୍ଗେ କବିଙ୍କୁ ମାନବୀୟ କରି ତୋଳନ୍ତି, ତାଙ୍କୁ ଚରମ ସତ୍ୟପ୍ରକାଶ କରିବାରେ ସାହାଯ୍ୟ କରନ୍ତି ଏବଂ ତାଙ୍କ କାବ୍ୟକୁ ସୌନ୍ଦର୍ଯ୍ୟମୟ କରନ୍ତି ।

'କୃଷ୍ଣକାନ୍ତ ହାଣ୍ଡିକୀ' ନାମକ ଜଣେ ସମାଲୋଚକ 'ସପନେର ସୁର' ବିଷୟରେ ଲେଖିବାକୁ ଯାଇ କହିଛନ୍ତି ଯେ ଏହି କବିତାଗୁଡ଼ିକ କେବଳ ବିଷାଦ ଦ୍ୟୋତକ ନୁହେଁ କିନ୍ତୁ ମଣିଷର ଅଦୃଶ୍ୟ ଭବିଷ୍ୟତ ସଂପର୍କରେ ଏବଂ ମଣିଷର ଅମରତ୍ୱ ସଂପର୍କରେ ଗଭୀର ବିଶ୍ୱାସପ୍ରଣୋଦିତ ରଚନା ।

'ପରମ ତୃଷ୍ଣା' ହେଉଛି ନଳିନୀବାଳାଙ୍କର ଏକମାତ୍ର ଦୀର୍ଘ କବିତା, ଯେଉଁଠି ସେ କହିବାକୁ ଚାହାନ୍ତି ଯେ ମଣିଷର ଆତ୍ମା, ବିଶେଷତଃ ଏକ କବିର ଆତ୍ମାକୁ ତା'ର ଚିରନ୍ତନ ତୃଷ୍ଣା ଅସ୍ଥିର ରଖେ ଯଦିଓ ସେ ଐଶ୍ୱର୍ଯ୍ୟଦ୍ୱାରା ତଥା ଜାଗତିକ ସୌନ୍ଦର୍ଯ୍ୟଦ୍ୱାରା ଆବୃତ୍ତହୋଇ ରହିଥାଏ । ସେ ଜାଣେ ଯେ ତା'ର ଜୀବନଯାତ୍ରା କିଛି ନୂଆ ଘଟଣା ନୁହେଁ । ଭଗବାନଙ୍କ ପରି ତା'ର ସୃଷ୍ଟିର ମଧ୍ୟ ଶେଷ ନାହିଁ ।

ନଳିନୀବାଳାଦେବୀଙ୍କ ପିତା ସ୍ୱର୍ଗତଃ ନବୀନଚନ୍ଦ୍ର ବରଦଲଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରସ୍ଥାନୀୟ ନେତା ଥିଲେ । ନଳିନୀବାଳା ତାଙ୍କ ପିତାଙ୍କ ଜୀବନବୃତ୍ତାନ୍ତ ମଧ୍ୟ ଲେଖିଛନ୍ତି । ଏଣୁ ସ୍ୱଭାବସିଦ୍ଧ ଭାବେ ସେ ତାଙ୍କ ପିତାଙ୍କ ମଧ୍ୟରେ ଥିବା ଦେଶପ୍ରେମଟିକୁ ମଧ୍ୟ ଗ୍ରହଣ କରିଛନ୍ତି, ଯାହାଫଳରେ ପିତୃଭୂମିର ଗୌରବମୟ ଅତୀତ ପ୍ରତି ନିଜର ଭକ୍ତି ଜଣାଇ ସେ କିଛି ଦେଶପ୍ରେମମୂଳକ କବିତା ରଚନା କରିଛନ୍ତି । ଭାରତର ସୌନ୍ଦର୍ଯ୍ୟ ଏବଂ ଆସାମର ସୌନ୍ଦର୍ଯ୍ୟ ସମାନ୍ତରାଳ ଭାବେ ତାଙ୍କ ରଚନାରେ ସ୍ଥାନପାଇଛି । 'ଭାରତୀ', 'ରବୀନ୍ଦ୍ର ତର୍ପଣ', 'ମହାନଦୀର ଆତ୍ମକାହାଣୀ' ଇତ୍ୟାଦି କିଛି ଜାତୀୟ କବିତା ତାଙ୍କର ସୃଷ୍ଟି । 'ଜନ୍ମଭୂମି' କବିଙ୍କର ମାତୃଭୂମି ପ୍ରତି ଆଉ ଏକ ନିବେଦନ । ଏଠାରେ କବିଙ୍କର ଆଶା ଯେ ସେ ମୃତ୍ୟୁ ପରେ ମଧ୍ୟ ମାତୃଭୂମି ପାଇଁ କିଛି କରିବେ କାରଣ ମାତୃଭୂମି ସ୍ୱର୍ଗଠାରୁ ମହାନ୍ ।

Digitized by srujanika@gmail.com

ତାଙ୍କର କାବ୍ୟକଳା ସଂପର୍କରେ ଏତିକି କୁହାଯାଇପାରେ ଯେ, କବିତା ତାଙ୍କର ସଂଗୀତଧର୍ମୀ । ସେ ସଂସ୍କୃତ କାବ୍ୟଭଣ୍ଡାରରୁ ବହୁ ଚିତ୍ରକଳ୍ପ ଓ ଉପମା ଗ୍ରହଣ କରିଛନ୍ତି ।

ଧର୍ମେଶ୍ୱରୀ ଦେବୀ ବରୁଆନୀ (୧୮୯୨--) ଅନ୍ୟଜଣେ ସମ୍ମାନନୀୟା ନାରୀ କବି । ସେ ଆଜୀବନ ବିକଳାଙ୍ଗ ବା ପ୍ରତିବନ୍ଧୀ । ଏ ସଂପର୍କରେ ତାଙ୍କର ଏକ ସ୍ମୃତିଚାରଣ -- ଜୀବନର ପ୍ରଥମ ଅବସ୍ଥାରୁ ମୁଁ ବାତ (Rheumatism) ଦ୍ୱାରା ଆକ୍ରାନ୍ତ ହେଲି । ମୋ ସ୍ୱାମୀ ଏବଂ ଅନ୍ୟ ନିକଟ ଆତ୍ମୀୟମାନେ ମୋର ସେବାଯତ୍ନ କଲେ କିନ୍ତୁ ଫଳ କିଛି ହେଲାନାହିଁ । ରୋଗ କୌଣସି ଚିକିତ୍ସା ପ୍ରକରଣ ଦ୍ୱାରା ପ୍ରଶମନ ହେଲା ନାହିଁ । ଅବଶେଷରେ ମୁଁ ଶଯ୍ୟାଶାୟୀ ହୋଇ ରହିଲି ଏବଂ ତାହା ହିଁ ସାରା ଜୀବନପାଇଁ ଘଟିବାକୁ ଗଲା । ମୋର ପରମ ପ୍ରେମାସ୍ପଦ ସ୍ୱାମୀ ମୋତେ ସାନ୍ତ୍ୱନା ଦେଲେ ଓ କହିଲେ, 'ତୁମେ ତୁମ ରୋଗପାଇଁ ଏତେ ଚିନ୍ତିତ ନରହି ବରଂ କିଛି କାବ୍ୟ ରଚନାରେ ହାତଦିଅ ।' ମୁଁ ତାଙ୍କ ଉପଦେଶ ଅନୁସରଣ କଲି ଏବଂ ମୋ ଚିନ୍ତାଭାବନାକୁ କାବ୍ୟରୂପ ଦେବାରେ ଲାଗିଲି ।

ଧର୍ମେଶ୍ୱରୀ ଦେବୀଙ୍କର ଦୁଇଟି ପ୍ରକାଶିତ ପୁସ୍ତକ -- 'ଫୁଲେର ସରାଇ' ଏବଂ 'ପ୍ରାନେର ପରଶ' -- ଉଭୟ ପୁସ୍ତକ ପ୍ରବଳ ଈଶ୍ୱର ବିଶ୍ୱାସମୂଳକ କବିତା ସଂକଳନ ଏବଂ ଉଭୟରେ ଜୀବାତ୍ମାର ପରମାତ୍ମା ସହିତ ମିଳନର ଆକାଂକ୍ଷା ସୂଚିତ । କବି ବିଶ୍ୱାସ କରନ୍ତିନି ଯେ ଭଗବାନ ସ୍ୱର୍ଗରେ ବାସକରନ୍ତି -- ଏହା କେବଳ ମଣିଷର କଳ୍ପନା, ସେ ସବୁଠାରେ ଅଛନ୍ତି -- ବୃହତ୍ ବସ୍ତୁଠାରୁ ସୂକ୍ଷ୍ମ ଅଣୁ ପର୍ଯ୍ୟନ୍ତ ସବୁଠାରେ ସେ ବର୍ତ୍ତମାନ । ଆମେ ତାଙ୍କୁ ଆମ ଚତୁର୍ଦ୍ଦିଗରେ ଦେଖୁଁ --

ତୁମେ କ'ଣ ସ୍ନିଗ୍ଧ ନୀଳାଭ ଆକାଶ,
ଚନ୍ଦ୍ରସୂର୍ଯ୍ୟ ତାରାଗଣ ?
ତୁମେ କ'ଣ ବିଦ୍ୟୁତର ଖେଳ ମେଘରେ ମେଘରେ
ଶୂନ୍ୟ ଆକାଶମଣ୍ଡଳେ ?
ତୁମେ କ'ଣ ମଣିଷର ହୃଦୟ କନ୍ଦରେ ଉଦ୍‌ବେଳିତ ଆଶା ?
ତୁମେ କ'ଣ ପ୍ରେମିକାର ସୁନ୍ଦର ଆନନେ ଉଜ୍ଜ୍ୱଳତା ?

ପୃଥିବୀର ସବୁ କ୍ଷେତ୍ରରେ ସେ ଯେଉଁ ଦିବ୍ୟ ଆତ୍ମାର ଏବଂ ଶକ୍ତିର ସ୍ପର୍ଶ ପାଇଛନ୍ତି, ତାହା ହିଁ ଚରମ ସୁନ୍ଦର ଓ ପରମ ସତ୍ୟ ।

ଯଦିଓ ସେ ଅଳ୍ପ ବୟସରୁ ବିଧବା ଏବଂ ବିକଳାଙ୍ଗ, କିନ୍ତୁ ନଳିନୀଦେବୀଙ୍କ ପରି ସେ ଦୁଃଖବାଦୀ ନୁହଁନ୍ତି । ଆଶାବାଦୀ ହୋଇ ସେ ଅପେକ୍ଷାକରି ରହନ୍ତି ସେଇ ଦିନକୁ, ଯେଉଁଦିନ ତାଙ୍କର ପରମାତ୍ମାଙ୍କ ସହ ମିଳନ ହେବ । ହୃଦୟର ଆବେଗମୟ ଗଭୀରତାରୁ ତାଙ୍କ କବିତାର ଉତ୍ସ; ନାରୀସୁଲଭ କୋମଳତା, ନୀରବ ଆତ୍ମନିବେଦନ, ପ୍ରେମ ଓ ନିଷ୍ଠାପର

Digitized by srujanika@gmail.com

ଭକ୍ତି ତାଙ୍କର କାବ୍ୟ ବିଷୟ ଯାହା ନାନା ନିନ୍ଦାପ୍ରଶଂସାର ଉର୍ଦ୍ଧ୍ୱରେ ସେ ବିତରଣ କରିଯାଆନ୍ତି । ଯଦିଓ ଈଶ୍ୱର, ପ୍ରକୃତି ଓ ମାନବହୃଦୟ ପରି ସାଧାରଣ କଥା, ତାଙ୍କର କାବ୍ୟପ୍ରସଙ୍ଗ ଏବଂ ମାତ୍ର ଏଇ କେତୋଟି ପ୍ରସଙ୍ଗ ଦ୍ୱାରା ସେ ସୀମାବଦ୍ଧ, ତଥାପି ଏ ସବୁକୁ ସେ ଅନ୍ତର୍ଦୃଷ୍ଟି ଓ ଆବେଗମୟତା ଦ୍ୱାରା ଏବଂ ଚମତ୍କାର କାବ୍ୟଭାଷାଦ୍ୱାରା ଫୁଟାଇ ପାରିଛନ୍ତି । ପାର୍ଥିବ ଜଗତ ଓ ଜୀବନ ପ୍ରତି ଗଭୀର ସହାନୁଭୂତିଶୀଳତା ତାଙ୍କ କବିତାର ଲକ୍ଷଣ ।

ନୀଳମଣି ଫୁଖାନ (୧୮୮୦ --) ଆସାମର ଏକମାତ୍ର ଆଧୁନିକ କବି ବୋଲି ବାଣୀକଣ୍ଠ କାକତି କହିଛନ୍ତି । ଏହି କବିଙ୍କର ଆଧ୍ୟାତ୍ମିକ ଅନ୍ୱେଷଣ ଏକ ପ୍ରଧାନ ଲକ୍ଷଣ । ଏହି କବି ତାଙ୍କର କାବ୍ୟଗ୍ରନ୍ଥଗୁଡ଼ିକ 'ଜ୍ୟୋତିକଣା', 'ସନ୍ଧାନୀ', 'ମାନସୀ', 'ଗୁଟମାଳୀ' ଷାଠିଏ ଓ ସତୁରି ବର୍ଷ ବୟସରେ ପ୍ରକାଶ କରିଥିଲେ । କବିତା ଯଦି ଜୀବନ କ୍ଷେତ୍ରରେ ଚିନ୍ତାର ବା ଭାବର ବାସ୍ତବ ପ୍ରୟୋଗ ବୋଲି କୁହାଯାଏ, ତା'ହେଲେ ନିଃସନ୍ଦେହ ଭାବରେ ଫୁଖାନଙ୍କ କବିତା ଅନନ୍ୟ । କିନ୍ତୁ ଦୁର୍ଭାଗ୍ୟବଶତଃ କବିତା ଭାବସମ୍ପଦଦ୍ୱାରା ଭାରାକ୍ରାନ୍ତ ହେଲେ, ଏହା ଏକ ଆସକ୍ତିରେ ପରିଣତ ହୁଏ ଏବଂ ଏ କ୍ଷେତ୍ରରେ କାବ୍ୟପ୍ରତିଭା ସୁସଂଗତ ହୁଏନା, ଯଦିଓ କେବେ କେବେ ଗଭୀର ଭାବେ ଦ୍ୟୁତିମୟ ହୋଇଥାଏ । 'ମାନସୀ'ରେ କବିଙ୍କ ଅନ୍ୱେଷା 'ସୁନ୍ଦର' ପାଇଁ, 'ସନ୍ଧାନୀ'ରେ ଅନୁରୂପ ଭାବେ 'ସତ୍ୟ' ଓ 'ସୁନ୍ଦର' ପାଇଁ । କବି 'ଗୁଟିମାଳୀ' ସଂକଳନରେ ଦରିଦ୍ର ଓ ଅତି ସାଧାରଣ ଲୋକଙ୍କ ଘରୋଇ ଚିତ୍ରଣ ଦେଇଅଛନ୍ତି ଏବଂ ଏଠାରେ ପ୍ରକୃତି ଓ ମଣିଷ ପାଇଁ କବିଙ୍କ ଦରଦ ପ୍ରକାଶ ପାଇଛି ।

୧୯୪୨ ଅଗଷ୍ଟ ଆନ୍ଦୋଳନରେ କବି ଯୋଗ ଦେଇଥିଲେ ଓ ଜେଲ ଯାଇଥିଲେ । ଜେଲ୍ ଜୀବନର ଅଭିଜ୍ଞତାକୁ ନେଇ ଲେଖିଲେ 'ଝିଞ୍ଜିରୀ' । ସେ ଲେଖିଛନ୍ତି, 'ଈଶ୍ୱରଙ୍କ ଅନୁସନ୍ଧାନରେ ମୁଁ ସ୍ୱାଧୀନତାର ମନ୍ଦିରରେ ପ୍ରବେଶ କଲି । ଯାହା ଦେଖିଲି, ଶୁଣିଲି ଏବଂ ଅନୁଭବ କଲି ସେସବୁ କବିତାରେ ଲିପିବଦ୍ଧ କଲି । କଳ୍ପନାର ରଙ୍ଗ କିଛି ପ୍ରଲେପନ କରିଛି ଏବଂ ସେଗୁଡ଼ିକୁ ସୂଚନାତ୍ମକ କରିଛି ।'' 'ଝିଞ୍ଜିରୀ'ର ପ୍ରାୟ ସମସ୍ତ କବିତାରେ ଆଶାବାଦୀ ସ୍ୱର ନିହିତ ଏବଂ କାବ୍ୟମାନସ କୌଣସି ଝଡ଼ଝଞ୍ଜା ଦ୍ୱାରା ବିକ୍ଷିପ୍ତ ନୁହେଁ । ଆପାତ ଦୃଷ୍ଟିରେ କାବ୍ୟଶରୀର ଗଦ୍ୟପୋଷାକ-ପରିହିତ, ପ୍ରସ୍ତର କଠିନ, କ୍ରିପ୍ଟିକ୍, ହେଲେ ବି ଅନ୍ତସ୍ଥଳର ଏକ ଗଭୀରରେ ଦାର୍ଶନିକ ବକ୍ତବ୍ୟ ରହିଛି ।

ନୀଳମଣି ଫୁଖାନଙ୍କ ଗଦ୍ୟ କବିତା ପରି ଆବେଗପ୍ରଭ । ଶୃଙ୍ଖଳିତ ପଦବିନ୍ୟାସ ବିଶ୍ଳେଷଣ ଧର୍ମିତା, ସଂଯମୀ କଳ୍ପନାର ଅଭାବ ତାଙ୍କ ଠାରେ ପରିଲକ୍ଷିତ ହୁଏ । ଅଳଙ୍କାର-ଧର୍ମୀ ଗଦ୍ୟରୀତିର ସେ ଚର୍ଚ୍ଚା କରିଥିଲେ, ତାଙ୍କର 'ସାହିତ୍ୟ କଳା' ସାହିତ୍ୟର ବିଭିନ୍ନ ବିଷୟ ଉପରେ ଆଧାରିତ ଏକ ପ୍ରବନ୍ଧ ପୁସ୍ତକରେ ।

ଶୈଳଧର ରାଜଖୁଆଙ୍କର 'ନିର୍ଝର' ସଂକଳନର ବିଭିନ୍ନ କବିତା ବିଭିନ୍ନ ସମୟରେ

Digitized by srujanika@gmail.com

ରଚିତ । କବିତାଗୁଡ଼ିକ ବିଭିନ୍ନ ବିଷୟକୁ ଅବଲମ୍ବନ କରି ମଧ୍ୟ ରଚିତ । କୌଣସି ଗଭୀରତତ୍ତ୍ୱ ବା ଦର୍ଶନର ପ୍ରଗ୍ୱରକ ସେ ନୁହଁନ୍ତି । ବିଷୟଆଶ୍ରିତ ପ୍ରକୃତି ସୌନ୍ଦର୍ଯ୍ୟରେ ସେ ଆତ୍ମମଗ୍ନ । ଇତିହାସ ପ୍ରସିଦ୍ଧି ଥିବା ସ୍ଥାନଗୁଡ଼ିକ ପ୍ରତି ତାଙ୍କର ଆକର୍ଷଣ ଅଧିକ । ସେ ସେହି ସ୍ଥାନଗୁଡ଼ିକୁ ନେଇ ପ୍ରାଚୀନ କାହାଣୀ ରଚନା କରିଅଛନ୍ତି । ଫଳରେ, ସେସବୁ ସ୍ଥାନଗୁଡ଼ିକର ପ୍ରକୃତି-ଚିତ୍ରଣ ବାଙ୍ମୟ ହୋଇପଡ଼ିଛି । ତାଙ୍କର 'ପାଷାଣ ପ୍ରତିମା' ଏହି ଶୈଳୀର ଏକ ଜ୍ୱଳନ୍ତ ଉଦାହରଣ । ବର୍ମାଦ୍ୱାରା ଆକ୍ରମଣର ଐତିହାସିକ ପଛଭୂମି ଉପରେ ଏହା ଆଧାରିତ । ଦୁଇଜଣ ଅହୋମ ସେନା ଅଧ୍ୟକ୍ଷଙ୍କ ବୀରତ୍ୱ ଓ ସାହସିକତାରେ ଆକୃଷ୍ଟ ହେଲେ ଦୁଇଟି ଝିଅ -- ଫୁଲରା ଓ ଚପଲା । ଏ ଝିଅ ଦୁଇଟି ତାଙ୍କ ପ୍ରେମିକମାନଙ୍କ ସହ ଯୁଦ୍ଧଭୂମିକୁ ଆସି ଯୁଦ୍ଧ କଲେ । ଅଧ୍ୟକ୍ଷ ଦୁଇଜଣଙ୍କର ମୃତ୍ୟୁ ପରେ ଫୁଲରା ଓ ଚପଲା ଶତ୍ରୁ ହାତରେ ପଡ଼ିବା ମୁହୂର୍ତ୍ତରେ ଦୁଇଟି ପଥରରେ ପରିବର୍ତ୍ତିତ ହେଲେ । ମାନବ ହୃଦୟର ଦୁଃଖ ଓ ଆର୍ତ୍ତିକୁ ନେଇ ଶୈଳଧରଙ୍କର କବିତା ।

ଲକ୍ଷ୍ମୀନାଥ ପୁଖାନ ଜଣେ ଆଜୀବନ ସାମ୍ବାଦିକ । କେତେଗୁଡ଼ିଏ ଇଂରାଜୀ ଖବର କାଗଜ ସହ ସଂପୃକ୍ତ । ଗତ ଦଶବର୍ଷ ଧରି ସେ ଆସାମ ଟ୍ରିବ୍ୟୁନର ସୁଦକ୍ଷ ସଂପାଦକ । ଅବସର ସମୟର ଅଭାବ ସତ୍ତ୍ୱେ ସେ କିଛି କିଛି କାବ୍ୟ ରଚନା କରନ୍ତି । ଅଧିକାଂଶ ପ୍ରେମ କବିତା ଯୁବକ ବୟସରେ ଲେଖା । ତାଙ୍କ କାବ୍ୟପ୍ରେମିକା ପାର୍ଥିବ ଜଗତର ଅଧିବାସୀ ନୁହେଁ, ସେ ଅଶରୀରୀ ।

ତାଙ୍କ କବିତାର ପ୍ରଧାନ କଥା ହେଉଛି, ସୌନ୍ଦର୍ଯ୍ୟର ନିରଳସ ଅନୁସନ୍ଧିତ୍ସା । ମରଣ ବେଳିକାରେ କବିଙ୍କ ବକ୍ତବ୍ୟ ହେଉଛି -- ସେ ଭାଗ୍ୟଦ୍ୱାରା ଭୟଭୀତ ନୁହଁନ୍ତି ବା ତାର ସମ୍ମୁଖୀନ ହେବାକୁ ସେ ଭୟପାଆନ୍ତି ନାହିଁ । ମୃତ୍ୟୁ ଏକ ସୁଯୋଗ ଯେ ସେ ପରମ ସୁନ୍ଦର ସହ ମିଳିତ ହୋଇପାରିବେ । ତାଙ୍କର ମୃତ୍ୟୁଭୟ ନାହିଁ ।

ବିନ୍ଧେଶ୍ୱର ନିୟୋଗ (୧୯୦୦-- )ଙ୍କ କବିତା ଦୁଇଟି ଶ୍ରେଣୀରେ ବିଭକ୍ତ ।

ଯୁବୋଚିତ ଉଚ୍ଛ୍ୱାସ ଏବଂ ସ୍ୱଦେଶ ପ୍ରୀତିମୂଳକ । ତାଙ୍କର 'ଇନ୍ଦ୍ରଧନୁ' ଶୃଙ୍ଗାରର ବିଭିନ୍ନ ବିଭବ ଉପରେ ଆଲୋକପାତ କରି, ଶକ୍ତିଶାଳୀ କିଛି ପ୍ରେମ କବିତାର ଏକ ମନୋଜ୍ଞ ସଂକଳନ ଗ୍ରନ୍ଥ । ଅସାମାନ୍ୟ ରୋମାଣ୍ଟିକ କବିତାର ଏହି ଦିଗଟି ତାଙ୍କରି କବିତାରେ ସବୁଠାରୁ ଭଲଭାବରେ ବିନ୍ୟସ୍ତ ହୋଇଛି । ମହାତ୍ମାଗାନ୍ଧୀଙ୍କର ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ବହୁ ଆସାମୀ କବି ଯୋଗ ଦେଇଥିଲେ । ନିୟୋଗ ଆସାମର ଲୁପ୍ତଗୌରବ, ଲୁପ୍ତ ଇତିହାସ ଭିତରେ ପ୍ରବେଶ କରିବାଦ୍ୱାରା ନୂତନଭାବେ ଉଜ୍ଜୀବିତ ହୋଇଥିଲେ । 'ବୁରାଞ୍ଜୀ ଲେଖକ' କବିତା ଏହି ଶ୍ରେଣୀର ସ୍ରୋତ ବହନ କରେ -- ଏବଂ ଏହା ପ୍ରଚୁର ଆବେଗପ୍ରଧାନ । 'ଶାପମୁକ୍ତ' ଆଉ ଏକ ଚମତ୍କାର କବିତା, ଯେଉଁଥିରେ ପ୍ରେମିକା କଳ୍ପନା ସହ ମାତୃଭୂମିର

Digitized by srujanika@gmail.com

କଳ୍ପନା ଏକଦିଗଗାମୀ ହୋଇଛି । 'ଆପନା' ସଂକଳନଟି ଶିଶୁମାନଙ୍କ ପାଇଁ । ନିଯୋଗଙ୍କ କବିତାରେ ନାନାପ୍ରକାର ଛନ୍ଦକୌଶଳ ଦେଖାଯାଏ ।

ବିନାନ୍ଦାଚନ୍ଦ୍ର ବରୁଆ (୧୯୦୬--)ଙ୍କ କବିତାର ଶୈଳୀ ହେଲା ଧ୍ୱନିପ୍ରଧାନ; ବିଶେଷତଃ, ବଙ୍ଗୀୟ ବିପ୍ଳବୀ କବି ନଜରୁଲ ଇସଲାମଙ୍କୁ ଅନୁସରଣ କରି ସେ ବହୁତ ଦେଶାତ୍ମ କବିତା ରଚନା କଲେ । କବିତାଗ୍ରନ୍ଥ 'ଶଙ୍ଖଧ୍ୱନି' ଓ 'ପ୍ରତିଧ୍ୱନି'ରେ ଆସାମର ଗୌରବମୟ ଅତୀତକୁ ବର୍ତ୍ତମାନର ଜଟିଳ ପରିସ୍ଥିତି ସହ ପ୍ରତିତୁଳନା କରିଅଛନ୍ତି । କବିଙ୍କ ସ୍ୱର ଅବଶ୍ୟ କେବେହେଲେ ନିରାଶବାଦୀ ନୁହେଁ । ଅତୀତର ଧ୍ୱଂସାବଶେଷରୁ ସେ ସାହସ, ଉଦ୍ଦୀପନା ଓ ଆଲୋକ ପାଆନ୍ତି । ନିଜ ମାତୃଭୂମିର ଅତୀତ ଓ ଅତୀତର ମହାନ ସନ୍ତାନମାନଙ୍କୁ ସ୍ମରଣ କରି ବର୍ତ୍ତମାନ ଯୁଗର ପୁତ୍ରକନ୍ୟାମାନଙ୍କୁ ସେମାନଙ୍କ ଉଦାହରଣ ଅନୁସରଣ କରିବାକୁ ଏବଂ ବିଦେଶୀ ଶାସନରୁ ନିଜ ମାତୃଭୂମିକୁ ମୁକ୍ତ କରିବାକୁ ଆହ୍ୱାନ ଦେବା, ତାଙ୍କ କବିତାର ଲକ୍ଷଣ । ଏକ ନୂତନ ଆସାମ ଗଠନ କରିବାକୁ ଆହ୍ୱାନ ମଧ୍ୟ ତାଙ୍କ କବିତାର ବିଷୟ । ତାଙ୍କ ମତରେ ଭାଷା, ସଂସ୍କୃତି, ସାହିତ୍ୟ ଇତ୍ୟାଦି ସବୁ କଥାରେ ପୁନଃ ଜାଗରଣ ଆବଶ୍ୟକ । ତାଙ୍କର କବିତାର ଏକ ଉଦାହରଣ ହେଲା --

ହେ ଉଦ୍ୟତ ମହାନ ଶକ୍ତି !
ନିଦ୍ରା ତେଜି ଜାଗିଉଠ, ହେ ମୋର ଦେଶବାସୀ ।
ତୁମ ଧମନୀରେ ରକ୍ତର ସ୍ରୋତ ବହୁ,
ତୁମର ବୀରତ୍ୱ
ପୃଥିବୀକୁ ଉଜ୍ଜ୍ୱଳ କରୁ
କେହି କ୍ଷୁଦ୍ର ନୁହେଁ, କେହି ନୁହେଁ ମହାନ
ସବୁ ବୀର ତ ସମାନ ।
ଝଡ଼ର ଗତିରେ ସମସ୍ତ ବାଧା କର ନିବାରଣ
ବଜ୍ରପରି ପୃଥିବୀକୁ ଦିଅ ଦୋହଲାଇ
ସୂର୍ଯ୍ୟର କିରଣ ପରି ମାଡ଼ିଯାଅ ଆଗକୁ ଆଗକୁ ।

ଆସାମର ତଥା ଅହମ ଶାସନର ଗୌରବମୟ ଅତୀତ ହେଉଛି ବିନନ୍ଦା ବରୁଆଙ୍କର ପ୍ରଧାନ କାବ୍ୟ ବିଷୟ । 'ରଙ୍ଗାମୁହଁ', 'ରଙ୍ଗପୁର', 'ବ୍ରହ୍ମପୁତ୍ର', 'ଶ୍ମଶାନ' ଆଦି କବିତାରେ ନାଟକୀୟ ସଂଳାପ ମାଧ୍ୟମରେ କବି ଇତିହାସପ୍ରସିଦ୍ଧ ସ୍ଥାନମାନଙ୍କର ଓ ଲୋକମାନଙ୍କର ବର୍ଣ୍ଣନା କରିଅଛନ୍ତି । କିଛି କବିତା ମଧ୍ୟ ଇଂରାଜୀରେ ଲେଖିଛନ୍ତି । ଧ୍ୱନିପ୍ରଧାନ ଶବ୍ଦ ଓ ଘରୋଇ ଚିତ୍ରକଳ୍ପ ପ୍ରୟୋଗ ତାଙ୍କ କବିତାକୁ ସୁଖପାଠ୍ୟ କରିଅଛି ।

ଦେବକାନ୍ତ ବରୁଆ (୧୯୧୪---) ଅସମୀୟା ସାହିତ୍ୟରେ ଉଲ୍କା ଗତିରେ

Digitized by srujanika@gmail.com

ଆବିର୍ଭୂତ ହୋଇଥିଲେ । ତାଙ୍କର ଆବିର୍ଭାବ ଗୃଙ୍ଖଳ୍ୟ ସୃଷ୍ଟି କରିଥିଲା । ବିଷୟବସ୍ତୁ, ଦୃଷ୍ଟିଭଙ୍ଗୀ, କଳାକୌଶଳ ଏବଂ ଭାବସଂପଦରେ ସେ ଏକ ନୂଆ ଦିଗ ସୃଷ୍ଟି କରିଥିଲେ । 'ଆମି ଦୁଆର ମୁକଲି କରନ' ବା 'ମୁଁ ଦୁଆର ମୁକଳି ଦେଲି' କବିତା ତାଙ୍କ ସୃଷ୍ଟିର ନୂତନ ସ୍ୱାକ୍ଷର ଦୃଷ୍ଟିରେ ପଡ଼ିଲା । ମନେହୁଏ, ତାଙ୍କ ଶୈଳୀ ତାଙ୍କର ନିଜସ୍ୱ, କୌଣସି ପୂର୍ବସୂରୀଙ୍କ ଅନୁସରଣରେ ନୁହେଁ । ତାଙ୍କର 'ସାଗର ଦେଖିଚ ?' ସଂକଳନରେ ମନନଶୀଳତାର ପ୍ରମାଣ ମିଳେ ।

ତାଙ୍କ ପ୍ରେମ କବିତାଗୁଡ଼ିକ ଚିରାଚରିତ ଧାରାର କବିତାପରି ନୁହେଁ । ପ୍ରେମିକାର ଦୈହିକ ସୌନ୍ଦର୍ଯ୍ୟ କିମ୍ବା ତା ପ୍ରତି କାମନାମୟ ଆସକ୍ତିର ଲକ୍ଷଣ ନେଇ ତାଙ୍କ କବିତା ରଚିତ ନୁହେଁ . ବରଂ ସେଗୁଡ଼ିକ ଏକପ୍ରକାର ବୁଦ୍ଧିପ୍ରଧାନ, ସୌନ୍ଦର୍ଯ୍ୟପ୍ରତି ଏକ ପ୍ରକାର ନିବେଦନ ଏବଂ ପାରସ୍ପରିକ ସଂପର୍କର ପରିପୂରକତାର ଅଭାବରେ ଯେଉଁ ପ୍ରତିକ୍ରିୟା ଥାଏ, ତାହା ତାଙ୍କ କବିତାରେ ଅନୁପସ୍ଥିତ । ପ୍ରତ୍ୟେକ କବିତାରେ ଭିନ୍ନ ଭିନ୍ନ ମାନସିକ ପ୍ରଶ୍ନ ଉତ୍‌ଥାପିତ । ଅନ୍ୟମାନଙ୍କ ପାଇଁ ପ୍ରେମରେ ଅସଫଳତା ଯେଉଁଠି ଦେଖାଯାଏ, ସେଠି କବି ସେସବୁକୁ ଗୁରୁତ୍ୱ ଦିଅନ୍ତି ନାହିଁ -- ଯେଉଁଠି ଅନ୍ୟମାନେ ନିରାଶା ଓ ବିଷାଦରେ କ୍ଲିଷ୍ଟ, ସେଠି କବି ସଫଳକାମ ଓ ତୃପ୍ତ । ଅପୂର୍ଣ୍ଣତା ତାଙ୍କ ପାଇଁ ଜୀବନର ଏକ ନୂଆ ସ୍ପନ୍ଦନ । ବାଲ୍ମୀକିଙ୍କୁ ଯେପରି କ୍ରୌଞ୍ଚ-ମିଥୁନର ମୃତ୍ୟୁ ଆଘାତ ଦେଇଥିଲା ଓ ତା ଫଳରେ ତାଙ୍କ ମୁଖରୁ ନିଃସୃତ ହୋଇଥିଲା କବିତା, ସେହିପରି ଏହି କବି ଗୋଟିଏ ଗ୍ରାମ୍ୟବାଳାର କୋମଳ ସ୍ପର୍ଶରେ କାବ୍ୟସଙ୍ଗୀତ ଗାନ କରନ୍ତି -- 'ପ୍ରେମର ଉତ୍ତର'ରେ କବି ଲେଖୁଛନ୍ତି --

ପ୍ରେୟସୀ ! ତୁମର ନୀରବ ପ୍ରେମର ବନ୍ୟା
ଯାହା ତୁମର କୋମଳ ହୃଦୟ ଆଜି ଦାନକଲା ମୋତେ
ତା'ର ପ୍ରତିଦାନ ଏଇ ମୋର କାବ୍ୟ
-- ଏହି ଅର୍ଥହୀନ ଛନ୍ଦ ।

ତାଙ୍କର ସୁନ୍ଦରୀ ପ୍ରେମିକା ତାଙ୍କର ଅନୁଭବକୁ ରସାଣିତ କଲା, ଘନିଷ୍ଠ କଲା ଏବଂ ହଠାତ୍ ଅପସରିଗଲା । ଏଇ ନିଷ୍ଠୁର ଏକାକୀତ୍ୱ, ଏଇ ଉପେକ୍ଷା ତାଙ୍କୁ ବିରକ୍ତ କରିନାହିଁ ବା କ୍ରୋଧାନ୍ୱିତ କରିନାହିଁ । ତାଙ୍କ ମନ ଅନ୍ଧକାର ଦ୍ୱାରା କଳଙ୍କିତ ନୁହେଁ । ପ୍ରେମିକା ସହ ତାଙ୍କ ସଂପର୍କ, ଯଦିଓ କ୍ଷଣସ୍ଥାୟୀ, ତାହା ତାଙ୍କୁ ଚିରନ୍ତନ ତୃପ୍ତି, ସୁଖ ଦିଏ । ସର୍ବଦା ଘଟୁଥିବା ପରିବର୍ତ୍ତନମାନ ଛୋଟ ଛୋଟ ଦୃଶ୍ୟ ଛଡ଼ା ଏ ଜୀବନ ଆଉ କ'ଣ ହୋଇପାରେ ? କ୍ଷଣିକତ୍ୱ ହେଉଛି ଜୀବନର ନିୟମ । ଗୋଟିଏ ଫୁଲର କମନୀୟତା ବା ଉଦ୍ଦାମ ଯୌବନ -- ଏସବୁ କ୍ଷଣିକ । ଭଗବତୀ ଆଗମନର ଉଚ୍ଛ୍ୱାସ, ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଯେଉଁ ଉତ୍ସବ, ସେ ସବୁର ସମାପ୍ତି ଦଶମୀର ବିସର୍ଜନ ପର୍ବରେ । ତେଣୁ କବିଙ୍କ ଦୃଷ୍ଟି ବିଜୟର ଉଲ୍ଲାସରେ ନୁହେଁ, ତାଙ୍କର ଆନନ୍ଦ ପରିଶ୍ରମରେ, ପ୍ରଚେଷ୍ଟାରେ ।

Digitized by srujanika@gmail.com

ଗୋଟିଏ ସୁନ୍ଦରୀ ପ୍ରେମିକା ତାଙ୍କୁ ପରିତ୍ୟାଗ କରି ଗ୍ଭଲିଯାଉ, ଆହୁରି ସହସ୍ର ସୁନ୍ଦରୀ ପୃଥିବୀରେ ଅଛନ୍ତି । ଅତଏବ, ବ୍ୟକ୍ତିଜୀବନର ପ୍ରେମର ଅସଫଳତା ତାଙ୍କୁ ସାର୍ବଜନୀନ ପ୍ରେମ ଦିଗରେ ଆଗେଇନେଇଛି । ତାଙ୍କର 'ଦେଶବାସୀ' କବିତାରେ ଗୋଟିଏ ନର୍ତ୍ତକୀର କଥା ରୂପାୟିତ । ମାନବତା କିପରି ଦଳିତ, ନିପୀଡ଼ିତ -- ତାହାରି କଥା କବି କହିଛନ୍ତି । ତାଙ୍କର ଏଇ ମାନବଦରଦୀ ହୃଦୟ ଲିପିବଦ୍ଧ ହୋଇଛି 'ସାଗର ଦେଖିଛ ?' 'ରଙ୍ଗ ଏଠି କରବୀର ଫୁଲ', 'କାଳଙ୍ଗ ପାରତ' ଆଦି କବିତାରେ ।

ଦେବକାନ୍ତ ତାଙ୍କ କବିତାକୁ ନାଟକୀୟ ସଂଳାପରେ ବା ସ୍ୱଗତ ସଂଳାପରେ ପରିପୁଷ୍ଟ କରିଥାନ୍ତି କେତେକଟା ରବର୍ଟ ବ୍ରାଉନିଂଙ୍କ ଶୈଳୀରେ । କଳ୍ପନାପ୍ରବଣତା ହେତୁ ସେଗୁଡ଼ିକୁ ନାଟକ ବୋଲି ଭାବିହୁଏ ନାହିଁ । ଚରିତ୍ରଗୁଡ଼ିକ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ କିମ୍ବା ବୁଦ୍ଧିର କୌଣସି ସଂଘର୍ଷ ନାହିଁ । ସଂଳାପ ବିନ୍ୟାସରେ ମଧ୍ୟ କୌଣସି ଅସ୍ୱାଭାବିକତା ଦେଖାଯାଏ ନାହିଁ । ମୁଖ୍ୟବକ୍ତା କବିତାର ବ୍ୟକ୍ତିପାତ୍ର ମୁହଁ ଦେଇ ବକ୍ତବ୍ୟ ସ୍ଥାପନ କରୁଛନ୍ତି । ଦେବକାନ୍ତ ବରୁଆ କବିତାର ଏଇ ଧାରାରେ ପ୍ରଥମ ଶିଳ୍ପୀ -- ଆସାମ କାବ୍ୟ ପରମ୍ପରାରେ । କାବ୍ୟଭାବନା ଡି.ଏସ୍ ଲରେନ୍ସଙ୍କ ଦ୍ୱାରା ଏବଂ କାବ୍ୟଭାଷା ରୋସେଟୀ ଓ ସୁଇନବର୍ଣ୍ଣଙ୍କ ଦ୍ୱାରା ପ୍ରଭାବିତ ।

ଆଉ ଜଣେ ବିଖ୍ୟାତ କବି ହେଉଛନ୍ତି, ଗଣେଶ ଚନ୍ଦ୍ର ଗୋଗୋଇ (୧୯୧୦-୩୮) । ପ୍ରେମ୍ ଓ ସୁନ୍ଦରର କବି, ଜୀବନ ଐଶ୍ୱର୍ଯ୍ୟମୟ, କାରଣ ପ୍ରେମ ଓ ସୁନ୍ଦରର ସ୍ଥିତି ମଣିଷକୁ ଘେରିଅଛି । 'ସ୍ୱପ୍ନଭଙ୍ଗ' କବିତାରେ ସେ କହନ୍ତି ଯେ ପ୍ରେମର ଚତୁର୍ଦ୍ଦିଗସ୍ଥ ଜଗତ ଏକ ସୁନ୍ଦରର ଜଗତ । ସେ ତାଙ୍କ ଜୀବନକୁ ସୌନ୍ଦର୍ଯ୍ୟ ଉପାସନାରେ ଉତ୍ସର୍ଗୀକୃତ କରିବାକୁ ଗ୍ଭହାଁନ୍ତି ।

'ପାପ୍‌ଡ଼ି' ତାଙ୍କର ଏକ ଆତ୍ମଜୀବନୀମୂଳକ ପ୍ରେମ କବିତା । ଯେଉଁ ଝିଅଟି ତାଙ୍କର ଯୌବନ ବୟସରେ ତାଙ୍କୁ ପ୍ରେରଣା ଦେଇଥିଲା, ଯାହାର ସୌନ୍ଦର୍ଯ୍ୟରେ ସେ ଅବଗାହନ କରି ଏଇ ଜଗତର ସୌନ୍ଦର୍ଯ୍ୟକୁ ପାଇଥିଲେ, ସେ ତାଙ୍କୁ ପରିତ୍ୟାଗ କରି ଗ୍ଭଲିଯାଇଛି । ଅନେକ ସମୟରେ ଜୀବନ ଏହିପରି ଜଣେ ନିର୍ଦ୍ଦୟା ରମଣୀ ସହ ପ୍ରେମାସକ୍ତ ହୋଇଥାଏ ଯାହାର ପ୍ରଭାବ ବୃହତ୍ତର ଭାବେ ଜୀବନରେ ପଡ଼ିଥାଏ ଏବଂ କବିଙ୍କୁ ପଦ୍ୟ ଲେଖିବାରେ ପ୍ରବୃତ୍ତ କରେ । ଗଣେଶ ଗୋଗଇ ଅଳ୍ପ ବୟସରେ ଦେହାନ୍ତ ହୋଇଥିଲେ ବି ତାଙ୍କର ସ୍ୱଳ୍ପ ରଚନା ପ୍ରସାଦଗୁଣରେ ଅପୂର୍ବ, ତାଙ୍କ ଆନ୍ତରିକତା, ମନ୍ମୟତା ଓ ଭାଷାଶୈଳୀ ତାଙ୍କୁ ତାଙ୍କର ପରବର୍ତ୍ତୀ କବିମାନଙ୍କ ଠାରେ ସ୍ମରଣୀୟ କରିପାରିଛି ।

ଦାଣ୍ଡିନାଥ କାଲିଟା (୧୮୯୦-୧୯୫୦) ଜଣେ ହାସ୍ୟରସର କବି । ତାଙ୍କର 'ରାଗଦ୍' (କୌତୁକ), 'ରାହାଘର' (କୌତୁକଘର),'ବହୁରୂପୀ' କବିତାଗ୍ରନ୍ଥମାନ

Digitized by srujanika@gmail.com

ହାସ୍ୟକୌତୁକ, ତୀକ୍ଷ୍ଣ ବୁଦ୍ଧି ଏବଂ ଅନ୍ତର୍ଭେଦୀ ଶ୍ଳେଷପାଇଁ ବିଖ୍ୟାତ । ଶବ୍ଦଯୋଜନାରେ ତାଙ୍କର ସୁଚତୁର କୌଶଳ ଓ ବିଷୟ ନିର୍ବାଚନ ଯୋଗୁଁ ତାଙ୍କ କବିତା ସୁପାଠ୍ୟ ଏବଂ ଆଦୃତ । କୌଣସି ବ୍ୟକ୍ତିବିଶେଷ ବା ଗୋଷ୍ଠୀବିଶେଷ ପ୍ରତି ତାଙ୍କର ବ୍ୟଙ୍ଗ ଓ ସମାଲୋଚନା ଉଦ୍ଦିଷ୍ଟ ନୁହେଁ । ସମସାମୟିକ ଅନ୍ଧବିଶ୍ୱାସକୁ ସେ କଟାକ୍ଷପାତ କରିଛନ୍ତି ତାଙ୍କର ସ୍ୱାଭାବିକ ଭଙ୍ଗୀରେ ।

ନଜରୁଲ ଇସଲାମ ଗୋତ୍ରୀୟ ଆସାମର ଜଣେ କବି ହେଉଛନ୍ତି ପ୍ରସନ୍ନଲାଲ ଚଉଧୁରୀ, ଯିଏକି ପୁରାତନର ଧ୍ୱଂସାବଶେଷ ଉପରେ ନୂତନ ପୃଥିବୀ ସୃଷ୍ଟି ହେଉ ବୋଲି ବିଶ୍ୱାସ କରନ୍ତି । ଏହି କବି ଜଣକ ଏକ ନୂଆ ଧାରାର ପ୍ରଦର୍ଶକ ବା ଅଗ୍ରଦୂତ ବୋଲି କୁହାଯାଏ । ଶୋଷିତମାନଙ୍କ ମୁଖପାତ୍ର ବୋଲାଇ ସେମାନଙ୍କୁ ଆଗେଇଯିବାକୁ ଆହ୍ୱାନ ଦିଅନ୍ତି । ଶକ୍ତିଶାଳୀ ଭାଷାରେ ତାଙ୍କ କବିତାରେ ସେ ମାତୃଭୂମିର ବନ୍ଦନା ଗାନ କରନ୍ତି, ପୁଣି ବିଦ୍ରୋହୀମାନଙ୍କୁ ନୂଆ ଉନ୍ମାଦନାରେ ନୂତନ ସୃଷ୍ଟିର ପଥରେ ଆଗେଇଯିବାକୁ ଡାକଦିଅନ୍ତି । ତାଙ୍କର କାବ୍ୟଗ୍ରନ୍ଥ 'ଅଗ୍ନିମନ୍ତ୍ର' ସେଇ ବିଦ୍ରୋହ ଡାକରା, ପୁରାତନକୁ ପରିତ୍ୟାଗ କରି ଆଗେଇବାର ଆହ୍ୱାନ ।

ପ୍ରସନ୍ନଲାଲଙ୍କର ସ୍ୱାଧୀନତା ଡାକରା କେବଳ ଭାରତ ପାଇଁ ନୁହେଁ, ସବୁ ଔପନିବେଶିକ ଜନଗଣଙ୍କ ମୁକ୍ତି ପାଇଁ । ବହୁ କବିତାରେ ଦିନ ମଜୁରିଆ, ଖଟିଖିଆ ଶ୍ରମିକଙ୍କ ଦୁଃଖ ଯନ୍ତ୍ରଣାରେ କବି ବ୍ୟଥିତ । ସେମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଏବଂ ନୂଆ ମୂଲ୍ୟବୋଧ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ । 'ନଙ୍ଗଲର୍ ଗୀତ' (ଲଙ୍ଗଳର ଗୀତ)ରେ ରାସ୍ତାର ଦୀନହୀନ ଲୋକପାଇଁ ଓ ଜମିରେ ହଳ କରୁଥିବା ଲୋକ ପାଇଁ କବି ବ୍ୟଥାପ୍ରକାଶ କରିଛନ୍ତି ।

ଆନନ୍ଦ ବରୁଆ (୧୯୦୮-- )ଙ୍କ କବିତାରେ ପ୍ରଧାନ କଥା ହେଲା ମାନବିକ ଦୃଷ୍ଟିଭଙ୍ଗୀ, ଦରଦ ଓ ସମ୍ବେଦନବୋଧ । ଜୀବନ ହେଉଛି ଆତ୍ମାର ଅଭିଯାନ, ଏ ଅଭିଯାନ ସୌନ୍ଦର୍ଯ୍ୟର ସାମ୍ରାଜ୍ୟରେ । ହାଫିଜଙ୍କର କିଛି କବିତା ବରୁଆ ଅନୁବାଦ କରିଅଛନ୍ତି, ତେଣୁ ସୁଫି ତତ୍ତ୍ୱ ସହ ନାନ୍ଦନିକ ଆବେଗ ତାଙ୍କ କବିତାରେ ମିଶି ରହିଅଛି ।

କାବ୍ୟକବିତା ସଂପର୍କରେ ଲେଖିବା ସମୟରେ ଆସାମୀ ସାହିତ୍ୟରେ ଯଥେଷ୍ଟ ପ୍ରଭାବ ପକାଇଥିବା ସଂଗୀତରଚନା ବିଷୟରେ ମଧ୍ୟ କିଛି ଉଲ୍ଲେଖ କରିବା ଆବଶ୍ୟକ । ତାକୁ କହନ୍ତି ବିହୁନାମ ଏବଂ ବିୟାନାମ -- ଏଗୁଡ଼ିକ ଗୀତିମୟ ଗୋପଗାଥା ବା କାହାଣୀକାବ୍ୟ । ଏହି 'ବାଲାଡ୍ ଟ୍ୟୁନ୍' ବା ଗୀତିକଥା ଆସାମୀ ନାଚ ଓ ଗୀତରେ ଏକ ପ୍ରଧାନ ଅଂଶ ନେଇଥାଏ । ମଧ୍ୟଯୁଗରେ ଶାକ୍ତ ଏବଂ ବୈଷ୍ଣବ ସଂସ୍କାରକମାନେ ତାଙ୍କ ଧର୍ମବିଶ୍ୱାସକୁ ପ୍ରଚାରକରିବା ଉଦ୍ଦେଶ୍ୟରେ କିଛି ଗୀତ ରଚନା କରିଥିଲେ । ଏଗୁଡ଼ିକୁ 'ବରଗୀତ' କହନ୍ତି । ଗମ୍ଭୀର

Digitized by srujanika@gmail.com

ନୀତିବାଦୀ ସ୍ୱରଭଙ୍ଗୀ, କାରିଗରୀ ନୈପୁଣ୍ୟ ଓ ଧ୍ୱନିମୟତା ପାଇଁ ଏ ଜାତୀୟ ଗୀତ ଆସାମର ଲୋକସାଧାରଣରେ ଆଜି ବି ଏକ ଧର୍ମୀୟ ପ୍ରଭାବ ରଖିପାରିଛି । ବରଗୀତର ଅନୁକରଣରେ ଏ ଶତାବ୍ଦୀର ପ୍ରାରମ୍ଭରେ ଲୋକଗୀତ ରଚନା କରାଗଲା ।

ଏ ଶତାବ୍ଦୀର ପ୍ରଧାନତମ ବା ସବୁଠାରୁ ଅଗ୍ରଣୀ ଗୀତିକାର ହେଲେ ଲକ୍ଷ୍ମୀକାନ୍ତ ବରୁଆ । ତାଙ୍କର ସଂକଳନ 'ସଂଗୀତକୋଷ' ୧୯୧୧ ରେ ପ୍ରକାଶ ପାଇଥିଲା, ଯଦିଓ ଧାର୍ମିକ ସ୍ୱରଭଙ୍ଗୀ ଆଚ୍ଛନ୍ନ, ଏଇ ଗୀତଗୁଡ଼ିକ ନୂଆ ଶବ୍ଦବିନ୍ୟାସ, ସ୍ୱରଯୋଜନା ଓ ବିଷୟବସ୍ତୁ ଦୃଷ୍ଟିରୁ ପୁରୁଣା ଯୁଗର ଗୀତଗୁଡ଼ିକଠାରୁ ସ୍ୱତନ୍ତ୍ର । ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି'ର ଋଣ ସ୍ୱୀକାର୍ଯ୍ୟ ।

ପଦ୍ମଧର ଛାଲିଆ, ଆଉ ଜଣେ ଗୀତିକାର, ପ୍ରଥମ ବହି 'ଫୁଲାନୀ' (ବଗିଗ୍ୱ) ୧୯୧୫ ରେ, 'ଗୀତଲହରୀ' ୧୯୨୧ରେ ଏବଂ 'ସରାଇ' ୧୯୨୮ରେ ପ୍ରକାଶ ପାଏ। ଏହି କବି ବିଶେଷ ଲୋକପ୍ରିୟ । ତାଙ୍କ ଗୀତଗୁଡ଼ିକ ପ୍ରଧାନତଃ ଭାଗବତମୁଖୀ, ନୀତିମୂଳକ ଏବଂ ସ୍ୱଦେଶିକ ।

କମଳାନନ୍ଦା ଭଟ୍ଟାଗ୍ର୍ଯ୍ୟ ନିଜେ ଜଣେ ଭଲ ଗାୟକ ଥିଲେ, ସେ ଅଭିନୟ ମଧ୍ୟ କରୁଥିଲେ । 'ବାଉଲୀ' ସଂକଳନରେ ତାଙ୍କର ତୀକ୍ଷ୍ଣ ମେଧା, ଜୀବନବୋଧ ସହ ଗୀତଧ୍ୱନି ଓ ଝଙ୍କାର ସୃଷ୍ଟିର କ୍ଷମତା ମିଳିଥାଏ । ଆସାମର ଅବଲୁପ୍ତ ଗୌରବ ପାଇଁ ତାଙ୍କର ଦରଦ; ତା'ର ସୌନ୍ଦର୍ଯ୍ୟର ପୂଜାରୀ ସେ । ଭାଗବତ ବନ୍ଦନାରେ ସମୟ ସମୟରେ ସେ ମୁଖର ହୋଇଉଠନ୍ତି, ଆତ୍ମାର ପରମାତ୍ମା ସହ ମିଳନ ଆକାଂକ୍ଷା କେବେ କେବେ ତାଙ୍କ ଗୀତର ବିଷୟବସ୍ତୁ ହୋଇଥାଏ । ତାଙ୍କର ଶେଷତମ ଗୀତଟିରେ ମାତୃଭୂମି ପାଇଁ ଆକାଂକ୍ଷା --

ହ୍ରଦଜଳରେ ପଦ୍ମପାଖୁଡ଼ା --
ହେ ମୋର ସ୍ନେହମୟୀ ମାଆ, ମୁଁ ତୁମକୁ କେତେ ଭଲପାଏ !
ବାରମ୍ବାର ପ୍ରଣାମ କରେ
ମୋର ଜନ୍ମଭୂମିକୁ, ଆସାମକୁ
ପବିତ୍ର ତୁମେ, ସବୁଠାରୁ ପବିତ୍ର ତୁମେ

ସାଙ୍ଗୀତିକ ମୂର୍ଚ୍ଛନା, ମନୋରମ ପ୍ରକାଶଭଙ୍ଗୀ, ଚିତ୍ତାକର୍ଷକ ଚିତ୍ରକଳ୍ପ ପ୍ରୟୋଗ ଦୃଷ୍ଟିରୁ କମଳାକାନ୍ତ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା । ତାଙ୍କ କବିତାରେ ଭାବସମ୍ପଦ ଓ ପଦ-ମାତ୍ର ସ୍ୱାଧୀନଭାବେ ସହଗାମୀ -- ଏଥିସହ ଶାବ୍ଦିକ ବେଗର ସୁଷମ ସମନ୍ୱୟ ବଡ଼ ଆଶ୍ଚର୍ଯ୍ୟଭାବେ ସିଦ୍ଧିଲାଭ କରିଛି । ଏ କ୍ଷେତ୍ରରେ ସ୍ୱତସ୍ଫୁର୍ତ୍ତ ଭାବସମ୍ପଦକୁ ବହନ କରିବା ପାଇଁ କାବ୍ୟଗଠନ ବା କାବ୍ୟର ଶରୀର ସ୍ୱାଭାବିକ ଭାବେ ଆସିଯାଇଛି ।

Digitized by srujanika@gmail.com

ଉମେଶଚନ୍ଦ୍ର ଚୌଧୁରୀ ପ୍ରାୟ ତିନିଶହ ଗୀତର ରଚୟିତା ଏବଂ ସେଗୁଡ଼ିକ ବିଭିନ୍ନ ବିଷୟ ଉପରେ ଆଧାରିତ । ଏ ସମସ୍ତ ରଚନା ତାଙ୍କର ଯେଉଁ ତିନୋଟି ସଂକଳନ ଗ୍ରନ୍ଥରେ ସ୍ଥାନ ପାଇଛି, ସେଗୁଡ଼ିକ ହେଲା -- 'ପ୍ରତିଧ୍ୱନି', 'ଦେବଧ୍ୱନି' ଏବଂ 'ମନ୍ଦାକିନୀ' ।

ଅଧିକାଂଶ ଆଧ୍ୟାତ୍ମିକ ଭକ୍ତିମୂଳକ ଗୀତଗୁଡ଼ିକରେ ଅନ୍ତଃସ୍ୱର ହେଲା ନିରାସକ୍ତ, ଆତ୍ମା ଏବଂ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅର୍ପିତ । 'ମନ୍ଦାକିନୀ' ପ୍ରେମକବିତାର ସଂକଳନ -- ଏ ପ୍ରେମ ଜାଗତିକ । ଉମେଶଚନ୍ଦ୍ରଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଗୀତଗୁଡ଼ିକ ଦେଶପ୍ରେମମୂଳକ । ଚିନ୍ତାର ସ୍ୱଚ୍ଛତା, ପ୍ରକାଶଭଙ୍ଗୀର ସବଳତା ଏବଂ ସାବଲୀଳ ଗତିଶୀଳତା ପାଇଁ ବିଖ୍ୟାତ ।

ହେ ମୋ'ର ମାତୃଭୂମି, ମାତୃଭାଷା ମୋ'ର
ବନ୍ଦନା କରେଁ ତୁମକୁ.....

ଉମେଶଚନ୍ଦ୍ରଙ୍କର ଗୀତର ଚମତ୍କାରିତା ଆସାମବାସୀଙ୍କ ମନପ୍ରାଣକୁ ସ୍ପର୍ଶ କରିଛି । ଆବେଗ ଚିତ୍ରକଳ୍ପ ତଥା ସଂଗୀତ ଦୃଷ୍ଟିରୁ ତାଙ୍କ କବିତା ଅମର ହୋଇ ରହିଯାଇଛି ପାଠକ ହୃଦୟରେ । 'ମନ୍ତ୍ରସାଧନା' ନାମକ କାବ୍ୟଗ୍ରନ୍ଥ, 'ଅମୃତମନ୍ଥନ'ରେ ଦେଶପ୍ରେମ ଓ ମାନବିକବୋଧ ଲକ୍ଷଣୀୟ । ସାମ୍ୟ ଓ ନ୍ୟାୟବିଗ୍ରହ ଉପରେ ଆଧାରିତ ନୂଆ ସଂସାରର କଳ୍ପନା କବିଙ୍କ ନିମ୍ନର କେତୋଟି ପଙ୍କ୍ତିରେ ମଧ୍ୟ ଲକ୍ଷଣୀୟ ।

ନୂଆଯୁଗର ଲୋକ ଆମେ
ଆଣିବୁ ନୂଆ ଉଦ୍ଦୀପନା
ସାମ୍ୟ ସ୍ୱାଧୀନତା ଓ ଭାତୃତ୍ୱର ଗୀତ
ଗାଇବୁରେ ଗାଇବୁ, କରିବୁ ପ୍ରତିଷ୍ଠା ।
ଦରିଦ୍ର ପୀଡ଼ିତ ପାଇଁ ଆମର ସ୍ୱର
ଦୁର୍ନୀତି ଶୃଙ୍ଖଳ ଭାଙ୍ଗି
ଆମେ ଆଗେଇବୁ ।

ଅନ୍ୟ ଏକ କବିତା (ସଂକଳନ ଗ୍ରନ୍ଥ 'ତ୍ରିବେଣୀ')ରେ କବି ବର୍ଣ୍ଣନା କରିଛନ୍ତି, କିପରି ସମାଜଠାରୁ ବିଚ୍ଛିନ୍ନ ହୋଇ, ବାସ୍ତବ ଜୀବନର ଲୁହ ଲହୁଠାରୁ ଦୂରରେ ରହି ସେ ଏକ କଳ୍ପନାର ପ୍ରାସାଦରେ କାବ୍ୟଜୀବନ ବିତାଉଥିଲେ । କିନ୍ତୁ ସେ ତାସ ମୁଠାପରି ବନ୍ଧ-ଦଶା, ସେ କଳ୍ପଜଗତ ଭାଙ୍ଗି ଚୁରମାର ହୋଇଗଲା, ଯେଉଁଦିନ ସେ ଗୋଟାଏ ଭିକ୍ଷୁଣୀର ସଂସ୍ପର୍ଶରେ ଆସିଲେ । ଭିକ୍ଷୁଣୀଟି ଅଧଃପତିତ ଶ୍ରେଣୀର ପ୍ରତୀକ । କଳାପ୍ରେମ ଓ ବିଚ୍ଛିନ୍ନତା ବୋଧ ହେଲା ଗଜଦନ୍ତ ମୀନାର -- ଯାହା କବିହୃଦୟର ପରିବର୍ତ୍ତନ ପରେ ଅନ୍ୟ ଏକ ରଙ୍ଗରେ ରୂପାୟିତ । ତେଣୁ ତାଙ୍କ ଚତୁର୍ଦ୍ଦିଗରେ --

Digitized by srujanika@gmail.com

କ୍ଷୁଧା ପ୍ରପୀଡ଼ିତ ଗୃଷାର ଜୀର୍ଣ୍ଣଶରୀର
ଶ୍ରମିକର କ୍ଷତବିକ୍ଷତ ଅଙ୍ଗ
ନିରକ୍ଷର ନିରନ୍ନ ଜନତା,
ଅଜସ୍ର ଉପେକ୍ଷିତର ଶୁଷ୍କ ଓଠର ସମାହାର ।

ଉମେଶଚନ୍ଦ୍ରଙ୍କ କବିତାର ଘନତ୍ୱ ଓ କରୁଣରସ ମଧ୍ୟରେ ସମୟ ସମୟରେ ଦାର୍ଶନିକ ଆବେଗ ଥାଏ । କିନ୍ତୁ ସେଗୁଡ଼ିକ ସୁକୁମାର ଶୈଳୀ ବିବର୍ଜିତ ।

ଅମ୍ବିକା ରାୟ ଚୌଧୁରୀଙ୍କ ଗୀତରେ କରୁଣ ରସ ଅନୁପସ୍ଥିତ । ବିଷାଦର ସ୍ୱର ପରିବର୍ତ୍ତେ ତାଙ୍କଠାରେ ସଂକଳ୍ପର ସ୍ୱର ମୂର୍ତ୍ତ ହୋଇଛି । ଆତ୍ମ ସଂକଳ୍ପ ଓ ବଞ୍ଚିବାର ସଂକଳ୍ପ ତାଙ୍କଠାରେ ପ୍ରବଳ । ବ୍ୟକ୍ତିର ସ୍ୱାଧୀନତା ତାର ଭାଗ୍ୟକୁ ଗଢ଼ିଥାଏ, ତେଣୁ ସେ ସଂପୂର୍ଣ୍ଣ ମଣିଷ ଭାବେ ପୃଥିବୀରେ ବଞ୍ଚି ଉଠେ, ଯେଉଁ ପୃଥିବୀରେ ଅବିଗ୍ରର, ବୈଷମ୍ୟ ଓ ଅନ୍ୟାୟ ନଥାଏ ।

ଜ୍ୟୋତିପ୍ରସାଦ ଅଗରୱାଲାଙ୍କୁ ଆସାମ ଦେଶର ଗୀତିକବି ଆଖ୍ୟା ଦିଆଯାଇଥାଏ । ତାଙ୍କ କବିତାରେ ତିନୋଟି ପ୍ରଧାନ ଚିନ୍ତାସ୍ୱର, ଯଥା -- ସ୍ୱାଧୀନତାର ମୋହ, ପିତୃଭୂମି ପ୍ରତି ପ୍ରେମ ଓ ନିଷ୍ଠା ଏବଂ ସାମାଜିକ ଶୃଙ୍ଖଳା ପ୍ରତି ଅଭିପ୍ସା । ଏସବୁ ଅତି ଶକ୍ତିଶାଳୀ ଭାବେ ତାଙ୍କ ଗୀତରେ ସ୍ଥାନ ପାଇଛି । ଆସାମର ନିଃସର୍ଗ ସୌନ୍ଦର୍ଯ୍ୟ, ତାର ଗୌରବମୟ ଅତୀତ ଏବଂ ଉନ୍ନତ ସାଂସ୍କୃତିକ ପରମ୍ପରା ତାଙ୍କୁ ଉଦ୍ଦୀପନା ଦେଇଛି । ରାମାୟଣର ହନୁମନ୍ତ ପରି କବି ଆସାମର ଅତୀତରୁ ଏକ ଶକ୍ତିଶାଳୀ ଦୈବଶକ୍ତି ଆହରଣ କରିବାକୁ ଗ୍ରୁହୁଁଛନ୍ତି, ଯାହା ବଳରେ ଦେଶକୁ ବିଦେଶୀ ଶୃଙ୍ଖଳରୁ ମୁକ୍ତ କରିହେବ ଏବଂ ରାଜନୈତିକ, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଆଧୁନିକୀକରଣ କରି ଦେଶକୁ ସୁଷମାମୟ କରିହେବ । ତେଣୁ ସେ ଦେଶର ଯୁବଶକ୍ତିକୁ ଆହ୍ୱାନ ଦେଇ ଗୀତରଚନା କରିଗଲେ । ଜ୍ୟୋତିପ୍ରସାଦଙ୍କ ଗୀତଗୁଡ଼ିକ ଚିତ୍ତଗ୍ରଞ୍ଚଲ୍ୟକାରୀ, ବାଗ୍ମୀତା, ଉଚ୍ଚଚିନ୍ତା, ସୁଗ୍ରୁ ଚିତ୍ରକଳ୍ପ ଏବଂ ଚମତ୍କାର ଧ୍ୱନିମାଧୁର୍ଯ୍ୟ ପାଇଁ ଅତୁଳନୀୟ । 'ଯୌବନର ଗାନ', 'ଏଇତ ସମୟ', 'ମା'ଙ୍କ ଶୂନ୍ୟ ମନ୍ଦିର', 'ତୁମେ କାହିଁକି ଜାଳୁନ ଆଲୁଅ !', 'ଆମେ ଯୁବକ, ଆମେ ମୃତ୍ୟୁ ଜୟ କରିବୁ', 'ନଦୀକୂଳେ' ପରି କବିତାମାନ ଆସାମୀ ଲୋକଙ୍କ ହୃଦୟରେ ଯୁଗ ଯୁଗ ଧରି ପ୍ରତିଧ୍ୱନିତ ହେଉଥିବ ।

ଆକାଶବାଣୀର ଶିଲଂ ଗୌହାଟୀ କେନ୍ଦ୍ର ହେବା ପରଠାରୁ ଅନେକଗୁଡ଼ିଏ ଗୀତବହି ଲେଖାଗଲାଣି । ମହେଶ ଗୋସ୍ୱାମୀଙ୍କର 'ଅମାୟା', ମାଲିନ୍ଂ ବୋରାଙ୍କର 'ରେନୁ' ଓ 'ସୁରର କବିତା', ଭୂପେନ ହାଜାରିକାଙ୍କର 'ଫିଲିକା ଲୁଇତାରେ' ଲକ୍ଷହୀରାଙ୍କର 'ସୁର-ସେତୁ' ଏବଂ ଦେବେନ ଶର୍ମାଙ୍କର 'ସଳିତା' । ଏହିସବୁ ଆଧୁନିକ ଆସାମୀଗୀତ କେବଳ ଯେ ପରମ୍ପରାଗତ ବିଷୟ ନେଇ ଲେଖା, ତା ନୁହେଁ -- ଅର୍ଥାତ୍ ପ୍ରେମ, ପ୍ରକୃତି, ଦେଶପ୍ରେମ

Digitized by srujanika@gmail.com

ଖାଲି ନୁହେଁ, ସେଥିରେ ସାଧାରଣ ଜୀବନ କଥା ବି ରହିଛି । ସଂଗ୍ରାମ୍ ଓ ସ୍ୱାଧୀନତା କଂଥା ବି ରହିଛି, ବିଶେଷତଃ ଭୂପେନ ହାଜାରିକାଙ୍କ ଗୀତଗୁଡ଼ିକରେ ! ତାହା ରେଳକର୍ମୀକୁ ନେଇ ହେଉ ବା ସବାରୀବାଲାକୁ ନେଇ ହେଉ । ମତ୍ସ୍ୟଜୀବୀ, ସାଧାରଣ ଶ୍ରମୋପଜୀବୀ, ଏମାନେ ତାଙ୍କ କବିତାର ବିଷୟ । ଅଧିକନ୍ତୁ, ତାଙ୍କ ଗୀତ ଲୋକଗୀତର ସ୍ୱର କଳ୍ପନାଦ୍ୱାରା ପ୍ରଭାବିତ । କେଶବ ମହନ୍ତଙ୍କ ସଂଗୀତ ମଧ୍ୟ ସାଧାରଣ ଲୋକର ହୃଦୟକୁ ସ୍ପର୍ଶକରେ । 'ଯୁଗୀ ମୁଁ ତୁମକୁ ମନେପକାଏ' ଗୀତ ଆସାମରେ ବିଶେଷ ବିଖ୍ୟାତ । ଜୀବନକୁ ଭଲପାଇବା ଓ ଏ ପୃଥିବୀକୁ ଭଲପାଇବା -- ଏହାହିଁ ତାଙ୍କ ଗୀତଗୁଡ଼ିକର ଅନ୍ତଃସ୍ୱର ।

'ମନ୍ଦାକ୍ରାନ୍ତା' କବିତାରେ --

> ସାତଟି ରଙ୍ଗର ଇନ୍ଦ୍ରଧନୁ ଏ ଆକାଶରେ
> କିନ୍ତୁ ଆମର ଏ ପୃଥିବୀ ସୁନ୍ଦରତର
> ମନୋରମ ସୂର୍ଯ୍ୟର ସାତରଙ୍ଗ ନାଚେ ମେଘର ବୁକୁରେ
> ଜୀବନ ଆମର ଗଢ଼ିଗ୍ଲେ ମାଟିର ବୁକୁରେ
> ହୃଦୟ ଲିଭିଯାଏ ସବୁଜ ପ୍ରୀତିରେ ।

କେଶବ ମହନ୍ତା ଓ ନବକାନ୍ତ ବରୁଆଙ୍କ କବିତାରେ ଏଇ ପୃଥିବୀରେ ଜୀବନପ୍ରତି ଭଲପାଇବା ଏକ ପୁନରୁକ୍ତିମୂଳକ ଧାରଣା । ସୂର୍ଯ୍ୟକରୋଜ୍ଜ୍ୱଳ, ହେ ସୂର୍ଯ୍ୟ ! କେଉଁଠୁ ପାଇଛ ଏଇ ସୁନାହସ, ଆମେ ଆଲୋକଅନ୍ୱେଷୀ, ହେ ଆକାଶ ! ଆମକୁ ଦିଅ ଟିକିଏ ଆକାଶ, ଇତ୍ୟାଦି ଆସାମୀ ଗୀତର ଖ୍ୟାତି ବୃଦ୍ଧିକରିଛି । ତେଣୁ ଏତିକି କୁହାଯାଇପାରିବ ଯେ ଆଧୁନିକ ଆସାମୀ ସଂଗୀତରେ ପ୍ରଧାନ କଥା ହେଲା -- ଏ କବିତାରେ ପୃଥିବୀର ମଧୁରତା ପାଇଁ, ଅନ୍ୟଦିଗରେ ସୂର୍ଯ୍ୟର ଆଲୋକସମ୍ଭାର ପାଇଁ ଏକ ଚିରନ୍ତନ ଅନ୍ୱେଷଣ ।

Digitized by srujanika@gmail.com

## ନୂତନ କବିତା

କବିତା ଏକ ଆବେଗମୟ ଲେଖା ଏବଂ ସବୁ ଲେଖା ହେଉଛି ଚିନ୍ତାର, ଭାବସମ୍ପଦର ବାହକ । ଅତଏବ, ଯୁଗ ସମସ୍ୟାରେ ପ୍ରମୂର୍ତ୍ତ ହୋଇଉଠେ ମଣିଷର ଚିନ୍ତା, ବୋଧଶକ୍ତି ଓ ଅଭିଜ୍ଞାନ । ଆଧୁନିକ କବିତାରେ ଡାର୍‌ଉଇନ, ଫ୍ରଏଡ୍, ଜୁଙ୍ଗ ଓ ମାର୍କସର ପ୍ରଭାବ ଅସ୍ୱୀକାର କରିହେବନାହିଁ । ଫ୍ରଏଡ୍ ଅବଚେତନର ଭୂମିକା ଉପରେ ପ୍ରାଧାନ୍ୟ ଦେଲେ, ଅବଦମିତ (repression) ଇଚ୍ଛାର ପ୍ରକାଶକ୍ଷମ ଶକ୍ତି ଉପରେ ପ୍ରାଧାନ୍ୟ ଦେଲେ। ଜୁଙ୍ଗ ସମାଜର, ଜାତି ବା ପ୍ରଜାତିର ଏକ ସମୂହ ଅଚେତନ ମନରୁ ଜନ୍ମିତ ଶୈଳୀ ରୂପକଳ୍ପ ଉପରେ ଜୋର୍ ଦେଲେ । ଏହିପରି ବ୍ୟକ୍ତିର ଅନୁଭୂତି ପ୍ରାକୃତିକତାରୁ ସରରିସିଆଲିଷ୍ଟିକ୍ ବା ପରାବାସ୍ତବପନ୍ଥୀ ଦିଗରେ ପ୍ରବାହିତ ହେଲା । ମନସ୍ତାତ୍ତ୍ୱିକମାନଙ୍କ ପ୍ରସାଦରୁ କବିତାକୁ ଏକ ଅଶରୀରୀ ଆତ୍ମାର ବାଣୀ ବୋଲି କୁହାଗଲା, କିଛିଟା ସ୍ୱପ୍ନାଚ୍ଛନ୍ନ ଅଭିଜ୍ଞତା ପରି । ଜୁଙ୍ଗ ମଧ୍ୟ ପୁରାଣ ପ୍ରତି ଆମର ମନଯୋଗ ଆକର୍ଷଣ କରାଇଲେ । 'ପୁରାଣ' ଏକ ନୂଆ ଆବିଷ୍କାର ନୁହେଁ, ଏହା ସେହି ଜାତିର ପ୍ରତିନିଧିମୂଳକ ପ୍ରଜ୍ଞା । ଏହି ପ୍ରକାର ଧାରଣା ନେଇ ଇଟ୍‌ସମିଥ୍‌କୁ ଆବିଷ୍କାର କରି ନିଜର ଆବେଗକୁ ତା ସାହାଯ୍ୟରେ ପ୍ରତୀକୀ ବ୍ୟବହାରରେ ଲଗାଇଲେ ।

ଆଧୁନିକ କାବ୍ୟର ଏକ ବୃହତ୍ ଅଂଶ ମାର୍କସ୍‌ଙ୍କ ବାଣୀ ଦ୍ୱାରା ପ୍ରଭାବିତ । ଏ ପ୍ରକାର ସମାଜତାତ୍ତ୍ୱିକ କବିତା -- ଯଦିଓ ଦୃଷ୍ଟିକୋଣର ସଂକୀର୍ଣ୍ଣତା ଦ୍ୱାରା ଆଚ୍ଛାଦିତ ଏବଂ ଏକ ଦୁଃସ୍ଥ ସାମାଜିକ ବା ଦଳୀୟ ବାତାବରଣ ସୃଷ୍ଟି କରିପାରେ, ତଥାପି ବିପ୍ଳବ ଆଣିବ ବୋଲି କେହି କେହି ବିଶ୍ୱାସ କରନ୍ତି । ଆଜିର ଆସାମୀ କବିତା ବିଶେଷତଃ ନୂଆ କବିମାନଙ୍କ ଲେଖାରେ ମନସ୍ତାତ୍ତ୍ୱିକ ଚିନ୍ତା ଓ ଦ୍ୱାନ୍ଦ୍ୱିକ ବସ୍ତୁବାଦ ସ୍ଥାନ ପାଉଛି ।

ଆଧୁନିକ କବିତାରେ ବ୍ୟକ୍ତିର ସ୍ୱ-ଅନୁଭୂତି ପ୍ରାଧାନ୍ୟ ଲାଭ କରିଛି ଦୁଇଟି ବିଶ୍ୱଯୁଦ୍ଧ ଯୋଗୁଁ । ପ୍ରଥମ ମହାଯୁଦ୍ଧ ପରେ ଜନମାନସରେ ଯେଉଁ ବିଭ୍ରାନ୍ତି, ଯେଉଁ ମାୟା, ଯେଉଁ ହତାଶା ଦେଖାଦେଲା, ତାହା ପ୍ରତିଫଳିତ ହେଲା ଫ୍ରାଞ୍ଜ କାଫ୍‌କା, ଟମାସ୍ ମାନ, ଟି.ଏସ୍.ଏଲିଅଟ ଏବଂ ଅନ୍ୟମାନଙ୍କ ଲେଖାରେ । ଆସାମୀ କବିତା ଏଲିଅଟୀୟ ବିଷାଦଦ୍ୱାରା ମଧ୍ୟ ଆକ୍ରାନ୍ତ । କିନ୍ତୁ ଆଜି ଯେଉଁମାନେ ଲେଖୁଛନ୍ତି, ସେମାନଙ୍କ ମଧ୍ୟରେ ଇତିହାସ-- ସଚେତନତା ପ୍ରବଳ । କାରଣ ସେମାନେ ନିଜ ଅସ୍ଥିମଜ୍ଜାରେ ପରମ୍ପରାକୁ ଯେତେ ବହନ କରିନାହାଁନ୍ତି, ତା'ଠୁଁ ବେଶୀ ବହନ କରିଛନ୍ତି ଇଉରୋପୀୟ ଧାରାଟିକୁ ।

ଅତଏବ, ନୂଆ କବିତାରେ ସନ୍ଦେହ ଓ ତହିଁରୁ ଜାତ ଭ୍ରାନ୍ତି ଏକ ନୂଆ ବିଷୟ । ଆଧୁନିକ କବି, ଯାହା କିଛି ଅତୀତ ହୋଇଯାଇଛି, ତା ପ୍ରତି ସନ୍ଦେହ ପ୍ରକାଶ କରେ ।

Digitized by srujanika@gmail.com

ଯେମିତି ପ୍ରେମ, ସୌନ୍ଦର୍ଯ୍ୟ, ନ୍ୟାୟ ବିଗ୍ରହ ଓ ଧର୍ମ ବା ଧର୍ମବୋଧ । ସେମାନେ ପୁରୁଣା ବିଶ୍ୱାସ ହରାଇଛନ୍ତି, ଯଦିଓ ନୂଆ ବିଶ୍ୱାସ ବା ଆସ୍ଥା କିଛି ଏଯାଏ ଆସିନାହିଁ । ଜଣେ କବିଙ୍କ ଭାଷାରେ ଭଗବାନ, ତମେ କଣ ବୀଜଗଣିତର x ?

ମନସ୍ତତ୍ତ୍ୱ, ସାମାଜିକ ନୃତତ୍ତ୍ୱ, ଏହି କ୍ଷତିକୁ ସାମାନ୍ୟ ପୂରଣ କରିଛି । ଫ୍ରୟେଡ୍‌ଙ୍କ ତତ୍ତ୍ୱ କାବ୍ୟଭାଷା କେବଳ ନୁହେଁ, କବି-ଚିତ୍ତକୁ ମଧ୍ୟ ପ୍ରଭାବିତ କରିଛି । ଲିବିଡୋ ଘଟଣାଟି ଫ୍ରଂୟେଡ୍‌ଙ୍କ କଥା ଅନୁସାରେ ମଣିଷର ଅପୂରଣୀୟ ଇଚ୍ଛାର ପ୍ରତୀକ । ଏହା ମଧ୍ୟ ସ୍ୱପ୍ନରେ ପ୍ରକାଶପାଏ । ଆଧୁନିକ କବି ପାଇଁ ଶବ୍ଦ ହୋଇଛି ସଂକେତ, ଯାହା ବୃହତ୍ତର ଅଭିଜ୍ଞତାର ବାହକ । ସ୍ୱପ୍ନ ଓ ସ୍ୱପ୍ନ ସଙ୍କେତଗୁଡ଼ିକ ଖାପ୍‌ଛଡ଼ା । ସେହିପରି ଆପାତ ଅସଂଲଗ୍ନ ସ୍ୱପ୍ନତୁଲ୍ୟ କବିତାରେ ଆଜି ବ୍ୟବହୃତ ହେଉଥିବା ଶବ୍ଦରାଜି ଖାପ୍‌ଛଡ଼ା । ଯୁକ୍ତି ପରମ୍ପରାର କୌଣସି ସ୍ଥାନ ନାହିଁ । କେବଳ ଯାହା ଭାଗବତ ବା ଆବେଗଗତ ସେହି ପରମ୍ପରାଟା ହିଁ ସତ୍ୟ । ଏହି ସବୁ ଚିତ୍ରକଳ୍ପ ସ୍ୱପ୍ନପରି ପ୍ରତୀୟମାନ କିନ୍ତୁ ଏମାନେ ଏକ ନହୋଇ ଏକାଧିକ । ଆଧୁନିକ କବିତାର ଦୁର୍ବୋଧ୍ୟତାରେ ଏଗୁଡ଼ିକ କାରଣ ।

ଫ୍ରଏଡ୍‌ଙ୍କ ଲିବିଡୋ ଏବଂ କମ୍ପ୍ଲେକ୍ସ ପ୍ରେମକୁ ବିଭିନ୍ନ ରଙ୍ଗରେ ଦେଖାଇଥାଏ । କବି ଆଜି ଶାଶ୍ୱତକୁ, ସୌନ୍ଦର୍ଯ୍ୟକୁ ପ୍ରେମରୁ ବାଦ ଦେଇଛି । ନାରୀର ଉଲଗ୍ନ ଶରୀର କେବଳ ତାର ଦୃଷ୍ଟିକୁ ଆକର୍ଷଣ କରିଅଛି ।

ମାର୍କସୀୟ ଦର୍ଶନ ଓ ଶ୍ରେଣୀବାଦ କିଛି କବିଙ୍କୁ ପ୍ରଭାବିତ କରିଛି । ଏ କବିମାନେ ପ୍ରେମ, ବିଶ୍ୱାସ, ସଂସ୍କୃତି -- ଏସବୁ ପତନଶୀଳ ସମାଜର ଲକ୍ଷଣ ବୋଲି ଭାବନ୍ତି । ଗୋଟାଏ ନୂଆ ଜଗତ ସୃଷ୍ଟି ହେବ, ଏଇ ବିଶ୍ୱାସରେ ସେମାନେ ଆଗେଇଯାନ୍ତି । ଆଉ କିଛି କବି ପୁଣି ଏଇ ଯନ୍ତ୍ର-ଯୁଗର ସଭ୍ୟତାରେ ଅବିଶ୍ୱାସୀ ଏବଂ ଭବିଷ୍ୟତ ଯେ ପ୍ରଳୟରେ ପର୍ଯ୍ୟବସିତ -- ଏକଥା ସ୍ୱୀକାର କରନ୍ତି ।

ଅଧିକାଂଶ ଆଧୁନିକ କବି ଦେଶ୍ ପାଠକପ୍ରିୟ ବା ସୁପଠିତ । ସେମାନେ ପୃଥିବୀର ବିଭିନ୍ନ ସଭ୍ୟତାରୁ, ସଂସ୍କୃତିରୁ କିଛି କଥା ଆଣି ନିଜ କବିତାରେ ପ୍ରବେଶ କରାଇଥାନ୍ତି । କେବଳ ଆନନ୍ଦ ନୁହେଁ ଅନ୍ତର୍ଦୃଷ୍ଟି ମଧ୍ୟ ସେମାନେ ଏହାଦ୍ୱାରା ପାଇପାରିଛନ୍ତି । ତେଣୁ ଆମେ ତାଙ୍କ କବିତାରେ ପ୍ରାଚ୍ୟ, ପାଶ୍ଚାତ୍ୟ, ଇତିହାସ ଓ ଲୋକକଥାରୁ ବହୁପ୍ରସଙ୍ଗ ପାଇଥାଉ । ଅର୍ଥର ଅନ୍ୱେଷଣରେ ସେମାନେ ପୃଥିବୀ ସାହିତ୍ୟର ଅତଳଗର୍ଭରେ ପ୍ରବେଶ କରିଅଛନ୍ତି । ଏହା ଫଳରେ ସେମାନଙ୍କ ଭାଷା ହୋଇପଡ଼ିଛି ବିଦେଶୀ ଭାଷା ଦ୍ୱାରା କିଞ୍ଚିତ ଭାରାକ୍ରାନ୍ତ । ଶବ୍ଦବନ୍ଧ, ପ୍ରତିତୁଳନା, ପ୍ରସଙ୍ଗ ହୋଇପଡ଼ିଛି ସାଧାରଣ ପାଠକପାଇଁ ସାମାନ୍ୟ ଦୁର୍ବୋଧ୍ୟ । ଯୁଦ୍ଧ ପୂର୍ବବର୍ତ୍ତୀ କବିମାନେ ଗ୍ରାମୀଣ ସୌନ୍ଦର୍ଯ୍ୟ ଦ୍ୱାରା ବିମୋହିତ ହୋଇଥିଲେ । ଗ୍ରାମ୍ୟଜୀବନ ଓ ତାର ସୁଖଦୁଃଖ ଅଭାବ ସୌନ୍ଦର୍ଯ୍ୟ ନେଇ କବିତାରେ ପ୍ରକାଶ ପାଉଥିଲା । କିନ୍ତୁ ଆଧୁନିକ

Digitized by srujanika@gmail.com

କବି ସହରମୁଖୀ ଓ ସହରସଚେତନ । ଆଧୁନିକ ସଭ୍ୟତାର ବର୍ତ୍ତମାନ ପ୍ରାଣକେନ୍ଦ୍ର ସହରଗୁଡ଼ିକରେ ମଧ୍ୟବିତ୍ତ ତାର ଜୀବିକା ନିର୍ବାହ କରେ । କିଛି କବି ସହର ଜୀବନର କଦର୍ଯ୍ୟ ଦିଗଟିକୁ ମଧ୍ୟ ଦେଖାଇଛନ୍ତି । ସେଇ ବର୍ଣ୍ଣନାରେ ଯେମିତି ଅଛି ଯୌନତା, ସେମିତି ଅଛି ନାବାଳକସୁଲଭ କଲେଜ ଯୁବକ ଯୁବତୀଙ୍କ ପ୍ରେମ । ଯେମିତି ଆମେ ଦେଖିବାକୁ ପାଉ ଚଳଚ୍ଚିତ୍ରରେ ବା ମଞ୍ଚରେ ।

କାବ୍ୟଭାଷାରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଲକ୍ଷଣୀୟ -- ପ୍ରଥମ ପରିବର୍ତ୍ତନ ଗଦ୍ୟଛନ୍ଦରେ । ସାଧାରଣ କଥିତ ଭାଷା କବିତାରେ ନିଜର ସ୍ଥାନ କରିନେଲା, ଯାହାଫଳରେ ଗଦ୍ୟ ଓ ପଦ୍ୟ ଭିତରେ ଭାଷାଗତ ପାର୍ଥକ୍ୟ ଲୋପପାଇଲା । ସେମାନେ, ଅର୍ଥାତ୍ କବିମାନେ, ବିଶ୍ୱାସ କଲେ ଯେ, ଚକିତ ପରମ୍ପରାଗତ ଶବ୍ଦରାଜି ଏମିତି ଅଚଳ ତେଣୁ ଆବେଗ ଓ ଆଘାତ ସୃଷ୍ଟି କରିବାକୁ ଅକ୍ଷମ ଓ ଆଧୁନିକ ଚିନ୍ତାର ବାହକ ହେବାପାଇଁ ଅଯୋଗ୍ୟ । ତେଣୁ କବିମାନେ ପୁରୁଣା ଶବ୍ଦ ପରିତ୍ୟାଗ କଲେ, ଯଦିବା କେବେ କେମିତି ବ୍ୟବହାର କଲେ, ତହିଁରେ ଆଣିଲେ ନୂଆ ଦ୍ୟୋତନା । ଦକ୍ଷ ଶବ୍ଦ ଓ ଫ୍ରେଜ ଅନୁସରଣରେ ପୃଥିବୀ ସାହିତ୍ୟର ଦରବାରରେ ପ୍ରବେଶ କରିବାକୁ ହେଲା -- ଫଳରେ ଦେଶୀୟ କବିତା ହେଲା ବିଦେଶୀ ଶବ୍ଦ ଅନୁସଙ୍ଗରେ ଭାରାକ୍ରାନ୍ତ ।

ଆଧୁନିକ କବିତାର ଚିତ୍ର କେବଳ ଅଚଳ ଦୃଶ୍ୟାବଳୀ ନୁହେଁ ତାହା ଇନ୍ଦ୍ରିୟଗ୍ରାହୀ ମଧ୍ୟ । ଅନୁଭବ, ଅନ୍ତର୍ଦୃଷ୍ଟି, ମନସ୍ତାତ୍ତ୍ୱିକ ଅନ୍ତଃନିରୀକ୍ଷଣ, ନୂତନ ଉନ୍ମାଦନା ଏସବୁ ଲକ୍ଷଣ ବିଦ୍ୟମାନ । ଚନ୍ଦ୍ରାଲୋକର ଅନ୍ଧକାର ଏବଂ ଅଶ୍ରୁବିନ୍ଦୁର ବି ଗନ୍ଧ ଅଛି । ସୂର୍ଯ୍ୟ ପୀଡ଼ା ଦିଅନ୍ତି ଏବଂ ଆକାଶ 'ନରମ ଏକ ଗ୍ଦର' ଜଣେ ବୃଦ୍ଧର ଅମସୃଣ ଦେହ ଚର୍ମପରି ଏ ପୃଥିବୀ ବଡ଼ ଅମସୃଣ । ଏଡିଥ ସିଟ୍‌ଉଏଲ୍ ବା ଲିର୍‌କେଙ୍କ କବିତାର ପ୍ରତିଧ୍ୱନୀ ପରି ମନେହୁଏ ।

ବିଂଶ ଶତାବ୍ଦୀର ପ୍ରଥମ ବତିଶ ବର୍ଷ ମଧ୍ୟରେ ଆସାମୀ କବିତା ଉପରେ ଇଂରାଜୀ କବିତାର ପ୍ରଭାବ ଲକ୍ଷଣୀୟ । କିନ୍ତୁ ଯୁଦ୍ଧ ପରେ ଫରାସୀ, ରୁଷୀୟ,ଜର୍ମାନ, ଜାପାନୀ ଏବଂ ଚିନ୍‌ଦେଶୀୟ କବିତାର ପ୍ରଭାବ ଲକ୍ଷଣୀୟ । ନୂତନ କବିତାରେ ଆମେ ପାଉଛୁଁ ନୂଆ ଧରଣର ଚିତ୍ରକଳ୍ପ, ,ସଂଗୀତ, ପ୍ରତୀକ, ଯାହା ଜଣେ ପାଇପାରନ୍ତା ବୋଦ୍‌ଲେଆର, ଭାଲେରୀ, ମାଲାର୍ମେ ଓ ରିଲ୍କେଙ୍କଠାରେ । ନୂଆ କବି ସ୍ପିରିଦମ୍ ମଧ୍ୟ ଚେଷ୍ଟାକଲେ ।

ଏମାନେ ଏତେବେଶୀ ବୈଦେଶିକତାକୁ ଆହରଣ କରି ନେଲେ ଯେ ଏମାନଙ୍କୁ ଆନ୍ତର୍ଜାତିକ କହିଲେ ଅତ୍ୟୁକ୍ତି ହେବନାହିଁ, କିମ୍ବା ଏମାନେ ଯେପରିକି ଏକ ଆନ୍ତର୍ଜାତିକ ଗୋଷ୍ଠୀର ବଂଶଧର । ଏମାନଙ୍କ ଭାଷା Eperanto Stage ରେ ପହଞ୍ଚିଲାଣି । ଇମ୍ପ୍ରେସନିଷ୍ଟ କବିମାନଙ୍କ ପରି ଏମାନଙ୍କ କବିତା ଚିତ୍ରପ୍ରତିମା, ପ୍ରତୀକରେ ଭରପୁର । ସମୟ

Digitized by srujanika@gmail.com

ସମୟରେ ଲେଖାଭିତରେ ପରସ୍ପର ସମ୍ପର୍କ ଖୋଜିପାଇବା ଦୁରୂହ । ଯେ କୌଣସି ଦେଶର, ଯେ କୌଣସି ସମୟର, ଯେ କୌଣସି ବିଷୟ ବା ପ୍ରସଙ୍ଗ ବା ସଂସ୍କୃତି ହଠାତ୍ କବିତା ଭିତରକୁ ଆସିପାରେ । ଅଶିକ୍ଷିତ ପାଠକ ସେଥିରୁ ସଂପୂର୍ଣ୍ଣ ଅର୍ଥ ଖୋଜି ପାଇବା ଦୁଷ୍କର । ଇତିହାସ ପ୍ରସଙ୍ଗ, ଭୂଗୋଳ ପ୍ରସଙ୍ଗ ମଧ୍ୟ ପ୍ରତୀକ ରୂପେ ଆସିପାରେ । ହେମକାନ୍ତ ବରୁଆଙ୍କ କବିତାରେ ଏପରି ଉଦାହରଣ ବିରଳ ନୁହେଁ । ପିରାମିଡ୍, ହିରୋସୀମା, ନାଗାସାକି ଏସବୁ କେବଳ ନାମ ନୁହେଁ, ସେମାନେ ନୈତିକ ଅଧଃପତନର ପ୍ରତୀକ । ଦେବକାନ୍ତଙ୍କ ମହାକାବ୍ୟ 'ଅନୁଷଙ୍ଗ' ଶାନ୍ତନୁ, କୁନ୍ତୀ, ବୃହନ୍ନଳା, ଶକୁନ୍ତଳା, ଦମୟନ୍ତୀ, ଏ ସମସ୍ତ ଦ୍ୟୋତନାମୟ । 'ଆମେ କେବେ ବିଶ୍ରାମ ନେବୁନାହିଁ' କବିତାଟି ଦେଖାଯାଉ ।

ହୃଦୟକୁ ଦମ୍ଭ କରାଯାଉ, ଆଣ ସାହସ ।
ମହାକାବ୍ୟର ସୀତା ଲଙ୍ଗଳର ଫାଳ ତଳେ
ସମାଧିମଗ୍ନ । ସୁନାର ହରିଣୀ ଆମକୁ ଡାକେ

X X X X X

କୋରିଆର ଧଳାକାଉ ଏବଂ କଳାଧାନ
ହେ ପ୍ରିୟା, ଆମର ଫସଲ, ତୁମର ପରିପୂର୍ଣ୍ଣ ଯୌବନପରି
ଆଉ ତମର ଆଙ୍ଗୁଳିର କ୍ଷିପ୍ର ଗୁଞ୍ଜନାରେ
ତାକୁଡ଼ିର ଗତି, ଲୁଗା ବୁଣି ହୋଇଯାଏ
ଆମର ସୂର୍ଯ୍ୟ ଇତିହାସର ସାଜଘରେ ନିଦ୍ରାମଗ୍ନ
ଆମରି ସ୍ଲୋଗାନରେ ସମୟର ନିସ୍ତବ୍ଧ ବେଳାଭୂମି ହେବ ପ୍ରକମ୍ପିତ ।
ଆମ ପରି ହଜାର ହଜାର ଗ୍ଧଲିଛନ୍ତି ଶୋଭାଯାତ୍ରାରେ ।
ଶତାବ୍ଦୀ ସଞ୍ଚିତ କ୍ଷୁଧା ଏମାନଙ୍କ ଜଠରରେ ।
ତେଣୁ ଆସ, ଆମର ହୃତ୍‌ପିଣ୍ଡର ରକ୍ତରେ
ବ୍ରହ୍ମପୁତ୍ରର ଜଳକୁ ଆଉ ଥରେ କରିବା ରଙ୍ଗୀନ ।
ହେଇ ଶୁଣ, ଜୀବନର ଡାକରା କାହାପାଇଁ ?
ତୁମ ପାଇଁ, ମୋ ପାଇଁ ଏବଂ ଆମପରି ଲକ୍ଷଲକ୍ଷ ଜନତା ପାଇଁ ।

ଏଇ କାବ୍ୟକୌଶଳର ପ୍ରଧାନ କଥା ହେଲା ଏକ ବ୍ୟଙ୍ଗ ଦୃଷ୍ଟି, ଏକ କଟାକ୍ଷ । ଯାହା ବର୍ତ୍ତମାନ ସଭ୍ୟତାର ଶୂନ୍ୟଗର୍ଭ ମୂଲ୍ୟବୋଧ ଉପରେ ଏକ ସମାଲୋଚନା । ଆଧୁନିକ ସଭ୍ୟତା ଭିତରେ ଲୁଚି ରହିଛି ଯେଉଁ ଗ୍ଧତୁରୀ ବା ଛଳନା ଓ ଶୂନ୍ୟତା ତା'ର ଭୟଙ୍କର ରୂପ ଶ୍ରୀ ବରୁଆ ଦେଖାଇପାରନ୍ତି ।

Digitized by srujanika@gmail.com

ଆସ, ମୋ ପାଖରେ ବସ । ଏ ମୁମୂର୍ଷୁ ଦ୍ୱିପ୍ରହର
ମରିଯାଉ ତମରି ଚକ୍ଷୁର ଜ୍ୟୋତିରେ
ଗୋଟାଏ ଚିତାବାଘର ଆଖି ଯୋଡ଼ିକଠାରୁ ତୀକ୍ଷ୍ଣତର
ତମର ଏ ଆଖିଦୁଇଟି ।
ଯୁଗ ଯୁଗର ଆଲୋକରେ ଆମର ରାସ୍ତା ଆଲୋକିତ,
ଶୁଣୁଛି ରାସ୍ତାର ଡାକ ?
ହେ ଶକୁନ୍ତଳା, ସଂଗ୍ରାମର କବିତାର କେବେ ମୃତ୍ୟୁ ନାହିଁ
ଆଉ ଆମେ ବି ମରିବା ନାହିଁ ।
ଆମ୍ଭର ବି ବିଶ୍ରାମ ନାହିଁ ।

ଅତଏବ, ଉଦ୍ଧୃତି ଆସିପାରେ ଅସମୀୟା ବୈଷ୍ଣବ ସାହିତ୍ୟରୁ । ଉପନିଷଦ ବା ଇଉରୋପୀୟ ସାହିତ୍ୟରୁ ମଧ୍ୟ ବିଭିନ୍ନ ପ୍ରସଙ୍ଗ ଆସିପାରେ । ଏ ବିଷୟରେ କବିର ଉଦ୍ଦେଶ୍ୟ ବା ଲକ୍ଷ୍ୟ ବେଶ ଦୃଢ଼ । ମନସ୍ତାତ୍ତ୍ୱିକ ଚିକିତ୍ସକ ରୋଗୀକୁ ସକ୍ ଦେଲାପରି ଆଧୁନିକ କବି ପାଠକ (ରୋଗୀ)କୁ ଇମୋସନାଲ୍ ସକ୍, ଅର୍ଥାତ୍ ହୃଦୟପ୍ରଧାନ ବା ଆବେଗମୟ ପ୍ରଗ୍ଧପ ଦେବାକୁ ଚ୍ହାଁନ୍ତି । କବି ଦେଉଥିବା ଏହି ସକ୍ ଏକପ୍ରକାର ନୂଆଭାଷାରେ ହିଁ ଦେଇଥାନ୍ତି । ଏହି ଭାଷା ବହୁପ୍ରକାର ସଂସ୍କୃତିର ଭାଷା ସମନ୍ୱୟରେ ଗଠିତ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ପଣ୍ଡିତୀ ବାକ୍ୟମାନ ସାଧାରଣ ପାଠକ ମନରେ ସାମାନ୍ୟ ମାତ୍ର ଆବେଗ ସୃଷ୍ଟି କରିବାରେ କ୍ଷମ ହୋଇପାରେ ।

ନବକାନ୍ତ ବରୁଆ ଏ ଯୁଗର ଏକ ପ୍ରଧାନ କବି । 'ହେ ଆରଣ୍ୟ', 'ହେ ମହାନଗର', 'ଏଗାରଟି ତାରା', 'ଅଂୟାତି' -- ଏଗୁଡ଼ିକ ତାଙ୍କର କବିତା ପୁସ୍ତକ । ଏଲିୟଟ୍‌ଙ୍କଦ୍ୱାରା ପ୍ରଭାବିତ ଏହି କବି ଏଲିୟଟ୍‌ଙ୍କ ପରି ବିଶ୍ୱାସ କରନ୍ତି ଯେ କାବ୍ୟଭାଷା ଗଦ୍ୟଭାଷାଠାରୁ ପୃଥକ୍ ଏବଂ କାବ୍ୟଭାଷାରେ ଏପରି କିଛି ପ୍ରୟୋଗ ଆବଶ୍ୟକ, ଯାହା ଅନୁଭବ ଏବଂ ମେଧାକୁ ସ୍ପର୍ଶ କରିପାରେ । ସ୍ୱଭାବତଃ ନବକାନ୍ତଙ୍କ କବିତା ଦୁରୂହ । ଏ ଦୃଷ୍ଟିରେ ଆସାମୀ କବି ମଧ୍ୟ ଆଜି କହେ ଯେ ଆଧୁନିକ ଜଗତର ଜଟିଳ ସମସ୍ୟାବହୁଳ ସମୟ ଭିତରେ କବି ଦୁର୍ବୋଧ୍ୟ ହେବାକୁ ବାଧ୍ୟ । ଆମ ସଭ୍ୟତାର ଜଟିଳତା ଓ ବିଭିନ୍ନତା ମନରାଜ୍ୟରେ ଅନୁରୂପ ଜଟିଳତା ଓ ବିଭିନ୍ନତା ସୃଷ୍ଟି କରେ । କବିଚିତ୍ତ ତେଣୁ ସାମଗ୍ରିକ ଭାବେ ଅଧିକ ବ୍ୟାପ୍ତ ଓ ଅଧିକ ପ୍ରତୀକନିର୍ଭର ହେବା କଥା, ଯାହାଫଳରେ ଭାଷା ତା'ର ଚିନ୍ତାର ସଫଳ ଭାବେ ବାହକ ହୋଇପାରିବ । ନବକାନ୍ତ କଲିକତାରେ ବହୁଦିନ ରହିଛନ୍ତି । ଶାନ୍ତିନିକେତନରେ ମଧ୍ୟ ବହୁଦିନ ରହିଛନ୍ତି । ଏହା ଫଳରେ ସେ ରବୀନ୍ଦ୍ରନାଥ, ଜୀବନାନନ୍ଦ ଦାସ, ଅମୀୟ ଚକ୍ରବର୍ତ୍ତୀ ଏବଂ ଆହୁରି ଅନେକ ଆଧୁନିକ କବିମାନଙ୍କ ସଂପର୍କରେ ଆସିଥିଲେ । ତାଙ୍କ କବିତାରେ ସ୍ଥାନେ ଅସ୍ଥାନେ ଟେଗୋର୍‌ଙ୍କ ସାଙ୍ଗୀତିକତାର ସ୍ପର୍ଶ ମିଳିଥାଏ । ମୁକ୍ତଛନ୍ଦର

Digitized by srujanika@gmail.com

ବିଭିନ୍ନ ଦିଗ ଓ ସମ୍ଭାବନା ଦିଗରେ ସେ ଜଣେ ପରିଶ୍ରମୀ ପରୀକ୍ଷକ । ବିଭିନ୍ନ ଛନ୍ଦ ନେଇ ନାନାପ୍ରକାର ଚେଷ୍ଟା କରିଛନ୍ତି । ଏଲିୟଟ୍‌ଙ୍କ ପରି ନବକାନ୍ତ ମଧ୍ୟ ଆଧୁନିକ ଯୁଗର ଏକକ ଜୀବନଧାରା ଏବଂ ମଧ୍ୟବିତ୍ତ ଶ୍ରେଣୀର ପଙ୍ଗୁତା ପ୍ରତି ସଚେତନ । କିନ୍ତୁ ସେ ନିରାଶବାଦୀ ନୁହଁନ୍ତି, ଜୀବନକୁ ଓ ସମସ୍ୟାର ସମ୍ମୁଖୀନ ହୋଇ ତାକୁ ଗ୍ରହଣ କରିନେବା ତାଙ୍କର କବିତାର ପ୍ରଧାନ କଥା । କବିଙ୍କର ଅନୁଭୂତି ଏବଂ ଅବବୋଧ ଫଳରେ ପୃଥିବୀ ତାଙ୍କପାଇଁ ସୁନ୍ଦର ଓ ମହାନ ହୋଇପାରିଛି, ଯାହା ବାସ୍ତବ ଅଥଚ କଳ୍ପନା ବା ଉପମା ନୁହେଁ । 'ରାତ୍ରିର ଆକାଶ ପାଇଁ ପ୍ରାର୍ଥନା' କବିତାରେ କବି ଗୋଟାଏ ପୂର୍ଣ୍ଣତର ବୃହତ୍ତର ଜୀବନ ପାଇଁ ଆକାଂକ୍ଷିତ ।

ମୁଁ ଅସହାୟ ଯଦିଓ
ମୋ'ର ପ୍ରାର୍ଥନା ବ୍ୟତୀତ ଅନ୍ୟ କିଛି ସମ୍ବଳ ନାହିଁ
ମୋ'ର ପ୍ରାର୍ଥନା ଶୁଣ, ହେ ମୋର ଆକାଶ,
ମୋତେ କୁହ, ଚନ୍ଦ୍ରର ଆଲୋକିତ ଶୃଙ୍ଗରୁ
କିପରି ଝରିଆସେ ବର୍ଚ୍ଛାର ଫଳକ
ହେ ଆକାଶ, ଟିକିଏ ସ୍ଥାନଦିଅ ଆମକୁ
ଏଠିକାର ଆକାଶ ଯେ ଖୁବ୍ ସଂକୀର୍ଣ୍ଣ ।

ଆଧୁନିକ କାବ୍ୟଭାଷାର ଅନ୍ୟ ଏକ ଚରିତ୍ର ହେଲା ସୀମିତ ଶବ୍ଦ ବ୍ୟବହାର । ଅନ୍ୟାନ୍ୟ ଆଧୁନିକମାନଙ୍କ ପରି ନବକାନ୍ତଙ୍କ ପ୍ରକରଣରେ ଆମେ ପାଉଁ ଅନ୍ୱୟବିଚ୍ୟୁତି, ଏକପ୍ରକାର ଶାବ୍ଦୀକ ବିପର୍ଯ୍ୟୟ, ବିଭିନ୍ନ ସ୍ତରର ଶବ୍ଦ ବ୍ୟବହାର, କଠିନ ସଂସ୍କୃତ ଶବ୍ଦ ପାଖେ ପାଖେ ଇଂରାଜୀ ଶବ୍ଦର ପ୍ରତିବିନ୍ୟାସ । ଏହା ବ୍ୟତୀତ ଅଛି ଉପଭାଷାର ବ୍ୟବହାର, ଯାହା ଅବଶେଷରେ ସୃଷ୍ଟି କରିଥାଏ ବୈପରିତ୍ୟ ବା ପ୍ରତିତୁଳନା । ତାଙ୍କ ସଙ୍କେତଗୁଡ଼ିକ ଦ୍ୱ୍ୟର୍ଥଦ୍ୟୋତକ, ନିର୍ଦ୍ଦିଷ୍ଟ ରୂପେ ଏକାର୍ଥବୋଧକ ନହୋଇ ଭାବସମ୍ପଦର ବହୁବର୍ଣ୍ଣ ବିକୀରଣ କରିଥାନ୍ତି । ଭାରତୀୟ ଓ ଇଉରୋପୀୟ ସାହିତ୍ୟର ବାକ୍‌ବନ୍ଧ, ଉଦ୍ଧୃତି, ଚିତ୍ରକଳା ଏବଂ ସଙ୍କେତ ସେ ଅନାବିଳ ଓ ଅନାୟାସ ଭାବେ ଆହରଣ ଓ ବ୍ୟବହାର କରିଅଛନ୍ତି ଜଟିଳ ମାନସିକତା ଦର୍ଶାଇବା ପାଇଁ । ବର୍ଣ୍ଣନା ଚାତୁରୀର ସୌନ୍ଦର୍ଯ୍ୟ ପାଠକର ହୃଦୟପ୍ରବଣତା ଓ ସଂସ୍କୃତିଶୀଳ ମାନସିକତା ଉପରେ ଆନୁପାତିକ ଭାବେ ପରିବର୍ତ୍ତନଶୀଳ ।

ସୟଦ ଅବଦୁଲ ମଲ୍ଲିକ ଯଦିଓ ଜଣେ ଖ୍ୟାତନାମା ଗଳ୍ପଲେଖକ, ମାତ୍ର କବିତାରେ ସେ ବାମପନ୍ଥୀ ଅବଲମ୍ବନ କରନ୍ତି । ସେ ବାମପନ୍ଥୀ ରାଜନୀତିରେ ଆସ୍ଥାଶୀଳ । ସେ ଜନଗଣଙ୍କର ପ୍ରିୟ ଲେଖକ, ସେମାନଙ୍କ ଦୁଃଖ ସୁଖର କାହାଣୀ ତାଙ୍କ କବିତାରେ ରୂପାୟିତ । ମଣିଷର ସାଧାରଣ ଅଭିଜ୍ଞତା ହେଉଛି ତାଙ୍କ କାବ୍ୟର ବିଷୟବସ୍ତୁ । ସେ ତାଙ୍କର ଚିନ୍ତାଭାବନାକୁ ପରିଚ୍ଛନ୍ନ ଭାବେ ପ୍ରକାଶ କରିଥାନ୍ତି । ସେଥିପାଇଁ ସେ ସାଧାରଣଙ୍କ ଭାଷା

Digitized by srujanika@gmail.com

ବା ଦେଶଜଭାଷା, ବାଗ୍‌ଧାରା ଇତ୍ୟାଦି ସଂଗୀତମୟ କରି, ସାବଲୀଳ ଭାବେ କବିତାରେ ପ୍ରକାଶ କରିଥାନ୍ତି ।

ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ, ଅନ୍ୟଜଣେ ବାମପନ୍ଥୀ, ବର୍ତ୍ତମାନର ସାମାଜିକ ବିଧିବ୍ୟବସ୍ଥାର ତୀବ୍ର ସମାଲୋଚନା କରିଥାନ୍ତି ତାଙ୍କର କାବ୍ୟକବିତାରେ । ତାଙ୍କଦ୍ୱାରା ସମ୍ପାଦିତ 'ରାମଧନୁ'କୁ କେନ୍ଦ୍ରକରି ଅନେକ ନୂତନ ଲେଖକ ଗଢ଼ି ଉଠିଛନ୍ତି ଓ 'ରାମଧନୁ' ନୂତନ କବିତାପାଇଁ ଏକ ଉପାଦେୟ ବାତାବରଣ ସୃଷ୍ଟି କରିଅଛନ୍ତି । ଏ ଗୋଷ୍ଠୀର ସ୍ତାବକ ଅନେକ ।

ହରି ବରକାକଟି ଓ ମହେନ୍ଦ୍ର ବୋରାଙ୍କର କବିତାର ପ୍ରଧାନ ଲକ୍ଷଣ ହେଲା ଉଦ୍ଭଟ ଚିତ୍ରକଳ୍ପର ପ୍ରୟୋଗ ଓ ସାଙ୍କେତିକତା । ଏ ଉଭୟ ଲେଖକ ବୁଦ୍ଧିଜୀବୀ ଭାବେ ସମ୍ମାନିତ । ଆଧୁନିକ ଜୀବନର ବିଶେଷତଃ ନଗର ଜୀବନର ଚିତ୍ର ଏମାନଙ୍କର ଲେଖାରେ ପ୍ରସ୍ଫୁଟିତ । 'ନୂତନ କବିତା' ଶୀର୍ଷକରେ ବୋରୋ କୋଡ଼ିଏ ଜଣ କବିଙ୍କୁ ନେଇ ଏକ ସଂକଳନ ଗ୍ରନ୍ଥ କରିଛନ୍ତି । ଏଥିରେ ଅଡ଼ଷଠିଟି କବିତା ସ୍ଥାନ ପାଇଛି । ବିଷୟ ବିନ୍ୟାସର ବିଭିନ୍ନତା ଓ ଛନ୍ଦର ବିଭିନ୍ନତା ଦୃଷ୍ଟିରୁ ଗ୍ରନ୍ଥଟି ଉଲ୍ଲେଖଯୋଗ୍ୟ । କବିମାନେ କେତେଦୂର ପୁରୁଣା ବିଷୟ ବା ପ୍ରସଙ୍ଗରୁ, ଚରଣରୁ, କାରୁକାର୍ଯ୍ୟରୁ ମୁକ୍ତି ପାଇଛନ୍ତି, ଏ ଗ୍ରନ୍ଥ ତା'ର ପରିଚୟ ଦିଏ ।

ହୋମେନ ବରଗୋହାଇଁ (ଗୋସାଇଁ) କ୍ଷୁଦ୍ର କବିତା ଓ କ୍ଷୁଦ୍ରଗଳ୍ପ ଉଭୟରେ ଦକ୍ଷ । ତାଙ୍କ କବିତାରେ ପ୍ରଧାନତଃ ଦେହଜ ପ୍ରେମ ବା ଯୌନତା ବେଶୀ ସ୍ଥାନ ପାଇଥାଏ । ଡିଲାନ୍‌ଟମାସ୍‌ଙ୍କ ସହ ତାଙ୍କୁ ସମୟ ସମୟରେ ତୁଳନା କରାଯାଇଥାଏ ।

ଅନ୍ୟାନ୍ୟ ଯୁବକଗଣ ହେଲେ ଦିନେଶ୍ ଗୋସ୍ୱାମୀ, ନୀଳମଣି ପୁରୋନ, ବରେଶ୍ୱର ବରୁଆ, ମହୀମ ବୋରା । ଏମାନେ ସମସ୍ତେ ନୂଆ ଚିତ୍ରକଳ୍ପ, ପ୍ରତୀକ ଓ ପ୍ରସଙ୍ଗ ନେଇ ବ୍ୟସ୍ତ । ସାମାଜିକ ସଚେତନତା ଏମାନଙ୍କ କବିତାରେ ମୁଖ୍ୟଧାରା । ଆଜି ଆସାମୀ କବିତା ଯାହା ଲେଖାଯାଉଛି -- ତା ମଧ୍ୟରେ ପ୍ରଧାନ କଥା ହେଲା, କେଉଁ କବିତା କାଳକୁ ଅତିକ୍ରମ କରିପାରିବ ବା ଆସନ୍ତା କାଲି ପାଇଁ ବଞ୍ଚିରହିବ କହି ହେବନାହିଁ । ଏତିକି କୁହାଯାଇପାରିବ ଯେ, ଏମାନଙ୍କ ମଧ୍ୟରେ ଯଥେଷ୍ଟ ସମ୍ଭାବନା ରହିଅଛି ।

❑ ❑ ❑

Digitized by srujanika@gmail.com

## ପରିଚ୍ଛେଦ -- ଆଠ

## ନାଟକ

ବୈଷ୍ଣବ ଅନ୍ଦୋଳନରୁ ଆରମ୍ଭକରି ଆସାମରେ ଥିଏଟର ବା ରଙ୍ଗମଞ୍ଚ ଏକ ଲୋକପ୍ରିୟ ଜାତୀୟ ଅନୁଷ୍ଠାନ ରୂପେ ପରିଗଣିତ । ତେଣୁ ଆସାମରେ ଥିଏଟର ଭାରତର ଅନ୍ୟପ୍ରାନ୍ତ ତଥା ଇଂଲଣ୍ଡପରି ଧର୍ମାନୁଷ୍ଠାନରୁ ଉତ୍ପତ୍ତି । ଏପରିକି ଆଜିମଧ୍ୟ ଗାଁ ନାମଘରମାନଙ୍କରେ ବୈଷ୍ଣବଯୁଗର ଏକାଙ୍କିକାମାନ ଅଭିନୀତ ହେଉଛି ଏବଂ ମହା ଆନନ୍ଦ ଉତ୍ସବ ସହିତ ଲୋକେ ଉପଭୋଗ କରୁଛନ୍ତି । ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଏହାର ମୂଳପିଣ୍ଡ ହୋଇଥିବାରୁ ଏହି ନାଟକ ସବୁ ଆଜିମଧ୍ୟ ଧର୍ମ ଓ ସମାଜ ଉପରେ ପ୍ରଭାବ ବିସ୍ତାର କରିଛନ୍ତି । ଆଧୁନିକ ନାଟକ -- ବାସ୍ତବଧର୍ମୀ, ମନସ୍ତାତ୍ତ୍ୱିକ, ସମସ୍ୟାଭିତ୍ତିକ ଏବଂ ମନସ୍ତାତ୍ତ୍ୱିକର ପ୍ରେରଣା କିନ୍ତୁ ପାଶ୍ଚାତ୍ୟ ଦେଶରୁ ଆସିଛି । ଉଚ୍ଚ ଶିକ୍ଷିତ ସଭ୍ୟରୁଚି ପାଇଁ ବ୍ୟବସାୟୀ ପବ୍ଲିକ ଥିଏଟରର ଉନ୍ନତିର ଯଥେଷ୍ଟ ଆବଶ୍ୟକତା ଥିଲେ ମଧ୍ୟ ସୌଖୀନ ନାଟକପାଇଁ କ୍ଲବ୍‌ମାନ ଆସାମର ସହର ଏବଂ ଗାଁ ଗଣ୍ଡାରେ ରହିଛି । ଏହି କ୍ଲବ୍‌ମାନ ଏକାଧାରରେ ଭ୍ରାମ୍ୟମାଣ ରଙ୍ଗମଞ୍ଚ ଓ ସଂସ୍କୃତି କେନ୍ଦ୍ର ଏବଂ ପାଖଆଖର ସବୁ ଶିକ୍ଷିତ ଲୋକେ ତା ସହିତ ସଂଶ୍ଳିଷ୍ଟ ଏବଂ ତାଙ୍କରି ଆନୁକୁଲ୍ୟରେ ନାଟକ ସହିତ ସମସ୍ତ ସାମାଜିକ ଉତ୍ସବ ଆୟୋଜିତ ଓ ଅନୁଷ୍ଠିତ ହୋଇଥାଏ । କେତୋଟି ସ୍ଥାନ ଛାଡ଼ି ସାଧାରଣତଃ ଏହି ଅଭିନୟମାନଙ୍କରେ ପୁରୁଷମାନେ ନାରୀର ଅଂଶଗ୍ରହଣ କରିଥାଆନ୍ତି । ସ୍ୱାଧୀନତା ପ୍ରାପ୍ତିପରେ ଅଭିନୟ କଳାର ମାନ ବେଶ୍ ଉଚ୍ଚସ୍ତରକୁ ଉଠିଛି, ସଂଗୀତ୍ ନାଟକ ଏକାଡେମୀ ଆନୁକୁଲ୍ୟରେ । ୧୯୫୪ ସାଲର ଶୀତଋତୁରେ ସଂଗୀତ ନାଟକ ଏକାଡେମୀ ଦିଲ୍ଲୀରେ ଯେଉଁ ନାଟକୋତ୍ସବର ଆୟୋଜନ କରିଥିଲା ସେଥିରେ ଚଉଦଟି ସ୍ୱୀକୃତ ଭାଷାର ୨୫ଟି ନାଟକ ବିପୁଳ ଉତ୍ସାହର ସହିତ ଅଭିନୀତ ହୋଇଥିଲା । ନାଟକୋତ୍ସବ ସବୁ ସେହି ଦିନଠାରୁ ଭାରତୀୟ ସାଂସ୍କୃତିକ ଅଭ୍ୟୁତ୍ଥାନ କାଳରେ ଜନପ୍ରିୟ ବାର୍ଷିକ ଘଟଣା ହୋଇଆସିଛି ।

ବ୍ରିଟିଶ୍ ରାଜତ୍ୱର ପ୍ରାରମ୍ଭରୁ ଯେତେ ନାଟକ ଲେଖାଯାଇଛି ସେ ସବୁ ରଙ୍ଗମଞ୍ଚପାଇଁ । ତେଣୁ ସେଥିରେ ନାଟକୀୟ ଆବଶ୍ୟକତା କାବ୍ୟିକ ପ୍ରେରଣାକୁ ପଛକୁ ପକାଇଦେଇଛି । ଏହି ଆଧୁନିକ ନାଟକଗୁଡ଼ିକୁ ମୋଟାମୋଟି ଚାରିଭାଗରେ ଯଥା ପୌରାଣିକ, ସାମାଜିକ, ଐତିହାସିକ ଏବଂ ରୋମାଣ୍ଟିକ୍‌ରେ ବିଭକ୍ତ କରାଯାଇପାରେ । ପୌରାଣିକ ନାଟକର ବିଷୟବସ୍ତୁ ଦୁଇମହାପୁରାଣ ରାମାୟଣ ଓ ମହାଭାରତର ଚିତ୍ତାକର୍ଷକ

Digitized by srujanika@gmail.com

ଘଟଣା ବା ଆଖ୍ୟାୟିକାରୁ ଗୃହୀତ । ସାମାଜିକ ନାଟକବର୍ଗକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ -- ଗୁରୁ ଓ ଲଘୁ ନାଟକ । ସେସବୁ ଆସାମର ସାମାଜିକ ଓ ପାରିବାରିକ ଜୀବନ ଉପରେ ଆମର ଦୃଷ୍ଟିଆକର୍ଷଣ କରନ୍ତି । ଲଘୁ ସାମାଜିକ ନାଟକରେ ଦୈନନ୍ଦିନ ଜୀବନରେ ଅସାମଞ୍ଜସ୍ୟ ଏବଂ ବିଡମ୍ବନାର ପ୍ରତିବିମ୍ବ ଦେଖାନ୍ତି ଯାହା ଫଳରେ ହସକୌତୁକ ସୃଷ୍ଟି ହୁଏ । ଐତିହାସିକ ନାଟକରେ ଆସାମର ଇତିହାସରୁ ବିଶେଷତଃ ଆହୋମ ସ୍ୱର୍ଣ୍ଣ-ଯୁଗର ଜାଜ୍ୱଲ୍ୟମାନ ପ୍ରତିମୂର୍ତ୍ତିମାନ ସ୍ଥାନ ପାଇଥାନ୍ତି । ସେ ସମୟରେ ମୁସଲମାନମାନଙ୍କ ଆସାମ ଆକ୍ରମଣ ଏବଂ ଜନସାଧାରଣଙ୍କ ବୀରତ୍ୱପୂର୍ଣ୍ଣ ବାଧାବିରୋଧ, ସାହସ, ବୀରତ୍ୱକାହାଣୀ, ରାଜା ସେନାପତି, ସୈନ୍ୟଦଳଙ୍କ ପ୍ରଦର୍ଶିତ ଶାସନତାନ୍ତ୍ରିକ କୌଶଳ, ଆସାମର ପୁତ୍ରକନ୍ୟା-ମାନଙ୍କର ବ୍ୟକ୍ତିଗତ ଦେଶାତ୍ମବୋଧଜନିତ ଆତ୍ମୋତ୍ସର୍ଗ ଏବଂ ସାମୟିକ ଦରବାରୀଚକ୍ରାନ୍ତ, ଯୁଦ୍ଧ, ବିପ୍ଳବ ଓ ସିଂହାସନ ପାଇଁ ବିଦ୍ରୋହ ଏବଂ ଏଇଧରଣର ଘଟଣା ସବୁ ଜୀବନ୍ତ ରୀତିରେ ଶକ୍ତିର ସହିତ ଚିତ୍ରିତ । ଯଦିଓ ରୋମାଣ୍ଟିକ୍ ନାଟକର ସଂଖ୍ୟା ଅପେକ୍ଷାକୃତ ନ୍ୟୂନ ତଥାପି ନାଟକସବୁ ନୃତ୍ୟ ସଂଗୀତରେ ବେଶ୍ ଭରପୁର ।

ଆଧୁନିକ ପୌରାଣିକ ନାଟକ ଭିତରୁ ଉଲ୍ଲେଖଯୋଗ୍ୟ ହେଉଛି ଦେବନାଥ ବର୍ଦ୍ଦୋଲାଇଙ୍କ 'ବୈଦେହୀ ବିଚ୍ଛେଦ'; ରମାକାନ୍ତ ଚଉଧୁରୀଙ୍କ 'ସୀତା ହରଣ'; ପୂର୍ଣ୍ଣଚନ୍ଦ୍ର ଶର୍ମାଙ୍କ 'ହରଧନୁ ଭଙ୍ଗ'; ଭରତଚନ୍ଦ୍ର ଦାସଙ୍କ 'ଅଭିମନ୍ୟୁ ବଧ'; ବେଣୁଧର ରାଜଖୋୱାଙ୍କ 'ଦକ୍ଷଯଜ୍ଞ' ଏବଂ 'ଦୁର୍ଯୋଧନର ଉରୁଭଙ୍ଗ'; ଦୁର୍ଗେଶ୍ୱର ଶର୍ମାଙ୍କ 'ପାର୍ଥ ପରାଜୟ' ଏବଂ 'ବାଳିବଧ'; ଏବଂ ଦୁର୍ଗାପ୍ରସାଦ ମଜିନ୍ଦର ବରୁଆଙ୍କ 'ବୃଷକେତୁ' ଏବଂ 'ଗୁରୁଦକ୍ଷିଣା' । ଏହି ନାଟକମାନଙ୍କର ପୌରାଣିକ ବିଷୟବସ୍ତୁସବୁ ଖୁବ୍ ବେଶୀ ଅଦଳବଦଳ ନକରି ଠିକ୍ ଭାବରେ ନାଟ୍ୟରୂପ ଦିଆଯାଇଥିଲା, ଯାହାଫଳରେ ସାଧାରଣ ଦର୍ଶକ ମନରେ ଧର୍ମଗ୍ରନ୍ଥର ବକ୍ତବ୍ୟ ସହଜରେ ବୋଧଗମ୍ୟ ହେଉଥିଲା ଏବଂ ସେସବୁ ପ୍ରତି ଭକ୍ତିଭାବ ଉଦ୍ରେକ ହେଉଥିଲା । ଅମାର୍ଜିତ ରୁଚିର ଲୋକଙ୍କ ପାଇଁ ଆକର୍ଷଣୀୟ ଲଘୁ ଦୃଶ୍ୟମାନ ଖଞ୍ଜି-ଦିଆଯିବା ଦ୍ୱାରା ହାସ୍ୟରସର ଦୃଶ୍ୟାବଳି ପରବର୍ତ୍ତୀ କାଳରେ ପୂର୍ଣ୍ଣାଙ୍ଗ କମେଡ଼ି ସ୍ତରକୁ ଉଠିପାରିଥିଲା ।

ବ୍ରିଟିଶ ଅମଳର ପ୍ରଥମାବସ୍ଥାର ସାମାଜିକ ନାଟକ ମଧ୍ୟରୁ ଗୁଣାଭିରାମ ବରୁଆଙ୍କ 'ରାମନବମୀ' ଏବଂ ରୁଦ୍ରରାମ ବର୍ଦ୍ଧଲୋଇଙ୍କ 'ବଙ୍ଗାଲ-ବଙ୍ଗାଲନୀ' ଏବଂ ହେମଚନ୍ଦ୍ର ବରୁଆଙ୍କ 'କାନିଆର କୀର୍ତ୍ତନ' ଉଲ୍ଲେଖଯୋଗ୍ୟ । 'ରାମନବମୀ' ନାଟକରେ ବିଧବା ବିବାହର ଆବଶ୍ୟକତା ଉପରେ ଜୋର୍ ଦିଆଯାଇଛି ଏବଂ ଏ କୁପ୍ରଥାର ବିୟୋଗାତ୍ମକ ପରିଣତି ନାଟକରେ ଦର୍ଶାଇ ଦିଆଯାଇଛି । ବ୍ରାହ୍ମଣ ଝିଅ ବାଲ୍ୟବିଧବା ନବମୀ ରାମ୍ ନାମକ ଯୁବା ସହିତ ଅନ୍ୟାୟ ପ୍ରେମରେ ପଡ଼ିଯାଇଛି ଏବଂ ଗର୍ଭବତୀ ହୋଇଛି । ଉଭୟ ରାମ ଏବଂ ନବମୀ ସମାଜର ନିନ୍ଦା ଅପମାନ ସହି ନପାରି ଏବଂ ବାସନ୍ଦକୁ ଡରି ଆତ୍ମହତ୍ୟା କରନ୍ତି ।

Digitized by srujanika@gmail.com

'ବଙ୍ଗାଲ୍-ବଙ୍ଗାଲନୀ' ବି ସେମିତି ଅନ୍ୟାୟ ପ୍ରେମ, ଅସତ୍‌ଚରିତ୍ର ଏବଂ ନୀଚତା ବିରୋଧରେ ସ୍ୱର ଉତ୍ତୋଳନ କରିଛି । 'କାନିଆର-କୀର୍ତ୍ତନ' ଏକ ପ୍ରଗ୍ରଧର୍ମୀ ନାଟକ ଯହିଁରେ ଅଫିମ ଅଭ୍ୟାସର କୁଫଳ ବର୍ଣ୍ଣିତ । ଏହି ନାଟକଟି ସମାଜନୀତି ଓ ଧର୍ମନୀତିର ପଣ୍ଡାମାନେ କେମିତି ଭଣ୍ଡ, ମିଥ୍ୟାବାଦୀ ଏବଂ କପଟୀ ତାହା ଖୋଲି ଦେଖାଇଦେଇଛି ।

ଦୁର୍ଗାପ୍ରସାଦ ମଜିନନ୍ଦର ବରୁଆ ତାଙ୍କ 'ମହରୀ' ନାଟକରେ ସ୍ୱଳ୍ପ ବେତନଭୋଗୀ, ବହୁ ସମୟଧରି କାମକରୁଥିବା ଜନୈକ ଗ୍ର' ବଗିଗ୍ରର କିରାଣୀର ଜୀବନ ଛବି ଦେଇଛନ୍ତି । ମିଷ୍ଟର ଫକ୍‌ସ ନାମଧାରୀ ଜନୈକ ଧନୀ ଇଂରେଜ ମ୍ୟାନେଜରଙ୍କ ପାଖରେ ସେ କାମ କରନ୍ତି । ମ୍ୟାନେଜରଙ୍କ ଚରିତ୍ର କିରାଣୀ ଜୀବନର ଏକାବେଳକେ ଓଲଟା, ଯେଣୁ ସେ ନୈତିକତାବିହୀନ ଓ ବ୍ୟସନୀ । ଉଦ୍ଦାମ ହସର ଏହି ଫାର୍ଶସବୁ ଦୁଇଧାରୁଆ ଛୁରୀ ପରି ଘୃଣା ଓ ଭର୍ତ୍ସନାରେ ପୂର୍ଣ୍ଣ । ସ୍ଥାନୀୟ ଲୋକଙ୍କ ଅନ୍ଧବିଶ୍ୱାସ ଗୋଟିଏ ଧାରରେ ଛେଦିବା, ଅନ୍ୟ ଧାରରେ ପାଶ୍ଚାତ୍ୟ ଅନ୍ଧ ଓ ମୂର୍ଖ ଅନୁକରଣକୁ ହାଣିବା ଏବଂ ସମସାମୟିକ ଭ୍ରାନ୍ତିକୁ ଦୂରକରିବା । ଗୋଟାଏ କଥା ମାନିବାକୁ ପଡ଼ିବ ଯେ ପୂର୍ବ ଫାର୍ଶ ଲେଖକମାନେ ଦୁର୍ନୀତିଗ୍ରସ୍ତ ସମାଜର ବାସ୍ତବବାଦୀ ଛବି ଆଙ୍କିବାକୁ ଗ୍ରହୁଁଥିଲେ ଏବଂ ଭଲକଥା ଛାଡ଼ି ଖରାପକଥା ଉପରେ ଜୋର୍ ଦେଉଥିଲେ ଏବଂ ସେଥିପାଇଁ ନାଟକ ନିମ୍ନଶ୍ରେଣୀର ହେଉଥିଲା, ଯହିଁରେ ନୈତିକ ସୂଚନାର ଘୋର ଅଭାବ ଥିଲା ।

ଐତିହାସିକ ନାଟକସଂଖ୍ୟା ଅଧିକ ଥିଲା ଏବଂ ସେସବୁ ଲୋକପ୍ରିୟ ମଧ୍ୟ ଥିଲା । ଏହି ନାଟକମାନଙ୍କରେ ନାଟକୀୟ କାର୍ଯ୍ୟକଳାପ ପାଇଁ ବହୁତ ଅବକାଶ ମିଳୁଥିଲା । ଯଥା ଯୁଦ୍ଧ, ବୀରତ୍ୱକାହାଣୀ, ଯେଉଁଥିପାଇଁ ଇତିହାସ ପୃଷ୍ଠା ଭରପୁର ଏବଂ ଯାହା ଅନଭିଜ୍ଞ ଲୋକଙ୍କୁ ଅତିମାତ୍ରାରେ ଆକୃଷ୍ଟ କରେ । ଏ ସବୁର ବହୁଳତା ଓ ପ୍ରସାର ସୂଗ୍ରଇଦିଏ ଲୋକଙ୍କ ଐତିହାସିକ ସାହିତ୍ୟପ୍ରୀତି; ଯାହାପାଇଁ ଆସାମର ସ୍ୱତନ୍ତ୍ର ପ୍ରତିଷ୍ଠା ରହିଛି । ଲେଖକ ଦେଶର ଗୌରବୋଜ୍ଜ୍ୱଳ ଅତୀତ, ତା'ର ବୀର ପୁତ୍ରକନ୍ୟାଙ୍କ ଅମର କାହାଣୀ ନାଟକରେ ଲିପିବଦ୍ଧ କରିଛନ୍ତି । ବିଦେଶୀ ଶକ୍ତି କବଳରୁ ପିତୃଭୂମିକୁ ମୁକ୍ତ କରିବା ପାଇଁ ବର୍ତ୍ତମାନର ବଂଶଧର ପାଖରୁ ବୀରତ୍ୱ, ତ୍ୟାଗ, ଆତ୍ମବିଶ୍ୱାସର ନୂଆ ଦାବି କରିହୁଏ । ଏହି ରୂପେ ଐତିହାସିକ ନାଟକ ଜନସାଧାରଣଙ୍କ ସାମାଜିକ ଏବଂ ରାଜନୈତିକ ସମସ୍ୟା ପ୍ରତି ପୁନର୍ଜାଗରଣ ଆଣିଦିଏ ।

ଲକ୍ଷ୍ମୀନାଥ ବେଜବରୁଆ ତିନୋଟି ଐତିହାସିକ ନାଟକ ଏବଂ ଗ୍ରରୋଟି ଫାର୍ଶର ଲେଖକ । ପ୍ରକୃତିସୁଲଭ ଆଗ୍ରହରେ ସେ ଫାର୍ଶ ଲେଖିବାକୁ ଆରମ୍ଭ କରିଥିଲେ ଏବଂ ଅସମୀୟା ସାମାଜିକ ଆଗ୍ରରବ୍ୟବହାରରେ ଯଥେଷ୍ଟ ମାତ୍ରାରେ ଅସାମଞ୍ଜସ୍ୟ ମିଳୁଥିବାରୁ ସହଜରେ ତାଙ୍କ ତୀକ୍ଷ୍ଣ ଦୃଷ୍ଟି ଏଡ଼ି ପାରିଲା ନାହିଁ । 'ଲିତିକାଇ' (ନାମକ ଫାର୍ଶଟି

Digitized by srujanika@gmail.com

୧୮୯୦) ଏକ ହାସ୍ୟୋଦ୍ଦୀପକ ଘଟଣାକୁ ଭିତ୍ତିକରି ଲିଖିତ, ଯହିଁରେ ଅଛି ବୋକାମି, ଠକାମି ଏବଂ ଭଣ୍ଡାମି ଏବଂ ବିଦୁଷକସୁଲଭ ହାସ୍ୟରସ 'ପାଚନି' । (୧୮୨୩) ନାଟକରେ ପାଚନିର ମୁକ୍ତ କୌତୁକାବହ ଆତିଥ୍ୟ, ସ୍ତ୍ରୀର ମିତବ୍ୟୟିତାର ବୈପରୀତ୍ୟରେ ଏକ ହାସ୍ୟୋଦ୍ଦୀପକ ଅବସ୍ଥା ସୃଷ୍ଟି କରେ । 'ନୋମଲ' (୧୯୧୩) ଫାର୍ଶରେ ବୃଦ୍ଧ ଅସ୍ଥିଚର୍ମସାର ନହରଫୁଟୁକା ନିଜ ବୋକାମି ଓ ଲାଜକୁଳା ସ୍ୱଭାବ ପାଇଁ ମନ୍ଦିରରୁ ମର୍ମନ୍ତୁଦ ଯନ୍ତ୍ରଣାରେ ଫେରିଆସିଛି, ଯେଉଁଠାକୁ ସେ ପୁଅର ଶୁଭକାମନା କରି ଯାଇଥିଲା । "ଚିକରତି ନିକରପତି" (୧୯୧୩)ରେ ଦୁଇ ଗ୍ରେର ତାଙ୍କ ବିଦ୍ୟାରେ ଯେଉଁ ଉପାୟ ଓ ଗ୍ତୁରୀ ଅବଲମ୍ବନ କରନ୍ତି ତାହା ବିଗ୍ରର ବିଭାଗର ଦୁର୍ନୀତି ସହିତ ଦେଖାଇ ଏମିତି ଅବସ୍ଥା ସୃଷ୍ଟି କରନ୍ତି, ଯାହା ହାସ୍ୟରସର ସୃଷ୍ଟିକରେ । ଅତିରଞ୍ଜିତ ଘଟଣା, ଭାବ ଓ ଭାଷାରେ ଶ୍ଳେଷ, ସଂଳାପରେ ହାସ୍ୟରସ ଓ ଭୁଲ୍ ଉଚ୍ଚାରଣ ଆଦି ଏହି ସବୁ ଫାର୍ଶମାନଙ୍କର ଲକ୍ଷଣ । ଏଥିରେ ଘଟଣାର କ୍ରମୋନ୍ନତି ବା ପ୍ରଗତି ନ ଥାଏ । ହାସ୍ୟରସ ମଧ୍ୟ ନିମ୍ନ ଧରଣର କାରଣ, ତାହା ପ୍ରାୟଶଃ ଅବସ୍ଥାଚକ୍ରରୁ ଉତ୍ପତ୍ତି । ସବୁଥିରେ ମାତ୍ରାଧିକ୍ୟରୁ ଏହାର ଉତ୍ପତ୍ତି, ତେଣୁ ବହୁତ ସ୍ଥାନରେ ଅବାସ୍ତବ ।

ବେଜବରୁଆଙ୍କ ତିନୋଟି ଐତିହାସିକ ନାଟକ ହେଲା "ଜୟମତୀ କୁଆରୀ", 'ଚକ୍ରଧର ସିଂହ' ଏବଂ 'ବେଲିମାର'; ସବୁଗୁଡ଼ିକ ୧୯୧୪ରୁ ୧୯୧୬ ଭିତରେ ରଚିତ। 'ଜୟମତୀ କୁଆରୀ'ରେ ଶହୀଦ ରାଜଜେମା ଜୟମତୀଙ୍କ ଜାଜୁଲ୍ୟମାନ ଆତ୍ମୋତ୍ସର୍ଗ ପ୍ରଦର୍ଶିତ। ଜୟମତୀ ତାଙ୍କର ପ୍ରାଣପ୍ରିୟ ସ୍ୱାମୀ ଏବଂ ରାଜ୍ୟର ମଙ୍ଗଳପାଇଁ ସ୍ୱଇଚ୍ଛାରେ ଜୀବନ ବିସର୍ଜନ କରିଛନ୍ତି । 'ଚକ୍ରଧ୍ୱଜ ସିଂହ' ନାଟକରେ ଆସାମ ଇତିହାସର ଅନ୍ୟ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଲିପିବଦ୍ଧ ହୋଇଛି । ଏ ନାଟକରେ ସ୍ୱର୍ଗଦେଓ ଚକ୍ରଧରାଜ ସିଂହଙ୍କ ରାଜତ୍ୱ ସମୟରେ ଆସାମର ମୋଗଲ ଆକ୍ରମଣ କିପରି ଆସାମ ସୈନ୍ୟବାହିନୀ ଦ୍ୱାରା କ୍ଷମତାଶାଳୀ ସେନାପତି ଲଚିତ୍ ବରଫୁକନଙ୍କ ନେତୃତ୍ୱରେ ସଫଳତାର ସହ ସରାଇଘାଟରେ ଯୁଦ୍ଧକ୍ଷେତ୍ରରେ ପ୍ରତିହତ କରାଯାଇଥିଲା ତାହା ବର୍ଣ୍ଣିତ । ଏହି ନାଟକରେ ସେନାପତିଙ୍କ ଦେଶାତ୍ମବୋଧ, ଏବଂ ସୈନ୍ୟ ପରିଗ୍ଳନା ଉପରେ ସଦ୍ୟତମ ପ୍ରତ୍ୟକ୍ଷ ବିବରଣୀ, ଆସାମର ସୈନ୍ୟମାନଙ୍କର ସୁଶୃଙ୍ଖଳ ଶକ୍ତି ଓ ପାରଗତା ଏବଂ ତାଙ୍କ ରାଜା ଚକ୍ରଧର ସିଂହଙ୍କ ମହନୀୟ ତେଜ ପ୍ରକଟିତ । ପାଞ୍ଚୋଟି ଅଙ୍କରେ ଏହାକୁ ଆସାମର ଜାତୀୟ ସଂଗୀତ ବୋଲାଯାଇପାରେ । 'ବେଲିମାର'ରେ ଅହୋମ ସାମ୍ରାଜ୍ୟବାଦର ଅବକ୍ଷୟ ଏବଂ ତିନୋଟି କ୍ରମିକ ବ୍ରହ୍ମଦେଶୀ ଆକ୍ରମଣ ଫଳରେ ଚୂଡ଼ାନ୍ତ ବିଲୋପ ବର୍ଣ୍ଣିତ । ଏହି ତିନୋଟିଯାକ ନାଟକରେ ନାଟ୍ୟକାର ଇତିହାସରୁ ବିଚ୍ୟୁତ ହୋଇନାହାନ୍ତି, ବରଂଚ, ଇତିହାସ ପୁନର୍ବିନାସ ଓ ପୁନର୍ଗଠନ କରିବାରେ ସାହାଯ୍ୟ କରୁଥିବା ଘଟଣା ସନ୍ନିବିଷ୍ଟ କରିବାରେ ସେ ମୌଳିକତା ଏବଂ ପାରଦର୍ଶିତା ଦେଖାଇଛନ୍ତି । ନାଟକୀୟ ତୁଳନା ଓ ବୈପରୀତ୍ୟ ସାହାଯ୍ୟରେ ଚରିତ୍ରମାନଙ୍କୁ ସୁସ୍ପଷ୍ଟ-

Digitized by srujanika@gmail.com

ଭାବରେ ଗଢ଼ି ତୋଳିଛନ୍ତି । ଯଦିଓ ସେତେବେଳେ ଉଛଧରଣର ନାଟକୀୟ ସୃଷ୍ଟିପାଇଁ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର ହେଉଥିଲା । ବେଜବରୁଆ ଗଦ୍ୟ ମାଧ୍ୟମ ପ୍ରୟୋଗ କରିଥିଲେ। କୃତୀ ଖ୍ୟାତନାମା ଏହି ନାଟ୍ୟକାର ସମସ୍ତ ମାତ୍ରାଧିକ୍ୟ ଓ ଆବେଗାଧିକ ପରିହାର କରିଛନ୍ତି। ଏହି ନାଟକମାନଙ୍କରେ ସେକ୍ସ୍‌ପିଅରଙ୍କ ପ୍ରଭାବ ବେଶ୍ ବାରିହୁଏ । 'ଚକ୍ରଧ୍ୱଜ ସିଂହ' ନାଟକରେ ଗଜପୁରିଆ ଓ ପ୍ରିୟରାମ ଚରିତ୍ରଦ୍ୱୟ ସେକ୍ସ୍‌ପିଅରଙ୍କ 'ଚତୁର୍ଥ ହେନେରୀ' ନାଟକର ଫଲ୍‌ଷ୍ଟାଫ୍ ଓ ପ୍ରିନ୍ସହଲ୍‌ଙ୍କ ଆଦର୍ଶରେ ଗଠିତ । 'ବେଲିମାର' ନାଟକରେ ସେହିପରି ଭୁମୁକ ବହୁଆ ଏବଂ ପିଜାଓ ଯଥାକ୍ରମେ 'କିଙ୍ଗ୍‌ଲିଅର'ର ଫୁଲ୍ ଓ 'ହେମ୍‌ଲେଟ୍'ର ଅଫେଲିଆ ଚରିତ୍ରମାନଙ୍କର ପ୍ରତିଧ୍ୱନି । ନାଟ୍ୟକାର କରୁଣ ରସାତ୍ମକ ଦୃଶ୍ୟଭିତରେ ହାସ୍ୟରସାତ୍ମକ ଦୃଶ୍ୟମାନ ଖଞ୍ଜି କୌତୁକାବହ ଆନନ୍ଦ ଦେଇଛନ୍ତି ।

ପଦ୍ମନାଥ ଗୋହାଇଁ ବରୁଆ ଆଠୋଟି ନାଟକ ଛାଡ଼ିଯାଇଛନ୍ତି । ସେ ଭିତରୁ ଚାରୋଟି ଐତିହାସିକ, ଗୋଟିଏ ପୌରାଣିକ ଏବଂ ତିନୋଟି ଫାର୍ଶଜାତୀୟ । ଜୟମତୀ (୧୯୦୦), ଗଦାଧର (୧୯୦୭), ସାଧନୀ (୧୯୧୧) ଏବଂ ଲାଚିତ ବରଫୁକନ (୧୯୧୫) -- ଏହି ଚାରୋଟି ଅହୋମ ଇତିହାସ ଉପରେ ରଚିତ । ଜୟମତୀ ଓ ସାଧନୀ ହେଲେ ବିୟୋଗାନ୍ତ; ଗଦାଧର ଏବଂ ଲଚିତ ବରଫୁକନ ମିଳନାନ୍ତ । ପ୍ରଥମ ତିନୋଟିରେ ନାଟକୀୟ ଅଭିବ୍ୟକ୍ତିର ମାଧ୍ୟମ ଅମିତ୍ରାକ୍ଷର ଛନ୍ଦ ଏବଂ ପ୍ରଧାନ ଚରିତ୍ରମାନେ ଅମିତ୍ରାକ୍ଷର ଛନ୍ଦରେ କଥାବାର୍ତ୍ତା କରନ୍ତି । 'ଲଚିତ ବରଫୁକନ' ଓ ପରବର୍ତ୍ତୀ ପୌରାଣିକ ନାଟକ 'ବାଣରାଜା'ରେ ଅମିତ୍ରାକ୍ଷର ଛନ୍ଦ ସ୍ଥାନରେ ଗଦ୍ୟ ବ୍ୟବହୃତ ହୋଇଛି । 'ଜୟମତୀ' ଏକ ବିୟୋଗାନ୍ତକ ନାଟକ, ଯହିଁରେ ଜୟମତୀର ଚୂଡ଼ାନ୍ତ ଆତ୍ମୋତ୍ସର୍ଗ ବର୍ଣ୍ଣିତ । ଏ ନାଟକରେ ନାୟିକାକୁ ଅତ୍ୟାଚାରୀ ଅହୋମରାଜା-ଲରରାଜା -- ଯନ୍ତ୍ରଣାଦେଇ ମାରିଛନ୍ତି । କାରଣ ଜୟମତୀକୁ ମୁଣ୍ଡଜାମିନ୍‌ରୂପେ ସେ ନେଇଥିଲେ ଏବଂ ସେ ପଳାତକ ସ୍ୱାମୀ ଯୁବରାଜ ଗଦାଧରଙ୍କ ଖୋଜଖବର ପ୍ରକାଶ କରିବାକୁ ରାଜି ହେଲେନାହିଁ । ତାହା ସେ ନକରିବାର କାରଣ, ଗଦାଧର ଯେ ତାଙ୍କର ପ୍ରିୟ ସଙ୍ଗୀ ଥିଲେ ତାହା ନୁହେଁ, ଭବିଷ୍ୟତ ସୁଶାସନର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଯଦିଓ ନାଟ୍ୟକାରଙ୍କ ବିୟୋଗାନ୍ତକ ନାଟକ ଭିତରେ ଏହା ପ୍ରଥମ ତଥାପି ଜୟମତୀ କରୁଣ ରସର ବାତାବରଣ ରକ୍ଷାକରେ ଏବଂ ଚରିତ୍ରଗୁଡ଼ିକୁ 'ସାଧନୀ' ଅପେକ୍ଷା ଅଧିକ ଭଲରୂପେ ଚିତ୍ରଣ କରେ । ପୂର୍ବବର୍ତ୍ତୀ ନାଟକର ନାୟିକା ଜୟମତୀ ଚରିତ୍ରରେ ଅଧିକ ଚିତ୍ତାକର୍ଷକ ଗୁଣ ରହିଛି । କିନ୍ତୁ ପରବର୍ତ୍ତୀ ନାଟକର ନାୟିକା ସାଧନୀ ପାଖରେ ସେମିତି କିଛି ଗୁଣ-ନାହିଁ । ସାଧନୀ ହେଉଛି ଏକ ସହଜ, ସରଳାତ୍ମା, ନିଜତ୍ୱବିହୀନ କପୋତୀ ଏବଂ ତେଣୁ ସେ ଅନ୍ୟମାନଙ୍କ ଦୋଷ ଦୁର୍ବଳତା ପାଇଁ ଭୋଗେ । ନାଟକରେ ସେମିତି କିଛି ଜଟିଳତା ନାହିଁ ବା ବିଷୟବସ୍ତୁର ଯୁକ୍ତିସଂଗତ କ୍ରମୋନ୍ନତି ନାହିଁ । ତେଣୁ ନାଟକଟି ପ୍ରାଚୀନ ବିୟୋଗାନ୍ତକ ବା କ୍ଳାସିକେଲ୍ ନାଟକର ଆବଶ୍ୟକତା ପରିପୂରଣ

Digitized by srujanika@gmail.com

କରି ନପାରି ଯଥାର୍ଥ ଟ୍ରେଜେଡି ହୋଇପାରିନାହିଁ । 'ଗଦାଧର'କୁ 'ଜୟନ୍ତୀ' ନାଟକର ଦୋଳନ ବୋଲି କୁହାଯିବ, କିନ୍ତୁ ସଫଳତାରେ ବହୁତ ନ୍ୟୂନ । ପ୍ରଧାନ ଚରିତ୍ର ଗଦାଧର ପାଠକଙ୍କୁ ହତାଶ କରାଏ । ଘଟଣା ଅପେକ୍ଷା ନାଟକରେ ସଂଳାପ ବେଶୀ, ଭାବ ଅପେକ୍ଷା ଭାବାବେଗ ଅଧିକ, ଘଟଣା ଗୁଛିବାର କୌଶଳ ଅପେକ୍ଷା ଫମ୍ପା ଆୱାଜ ବେଶି ।

କଥାବସ୍ତୁର ଅଗ୍ରଗତି ଆଣିବାକୁ ଯାଇ ଲେଖକ ପ୍ରାୟ ନଜର ଦିଅନ୍ତିନାହିଁ । ମିତବ୍ୟୟିତା, ଅପ୍ରୟୋଜନୀୟ ଭାବାବେଗ, ବିରକ୍ତିକର ଦୃଷ୍ଟି ଅନ୍ତରାଳର ବର୍ଣ୍ଣନା, ଅତିବେଶୀ ପ୍ରକୃତିପ୍ରେମ, ଉଦ୍ଦେଶ୍ୟହୀନ ବହୁଳ ସଂଳାପ, ଏବଂ ଅସଂପୃକ୍ତ ହାସ୍ୟରସର ଦୃଶ୍ୟାବଳି ଉପରେ । ଯାହା ଫଳରେ ନାଟକର ଘଟଣାବଳିରେ ସଂହତି ଆସେନାହିଁ । କେତେଗୁଡ଼ିଏ ଐତିହାସିକ କାଳର ବ୍ୟତିକ୍ରମ ମଧ୍ୟ ଏହି ନାଟକମାନଙ୍କରେ ଦେଖାଯାଇଥାଏ । ବିଷୟବସ୍ତୁ ନିଛକ ଐତିହାସିକ ଏବଂ ସେ ସବୁର ପ୍ରକାଶରେ ନାଟ୍ୟକାର ମୋଟେ ନୂତନ ଭଙ୍ଗୀ ଦେଖାନ୍ତିନାହିଁ ବା ନୂଆ ଆଲୋକ ଦିଅନ୍ତି ନାହିଁ । 'ବାଣ-ରାଜା' 'ହରିବଂଶ' ଉପରେ ଆଧାରିତ ଏବଂ ମୂଳଘଟଣାରୁ ତ୍ରୁଟିବିଚ୍ୟୁତି ନାଟ୍ୟକାର ନେଇନାହାଁନ୍ତି । ଏଠାରେ ଗଦ୍ୟର ବହୁଳ ବ୍ୟବହାର; ଯଦିଓ ବିଷୟବସ୍ତୁର ପୌରାଣିକ ପ୍ରକୃତି ହେତୁ ଅନ୍ୟାନ୍ୟ ଐତିହାସିକ ନାଟକ ଅପେକ୍ଷା ଏ କ୍ଷେତ୍ରରେ ପଦ୍ୟଶୈଳୀର ବେଶୀ ବ୍ୟବହାର ଏକାନ୍ତ ଉଚିତ ଥିଲା । ଭାଷା ଅସ୍ୱାଭାବିକ, ସଂସ୍କୃତ--ଭାରାକ୍ରାନ୍ତ ଏବଂ ଚରିତ୍ରଗଠନ କୌଶଳ ପ୍ରାୟ ନାହିଁ ।

ଗୋହାଇଁ ବରୁଆ ନିମ୍ନଶ୍ରେଣୀ ତଥା ଗାଉଁଲି ଜୀବନ ଆଙ୍କିବାରେ ସିଦ୍ଧହସ୍ତ କିନ୍ତୁ ସେ ଏକାବେଳକେ ବିଫଳ ହୁଅନ୍ତି ଶାସ୍ତ୍ରପୁରାଣଗତ ଘଟଣା ଏବଂ ଇତିହାସର ପୁନର୍ବିନ୍ୟାସ କରିବାରେ । ତାଙ୍କର ସର୍ଜନାମୂଳକ କଳ୍ପନାଶକ୍ତି ଏବଂ ଜ୍ଞାନର ଅଭାବ ଦେଖାଯାଏ, ଯାହା ନିହାତି ଦରକାର ଇତିହାସର ଯୁଗ ବା ଐତିହାସିକ ଚରିତ୍ର ସୃଷ୍ଟି ବା ତର୍ଜମା କରିବାରେ ।

'ଗାଓବୁଢ଼ା' (୧୮୯୦), ଚେଟୋନ -- ତାମୁଲି (୧୯୦୮), ଭୁତନେ ଭ୍ରମ (୧୯୨୪) -- ଏହି ତିନି ଫାର୍ସରୁ ଶେଷୋକ୍ତ ପୁସ୍ତକଟି ହେଉଛି କେତୋଟି ଛବି ବା ଦୃଶ୍ୟର ସମାହାର, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ । ଲେଖକ ଗାଁ ଗଣ୍ଡାର ଲୋକମାନଙ୍କ ମଧ୍ୟରେ ସଂସ୍କାର ଆଣିବାକୁ ଚାହାଁନ୍ତି, ଯେଉଁମାନେ ଅନ୍ଧବିଶ୍ୱାସରେ ଭୂତପ୍ରେତ ଡାହାଣୀ ଚିରିଗୁଣୀଙ୍କୁ ଅତି ବେଶୀ ଡରିମରି ରହିଥାନ୍ତି । କିନ୍ତୁ ଏଇ ଗୋଟିଏ କଥାକୁ ବାରମ୍ବାର ସିଧାସିଧି ଜୋରଦେଇ ବିଷୟବସ୍ତୁର ଅଗ୍ରଗତି ବା ଚରିତ୍ର ଚିତ୍ରଣର ଅବହେଳା ବା ବ୍ୟାହତ କରାଯାଇଛି ।

'ଚେତନ ତାମୁଲୀ' ଛବିବହୁଳ ପୁରାପୁରି ଫାର୍ସ । ଚତୁର ଚେତନ ପ୍ରତିଟି ପରାଜୟକୁ ବ୍ୟକ୍ତିଗତ ଲାଭରେ ପରିଣତ କରିବାପାଇଁ, ଘଟଣା ଓ ପରିସ୍ଥିତିମାନ ସୃଷ୍ଟି କରିବାରେ ଏବଂ ଚରିତ୍ର ଓ ସଂଳାପର ମେଳ ରଖିବାରେ ଲେଖକ ଗ୍ରାମ୍ୟଜୀବନରେ ପ୍ରତ୍ୟକ୍ଷ

Digitized by srujanika@gmail.com

ଜ୍ଞାନ ଦେଖାଇଛନ୍ତି । ଏ ଫାର୍ସର ସଫଳତା ଓ ଜନସାଧାରଣଙ୍କ ପ୍ରତି ଆବେଦନ ମୂଳରେ ରହିଛି· ତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ।

'ଗାଓବୁଢ଼ା' ସର୍ବପ୍ରଥମ ଲେଖାହେଲେ ମଧ୍ୟ ସର୍ବଶ୍ରେଷ୍ଠ । ଉନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ବ୍ରିଟିଶ୍ ଶାସନର ବାସ୍ତବ ରୂପ ଏଥିରେ ମିଳେ । ଦିନବନ୍ଧୁ ମିତ୍ରଙ୍କ 'ନୀଳଦର୍ପଣ' ପରି 'ଗାଓବୁଢ଼ା' ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଚିତ ଏବଂ ଅସମୀୟା ହାସ୍ୟରସାତ୍ମକ ନାଟକ ପ୍ରତି ଏହା ଏକ ବଳିଷ୍ଠ ଅବଦାନ । ଏ ନାଟକରେ ଗାଁ ମୁଖିଆ ଭୋଗମନର ପୀଡ଼ାଦାୟକ ଜୀବନଚରିତ ବର୍ଣ୍ଣିତ । ଏ ଲୋକଟିର ଦାୟିତ୍ୱ ଅନେକ, କାମ ବହୁତ; କିନ୍ତୁ ଗାଁ ମୁଖିଆ ଗୃକିରି ବେତନବିହୀନ ଗୃକିରି । ସଦାସର୍ବଦା ସେଥିରେ ବ୍ୟସ୍ତରହିବାରୁ ତା ନିଜକାମରେ ବ୍ୟାଘାତ ଆସେ; ତା ନିଜ ଘର ପ୍ରାୟ ନଷ୍ଟହେବା ଅବସ୍ଥାକୁ ଆସେ । ଅଥଚ ଅଫିସ କାମପାଇଁ ସେ ଟଙ୍କାପଇସା ପାଏନାହିଁ ; ପାଏ ଗାଳିଗୁଲଜ, ବଡ଼ସାନ ସମସ୍ତଙ୍କ ପାଖରୁ । ହସ କୌତୁକ ତଳେ ରହିଛି ଅନ୍ତର୍ନିହିତ ଶୋକାବହ କାରୁଣ୍ୟସ୍ୱର । ଯାହା ଫଳରେ ନାଟକଟି ବେଶୀମାତ୍ରାରେ ହୃଦୟସ୍ପର୍ଶୀ ହୁଏ । ନାଟ୍ୟକାର ଅସାଧାରଣ ଗ୍ୱତୁରୀଦେଖାଇ ଆଦର୍ଶ ଗାଉଁଲି-ଚିରିତ୍ର ଭୋଗମନ ଓ ରଙ୍ଗଦେଇଙ୍କୁ ଆଙ୍କିଛନ୍ତି । ଏ ନାଟକକୁ ଫାର୍ଶ ନକହି ବରଂ ହାଲୁକା କମେଡି କହିବା ଭଲହେବ । ଏଥିରେ ଆମେ ଲେଖକଙ୍କ ଈଶ୍ୱରଦତ୍ତ ଶ୍ଳେଷ ଓ ବ୍ୟଙ୍ଗାତ୍ମକ ପ୍ରତିଭାର ସନ୍ଧାନ ପାଇଥାଉଁ । ତାଙ୍କର ଗୁରୁଗମ୍ଭୀର ନାଟକସବୁ ପ୍ରତିଭାହୀନ ଜଣାଯାଏ । କିନ୍ତୁ କମେଡି ଓ ଫାର୍ଶସବୁ ବାସ୍ତବଧର୍ମୀ ଏବଂ ଚରିତ୍ର ଚିତ୍ରଣ ତଥା ମଞ୍ଚ ପରିଗ୍ୱଳନା ଦୃଷ୍ଟିରୁ ନିଖୁଣ ।

ଶତାବ୍ଦୀର ଅନ୍ୟଏକ ନେତୃସ୍ଥାନୀୟ ନାଟ୍ୟକାର ହେଉଛନ୍ତି ବେଣୁଧର ରାଜ ଖୋୱା । ତାଙ୍କର 'ସେଉତି କିର' (୧୮୯୪) ସେକ୍ସପିଅରଙ୍କ ଅଥେଲୋ ନାଟକଦ୍ୱାରା କିଛିମାତ୍ରାରେ ପ୍ରଭାବିତ । ଅନ୍ୟ ଏକ ବିୟୋଗାନ୍ତକ ନାଟକ 'ଉରୁଭଙ୍ଗ' । କିନ୍ତୁ ସେ ବେଶୀ ଖ୍ୟାତି ଅର୍ଜିଛନ୍ତି ଫାର୍ଶ ଲେଖକ ରୂପେ । 'କୁରିଶତକର ସଭ୍ୟତା' (୧୯୦୮), 'ତିନି ଘଇନି', 'ଅଶିକ୍ଷିତା ଘଇନି' 'ଚୋପାନିର ପରିଣାମ' ଏବଂ 'ଗ୍ରେରର ସୃଷ୍ଟି' ହେଲା ତାଙ୍କର ମୁଖ୍ୟ ରଚନା । ପ୍ରଥମଟିରେ ପ୍ରଦର୍ଶିତ ଅଧାପନ୍ତରିଆ ପାଶ୍ଚାତ୍ୟ ସଭ୍ୟତାରେ ଶିକ୍ଷିତ ଯୁବକଙ୍କ ଭଣ୍ଡାମି । ସେମାନେ ଦେଶର ପୁରାତନ ସମୟସିଦ୍ଧ ବିଶ୍ୱାସ ପ୍ରତି ସନ୍ଦିହାନ ଅଥଚ ଏଣେ ନବ୍ୟଫେସନୀ ପାଶ୍ଚାତ୍ୟଙ୍କ ସଭ୍ୟତା ପୁରାପୁରି ଗ୍ରହଣ କରିନାହାନ୍ତି । ସେମାନେ ନିରୀଶ୍ୱରବାଦୀ ଏବଂ ଜାତିପ୍ରଥାରେ ତାଙ୍କର ବିଶ୍ୱାସ ନାହିଁ । ଅଥଚ ସମାଜକୁ ଡରି ସେମାନେ ଏ ପ୍ରଥାକୁ ସମ୍ମାନ ଦିଅନ୍ତି । ବିବାହ ବିଷୟକ ଫାର୍ଶରେ ସଉତୁଣୀ ଏବଂ ଅପାଠୋଇ ସ୍ତ୍ରୀ ସ୍ଥାନ ପାଆନ୍ତି କାରଣ, ସେଇମାନେ ହିଁ ସ୍ୱାମୀମାନଙ୍କପାଇଁ କଣ୍ଟକ ଶଯ୍ୟା ରଚନ୍ତି । 'ଚୋପାନିର ପରିଣାମ' ଏକ କୌତୁକପୂର୍ଣ୍ଣ ଫାର୍ଶ, ଯହିଁରେ ଦେଖାଇଦିଆଯାଇଛି କିମିତି ଚୋପାନି ବୋଲି ଉଚ୍ଛୃଙ୍ଖଳ ଯୁବକ ଏକ ଯୁବତୀକୁ ଭୁଲେଇ ନେଇ ଆସିଲା ଏବଂ

Digitized by srujanika@gmail.com

ପରିଣାମରେ ତାକୁଇ ବାହାହେବାକୁ ବାଧ୍ୟ କରାଗଲା । ଏ ଗଳ୍ପଟି ପୁରୁଣା ଲୋକଗାଥାରୁ ଆଂଶିକ ଭାବରେ ଗୃହୀତ । 'ଗ୍ରେରର ସୃଷ୍ଟି' ଏକ ଲଘୁକମେଡି ଯାହା ସେକ୍ସ୍‌ପିଅରଙ୍କ 'କମେଡି ଅଫ୍ ଏରାର୍ସ୍' ଧରଣରେ ଲିଖିତ । ଦୁଇ ସ୍ୱାମୀ ଧୁମୁହ ଏବଂ ମୌରମ କିପରି ଯେଝା ସ୍ତ୍ରୀ ସହିତ ଅଶାନ୍ତିରେ କାଳ କଟାନ୍ତି ମନର ଅମେଳପାଇଁ । ଦିନେ ରାତ୍ରିରେ ଏକ ଗ୍ରେର ତାଙ୍କ ଘରେ ପଶି ତାଙ୍କ ଅଶାନ୍ତିକଥା ଜାଣିପାରିଲା । ନିଜେ ଜାଣିଥିବା ମନ୍ତ୍ରବଳରେ ସେ ଦୁଇସ୍ତ୍ରୀଙ୍କି ଅଦଳବଦଳ କରିଦେଲା । ଦୁଇ ପୁରୁଷ ବର୍ତ୍ତମାନ ନୂଆ ନୂଆ ସ୍ତ୍ରୀ ପାଇ ପୂର୍ଣ୍ଣ ମାତ୍ରାରେ ଜୀବନ ଉପଭୋଗ କଲେ । ହସ ଉଦ୍ରେକ କରିବାପାଇଁ ଗୁଡ଼ିଏ ଦୃଶ୍ୟ ଥିଲେ ମଧ୍ୟ ଗଳ୍ପଟି ଲୋକଗାଥାର ସାମଞ୍ଜସ୍ୟ ରଖେ । ଲେଖକଙ୍କ ଉଦ୍ଦେଶ୍ୟହେଲା ସମାଜ ସଂସ୍କାର -- ଏହା କେହି ଅସ୍ୱୀକାର କରିବ ନାହିଁ । ନାଟକର ଦୁର୍ବଳ ଅଂଶହେଲା ଅତିମାତ୍ରାରେ ସଂହତିବିହୀନ ସଂଗୀତ ଓ ଦୁର୍ବଳ ସଂଳାପର ଉପସ୍ଥିତି ।

ଚନ୍ଦ୍ରଧର ବରୁଆଙ୍କ ଲେଖକ ହିସାବରେ ଖ୍ୟାତି ମୁଖ୍ୟତଃ ତାଙ୍କ ନାଟକାବଳି ପାଇଁ । ସେ ଭିତରୁ ଦୁଇଟି ପ୍ରଧାନ ନାଟକ ପୌରାଣିକ ଘଟଣା ଉପରେ ଲିଖିତ । 'ମେଘନାଦ - ବଧ' (୧୯୦୪ - ୫) ଏବଂ 'ତିଳୋତ୍ତମା ସମ୍ଭବ' ଉଭୟେ ଅମିତ୍ରାକ୍ଷର ଛନ୍ଦରେ ଲିଖିତ । 'ମେଘନାଦ ବଧ'ର କଥାବସ୍ତୁ ହେଲା ରାବଣର ପୁତ୍ର ଇନ୍ଦ୍ରଜିତ୍‌ର ହତ୍ୟା । 'ତିଳୋତ୍ତମା ସମ୍ଭବ'ର ଉପାଖ୍ୟାନ ହେଲା ସୁନ୍ଦ ଏବଂ ଉପସୁନ୍ଦ ଦୁଇରାକ୍ଷସ ଭିତରେ ଯୁଦ୍ଧ ଓ ପରସ୍ପର ହତ୍ୟା, ତିଳୋତ୍ତମାକୁ ପାଇବାପାଇଁ । କଥାବସ୍ତୁର ଅଗ୍ରଗତି ଏବଂ ବର୍ଣ୍ଣନାରେ ନାଟକରେ ମାଇକେଲ୍ ମଧୁସୂଦନ ଦତ୍ତଙ୍କ ପ୍ରଭାବ ପରିଲିଖିତ ହୁଏ । ଉଭୟ ରାବଣ ଓ ମେଘନାଦ ଚରିତ୍ର ଉପରେ ସମାନ ଜୋର ଦିଆଯାଇଛି ଏବଂ ସହାନୁଭୂତି ସହିତ ଦୁହିଁଙ୍କି ଚିତ୍ରିତ କରାଯାଇଛି । ଆମ ନାଟ୍ୟକାର ଖୁବ୍ ସଫଳତାର ସହିତ ମେଘନାଦର ସ୍ତ୍ରୀ ପ୍ରମିଳାଙ୍କ ଚରିତ୍ର ମାଇକେଲଙ୍କ ସୀତା ଚରିତ୍ର ଅପେକ୍ଷା ବେଶୀ ଶ୍ରଦ୍ଧାରେ ଗଢ଼ି ଆକର୍ଷଣୀୟ କରିଛନ୍ତି । 'ତିଳୋତ୍ତମା ସମ୍ଭବ'ରେ ଦୁଇ ରାକ୍ଷସଙ୍କ ପରସ୍ପର ବିନାଶ ବର୍ଣ୍ଣନା କରି ପୃଥିବୀରେ ଧର୍ମ ସଂସ୍ଥାପନା କିପରି ହେଲା ତାହା ଦେଖାଇଛନ୍ତି । କାମନା ପଶୁପ୍ରବୃତ୍ତି କଦାପି ସୌନ୍ଦର୍ଯ୍ୟ ଉପଲବ୍‌ଧିର ପନ୍ଥା ନୁହେଁ । ଯେଉଁଠି ସୌନ୍ଦର୍ଯ୍ୟ କାମନାର ବଶବର୍ତ୍ତୀ ହୁଏ ସେଇଠି କେବଳ ପତନ ଆସେ । ଦାନବସୁଲଭ ବୁଦ୍ଧିଉପାୟର ଶେଷପରିଣତି ଧ୍ୱଂସ -- ଏହାହିଁ ତିଳୋତ୍ତମା- ସମ୍ଭବର ମୂଳ କଥା ।

'ତିଳୋତ୍ତମା -- ସମ୍ଭବ'କୁ ଏକ କାବ୍ୟନାଟିକା ବୋଲାଯାଇପାରେ । ପ୍ରବହମାନ କବିତା, ସୁମଧୁର ଧ୍ୱନି ଏବଂ ନାଟକରେ ପରିପୂର୍ଣ୍ଣ ସଂଗୀତ ନିଚ୍ୟରୁ ଜଣାପଡ଼େ ନାଟକଟି ଏକ ଦୀର୍ଘକବିତା ଏବଂ ନାଟ୍ୟକାର ଉପୋଦ୍‌ଘାତରେ ତାହା ସୁଗ୍ରଇ ପାଠକଙ୍କୁ ସେହିରୂପେ ଗ୍ରହଣ କରିବାପାଇଁ କହିଛନ୍ତି । ବେଶୀ ଚରିତ୍ରଚିତ୍ରଣ ପ୍ରଚେଷ୍ଟା ନାହିଁ, ଗାଉଁଲି, ଲଘୁ ଦୃଶ୍ୟରାଶି, ଯାହାଦ୍ୱାରା ଲେଖକ ଅନ୍ୟତ୍ର ପ୍ରଚୁର କୌଶଳ ପ୍ରଦର୍ଶନ କରିଥାନ୍ତି, ତାହା ଏ

Digitized by srujanika@gmail.com

କ୍ଷେତ୍ରରେ ପ୍ରବେଶକରାଇ ସେପରି ଫଳ ପାଇନାହାନ୍ତି । କୋଲିଆ ନାମକ ଦରିଦ୍ର ବ୍ରାହ୍ମଣର କାଠୁରିଆ ପିଲାର ସ୍ୱର୍ଗର ଉପାଖ୍ୟାନର ଉଦ୍ଦେଶ୍ୟ ହେଲା ଲଘୁତା ଆଣିବା । ହେଲେହେଁ ଗୁରୁଗମ୍ଭୀର ପୃଷ୍ଠପଟରେ ତାହା କାନକୁ କଡା ଶୁଭେ । ଚନ୍ଦ୍ରଧର ବରୁଆଙ୍କ ଶବ୍ଦ ଯୋଜନା ସରଳ, ସୁଖପ୍ରଦ ତଥା ପ୍ରବହମାନ । ତାଙ୍କ ଅମିତ୍ରାକ୍ଷର ଛନ୍ଦ ସ୍ଥିତିସ୍ଥାପକ ।

'ଭାଗ୍ୟପରୀକ୍ଷା' ଗୋଟିଏ ଫାର୍ଶ ଯହିଁରେ 'ଧନ ବଡ଼ ନା ଭାଗ୍ୟ ବଡ଼' ଲଘୁ ରୀତିରେ ନିଷ୍ପତ୍ତି କରାଯାଇଛି । ବରୁଆଙ୍କ ବିଶ୍ୱରରେ ଭାଗ୍ୟ ଅଦେଖା ଶକ୍ତି ଉପରେ ନିର୍ଭର ନକରି ନୈତିକ ନିଷ୍ଠା ଉପରେ ନିର୍ଭର କରେ । ଯେଉଁଠି ନିଷ୍ଠା ଅଛି, ସେଠି ଅର୍ଥ ଓ କ୍ଷମତା ଅଛି । ଏଇ କଥା ଲେଖକ ସୁଗ୍ରଇଛନ୍ତି ପାନିରାମର ପରିବର୍ତ୍ତନଶୀଳ ଜୀବନଚରିତ ମାଧ୍ୟମରେ । ଫାର୍ଶଟି ଅକସ୍ମାତ୍ ମେଳ ଓ ଅମେଳ ପରିପୂର୍ଣ୍ଣ,. ତେଣୁ ବାସ୍ତବ ଓ ଅବାସ୍ତବର ମିଶ୍ରଣ ଘଟିଛି । ବିଷୟବସ୍ତୁ ଏତେ ଅସଂଲଗ୍ନ ଯେ ସ୍ଥାନେ ସ୍ଥାନେ ଅଗ୍ରନକ କଥା ଓ ଘଟଣାର ମେଳ ଯୋଗୁଁ ଘଟଣା ପ୍ରବାହ ପ୍ରାୟ ବନ୍ଦ ହୋଇଯାଏ, ଫଳତଃ ଏଇ ଧାରଣା ହୁଏ ଯେ ଏଠି ଘଟଣାର ଆବଶ୍ୟକତା ବହୁମାତ୍ରାରେ ରହିଛି । ଗ୍ରାମ୍ୟ ଜୀବନର ନାନାଛବି ଦେବାରେ ଲେଖକ ସିଦ୍ଧହସ୍ତ । ପନିରାମ ଓ ମନିକି, ପୁରୁଷ ଏବଂ ସ୍ତ୍ରୀ, ଦୁହେଁ ଜୀବନ୍ତ ଚରିତ୍ର । ସମଭାବରେ କେଷ୍ଟାଲିଆ ଭକତ, କେଉଟ, ମହାଜନ ପ୍ରଭୃତି ଚରିତ୍ର ବାସ୍ତବ ଓ ଉଭୟ ବ୍ୟବହାର ଏବଂ କଥାବାର୍ତ୍ତା କ୍ଷେତ୍ରରେ ସେହି ଶ୍ରେଣୀର ଲୋକଙ୍କ ପ୍ରତିନିଧି ସ୍ଥାନୀୟ । 'ଭାଗ୍ୟ ପରୀକ୍ଷା' ତେଣୁ ଅସମୀୟା ଭାଷାରେ ଏକ ଉଲ୍ଲେଖନୀୟ ଫାର୍ଶ ।

ଜୀବିତ ଫାର୍ଶ ଲେଖକମାନଙ୍କ ମଧ୍ୟରେ ମିତ୍ରଦେବ ମହାନ୍ତ ଏକ ଉଚ୍ଚ ସ୍ଥାନ ଅଧିକାର କରିଛନ୍ତି । 'ବିୟା-ବିପର୍ଯ୍ୟୟ' (୧୯୨୪); 'କୁକୁରୀକନାର ଆଠମଙ୍ଗଳା' (୧୯୨୭) ବେଶ୍ ଲୋକପ୍ରିୟ ଏବଂ ଏକଦା ଏ ଦୁଇଟି ଆସାମର ପ୍ରତି ରଙ୍ଗମଞ୍ଚରେ ଆଗ୍ରହର ସହିତ ଅଭିନୀତ ଓ ପ୍ରଶଂସିତ ହେଉଥିଲା । ଏବେ ଏବେ ସେ ଆଉ କେତୋଟି ଫାର୍ଶ ଲେଖି ଛାପିଛନ୍ତି, ଯଥା : 'ଏଟା ଚୁରଟ', 'ତେଙ୍ଗର-ଭେଙ୍ଗର', ଲେକ୍‌ଲଭ୍ ଲେମ୍, 'ଚେଷ୍ଟାକ୍ସର', 'ଅଚିନ୍ କାଠର ଠୋରା', 'ବମ୍ ଫୁଟୁକା' ଇତ୍ୟାଦି । କିନ୍ତୁ ନାଟକୀୟ ଏବଂ ସାହିତ୍ୟିକ ଧର୍ମ ଦିଗରୁ ତାଙ୍କର ପୂର୍ବରଚିତ ଫାର୍ଶଗୁଡ଼ିକୁ ନିଶ୍ଚିତ ରୂପେ ଭଲ କୁହାଯିବ ।

'ବିୟା-ବିପର୍ଯ୍ୟୟ'ରେ ସାମଞ୍ଜସ୍ୟବିହୀନ ପରିସ୍ଥିତି ଆଚରଣ ଓ ଘଟଣା ହାସ୍ୟରସର ମୂଳ । ନାଟ୍ୟକାର ବାଲ୍ୟ ବିବାହ, ଯୌତୁକପ୍ରଥା, ଅନ୍ଧବିଶ୍ୱାସ ଆଦି ସମାଜର ମନ୍ଦ କଥାକୁ ବ୍ୟଙ୍ଗବିଦ୍ରୂପ କରିଛନ୍ତି ଏବଂ ତାହା ସେ କହିପାରିଛନ୍ତି, ନାଟକୀୟ ଅତିରଞ୍ଜନ ସାହାଯ୍ୟରେ ।

ଇନ୍ଦ୍ରେଶ୍ୱର ବଡ଼ଠାକୁର ମୁଖ୍ୟତଃ ନାଟ୍ୟକାର ରୂପେ ପରିଗଣିତ । ସେ ପ୍ରାଚୀନ ଭାରତୀୟ ନାଟକ ଏବଂ ନାଟ୍ୟାଭିନୟ ଉପରେ ଅନେକ ଚିନ୍ତାଶୀଳ ପ୍ରବନ୍ଧ ଲେଖିଛନ୍ତି ।

Digitized by srujanika@gmail.com

ତାଙ୍କର ଉତ୍କୃଷ୍ଟତମ ରଚନା ହେଲା 'ଶ୍ରୀବତ୍ସଚିନ୍ତା'' । ପୌରାଣିକ ଘଟଣା ଉପରେ ପର୍ଯ୍ୟବସିତ ନାଟକଟିରେ ଦେଖିବାକୁ ମିଳେ ନାଟ୍ୟକାରଙ୍କ କଳାକୌଶଳ । ଘଟଣାରାଶିରେ ବିଭିନ୍ନତା ଆଣିବାରେ, ଚରିତ୍ରମାନଙ୍କ କ୍ରମୋନ୍ନତି ବିଧାନ କରିବାରେ, ନାଟକୀୟ କାରୁଣ୍ୟ ଉତ୍ପାଦନ କରିବାରେ, ନାଟ୍ୟକାରଙ୍କ ସଫଳତା ବେଶ୍ ଉଲ୍ଲେଖନୀୟ । କାରଣ, ଖଣ୍ଡିତ କଥାବସ୍ତୁରେ ବିଭିନ୍ନତା ପାଇଁ ସ୍ଥାନନାହିଁ । ପୌରାଣିକ ଗାଥା ପ୍ରତି ବିଶ୍ୱସ୍ତ ରହି ଲେଖକ ଚରିତ୍ରସବୁ ଦେଇଛନ୍ତି, ଯାହାଙ୍କ ଜୀବନୀଶକ୍ତି ଏବଂ ଆକର୍ଷଣ ରହିଛି । ଅନୁମାନ ହୁଏ, ଯେତେବେଳେ ତାଙ୍କ କଳ୍ପନା ପୌରାଣିକ ଦୁନିଆଁରେ ବୁଲୁଥାଏ, ସେ ଏକ ସ୍ୱକୀୟ ମାଧ୍ୟମ ପାଇଯାଆନ୍ତି । ଏ ତଥ୍ୟଟି ଉଦ୍‌ଘାଟିତ ହୁଏ ଯେତେବେଳେ ଆମେ ତାଙ୍କ ସାହିତ୍ୟର ଅନ୍ୟାନ୍ୟ କଳାକୃତି ସର୍ବେକ୍ଷଣ କରୁଁ । 'ଇନ୍ଦ୍ରମଲ୍ଲିକା' ଏକ - କବିତାଗୁଚ୍ଛ ବିଭିନ୍ନ ବିଷୟରେ । ସଂସ୍କୃତ ସାହିତ୍ୟର ତଥା ପ୍ରାଚୀନ ଭାରତୀୟ ସଂସ୍କୃତିର ଭକ୍ତ ଥାଇ ବଡ଼ଠାକୁର ଯେ ଅନେକ ନିବନ୍ଧ ଲେଖିଛନ୍ତି ତାହାନୁହେଁ ଅନେକ କବିତା ମଧ୍ୟ ଲେଖିଛନ୍ତି । ସେଥିର ପ୍ରଶସ୍ତି ଗାନକରି । 'ଭାରତୀ', ଶରଦେନମଃ, ଦୁର୍ବାସା, ବାଲ୍ମିକୀ, ବେଦବ୍ୟାସ, ଉର୍ବଶୀ ଆଦି କବିତା ଲେଖକଙ୍କ କଳାର ପରିଚୟ ଦିଏ ।

ଅତୁଲ ଚନ୍ଦ୍ର ହାଜାରିକା କବିରୂପେ ଲେଖା ଆରମ୍ଭ କରିଥିଲେ ଏବଂ ପୌରାଣିକ କାହାଣୀ ଅବଲମ୍ବନରେ କବିତା ଓ ଗଳ୍ପ ଲେଖିଲେ ମଧ୍ୟ -- ଏବେ ସେ ସେଇଆ କରୁଛନ୍ତି -- ସେ ଶିଶୁ ସାହିତ୍ୟପାଇଁ ବିଶିଷ୍ଟ ଅବଦାନ ଦେଇଛନ୍ତି । କିନ୍ତୁ ତାଙ୍କ ଖ୍ୟାତି ନାଟକରେ ହିଁ ରହିବ । ତାଙ୍କର ସେ ଶ୍ରେଣୀର ଲେଖା ପ୍ରଚୁର । ତାଙ୍କ ନାଟକମାନ ତିନି ଶ୍ରେଣୀର - ପୌରାଣିକ ଘଟଣା ବା କାହାଣୀ ଉପରେ ପର୍ଯ୍ୟବସିତ ନାଟକ, ଇତିହାସର ଘଟଣା ଉପରେ ରଚିତ ନାଟକ ଏବଂ ବିବିଧ କଥାକୁ ମୂଳକରି ରଚିତ ନାଟକ ।

ପୌରାଣିକ ନାଟକାବଳି ହେଲା-- 'ନନ୍ଦଦୁଲାଲ' 'କୁରୁକ୍ଷେତ୍ର', 'ରୁକ୍ମିଣୀ - ହରଣ', 'ବେଉଲା', 'ନରକାସୁର', 'ଶକୁନ୍ତଳା', 'ନିର୍ଯ୍ୟାତିତା', 'ଚମ୍ପାବତୀ', ଏବଂ 'ଶ୍ରୀରାମଚନ୍ଦ୍ର' । 'ଶକୁନ୍ତଳା' ଓ 'ବେଉଲା'କୁ ଛାଡ଼ି ବାକି ସବୁ ନାଟକ ପୁରାଣ ଓ ଭାଗବତର କଥାକୁ ନେଇ ଏବଂ ସେ ସମସ୍ତ ଅମିତ୍ରାକ୍ଷର ଛନ୍ଦରେ ଲିଖିତ । ନାଟ୍ୟକାର ମୂଳ ବିଷୟବସ୍ତୁ ଉପରେ କିଛି ନଯୋଡ଼ି ବା କିଛି ବାଦ୍ ନ ଦେଇ ନାଟକମାନ ଲେଖିଛନ୍ତି । ସେ କେବଳ ପ୍ରସ୍ତୁତ ହୋଇଥିବା ଗଳ୍ପକୁ ନାଟ୍ୟରୂପ ଦେଇଛନ୍ତି ଏବଂ ଯେଉଁଠି ଦରକାର ସ୍ଥାନୀୟ ଦୃଶ୍ୟ, ଆଦର୍ଶ ଓ ଆବେଗ ସହିତ ସେସବୁକୁ ମିଳାଇ ମିଶାଇ ଦେଇଛନ୍ତି । 'ଶକୁନ୍ତଳା' ସମ୍ପର୍କରେ ଲେଖକ ନିଜେ ସ୍ୱୀକାର କରିଛନ୍ତି ଯେ ଜାଗାଏ ଦିଜାଗା ଛଡ଼ା ଅନ୍ୟତ୍ର ସେ ମୂଳଲେଖାକୁ ପ୍ରାୟ ପାଖାପାଖି ଅନୁସରଣ କରିଛନ୍ତି । ନାଟ୍ୟକାର ଅବଶ୍ୟ ଦୃଶ୍ୟାବଳୀ ଓ କୁଶୀଲବଗଣଙ୍କୁ ସ୍ଥାନୀୟ ରୂପରଙ୍ଗ ଦେବାରେ ଯଥେଷ୍ଟ ଚତୁରୀ ପ୍ରଦର୍ଶନ କରିଛନ୍ତି । 'ରୁକ୍ମିଣୀ - ହରଣ'ରେ ରୁକ୍ମିଣୀ ବିବାହ ନିମନ୍ତେ ସ୍ଥାନୀୟ ବାତାବରଣ ସୃଷ୍ଟି, 'ବେଉଲା'ରେ ବରପାଇଁ ବଧୂର

Digitized by srujanika@gmail.com

ଘେର ତିଆରି, 'ନରକାସୁର'ରେ ଶ୍ରମିକମାନଙ୍କଦ୍ୱାରା ରାସ୍ତା ନିର୍ମାଣ, ଏବଂ 'ଶ୍ରୀରାମ-ଚନ୍ଦ୍ର'ରେ ବିବାହ ଅନୁଷ୍ଠାନ ଆଦି ସ୍ଥାନରେ ବାତାବରଣ ସୃଷ୍ଟିରେ ଏଇ କଳାକୌଶଳ ଦେଖିବାକୁ ମିଳେ । ଏସବୁ ପାଠକ ବା ଦର୍ଶକସହିତ ଘନିଷ୍ଠ ସମ୍ପର୍କ ସ୍ଥାପନପାଇଁ । ପୁରାଣ ବା ଦୈନନ୍ଦିନ ଜୀବନରୁ ଚରିତ୍ର ସଂଗ୍ରହ ମଧ୍ୟ ଏଇଥିପାଇଁ । 'ରୁକ୍ମିଣୀ-ହରଣ'ରେ ବିଦୂଷକ ବେଦନିଧିର ମାମୁଲି ଘରକରଣାର ବିନା ଘୃଣା ବା ନିନ୍ଦାରେ ବାସ୍ତବ ଛବି ଅଙ୍କାଯାଇଛି ।

ଚରିତ୍ର ଚିତ୍ରଣରେ କୌଣସି ପ୍ରକାର ସ୍ୱାଧୀନତା ନାଟ୍ୟକାର ନେଇନାହାଁନ୍ତି ଓ ନେଇ ପାରନ୍ତେ ନାହିଁ ମଧ୍ୟ । କାରଣ ଚରିତ୍ର ଚିତ୍ରଣ, ନାଟକୀୟ ଉତ୍କଣ୍ଠା ଏବଂ ଉଦ୍‌ବେଗ ପାଇଁ ପୌରାଣିକ ନାଟକରେ ସ୍ଥାନ କାହିଁ, ଯେଉଁଠି ପୌରାଣିକ ଗଳ୍ପରେ ପରିବର୍ତ୍ତନ ଆଣିହେବ ନାହିଁ ? 'କୁରୁକ୍ଷେତ୍ର' ନାଟକରେ ନାଟ୍ୟକାର କିଛି କିଛି ସ୍ୱାଧୀନତା ନେଇଛନ୍ତି । ତେଣୁ ଭାଗ୍ୟର ବିପର୍ଯ୍ୟୟ ସହିଥିବା ନାରୀ ଆକାରରେ ଗାନ୍ଧାରୀଙ୍କ ଛବି ଆଙ୍କିବାରେ ନାଟ୍ୟକାର ସଫଳକାମ ହୋଇଛନ୍ତି । ଗାନ୍ଧାରୀ ସ୍ୱାମୀଙ୍କ ଅନ୍ଧ-ପୁଟୁଳି ଖୋଲିଦେବାପରେ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କ ଉକ୍ତି, ସୁନ୍ଦର ଗୀତିକବିତା ପରି ଶୁଭେ । ସହଜ ଗତିଶୀଳ ଅମିତ୍ରାକ୍ଷର ପଂକ୍ତି ଯୋଗୁଁ ସବୁନାଟକ ସୁଖପାଠ୍ୟ ହୁଏ । ଉପଯୁକ୍ତ ସ୍ଥାନରେ ଗଦ୍ୟ ପରିଚ୍ଛେଦର ବ୍ୟବହାର ବିଭିନ୍ନତା ଓ ବୈଚିତ୍ର୍ୟ ଯୋଗାଇଥାନ୍ତି । କେତେକ ପୌରାଣିକ ନାଟକ ତିନୋଟି ଅଙ୍କବିଶିଷ୍ଟ; ଆଉ କେତେକ ଚାରି ବା ପାଞ୍ଚଅଙ୍କ, ଏପରିକି ସାତଅଙ୍କବିଶିଷ୍ଟ । 'ଶକୁନ୍ତଳା' ନାଟକଟିରେ ସାତ ଅଙ୍କ । ଅଙ୍କ ଓ ଦୃଶ୍ୟମାନ ପୁରୁଣା ପଦ୍ଧତି ଅନୁସରଣ କରେ । କେବଳ 'ଶ୍ରୀ ରାମଚନ୍ଦ୍ର' ଏବଂ 'ନିର୍ଯ୍ୟାତିତା' କୁ ଛାଡ଼ି, ଯାହାର କି ଆରମ୍ଭ ଓ ଶେଷ ବେଶ୍ ଚିତ୍ତାକର୍ଷକ । ଶେଷୋକ୍ତ ନାଟକରେ ଏବଂ 'ରୁକ୍ମିଣୀହରଣ'ରେ ନାଟ୍ୟକାର ଆଧୁନିକ ନାଟକର କଳାକୌଶଳ ସହିତ ବୈଷ୍ଣବଯୁଗୀୟ ଶିଳ୍ପଚାତୁରୀ ମିଶାଇ ଦେଖାଇଦେଇଛନ୍ତି ଯେ ପ୍ରାଚୀନ କଳାର ସୁଗୁଣ ସମ୍ମିଶ୍ରଣରେ ଏକ ନୂତନ ଜାତୀୟ ନାଟ୍ୟକଳାର ଉଦ୍ଭବ ହୋଇପାରେ । ମଞ୍ଚସଜ୍ଜା ପାଇଁ ମଧ୍ୟ ସେ ଅବହିତ ନୁହଁନ୍ତି, ବିଶେଷତଃ 'ବେଉଲା' ଭଳି ନାଟକରେ ।

ଐତିହାସିକ ନାଟକଗୁଚ୍ଛ ମଧ୍ୟରେ 'ବଣିଜ କୋଷ୍ଠାର', 'କନୌଜ କୁମାରୀ' ଏବଂ 'ଛତ୍ରପତି ଶିବାଜୀ' ଉଲ୍ଲେଖନୀୟ । 'ବଣିଜକୋଷ୍ଠାର' ହେଉଛି ସେକ୍‌ସପିଅରଙ୍କ 'ମାର୍ଚ୍ଚେଣ୍ଟ ଅଫ୍ ଭେନିସ୍'ର ଅସାମୀୟା ରୂପାନ୍ତର, ପାଞ୍ଚ ଅଙ୍କରେ, ଅମିତ୍ରାକ୍ଷର ଛନ୍ଦରେ । ଏହି ରୂପାନ୍ତରୀକରଣରେ ଅସମୀୟା ନାଟ୍ୟକାର ପ୍ରଶଂସନୀୟ ସାଫଲ୍ୟ ହାସଲ କରିଛନ୍ତି, ଯେଉଁ କ୍ଷେତ୍ରରେ ଏହା ଆଶା କରାଯାଇନଥିଲା । ଖ୍ରୀଷ୍ଟିୟାନ୍ -- ଜିଉ ସଂଘର୍ଷର ଐତିହାସିକ ଅସାମୀୟା ପ୍ରତିରୂପ ପାଇବା କ୍ଷେତ୍ରରେ, ଯାହା ହେଉଛି ଇଂରାଜୀ ନାଟକର ମେରୁଦଣ୍ଡ । ଅସମୀୟା ରୂପାନ୍ତରରେ ଅମୀୟ କୁମାର (ଏଣ୍ଟୋନିଓ) ଏବଂ ଚନ୍ଦନମଲ (ଶାଇଲକ) ହେଉଛନ୍ତି ଅସମୀୟା ପ୍ରତିନିଧି ଏବଂ ବାହାରର ସ୍ୱାର୍ଥାନ୍ୱେଷୀ; ଯେଉଁ ଦୁହିଁଙ୍କ ଭିତରେ ଗଭୀର ସନ୍ଦେହ ଏବଂ ଘୋର ଅବିଶ୍ୱାସ ଏପରିକି ସମୟ ସମୟରେ ଭାଷା ଏବଂ ସଂସ୍କୃତି ସ୍ତରରେ

Digitized by srujanika@gmail.com

ଭୀଷଣ ବିଭେଦ ରହିଛି । ଏହି ନାଟକକୁ ଅସମୀୟା ଭାଷାକୁ ରୂପାନ୍ତର କରିବାରେ ଅସମୀୟା ନାଟ୍ୟକାର ଗୁଡ଼ାଏ ଶବ୍ଦ, ଖଣ୍ଡବାକ୍ୟ ଆଣି ମୂଳଗ୍ରନ୍ଥର ଶକ୍ତି ଓ ମହନୀୟତା ବଜାୟ ରଖିଛନ୍ତି । 'କନୌଜ କୁମାରୀ' ଦୁଇ ଭାରତୀୟ ରାଜଦରବାରର ରାଜପୁତ୍ର ପୃଥ୍ୱୀରାଜ ଏବଂ ଜୟଚ଼ନ୍ଦ୍ରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଚିତ୍ରିତ କରିଛନ୍ତି, ରାଜଜେମା ସଂଯୁକ୍ତାଙ୍କ ପରିଣୟ ପାଇଁ, ଯାହା ଯୋଗୁଁ ଅବଶେଷରେ ହିନ୍ଦୁ ସାମ୍ରାଜ୍ୟର ପତନ ଘଟିଲା । ଏଥିରେ ଯଦିଓ ବଡ଼ ନାଟକୀୟ କୃତିତ୍ୱ ନାହିଁ ତଥାପି ଏହା ଅସମୀୟା ସାହିତ୍ୟକୁ ସମୃଦ୍ଧ କଲା, ଭାରତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଆନୟନ କରି । ବ୍ୟକ୍ତିଗତ ଚରିତ୍ର ହିସାବରେ ଜୟଚ୍ଚନ୍ଦ, ରାଣା ଏବଂ ସଂଯୁକ୍ତା ବୀରତ୍ୱପୂର୍ଣ୍ଣ ଭାବରାଶିକୁ ଶକ୍ତି, ଆବେଗ ସହିତ ଜୀବନ୍ତ ଭାବରେ ପ୍ରକାଶ କରିଛନ୍ତି । 'ଛତ୍ରପତି ଶିବାଜୀ'ରେ ନିଜେ ଲେଖକ ସ୍ୱୀକାର କରିଛନ୍ତି ଯେ ସେ ବଙ୍ଗୀୟ ନାଟ୍ୟକାର ଅମୃତଲାଲ ବୋଷଙ୍କ 'ଗୌରିକପତାକା' ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଅତୁଲ ହାଜାରିକା ଦେଖାଇଛନ୍ତି କିମିତି ଐତିହାସିକ ନାଟକ ଲେଖିଲାବେଳେ ମଧ୍ୟ ଐତିହାସିକ ଘଟଣାରେ ହାତ ନ ଦେଇ ସର୍ଜନାମୂଳକ ନାଟକ ଲେଖାଯାଇପାରେ । ଶିବାଜୀଙ୍କୁ ସେ ଜ୍ୱଳନ୍ତରଙ୍ଗରେ ଆଙ୍କିବାକୁ ସଫଳ ହୋଇଛନ୍ତି । ତଥାପି ନାଟ୍ୟକାର ଯେତେବେଳେ ସୁବିଧା ପାଆନ୍ତି ଭୁଲନ୍ତି ନାହିଁ ଅସମୀୟା ସେନାଙ୍କ ସେକାଳର ବୀରତ୍ୱ ଗାଥା ଗାଇବାକୁ ଏବଂ ହିନ୍ଦୁ-ମୁସଲମାନ ଏକତା ପ୍ରଚ୍ଚର କରିବାକୁ । ତାର ଉଦାହରଣ ମିଳିବ ସମ୍ରାଟ ଆଉରଙ୍ଗଜେବ୍ ଏବଂ ରାମସିଂଙ୍କ ନାଟକର ଚତୁର୍ଥ ଅଙ୍କ ପ୍ରଥମ ଦୃଶ୍ୟର ସଂଳାପରେ । ହାଜାରିକାଙ୍କ ଅନ୍ୟ ପ୍ରକାରର ନାଟକ ଭିତରେ 'ମର୍ଜିୟାନା', 'ମାନସ-ପ୍ରତିମା', 'ଆହୁତି' ଓ 'ରଙ୍ଗମହଲ' ରହିଛି । 'ଏରେବିଆନ୍ ନାଇଟସ୍'ର ଲୋକପ୍ରିୟ ଅଂଶ 'ଆଲିବାବା ଏବଂ ଚ୍ଚଳିଶ ଚ୍ଚେର' ନାଟ୍ୟରୂପରେ ମର୍ଜିଆନା ଏକ ମୁଖ୍ୟ ଚରିତ୍ର ଏବଂ ନାମକରଣ ଯଥାର୍ଥ । 'ଆହୁତି' ସାମାଜିକ ସମସ୍ୟା ଉପରେ ଆଧାରିତ ଏକ ନାଟକ ଯହିଁରେ ଦୁଇ ପୁରୁଷ ଭିତରେ ସଂଘର୍ଷ ଦେଖାଇ ଦିଆଯାଇଛି । କ୍ଷୁଦ୍ର ପରିସର ମଧ୍ୟରେ ମଧ୍ୟ ନାଟକର ନାୟକ ଆଦର୍ଶବାଦୀ ଆନନ୍ଦରାର ଆସାମ ଉପରେ ଲଦି ଦିଆଯାଇଥିବା କେତେକ ସମସ୍ୟା ଉପରେ ଆଲୋଚ଼ନା ସୂତ୍ରପାତ କରିଛି । ମଧ୍ୟଯୁଗୀୟ ବା ମରହଙ୍ଗୀ ସୁତ୍ରଧର ଚ଼ରିତ୍ର ନାଟକର ଗତିକୁ ତ୍ୱରାନ୍ୱିତ ନକରି ବାଧା ସୃଷ୍ଟି କରିଛି । ଏହା ନିଶ୍ଚିତ ରୂପେ ଅନେକ କ୍ଷେତ୍ରରେ ଅସ୍ୱାଭାବିକ 'ଆହୁତି' ସହିତ ଏକତ୍ର ପ୍ରକାଶିତ । 'କଲ୍ୟାଣୀ' ଏବଂ 'ମୁଲାଚ୍ଚଉରୁ' ନାମକ ଦୁଇକ୍ଷୁଦ୍ର ନାଟକ ଅଳ୍ପବହୁତେ ପ୍ରଧାନ ଉଦ୍ଦେଶ୍ୟ ସାଧନ କରିଛନ୍ତି । 'ମାନସ ପ୍ରତିମା' ଫାର୍ଶୀ ଭାଷାର 'ସିରି ଫର୍‌ହାଦ୍' କଥାର କାବ୍ୟିକ ରୂପାନ୍ତର । କିନ୍ତୁ ଅସମୀୟା ଲେଖକଙ୍କ ନାଟ୍ୟରୂପ ମିଶ୍ରିତ ଏବଂ ଭାଷା ଶବ୍ଦାଡ଼ମ୍ବରପୂର୍ଣ୍ଣ ।

ଲକ୍ଷ୍ୟକରିବାର କଥା ଯେ ଅତୁଲ ହାଜାରିକା ନାଟକ ଲେଖିଥିଲେ ଅସମୀୟ ରଙ୍ଗମଞ୍ଚର ଚ୍ଚହିଦା ମେଣ୍ଟାଇବା ପାଇଁ; କାରଣ, ସେ ଲେଖା ଆରମ୍ଭ କଲାବେଳକୁ ବଙ୍ଗାଳୀ

Digitized by srujanika@gmail.com

ନାଟ୍ୟକାର ଗିରୀଶ ଚନ୍ଦ୍ର ଘୋଷ ଏବଂ ଦ୍ୱିଜେନ୍ଦ୍ରଲାଲ ରାୟ ଅସମୀୟା ରଙ୍ଗମଞ୍ଚ ଏକଗୃଟିଆ ଦଖଲ କରିଥିଲେ । ଏଇ ନିର୍ଭରଶୀଳତାକୁ ଅତୁଲ ହାଜାରିକା ଚିରଦିନ ପାଇଁ ଦୂର କଲେ ଏବଂ ତାଙ୍କ ସଫଳତା ଅସମୀୟ ରଙ୍ଗମଞ୍ଚପାଇଁ ଲେଖୁଥିବା ଅନେକ ଲେଖକଙ୍କୁ ପ୍ରେରଣା ଯୋଗାଇଲା ।

ଦୈବଚନ୍ଦ୍ର ତାଲୁକଦାରଙ୍କ ତିନୋଟି ନାଟକ ଯଥା 'ବିପ୍ଳବ', 'ବାମୁନିକୁଓାର', ଏବଂ 'ଭାସ୍କରବର୍ମା' ସ୍ୱତନ୍ତ୍ର ଉଲ୍ଲେଖ ଦାବିକରେ । 'ବିପ୍ଳବ' ହେଉଛି ଏକ ଗଳ୍ପ ଯହିଁରେ ଗୃଷୀମାନେ ତାଙ୍କ ଜମିଦାର ବିରୋଧରେ ବିଦ୍ରୋହ କଲେ କାରଣ ଅତ୍ୟାଗୃରୀ ଜମିଦାର ସେମାନଙ୍କୁ ପୀଡ଼ା ଦେଇ ନିଜ ସ୍ୱାର୍ଥ ସାଧନ କଲା । ଏ ବିଦ୍ରୋହର ନେତ୍ରୀ ହେଉଛି କବି ଚନ୍ଦ୍ରମୋହନଙ୍କ କନ୍ୟା । ପରେ ଜମିଦାର ପୁତ୍ର ବିପିନ ମଧ୍ୟ ବିପ୍ଳବରେ ଯୋଗଦେଲା । ସର୍ବଶେଷରେ ଗର୍ବିତ ଜମିଦାର ଜନତା ଦରବାରରେ ମୁଣ୍ଡ ନୁଆଁଇଲା । ସର୍ବସାଧାରଣଙ୍କ ଆନନ୍ଦ ଭିତରେ ନାଟକର ପରିସମାପ୍ତି; ପାର୍ବତୀ ଓ ବିପିନଙ୍କ ହୃଦୟ ଓ ମନର ମିଳନରେ। ବିଷୟବସ୍ତୁରେ କିଛି ନୂତନତ୍ୱ ରହିଛି, ମାତ୍ର ଚ଼ରିତ୍ର ଚିତ୍ରଣ ଦୁର୍ବଳ । ନାଟକରେ ଅନେକ ଉନ୍ମାଦନାମୟ ସଙ୍ଗୀତ ଅଛି ଯହିଁରେ, ସମାଜବାଦୀ ଦୁନିଆଁର ଛବି ରହିଛି ।

'ବାମୁନୀ କୁମାର' ଏକ ଐତିହାସିକ ନାଟକ, ଯହିଁରେ ଅହୋମ ଇତିହାସର ଏକ ଆକର୍ଷଣୀୟ ଘଟଣାକୁ ନାଟ୍ୟରୂପ ଦିଆଯାଇଛି । ଅହୋମରାଜା ତ୍ୟାୟୋଖମ୍‌ତିଙ୍କ ଦୁଇ ଭଉଣୀ । ଥରେ ରାଜା ଚୁଟିଆଙ୍କ ବିରୋଧରେ ସଂଗ୍ରାମ କରିବାକୁ ରାଜ୍ୟ ବାହାରେ ଥିଲାବେଳେ ବଡ଼ରାଣୀ ଯେ ରାଜ୍ୟ ପରିଗୃଳନା ଦାୟିତ୍ୱରେ ଥିଲେ, ରାଜାଙ୍କ ଅନୁପସ୍ଥିତିର ସୁଯୋଗ ନେଲେ । ଈର୍ଷାନ୍ୱିତା ହୋଇ ସେ ସାନ ରାଣୀଙ୍କି ହବୁଙ୍ଗ ନାମକ ସ୍ଥାନକୁ ନିର୍ବାସିତ କଲେ। ନିର୍ବାସିତା ରାଣୀ ଜନୈକ ବ୍ରାହ୍ମଣ ଘରେ ଆଶ୍ରୟ ନେଲେ ଯେଉଁଠି ତାଙ୍କର ପୁତ୍ରଟିଏ ଜନ୍ମହେଲା ଯେ କାଳକ୍ରମେ ବାମୁନୀ କୁମାର ବୋଲି ଖ୍ୟାତ ହେଲା । ଯୁବରାଜ ବଢ଼ିଗୃଲିଲା ଏବଂ ବାପାଙ୍କ ରାଜଦଣ୍ଡ ଧାରଣ କଲା । ଇତିହାସ ଉପରେ ପର୍ଯ୍ୟବସିତ ଏହି ଗଳ୍ପକୁ କେନ୍ଦ୍ରକରି କେତୋଟି ଛୋଟଛୋଟ କାଳ୍ପନିକ ବିଷୟବସ୍ତୁ ଯୋଡ଼ାଯାଇ ସୁନ୍ଦର ସୂତାକୁଣ୍ଡଳୀଟିଏ ଗଢ଼ିଉଠିଲା । ଦୁଇଟି କାଳ୍ପନିକ ଚ଼ରିତ୍ର ରୋହଦାଇ ଏବଂ ବରୋମି ଅତୀବ ଆକର୍ଷଣୀୟ ରୀତିରେ ଗଢ଼ାଯାଇଛନ୍ତି । 'ଭାସ୍କରବର୍ମା' ସପ୍ତମ ଶତାବ୍ଦୀର ଦୁର୍ଦ୍ଧର୍ଷ କାମରୂପ ସମ୍ରାଟଙ୍କ ପ୍ରତିରୂପ । ଏହି ନାଟକରେ ଦୁର୍ଭାଗ୍ୟକୁ ନାଟକ ଅପେକ୍ଷା ଇତିହାସର ପ୍ରାଧାନ୍ୟ ଥିବାରୁ ଚରିତ୍ରଚିତ୍ରଣ ବାଧାପ୍ରାପ୍ତ ହୋଇ ଦୁର୍ବଳ ହୋଇଛି ।

ଜ୍ୟୋତି ପ୍ରସାଦ ଅଗରୱାଲାଙ୍କ କେବଳ ତିନୋଟିମାତ୍ର ନାଟକ ପ୍ରକାଶିତ ହୋଇଛି ଓ ଆଉ ଅନେକ ପାଣ୍ଡୁଲିପି ସ୍ତରରେ ରହିଛି । ପ୍ରକାଶିତ ତିନୋଟି ନାଟକ ହେଲା 'ଶୋନିତ-କୁଓାରୀ', 'କାରେଙ୍ଗର ଲିଗିରୀ' ଏବଂ 'ଲୋଭିତା' । 'ଶୋନିତ-କୁଓାରୀ' ରଚିତ ହୋଇଥିଲା

Digitized by srujanika@gmail.com

ନାଟ୍ୟକାରଙ୍କର ଯେତେବେଳେ ପୂରା ଯୌବନାବସ୍ଥା । ତେଣୁ ଉଦୀୟମାନ କବି ଓ ନାଟ୍ୟକାରର ବଛା ବଛା ଗୁଣସବୁ ସମଭାବରେ ରଚନାକୁ ପରିପୁଷ୍ଟ କରିଥିଲା ।

ଦ୍ୱିତୀୟ ନାଟକ 'କାରେଙ୍ଗର-ଲିଗିରୀ' ତାଙ୍କର ଶ୍ରେଷ୍ଠ କୃତି ଏବଂ ଅସମୀୟା ଭାଷାରେ ଏକ୍ ଆଶ୍ଚର୍ଯ୍ୟ ନିଦର୍ଶନ । ଏ କ୍ଷେତ୍ରରେ ନାଟକ ଆଉ ପୁରାଣର ଭୌତିକ ଦୁନିଆରେ ସେ ନାହାନ୍ତି ।  ସେ ତାଙ୍କ ନିଜ କ୍ଷେତ୍ରରେ ଅଛନ୍ତି । ସେ ମଣିଷ ଏବଂ ପାରିପାର୍ଶ୍ୱିକୀ, ପ୍ରାଚୀନ ପରମ୍ପରା ଏବଂ ନୂତନ ଦୃଷ୍ଟିକୋଣ, ମଣିଷ ଏବଂ ଦୈବ ମଧ୍ୟରେ ସଂଘର୍ଷ ଭିତରେ ରହି ଦେଖାଇଛନ୍ତି ପ୍ରାଚୀନତାର ଭୂତ ଆଧୁନିକତାକୁ କେମିତି ନିରନ୍ତର ଗୋଡ଼ାଇଛି, ଆକ୍ରମଣ କରିଛି । ରାଜପୁତ୍ର ସୁନ୍ଦର ରାଜକନ୍ୟା କାଞ୍ଚନକୁ ସାମାଜିକ ଗ୍ରପରେ ବିବାହ କରିଛି, ମାତ୍ର ଜାଣିପାରିଛି ରାଜକନ୍ୟା ତାରି ନିଜ ବନ୍ଧୁ ଅନଙ୍ଗରାମର ପ୍ରେମରେ ପଡ଼ିଯାଇଛି । ଖୁବ୍ ସାହସିକତାର ସହିତ ସେ କାଞ୍ଚନକୁ ଅନଙ୍ଗରାମ ହାତରେ ଅର୍ପଣ କରିଛି । କିନ୍ତୁ ଏହି ଘଟଣାକୁ ରୂପ ଦିଆଯାଇଛି ଯେ ରାଜପୁତ୍ର ରାଜବାଟୀର ଗ୍ରକରାଣୀ ସେୱାଲୀ ସହିତ ଗୁପ୍ତ ପ୍ରେମରେ ପଡ଼ି ଏହା କରିଛନ୍ତି । ତାପରେ ରାଜମାତା ସେୱାଲୀକୁ ଗୋପନରେ ନିର୍ବାସିତ କରି ଦେଇଛନ୍ତି । ଯେତେବେଳେ ରାଜପୁତ୍ରଙ୍କୁ ଏକଥା ଗୋଚ଼ର ହେଲା ସେ ସେୱାଲୀକି ଉଦ୍ଧାର କରିବା ପାଇଁ ତତ୍ପର ହେଲେ । ସେୱାଲୀ କିନ୍ତୁ ରାଜପୁତ୍ରଙ୍କୁ ଏ ସାମାଜିକ କଳଙ୍କରୁ ମୁକ୍ତ କରିବାପାଇଁ ଗ୍ରହିଁଲା । ସେ ରାଜପୁତ୍ର ପ୍ରତି ତାର ନିଃସ୍ୱାର୍ଥ ପ୍ରେମର ସୂଚନା ଦେଇ ନଈକି ଡ଼େଇଁପଡ଼ି ଆତ୍ମହତ୍ୟା କଲା ଏବଂ ଯୁବରାଜ ହୃଦୟରେ ଏକ ବିରାଟ ଶୂନ୍ୟତା ରଖିଦେଇଗଲା ।

ପ୍ରକୃତପକ୍ଷରେ ଅଗରୱାଲାଙ୍କର ରୋମାଣ୍ଟିକ ଚେ଼ତନା । ରୋମାଣ୍ଟିକ ଓ ଆଦର୍ଶବାଦୀ ପ୍ରେମ ଛଡ଼ା ତାଙ୍କ ନାଟକରେ ମୌଳିକ ସାରଲ୍ୟ ଉପରେ ଜୋର୍ ଦିଆଯାଇଛି । ଅଙ୍କ ଓ ଦୃଶ୍ୟାବଳୀର ସାଜସଜ୍ଜା ଆଧୁନିକ ଧରଣର ଏବଂ ପ୍ରତି ଦୃଶ୍ୟରେ ନାଟ୍ୟକାର ଦୀର୍ଘ ମଞ୍ଚ ନିର୍ଦ୍ଦେଶ ଦେଇଥାନ୍ତି । ସଂଳାପ ଜୀବନ୍ତ, ସ୍ୱତଃସ୍ଫୂର୍ତ୍ତ ଏବଂ ସୁସ୍ପଷ୍ଟ । ନାଟକୀୟ ଆବଶ୍ୟକତା ଏବଂ ସ୍ୱଳ୍ପତା ଉପରେ ସଦାସର୍ବଦା ଆଖି ରଖି ସେ ଦୃଶ୍ୟ ଓ ଚ଼ରିତ୍ର ଖଞ୍ଜିଥାନ୍ତି । ଚରିତ୍ର ସବୁ ସ୍ୱାଭାବିକ ରୀତିରେ ଗଢ଼ିଉଠନ୍ତି ଏବଂ ନାଟକୀୟ ସଂଘାତ ସେମାନଙ୍କୁ କେବଳ ଯେ ସ୍ପଷ୍ଟ କରେ ତାହା ନୁହେଁ, ଜୀବନ୍ତ ଏବଂ ଶକ୍ତିଶାଳୀ ମଧ୍ୟ କରେ ।  ସୁନ୍ଦର ଓ ସୁଦର୍ଶନ, କାଞ୍ଚନ ଓ ସେୱାଲୀ, ସେୱାଲୀ ଓ ସେଉତି ପରସ୍ପର ବିପରୀତ ଚ଼ରିତ୍ର । 'ଶୋଣିତ କୁୱାରୀ'ର ପୌରାଣିକ ଦୁନିଆଁର ଅପାର୍ଥିବତା ଓ ଅସ୍ୱାଭାବିକତା ଏବଂ ରୋମାଣ୍ଟିକ୍ ଟ୍ରେଜେଡି 'କାରେନର ଲିଗିରୀ'ରୁ ଜ୍ୟୋତି ପ୍ରସାଦ ଖସି ଆସି 'ଲିଭିତା' ୧୯୪୨ ସାଲର ଅଗଷ୍ଟ ବିପ୍ଳବ କଥା, ଅଛି ଯହିଁରେ ସ୍ୱାଧୀନତା ପାଇଁ ଭାରତର ଲକ୍ଷ ଲକ୍ଷ ଜନତା ଆତ୍ମାହୂତି ପାଇଁ ଯନ୍ତ୍ରଣା ଭୋଗିଲେ । ଏହି ବିପ୍ଳବ ସହିତ ବର୍ଣ୍ଣିତ ହୋଇଛି ଦ୍ୱିତୀୟ ମହାସମର, ଯାହା

Digitized by srujanika@gmail.com

ଆସାମକୁ ଆନ୍ଦୋଳିତ କରିଥିଲା ଏବଂ ଅସମୀୟା ତରୁଣ ତରୁଣୀଙ୍କ ଏହି ଜ୍ୟୋତିର୍ମୟ ଆନ୍ଦୋଳନର ଅଗ୍ନି ଶିଖା ସହିତ ସାମିଲ୍ କରିଥିଲା । ସାହସ, ଦେଶାତ୍ମବୋଧ ଏବଂ ଶକ୍ତି, ବୀରା ଗ୍ରାମ୍ୟ କନ୍ୟା ଲଭିତା, ଆଇ.ଏନ୍.ଏ.ର ପ୍ରାକ୍ତନ ସୈନିକା ଏବଂ ତାର କରୁଣ ସାମାଜିକ ଜୀବନ ଏସବୁ ଆମକୁ ଗଭୀର ଭାବରେ ବିଚଳିତ କରେ । ଆମୂଳ ବାସ୍ତବଧର୍ମୀ ଏ ନାଟକଟି ମୁଖ୍ୟତଃ ଘଟଣା ଓ ପରାହତ ଆବେଗ ପାଇଁ ପ୍ରସିଦ୍ଧ । ଚରିତ୍ର ଜୀବନ୍ତ ହୋଇଛି ଘଟଣା-ଦ୍ୱାରା ଏବଂ କଠୋର ଘଟଣାସବୁ ପରିବେଶଦ୍ୱାରା ପରିଗ୍ରଳିତ । ବାସ୍ତବବାଦ ଏତେ ମାତ୍ରାରେ ବଢ଼ାଇ ଦିଆଯାଇଛି ଯେ ନାଟ୍ୟକାରଙ୍କ କାବ୍ୟିକ ରଚନା ଶକ୍ତିକୁ ମଧ୍ୟେ ମଧ୍ୟେ ଢାଙ୍କି ବା ମୋଡ଼ି ଦେଇଛି । ପୁରୁଣା ନାଟ୍ୟକଳା ଦୃଷ୍ଟିରୁ ଏହା ଟ୍ରେଜେଡି ନହେଲେ ମଧ୍ୟ ମୋଟାମୋଟି ଯେଉଁ ଛାପ ପକାଏ ତାହା ଟ୍ରେଜେଡ଼ିର ଛାପ କୁହାଯିବ । 'କାରେଙ୍ଗର ଲିଗିରୀ'ର ଯେଉଁ ରୋମାଣ୍ଟିକ୍ ସୌନ୍ଦର୍ଯ୍ୟ ତାହା 'ଲିଭିତା'ରେ ନାହିଁ । କିନ୍ତୁ ବେଶୀ ପରିଚିତ ଏବଂ ଆତ୍ମୀୟତାପୂର୍ଣ୍ଣ ମାଟିରେ 'ଲଭିତା' ବିଚରଣ କରେ ଏବଂ ଜନସାଧାରଣଙ୍କ ପ୍ରତି ଆବେଦନ ଏବଂ ବ୍ୟାପକ ପରିସର ଯୋଗୁଁ ଏହି ନାଟକଟି ଲେଖକଙ୍କ ଅନ୍ୟାନ୍ୟ ପ୍ରକାଶିତ ପୁସ୍ତକ ଅପେକ୍ଷା ସମଧିକ ଆଦରଣୀୟ ।

ଗଳ୍ପ ଲେଖିଲେ ମଧ୍ୟ ନକୁଳ ଚନ୍ଦ୍ର ଭୁୟାଁ ନାଟ୍ୟକାର ରୂପେ ସାଧାରଣତଃ ପରିଗଣିତ ହୁଅନ୍ତି । ତାଙ୍କର 'ବଦନ ବରଫୁକନ' ଓ 'ଚନ୍ଦ୍ରକାନ୍ତ ସିଂହ' ନାମକ ଦୁଇଟି ନାଟକ ଅସମୀୟା ଇତିହାସର ଆହୋମ ଯୁଗର ଗୌରବୋଜ୍ଜ୍ୱଳ ଅଧ୍ୟାୟରୁ ସଂଗୃହୀତ । ବେଜବରୁଆଙ୍କ 'ବେଲିମାର'ରେ ଓ ହିତେଶ୍ୱର ବରୁଆଙ୍କ ଐତିହାସିକ ନାଟକ 'ଆହୋମର ଦିନ'ରେ ଖାଣ୍ଟି ନାଟକ ନାହିଁ କି ଇତିହାସ ନାହିଁ, ଏଥିରେ ଐତିହାସିକ କଥାବସ୍ତୁକୁ ଚରିତ୍ର ଓ ଘଟଣାଦ୍ୱାରା ପରିସ୍ଫୁଟ କରାଯାଇଛି । କାଳ୍ପନିକ ହେଲେ ମଧ୍ୟ ସମୟର ଆତ୍ମା ଓ ରୂପକୁ ଉପସ୍ଥାପିତ କରିବାର ଚେଷ୍ଟା କରେ ଏବଂ ଜୀବନ୍ତ କରିବାପାଇଁ ତର୍ଜମା କରେ ମଧ୍ୟ । 'ବଦନ ବରଫୁକନ'ରେ କିନ୍ତୁ ନାଟ୍ୟକାର ଏହା କରିବାକୁ ସମର୍ଥ ହୋଇନାହାନ୍ତି । ଏଠାରେ ଘଟଣାକୁ ଠୋକ୍‌ଠୋକ୍ ଜାବୁଡ଼ି ଧରାଯାଇଛି । 'ଗୋଲାପୀ' ପରି କାଳ୍ପନିକ ଚରିତ୍ର ପୁରାଇବା ଦ୍ୱାରା କିଛିକିଛି ନାଟକୀୟ ଆଶ୍ୱାସ ମିଳୁଛି, ମାତ୍ର ଚରିତ୍ରଟି ଶୂନ୍ୟରେ ଦୋଦୁଲ୍ୟମାନ ଏବଂ କେନ୍ଦ୍ରୀୟ ଘଟଣାକୁ ବିଶେଷ ସାହାଯ୍ୟ କରୁନାହିଁ ।

ଚରିତ୍ରଚିତ୍ରଣ କରିବାପାଇଁ ନାଟ୍ୟକାରଙ୍କ ଯଥେଷ୍ଟ ଟାଣୁଆ ହାତ ଉପକରଣ ଉପରେ ରହିଛି । ଗର୍ବିତ ଦେଶଭକ୍ତ ବଦନ ଯେ କ୍ରୁଦ୍ଧ ହୋଇ ଦେଶମାତୃକାର ବିରୁଦ୍ଧାଚରଣ କରିପାରେ, ତାର ଚରିତ୍ର ବେଶ୍ ଦମ୍ଭର ସହିତ ଅଙ୍କାଯାଇଛି । ଦୂରଦୃଷ୍ଟିସମ୍ପନ୍ନା ରାଣୀମାତା ଉନ୍ନତଶିର ପ୍ରଧାନମନ୍ତ୍ରୀ ପୂର୍ଣ୍ଣାନନ୍ଦ ଏବଂ ଦୁର୍ବଳମନା ଚନ୍ଦ୍ରକାନ୍ତଙ୍କ ଚରିତ୍ର ଦିବ୍ୟଦୃଷ୍ଟି ଓ ସହାନୁଭୂତି ସହିତ ଉପସ୍ଥାପିତ କରାଯାଇଛି । ନାଟ୍ୟକାର ଜୋର୍‌ଦେଇ ଏଇକଥା

Digitized by srujanika@gmail.com

ଦେଖାଇବାକୁ ଚାହାଁନ୍ତି ଯେ ଆସାମ ଉପରେ ଯେଉଁ ଦୁଃଖଦୁର୍ଦ୍ଦଶା ପଡ଼ିଲା, ତାହାପାଇଁ ବଦନର ଧର୍ମଦ୍ରୋହ ଯେତିକି ପରିମାଣ ଦାୟୀ ପୂର୍ଣ୍ଣାନନ୍ଦଙ୍କ ଉଦ୍ଧତ ଶାସନ ପରିଚାଳନା ସେତିକି ପରିମାଣ ଦାୟୀ ।

ଅନ୍ୟ ଐତିହାସିକ ନାଟକ 'ଚନ୍ଦ୍ରକାନ୍ତ ସିଂହ' ପୂର୍ବନାଟକର ଶେଷ ପରିଣତି ଏବଂ ପରିପୂରକ ଏବଂ ଆସାମରେ ଅହୋମ ଶାସନର କ୍ଷୟ ଓ ଅଧଃପତନର ଚିତ୍ର ସନ୍ନିବେଶିତ । ଦୁର୍ବଳ, ଆଳସ୍ୟପରାୟଣ, ସ୍ୱାର୍ଥପର, ଦୂରଦୃଷ୍ଟିବିହୀନ ଓ ଈର୍ଷାପରାୟଣ ଓ କୁଚକ୍ରୀ କର୍ମଚାରୀ ଦ୍ୱାରା ବେଷ୍ଟିତ ଚନ୍ଦ୍ରକାନ୍ତର ଚରିତ୍ର ବଳିଷ୍ଠ ହସ୍ତରେ ଗଢ଼ାଯାଇଛି ଏବଂ ତାହା ନାଟକ ଉପରେ ପ୍ରାଧାନ୍ୟ ବିସ୍ତାର କରେ । ଶେଷଦୃଶ୍ୟରେ ଅନୁତାପ ଓ ଆତ୍ମଗ୍ଲାନି ଚନ୍ଦ୍ରକାନ୍ତଙ୍କୁ ଅଭିଭୂତ କରେ ଏବଂ ଦର୍ଶକଙ୍କ ସହାନୁଭୂତି ଜାଗ୍ରତ କରେ । ଅନ୍ୟାନ୍ୟ ଚରିତ୍ରମାନ ଅଳ୍ପବହୁତେ ସଫଳ ବୋଲି କୁହାଯିବ । ଚତୁର୍ଥ ଅଙ୍କରେ ବ୍ରହ୍ମଦେଶୀ ଲୋକମାନଙ୍କ ଉପରେ ଅତ୍ୟାଚାର ଏବଂ ଭୟଭୀତି ସଞ୍ଚାର ଦୃଶ୍ୟାବଳି ବାସ୍ତବ ରୂପରେ ଚିତ୍ରିତ ।

କମଳାନନ୍ଦ ଭଟ୍ଟାଚାର୍ଯ୍ୟ ଥିଲେ ଜଣେ ଗୀତିକାର, ନାଟ୍ୟକାର ଏବଂ ସଫଳ ଅଭିନେତା । ନାଉଗାଁର ଡ୍ରାମାଟିକ୍ କ୍ଲବ ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ତାଙ୍କର ଯୋଡ଼ିଏ ନାଟକ 'ନଗା କୁଆଁର' ଏବଂ 'ଅବସାନ'ର ସ୍ୱତନ୍ତ୍ର ଉଲ୍ଲେଖ ଆବଶ୍ୟକ । 'ନଗା କୁଆଁର'ରେ ଆହୋମ ରାଜପୁତ୍ର କନ୍‌ସେଙ୍ଗର ଜୀବନୀ ବର୍ଣ୍ଣିତ । ଚୁପିଙ୍ଫା ଅହୋମ ସିଂହାସନରେ ଥିଲାବେଳେ ଜନୈକ ଖୁନ୍‌ବାଓ ନାମକ ସୁନ୍ଦର ନାଗା ଯୁବକ ଦରବାରର ମଧ୍ୟେ ମଧ୍ୟେ ତାଙ୍କ ପ୍ରଶଂସା ବା ଗୁଣକୀର୍ତ୍ତନ କରୁଥିଲା । ଦିନେ ଚୁପିଙ୍ଫାଙ୍କ ରାଣୀ ତାଙ୍କୁ ଦେଖିଦେଲେ ଏବଂ ତାଙ୍କ ସ୍ୱାମୀଙ୍କ ସମ୍ମୁଖରେ ତାଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କଲେ । ଏଥିରେ ରାଜା କ୍ରୋଧାନ୍ୱିତ ହୋଇ ତାଙ୍କୁ ଗର୍ଭବତୀ ଅବସ୍ଥାରେ ନାଗା ରାଜ୍ୟ ଖୁନ୍‌ବାଓକୁ ନିର୍ବାସିତ କଲେ । ସେଠାରେ ରାଣୀ ପୁତ୍ରସନ୍ତାନଟିଏ ପ୍ରସବକଲେ ଯିଏ ନାଗା ଯୁବରାଜ ବୋଲି ଆସାମ ଇତିହାସରେ ପ୍ରସିଦ୍ଧ । ସେତେବେଳେ ସେ ଅହୋମ ରାଜାଙ୍କୁ ସମ୍ମାନ ଦେବାପାଇଁ ଆସିଲେ (ତାଙ୍କ ନିଜ ପିତା) ତାକୁ ଚୁପିଙ୍ଫା ଭଲ ଭାବରେ ଗ୍ରହଣ କଲେ । ପରେ ରାଜା ତାଙ୍କୁ ବରପୁତ୍ର ଗୋହାଇଁ ବା ରାଜ୍ୟର ଜନୈକ ମନ୍ତ୍ରୀ ରୂପେ ନିଯୁକ୍ତି ଦେଲେ । କନ୍‌ସେଙ୍ଗ୍ ମୋଗଲମାନଙ୍କ ସହିତ ଯୁଦ୍ଧକଲେ ଯେତେବେଳେ ସେମାନେ ଆସାମ ଆକ୍ରମଣ କଲେ । ନାଟକଟି ପୁରାପୁରି ପ୍ରେମ ଓ ବୀରତ୍ୱପୂର୍ଣ୍ଣ । 'ଅବସାନ' କୃଷ୍ଣଙ୍କ ମହାପ୍ରୟାଣ ବିଷୟରେ । ପ୍ରଭାସରେ ଯଦୁବଂଶ ଧ୍ୱଂସ ଏବଂ ଶ୍ରୀକୃଷ୍ଣଙ୍କର ଜରାଶବର ହାତରେ ମୃତ୍ୟୁ ଏଥିରେ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣିତ ହୋଇଛି ।

କମଳେଶ୍ୱର ଚଲିହାଙ୍କ 'ଧୂଳି' ଏକ ସାଙ୍କେତିକ ଏକାଙ୍କିକା । ଧୂଳି ନାଟକରେ

Digitized by srujanika@gmail.com

ଯାହାକୁ ନାରୀ ଆକାରରେ ଗ୍ରହଣ କରାଯାଇଛି ସେ ସମସ୍ତଙ୍କ ଶେଷ ଆଶ୍ରୟ । ନିଜେ ସେ ଜୀବନଯାକ ଦୁଃଖକଷ୍ଟ ଭୋଗି ଆବଶ୍ୟକ ପଡ଼ିଲେ କେବେ କାହାକୁ ଭୂଲେ ନାହିଁ । ଧୂଳି ବଜ୍ରଦ୍ୱାରା ବିଦ୍ଧହୋଇ ମୃତ୍ୟୁବରଣ କରେ । ତାର ମୃତ୍ୟୁରେ ଶୋକପ୍ରକାଶ କରନ୍ତି ସ୍ନେହୀ ଗୋପାଳମାନେ ଏବଂ ଶରତ୍‌କାଳ ନିଜେ ଦୟା ଓ ସହାନୁଭୂତିରେ ଶୀତଳ ମଧୁର ବାୟୁ ଜରିଆରେ ତାର ଶରୀର ଉପରେ ଫୁଲମାଳ ଓ ଫୁଲତୋଡା ଅଜାଡ଼ିଦିଏ ।

ପାର୍ବତୀ ପ୍ରସାଦ ବରୁଆଙ୍କ ଗୀତିନାଟ୍ୟ 'ଲକ୍ଷ୍ମୀ' ଏବଂ 'ସୋନାରସୋଲେଙ୍ଗ' ମଧ୍ୟ ପ୍ରତୀକଧର୍ମୀ । 'ଲକ୍ଷ୍ମୀ' ହେଉଛି ଏକ ଗୀତିନାଟ୍ୟ ଜରିଆରେ ବିଦାୟ ଗୀତିକା ଶରତପାଇଁ ଏବଂ 'ହେମନ୍ତ' ଦେବୀ ପାଇଁ ଏକ ସ୍ୱାଗତ ଗୀତିକା । ଶରତର ଶ୍ୱେତରାଣୀକୁ ବିଦାୟ ଦିଆଯାଇଛି ଗୀତ ଓ ନାଚ଼ ମାଧ୍ୟମରେ ଶ୍ୱେତ ଫୁଲ କହୁଆ (କାଶତଣ୍ଡୀ) ଏବଂ ଶିଉଳିଦ୍ୱାରା । ସରମୀଦେବୀ କୁହୁଡ଼ି ଓଢ଼ଣା ଟାଣି ସସମାନେ ପାଛୋଟି ଆଣିବାପାଇଁ ବାହାରକୁ ଯାଇଛନ୍ତି । ଶସ୍ୟର ଅଧିଷ୍ଠାତ୍ରୀ ରାଣୀ ହେମନ୍ତ କାର୍ତ୍ତିକ ମାସରେ ଆସନ୍ତି, ଯେଉଁ ମାସରେ ଆସାମର ଲୋକେ କାର୍ତ୍ତିକ ପର୍ବ ବା ବିହୁ ପାଳନ କରନ୍ତି । ନାଟ୍ୟକାର ଏହି ନାଟକରେ କାବ୍ୟିକ ରୀତିରେ ଶାନ୍ତି ଓ ସମୃଦ୍ଧିର ଋତୁ ଶରତ୍‌କୁ ବର୍ଣ୍ଣନା କରିଛନ୍ତି ।

'ସୋନାର ସୋଲେଙ୍ଗ' ଏକ ପ୍ରତୀକଧର୍ମୀ ସୁମଧୁର ସଂଗୀତଗୁଚ୍ଛ । ନାଟକର ମୁଖ୍ୟ ଚରିତ୍ର ବିନ୍ ବରଗି ଅନନ୍ତକାଳ ଧରି ସର୍ବଶ୍ରେଷ୍ଠ ଆନନ୍ଦ ଅନୁସନ୍ଧାନରେ ଧାଇଁଛି । ଯାହାକୁ ପାଉଛି ପଗ୍ଭରୁଛି । ସୁନାରଙ୍ଗର ହଂସ, ଯେଉଁମାନେ ଗାଢ଼ନୀଳ ଆକାଶରେ ପାଗଳପରି ସୁନାର ସ୍ୱର୍ଗ ଖୋଜି ବୁଲୁଛନ୍ତି; ଅଦେଖା ଧଳା ଡ଼େଣା ନୀଳ ଆକାଶରେ ମେଲାଇ ପବନ ଯାହା ଖୋଜୁଛି ଏବଂ ପାହାଡ଼ି ଝରଣା ଗୀତ ଗାଇ ଗାଇ ତଳକୁ ଯାହାପାଇଁ ଖସୁଛି ଏବଂ ସମସ୍ତଙ୍କୁ ପଗ୍ଭରୁଛି ସେମାନେ ତାକୁ କହିପାରିବେ, କେଉଁଠି ସେ ଆଦର୍ଶ ସୁଖ ମିଳିବ ? ଏହା ଏମିତି ଚିଜ ଯାହା ଜୀବନ ଭିତରେ ଅଛି, ଯାହା ପ୍ରତି ମୁହୂର୍ତ୍ତରେ ଜୀବନରେ ଉପଲବ୍ଧି କରିହୁଏ ଏବଂ ଯାହା ଜୀବନକୁ ଅମୃତ କରେ । ସଙ୍କେତ ବା ଇଙ୍ଗିତ ଛାଡ଼ି ଯେଉଁ ଗୀତି ଏବଂ ସଂଗୀତ ନାଟକରେ ଦିଆଯାଇଛି ତାହା ଅସମୀୟା ସାହିତ୍ୟରେ ଉତ୍କୃଷ୍ଟତମ ।

ଅସମୀୟା ନାଟ୍ୟକଳା ଉପରେ ଇଂରାଜୀ ନାଟକର ପ୍ରଭାବ ସ୍ୱୀକାର କରିବାକୁ ହେଲେ ମଧ୍ୟ ମାନିବାକୁ ପଡ଼ିବଯେ ଏ ପ୍ରଭାବ ସାମାନ୍ୟ ଓ ଉପୁରିଆ ଏବଂ ଭିତରକୁ ଆଦୌ ପ୍ରବେଶ କରିନାହିଁ । ସମାଜର ପୃଷ୍ଠପଟରେ ନାଟକର ବୃଦ୍ଧି ଘଟେ ଓ ଲାଳିତ ପାଳିତ ହୁଏ । ଅସମୀୟା ସମାଜ ଇଂରାଜୀ ସମାଜରୁ ପୃଥକ୍ ହୋଇଥିବାରୁ ବିଦେଶୀ ପ୍ରଭାବ ଅସମୀୟା ରଙ୍ଗମଞ୍ଚର ଅନ୍ତର ପ୍ରଦେଶକୁ ସହଜେ ସଫଳତା ସହିତ ପ୍ରବେଶ କରିପାରିଲା ନାହିଁ । ବିଷୟବସ୍ତୁ ନିର୍ବାଚନରେ ସାମାଜିକ ଅବସ୍ଥା ଚିତ୍ରଣରେ, ଐତିହାସିକ ଘଟଣା ଉନ୍ମୋଚନରେ ଜାତୀୟ ପ୍ରତିଭା ପ୍ରତି ସମ୍ମାନ ଏବଂ ସ୍ଥାନୀୟ ଘଟଣାପ୍ରତି ପକ୍ଷପାତିତା

Digitized by srujanika@gmail.com

ଅବଶ୍ୟ ରହିବ । ତା ନ ଥିଲେ ନାଟକ ଅବଶ୍ୟ ନିଷ୍ଫଳ ହେବ । ମୂଳସ୍ତରରେ ବାଧା ବୈଦେଶିକ ପ୍ରଭାବକୁ ଖର୍ବକରିବ । ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ଚକ୍ରଧ୍ୱଜ ସିଂହ ଚରିତ୍ରଟି ସେକ୍ସପିଅରଙ୍କ ଫଲଷ୍ଟାଫ୍ ଚରିତ୍ରଦ୍ୱାରା ପ୍ରଭାବିତ ହୋଇପାରିଥାଏ ଏବଂ ଐତିହାସିକ ନାଟକରେ ଛୋଟ ବିଷୟବସ୍ତୁ ଗ୍ରଥିତ ହେବା ବା ସ୍ତ୍ରୀ ଚରିତ୍ର ପୁରୁଷ ପୋଷାକପିନ୍ଧି ଛଦ୍ମବେଶରେ ମଞ୍ଚରେ ଅବତୀର୍ଣ୍ଣ ହେବା ସେଇ ପାଶ୍ଚାତ୍ୟ ନାଟକର ଅନୁକୃତି ହୋଇପାରେ, ମାତ୍ର ଏହା ସତ ଯେ ସେ ସବୁ କେବଳ ବାହାରିଆ ଅନୁସୃତି ।

ସେକ୍ସପିଅରଙ୍କ ନାଟକର ଅନୁବାଦ ଅସମୀୟା ରଙ୍ଗମଞ୍ଚରେ ସ୍ଥାନୀୟ ଆବେଗ ଓ ପାଶ୍ଚାତ୍ୟ ଭାବଧାରା, ବ୍ରିଟିଶ ଦର୍ଶକ ଏବଂ ନାଟକୀୟ ପୃଷ୍ଠପଟ, ସାମାଜିକ ଅଭୀପ୍ସା ଓ ଆଦର୍ଶର ଅମେଳ ବା ଅସାମଞ୍ଜସ୍ୟ ଯୋଗୁଁ ।

'କମେଡି ଅଫ୍ ଏରାରସ୍' ଅସମୀୟା ଭାଷାକୁ ୧୮୮୯ରେ 'ଭ୍ରମରଙ୍ଗ' ବୋଲି ଅନୁଦିତ ହେଲା । ଏହାପରେ 'ଏଜ୍ ଇଉ ଲାଇକ୍ ଇଟ୍', ଦୁର୍ଗେଶ୍ୱର ଶର୍ମାଙ୍କ ଦ୍ୱାରା 'ଚନ୍ଦ୍ରାବଳୀ ନାମରେ; 'ଶିମ୍ବେଲାଇନ୍' ନବୀନଚନ୍ଦ୍ର ବରଦୋଲାଇଙ୍କ ଦ୍ୱାରା 'ତାରା' ନାମରେ; 'ମାକ୍‌ବେଥ' ଦେବାନନ୍ଦ ଭାରିଲିଙ୍କ ଦ୍ୱାରା 'ଭୀମଦର୍ପ' ନାମରେ ଏବଂ 'ରୋମିଓ ଏଣ୍ଡ ଜୁଲିଏଟ୍' ପଦ୍ମଧର ଚଲିହାଙ୍କ ଦ୍ୱାରା 'ଅମରଲୀଳା' ନାମରେ ଭାଷାନ୍ତରିତ ହୋଇ ପ୍ରକାଶିତ ହେଲା । ଏଇ ସବୁ ନାଟକ ଅନୁବାଦ କଲାବେଳେ ଅନୁବାଦକଗଣ ନାଟକରେ ଚରିତ୍ରମାନଙ୍କୁ ଇଂରାଜୀ ନାମ ବଦଳରେ ଅସମୀୟା ନାମ ଦେଲେ କିନ୍ତୁ କୌଣସିଟି ନାଟକ ଅସମୀୟା ରଙ୍ଗମଞ୍ଚରେ ଯଶ ଅର୍ଜନ କରିପାରିଲା ନାହିଁ । କୌଣସି ସଫଳ ନାଟ୍ୟକାର ରକ୍ତମାଂସ ଦେଖେନାହିଁ ଜୀବନ ସହିତ ତାକୁ ନ ମିଳାଇ. ଯଦି ତା କରାଯାଏ ତେବେ ଆମେ କେବଳ ମାଂସ ପାଇବୁ, ଜୀବନ ବ୍ୟତୀତ, ଗୋଳ ନ ହୋଇ ଚେପ୍‌ଟା ଏବଂ ଶକ୍ତିହୀନ ।

ଦୁର୍ଭାଗ୍ୟକୁ କ୍ଷେତ୍ରଜେଣ୍ଣ ସମ୍ଭାବନାମାନଙ୍କୁ ବାଦ ଦେଲେ, ଇଂରାଜୀ ନାଟକକୁ ଆମ ଭାଷାରେ ପୂରାଇବାକୁ ଚେଷ୍ଟାକରୁଥିବା ନାଟ୍ୟକାରଗଣ ଗୁଡ଼ିଏ ବିଚିତ୍ର ପଥଚାରୀ ଅନ୍ଧପରି ବିଲାତର ଅଜଣା ରାସ୍ତାରେ ବୁଲିଛନ୍ତି, ପରସ୍ପରକୁ ଦେଖାଉଛନ୍ତି ଇଂରାଜୀ ମାଲିକମାନଙ୍କ ନିର୍ମିତ ରମଣୀୟ ସ୍ଥାନସବୁକୁ ଏବଂ କହୁଛନ୍ତି ବିଦେଶୀ ମାଟିରେ ସେସବୁ ନିର୍ମାଣ କରିବା ପାଇଁ ।

## ୧୯୪୭ ଓ ପରେ

ଦ୍ୱିତୀୟ ମହାସମର ପରେ ଏବଂ ସ୍ୱାଧୀନତା ପାଇବା ଠାରୁ ଅସମୀୟା ସାହିତ୍ୟ ଏକ ନୂତନ ସୃଷ୍ଟି ଯୁଗରେ ପ୍ରବେଶ କଲା ଏବଂ ଲେଖକବର୍ଗ ନୂତନ ବିଷୟବସ୍ତୁର ଅନୁସନ୍ଧାନରେ ରହିଲେ । ସର୍ବୋତ୍ତମ ନାଟକସବୁ ଜନସାଧାରଣଙ୍କ ସମସାମୟିକ ତ୍ରୁଟି

Digitized by srujanika@gmail.com

ଏବଂ ଆନ୍ଦୋଳନର ପ୍ରତିଛବି ହେଲା । ପ୍ରାଚୀନ ବିଷୟବସ୍ତୁର ସାମୟିକଭାବରେ ଅନ୍ତର୍ଦ୍ଧାନ ହେଲା ଏବଂ ଯାହାକିଛି ପୁରୁଣା ରହିଲା ସେସବୁ ନୂଆ ଆଲୋକରେ ନୂତନ ତର୍ଜମା ସହିତ ଭିନ୍ନ ଦୃଷ୍ଟିଭଙ୍ଗୀରେ ପ୍ରକାଶିତ ହେଲା । ଏସବୁ ସଙ୍କେତ ବା ଇଙ୍ଗିତଧର୍ମୀ । କୁହାଯାଇଛି ଯେ ଦେଶାତ୍ମବୋଧ ପୂର୍ବ ନାଟ୍ୟକାରଗଣଙ୍କୁ ବିଷୟ ନିର୍ବାଚନରେ ପ୍ରଥପ୍ରଦର୍ଶକ ଥିଲା ଏବଂ ଅହୋମ କ୍ରନିକ୍ଲ ଦେଶାତ୍ମବୋଧର ଅସରନ୍ତି ଭଣ୍ଡାର ରୂପେ ପରିଗଣିତ ହେଲା, ତା ସତ୍ତ୍ୱେ ନାଟ୍ୟକାରଗଣ ତାଙ୍କର କଳାକୁ ଚରିତ୍ରଚିତ୍ରଣ ଉପରେ ପ୍ରୟୋଗ କଲେ ଏବଂ ନିକଟ ବର୍ତ୍ତମାନର ପ୍ରଚଳିତ ଅଭ୍ୟାସର ବଶବର୍ତ୍ତୀ ହୋଇ ରାଜନୈତିକ ଓ ସାମାଜିକ 'ବାଦ' ଉପରେ ଜୋର ଦେଲେ ନାହିଁ । ଆଧୁନିକ ନାଟ୍ୟକାର ଐତିହାସିକ ନାଟକକୁ ହିନ୍ଦୁ ମୁସଲମାନ ଏକତା ପ୍ରଚାରପାଇଁ, ବା ବ୍ରିଟିଶ ରାଜଶକ୍ତିର ଭିତିରିଆ ଶାସନନୀତି ଓ ପଦ୍ଧତିକୁ ନିନ୍ଦାକରିବା ପାଇଁ, ବା ଯେଉଁମାନେ ବ୍ରିଟିଶ ସହିତ ଯୁଦ୍ଧକରି ଭାରତର ସ୍ୱାଧୀନତା ପାଇଁ ଅତ୍ୟାଗ୍ରହୀ ଏକଛତ୍ର ଶତ୍ରୁହାତରେ ଜୀବନ ବଳିଦେଇ ଶହୀଦ୍ ହୋଇଛନ୍ତି, ତାଙ୍କ ଗୌରବ ଗାନ କରିବାରେ ନିଜକୁ ନିୟୋଜିତ କଲେ । ଚନ୍ଦ୍ରକାନ୍ତ ଫୁକନଙ୍କ 'ପିଆଲୀ ଫୁକନ' ଏକ ବ୍ରିଟିଶବିରୋଧୀ ନାଟକ । ନିଜେ ଅଭିନେତା ଥାଇ ଚନ୍ଦ୍ରକାନ୍ତ ଫୁକନ ରଙ୍ଗମଞ୍ଚର ଘନିଷ୍ଠ ଜ୍ଞାନ ଓ ଦେଶାତ୍ମବୋଧତାରେ ନାଟକଟି ରଚନା କରିଛନ୍ତି । ତେଣୁ ରଙ୍ଗମଞ୍ଚ ଉପରେ ଏହା ସମାଦୃତ ହୋଇଛି । ଅହୋମ ରାଜବଂଶର ଶେଷ ବଂଶଧର ପିଆଲୀ ଫୁକନ ଗୋପନରେ ଗୁରୁ ପ୍ରଚେଷ୍ଟା କଲେ ଇଂରେଜଙ୍କୁ ଆସାମରୁ ତଡ଼ିବାପାଇଁ । ଏପରିକି ବ୍ରିଟିଶ୍ ଗୋଳାବାରୁଦ ଗୋଦାମରେ ନିଆଁ ଲଗାଇଦେଲେ କିନ୍ତୁ, ଅବଶେଷରେ ସେ ଧରାପଡ଼ି ବ୍ରିଟିଶଙ୍କଦ୍ୱାରା ଫାଶି ପାଇଲେ । ପ୍ରବୀନ ଫୁକନ୍ ଅନ୍ୟ ଏକ ବ୍ରିଟିଶ ବିରୋଧୀ ନାଟ୍ୟକାର । ତାଙ୍କ 'ମନିରାମ ଦେବାନ'ରେ ସେ ଦେଖାଇଛନ୍ତି କିପରି ଜନୈକ ଅହୋମ କର୍ମଗ୍ରହୀ ମନିରାମ ଦେବାନ କିପରି ଆସାମରୁ ବ୍ରିଟିଶ ଶାସନ ହଟାଇବା ପାଇଁ ଚକ୍ରାନ୍ତ କରିଥିଲେ ଏବଂ ସେ ମଧ୍ୟ ବ୍ରିଟିଶ ଫାଶିକାଠରେ ମୃତ୍ୟୁବରଣ କରିଥିଲେ । ଉଭୟ ନାଟକରେ ଅତୀବ ଆଧୁନିକ ଚିନ୍ତାଧାରା ପ୍ରକାଶ ପାଇଛି । ଶାରଦାକାନ୍ତ ବର୍ଦ୍ଦୋଲୋଇ ତାଙ୍କ 'ମଗ୍ରିବର ଆଜାନ'ରେ ହିନ୍ଦୁ ମୁସଲମାନ ଏକତା ପ୍ରଚାର କରିଛନ୍ତି । କିପରି ଜନୈକ ମୁସଲମାନ ଯୁବକ କରିମ, ଜନୈକା ଉପଜାତିର ହିନ୍ଦୁ କନ୍ୟାର ଜୀବନ ରକ୍ଷାକରିବାକୁ ଯାଇ ନିଜ ଜୀବନ ବିସର୍ଜନ କଲା, ଏହି ନାଟକରେ ବର୍ଣ୍ଣିତ । ଆସାମର ଗାଁ ଗଣ୍ଡାରେ କିପରି ହିନ୍ଦୁ ମୁସଲମାନ ତଥା ଉପଜାତିର ଲୋକେ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ରହନ୍ତି, ତାର ଏକ ବାସ୍ତବଚିତ୍ର ଏ ନାଟକରେ ଦେବାପାଇଁ ଲେଖକ ଚେଷ୍ଟା କରିଛନ୍ତି ।

କିନ୍ତୁ ଏ ନାଟକମାନଙ୍କରୁ ଅଧିକାଂଶ କେବଳ ସହରର ସମସ୍ୟା ନେଇ ଲିଖିତ । ପୂର୍ବ ନାଟକଗୁଡ଼ିକର ସମାଜ ସଂସ୍କାର ଉଦ୍ଦେଶ୍ୟ ସ୍ଥାନରେ ସାମାଜିକ ସମସ୍ୟାମାନଙ୍କ ଲକ୍ଷଣ ଓ କାରଣ ନିର୍ଣ୍ଣୟ ଏ ନାଟକମାନଙ୍କର ଉଦ୍ଦେଶ୍ୟ । ସେସବୁ ସମସ୍ୟା ଅନେକ କ୍ଷେତ୍ରରେ ଅର୍ଥନୈତିକ ଏବଂ ସାମାଜିକ ଯାହା ଆଜି ସହରବାସୀଙ୍କ ସମ୍ମୁଖୀନ । ନୂତନ ପରିସ୍ଥିତିରେ

Digitized by srujanika@gmail.com

ନାରୀମାନଙ୍କ ସମସ୍ୟା ମଧ୍ୟ ବିଶେଷ ଭାବରେ ସମସ୍ତଙ୍କୁ ବିବ୍ରତ କରିଛି । ଶାରଦା ବର୍ଦ୍ଦୋଲୋଇଙ୍କ 'ପହିଲା ତାରିଖ' ନିମ୍ନମଧ୍ୟବିତ୍ତ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କ ଦୁଃଖଦାୟକ ଅର୍ଥନୈତିକ ଜୀବନର ଚିତ୍ର ଦିଏ । ସେମାନଙ୍କ ମାସିକ ଦରମା, ଦରମା ମିଳିବା ଦିନହିଁ ଶେଷ ହୋଇଯାଏ, ପୂର୍ବମାସ ଧାର କରିଥିବା ଋଣ ଶୁଝିବାରେ ।

ଅଲ୍ ଇଣ୍ଡିଆ ରେଡିଓର ଗୁଆହାଟୀ ଏବଂ ସିଲଙ୍ଗ କେନ୍ଦ୍ର ସ୍ଥାପିତ ହେଲା ପରଠାରୁ ଏକାଙ୍କିକା ବେଶ୍ ଲୋକପ୍ରିୟ ହୋଇଉଠିଛି । ଏହି ଏକାଙ୍କିକା ମଧ୍ୟ କେତୋଟି ସାହିତ୍ୟ କ୍ଷେତ୍ରରେ ବେଶ୍ ନାମକରା । ଏହି ନାଟକସବୁ କଥାବସ୍ତୁ ଉପରେ ଜୋର୍ ନ ଦେଇ ଗୋଟିଏ ପରସ୍ଥିତି ଉପରେ ଜୋର୍ ଦେଇଥାନ୍ତି ଏବଂ ଆଜିର ସମାଜରେ ପୁରୁଷ ଓ ସ୍ତ୍ରୀମାନଙ୍କ ମାନସିକ ଦ୍ଵନ୍ଦ୍ଵ ଚିତ୍ରିତ ହୋଇଥାଏ, ଯାହା ଅର୍ଥନୈତିକ ଓ ସମାଜର ଦୁଃଖ ଦୁର୍ଦ୍ଦଶାରୁ ଉଦ୍ଭୂତ । କୌଣସି ଏକ ଚରିତ୍ର, ପରିସ୍ଥିତି ବା ସମସ୍ୟା ଉପରେ ଏ ସବୁ ଅଧ୍ୟୟନ ବୋଲାଯିବ । କ୍ଷୁଦ୍ର ଗଳ୍ପର କଳାକୌଶଳ ସହିତ ଏମାନଙ୍କ ଗଠନପ୍ରଣାଳୀର ସାମଞ୍ଜସ୍ୟ ରହିଛି । ଅସମୀୟା ସାହିତ୍ୟରେ ପ୍ରଥମ ଉଦ୍ଭୂତ ଉଚ୍ଚାଙ୍ଗ ଏକାଙ୍କିକା ହେଲା 'ଏ ବେଲାର ନାଟ' । ଗୋଟିଏ ବଂଶର ବାପା, ମାଆ ପୁଅ ଏବଂ ଝିଅଙ୍କ ସଂଘର୍ଷ ଓ ଆଦର୍ଶ ଏଥିରେ ଚିତ୍ରିତ । କିଏ ପୁରୁଣା ମୂଲ୍ୟବୋଧକୁ ଜାବୁଡ଼ି ଧରିଛି ଓ ଅନ୍ୟମାନେ କଡ଼ାକଡ଼ି ଭାବରେ ନୂଆକୁ ଧରିଛନ୍ତି -- ସବୁ ଘଟଣା ଅଧା ଦିନରେ ଆବଦ୍ଧ । ବିଷୟବସ୍ତୁର ଉନ୍ନତି ବା ବୃଦ୍ଧି ଓ ସଂଳାପର ବ୍ୟବସ୍ଥା ଏମିତି କୌଶଳର ସହିତ ହୋଇଛି ଯେ ଚରିତ୍ର ଓ ଘଟଣାମାନଙ୍କୁ କୌଣସି ବ୍ୟକ୍ତି ବା ସ୍ଥାନବିଶେଷ ପ୍ରତି ପ୍ରଯୁଜ୍ୟ କରିବା ବହୁକଷ୍ଟକର ବ୍ୟାପାର । ନାଟକଟି ଏମିତି ଗଢ଼ାହୋଇଛି ଯେ ଏହା ଜାତିବର୍ଣ୍ଣର ଉର୍ଦ୍ଧ୍ଵକୁ ଉଠି ବ୍ୟାପକ ପରିସର ସ୍ପର୍ଶକରେ । ଆଗାମୀ କାଳରେ ଏକାଙ୍କିକା କେବଳ ଏକମାତ୍ର ନାଟକୀୟ ମନୋରଞ୍ଜନ, ଯାହା ବିଭିନ୍ନ ରୁଚିର ଲୋକଙ୍କର ଆଦରଣୀୟ ହେବ ।

❑ ❑ ❑

Digitized by srujanika@gmail.com

## ପରିଚ୍ଛେଦ -- ନଅ

## ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ

ବ୍ରିଟିଶ୍ ଶାସନଦ୍ୱାରା ପ୍ରବର୍ତ୍ତିତ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ପରେ ପରେ ଆସାମରେ ଉପନ୍ୟାସ ଆସିଲା ଏବଂ ପାଶ୍ଚାତ୍ୟ ସାହିତ୍ୟରୁ ପ୍ରେରଣା ଲାଭ କଲା । 'ଅରୁଣୋଦୟ'ର ପୃଷ୍ଠାରେ ବାନିୟାନ୍‌ଙ୍କ 'ପିଲ୍‌ଗ୍ରୀମ୍‌ସ୍ ପ୍ରଗ୍ରେସ'ର ଅସମୀୟା ଅନୁବାଦ 'ଯାତ୍ରୀକାରର ଯାତ୍ରା' ନାମରେ ଧାରାବାହିକ ରୂପେ ପ୍ରକାଶିତ ହୋଇଥିଲା । 'କାମିନୀକାନ୍ତ' 'ଫୁଲମନି ଆରୁ କରୁନା' ଉଭୟେ ଖ୍ରୀଷ୍ଟିୟାନ୍ ଧର୍ମଗ୍ରନ୍ଥର ଗଳ୍ପ ନେଇ ଲିଖିତ । ୧୮୮୦ ସାଲରେ ପଦ୍ମାବତୀ ଦେବୀ ଫୁକନାନୀଙ୍କ 'ସୁଧର୍ମାର ଉପାଖ୍ୟାନ' ପ୍ରକାଶିତ ହେଲା, ଯାହା ଅସମୀୟା ନାରୀଦ୍ୱାରା ଲିଖିତ ପ୍ରଥମ ଉପନ୍ୟାସରୂପେ କିଛିକିଛି ଖ୍ୟାତି ଲଭିଥିଲା ଏବଂ ଯହିଁର ଆଭ୍ୟନ୍ତରୀଣ ମୂଲ୍ୟ କିଛିନାହିଁ ବୋଲି କୁହାଯାଇ ପାରିବନାହିଁ । କିନ୍ତୁ ପ୍ଲଟ ବା ଆଖ୍ୟାନର ପାଖାପାଖି ବୋଲି ଯାହାକୁ କୁହାଯାଇପାରେ ତାର ପ୍ରଥମ ପ୍ରଚେଷ୍ଟା ହେମଚନ୍ଦ୍ର ବରୁଆଙ୍କ 'ବାହିରେ ରଙ୍ଗଚଙ୍ଗ ଭିତରେ କୋୱା ଭାତୁରୀ'ରେ ହୋଇଥିଲା । ଯେଣୁ ତତ୍କାଳୀନ ସମାଜ ଓ ଧର୍ମସଂସ୍କାର ଉଦ୍ଦେଶ୍ୟରେ ଏ ଉପନ୍ୟାସ ଲିଖିତ, ବାସ୍ତବତା ଓ ଚରିତ୍ର ଚିତ୍ରଣ ସମନ୍ୱୟର ଅଧିକ ଉନ୍ନତି ପ୍ରଥମକରି ଏଥିରେ ଦେଖାଦେଇଥିଲା । ସାମାଜିକ ଉପନ୍ୟାସ ପରେ ପରେ ଐତିହାସିକ ଉପନ୍ୟାସର ଲେଖା ଆରମ୍ଭ ହେଲା ଏବଂ ଏ ଶ୍ରେଣୀର ଲେଖା ଓ ଲେଖକ ମଧ୍ୟରେ ଲକ୍ଷ୍ମୀନାଥ ବେଜବରୁଆ ଅଗ୍ରଣୀ । ତାଙ୍କର 'ପଦୁଅଁ କୁଆଁରୀ' ହେଲା ଏକ ପ୍ରେମ କାହାଣୀ, ଯହିଁରେ ପଦୁଅଁ ଏବଂ ସୂର୍ଯ୍ୟଙ୍କ ବିୟୋଗାତ୍ମକ କରୁଣ ପ୍ରେମ ବର୍ଣ୍ଣିତ । ପ୍ରଭାବ ଓ ପ୍ରତିପତ୍ତିଶାଳୀ କାମରୂପର ଦୁଇ ଜମିଦାର ହରଦତ୍ତ ଏବଂ ବୀରଦତ୍ତ ଯଥାକ୍ରମେ ପଦୁଅଁର ବାପ ଓ କକାଙ୍କ ଆହୋମ ସିଂହାସନ ବିରୋଧରେ ବିଦ୍ରୋହ କାହାଣୀ ଭିତରେ ଏହା ସନ୍ନିବେଶିତ । ବିଦ୍ରୋହ ଓ ସଂଘର୍ଷ ଭିତରେ ମଧ୍ୟ କୋମଳ ପ୍ରଣୟ କାହାଣୀର ସ୍ୱାଭାବିକ ପ୍ରଗତି ହୋଇଛି ଏବଂ ଲେଖକ ଯୁଗର ଆତ୍ମା ଓ ବାତାବରଣକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରିବାରେ ଅନେକ୍ ସାଫଲ୍ୟ ଅର୍ଜନ କରିଛନ୍ତି । ତନ୍ନତନ୍ନ ବର୍ଣ୍ଣନା ଫଳରେ ବାସ୍ତବତାର ଭ୍ରମ ଉପୁଜେ ଏବଂ ଚିନ୍ତାଧାରାର ସ୍ପଷ୍ଟତା ଏବଂ ସମ୍ମିଶ୍ରଣର ଆନନ୍ଦ ଏବଂ ବୟନ ଚାତୁରୀ ଏକତ୍ରକରି ଔପନ୍ୟାସିକ ଏକ ବିଚିତ୍ର ଚିତ୍ର ସୃଷ୍ଟି କରନ୍ତି । ପଦ୍ମନାଥ ଗୋହାଇଁ ବରୁଆ ଦୁଇଟି ଉପନ୍ୟାସ ରଚନା କରିଥିଲେ; 'ଲାହରୀ' ଏବଂ 'ଭାନୁମତୀ'; ଯୋଡ଼ିକଯାକ ପ୍ରେମକୁ କେନ୍ଦ୍ରକରି ଲିଖିତ । ଉଭୟର ପୃଷ୍ଠଭୂମି ଆହୋମ କାଳ । ଇତିହାସକୁ ପୃଷ୍ଠଭୂମି କରିଥିଲେ ମଧ୍ୟ କୌଣସିଟିର ଇତିହାସ ସହିତ ସମ୍ପର୍କ ନାହିଁ । ତା'ଛଡ଼ା ଉଭୟ କ୍ଷେତ୍ରରେ ବିଷୟବସ୍ତୁର

Digitized by srujanika@gmail.com

ପ୍ରଗତି ନାହିଁ, ଚରିତ୍ର ଚିତ୍ରଣରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ନାହିଁ ବା ଉଭୟ ମଧ୍ୟରେ କିଛି ବିଶେଷତ୍ୱ ନାହିଁ ।

ରଜନୀକାନ୍ତ ବର୍ଦ୍ଦୋଲୟିଙ୍କ ସାହିତ୍ୟର ଅନ୍ୟାନ୍ୟ ବିଭାଗକୁ ଅବଦାନ ଥିଲେ ମଧ୍ୟ ଔପନ୍ୟାସିକ ରୂପେ ସେ ସର୍ବତ୍ର ବିଦିତ । ତାଙ୍କର ଅତୀତ ପ୍ରତି ତଥା ଆସାମର ସାଂସ୍କୃତିକ ଏବଂ ସାହିତ୍ୟିକ ପରମ୍ପରା ପ୍ରତି ସମ୍ମାନ ଅଛି ଏବଂ ସେ ସର୍ବଦା ଉଚ୍ଚ ଆଦର୍ଶବାଦ ଦ୍ୱାରା ଅନୁପ୍ରାଣିତ । ତାଙ୍କ ଉପନ୍ୟାସମାନ ଆସାମର ସମୃଦ୍ଧ ପରମ୍ପରାପ୍ରତି ସମ୍ମାନ ଜାଗ୍ରତ କରିବାପାଇଁ ଉଦ୍ଦିଷ୍ଟ । ଜନସାଧାରଣଙ୍କ ଆଗରେ ସେ ଉଚ୍ଚ ନୈତିକ ଆଦର୍ଶ ଟେକି ଧରିଥିଲେ ଏବଂ ମଣିଷର ଦୁର୍ବଳତା ପ୍ରତି ସମଭାବ ରଖି ସେ ଏକ ମାନବିକ ରସାତ୍ମକ ନାଟକ ଲେଖିବାକୁ ଚେଷ୍ଟା କରିଥିଲେ । ଯେପରିକି ସେ ଜଣେ ପଥିକ, ଗୋଟାଏ ଜନାକୀର୍ଣ୍ଣ ସହରରୁ ବା ଜନପଦରୁ ଅନ୍ୟ ଏକ ସ୍ଥାନକୁ ହୃଦୟରେ ପ୍ରଚୁର ମଣିଷସୁଲଭ ସମବେଦନା ନେଇ ଯାତ୍ରା କରୁଛନ୍ତି । ତାଙ୍କର ବିଶ୍ୱାସ ଥିଲା ଜୀବନ ଏକ ଏବଂ ପରସ୍ପର ସ୍ନେହ ସୌହାର୍ଦ୍ଦ୍ୟ ପାଇଁ କିଛି ଅର୍ଥ ଲୋଡ଼ା ନାହିଁ ଅଥଚ ଅଶାନ୍ତି ଅସୁଖ ଦୂର କରିପାରିବା । ମୌଳିକ ବୋଲି ପରିଗଣିତ ହେଉଥିବା ଭାବସବୁର ଉତ୍ପତ୍ତିସ୍ଥଳ ହେଲା ମଣିଷର ହୃଦୟ ଯାହା ଜାତି, ଶ୍ରେଣୀ, ସମ୍ପ୍ରଦାୟର ଭେଦ ରଖେ ନାହିଁ । ଆମର ଔପନ୍ୟାସିକମାନଙ୍କ ମଧ୍ୟରେ ସେ ହିଁ ଅତୀବ ଉଦାର ହୃଦୟ ଓ ସୁଖଦାୟକ ।

ସାର୍ ୱାଲ୍‌ଟାର୍ ସ୍କଟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ତାଙ୍କପରି ପଥପ୍ରାନ୍ତର ଶୋଭାଦ୍ୱାରା ଆକୃଷ୍ଟ ଓ ମୁଗ୍ଧହୋଇ ହାସ୍ୟରସ ତଥା ସଂକ୍ରାମକ ଆନନ୍ଦରେ ବର୍ଦ୍ଦୋଲୋଇ ବିଶିଷ୍ଟ ବଙ୍ଗାଳୀ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କ ପରି ଆସାମର ଜାତୀୟ ସ୍ଥିତିର ଏକ ସନ୍ଧିକ୍ଷଣରେ ସାମାଜିକ ତଥା ଐତିହାସିକ ଚିତ୍ର ଆଙ୍କିବା ପାଇଁ କଲମ ଧରିଥିଲେ ଏବଂ ଯେଉଁ ସାହିତ୍ୟ ସେ ସୃଷ୍ଟିକଲେ ତାହା ଦାର୍ଶନିକ ଗଭୀରତା, ଜୀବନର ବିଶ୍ୱସ୍ତ ଛବି, ସମାଲୋଚନା, ବର୍ଣ୍ଣନା ସର୍ଜନାତ୍ମକ କଳ୍ପନା ଏବଂ ଆକର୍ଷଣ ଶକ୍ତି ପାଇଁ ଅଦ୍ୟାପି ସ୍ଥାୟୀ ହୋଇ ରହିଛି । ଐତିହାସିକ ଉପନ୍ୟାସ ରଚୟିତାଗଣ ସାଧାରଣତଃ ସ୍ୱଳ୍ପ ସମୟପାଇଁ ବିଶେଷ ଖ୍ୟାତି ଅର୍ଜନ କରିଥାନ୍ତି ଏବଂ ତା'ପରେ ସିଂହାସନଚ୍ୟୁତ ହୁଅନ୍ତି । କିନ୍ତୁ ବର୍ଦ୍ଦୋଲାଇ ଅସମୀୟା ଉପନ୍ୟାସ ରାଜ୍ୟରେ କଦାପି ପ୍ରତିଷ୍ଠା ହରାଇନାହାଁନ୍ତି । ତାଙ୍କ ଐତିହାସିକ ଉପନ୍ୟାସମାନ ଚିରସ୍ଥାୟୀ ଭିତ୍ତିଚିତ୍ର । ସ୍କଟ୍ ଓ ବଙ୍କିମଚନ୍ଦ୍ରଙ୍କ ପରି ବର୍ଦ୍ଦୋଲାଇ ସାହିତ୍ୟ-କ୍ଷେତ୍ରରେ ଶକ୍ତିମାନ ସମ୍ରାଟ୍ ଥିଲେ । 'ମିରିଜିୟାରୀ'କୁ ଛାଡ଼ି ତାଙ୍କର ଅନ୍ୟସବୁ ଉପନ୍ୟାସର ଐତିହାସିକ ପୃଷ୍ଠପଟ ରହିଛି । ୧୮୯୫ ରେ ଲିଖିତ ତାଙ୍କର ଏ ପୁସ୍ତକଟି ପ୍ରଥମ ଉପନ୍ୟାସ । ଏଥିରେ ଦୁଇ ତରୁଣ ମିରିଙ୍କ କରୁଣ ପ୍ରେମକାହାଣୀ ବର୍ଣ୍ଣିତ ଏବଂ ଆଦିବାସୀ ଜୀବନ ଉପରେ ଆଧାରିତ ପ୍ରଥମ ଉପନ୍ୟାସ ବୋଲି ନିଃସଂକୋଚରେ କୁହାଯାଇପାରେ ।

Digitized by srujanika@gmail.com

'ମନୋମତୀ' (୧୯୦୦) ହେଉଛି ବର୍ଦ୍ଦୋଲୋଇଙ୍କ ଶ୍ରେଷ୍ଠ କୃତି । ଆହୋମ ରାଜତ୍ୱର ଶେଷ ବର୍ଷମାନଙ୍କରେ ବ୍ରହ୍ମଦେଶର ଆସାମ ଆକ୍ରମଣର ପୃଷ୍ଠଭୂମିରେ ଯେବେ ନିରାପତ୍ତା ଓ ସ୍ଥିରତା ଉଭୟ ସମାଜ ଓ ରାଜନୀତି କ୍ଷେତ୍ରରେ ନଥିଲା ସେହି ସମୟରେ ଏ ଉପନ୍ୟାସରେ ଲକ୍ଷ୍ମୀକାନ୍ତ ଏବଂ ମନୋମତୀର ଚରିତ୍ର ଓ ମନୋବଳ ଏଥିରେ ସ୍ପଷ୍ଟ ପ୍ରତିଫଳିତ ଏବଂ ତାହା ସଦାସର୍ବଦା ଆମ ମନକୁ ଆନ୍ଦୋଳିତ କରେ । ଇଂରେଜ କବିଙ୍କ ଉକ୍ତି ଉଦ୍ଧାରକରି ଆମେ କହିପାରୁ "ଆଶୀର୍ବାଦ ଏବଂ ପ୍ରାର୍ଥନା ରାଜଦଣ୍ଡ ଏବଂ ବିଜୟ ପତାକାଧାରୀଙ୍କ ଅନୁଗାମୀଙ୍କଠାରୁ ବେଶୀମାତ୍ରାରେ ଏ ଦୁଇ ପ୍ରେମିକ ପ୍ରେମିକାଙ୍କୁ ଅନୁସରଣ କରିଥାନ୍ତି" । 'ରଙ୍ଗିଲୀ' (୧୯୨୫) ର ମଧ୍ୟ ସେଇ ଘନକୃଷ୍ଣ ଐତିହାସିକ ପୃଷ୍ଠପଟ । ବ୍ରହ୍ମଦେଶର ଆକ୍ରମଣ, ସାମାଜିକ ଏବଂ ରାଜନୈତିକ ବିଶୃଙ୍ଖଳା, ଦରବାରୀ ଚକ୍ରାନ୍ତ, ଭିତରେ ଜନୈକା ଆଦର୍ଶ ନାରୀର ଚରିତ୍ର ସ୍ୱର୍ଗୀୟ ଜ୍ୟୋତି ବିକୀରଣ କରେ । ଚରିତ୍ରବତୀ ଏବଂ ମହିୟସୀ ମହିଳା ରଙ୍ଗିଲୀଙ୍କ ମର୍ତ୍ତ୍ୟସୁଲଭ ପ୍ରେମ ରହିଛି କିନ୍ତୁ ଏହି ପ୍ରେମ କ୍ରମଶଃ ସ୍ୱର୍ଗୀୟ ପ୍ରେମରେ ପରିଣତ ହୋଇଛି । ଔପନ୍ୟାସିକ ସୂଚାଇ ଦେଇଅଛନ୍ତି ଯେ ରଙ୍ଗିଲୀର ଧୈର୍ଯ୍ୟ ଓ ସମ୍ଭ୍ରମ କେବଳ ଏକ ସମ୍ଭ୍ରାନ୍ତ ପରିବାରର ଆକସ୍ମିକ ଗୁଣ ନୁହେଁ, ତାଙ୍କ ଦୁଃଖଯାତନା ତତ୍‌କାଳୀନ ପତନୋନ୍ମୁଖୀ ସମାଜର ଲକ୍ଷଣ । ଅନ୍ୟ ଏକ ଐତିହାସିକ ଉପନ୍ୟାସ ହେଲା 'ରହଦୈଲିଗିରୀ' ଯହିଁରେ ବିଶୁଦ୍ଧପ୍ରେମର ଆଦର୍ଶ ପ୍ରଦତ୍ତ । ରହଦୈ ହେଲା ଜନୈକା ସରଳା ଯୁବତୀ ଯେ କି ଏକ ସରଳ, ସାଧାରଣ ଯୁବକ ଦୟାରାମ ସହିତ ଗଭୀର ପ୍ରେମରେ ପଡ଼ିଯାଇଛି । ରହଦୈର ଦୟାରାମ ପ୍ରତି ନିରୀହ ଏବଂ ଗଭୀର ପ୍ରେମ ଧୀରସ୍ଥିର ଭାବରେ ପ୍ରଜ୍ୱଳିତ ହୋଇ ସ୍ଥଳିଛି ଯଦିଓ ଚତୁର୍ଦ୍ଦିଗରେ ରାଜକୀୟ କ୍ରୋଧ, ଅଭାବ ଅନାଟନ ଏବଂ ପ୍ରଲୋଭନର ତୋଫାନ ପ୍ରଚଣ୍ଡ ଗତିରେ ପ୍ରବାହିତ । ଯେତେବେଳେ ବଳାତ୍କାର ଅତିବେଶୀ ପୀଡ଼ାଦାୟକ ହୋଇଛି, ସେ ଯୋଗାଭ୍ୟାସ କରିଛି ଏବଂ ତଦ୍ୱାରା କେବଳ ଯେ ନିଜକୁ ରକ୍ଷା କରିଛି ତା ନୁହେଁ ଦୟାରାମର ମାନସିକ ପରିବର୍ତ୍ତନ ମଧ୍ୟ ଘଟାଇଛି । 'ନିର୍ମଳ ଭକତ' (୧୯୨୫) ରେ ବର୍ଣ୍ଣିତ ହୋଇଛି, କିପରି ନିର୍ମଳ ଦ୍ୱିତୀୟବାର ବ୍ରହ୍ମଦେଶର ଆକ୍ରମଣ କାଳରେ ବନ୍ଦୀ ହୋଇଛି ଏବଂ କିପରି ଦୀର୍ଘଦିନ ବ୍ରହ୍ମଦେଶରେ ନିର୍ବାସନ ପରେ ନିଜ ଘରକୁ ଫେରିଛି ଏବଂ ଦେଖିଛି କେବଳ ଯେ ଦେଶ ବଦଳ ହୋଇଛି ତା ନୁହେଁ ନିଜ ଘରର ମଧ୍ୟ ବହୁତ ପରିବର୍ତ୍ତନ ଆସିଛି, ଏପରିକି ତା ନିଜ ସ୍ତ୍ରୀ ଅନ୍ୟ ଜଣକୁ ବିବାହ କରିଛି । ନିର୍ମଳ କିନ୍ତୁ ଜୀବନ ପ୍ରତି ହତାଶ ହୋଇନାହିଁ, ସେ ବୈଷ୍ଣବ ଭକ୍ତ ହୋଇଛି ଏବଂ ଜୀବନର ଅବଶିଷ୍ଟାଂଶ ଧର୍ମ ଓ ଶାନ୍ତିରେ କଟାଇଛି, ଯଦ୍ୱାରା ଉପନିଷଦର ଦ୍ରଷ୍ଟାଙ୍କ ଭାଷାରେ "ଯାହା ଶୁଣା ନଥିଲା ଶୁଣା ଯାଇଛି, ଯାହା ଚିନ୍ତାକରି ହେଉନଥିଲା ତାହା ଚିନ୍ତା କରି ହେଉଛି ଏବଂ ଯାହା ବୁଝି ହେଉନଥିଲା ବୁଝି ହେଉଛି ।" [illegible]

[illegible] ଇତିହାସର ପଛଭୂମିରେ ସୁସ୍ପଷ୍ଟ ଭୌଗୋଳିକ ରେଖାନେଇ 'ତାମ୍ରେଶ୍ୱରୀ ମନ୍ଦିର',

Digitized by srujanika@gmail.com

ଏକ ପ୍ରେମାସକ୍ତ ଯୁଗଳଙ୍କ (ଧନେଶ୍ୱର ଏବଂ ଅଘୋନି) କାହାଣୀ ବର୍ଣ୍ଣନା କରିଛି । ସେ ଦୁହିଁଙ୍କ ମିଳନ ନାନା ବାଧାବିଘ୍ନ ଭିତରେ । ମନ୍ଦିରର ପ୍ରତ୍ୟକ୍ଷ, ସଙ୍କେତ ତନ୍ତ୍ରବିଦ୍ୟା ସେ ଭିତରୁ ଗୋଟିଏ । ଦୀର୍ଘକାଳ ଧରି ବିଳମ୍ବିତ ମିଳନ ସମ୍ଭବ ହୋଇଛି ବୈଷ୍ଣବଧର୍ମର ତନ୍ତ୍ରବିଦ୍ୟା ଉପରେ ଏବଂ ଅନ୍ଧ ପୂଜାପଟଳ ଉପରେ ସର୍ବଜୟୀ ପ୍ରେମର ବିଜୟଦ୍ୱାରା । ଘଟଣାବଳି ପ୍ରାୟଶଃ 'ନିର୍ମଳ ଭକତ' ବର୍ଣ୍ଣନାର ସମସାମୟିକ ।

'ଦୁନ୍ଦୁରା ଦ୍ରୋହ'ରେ କାମରୂପର ଜନସାଧାରଣଙ୍କ ଆହୋମ ଶାସନ ବିରୋଧରେ ବିଦ୍ରୋହର ବର୍ଣ୍ଣନା ଲିପିବଦ୍ଧ । ଗୁଆହାଟିରେ ଆହୋମ ଭାଇସ୍‌ରାୟ ବଦନ ଚନ୍ଦ୍ରଙ୍କ କୁଶାସନ ଓ ଅତ୍ୟାଗ୍ରର ବିରୋଧରେ ଉତ୍ତେଜିତ ହୋଇ ଦୁଇ ଭ୍ରାତା ହରଦତ୍ତ ଓ ବୀରଦତ୍ତଙ୍କ ନେତୃତ୍ୱରେ କାମରୂପର ଲୋକେ ବିଦ୍ରୋହ କଲେ । ବୀରଦତ୍ତ ସଂଗ୍ରାମକରି ହତ ହେଲେ । ହରଦତ୍ତ ଧୃତହୋଇ ସାମରିକ ଅଦାଲତ ସମ୍ମୁଖୀନ ହେଲେ ଏବଂ ତାଙ୍କ କନ୍ୟା କାଳେ ଧରାପଡ଼ିଯିବେ ଏହି ଭୟରେ ବ୍ରହ୍ମପୁତ୍ର ନଦୀ ଗର୍ଭକୁ ଡେ଼ଇଁ ଆତ୍ମହତ୍ୟା କଲେ । ଗ୍ରନ୍ଥରେ ଯେଉଁ ଆଖ୍ୟାନ ସବୁ ଦିଆଯାଇଛି ସେଗୁଡ଼ିକ ୧୮୦୦ ସାଲ ପାଖାପାଖି ଇତିହାସର ଘଟଣା । ସେସବୁକୁ ଜୀବନ୍ତ କରିବାପାଇଁ ପ୍ରେମଗଳ୍ପ ମଧ୍ୟ ଭିତରେ ଭିତରେ ପୁରାଇ ଦିଆଯାଇଛି । ଅନ୍ୟ ଏକ ରଜନୀକାନ୍ତ ବର୍ଦ୍ଦୋଲାଇଙ୍କ 'ରାଧା - ରୁକ୍ମିଣୀ' ଐତିହାସିକ ଉପନ୍ୟାସ । ବୈଷ୍ଣବଧର୍ମର ମୋଡ୍ଡାମେରିଆ ସମ୍ପ୍ରଦାୟର ଆହୋମ ରାଜତ୍ୱ ବିରୋଧରେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ହୋଇଥିବା ବିଦ୍ରୋହ ଏଥିରେଃ ଲିପିବଦ୍ଧ । ଏ ଉପନ୍ୟାସରେ ଦୁଇ ମୋଭ୍ଭାମେରିଆ ନାୟିକା ରାଧା ଏବଂ ରୁକ୍ମିଣୀଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ବର୍ଣ୍ଣିତ । ଐତିହାସିକ ବାତାବରଣ ହେଲେ ମଧ୍ୟ ବର୍ଦ୍ଦୋଲୋଇ ଇତିହାସର ପୁନଃ ସୃଷ୍ଟି କରିବା ଲକ୍ଷ୍ୟ ନ ରଖି ନାରୀ ଓ ପୁରୁଷଙ୍କ ଜୀବନ କଳ୍ପନା ବଳରେ ଉପସ୍ଥାପିତ କରିବାର ଅଭିପ୍ରାୟ ରଖିଥାନ୍ତି । ଏହାଦ୍ୱାରା ଯେ ସେ ସ୍ୱଳ୍ପ ସାଫଲ୍ୟ ହାସଲ କରିଛନ୍ତି ତାହା ନୁହେଁ । ବର୍ଦ୍ଦୋଲୋଇଙ୍କ ନାରୀ ଚ଼ରିତ୍ରମାନଙ୍କ ସ୍ୱତନ୍ତ୍ର ଆକର୍ଷଣ ରହିଛି । ପ୍ରେମ, ବିଶ୍ୱାସ, କୋମଳତା, ମାନସିକ ସମ୍ପଦ, ସଂକଳ୍ପ, ଅସାଧାରଣ ସାହସିକତା, ଯାହା ସେମାନେ ବିପଦକାଳରେ ଦେଖାଇଥା'ନ୍ତି ଏହିସବୁ ଗୁଣାବଳୀ ବର୍ଦ୍ଦୋଲୋଇଙ୍କ ନାରୀଚ଼ରିତ୍ରକୁ ପ୍ରଶଂସାଭାଜନ କରିଥା'ନ୍ତି । ତଥାପି ଔପନ୍ୟାସିକ ସେମାନଙ୍କ ପୂର୍ଣ୍ଣାଙ୍ଗ ଛବି ଦେବାରେ କୁଣ୍ଠାପ୍ରକାଶ କରିଥା'ନ୍ତି । ପରନ୍ତୁ ସେ ବିଷୟବସ୍ତୁ ଅସାଧାରଣ ରୋମାଞ୍ଚକର ଘଟଣା ଏବଂ ଗ୍ରନ୍ଥଲ୍ୟକର କ୍ରିୟାକାଣ୍ଡରେ ମନୋନିବେଶ କରି ବିଚ଼ିତ୍ର କଳାର ନିଦର୍ଶନ ଦେଇଥା'ନ୍ତି । ବର୍ଦ୍ଦୋଲୋଇଙ୍କ ଉପନ୍ୟାସର ଆଉ ଗୋଟିଏ କଥା କହିବାକୁ ପଡ଼ିବ, ଯାହା ହେଲା ମଣିଷ ଜୀବନର ସତ୍ୟ, ଶିବ ଓ ସୁନ୍ଦରର ପ୍ରଦର୍ଶନ । ଲେଖକଙ୍କର ତାନ୍ତ୍ରିକତା ଓ ବୈଷ୍ଣବ ଧର୍ମପ୍ରତି ଶ୍ରଦ୍ଧାଭାବ ଉପନ୍ୟାସରେ ଉନ୍ମୁକ୍ତ ହୋଇଯାଇଛି ଏବଂ ତାନ୍ତ୍ରିକତାର ବ୍ୟାଖ୍ୟାନ କରିବାକୁ ଯାଇ ସେ ବଙ୍କିମଚନ୍ଦ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଉପନ୍ୟାସର କଥାବସ୍ତୁ

Digitized by srujanika@gmail.com

କୌଶଳରେ ପ୍ରସ୍ତୁତ କରାଯାଇଛି ସତ କିନ୍ତୁ ଲେଖକ ଆଦୌ ଦ୍ୱିଧାଗ୍ରସ୍ତ ହୁଅନ୍ତି ନାହିଁ । ଲୋକଙ୍କ ବିଶ୍ୱାସରୁ ବା ଅନ୍ଧକାରମୟ ଅଦୃଶ୍ୟମାନ ଛାୟାନ୍ଧକାରରୁ କଥା ସଂଗ୍ରହ କରିବାକୁ ସେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

ଦଣ୍ଡିନାଥ କଲିତାଙ୍କ 'ସାଧନା' ଏବଂ 'ଆବିଷ୍କାର' ନାମକ ଦୁଇ ଉପନ୍ୟାସର ଲକ୍ଷ୍ୟ ହେଲା ସମାଜ ସଂସ୍କାର । ଉପନ୍ୟାସ ଦୁଇଟିର ଦୁଇ ନାୟକ ଦୀନବନ୍ଧୁ ଏବଂ ମାଧବ ସମାଜସଂସ୍କାର ବେଦୀରେ ନିଜ ନିଜ ବ୍ୟକ୍ତିଗତ ସ୍ୱାର୍ଥ ଆହୂତି ଦେଇଛନ୍ତି । ରମ୍ଭା ଏବଂ ପ୍ରତିମା ନାମ୍ନୀ ଦୁଇନାରୀ ଚରିତ୍ରରେ ସେ ପତିତା ନାରୀ ସମସ୍ୟା ଚିତ୍ରଣ କରି ତହିଁର ସମାଧାନ ସୂତ୍ରମଧ୍ୟ ଦେଇଛନ୍ତି । ଯୋଡ଼ିକଯାକ ଉପନ୍ୟାସରେ ଯୁକ୍ତିତର୍କରେ କ୍ଳାନ୍ତିହୀନ ଲେଖକ ସାମାଜିକ ବିବେକର ପ୍ରତିଚ୍ଛବି ଦିଅନ୍ତି ଏବଂ ସମାଲୋଚନା ଓ ବିଶ୍ଳେଷଣ ପାଇଁ ସମ୍ମୁଖରେ ସାମାଜିକ ଅନ୍ୟାୟ ଏବଂ ସଂକୀର୍ଣ୍ଣତା ତୋଳି ଧରନ୍ତି । ତାଙ୍କ ତୃତୀୟ ଉପନ୍ୟାସ 'ଗଣବିପ୍ଳବ' ଆସାମରେ ଆହୋମ ଶାସନର ଶେଷଆଡ଼କୁ ଘଟିଥିବା ମୋଭାମେରିଆ ବିପ୍ଳବର ଛବି ଦିଏ । ଇତିହାସର ବିଶ୍ୱସ୍ତଚିତ୍ର ସରଳ, ସୁସ୍ପଷ୍ଟ ଭାବରେ ଏଥିରେ ଦିଆଯାଇଛି କିନ୍ତୁ କଳ୍ପନାର ସର୍ଜନାମୂଳକ ଚରିତ୍ରଚିତ୍ରଣ ଏ ଉପନ୍ୟାସରେ ଦେଖିବାକୁ ମିଳେ ନାହିଁ ।

ଏଠାରେ ମଧ୍ୟ ସେଇ ଉର୍ବର କଳ୍ପନାର ଅଭାବ ଯାହା ତାଙ୍କର ଦୀର୍ଘ କବିତା 'ଆସାମ ସନ୍ଧ୍ୟା'ରେ ପରିଲକ୍ଷିତ ହୁଏ । କଲିତା ଉପରଠାଉରିଆ ବାସ୍ତବବାଦୀ କିନ୍ତୁ ଚରିତ୍ର ଚିତ୍ରଣ ବା ପରିସ୍ଥିତି ସମ୍ବନ୍ଧରେ ସେ ଦୃଷ୍ଟି ଦିଅନ୍ତି ନାହିଁ, ଯାହା ଜଣେ ସମାଲୋଚକ ପକ୍ଷରେ ମଣିଷମନ ଚିତ୍ରଣକାଳରେ ଏକାନ୍ତ ଆବଶ୍ୟକ ।

ଦୈବଚନ୍ଦ୍ର ତାଲୁକଦାର କାହାଣୀ ଓ ନାଟକ ଆଦି ସାହିତ୍ୟର ସମସ୍ତ ବିଭାଗରେ ହାତ ଦେଇଛନ୍ତି । କିନ୍ତୁ ଏକାଗ୍ରତା ବା ଏକନିଷ୍ଠତାର ଅଭାବ ହେଲେ ଯାହାହୁଏ ତାହା ତାଙ୍କର ହୋଇଛି ଅର୍ଥାତ୍ ସେ ମାମୁଲି ବା ସାଧାରଣ ସ୍ତରରୁ ଉପରକୁ ଉଠିପାରିନାହାନ୍ତି । 'ଅପୂର୍ଣ୍ଣ' ନାମକ ଉପନ୍ୟାସରେ ସେ ପ୍ରେମଧର ବୋଲି ଏକ ଗାଉଁଲୀ ଯୁବକର ଉତ୍ଥାନ ପତନର କାହାଣୀ ବର୍ଣ୍ଣନା କରିଛନ୍ତି । ଜୀବନରେ ନାନା ବାଧାବିଘ୍ନ ଅତିକ୍ରମ କରି ଯୁବକଟି ଅକାଳ ମୃତ୍ୟୁବରଣ କରିଛି । ତେଣୁ ତାର ଜୀବନର ଆଦର୍ଶ ଅପୂର୍ଣ୍ଣ ରହିଛି । 'ଆଗ୍ନେୟଗିରି' ଅନ୍ୟ ଏକ କନକ ନାମକ ଯୁବକର ଚରିତ୍ର ଚିତ୍ରଣ କରିଛି ଯେ କି ସମାଜ ଓ ତାର ଚଳଣି ସହିତ ଭୀଷଣ ସଂଘର୍ଷରେ ଆସିଛି । 'ବିଦ୍ରୋହ' ଅନ୍ୟ ଏକ ଉପନ୍ୟାସ ଯହିଁରେ 'ଆଗ୍ନେୟଗିରି'ର ପୂର୍ଣ୍ଣତା ଆଣିବାର ଚେଷ୍ଟା କରାଯାଇଛି । ସେ ବହିରେ ମଧ୍ୟ କନକ ମୁଖ୍ୟ ନାୟକ । ସମାଜର ଚଳଣି ବିରୋଧରେ ଯାଇ କନକର ବିଧବା ଆଇକନକୁ ବିବାହ କରେ ଏବଂ ଉଭୟେ ଜାତୀୟ ମୁକ୍ତି ଆଣିବାରେ ଚେଷ୍ଟା କରନ୍ତି । ଆଇକନ ଗ୍ରାମୋନ୍ନତି ଓ ପୁନର୍ଗଠନ କାର୍ଯ୍ୟରେ ଜଡ଼ିତ ରହିଲାବେଳେ କନକ ବିଦ୍ରୋହ ମଶାଲଧରି ସଦିୟାରୁ

Digitized by srujanika@gmail.com

ଲାହୋର ପର୍ଯ୍ୟନ୍ତ ତୋଫାନପରି ଏକସ୍ଥାନରୁ ଅନ୍ୟସ୍ଥାନକୁ ଘୁରିବୁଲେ । ଗଳ୍ପର କୌଣସି ଉଚ୍ଚ ଲକ୍ଷ୍ୟ ଥିଲାପରି ମନେହୁଏ ନାହିଁ ବା ବିଶ୍ୱାସ୍ୟ ପରିସମାପ୍ତି ନାହିଁ । ଦୁର୍ବଳ ଓ ରୁଗ୍ଣ କାହାଣୀଟି ଅସ୍ପଷ୍ଟ ଶୈଳୀ ଓ ରଙ୍ଗ ନେଇ ଇତସ୍ତତଃ ଘୁରିବୁଲେ ଅସଫଳ ରୀତିରେ, କେବଳ କାଳ୍ପନିକ ବୀରରସର ହୁଂକାର ନେଇ । ତାଙ୍କ ଗଳ୍ପସବୁ ଶବ୍ଦାଡମ୍ବରମୟ ନୀତି ଓ ପ୍ରଶ୍ନରର ଅନ୍ୟନାମ ।

ଅସମୀୟା ସାହିତ୍ୟରେ କଥା ଓ କାହାଣୀର ପରିମାଣ ସ୍ୱଳ୍ପ । ଏବଂ ପରିପକ୍ୱତା ପାଇଁ ଶେଷ ଦଶକ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଛି । ଏଇ କେତେବର୍ଷ ହେଲା ମାନ ଉଠି ଉଠି ଚାଲିଛି ଏବଂ ହିତକାରକ ଲକ୍ଷଣସବୁ ଦୃଷ୍ଟିଗୋଚର ହୋଇଛି । ପ୍ରାଚୀନ ରୋମାଣ୍ଟିକ୍ କାହାଣୀଠାରୁ ଆରମ୍ଭକରି ବାସ୍ତବଧର୍ମୀ ଏବଂ ମନସ୍ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ବିଷୟବସ୍ତୁ ଯାଏ ଉପନ୍ୟାସ ଗତିକରିଛି । ଅଧୁନାତନ କଥାକାରମାନେ ସେମାନଙ୍କ ଆଖି ପକାଇଛନ୍ତି ସମାଜଦ୍ୱାରା ଅବହେଳିତ ମଣିଷଙ୍କ ଉପରେ ଏବଂ ସେମାନଙ୍କର ସ୍ୱତନ୍ତ୍ର ସାମାଜିକ ମୂଲ୍ୟ କଳନା କରୁଛନ୍ତି । ଆସାମର ଗ୍ରାମ୍ୟଜୀବନ ଉପରେ ଆଧାରିତ ଏମିତି ଗୋଟାଏ ଉପନ୍ୟାସ ହେଲା ବୀଣା ବରୁଆ (ବିରଞ୍ଚି କୁମାର ବରୁଆଙ୍କ ଛଦ୍ମନାମ)ଙ୍କ 'ଜୀବନର ବାଟତ୍' । ଅନ୍ୟଏକ ଉପନ୍ୟାସ ହେଲା 'ସିଉଜି ପାତର କାହିନୀ' (ସବୁଜ ପତ୍ରର କାହାଣୀ) ଯହିଁରେ ଲେଖକ ଚା ବଗିଚାର ଶ୍ରମିକମାନଙ୍କର ସମାଜ ଓ ଜୀବନ ସହାନୁଭୂତିସହିତ ଆଙ୍କିଛନ୍ତି । ଦୀନନାଥ ଶର୍ମାଙ୍କ 'ନଦାଇ' ଗାଉଁଲୀ ଜୀବନର ଉପନ୍ୟାସ । ଶର୍ମା ନଦାଇ ଚରିତ୍ର ଉପରେ ଜୋର୍ ଦେଇଛନ୍ତି । ନଦାଇ ହେଲା ଜନୈକ ଚାଷୀ, ଯାହାର ଜୀବନ ନିଜ ଗାଁର ଉନ୍ନତି ସହିତ ଓତପ୍ରୋତ ଭାବରେ ଜଡ଼ିତ । ଲେଖକ ଉପନ୍ୟାସରେ ନଦାଇର ଭଲଗୁଣ ଏବଂ ଗ୍ରାମବାସୀମାନଙ୍କ ପରୋପକାର ଓ ବଦାନ୍ୟତାର ପୂର୍ଣ୍ଣାଙ୍ଗ ଛବି ଦେଇଛନ୍ତି । ହିତେଶ ଡେକାଙ୍କ 'ଆଜିର ମାନୁହ' ଏବଂ 'ମାଟିକାର' ଉପନ୍ୟାସ ଦ୍ୱୟ ଆଜିର ଜୀବନ ଏବଂ କୃଷି ସମସ୍ୟା ଉପରେ ଲିଖିତ ଏବଂ ମଣିଷର ରାଜନୈତିକ ଓ ସାମାଜିକ ଅଧିକାର ଉପରେ ମୂଲ୍ୟାୟନର ପ୍ରଚେଷ୍ଟା । ତାଙ୍କର 'ଭାରା ଘର' ସହରର କ୍ରମବର୍ଦ୍ଧମାନ ବାସଗୃହ ସମସ୍ୟା ଉପରେ ଆଧାରିତ ପ୍ରେମଗଳ୍ପଟିଏ । ଆଦ୍ୟନାଥ ଶର୍ମାଙ୍କ 'ଜୀବନର ତିନି ଅଧ୍ୟାୟ', ଚନ୍ଦ୍ରକାନ୍ତ ଗଗୋଇଙ୍କ 'ସୋନାର ନାଙ୍ଗଲ୍', ଗୋବିନ୍ଦ ମହନ୍ତଙ୍କ 'କୃଷକର ନୀତି' ହେଲା କେତୋଟି ସାମାଜିକ ଜୀବନ ଉପରେ ବିଶିଷ୍ଟ ଉପନ୍ୟାସ ।

ନବକାନ୍ତ ବରୁଆଙ୍କ 'କପିଲିପରିୟା ସାଧୁ' ପ୍ରେମ କାହାଣୀ ଉପରେ ଆଧାରିତ ଏକ ଉପନ୍ୟାସ ଯହିଁରେ କପିଲି ନଦୀକୂଳରେ ବାସକରୁଥିବା ଲୋକମାନଙ୍କର ଭାଗ୍ୟହୀନ କରୁଣ କାହାଣୀ ବର୍ଣ୍ଣିତ; ଯେଉଁ ନଦୀ ବର୍ଷକୁ ବର୍ଷ ଖାମଖିଆଲି ରୀତିରେ ଗତିପଥ ପରିବର୍ତ୍ତନ କରେ । 'ଦାବର ଆରୁ ନାଇଁ' ଉପନ୍ୟାସରେ ଯୋଗେଶ ଦାସ ଆମ ସମାଜର ନୈତିକତା ଓ ଚଳନି ଉପରେ ବିଗତ ମହାଯୁଦ୍ଧର ଧ୍ୱଂସକରୀ ଫଳାଫଳ ବର୍ଣ୍ଣନା କରିଛନ୍ତି । ତାଙ୍କର

Digitized by srujanika@gmail.com

'ସହଚରୀ ପାଇଁ' ଏବଂ 'ଜୋନାକିର ଜୁଇ' ପ୍ରେମ କାହାଣୀରେ ସେ ମଣିଷର ଶକ୍ତିଶାଳୀ ଆବେଗର ଚିତ୍ର ଦେଇଛନ୍ତି ଏବଂ ଗୁଡ଼ିଏ ଅପ୍ରତ୍ୟାଶିତ ଘଟଣା ଜରିଆରେ ବେଶ୍ ଫଳ ମଧ୍ୟ ଆଣିଛନ୍ତି, ଯେମିତି କାଲାଇଡୋସ୍କୋପରେ ଭଙ୍ଗା ଆଇନାରୁ ରଙ୍ଗବେରଙ୍ଗ ଛବି ଦିଶେ । ମହମ୍ମଦ ପିଆର ପ୍ରାୟଶଃ ସହରୀ ଜୀବନ ଉପରେ ଲେଖନ୍ତି । ତାଙ୍କର 'ସଂଗ୍ରାମ' ମଧ୍ୟବିତ୍ତ ଶ୍ରେଣୀର ଯୁବକମାନଙ୍କର ସଂଗ୍ରାମ ଓ ଦୁଃଖ କଷ୍ଟର ଚିତ୍ର ଦିଏ ଏବଂ 'ହେରୋଭ୍ରା ସ୍ୱର୍ଗ' ମୁସଲମାନ ପରିବାରର ଜୀବନ ଚିତ୍ର ପ୍ରଦାନ କରେ । କେତେଗୁଡ଼ିଏ ମନସ୍ତାତ୍ତ୍ୱିକ ଉପନ୍ୟାସ ଏବେ ଏବେ ପ୍ରକାଶିତ ହୋଇଛି, ଯହିଁରେ ବାସ୍ତବଧର୍ମୀ କଳା, ପୁରୁଷ ସ୍ତ୍ରୀ ହୃଦୟର ଉଦ୍ଦେଶ୍ୟ ଏବଂ ପ୍ରଚେଷ୍ଟା, ମଣିଷ ହୃଦୟର ଅଜ୍ଞେୟ ପ୍ରବୃତ୍ତିର ଓ ଅବଚେତନ ମାନସର ତରଙ୍ଗରୁ ଉତ୍‌ଥିତ ଆବେଗମୟ ଶକ୍ତିର ଉଚ୍ଛ୍ୱାସ ପ୍ରକଟିତ । ପ୍ରଫୁଲ୍ଲଦତ୍ତ ଗୋସ୍ୱାମୀଙ୍କ 'କେଆ ପାତର କପନି'ରେ ଏକ ଯୁବକ ମନର ଆଦର୍ଶଗତ ଅଶାନ୍ତି ବର୍ଣ୍ଣିତ । ଯେଉଁ ଯୁବକଟି ଉତ୍କୃଷ୍ଟତର ପଦାର୍ଥ ପାଇବାକୁ ଇଚ୍ଛାକରି ଏବଂ ସୌନ୍ଦର୍ଯ୍ୟରେ ଶାନ୍ତି ଅନୁସନ୍ଧାନ କରି ନିଜ ଜୀବନକୁ ବିଭ୍ରାଟ ଡାକି ଆଣିଛି । ଗୋସ୍ୱାମୀଙ୍କ ପ୍ରତିଭା ମୁଖ୍ୟତଃ କଳାତ୍ମକ ଏବଂ ଦିବ୍ୟଦୃଷ୍ଟିମୟ । ରାଧିକାମୋହନ ଗୋସ୍ୱାମୀଙ୍କ 'ଶକ୍ନାୟିୟା' ଆଧୁନିକ ସମାଜ ସହିତ ମେଳରଖି ପାରୁନଥିବା ଏକ ଉଦ୍‌ଭ୍ରାନ୍ତ ଯୁବକର ଜୀବନ ଚିତ୍ର ପ୍ରଦାନକରିଛି । ତାଙ୍କର 'ବାମାରଲି' ବର୍ତ୍ତମାନ ସଭ୍ୟତାର ଘୂର୍ଣ୍ଣିବାତ୍ୟା ବିରୋଧରେ ଲିଖିତ । ଯେଉଁ ଘୂର୍ଣ୍ଣିବାତ୍ୟା ଶାନ୍ତିମୟ ଗ୍ରାମ୍ୟଜୀବନର କାଳସିଦ୍ଧ ପରମ୍ପରା ଏବଂ ବିଶ୍ରାମପୂର୍ଣ୍ଣ ଜୀବନର ମୂଳୋତ୍ପାଟନ କରି ଦେଇଛି । ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ ତାଙ୍କ "ରାଜପଥେ ରିଙ୍ଗିୟାଇ"ରେ ସମାଜର 'ଭୁଲ୍'କୁ 'ଠିକ୍' କରିବାକୁ ବାହାରିଥିବା ଜନୈକ ବିପ୍ଳବୀ ଯୁବକର ଜୀବନୀ ଦେଇଛନ୍ତି । ଲେଖକଙ୍କ ସମସ୍ତ ପ୍ରଚେଷ୍ଟା ରାଜନୈତିକ ଏବଂ ଲିଖନପ୍ରଣାଳୀ ମନସ୍ତାତ୍ତ୍ୱିକ । ତାଙ୍କର 'ଆଇ' (ମାଆ) ଜନୈକା ଦରିଦ୍ରା ବ୍ରାହ୍ମଣୀ ବିଧବାର ସିଧାସଳଖ କାହାଣୀ, ଯେଉଁଠି ନାୟିକା ଦାରିଦ୍ର୍ୟ ଓ ଅସହାୟତା ବିରୋଧରେ ସଂଗ୍ରାମ କରିଛି । 'ଇୟାନୁଇଙ୍ଗମ୍' ତଙ୍ଗଖୁଲ୍ ନାଗାଙ୍କ ଜୀବନ ଉପରେ ଏକ ଜଟିଳ ଓ ଦୀର୍ଘ କାହାଣୀ । ଉପନ୍ୟାସର ଆରମ୍ଭ ହୋଇଛି ନାଗା ପାହାଡ଼ ଅଞ୍ଚଳରୁ ଜାପାନୀମାନଙ୍କ ପ୍ରଛଘୁଞ୍ଚାରୁ ଏବଂ ତା'ପରର ଯେତେଯେତେ ସାମାଜିକ ଓ ରାଜନୈତିକ ସମସ୍ୟାରୁ ଯାହା ନାଗାପୁରୁଷ ଓ ସ୍ତ୍ରୀମାନଙ୍କ ପ୍ରତିଛବିରେ ବିଜଡ଼ିତ । ସୟଦ ଅବଦୁଲ ମଲିକଙ୍କ 'ରଥର ଚକରି ଘୂରେ' ଉପନ୍ୟାସରେ ରାଜନୀତିର ପ୍ରାଧାନ୍ୟ ରହିଛି । ଏ ଉପନ୍ୟାସଟି ଅର୍ଦ୍ଧ-ଆତ୍ମଜୀବନୀମୂଳକ । 'ଛବିଘର'ରେ ମଲିକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଏବଂ ସାମାଜିକ ଚେତନା ଏକତ୍ର ରଖିଛନ୍ତି । ଦୁର୍ଭାଗ୍ୟବଶତଃ ଏଇ ପରୀକ୍ଷା ନିରୀକ୍ଷାରେ ଗଳ୍ପଟି ହଜିଯାଇଛି । 'ସୁରୁଜମୁଖୀର ସ୍ୱପ୍ନ' ହେଉଛି ମଲିକଙ୍କ ଅଧୁନାତମ ତଥା ସଫଳତମ ସୃଷ୍ଟି । ଗୁଲାମ୍ ନାମକ ଯୁବକର ଏହା ଏକ ରୋମାଣ୍ଟିକ୍ କାହାଣୀ ଯହିଁରେ ନାୟକ ପନ୍ଦରବର୍ଷ ବୟସ୍କା ତାରାକୁ ବିବାହ କରିବାକୁ ଚାହେଁ । ମାତ୍ର ତାରାର ମାଆ କପଟରେ ଗୁଲାମକୁ ଠକାଇ ନିଜେ ସେଇ ଯୁବକକୁ ବିବାହ

Digitized by srujanika@gmail.com

କରିବାର ବ୍ୟବସ୍ଥା କରେ । 'ଅସୀମତ ଯାର ହେରାଲ ସୀମା'ର ଲେଖକ କାଞ୍ଚନ ବରୁଆ (ଛଦ୍ମନାମ) ନିକଟରେ ପ୍ରକାଶିତ ତାଙ୍କର ସୁବୃହତ୍ ଉପନ୍ୟାସରେ ତେରଶହବର୍ଷ ପୂର୍ବେ ଘଟିଥିବା ଆସାମର ଉତ୍ତର ପୂର୍ବର ଦିହଙ୍ଗ ନଦୀ କୂଳରେ ଏକ କାଳ୍ପନିକ ଐତିହାସିକ ଘଟଣା ବର୍ଣ୍ଣନା କରିଛନ୍ତି । ଏହି ଉପନ୍ୟାସରେ ନିଃସନ୍ଦେହରେ ଲେଖକ ଗ୍ରାମ୍ୟଜୀବନର ଛବି ହୃଦୟସ୍ପର୍ଶୀ ଭାଷାରେ ଆଙ୍କିଛନ୍ତି । କିନ୍ତୁ କଳ୍ପନା, ଅସ୍ୱାଭାବିକତା ଏବଂ ଇତିହାସର ବ୍ୟତିକ୍ରମ ବୟସ୍କଙ୍କ ପାଇଁ ପୁସ୍ତକଟିକୁ ଏକ ଉଦ୍ଭଟ ପରିରାଜ୍ୟର କାହାଣୀରେ ପରିଣତ କରିଦେଇଛି ।

ନୂତନ ଦିଗ ଓ ପ୍ରଚେଷ୍ଟା ସତ୍ତ୍ୱେ ଗଳ୍ପଉପନ୍ୟାସର ଏବେ ବି ଭାବପ୍ରବଣ ପ୍ରେମମୂଳକ ଏବଂ ପଳାୟନପନ୍ଥୀ ବିଷୟ ଉପରେ ଲେଖା ଚାଲିଛି, ଯାହା ହୁଏତ ଜୀବନସହିତ ପୁରାପୁରି ଖାପ୍ ଖାଏନାହିଁ । ଏସବୁ ଏକ ଶ୍ରେଣୀର ପାଠକପକ୍ଷରେ ବିଶେଷତଃ ମଧ୍ୟବିତ୍ତ ଶ୍ରେଣୀର ପାଠିକା ସମାଜରେ ଆଦୃତ ଓ ଲୋକପ୍ରିୟ । କାରଣ ସେମାନେ ଅନାକର୍ଷଣୀୟ, ବୈଚିତ୍ର୍ୟ ବିହୀନ, ଦୁଃଖଦୈନ୍ୟଭରା ଘରୋଇ ଜୀବନଯାପନ କରିଥାନ୍ତି । ଏ ଶ୍ରେଣୀର ଗଳ୍ପ ଉପନ୍ୟାସ ପଢ଼ି ସେମାନେ ଶୁଷ୍କ ବାସ୍ତବତାରୁ ମୁକ୍ତି ପାଆନ୍ତି ଏବଂ ସ୍ୱଳ୍ପକାଳ ପାଇଁ ହେଲେ ମଧ୍ୟ ସୁଷୁପ୍ତିର କଳ୍ପନାରାଇଜକୁ ଉଡ଼ିଯାଆନ୍ତି । ଏ ଶ୍ରେଣୀର ଗଳ୍ପଉପନ୍ୟାସର ଲୋକପ୍ରିୟତା ଶିକ୍ଷା ପ୍ରସାର ସଙ୍ଗେ ସଙ୍ଗେ ବଢ଼ିଚାଲିଛି ଏବଂ ଏମିତି ବଢ଼ିଚାଲିଥିବ ଯେ ପର୍ଯ୍ୟନ୍ତ ଯୁବକମାନଙ୍କର ଆବେଗର ତୃଷ୍ଣା ଉତ୍କୃଷ୍ଟତର ପୁସ୍ତକ ଦ୍ୱାରା ନ ମେଣ୍ଟିଛି । ଏହା ଅବଶ୍ୟ ଆମପକ୍ଷରେ ନିର୍ଦ୍ଦୟତା ବୋଲି ଧରାଯିବ ଯଦି ଆମେ ଏଇ ଶ୍ରେଣୀର କେତୋଟି ଉପନ୍ୟାସର ଗୁଣଗାନ ନ କରୁଁ । କାରଣ ସେଥିରେ ଉଭୟ ଗଳ୍ପକଥନ କଳା ଏବଂ ଶବ୍ଦ ଯୋଜନା ଶୈଳୀ ରହିଛି । ପ୍ରେମନାରାୟଣ ଦତ୍ତଙ୍କ 'ପ୍ରଣୟର ସ୍ମୃତି', 'ନିୟତିର ନିର୍ମାଲି' ଏବଂ ଶୁଚିବ୍ରତରାୟ ଚଉଧୁରୀଙ୍କ 'ବା -- ମାରଲୀ' ଗ୍ରହଣୀୟ, ଚଳନୀୟ ପୁସ୍ତକ । ସେଇ କାରଣରୁ ଚାଞ୍ଚଲ୍ୟ ସୃଷ୍ଟି କରୁଥିବା ଉପନ୍ୟାସ ସବୁଠାରୁ ବେଶୀ କାଟ୍‌ତି । ଏଇ ଚାଞ୍ଚଲ୍ୟ ସୃଷ୍ଟିକରୁଥିବା ଡିଟେକ୍‌ଟିଭ୍ ଉପନ୍ୟାସ ଅସମୀୟା ସାହିତ୍ୟ କ୍ଷେତ୍ରରେ ନବାଗତ । ଏତେ ଡେରିରେ ସେମାନଙ୍କ ପ୍ରବେଶର କାରଣ ଐତିହାସିକ । ଅଳ୍ପଦିନପୂର୍ବେ ଆସାମରେ ବଡ଼ ବଡ଼ ସହର ନ ଥିଲା । ବର୍ତ୍ତମାନ ବଡ଼ ବଡ଼ ସହରର ବୃଦ୍ଧି ସହିତ ବ୍ୟବସାୟ ବାଣିଜ୍ୟର ବିକାଶ ହେତୁ ଲୋକେ ସହର ଏବଂ ବ୍ୟବସାୟ କେନ୍ଦ୍ରମାନଙ୍କୁ ଚାଲିଆସୁଛନ୍ତି, ଯାହା ଫଳରେ ନାନାବିଧ ଅପରାଧ ଘଟୁଛି ଏବଂ ସେସବୁ ଦୈନିକ ସମ୍ବାଦ ପତ୍ରରେ ପ୍ରକାଶିତ ହେଉଛି । ଏ ସବୁ ଅପରାଧମୂଳକ ଘଟଣା ଚାଞ୍ଚଲ୍ୟପାଇଁ ଲେଖକଙ୍କୁ ବିଷୟବସ୍ତୁ ଯୋଗାଉଛି । ପ୍ରେମନାରାୟଣ ଦତ୍ତଙ୍କ ଧାରାବାହିକ 'ପ -- ଫୁ' ସର୍ବତ୍ର ବିଦିତ । ଡିଟେକ୍‌ଟିଭ୍ ଉପନ୍ୟାସରୁ ଅଧିକାଂଶରେ ନା ଅଛି ଆବିଷ୍କାର ପ୍ରତିଭା ନା ଅଛି ଅବିଶ୍ୱାସ୍ୟକୁ ବିଶ୍ୱାସ୍ୟ କରିବାର କଳା । ତେଣୁ ଅସମ୍ଭବ ଆହୁରି ଭୀଷଣ ସମ୍ଭାବ୍ୟତାବିହୀନ ହୋଇପଡ଼େ ।

Digitized by srujanika@gmail.com

ପାଶ୍ଚାତ୍ୟ ପ୍ରଭାବରେ ଏବେ ଏବେ କ୍ଷୁଦ୍ର ଗଳ୍ପ ସାହିତ୍ୟର ଏକ ପ୍ରଧାନ ଅଙ୍ଗ ହୋଇପାରିଛି । ଗଳ୍ପ, କଥା, ପୌରାଣିକ କଥା, ପଶୁପକ୍ଷୀଙ୍କ ଗଳ୍ପ, ନୀତି ଗଳ୍ପ ଏବଂ ଇତିହାସକାହାଣୀ ଅସମୀୟା ସାହିତ୍ୟରେ ପ୍ରାଚୀନ କାଳରୁ ରହି ଆସିଛି । କିନ୍ତୁ ଆଧୁନିକ ଗଳ୍ପଠାରୁ ଏସବୁ ଉଭୟ କଥା ଓ ଶିଳ୍ପରେ ବହୁତ ଭିନ୍ନ । ପ୍ରଥମ ମହାସମର ଆରମ୍ଭରେ ହିଁ ଆଧୁନିକ କ୍ଷୁଦ୍ରଗଳ୍ପକୁ ସ୍ୱତନ୍ତ୍ର ରୂପରେ ଆଲୋଚନା କରିବା ବ୍ୟବସ୍ଥା ଆସିଲା । ପତ୍ରପତ୍ରିକାର ବହୁଳ ବିକାଶ ଫଳରେ ଏବଂ ବିଦେଶୀ ଏବଂ ଶେକଫ୍, ମୋପାସାଁ, ସାମରସେଟ ମମ୍ ଏବଂ ଅନ୍ୟାନ୍ୟ ବୈଦେଶିକ ପ୍ରତିଭାମାନଙ୍କ ପ୍ରଭାବରେ କ୍ଷୁଦ୍ରଗଳ୍ପର ଶ୍ରୀବୃଦ୍ଧି ଘଟିଲା । ଆଧୁନିକ କ୍ଷୁଦ୍ରଗଳ୍ପର ପରିଚୟ ବାସ୍ତବତା ପାଇଁ । ଏହା ଜୀବନର ଏକ ତର୍ଜମା ବା ସମାଲୋଚନା । 'ଅରୁଣୋଦୟ'ରେ ଯେଉଁ ଟିପ୍‌ପଣୀ ପ୍ରକାଶିତ ହେଉଥିଲା ତାହା ଚତୁର୍ଦ୍ଦିଗର ଜୀବନ ସଂପର୍କରେ ବିଭିନ୍ନ ସମ୍ବାଦ ଯୋଗାଇଥିଲେ ମଧ୍ୟ ସେ ସବୁ କ୍ଷୁଦ୍ରଗଳ୍ପ ନାମବାଚ୍ୟ ନୁହେଁ । ଲକ୍ଷ୍ମୀକାନ୍ତ ବେଜବରୁଆ ହେଉଛନ୍ତି ଅସମୀୟା ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ଲେଖକ ଯେ ନୂତନ ଚିନ୍ତା ଏବଂ ଏକାବେଳେକେ ଆଧୁନିକ ପ୍ରବେଶପଥ କ୍ଷୁଦ୍ରଗଳ୍ପକୁ ଦେଇଥିଲେ । ସୂକ୍ଷ୍ମ ନିରୀକ୍ଷା ବିଶ୍ଳେଷଣାତ୍ମକ ବୁଦ୍ଧିରେ ସେ ଉଭୟ ବିଷୟ ଏବଂ ଗଠନ କଳାରେ ପ୍ରଭୂତ ସାଫଲ୍ୟ ଅର୍ଜନ କରିଥିଲେ ଏବଂ ଆଜିଯାକେ ତାଙ୍କ କ୍ଷୁଦ୍ରଗଳ୍ପ-ସମୂହ ଅସମୀୟା ସାହିତ୍ୟ ରାଜ୍ୟରେ ସର୍ବଶ୍ରେଷ୍ଠ ବୋଲି ବିବେଚିତ୍ ହୋଇଛି । ତାଙ୍କ ହୃଦୟସ୍ପର୍ଶୀ ଗଳ୍ପରାଶି ଜନଗଣଙ୍କ ଜୀବନ ଓ ପ୍ରକୃତି, ସୁଖ ଓ ଦୁଃଖ, ଶକ୍ତି ଓ ଦୁର୍ବଳତାର, ଯନ୍ତ୍ରଣା ଓ ବୈଫଲ୍ୟର ପୂର୍ଣ୍ଣ ଚିତ୍ର ପ୍ରଦାନ କରିଥାଏ । ଏହି ଗଳ୍ପରାଜି ବେଜବରୁଆଙ୍କ ମାନବ ଜାତି ପ୍ରତି ସମ୍ବେଦନଶୀଳତା, ଅସମୀୟା କୃଷକଜୀବନର ବ୍ୟାପକ ବୁଝାମଣାର ପରିଚୟ ଦିଏ, ଯାହା ଶିକ୍ଷିତ ସମାଜର ସ୍ୱଳ୍ପଲୋକ ବୁଝିଥାଆନ୍ତି । ତାଙ୍କର କେତେକ ଗଳ୍ପ ଏପରି ଚିତ୍ତାକର୍ଷକ ଓ କାବ୍ୟମୟ ଯେ ରୋମାଣ୍ଟିକ୍ ଲିରିକ ପରି ତାହା ଆମ ମାନସରେ ଘୂରିବୁଲେ । 'ଜଲ କୁନ୍‌ୱାରୀ'ର ଆନନ୍ଦଦାୟକ ପ୍ରକୃତି ଚିତ୍ର, 'କନ୍ୟା' ଏବଂ 'ରତନ ମୁଣ୍ଡ'ର ଗୌରବର ଅନ୍ତର୍ନିହିତ ଭୟ, 'ଏରାବାରି'ରେ ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ସହାନୁଭୂତି ଜୀବନ୍ତ ଶୈଳୀରେ ବର୍ଣ୍ଣିତ ହୋଇଛି । ବେଜବରୁଆଙ୍କ ଗଳ୍ପସବୁ ଗ୍ରାମୀଣ ମଧ୍ୟବିତ୍ତ ଜୀବନକୁ କେନ୍ଦ୍ରକରି ଗଠିତ ଏବଂ ସେଥିରେ ବାସ୍ତୁହରାର ଅତ୍ୟାଗ୍ରରିତ ଓ ବୁଭୁକ୍ଷୁର ଅପାର୍ଥିକ ଚିତ୍କାର ନାହିଁ ଯାହା ଆଧୁନିକ ଗଳ୍ପରେ ଶୁଣାଯାଇଥାଏ । କେତେବେଳେ କେମିତି ସେ ବ୍ୟଙ୍ଗ ବିଦ୍ରୂପ ଓ ଶ୍ଳେଷ ମିଶାଇ ଗଳ୍ପକୁ ଗଢ଼ିଥାଆନ୍ତି । ଭଣ୍ଡାମି, ଫୁଟାଣି, ବାହାଦୁରୀ ଏବଂ ଅନ୍ଧ ଭ୍ରାନ୍ତଧାରଣା ଯାହା ସମାଜର ଉଚ୍ଚଶ୍ରେଣୀରେ ପ୍ରାଚୀନ ପନ୍ଥା ରୂପେ ବିବେଚିତ ହୋଇଥାଏ ସେ ସବୁକୁ ସେ ବିଦ୍ରୂପ ପାଇଁ ତୋଳି ଧରନ୍ତି କେତେକ ଗଳ୍ପରେ । ଅନ୍ୟକେତେକର ଆଧୁନିକ ଗ୍ରାମ୍ୟଯୁବକମାନଙ୍କର ପାଶ୍ଚାତ୍ୟ ଅଭ୍ୟାସ, ପୋଷାକପତ୍ର ଆଗ୍ରରବିଗ୍ରରର ଅନ୍ଧ ଅନୁକରଣକୁ ଥଟ୍ଟାତାମସା କରନ୍ତି । ଅସମୀୟା ଜୀବନକୁ ସେ ବେଶ୍ ଭଲଭାବରେ ଜାଣିଥିଲେ; ତେଣୁ ସେ ଗାଁ ଗଣ୍ଡାର ଘଟଣାବିହୀନ ସରଳ ଜୀବନକୁ

Digitized by srujanika@gmail.com

ମନୋରଞ୍ଜକ କ୍ଷୁଦ୍ର ଗଳ୍ପର ବିଷୟବସ୍ତୁ କରିପାରିଥିଲେ । ବେଜବରୁଆଙ୍କ ଗଳ୍ପର ସବୁଠାରୁ ଆକର୍ଷଣୀୟ ବିଭବ ହେଲା ଚରିତ୍ର ବା ଲୋକମାନଙ୍କର ନିରୀହତା ଓ ନିଷ୍ଠାପରାୟଣତା । ତାଙ୍କ ଗ୍ରାମ୍ୟ କାହାଣୀମାନଙ୍କରେ ଲୋକଙ୍କ ଭୟ, ଆଶା, ଆକାଂକ୍ଷା, ଆନନ୍ଦ ଓ ଦୁଃଖ, ପ୍ରଲୋଭନ ଓ ଦୁର୍ବଳତା, ଧର୍ମଭାବ, ଅନ୍ଧବିଶ୍ୱାସ, ତଥା ଗାଉଁଲି ପ୍ରେମର ବିଶ୍ୱସ୍ତତା ଚିତ୍ରଣ କରାଯାଇଛି ।

ଶରତଚନ୍ଦ୍ର ଗୋସ୍ୱାମୀ କ୍ଷୁଦ୍ରଗଳ୍ପ ଲେଖକରୂପେ ଯଥେଷ୍ଟ ସଫଳତା ଅର୍ଜନ କରିଥିଲେ ଏବଂ ତାଙ୍କ କ୍ଷୁଦ୍ରଗଳ୍ପ ସଂକଳନ 'ଗଳ୍ପାଞ୍ଜଳି' ଏବଂ 'ମଇନା'ରେ ଶକ୍ତିଶାଳୀ ଗଳ୍ପସବୁ ରହିଛି ଯାହା କୌଶଳୀ ଏବଂ ବିବେକସମ୍ମତ କଳା ସହିତ ଯଥାଯଥ ବାୟୁମଣ୍ଡଳ ଓ ଚରିତ୍ର ସୃଷ୍ଟିର ପରିଚୟ ଦିଏ । ସେଥିରେ ଅସମୀୟ ନୀରସ ଗ୍ରାମ୍ୟଜୀବନ, ଲୋକଙ୍କ ଦୁଃଖସୁଖ, ଆଶା ଆକାଂକ୍ଷା, ସରଳ ଏବଂ ଧୀରସ୍ଥିର ପ୍ରେମ, ଏବଂ ସତର୍କତାମୂଳକ କ୍ରିୟାକଳାପ ବର୍ଣ୍ଣିତ । 'ମଇନା' ଗଳ୍ପଗୁଚ୍ଛର 'ବନରିଆ ପ୍ରଣୟ'ରେ ମିରି ଯୁବକ ଓ ଯୁବତୀଙ୍କ ରୋମାଞ୍ଚକର ପ୍ରେମକାହାଣୀ ବର୍ଣ୍ଣିତ ଏବଂ ଯାହାଙ୍କ ମିଳନ ପିତାମାତାଙ୍କ ଦ୍ୱାରା ଅସ୍ୱୀକୃତ । ଫଳରେ ପ୍ରଣୟୀ ଯୁଗଳ ପ୍ରତାପଶାଳୀ ବ୍ରହ୍ମପୁତ୍ର ନଦୀଗର୍ଭକୁ ଡେଇଁପଡ଼ନ୍ତି । ଲୋକେ ଭାବିଲେ ଦୁହେଁ ଆତ୍ମହତ୍ୟା କରିଛନ୍ତି । ପ୍ରକୃତରେ ସେମାନେ ମରି ନାହାନ୍ତି । ଜଳରେ ସେମାନେ ଜୀବନଯାପନ କରୁଥିବାରୁ ସେମାନେ ସହଜରେ ପହଁରି କୂଳକୁ ଆସନ୍ତି, ଦୂର ଏକ ଗାଁରେ ପହଞ୍ଚନ୍ତି ଏବଂ ପୁରୁଷ ସ୍ତ୍ରୀ ଭାବରେ ଜୀବନ କଟାନ୍ତି । ଗଳ୍ପଟି ମିରିମାନଙ୍କର ସରଳଜୀବନର ଏକ ସୁନ୍ଦର ଛବି ଦିଏ । 'ନାଦରାମ' ଗଳ୍ପରେ ଆଦିମ ଲୋକଙ୍କ ଆରଣ୍ୟ ଜୀବନର ବାସ୍ତବ ଜୀବନ କାହାଣୀ ବର୍ଣ୍ଣିତ । କାଗ୍ରରି ଯୁବକ ନାଦରାମ ପ୍ରଥମେ ମହାଯୁଦ୍ଧରେ ଫ୍ରାନ୍ସକୁ ଯାଏ । ତାର ଦୀର୍ଘ ଅନୁପସ୍ଥିତିର ସୁଯୋଗନେଇ ନାଦରାମର ସ୍ତ୍ରୀ ସେଇ ଗାଁର କାଗ୍ରରି ଯୁବକ ଭାତିରାମକୁ ପ୍ରେମ କରି ବସେ । ଘରକୁ ଫେରି ନାଦରାମ ଘଟିଥିବା ସମସ୍ତ କଥା ଜାଣେ ଓ ଡେପୁଟି କମିସନରଙ୍କ ପାଖରେ ଆପତ୍ତି କରେ ଏବଂ ସେ ଭାତିରାମ ପାଖରୁ ତା ସ୍ତ୍ରୀ ଛଡ଼ାଇଆଣି ନାଦରାମକୁ ଫେରସ୍ତ ଦେବାର ହୁକୁମ ଦିଅନ୍ତି । ନାଦରାମ ମୋକଦ୍ଦମା ଜିତେ, ମାତ୍ର କାଳେ ତା ସ୍ତ୍ରୀ ଆତ୍ମହତ୍ୟା କରିବ ଏଇ ଚିନ୍ତାରେ ଦୁଃଖାଭିଭୂତ ହୋଇ ଆନନ୍ଦରେ ନିଜେ ପସନ୍ଦ କରିଥିବା ମଣିଷଟିକୁ ସ୍ତ୍ରୀ ସହିତ ରହିବାପାଇଁ ଦିଏ; ଆଦୌ ଆପତ୍ତି ଅଭିଯୋଗ ବା ଈର୍ଷାପୋଷଣ ନକରି ଏବଂ ଅତିମାନବସୁଲଭ ଭଦ୍ରତା ଦେଖାଇ । ଅନ୍ୟାନ୍ୟ ଅନେକ ଗଳ୍ପ ଏହି ନୈଆଇକ ପ୍ରେମ ଉପରେ ପର୍ଯ୍ୟବେଶିତ । ମାତ୍ର କୁହାପି ଅପବିତ୍ର ରୁଚି ବା ଅନୁଭବକୁ ଗଳ୍ପ ଖସିଯାଇ ନାହିଁ ବା କେଉଁଠି ଅସ୍ୱାଭାବିକତାର ଚିହ୍ନ ନାହିଁ । 'ଯାତ୍ରୀ' ନାମକ ଅନ୍ୟ ଏକ ଗଳ୍ପ ଯହିଁରେ ଅନ୍ୟାୟ ପ୍ରେମର ଚିତ୍ର ଦିଆଯାଇଛି । ଗଦାଧର ଶାନ୍ତିର ରୂପର ଆକର୍ଷଣରେ ଅଭିଭୂତ ହେବାକୁ ଯାଉଛି । କିନ୍ତୁ ସେ ଡେରେ ନିଜ ଦେଶ ଭାବିଛି, ସାମାଜିକ ବାସନ୍ଦକଥା ସେ ଭେଟଭିଆସିଛି ଠିକ୍ ରାସ୍ତାକୁ । ସେ ଶାନ୍ତି ପାଖରୁ

Digitized by srujanika@gmail.com

ଖସିଯାଇଛି ଏବଂ ନିଜକୁ ରକ୍ଷା କରିଛି । 'ବ୍ରହ୍ମପୁତ୍ରର ବୁକରେ'ରେ ଜନୈକା ବିବାହିତା ନାରୀ, ଯାହାର ଅନ୍ୟଏକ ପୁରୁଷ ସହିତ ଗୋପନ ପ୍ରଣୟ ଅଛି, ନିଜ ଦୁଃଖମୟ ଜୀବନକୁ ବ୍ରହ୍ମପୁତ୍ରକୁ ଡେଇଁପଡ଼ି ଶେଷ କରିଛି । ଏକାଧିକ ଗଳ୍ପରେ ଗୋସ୍ୱାମୀ ବାଲ୍ୟବିଧବାଙ୍କ କରୁଣ ଦୟନୀୟ ଛବି ଆଙ୍କିଛନ୍ତି । କୌଣସି ଆଡ଼କୁ ନଢଳି ସ୍ପର୍ଶକାତର ଏବଂ ଏକାନ୍ତ ବାସ୍ତବବାଦୀ ହୋଇ ଗୋସ୍ୱାମୀ ମଣିଷ ପ୍ରକୃତିର ନିରୀକ୍ଷା କରିଛନ୍ତି ଏବଂ ଦୁର୍ବଳତା ନିସ୍ପାର ସହିତ ଲିପିବଦ୍ଧ କରିଛନ୍ତି ।

ନଗେନ୍ଦ୍ର ନାରାୟଣ ଚୌଧୁରୀ ତାଙ୍କ ଗଳ୍ପରେ ନୂତନ ନୂତନ ବିଷୟ ବସ୍ତୁ ଏବଂ ନୂଆଶୈଳୀ ଆଣି ପୂରାଇଛନ୍ତି । ଲକ୍ଷ୍ମୀନାଥ ଫୁକନ ମଧ୍ୟ ଜନୈକ କ୍ଷୁଦ୍ରଗଳ୍ପ ଲେଖକ ଆକାରରେ ବିଦିତ । ବିଭିନ୍ନ ସମୟରେ ଲିଖିତ ତାଙ୍କର ଛଅଟି କ୍ଷୁଦ୍ରଗଳ୍ପ ଏକତ୍ର କରାଯାଇ 'ଓଫାଇଡାଙ୍ଗ' ନାମରେ ପ୍ରକାଶିତ । ଏସବୁ ଗଳ୍ପରେ ଅନ୍ତସାରଶୂନ୍ୟ ଆଧୁନିକ ଶିକ୍ଷିତ ପୁରୁଷ ଓ ସ୍ତ୍ରୀଙ୍କର ମନୋରଞ୍ଜକ ଚରିତ୍ର ଚିତ୍ରଣ ହୋଇଛି । 'ମହିମାମୟୀ' ନାମକ ଗଳ୍ପଟିରେ ତନ୍ନାମ୍ନୀ ନାୟିକା ଗ୍ର ବଗିଗ୍ରର ଜନୈକ ବଡ଼ବାବୁ ବା ମୁଖ୍ୟ କିରାଣୀକୁ ବିବାହ କରିଛି । କଠୋର ମିତବ୍ୟୟିତା ଅବଲମ୍ବନ କରିଛି କିନ୍ତୁ ସର୍ବାଶେଷରେ ବାଧ୍ୟ ହୋଇ ତା ନିଜର ଏକ ଆତ୍ମୀୟ ଯୁବକର ଚତୁରତାରେ ଶିକାରହୋଇ ସମସ୍ତ ସଞ୍ଚିତ ଅର୍ଥକୁ ହରାଇଛି । ଆରମ୍ଭରୁ ଶେଷପର୍ଯ୍ୟନ୍ତ ଗଳ୍ପଟି ମନୋରଞ୍ଜକ ଏବଂ ଘରୋଇଛବି ପରିପୂର୍ଣ୍ଣ । 'ଟାଇପିଷ୍ଟର ଜୀବନ'ରେ ଅଛି ଟାଇପିଷ୍ଟ ମାନିକ ସାଇକିଆର ଦୁଃଖପୂର୍ଣ୍ଣ ଜୀବନର କରୁଣ କାହାଣୀ । ସାମାନ୍ୟ ଅର୍ଥପାଇଁ ଏଇ ଟାଇପିଷ୍ଟଟି ସ୍ୱୀୟ ଶକ୍ତିର ଅତିରିକ୍ତ କାମକରେ, ଏପରିକି ଅଧିକକାଳ ଅଫିସ୍‌ରେ ଖଟେ । ଅବଶେଷରେ ଦେହ ଖରାପ କରି ଅକାଳରେ ମୃତ୍ୟୁ ମୁଖରେ ପଡ଼େ । ଏଇ କର୍ତ୍ତବ୍ୟନିଷ୍ଠ ଆଦର୍ଶସ୍ଥାନୀୟ ଟାଇପିଷ୍ଟର ମୃତ୍ୟୁରେ ଅଫିସ୍‌ରେ ଶୋକପାଳନ ହେଲା ଏବଂ ଶୋକପ୍ରସ୍ତାବ ମଧ୍ୟ ଗୃହୀତ ହେଲା । ଚଉଧୁରୀ ବ୍ରାଦର୍ସ କମ୍ପାନୀର ପ୍ରୋପ୍ରାଇଟର୍‌ଗଣ ଯାହାଙ୍କ ଫାର୍ମରେ ଟାଇପିଷ୍ଟଟି କାମ କରୁଥିଲା, ପ୍ରତିଶ୍ରୁତି ଦେଲେ ଯେ ତିନିଶହ ମୁଦ୍ରା ବ୍ୟୟରେ ମାନିକ ସାଇକିଆର ଛବି ଅଫିସରେ ଝୁଲାଇବେ । ହୁଏତ ଠିକ୍ ସମୟରେ ଏହି ଟଙ୍କାର ଏକ ତୃତୀୟାଂଶ ଦାନଦେଇଥିଲେ ଝିଅଟିର ଜୀବନ ରକ୍ଷାକରାଯାଇଥାନ୍ତା, ଆଜି ଯେଉଁ ଝିଅଟିପାଇଁ ଆମେ କୃତଜ୍ଞତା ପ୍ରକାଶ କରୁଛୁ ବା ଯାହାକୁ ସମ୍ବେଦନା ଜ୍ଞାପନ କରୁଛୁ । ଲକ୍ଷ୍ମୀକାନ୍ତ ଫୁକନ୍ କଥିତ ଭାଷା ବ୍ୟବହାର କରନ୍ତି ଏବଂ ବୁଝି ବିଶ୍ଳେଷି ଯେଉଁ ଶବ୍ଦାବଳି ବ୍ୟବହାର କରନ୍ତି ତହିଁରୁ ସୁଫଳ ମିଳିଥାଏ । ତାଙ୍କ ଚିତ୍ତାକର୍ଷକ ଛବିର ଲେଖାର ଅନ୍ୟ ଗୁଣ ହେଲା ହାସ୍ୟରସର ଉପସ୍ଥିତି ।

ବର୍ତ୍ତମାନ ମହେନ୍ଦ୍ର ଚନ୍ଦ୍ର ବୋରା ଯେଉଁସବୁ କ୍ଷୁଦ୍ରଗଳ୍ପ ହାଲୁକାସ୍ତରରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଉପରେ ଲେଖୁଛନ୍ତି ସେଥିରେ ଯୁଦ୍ଧ ପୂର୍ବର ମୁଖ୍ୟତଃ 'ଆହ୍ୱାନ'ରେ ପ୍ରକାଶିତ ଗଳ୍ପମାନଙ୍କର ଜୀବନ୍ତ ଏବଂ ସ୍ପଷ୍ଟ ରୂପ ନାହିଁ । କିନ୍ତୁ କେହି ସେସବୁର ସାହିତ୍ୟିକ

Digitized by srujanika@gmail.com

ପ୍ରତିଷ୍ଠା ଅସ୍ୱୀକାର କରିପାରିବ ନାହିଁ । ମହୀ ବୋରାଙ୍କ ଗଳ୍ପର ମୁଖ୍ୟ ଆଭିମୁଖ୍ୟ ହେଲା ଆସାମର ସୁସ୍ଥ, ସନ୍ତୁଷ୍ଟ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଆକର୍ଷଣୀୟ ବର୍ଣ୍ଣନା ଏବଂ ସେମାନଙ୍କ ଆପତ୍ତି ଅଭିଯୋଗବିହୀନ ଜୀବନ ଅଭାବରେ ଦୁଃଖ ସୁଖରେ ଅବିଚଳିତ ଜୀବନର ରୂପ ପ୍ରଦାନ କରିବା । କ୍ଷୁଦ୍ରଗଳ୍ପରେ ଜନୈକ ପକ୍କା କଳାକାର ହିସାବରେ ବୋରାଙ୍କ ବିଶୁଦ୍ଧ ଶୈଳୀ ରହିଛି । ତାଂ ଭିତରେ ସହରୀ ସଭ୍ୟଜଗତର ରଙ୍ଗରସ ରହିଛି ଯାହାର ଉଦ୍ଦେଶ୍ୟ ହସଖୁସି ପ୍ରଦାନ, ନହେଲେ ଚରିତ୍ର ବା ଘଟଣାର ଉଦ୍ଭଟତା ଖୋଲି ଦେଖାଇଦେବା । ଅସମୀୟା ଭାଷାରେ ତାଙ୍କର ଗଳ୍ପରାଶିର ତୁଳନା ନାହିଁ; ଦୈନନ୍ଦିନ ଜୀବନରେ ଯେଉଁ ପୁରୁଷ ଓ ନାରୀମାନଙ୍କୁ ଦେଖୁଁ ତାଙ୍କ ଚରିତ୍ର ଗଢ଼ି ତୋଳିବାରେ ଏବଂ ଗଳ୍ପଗଠନ ପ୍ରଣାଳୀ, କଥନ, ଗୃତୁରୀ, ହାସ୍ୟରସ, ସ୍ୱତଃସ୍ଫୂର୍ତ୍ତି ତଥା ସଭ୍ୟଜୀବନ ଚିତ୍ର ସହିତ ଚରିତ୍ର ପ୍ରଦାନ କରିବାରେ ସେ ଧୁରନ୍ଧର । ତାଙ୍କର କଳ୍ପନାଶକ୍ତିର ବନ୍ୟା ଗୁରୁଗମ୍ଭୀର ବାଧା ଅବରୋଧ ସବୁ ଭାଙ୍ଗି ବିଶୁଦ୍ଧ ଶ୍ଳେଷ ବା ହାସ୍ୟରସର ପ୍ରଣାଳୀମାନ ତିଆରି କରିପାରେ ।

ଆଉଜଣେ ବୟସ୍କ କ୍ଷୁଦ୍ରଗଳ୍ପ ଲେଖକ ହେଉଛନ୍ତି ହଲିରାମ ଡେକା, ଯାହାଙ୍କ ଲେଖାରେ ଗଭୀର ଚରିତ୍ର ବିଶ୍ଳେଷଣ ଏବଂ ବ୍ୟଙ୍ଗବିଦ୍ରୁପ ଦେଖିବାକୁ ମିଳେ । ତାଙ୍କର ଅଳକାଲୈ ଚିଠି ଏହି ଜାତୀୟ ଉପନ୍ୟାସର ଚମତ୍କାର ସୃଷ୍ଟି । ଏଥିରେ କାଳ୍ପନିକ ଅଳକାକୁ ଲେଖାଯାଇଥିବା ପତ୍ରଗୁଚ୍ଛ ରହିଛି । ପୃଥକ୍ ପୃଥକ୍ ଚିଠି ଦ୍ୱାରା ଲେଖକ ଏକ ପତ୍ରୋପନ୍ୟାସ ଗୁଛିଛନ୍ତି । କିନ୍ତୁ ଏ ବହିର ପ୍ରଧାନ ମହତ୍ତ୍ୱ କଥନ ପ୍ରଣାଳୀରେ ନରହି, ରହିଛି ବିଶ୍ଳେଷଣାତ୍ମକ ଭଙ୍ଗୀରେ । ଡେକାଙ୍କ ଗଦ୍ୟଶୈଳୀ ଉଗ୍ରଙ୍ଗ ଏବଂ ଚିନ୍ତାପୂର୍ଣ୍ଣ ।

ଲକ୍ଷ୍ମୀଧର ଶର୍ମାଙ୍କ ଜୀବନ ଅକାଳରେ ଶେଷ ହୋଇଗଲା । ତାଙ୍କର ଅଧିକାଂଶ ଗଳ୍ପ ଇତସ୍ତତଃ 'ଆହ୍ୱାନ'ରେ ପ୍ରକାଶିତ । ପାଞ୍ଚୋଟି ଗଳ୍ପର ସମାହାରରେ ପୁସ୍ତକଟିଏ ଛପା ହୋଇଛି ଯାହାର ନାମ 'ବ୍ୟର୍ଥତାର ଦାନ' । 'ବିଦ୍ରୋହିନୀ' ଗଳ୍ପରେ ଦୁଃଖିନୀ ବାଲ୍ୟବିଧବା ଲଳିତାର ନିର୍ଭୟ ବିବୃତି ଏବଂ ସମାଜର କ୍ରୁର ଓ ନିର୍ମମ ପ୍ରଥା ବିରୋଧରେ ତାର ସାହସିକ ବିରୋଧ ବର୍ଣ୍ଣିତ । କାରଣ ଏହି କୁପ୍ରଥାସମୂହ ମଣିଷର ପ୍ରାଥମିକ ପ୍ରବୃତ୍ତି ଚରିତାର୍ଥ କରିବାରେ ବାଧା ସୃଷ୍ଟିକରେ । ଏଇଠି ସେ ସମାଜକୁ ମାନେନା କାରଣ ଏ ସମାଜ ସ୍ଥାଣୁ ଅପଥା ଅଚଳ, ଭଣ୍ଡ ଏବଂ ନିୟମ ସର୍ବସ୍ୱ । 'ସିରାଜ' ନାମକ ଅନ୍ୟଏକ ଗଳ୍ପରେ ସୀତା ଓ ଅନିଲ୍‌ଙ୍କ ପ୍ରେମ ଯାହା ଧୀରେ ଧୀରେ ପ୍ରସ୍ଫୁଟିତ ହୋଇଥିଲା ତାହା ହଠାତ୍ ମଉଳିଗଲା । କାରଣ ଅନିଲ୍ ସମାଜକୁ ଡରିଲା । କାରଣ ଏ ଭିତରେ ଜଣାପଡ଼ିଗଲା ଯେ ମାଆର ଅବିବାହିତ ଅବସ୍ଥାରେ ସୀତାର ଜନ୍ମ । ଦୟାମାୟାବିବର୍ଜିତ ଡରୁଆ ଅନିଲ୍ ସୀତାକୁ ପରିତ୍ୟାଗକଲା । 'ଲୀଳା' ଗପଟି ଆଧୁନିକ ସଭ୍ୟତା ଓ ଅଯୌକ୍ତିକ ସମାଜ ବ୍ୟବସ୍ଥାର ତୀବ୍ର ସମାଲୋଚନା । ଲକ୍ଷ୍ମୀଧର ଅସମୀୟା ଗଳ୍ପ ସାହିତ୍ୟକୁ ଗାମ୍ଭୀର୍ଯ୍ୟ, ଅସ୍ଥିମଜ୍ଜା ସମ୍ମାନ ଓ ଲୋକପ୍ରିୟତା ଦେଇଥିଲେ ।

Digitized by srujanika@gmail.com

ଲକ୍ଷ୍ମୀଧର ଶର୍ମାଙ୍କ ଗଳ୍ପରେ ପ୍ରଥମଥର ପାଇଁ ନାରୀ ଓ ତାର ପ୍ରାଥମିକ ପ୍ରବୃତ୍ତିର ଅସଂଲଗ୍ନ କାର୍ଯ୍ୟକଳାପ ସ୍ଥାନ ପାଇଛି । ତାଙ୍କ ପରେ ଅନେକାନେକ ଗାଳ୍ପିକର ଆବିର୍ଭାବ ହେଲା ଯେଉଁମାନେ ଆଧୁନିକ ନାରୀର ଆଭ୍ୟନ୍ତରୀଣ ପ୍ରବୃତ୍ତିର ଗତିବିଧି ଉପରେ ଲେଖିବସିଲେ । ସେମାନେ ହେଲେ ବୀଣା ବରୁଆ, ରୋମା ଦାସ ଓ ଅନ୍ୟମାନେ । ରୋମା ବରୁଆଙ୍କ "ପଟ ପରିବର୍ତ୍ତନ" ଏକ ଗଳ୍ପସଂକଳନ ଯହିଁରେ କଲେଜଝିଅ ଏବଂ ସେମାନଙ୍କର ଉପୁରିଆ, ବାରମ୍ବାର ପରିବର୍ତ୍ତନ ହେଉଥିବା ଆବେଗମୟ ପ୍ରେମକାହାଣୀ ବର୍ଣ୍ଣିତ । ଏହା ଛଡ଼ା ସେ ଗ୍ରାମ୍ୟଜୀବନ ଉପରେ ଗଳ୍ପ ଲେଖିଛନ୍ତି । ଗଳ୍ପଗୁଚ୍ଛର ପ୍ରଧାନ ଗଳ୍ପ 'ଆଘୋନିବାଇ' ହେଲା ଏକ ସ୍ମରଣୀୟ ଗଳ୍ପ ଯହିଁରେ ଗାଉଁଲୀ ଝିଅ 'ଅଘୋନିବାଇ' ଚରିତ କୁହାଯାଇଛି । ଝିଅଟି ନିଜେ ବିପଦ ଆପଦରେ ପଡ଼ି ମଧ୍ୟ ଗାମବାସୀଙ୍କି ସଦାସର୍ବଦା ସାହାଯ୍ୟକରେ । ଏ ଗଳ୍ପଗୁଚ୍ଛରେ ଗୁଡ଼ିଏ ଚରିତ୍ର ଅଛନ୍ତି ଯେଉଁମାନଙ୍କ ଆଲେଖ୍ୟ ଯତ୍ନ ସହିତ ଅର୍ଥପୂର୍ଣ୍ଣ ରୀତିରେ ଲେଖକ ଆଙ୍କିଛନ୍ତି । ରୋମା ଦାସଙ୍କ ଗଳ୍ପରଚନାର ଅନବଦ୍ୟ କଳା ପାଠକକୁ ଆକର୍ଷଣ କରିଥାଏ । ବର୍ଣ୍ଣନାର ପ୍ରାଞ୍ଜଳତା, ସଂଳାପର ମାଧୁର୍ଯ୍ୟ, ଚିନ୍ତାର ବଳିଷ୍ଠତା ଏବଂ ଭାଷାରେ କଳାତ୍ମକ ଆନୁପାତିକ ପାର୍ଥକ୍ୟ -- ଏ ସମସ୍ତ ଏକତ୍ରମିଶି ଅସମୀୟା ଭାଷାରେ ତାଙ୍କ ଗଳ୍ପଗୁଡ଼ିକୁ ଉଚ୍ଚ ସ୍ଥାନ ଦେଇଥାଏ । ତାଙ୍କର ଅଧିକାଂଶ ଗଳ୍ପ ସମାଜରେ ପ୍ରଚଳିତ ପ୍ରେମର ନୀତିନିୟମରେ ବ୍ୟତିକ୍ରମ ଦେଖାଇଥାଏ, ଏବଂ ଏଥିପାଇଁ ଲେଖକ ବିଶ୍ଲେଷଣାତ୍ମକ ମନସ୍ତତ୍ତ୍ୱ ଓ ସମ୍ବେଦନଶୀଳତାର ସାହାଯ୍ୟ ନେଇଛନ୍ତି ।

ତ୍ରୈଲୋକ୍ୟନାଥ ଗୋସ୍ୱାମୀ ଅନ୍ୟଜଣେ ଖ୍ୟାତିସମ୍ପନ୍ନ ଗଳ୍ପଲେଖକ ବିଶେଷତଃ ବାସ୍ତବବାଦୀ ଶ୍ରେଣୀର, ତାଙ୍କର ଯୋଡ଼ିଏ ସଂକଳନ 'ଅରୁଣା' ଓ 'ମରୀଚିକା' । ସେ ଗଳ୍ପସବୁ ଆମ ଚତୁଃପାର୍ଶ୍ୱ ଜୀବନର ଖଣ୍ଡିଏ ଖଣ୍ଡିଏ ଛବି । 'ଅରୁଣା'ରେ ଥିବା 'ଜୟରାଜ' ଗଳ୍ପଟି ବିଶେଷ ଶକ୍ତିସମ୍ପନ୍ନ । ଏଥିରେ ନିଷ୍ଠୁର ଘୃଣା ଏବଂ ସାମାଜିକ ଅତ୍ୟାଚାରର ଚିତ୍ର ରହିଛି। ଯାହା ରତନ ବୋଲି ଝିଅଟି ସହିଛି କାରଣ ବିନା ବିବାହରେ ମାଆ ଗର୍ଭରୁ ତାର ଜନ୍ମ ହୋଇଥିଲା । 'ବିଧବା' ନାମକ ଅନ୍ୟ ଏକ ଗଳ୍ପରେ ଲେଖକ ଦେଖାଇଛନ୍ତି କିମିତି ସେଇ ସାମାଜିକ ଅତ୍ୟାଚାର ଓ ଯନ୍ତ୍ରଣା ଭୋଗି ଅସହାୟ । ମାଆ ଏବଂ ତାର ହତଭାଗିନୀ ଝିଅ (ଦୁହେଁ ବିଧବା) ଉଭୟ ଛଟପଟ ହୋଇ ନିଃସହାୟ କାରୁଣ୍ୟର ଶିକାର ହୋଇଛନ୍ତି । ଗାଉଁଲୀ ସମାଜର ସ୍ତମ୍ଭ ସ୍ୱରୂପ ଛିଡ଼ାହୋଇଥିବା ମଣ୍ଡଳ ହେଲା ଜନୈକ ଅତ୍ୟାଚାରୀ ଯେ ପ୍ରମିଳାର ମାଆର ମୃତ ଦେହକୁ ସଂସ୍କାର କରିବାରେ ଗ୍ରାମବାସୀମାନଙ୍କୁ ବାଧାଦିଏ । ମଣ୍ଡଳର ନିଜ ପୁଅ କିନ୍ତୁ ଆଶାର ଆଲୋକବର୍ତ୍ତିକା ଦେଖାଏ । ନିଜ ବାପାଙ୍କ ବାଧା ନ ମାନି ଭୀଷଣ ଅନ୍ଧକାର ରାତ୍ରିରେ ଶ୍ମଶାନକୁ ମୃତ ଶରୀରକୁ ବୋହିନିଏ । ଏହା ସମସ୍ତଙ୍କ ଆଖି ଖୋଲିଦିଏ। ଏପରିକି ନିଜ କୁଚକ୍ରୀ ପିତା ମଧ୍ୟ ଅନୁତପ୍ତହୋଇ ଅବଶେଷରେ ଶବସଂସ୍କାର କ୍ରିୟାରେ ଯୋଗ ଦିଅନ୍ତି । 'ମରୀଚିକା' ଗଳ୍ପ ସଂଗ୍ରହରେ ଦ୍ୱିତୀୟ ମହାଯୁଦ୍ଧ ପରେ ଯେତେ ଯେତେ

Digitized by srujanika@gmail.com

ଦୁଃଖକଷ୍ଟ ଆସିଲା ତାରି ଉପରେ ଲିଖିତ । ଗୋସ୍ୱାମୀଙ୍କ 'ଜିୟାମାନୁଷ' ହେଉଛି ଏକ କ୍ଷୁଦ୍ର ଉପନ୍ୟାସ ଯହିଁରେ ନୈତିକତାର ଅବକ୍ଷୟ ଏବଂ ପରିଣାମତଃ ଯୁଦ୍ଧକାଳର ସମସ୍ତ ସ୍ୱତଃସ୍ଫୂର୍ତ୍ତ ଏବଂ ସୁମହତ୍ ଭାବଧାରାର ବିଲୟ, ଯେଉଁ ସବୁ ସଂସ୍କାରର ପରିବର୍ତ୍ତିତ ସମାଜରେ ଆବଶ୍ୟକତା ରହିଛି ତାରି ଉପରେ ଲିଖିତ ।

ଲକ୍ଷ୍ମୀଧର ଶର୍ମାଙ୍କ ପରେ ଏବଂ ଦ୍ୱିତୀୟ ମହାସମର ପର୍ଯ୍ୟନ୍ତ କ୍ଷୁଦ୍ରଗଳ୍ପର ଯେଉଁ ଲେଖକଗଣ ଲେଖିଲେ ସେମାନେ ସିଗ୍‌ମଣ୍ଡ ଫ୍ରୟେଡ୍ ଦ୍ୱାରା ପ୍ରଭାବିତ ହେଲେ । ଫ୍ରୟେଡ୍‌ଙ୍କ ଏହି ପ୍ରଭାବ ପ୍ରାଚୀନ ବାଧାନିଷେଧର ପ୍ରାଚୀର ଭଙ୍ଗ କଲା । ଏବଂ ଯୌନପ୍ରବୃତ୍ତିରେ ସମାଜକୁ ବିଜଡ଼ିତ କଲା । ଫଳରେ ଆଧୁନିକ କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସର ପ୍ରଧାନ ଲକ୍ଷଣ ଫ୍ରୟେଡୀୟ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ଅବଚେତନ ତଥା ଅଚେତନର ମନ୍ଥନର ରାସ୍ତା ଖୋଲା-କରିଦେବାରୁ କ୍ଷୁଦ୍ରଗଳ୍ପର ଲେଖକବର୍ଗ ଅଧିକ ଅଧିକ ଚରିତ୍ରମାନଙ୍କ ମନୋରାଜ୍ୟରେ ବିଚରଣ କରିବାର ସୁବିଧା ସୁଯୋଗ ପାଇଲେ । ଯୌନ କ୍ଷେତ୍ରରୁ ପବିତ୍ରତା ଗ୍ଳାଲିଯାଆନ୍ତେ କ୍ଷୁଦ୍ରଗଳ୍ପର ଲେଖକମାନେ ଅବୈଧ, ଅବାଧ, ପ୍ରେମରୋମାଞ୍ଚ ଏବଂ ସଂଯମହୀନ ଯୌନ ଆକର୍ଷଣ ଏବଂ ପରିତୃପ୍ତିକୁ ବିନା ଦ୍ୱିଧାରେ ଗ୍ରହଣ କଲେ ଯେପରିକି ସେଇସବୁ ଜୀବନର ପ୍ରକୃତ, ବାସ୍ତବ କ୍ରିୟାକାଣ୍ଡ । ତେଣୁ ଯୌନ ପ୍ରେମ ବର୍ଣ୍ଣନା ଏବଂ ଯୌନ ପ୍ରକ୍ରିୟାରେ ସ୍ୱାଧୀନତା ପ୍ରଗ୍ଚର କରୁ କରୁ ସେମାନଙ୍କ ବିଗ୍ଚର ବିବେକ, ସନ୍ଦେହ, ଲଜ୍ଜା କିଛି ରହିଲାନାହିଁ । ବରଂ ଯୌନଇଚ୍ଛା ସେମାନଙ୍କ ଅନୁଭୂତିରେ ବିଶ୍ୱମୟ ଶକ୍ତି ବୋଲି ବୋଧହେଲା, ଯାହାକୁ ସେମାନେ ପବିତ୍ର ଭାଷାରେ ବର୍ଣ୍ଣନା କରିବାକୁ ଲାଗିଲେ । ପୁରୁଷ ଓ ସ୍ତ୍ରୀ ମଧ୍ୟରେ ମୂଳ ସଂପର୍କର ନୂଆ ତର୍ଜମା କରି ନୂଆ ସମାଜ ଓ ବ୍ୟକ୍ତି ପୃଷ୍ଠପଟରେ ଏବଂ ଫ୍ରୟେଡୀୟ ସଂପର୍କ ଦେଖିବାକୁ ଲାଗିଲେ ।

ଦ୍ୱିତୀୟ ମହାସମର ପରେ କିନ୍ତୁ ଏ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆସିଛି । ଆଜିର କ୍ଷୁଦ୍ରଗଳ୍ପ ମଧ୍ୟବିତ୍ତ, ଶ୍ରମିକ ଏବଂ କୃଷକଙ୍କ ସମସ୍ୟା ଉପରେ ଆଧାରିତ । ନୂତନ ସାମାଜିକ ଏବଂ ଅର୍ଥନୈତିକ ପରିବେଶ ମଧ୍ୟରେ ଅମେଳ ଓ ଅସମତାପୂର୍ଣ୍ଣ ସୁବିଧା ସୁଯୋଗ କ୍ଷୁଦ୍ରଗଳ୍ପର ଭିତ୍ତିଭୂମି ହୋଇଛି । ଏହା ଦ୍ୱିତୀୟ ମହାସମର ଆଣିଦେଇଥିବା ସାମାଜିକ ରାଜନୈତିକ ଏବଂ ନୈତିକ ଉତ୍‌ଥାନ ପତନ ସହିତ ସଂଶ୍ଳିଷ୍ଟ । ନୂତନ ମୂଲ୍ୟାଙ୍କନ କରିବାରେ ଗାଳ୍ପିକମାନେ ବ୍ୟସ୍ତ । ପୂର୍ବ ସାମାଜିକ ବ୍ୟବସ୍ଥାରେ କୃଷକଜୀବନରେ ଯେଉଁ ସନ୍ତୋଷଥିଲା ତାର ବିପରୀତରେ ବର୍ତ୍ତମାନ ଶ୍ରମିକ ନୂତନ ସାମାଜିକ ଶୃଙ୍ଖଳାର ଯେପରି ଅସନ୍ତୋଷ, ଦୁଃଖଦୈନ୍ୟ, ଅତ୍ୟାଗ୍ଚର, ନିର୍ଯ୍ୟାତନା ଭୋଗୁଛି ଏବଂ ଧନୀର ସ୍ୱାର୍ଥ ପାଇଁ ବଳି ପଡୁଛି ଏବଂ କ୍ରୋଧ ଓ ପ୍ରତିଶୋଧ ଜର୍ଜରହେଉଛି ତାର ବିପରୀତ ଛବି ଦେଖାଇ ଦିଆ ଯାଉଛି ।

ଯୁଦ୍ଧପରେ ଲୋକପ୍ରିୟ ଲେଖକ ମଧ୍ୟରେ ସୟଦ ଅବଦୁଲ ମାଲିକ ଜଣେ । ଆସାମର ଅନ୍ୟାନ୍ୟ ଗଳ୍ପ ଓ ଉପନ୍ୟାସ ଲେଖକମାନଙ୍କର ନିରନ୍ତର ନିଷ୍ଠାର ଅଭାବ ଥିଲା

Digitized by srujanika@gmail.com

ବେଳେ ସୟଦ ଅବଦ୍ଦୁଲ ମାଲିକ ପ୍ରାୟ ବିଗତ ଦୁଇଟି ଦଶକ ଧରି କ୍ଷୁଦ୍ର ଗଳ୍ପ ସହିତ ସଂଶ୍ଳିଷ୍ଟ ରହିଛନ୍ତି ଏବଂ ବର୍ତ୍ତମାନ ସେ ଭାଷାର ପ୍ରିୟତମ ଗଳ୍ପଲେଖକ । ରଚନାବଳି କ୍ରମରୁ ତାଙ୍କର ଶକ୍ତିଶାଳୀ ବ୍ୟକ୍ତିଗତ ଶିଳ୍ପକଳାର ବିବର୍ତ୍ତନ ଜାଣିହୁଏ । ରୋମାଣ୍ଟିକ୍ ପ୍ରେମରୁ ଆରମ୍ଭକରି ସେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ସମାଜ ସଚେତନତା ପର୍ଯ୍ୟନ୍ତ ଯାଇଛନ୍ତି । ତାଙ୍କର ଅଧିକାଂଶ ଗଳ୍ପରେ ଯୌନ ଆବେଦନ ରହିଛି, ବିଶେଷତଃ ସହରର ଯୁବକ ଯୁବତୀଙ୍କ ପାଇଁ । ସେଥିରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଜରିଆରେ ସେ କୁତୁହଳ ଜାଗ୍ରତ କରିଥାନ୍ତି; ଅନେକ ସମୟରେ ପତିତ ଜୀବଟି ଭିତରେ ଅଜାଗ୍ରତ ଯୁଗ ଚେତନା ସୃଷ୍ଟିକରି ସେ ଦେଖାଇ ଦେଇଛନ୍ତି କିପରି ଆଧୁନିକ ଇଭ୍‌ମାନଙ୍କ ବିଭିନ୍ନ ମାନସିକ ଅବସ୍ଥା -- ସେମାନଙ୍କ ଦୁର୍ବଳତା ସେମାନଙ୍କ ଅସ୍ଥିରତା, ସମାଜର ସ୍ୱୀକୃତ ନୈତିକ ମାନରୁ ସ୍ଖଳନ ଏବଂ ଅସ୍ଥାୟୀ ବିଜୟଦର୍ପ ଯାହା ପରିବେଶ ବିରୋଧରେ ପ୍ରତିକ୍ରିୟା ଅବଶେଷରେ ଦେଖାଇଥାଏ । ‘‘ଶେଷ ଉପକୂଳର ସେଲୁଆ ପାର’’, ‘‘ପ୍ରାନ୍ ହେରୋଷ୍ଟାର ପଶ୍ଚାତ୍’’, ‘‘ଜୁଆର ଆରୁ ଉପକୂଳ’’ ଏବଂ ‘‘ମରହା ପାପରି’’ ଆଦି ଗଳ୍ପ ଶେଷୋକ୍ତ ନାମଟିକୁ ନେଇ ପ୍ରକାଶିତ ଗଳ୍ପଗୁଚ୍ଛର ଅନ୍ତର୍ଗତ । ସେଥିରେ ନାରୀଚରିତ୍ରର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ବ୍ୟବଚ୍ଛେଦ କରାଯାଇଛି । ଅନେକ ଗଳ୍ପରେ ଅନ୍ୟାୟ ଅଥଚ କୂଳପ୍ଲାବୀ ପ୍ରେମକୁ ସହାନୁଭୂତି ସହିତ ଚିତ୍ରଣ କରାଯାଇଛି । ଜଣାଯାଏ, ଲେଖକ ଯେପରି ଏ ସବୁ ବିଷୟରେ ଚିରାଚରିତ ଦୃଷ୍ଟି-ଭଙ୍ଗୀରେ ପୁରା ବୈପ୍ଳବିକ ପରିବର୍ତ୍ତନ ଆଣି ଅସମୀୟା ପାଠକମନରେ ଏଇକଥା ସୂଚାଇଦେବାକୁ ଚାହାଁନ୍ତି ଯେ ସତୀତ୍ୱ, ବ୍ୟକ୍ତିଗତ ପବିତ୍ରତା ଆଦିଗୁଣ ସ୍ଥାୟୀ ବା ସ୍ଥିର, ଚିରନ୍ତନ ନୁହନ୍ତି; ସମାଜ, କାଳ ଏବଂ ଦେଶ ସହିତ ସେସବୁ ସଂପୃକ୍ତ । ସେ ପ୍ରଚୁର ମାନବିକତା ଉଚ୍ଚଭାବନା ବା ସମ୍ମାନ ସମାଜରୁ ବିତାଡ଼ିତ ତଥାକଥିତ ଅପାଙ୍‌କ୍ତେୟଙ୍କଠାରେ ଦେଖିବାକୁ ପାଆନ୍ତି । ତାଙ୍କ ମତରେ ସେମାନଙ୍କ ପତନ ଆକସ୍ମିକ ଏବଂ ଜୀବନରେ ଭରିରହିଥିବା ଦୁର୍ଭାଗ୍ୟ ଯୋଗୁ । ମାଲିକଙ୍କ ଏବକାର ରଚନାବଳିରେ ଧନୀ ଓ ନିର୍ଦ୍ଧନ ବ୍ୟକ୍ତି ଓ ସମାଜ ସଂଘର୍ଷ ଏବଂ ‘ସିଓ ମରିଲ୍’ ଗଳ୍ପରେ ନୂତନ ସାମାଜିକ ବ୍ୟବସ୍ଥାରେ ମଧ୍ୟବିତ୍ତ ଶ୍ରେଣୀରେ ବିଭେଦ, ଅମେଳ ବା ସମତାର ଅଭାବ ଦେଖିବାକୁ ମିଳେ । ‘ସିଓମରିଲ୍’ ଗଳ୍ପଟିରେ ଗାଳ୍ପିକ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି କିପରି ସମାଜରେ ପ୍ରଚଳିତ ଅସମ ଅର୍ଥନୀତି ଅନେକ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଚାପିରଖିଛି । ଯାହା ଫଳରେ ସେମାନେ ଅକାଳରେ ମରୁଛନ୍ତି । ମାଲିକ ଅସମୀୟା କ୍ଷୁଦ୍ରଗଳ୍ପକୁ ଏକ ନୂତନଶକ୍ତିଶାଳୀ କଳା ଆଣିଛନ୍ତି । ତାଙ୍କ ଲେଖାରେ ପୁରିରହିଛି ସରସ, ସରଳ ଏବଂ ଉଦାର ମନୋଭାବ ଏବଂ ଲିଖନଭଙ୍ଗୀ ତଥା ଶୈଳୀରେ କଳା ସ୍ୱାତନ୍ତ୍ର୍ୟ ।

ଦୀନନାଥ ଶର୍ମାଙ୍କ ଗଳ୍ପସବୁ ଚାରିଗୋଟି ସଂକଳନରେ ପ୍ରକାଶିତ: ‘ଦୁଲାଲ୍’ (୧୯୫୨) ‘ଏକେଲାସରିଆ’ (୧୯୫୩) ‘‘କୋଷ୍ଟା ଭାତୁରିଆ ଓଠର ତଲତ୍’’, ଏବଂ

Digitized by srujanika@gmail.com

"କଳ୍ପନା ଆରୁ ବାସ୍ତବ" (୧୯୫୫) । ତାଙ୍କ ଗଳ୍ପର ଅଧିକାଂଶ ଯୌନ ପ୍ରେମ ବିଷୟରେ । ଶର୍ମାଙ୍କର ଅନେକ ଗଳ୍ପରେ ନାରୀମାନଙ୍କର ଯେଉଁ କଦର୍ଯ୍ୟ ଛବି ଦିଆଯାଇଛି ସେଥିରେ ମନ ବିଦ୍ରୋହୀ ହୋଇ ଉଠେ । "କୋଷ୍ଠା ଭାତୁରିଆ ଓଠର ତଲତ୍" ଗୁଚ୍ଛରେ ସନ୍ନିବିଷ୍ଟ "ଫେଟିଗମ" ଗଳ୍ପରେ ଅନେକ ଏଭଳି ଜଘନ୍ୟ ଛବି ରହିଛି । ବେଶ୍ ସ୍ପଷ୍ଟ ଯେ ଲେଖକଙ୍କର ନାରୀମାନଙ୍କ ପ୍ରତି ସ୍ଥାୟୀ ଶ୍ରଦ୍ଧା ବା ସହାନୁଭୂତି ନାହିଁ । ତଥାପି କେତେଗୁଡ଼ିଏ ଗଳ୍ପରେ ଏହାର ବ୍ୟତିକ୍ରମ ଦେଖାଯାଏ । ଏଥିରେ ନାରୀ ମନର ଭୟ, ମୂକ ସହନଶୀଳତା, ଜୀବନଜାଲରେ ନାରୀର ଅସହାୟ ବିଚରଣ, ତା ମନର ଦ୍ୱନ୍ଦ୍ୱ, ଜଟିଳତା ଆଦି ବେଶ୍ ଭଲଭାବରେ ମନସ୍ତାତ୍ତ୍ୱିକ, ବିଶ୍ଳେଷଣାତ୍ମକ, ସୌନ୍ଦର୍ଯ୍ୟ ଆଲୋଚନା ରୀତିରେ କରାଯାଇଛି ।

'କୋଷ୍ଠା ଭାତୁରିଆ ଓଠର ତଲତ୍'ରେ ଜୋଲା ଓ ମୋପାସାଁଙ୍କ ରୀତିରେ ଲିଖିତ ଗଳ୍ପମାନଙ୍କରେ ସମୁଦ୍ର ଅପରପାର୍ଶ୍ୱର ବିଚିତ୍ର ଦେଶର ମସଲା ମହାକ ରହିଛି । ଏଥିରେ ଦ୍ୱିତୀୟ ମହାସମର ପୃଷ୍ଠପଟରେ ବିଭିନ୍ନ ଜାତିର ଅଦ୍ଭୁତ ଲୋକଙ୍କର ପ୍ରେମ କାହାଣୀ ବର୍ଣ୍ଣିତ । ଏସବୁ ବାଦ୍‌ଦେଲେ ଦୀନଶର୍ମାଙ୍କ ଗଳ୍ପସବୁ ଆସାମର ଉଭୟ ଗ୍ରାମ ଓ ସହର ଭିତରେ ସୀମାବଦ୍ଧ । 'କଳ୍ପନା ଆରୁ ବାସ୍ତବ'ର 'ସ୍ତ୍ରୀରତ୍ନ' ପରି କେତୋଟି ଗଳ୍ପରେ ଆସାମର ଗ୍ରାମ୍ୟଛବିର ସୁସ୍ପଷ୍ଟ ଚିତ୍ର ରହିଛି । ଦୀନଶର୍ମାଙ୍କ ଅସଲ ଦୁର୍ବଳତା ହେଲା ଯଥାର୍ଥ ପ୍ରକାଶଭଙ୍ଗୀର ଅଭାବ ।

ହେମେନ ବରଗୋହାଇଁ ଏକାଧାରରେ କବି ଏବଂ ଗାଳ୍ପିକ ଏବଂ ଏ ଯାକେ ସେ ଯୋଡ଼ିଏ ଗଳ୍ପଗୁଚ୍ଛ, 'ବିଭିନ୍ନ କୋରାଚୀ' ଏବଂ 'ପ୍ରେମ ଆରୁ ମୃତ୍ୟୁର କାରନେ' ପ୍ରକାଶ କରିଛନ୍ତି । ବରଗୋହାଇଁ ଅଧିକାଂଶ ସ୍ଥଳରେ ଫ୍ରୟେଡ଼ିୟ ଲିବିଡୋ ଥିଓରି ନେଇ ବ୍ୟସ୍ତ । ସ୍ୱଭାବତଃ ତାଙ୍କ ଗଳ୍ପରାଶି ଯୌନ ଉପାଦାନ ଓ ବାସ୍ତବତା ଆଡ଼କୁ ଢଳିଥାନ୍ତି । ତଥାପି ସଂଯତ ଶୈଳୀ ଓ ଶବ୍ଦ ସ୍ୱଳ୍ପତା ବଳରେ ଉପଯୁକ୍ତ ଫଳ ଆଣିଦେବାର କରାମତି ତାଙ୍କର ରହିଛି ।

ପଦ୍ମାବର କାକତି ତାଙ୍କ ଉଭୟ ଉପନ୍ୟାସ ଓ ଗଳ୍ପମାନଙ୍କରେ ଚିରାଚରିତ ବାଧାନିଷେଧ ନମାନି ଯୌନଚର୍ଚ୍ଚାକୁ ଏକମାତ୍ର ବିଷୟବସ୍ତୁ କରିଛନ୍ତି । ସୌରଭ ଗ୍ଲିହା ଅନ୍ୟଜଣେ ଉଦୀୟମାନ ଲେଖକ ଯେ ଅବକ୍ଷୟମାନ ସମାଜର ପୁରୁଷ ଓ ସ୍ତ୍ରୀଙ୍କ ଉପରେ ବ୍ୟଙ୍ଗବିଦ୍ରୂପ କରି ଲେଖିଛନ୍ତି । ତ୍ରିମୂର୍ତ୍ତି ଭବେନ୍ ସାଇକିଆ, ଲକ୍ଷ୍ମୀ ନନ୍ଦନ ବୋରା ଏବଂ ମୋହିମ ବୋରାଙ୍କ ଗ୍ରାମ୍ୟଲୋକ ଏବଂ ଗ୍ରାମ୍ୟଜୀବନ ପ୍ରତି ଗଭୀର ସହାନୁଭୂତି, ଅନ୍ତର୍ଦୃଷ୍ଟି ଏବଂ ବୁଝାମଣା ରହିଛି । ସେମାନଙ୍କ ଗଳ୍ପରେ ସେମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଗାଉଁଲି ଲୋକ ଓ ଗ୍ରାମୀଣ ଅବସ୍ଥା ଉପରେ ।

Digitized by srujanika@gmail.com

ଯୁଦ୍ଧୋତ୍ତର କାଳରେ ଆମ ସାହିତ୍ୟରେ ଯେଉଁ ପରିବର୍ତ୍ତନ ଆସିଲା ତାହା ପୂର୍ବେ ଉଲ୍ଲେଖ କରାଯାଇଛି । ଏହି ପରିବର୍ତ୍ତନ କ୍ଷୁଦ୍ରଗଳ୍ପର ଉଭୟ ବିଷୟବସ୍ତୁ ଏବଂ ଶୈଳୀ ଉପରେ ପ୍ରତିଫଳିତ ହୋଇଛି । ଆଧୁନିକ ବ୍ୟସ୍ତତାପୂର୍ଣ୍ଣ ଜୀବନରେ କ୍ଷୁଦ୍ରଗଳ୍ପ ଏକ ସାହିତ୍ୟିକ ମାଧ୍ୟମ ଆକାରରେ ଯଥାର୍ଥ ମନୋରଞ୍ଜକ ଏବଂ ଉଭୟ ଲେଖକ ଓ ପାଠକ ପାଇଁ ଲୋକପ୍ରିୟ । ଏମାନେ ସମସ୍ତେ ସ୍କୁଲ କଲେଜର ଯୁବ ଲେଖକ ହୋଇଥିବାରୁ କ୍ଷୁଦ୍ରଗଳ୍ପକୁ ଚର୍ଚ୍ଚା କରିବାକୁ ପସନ୍ଦ କରନ୍ତି । ପାଶ୍ଚାତ୍ୟ ଶିକ୍ଷାରେ ବଢ଼ିଥିବା ଏବଂ ଫ୍ରୟେଡୀୟ ଏବଂ ମାର୍କସ୍‌ଙ୍କ ଦର୍ଶନରେ ପ୍ରଭାବିତ ହୋଇଥିବାରୁ ଏହି ଲେଖକବର୍ଗ ନୂତନ ସାହିତ୍ୟିକ, ଦାର୍ଶନିକ, କଳାତ୍ମକ, ଧାର୍ମିକ ଏବଂ ସାମାଜିକ ମୂଲ୍ୟାୟନ ତଥା ଆଧୁନିକ ମୂଲ୍ୟବୋଧର ବୈଜ୍ଞାନିକ ନିରୀକ୍ଷା ଚାହାଁନ୍ତି । ସାମାଜିକ ବ୍ୟବହାର, ବଂଶ ଗୌରବ ଆଚରଣର ପବିତ୍ରତା, ନୈତିକ ନିଷ୍ଠା ଆଦିର ପୁନର୍ବାର ସଜ୍ଞା ନିରୂପଣ ସେମାନେ ଚାହାଁନ୍ତି । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମାଧ୍ୟମରେ ଏହି ଲେଖକମାନେ ମଣିଷମନର ଗଭୀର ଅନ୍ଧକାରକୁ ପ୍ରବେଶ କରିଛନ୍ତି । ଦାମ୍ପତ୍ୟ ପ୍ରେମରେ ସହଜ ମନୋଭାବ, ରୋମାନ୍ସ, ନୂତନତାର ପାଗଳ ଅନୁସନ୍ଧାନ, ବିବାହର ରୋମାଞ୍ଚ ସେମାନଙ୍କ ଶ୍ରେଷ୍ଠ ଓ ସ୍ଥାୟୀ ଚିନ୍ତାବସ୍ତୁ । ସେମାନେ ଧନୀ, ଦରିଦ୍ର, ଜମିଦାର ଏବଂ କୃଷକ ମଧ୍ୟରେ ଅର୍ଥନୈତିକ ସମ୍ପର୍କର ଅନୁସନ୍ଧାନ କରନ୍ତି ଏବଂ ଦରିଦ୍ରମାନଙ୍କ ପ୍ରତି ଭଲ ସମ୍ପର୍କ ବା ବ୍ୟବହାର କାମନା କରନ୍ତି ।

ଏହି ତରୁଣ ଗାଳ୍ପିକଗଣ ଇଉରୋପୀୟ ଚିନ୍ତାଧାରା, ପ୍ରଶ୍ନବାଚକ ଦୃଷ୍ଟିଭଙ୍ଗୀରେ ଅନୁପ୍ରାଣିତ ହୋଇ ଜୀବନ ଓ ଘଟଣାବଳି ପ୍ରତି ବାସ୍ତବ ଦୃଷ୍ଟିଭଙ୍ଗୀ ରଖୁଛନ୍ତି । ସେମାନେ ଭାବୁଛନ୍ତି କଳାକାର ହେବାକୁ ହେଲେ ସେମାନଙ୍କ ଗତିମୁକ୍ତି ପ୍ରତିକ୍ଷେତ୍ରରେ ବାସ୍ତବବାଦର ଅପେକ୍ଷା ରଖୁଛି । ବିଷୟବସ୍ତୁରେ ବାସ୍ତବତା ଛଡ଼ା ଭାଷାରେ ମଧ୍ୟ ବାସ୍ତବତା ରହିବା ଉଚିତ । ପୂର୍ବରୁ ଥିବା ଯେତେଯେତେ ବାଧାନିଷେଧ ତାକୁ ନମାନି ଅଶ୍ଳୀଳ, ଧର୍ମ ବିରୋଧ ଏପରିକି ଅସଭ୍ୟ କଥାସବୁ ଏବେ ଲେଖାଚାଲିଛି । ଏହା ସତ ଯେ ଯଦି କୌଣସି ସାହିତ୍ୟ ଉନ୍ନତ ଏବଂ ପ୍ରଗତିଶୀଳ ହେବାକୁ ଚାହେଁ ତେବେ ତାର ଉତ୍ଥାନ ହେବ ସୁପ୍ତ ବିଶ୍ୱାସର ଅଚୈତନ୍ୟ ଅବସ୍ଥା ପରିହାର କରିବାଦ୍ୱାରା । କିନ୍ତୁ ଏହା ମଧ୍ୟ ସତ୍ୟ ଯେ କେବଳ ପରିବର୍ତ୍ତନ ପ୍ରଗତିର ପ୍ରତୀକ ନୁହେଁ ଏବଂ ସାହିତ୍ୟିକ ଭାବ ଓ ଭାଷାରେ ପ୍ରତ୍ୟେକ ନୂତନ ପରୀକ୍ଷା ନିରୀକ୍ଷା କଳାର ପ୍ରଗତି ପଥରେ ଏକ ମାଇଲ ପଥର ବୋଲି ବିବେଚିତ ହୋଇ ନପାରେ ।

❑ ❑ ❑

Digitized by srujanika@gmail.com

# ପରିଚ୍ଛେଦ -- ଦଶ

## ଗଦ୍ୟ ସାଧାରଣ

ପୂର୍ବରୁ ଉଲ୍ଲେଖ କରାଯାଇଛି, କିପରି ଆଧୁନିକ ଅସମୀୟା ଗଦ୍ୟ ଆମେରିକା ବାପଟିଷ୍ଟ ମିଶନ ଏବଂ ତାଙ୍କ ଅସମୀୟା ସହକର୍ମୀମାନଙ୍କ ଯୁଗ୍ମ ସହଯୋଗରେ ପ୍ରାରମ୍ଭ ହୋଇଥିଲା । ଆନନ୍ଦରାମ ଢ଼େକିଆଳ ଫୁକନ, ଗୁଣାଭିରାମ ବରୁଆ ଏବଂ ହେମଚନ୍ଦ୍ର ବରୁଆ ବ୍ୟାକରଣକୁ ଚୂଡ଼ାନ୍ତ ରୂପଦେଲେ ଏବଂ ଭାଷାକୁ ଶିକ୍ଷା ଓ ସମାଜ ସଂସ୍କାର ପ୍ରସାରର ମାଧ୍ୟମ କଲେ ଏବଂ ଇତିହାସ, ବିଜ୍ଞାନ, ଦର୍ଶନ ବୁଝାଇବା ନିମନ୍ତେ ବ୍ୟବହାର କଲେ । ସେମାନଙ୍କ ରଚନାବଳିରେ ଉଷ୍ମତା ନଥିଲା ବା ପରବର୍ତ୍ତୀ କାଳର ଗଦ୍ୟସାହିତ୍ୟରେ ଗତି ପ୍ରବାହ ବା ଶୈଳୀ ନଥିଲା । ଲକ୍ଷ୍ମୀନାଥ ବେଜବରୁଆ ହିଁ ପ୍ରଥମ ଲେଖକ ଯେ ଅସମୀୟ ଗଦ୍ୟସାହିତ୍ୟରୁ ଭାବ, ତଥ୍ୟର ବୋଝ ଉଠାଇନେଇ ଏହାକୁ କିଛି ମାତ୍ରାରେ ଗତିଶୀଳ କଲେ । ନିର୍ବ୍ୟକ୍ତିକ ବା ବସ୍ତୁନିଷ୍ଠ ଶୈଳୀ ବ୍ୟକ୍ତିଧର୍ମୀ ବା ଅନ୍ତର୍ଧର୍ମୀ ଶୈଳୀର ସ୍ଥାନ ଅଧିକାର କଲା । ଛୋଟ ଛୋଟ ଚରିତ୍ର ଓ ଲଘୁ ନିବନ୍ଧ ସୃଷ୍ଟିର ଗୌରବ ବେଜବରୁଆଙ୍କର, ଏବଂ ସମାଜର କଳଙ୍କ ଦୂରପାଇଁ ହାସ୍ୟରସର ବ୍ୟବହାର ମଧ୍ୟ ତାଙ୍କରି । ଚେଷ୍ଟାରଟନ୍‌ଙ୍କ ପରି ବେଜବରୁଆ ନିବନ୍ଧ ଓ କ୍ଷୁଦ୍ରଗଳ୍ପ ମଝିରେ ଏକ ପ୍ରକାର ମାଧ୍ୟମ ବାହାରକଲେ, ଯାହା ପାଠକକୁ ଆନନ୍ଦ ଯୋଗାଇବ । ଏଥିପାଇଁ ତାଙ୍କ ପ୍ରବନ୍ଧରେ ଅତୀବ ମନୋରଞ୍ଜକ ଗୁଣ ଥାଏ । ଯାହା ଅସଂଖ୍ୟ ଘରୋଇକଥା ଓ ଦୈନନ୍ଦିନ ଘଟଣାସମୂହକୁ ମିଳାଇ ହୃଦୟଭରି ହସିବାକୁ ମସଲା ଯୋଗାଏ । ବେଜବରୁଆ ତାଙ୍କ ପ୍ରବନ୍ଧ ଓ ଲଘୁ ନିବନ୍ଧମାନଙ୍କରେ କୃପାବରବରବରୁଆ ନାମକ ଏକ ଚରିତ୍ରସୃଷ୍ଟି କରିଥିଲେ, ଯାହା ସାର୍ ରୋଜାର ଡି କର୍ଭାଲି ନାମକ ଟରି ଜମିଦାରଙ୍କର ଅନୁକୃତି । ଅସାମୀୟା ଜୀବନ ଓ ଚଳନିକୁ କୃପାବରର ବ୍ୟକ୍ତିଗତ ବେଆଡ଼ିଆ ଗୁଣ ମାଧ୍ୟମରେ ଖୋଲିଦେଇ ବ୍ୟଙ୍ଗ ବିଦ୍ରୂପ କରିବାକୁ ଛାଡ଼ିନଥିଲେ । 'ବରବରୁଆର ଭାବର ବୁରବୁରାନି' ଶୀର୍ଷକ ଏକ ଆନନ୍ଦଦାୟକ ନିବନ୍ଧଗୁଚ୍ଛରେ ସେ ଯେଉଁ ଧାରାବାହିକ ରଚନା ଲେଖିଥିଲେ ତାହା ଆସାମରେ ସୁବିଦିତ । ସେସବୁ ସ୍ଥାନୀୟ ଘଟଣାଉପରେ ଅଧିକାଂଶ ସମୟରେ ପର୍ଯ୍ୟବସିତ ହୋଇ ଫମ୍ପାମଣିଷ ଓ ଅନୁଷ୍ଠାନମାନଙ୍କୁ ବ୍ୟଙ୍ଗବିଦ୍ରୂପ କରିଥାଏ । ସେସବୁ କାନ୍ତକୋମଳ ରୀତିରେ ଶୋଭନୀୟତାକୁ ଲଙ୍ଘନ ନକରି ହାସ୍ୟରସରେ ରସାଣିତ । ସମକାଳୀନ ଜୀବନଯାତ୍ରା ଓ ସମସ୍ୟାଉପରେ ତୀକ୍ଷ୍ଣ ମନ୍ତବ୍ୟ ଦେଇ ଏବଂ କ୍ରୋଧାନ୍ୱିତ ବ୍ୟଙ୍ଗ ଏବଂ ଓଜନିଆ ଶୈଳୀକୁ ବାଦଦେବା ଦ୍ୱାରା ତାଙ୍କ ପ୍ରବନ୍ଧାବଳି ଚିତ୍ତାକର୍ଷକ ହୋଇଛି ଏବଂ ସେଥିରୁ ଆମେ ଯୁଗପତ୍ ଜ୍ଞାନ ଓ ଆନନ୍ଦ ପାଇଥାଉଁ । କିନ୍ତୁ ତାଙ୍କ ଚରନାରେ କିଛି କିଛି ଦୋଷତ୍ରୁଟି ରହିଯାଇଛି, ସେ ଭିତରୁ ଉଲ୍ଲେଖଯୋଗ୍ୟ ଗୋଟିଏ ହେଲା ମଣ୍ଟେନ୍‌ଙ୍କ ବିସ୍ତାରିତ ଶୈଳୀ ।

Digitized by srujanika@gmail.com

ସତ୍ୟନାଥ ବୋରା (୧୮୬୦--୧୯୨୫) ହେଉଛନ୍ତି ଅନ୍ୟଏକ ଗଦ୍ୟ ଲେଖକ । ସେ ଗୁଡ଼ାଏ ଚରିତ୍ର ଆଙ୍କିଥିଲେ ଯହିଁରେ ସେ ମଣିଷର ଅହମିକା ତଥା ସମକାଳୀନ ସମାଜର କଳଙ୍କସମୂହକୁ ବିଦ୍ରୂପ କରିଥିଲେ । ଏସବୁ ତାଙ୍କ 'କେନ୍ଦ୍ରସଭା'ର ଅନ୍ତର୍ଗତ । କିନ୍ତୁ ଉତ୍କୃଷ୍ଟ ଗଦ୍ୟଶୈଳୀର ଅଧିକ ପ୍ରତିନିଧିମୂଳକ ହେଲା 'ସାରଥୀ', 'ଚିନ୍ତାକଳି' ଏବଂ 'ସାହିତ୍ୟ ବିଗ୍ରହ' 'ସାରଥୀ', ଚିନ୍ତାକଳିର ନିବନ୍ଧମାନ ଚିନ୍ତାଶୀଳ, ସଂଲଗ୍ନ ଏବଂ ଅନାଧର୍ମିକ ରଚନା । 'ସଂସାର', 'ଜୀବନର ଲକ୍ଷ୍ୟ' 'କର୍ତ୍ତବ୍ୟ', 'ସଂକଳ୍ପ', 'ଚରିତ୍ର', 'ସମ୍ପଦର ବ୍ୟବହାର' ଆଦି ନିବନ୍ଧରେ ଲେଖକ ସାହିତ୍ୟକୁ ପ୍ରଗତି, ଶିକ୍ଷା ଏବଂ ସମ୍ପଦର ମାଧ୍ୟମରୂପେ ବ୍ୟବହାର କରିଛନ୍ତି । ମୌଳିକ ଏବଂ ଗଭୀର ଚିନ୍ତାଶୀଳ ଲେଖକ ଭାବରେ ତାଙ୍କର ବାକ୍ୟସବୁ ସିଧାସଳଖ, ବ୍ୟଙ୍ଗାତ୍ମକ, ଶ୍ଳେଷପୂର୍ଣ୍ଣ, ସଂକ୍ଷିପ୍ତ ଏବଂ ଜ୍ଞାନଗର୍ଭିତ । ଜ୍ଞାନ ମନର ଅନ୍ଧକାର ଦୂରକରେ' ''ଚିନ୍ତା ହେଲା ମନର ଜୀର୍ଣ୍ଣକାରୀ ଅଙ୍ଗ'' ''ଅନ୍ଧବିଶ୍ୱାସ ପ୍ରଗତିର ପ୍ରତିରୋଧକ'' ''ଗ୍ରନ୍ଥମାନଙ୍କରେ ଗନ୍ତାଘର ସ୍ୱର୍ଣ୍ଣର ଖଣି'' ''ଦୁନିଆଁ କେବଳ ଜୀବନଙ୍କର'' ''ଦୀର୍ଘସୂତ୍ରିତା ସୁଯୋଗର ନଷ୍ଟକାରୀ'' ''ଏସିଡ୍ ସୁନାକୁ ତରଳାଇଲାପରି ଟାଣୁଆ କାମକୁ ଅଭ୍ୟାସ ତରଳାଇ ଦିଏ''-- ଏମିତି ବାକ୍ୟସବୁ ବେକନଙ୍କ ବାକ୍ୟପରି ସୁଶୃଙ୍ଖଳିତ ବା ବିଶୃଙ୍ଖଳା ମୁକ୍ତ । ଏହି ନିବନ୍ଧ ମାଧ୍ୟମରେ ସତ୍ୟନାଥ ବୋରା ଭାଷାରେ ମାନ ଆଣିଲେ ଏବଂ ବ୍ୟାକରଣ ପୁନଃ ପ୍ରତିଷ୍ଠା କଲେ ଏବଂ ଅସମୀୟା ନିବନ୍ଧକୁ ନୂତନ ବଳିଷ୍ଠ ସୁସଂହତ ଭାଷା ଦେଲେ ଏବଂ ପରିପକ୍ୱ ଦାର୍ଶନିକ ତଥ୍ୟ ମଧ୍ୟ ଯୋଗାଇଲେ ।

କାଳିରାମ ମେଧି ସେଇ ଶ୍ରେଣୀର ଲେଖକ ଯେ ଜୀବନକୁ ସାହିତ୍ୟପାଇଁ ଉତ୍ସର୍ଗ କରିଥିଲେ । ଆଧୁନିକ ରୀତିରେ ପୁରୁଣା ପାଣ୍ଡୁଲିପିର ସମ୍ପାଦନା ବ୍ୟତୀତ ସେ ଅସମୀୟା ଭାଷା ଓ ବ୍ୟାକରଣର ତୁଳନାତ୍ମକ ଓ ପୂର୍ଣ୍ଣାଙ୍ଗ ଗ୍ରନ୍ଥ ଲେଖିଥିଲେ । ଆହୁରି ମଧ୍ୟ ଆସାମର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ଉପରେ ଅନେକ ପ୍ରତ୍ନତାତ୍ତ୍ୱିକ ନିବନ୍ଧର ସେ ଲେଖକ । ଗୁରୁଗମ୍ଭୀର ଗଦ୍ୟଶୈଳୀର ସୁଲେଖକ ହିସାବରେ ସେ ସତ୍ୟନାଥ ବୋରାଙ୍କୁ ସ୍ମରଣ କରାଇ ଦିଅନ୍ତି ।

ସତ୍ୟନାଥ ବୋରାଙ୍କ ଶ୍ରେଣୀର ଅନ୍ୟଜଣେ ଲେଖକ ହେଲେ ପଦ୍ମନାଥ ଗୋହାଇଁ ବରୁଆ ଯାହାଙ୍କ କବିତା ଓ ନାଟକ ସଂପର୍କରେ ଅନ୍ୟତ୍ର କଥିତ ହୋଇଛି । ବେଜ-ବରୁଆଙ୍କପରି ଗୋହାଇଁବରୁଆ ମଧ୍ୟ 'ଭାଷା' ଏବଂ 'ଆସାମ-ବନ୍ତୀ' ନାମକ ଦୁଇଟି ପତ୍ରିକାର ପ୍ରତିଷ୍ଠାତା-ସମ୍ପାଦକ ଥିଲେ । ବିଂଶ ଶତାବ୍ଦୀର ପ୍ରଥମ ଚତୁର୍ଥାଂଶର ସାହିତ୍ୟିକ କାର୍ଯ୍ୟକଳାପ ଏଇ ଦୁଇ ପତ୍ରିକାରୁ ପ୍ରେରଣା ଓ ଉପଦେଶ ପାଇଥିଲା । ଗୋହାଇଁ - ବରୁଆ ନିଜେ ଏ ଦୁଇପତ୍ରିକାକୁ ନାନା ବିଷୟରେ ଅସଂଖ୍ୟ ପ୍ରବନ୍ଧ ଯୋଗାଇଥିଲେ । ଆଉମଧ୍ୟ ସେ ଧାରାବାହିକ ଭାବରେ ସୁଲିଖିତ ପାଠ୍ୟ ସ୍କୁଲମାନଙ୍କ ପାଇଁ ଲେଖିଥିଲେ । ସେମାନଙ୍କ ସାହିତ୍ୟକ ଖ୍ୟାତି ନଥିଲେ ମଧ୍ୟ ସମସ୍ତେ ସ୍ୱୀକାରକରିବେ ଯେ ସେହି ପାଠ୍ୟର ସ୍ପଷ୍ଟ, ଜୀବନ୍ତ, ପ୍ରାଞ୍ଜଳ ଶୈଳୀପ୍ରତି ଅବଦାନ ଯଥେଷ୍ଟ ମାତ୍ରାରେ ରହିଛି, ଯାହା ଫଳରେ ଯୁବକଟିଏ

Digitized by srujanika@gmail.com

ସହଜରେ ତାକୁ ଚର୍ଚ୍ଚା କରିପାରିବ । କିନ୍ତୁ ଗୋହାଇଁ ବରୁଆଙ୍କ ଖ୍ୟାତି ରହଛି ତାଙ୍କ କୀର୍ତ୍ତିସ୍ତମ୍ଭ 'ଶ୍ରୀକୃଷ୍ଣ'ରେ । ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାରିତ ସ୍ଥୂଳଗ୍ରନ୍ଥତ୍ରୟୀରେ । ବଙ୍କିମଚନ୍ଦ୍ର ଚ୍ୟାଟାର୍ଜୀଙ୍କ 'କୃଷ୍ଣଚରିତ'ର ପ୍ରଭାବ ସେ ଗ୍ରନ୍ଥଉପରେ ପଡ଼ିଥିବାର ଦେଖାଯାଏ, ଯହିଁରେ ବୁଦ୍ଧିସମ୍ମତ ଏବଂ ମାନବିକ ଦୃଷ୍ଟିକୋଣରୁ ଶ୍ରୀକୃଷ୍ଣଙ୍କ କାହାଣୀ ଉନ୍ମୋଚିତ ଓ ବ୍ୟାଖ୍ୟାନ ହୋଇଛି । ପ୍ରଥମକରି ଏଇଠି ଅସମୀୟାରେ ଐତିହାସିକ ବ୍ୟାଖ୍ୟା ଏବଂ ସମାଲୋଚନାମୂଳକ ଅନୁସନ୍ଧାନ ମାଧ୍ୟମରେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନୀ ଅଧ୍ୟୟନ କରାଯାଇଛି ଏବଂ ଲେଖକ ତାଙ୍କୁ ଭଗବାନଙ୍କ ଅବତାର ରୂପେ ପ୍ରଶଂସା ନକରି ବା ବଡ଼ କରି ନଦେଖାଇ ଜଣେ ମହାନ୍ ପୁରୁଷ ରୂପେ ଚିତ୍ରିଛନ୍ତି ।

କମଳାକାନ୍ତ ଭଟ୍ଟାଚାର୍ଯ୍ୟ ଆଉଜଣେ ଶକ୍ତିଶାଳୀ ଲେଖକ ଯାହାଙ୍କ ଧର୍ମ ଓ ସମାଜ-ସଂକ୍ରାନ୍ତ ପ୍ରବନ୍ଧମାନଙ୍କରେ ବୁଦ୍ଧିସମ୍ମତ ଅନୁସନ୍ଧିତ୍ସା ପ୍ରକାଶିତ ହୋଇଛି । ସେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ସେ ଥିଲେ ଏକେଶ୍ୱରବାଦୀ ଏବଂ ଧର୍ମ ବିଷୟରେ ତାଙ୍କ ମନ ଏବଂ ଦୃଷ୍ଟିଭଙ୍ଗୀ ଉନ୍ମୁକ୍ତ ଥିଲା । ତାଙ୍କର 'ଗୁଟିଡିୟେକ ଚିନ୍ତାର ଢେଉ'ରେ ପ୍ରବନ୍ଧଗୁଡ଼ିକ ଧର୍ମଯୋଦ୍ଧାର ମନୋଭାବ ନେଇ ଲେଖାଯାଇଥିଲା । ସେଗୁଡ଼ିକରେ ପ୍ରଶଂସନୀୟ ବିଶ୍ଳେଷଣ ଶକ୍ତି, ଯୁକ୍ତିତର୍କ ଏବଂ ସମାଲୋଚନାମୂଳକ ବିଗ୍ରହଶକ୍ତିର ପ୍ରମାଣ ମିଳେ । କମଳାକାନ୍ତଙ୍କ ଉପଦେଶାତ୍ମକ ନିବନ୍ଧଗୁଡ଼ିକ ସାମାଜିକ ନ୍ୟାୟ ବିଗ୍ରହ ଏବଂ ଧର୍ମଯାଜକମାନଙ୍କ ଅନ୍ୟାୟ କ୍ଷମତା ପ୍ରୟୋଗ ବିରୋଧରେ ଟାଣୁଆ ପ୍ରତିକ୍ରିୟା ପ୍ରକାଶକରେ । ସେସବୁ କର୍ତ୍ତୃପକ୍ଷଙ୍କ ଉପାସନା ଅବକ୍ଷୟୀ ପରମ୍ପରା, ଅନ୍ଧ ପୂଜାପଟଳ, ମୃତ ପର୍ବପର୍ବାଣି ଏବଂ ମଣିଷମାନଙ୍କୁ ଶୃଙ୍ଖଳବଦ୍ଧ କରୁଥିବା ବିଭିନ୍ନ ରୀତିନୀତିକୁ ଘୃଣା କରେ । ସେ ଅସଂଖ୍ୟ ଭାବୋଦ୍ରେକକାରୀ ନିବନ୍ଧ ରଚନା କରିଥିଲେ, ଯହିଁରେ ଜାତିପ୍ରଥା, ଜୀର୍ଣ୍ଣ ତଥା ପ୍ରାଚୀନ ସାମାଜିକ ରୀତିନୀତି, ଅନ୍ଧବିଶ୍ୱାସ ଏବଂ ଅଦ୍ଭୁତ ହିନ୍ଦୁ ପୂଜାପଣାର ନିନ୍ଦାକରି ପାଶ୍ଚାତ୍ୟ ଶିକ୍ଷା ପ୍ରବର୍ତ୍ତନ, ଧର୍ମପ୍ରତି ମୁକ୍ତଦୃଷ୍ଟି, ଏବଂ ବିଧବା ବିବାହ ଆଦି ସାମାଜିକ ସଂସ୍କାର ଯୁକ୍ତିମାନ ବାଢ଼ିଥିଲେ । 'ଅଷ୍ଟବକ୍ରର ଆତ୍ମଜୀବନୀ'ରେ ଉପନିଷଦ, ଗୀତା ଓ ଅନ୍ୟାନ୍ୟ ପୋଥି ପୁରାଣ ବର୍ଣ୍ଣିତ ହିନ୍ଦୁଧର୍ମ ଉପସ୍ଥାପିତ କରିବା ପରିବର୍ତ୍ତେ ସେ ତାଙ୍କ ନିଜ ବୁଦ୍ଧିବିଗ୍ରହାନୁସାରେ ପ୍ରବଚନମାନ ଦେଇଛନ୍ତି ଏବଂ ଭାବ ଓ ଅର୍ଥକୁ ଏପରି ଭାବରେ ତର୍ଜମା କରିଛନ୍ତି, ଯାହା ଆଧୁନିକ ଚିନ୍ତା ଓ ଯୁକ୍ତି ସମ୍ଭାଳି ପାରିବ ।

ଅମ୍ବିକାଗିରି ରାୟଚଉଧୁରୀଙ୍କ ଗଦ୍ୟ ରଚନା ମୁଖ୍ୟତଃ 'ଚେତନା'ରେ ପ୍ରକାଶିତ ହୋଇଥିଲା । ଅଧୁନା ବିଲୁପ୍ତ ସେଇ ପତ୍ରିକା ଓ 'ଦେକା ଅସମ' (ଯୁବକ ଆସାମ)କୁ ସେ ନିଜେ ସମ୍ପାଦନା କରିଥିଲେ । ସେ ଭିତରୁ କେତେଗୁଡ଼ିଏ ନିବନ୍ଧ 'ଆହୁତି' ନାମକ ପୁସ୍ତକରେ ସଂଗୃହୀତ ହୋଇଛି । ଏ ନିବନ୍ଧ ସବୁ ଆସାମର ସମସାମୟିକ ଘଟଣା ଓ ରାଜନୈତିକ ସମସ୍ୟାଉପରେ ଲିଖିତ ଏବଂ ଆସାମର ଜନସାଧାରଣ ତଥା ସେମାନଙ୍କ ସଂସ୍କୃତି ଓ ପରମ୍ପରା ପ୍ରତି ଗଭୀର ଶ୍ରଦ୍ଧା ଉପରେ ପ୍ରତିଷ୍ଠିତ । ତାଙ୍କର ସ୍ୱକୀୟ ଶୈଳୀ ରହିଛି ଯାହା

Digitized by srujanika@gmail.com

ଉଦ୍ଦୀପନା ଯୋଗାଇଥାଏ । ଏ ଶୈଳୀର ମନୋରଞ୍ଜକ ଶକ୍ତି ପ୍ରତିଷ୍ଠିତ ସୁଦୀର୍ଘ ଗୁରୁଗମ୍ଭୀର ବାକ୍ୟାବଳୀ ଉପରେ, ଯାହାର ମୂର୍ଚ୍ଛନା ଓ ଝଙ୍କାର ଅର୍ଗେନ୍ ସଂଗୀତ ପରି । ସେମାନଙ୍କର ଶକ୍ତି ଏମିତିଯେ ସେମାନେ ନାଚନ୍ତି, ଡିଅଁନ୍ତି, ଗର୍ଜନ୍ତି; ବଜାନ୍ତି, ବାକ୍ୟାଂଶ ସବୁ ବାରୁଦପରି ଫୁଟିପଡେ ରଙ୍ଗ ଓ ଶବ୍ଦ ବିସ୍ତାର କରନ୍ତି । ଏହି ହାତୁଆ, ଅଚଷ୍ଟା ବାକ୍ୟମାନଙ୍କର ବ୍ୟକ୍ତିତ୍ୱ ଅଛି ଯାହା ନିର୍ମଳ ଓ ନିଷ୍ପାପର । ତାଙ୍କ ଆବେଗ ସହିତ ଭାଷା ସମତାଳ ହୋଇପାରେନି; ତେଣୁ କେତେବେଳେ ଅବୋଧ୍ୟ ରହିଯାଏ । ରାୟ ଚଉଧୁରୀ ସତୁରି ବର୍ଷ ଅତିକ୍ରମ କରିଗଲେଣି କିନ୍ତୁ ଚିନ୍ତାଶକ୍ତି ଓ ଅନୁରକ୍ତିରେ ସେ ସହଜରେ ଯୁବକଙ୍କୁ ପରାଭୂତ କରିଦେବେ ।

ଜଗନ୍ନାଥବୋରା ସାଂପ୍ରତିକ ସାମାଜିକ ଏବଂ ସାହିତ୍ୟିକ ସମସ୍ୟାର ଜଣେକ ଚିନ୍ତାଶୀଳ ଲେଖକ । ତାଙ୍କ ଗଦ୍ୟର ଭାବଧାରା ଉଜ୍ଜ୍ୱଳ, ଭାଷା ପ୍ରବହମାନ ଏବଂ ପ୍ରକାଶଭଙ୍ଗୀ ଚମକପୂର୍ଣ୍ଣ ।

ହେମଚନ୍ଦ୍ର ଗୋସ୍ୱାମୀ (୧୮୭୨-୧୯୨୮) ଜଣେ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ମନୋଭାବାପନ୍ନ ଲେଖକ । ତଥାପି ଯୁବାକାଳରେ ସେ 'ଫୁଲର ଝାକି' ନାମକ ରୋମାଣ୍ଟିକ୍ କବିତା ଗୁଚ୍ଛଟିଏ ପ୍ରକାଶ କରିଥିଲେ । କିନ୍ତୁ ପରେ ଇତିହାସର ଡାକ ସେ ପ୍ରତିରୋଧ କରି ପାରିଲେନାହିଁ ଏବଂ ଆହୋମଯୁଗର ପ୍ରଭୂତ ଐତିହାସିକ ଉପକରଣ ସେ ଲୋକଲୋଚନକୁ ଆଣିଲେ । ସେ 'ପୁରାନି ଅସମ-ବୁରଞ୍ଜି' ନାମକ ଆସାମର ଏକ ମନୋରଞ୍ଜକ ପ୍ରାଚୀନ ପଞ୍ଜିକା ସମ୍ପାଦନା କରିଥିଲେ ଏବଂ 'ଦରଙ୍ଗି-ରାଜ-ବଂଶାବଳି' ନାମକ ଛନ୍ଦିଳ ଅର୍ଦ୍ଧ ଐତିହାସିକ ରେକର୍ଡ ସଂପାଦନା ତଥା ପ୍ରକାଶନ କରିଥିଲେ, ଯାହା ଅଷ୍ଟାଦଶ ଶତାବ୍ଦୀରେ କୋଚ୍ ରାଜାମାନଙ୍କ ବିଷୟରେ ସୂର୍ଯ୍ୟଖରି ଦୈବଜ୍ଞଦ୍ୱାରା ଲେଖାଯାଇଥିଲା । କିନ୍ତୁ ତାଙ୍କ ଲେଖାହେଲା ସ୍ତମ୍ଭସଦୃଶ । ଏହା କଲିକତା ବିଶ୍ୱବିଦ୍ୟାଳୟଦ୍ୱାରା କେତେଗୁଡ଼ିଏ ଗ୍ରନ୍ଥ ନାମରେ ପ୍ରକାଶିତ 'Typical selections from Assamese Literature' ଏଇ ଗ୍ରନ୍ଥରେ ଗୋସ୍ୱାମୀ ଅନେକାନେକ ଜଣା ଅଜଣା ଲେଖକବର୍ଗଙ୍କ ବଛା ବଛା ନମୁନାଲେଖା ଏକତ୍ର କଲେ, ଯାହାଫଳରେ ସେସବୁ ସଂରକ୍ଷିତ ହୋଇ ରହିଲା । ସେଇ କଲିକତା ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରକାଶିତ ତାଙ୍କର ଅନ୍ୟଏକ ପ୍ରଶଂସନୀୟ ପୁସ୍ତକହେଲା 'A descriptive catalogue of Assamese manuscripts', ଯେଉଁ ବହିଟି ପ୍ରାଚୀନ ଅସମୀୟା ସାହିତ୍ୟର ଗବେଷଣା କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ପଥପ୍ରଦର୍ଶକ । ଆଉ ମଧ୍ୟ ଗୋସ୍ୱାମୀ ବୈଜ୍ଞାନିକ ପଦ୍ଧତିରେ ବୈଷ୍ଣବଯୁଗର ଅମରଲେଖକ ଭଟ୍ଟଦେବଙ୍କ 'କଥା-ଗୀତା' ପ୍ରକାଶ କରିଥିଲେ । ପୁନଶ୍ଚ ସମକାଳୀନ ବିଭିନ୍ନ ପତ୍ରପତ୍ରିକାକୁ ବିଭିନ୍ନ ବିଷୟରେ ବୈଜ୍ଞାନିକ, ପ୍ରତ୍ନତାତ୍ତ୍ୱିକ ଏବଂ ସମାଲୋଚନାମୂଳକ ନିବନ୍ଧମାନ ତାଙ୍କର ଅବଦାନ ଥିଲା । ମୌଳିକତା, ଧୀରତା ଏବଂ ବୈଜ୍ଞାନିକ ମନୋଭାବପୂର୍ଣ୍ଣ ଏହି ପ୍ରବନ୍ଧମାନଙ୍କରେ ତାଙ୍କ କବିତାରେ ଅସ୍ପଷ୍ଟତା, ସ୍ୱପ୍ନିଳ କଳ୍ପନା, ସ୍ୱର୍ଗୀୟ ଆଲୋକ ବା କାବ୍ୟିକ ଉଲ୍ଲାସ ଦେଖାଯାଏ

Digitized by srujanika@gmail.com

ନାହିଁ । ଅବିଚଳିତ ଯୁକ୍ତି, ଶୁଦ୍ଧଭାଷା, ଏବଂ ଯଥାର୍ଥ ଓ ଭେଦକ୍ଷମ ଶବ୍ଦାବଳି, ଗୁରୁଗମ୍ଭୀର ଆଲୋଚନା ପାଇଁ ଯାହା ଉପଯୁକ୍ତ ତାଙ୍କ ଶୈଳୀରେ ସେସବୁ ରହିଛି । ଆଧୁନିକ ଅସମୀୟା ଗଦ୍ୟସାହିତ୍ୟ ପାଇଁ ଯେଉଁ ନୂଆଶୈଳୀର ଆବଶ୍ୟକତା ତାହା ଗୋସ୍ୱାମୀଙ୍କ ସ୍ୱତନ୍ତ୍ର ଅବଦାନ।

ଜ୍ଞାନର ପ୍ରଗତି, ଜାତୀୟଘଟଣା ଉପରେ ଗବେଷଣାର ବୃଦ୍ଧି, ଯାହା ନୂଆ ଯୁଗର ଲକ୍ଷଣ ଓ ସ୍ୱରୂପ, ଅବିଳମ୍ବେ ଆସାମର ଇତିହାସ ଅଧ୍ୟୟନକୁ ଶୀର୍ଷ ସ୍ଥାନକୁ ଆଣିଦେଲା ଏବଂ ସ୍ୱଳ୍ପକାଳମଧ୍ୟରେ ଐତିହାସିକ ସାହିତ୍ୟ ବାଣିକାନ୍ତ କାକତି, ସୂର୍ଯ୍ୟକୁମାର ଭୂୟାଁ, ସୋନାରାମ୍ ଚଉଧୁରୀ, ସର୍ବେଶ୍ୱର କାକତି, କାଳୀରାମ ମେଧି, ବେଣୁଧର ଶର୍ମା ଏବଂ ଅନ୍ୟମାନଙ୍କ ହାତରେ ଅଗ୍ରସ୍ଥାନ ଦଖଲ କଲା । ସୂର୍ଯ୍ୟକୁମାର ଭୂୟାଁ ଏକାଧାରରେ କବି ଏବଂ ଗାଳ୍ପିକ । ସୂର୍ଯ୍ୟକୁମାର ଭୂୟାଁ କଲେଜ ଜୀବନ କାଳରୁ ଆହୋମ ଇତିହାସର ଗବେଷଣା କରୁଥିଲେ। ତାଙ୍କ ହାତରେ ସମାଲୋଚନାମୂଳକ ଅନୁସନ୍ଧିତ୍ସା ଚରମ ସ୍ଥାନକୁ ଯାଇଥିଲା । 'ଆପନ ସୁର' ବୋଲି କବିତାଟି 'ନିର୍ମାଲି' ସଞ୍ଚୟନର ଅନ୍ତର୍ଗତ । ଏଇଟି ଆତ୍ମଜୀବନୀମୂଳକ କବିତାଂଶ ଯହିଁରେ କାଳ ଓ ମହାକାଶ ଅତିକ୍ରମକରି ନିଜ ଆତ୍ମାକୁ ପରମାତ୍ମା ସହିତ ମିଶାଇବାର କବିଙ୍କର ଅଭୀପ୍ସା ପ୍ରକାଶିତ । ରୋମାଣ୍ଟିକ୍ କବି ଗ୍ରହାଁନ୍ତି ଅମିଳକୁ ପାଇବାପାଇଁ ଏବଂ କାର୍‌ଲାଇଲ୍‌ଙ୍କ ମତରେ ତାହାହିଁ ତାଙ୍କ ମହତ୍ତ୍ୱର ପ୍ରମାଣ । ଯଦିଓ ମଣିଷ ଜୀବନର ସୁଖ ଦୁଃଖ ବିଷୟରେ ଅନେକ ଲେଖିଛନ୍ତି ତଥାପି କବି ଅନୁଭବ କରନ୍ତି ଯେପରିକି ସେ ନିଜର ପ୍ରକୃତ ସ୍ୱରୂପ ଉପଲବ୍ଧି କରିପାରି ନାହାନ୍ତି ଏବଂ ସେଇ ଅପରିପୂର୍ଣ୍ଣତା ହିଁ ତାଙ୍କ ଜୀବନର ବଡ଼ ବାଧା, ପ୍ରଗତିର ଅନ୍ତରାୟ ।

ସୂର୍ଯ୍ୟକୁମାର କିନ୍ତୁ ଐତିହାସିକ ରଚନାବଳି ପାଇଁ ବେଶୀ ଖ୍ୟାତ । ଆସାମ ଇତିହାସ ଉପରେ ନାନା ସମୟରେ ତାଙ୍କ ପ୍ରବନ୍ଧମାନ ବର୍ତ୍ତମାନ ସଂକଳିତ ହୋଇ 'ଆହୋମ ଦିନ' 'ଆସାମ ଜିଆରି', 'ବୁରଞ୍ଜିର ବାଣୀ', 'ମିରଜିମଲାର ଆସାମ ଆକ୍ରମଣ', 'କୁନୱାର ବିଦ୍ରୋହ' ନାମରେ ପ୍ରକାଶିତ । କୁନୱାର ବିଦ୍ରୋହରେ ଲେଖକ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଚରିତ୍ରଗୁଡ଼ିଏ ଐତିହାସିକ ତଥ୍ୟରୁ ବାଛି ନାଟକୀୟ ତଥା ଲୋମହର୍ଷଣକାରୀ ବର୍ଣ୍ଣନା ମାଧ୍ୟମରେ ରୂପ ଦେଇଛନ୍ତି । ସୂର୍ଯ୍ୟକୁମାରଙ୍କ ଏହିସବୁ ନିବନ୍ଧରୁ ସୂଚନାପାଇ ନାଟ୍ୟକାରଗଣ ଅନେକ ନାଟକ ଲେଖିଛନ୍ତି । ଭୂୟାଁ ସାରାଜୀବନ ଐତିହାସିକ ଗବେଷଣାରେ ନିୟୋଜିତ କରିଛନ୍ତି ଏବଂ ଆସାମର ଅତୀତ ଅନୁସନ୍ଧାନ ଓ ପୁନର୍ଗଠନରେ ସେ ପାଶ୍ଚାତ୍ୟର ନିରପେକ୍ଷନୀତି ଅନୁସରଣ କରିଛନ୍ତି । ପୁନଶ୍ଚ ବିଷୟବସ୍ତୁର ନିର୍ବାଚନ ଓ ଉପସ୍ଥାପନରେ ସେ କେବଳ ବଡ଼ ବଡ଼ ଐତିହାସିକମାନଙ୍କ ମଧ୍ୟରେ ଆବଦ୍ଧ ନରହି ରାଜନୈତିକ, ସାମାଜିକ, ଏବଂ ଧାର୍ମିକ ଜୀବନ ତଥା ସାଂସ୍କୃତିକ ପରିବେଶରେ ଦୃଷ୍ଟିନିବେଶ କରିଥାନ୍ତି, ଯାହାଫଳରେ ଆହୋମ ଯୁଗର ସଂପୂର୍ଣ୍ଣ ଏବଂ ବିଶ୍ୱସ୍ତ ଚିତ୍ର ପାଠକ ପାଇଥାଏ । ତାଙ୍କ ସାହିତ୍ୟିକ ଶୈଳୀ ସରଳ, ସଲଖ ଏବଂ ବୁରଞ୍ଜିର ଅନୁସରଣ କରେ । ଭୂୟାଁ ଆମର ଶବ୍ଦକୁ ନୂଆ ଜୀବନ ଦେଇଥାନ୍ତି । ତାଙ୍କର ଐତିହାସିକ ରଚନାରେ ବୁରଞ୍ଜିର ଅନେକ ପୁରୁଣା ଓ ଅବ୍ୟବହୃତ

Digitized by srujanika@gmail.com

ଶବ୍ଦ ଏବଂ ଖଣ୍ଡବାକ୍ୟମାନ ଆଶ୍ଚର୍ଯ୍ୟ ଭାବରେ ପ୍ରବେଶ କରିଯାଇଛି । ଆସାମର ବଡ଼ ସଂସ୍କୃତ ପଣ୍ଡିତ ଆନନ୍ଦରାମ ବରୁଆଙ୍କ ଆଧୁନିକ ଜୀବନ ଚରିତଟିଏ ମଧ୍ୟ ଭୂୟାଁ ଲେଖିଛନ୍ତି । ଜୀବନୀ ସାହିତ୍ୟ କ୍ଷେତ୍ରରେ ଏହା ନିଶ୍ଚିତରୂପେ ଖୁବ୍ ଉନ୍ନତଶ୍ରେଣୀର ଗ୍ରନ୍ଥ । ସ୍ୱର୍ଗତ ପଣ୍ଡିତଙ୍କ ଜୀବନୀ ଛୋଟବଡ଼ ବହୁତ ଉପକରଣ ଭିତରୁ ଆଧାରିତ ଓ ନିର୍ବାଚିତ ହୋଇ ବୈଜ୍ଞାନିକ ରୀତିରେ ଏକତ୍ର ଗ୍ରଥିତ ହୋଇଛି ।

ହେମଚନ୍ଦ୍ର ଗୋସ୍ୱାମୀ ଏବଂ ସୂର୍ଯ୍ୟକୁମାର ଭୂୟାଁ ଯେଉଁ ନୂତନ ପରମ୍ପରା ସୃଷ୍ଟିକଲେ, ତହିଁର ନୂଆନୂଆ ଅନୁଗାମୀ ଆସିଲେ ଏବଂ ଅନେକ ପଣ୍ଡିତ ଆସାମର ଅତୀତ ଇତିହାସ ଏବଂ ସାହିତ୍ୟର ଗବେଷଣାରେ ନିଜନିଜକୁ ନିୟୋଜିତ କରି ପାଣ୍ଡୁଲିପି ସଂକଳନ ଓ ପ୍ରକାଶନରେ ଲାଗିପଡ଼ିଲେ । ସେମାନଙ୍କ ମଧ୍ୟରେ ବେଣୁଧର ଶର୍ମା ହେଲେ ବଳିଷ୍ଠ । 'ଦୂରବିନ୍'ର (ଦୂରବୀଣ) ନିବନ୍ଧମାନଙ୍କରେ ଲେଖକଙ୍କ ଐତିହାସିକ ଚେତନା ଏବଂ ମୂଳଲେଖା ପ୍ରତି ଶ୍ରଦ୍ଧା ଓ ଆଗ୍ରହ ବେଶ୍ ପରିସ୍ଫୁଟ । ଆହୋମ ରାଜା, ସେନାପତି, ରାଣୀମାନଙ୍କର ଜୀବନ ଚିତ୍ର ପ୍ରଦାନ କରିବାରେ ଲେଖକ ଏହିସବୁ ଉପକରଣ ଅତୀବ ରମ୍ୟ ରୀତିରେ ବ୍ୟବହାର କରନ୍ତି ଏବଂ ଜୀବନୀକୁ ଚିତ୍ତାକର୍ଷକ କରିଦିଅନ୍ତି । ଆସାମର ପ୍ରାଚୀନତମ ବିପ୍ଳବୀ ନେତା ମନିରାମ ଦେୱାନ୍‌ଙ୍କ, ଯିଏ ଉନବିଂଶ ଶତାବ୍ଦୀରେ ବ୍ରିଟିଶଶକ୍ତି ବିରୁଦ୍ଧରେ ଉଠିଥିଲେ ସେ ତାଙ୍କ ଅତୀବ ମନୋରଞ୍ଜକ ଜୀବନଚରିତ ମଧ୍ୟ ଲେଖିଛନ୍ତି । ଏ କ୍ଷେତ୍ରରେ ମଧ୍ୟ ଶର୍ମାଙ୍କ ଐତିହାସିକ କଳ୍ପନାଶକ୍ତି କାମ କରିଛି; ଫଳରେ ଆମେ ବିପ୍ଳବୀ ବୀର ଓ ଦେଶପ୍ରେମୀଙ୍କ ବିଷୟରେ ଅନେକ କଥା ଯେ କେବଳ ଜାଣିପାରୁ ତା ନୁହେଁ, ଆଖି ଆଗରେ ଦେଖିପାରୁ ସେଇ ଉନ୍ମତ୍ତ ଯୁଗର ଛବି, ଯହିଁରେ ମନିରାମ ଦେବାନ ବିଦ୍ରୋହର ପତାକା ଉତ୍ତୋଳନ କରିଥିଲେ ଏବଂ ଦେଶବାସୀଙ୍କି ବିରୋଚିତ ଆତ୍ମୋତ୍ସର୍ଗ କରିବାକୁ ଉଦ୍‌ବୁଦ୍ଧ କରିଥିଲେ । ସମୃଦ୍ଧ, ରଙ୍ଗବେରଙ୍ଗ ପ୍ରବାହମାନ ଗଦ୍ୟର ଅଧିକାରୀ ଥାଇ ବେଣୁଧର ଶର୍ମା ଶୈଳୀରେ ସ୍ୱକୀୟତା ଓ ବଳିଷ୍ଠତା ପ୍ରଦର୍ଶନ କରିଥିଲେ ।

ଏ ସମସ୍ତ ବିଭିନ୍ନ ପ୍ରକାର ଗଦ୍ୟ ସାଙ୍ଗରେ ଅନ୍ୟ ଏକ ପ୍ରକାର ସାହିତ୍ୟର ଉଦ୍‌ଗମ ହେଲା ଯାହା ସାହାଯ୍ୟରେ ସାହିତ୍ୟର ଅନୁଶୀଳନ ଓ ତର୍ଜମା କରିହେଲା । ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଅସମୀୟା ସାହିତ୍ୟରେ ପଡ଼ିବା ପୂର୍ବରୁ ସମାଲୋଚନା ସାହିତ୍ୟ ବୋଲି କିଛି ଜଣା ନଥିଲା । ଏହି ସମାଲୋଚନା ସାହିତ୍ୟର ଆକାର ପ୍ରକାର ପ୍ରଥମେ ଉଦ୍‌ଭବ ହେଲା 'ଅରୁଣୋଦୟ' ପତ୍ରିକାର ପୃଷ୍ଠାରେ ଏବଂ ପରେ ଅନ୍ୟ ପତ୍ରପତ୍ରିକାମାନଙ୍କରେ । ପ୍ରଥମେ ପ୍ରଥମେ ସମାଲୋଚନା କହିଲେ ଲେଖକ ଓ ଲେଖାର ଭଲମନ୍ଦ ଗୁଣର ତାଲିକା ବୁଝାଉଥିଲା । ପ୍ରଥମ ଉଚ୍ଚ ଧରଣର ସମାଲୋଚନା ଗ୍ରନ୍ଥହେଲା ଏଲ୍. ଏନ୍. ବେଜବରୁଆଙ୍କ ଜୀବନୀମୂଳକ ଗ୍ରନ୍ଥ : 'ଶଙ୍କରଦେବ' । ଏହି ସମାଲୋଚନାମୂଳକ ଅଧ୍ୟୟନରେ ବେଜବରୁଆ ଶଙ୍କରଦେବଙ୍କ ଜୀବନୀ ଓ ଶିକ୍ଷା ଉପରେ ଏକ ଉପଯୁକ୍ତ ବିଗ୍ରହଧାରା ଯେ କେବଳ ବୁଦ୍ଧିସମ୍ମତ ଏବଂ ସଂଯତରୂପେ ଦେଇଥିଲେ ତା ନୁହେଁ ବୈଷ୍ଣବ ସଂସ୍କାରକଙ୍କ ସାହିତ୍ୟକୃତିର ସୁନ୍ଦର ବୁଦ୍ଧିସମ୍ମତ ଓ ସଂଯତ ପ୍ରଶସ୍ତି ମଧ୍ୟ ଦେଇଥିଲେ ।

Digitized by srujanika@gmail.com

ବାଣିକାନ୍ତ କାକତି ଅନ୍ୟ ଏକ ବଡ଼ ସମାଲୋଚକ, ଯେ ଉପଲବ୍ଧି କଲେ ଯେ ଅସମୀୟା ସାହିତ୍ୟ ଏପରି ଉନ୍ନତ ଅବସ୍ଥାକୁ ଆସିଯାଇଛି, ଯାହା ଗଭୀର ଅଧ୍ୟୟନଯୋଗ୍ୟ । ପ୍ରାଚୀନ ଅସମୀୟା ସାହିତ୍ୟ ଉପରେ ତାଙ୍କର ଅଧ୍ୟୟନ ସବୁ ଧାରାବାହିକ ଆକାରରେ 'ଚେତନା' ପ୍ରତ୍ରିକାରେ ପ୍ରକାଶିତ ହେଲା । କେତେକ ଆଧୁନିକ କବିମାନଙ୍କ ଉପରେ ମଧ୍ୟ ସେ ଅଧ୍ୟୟନ କରିଥିଲେ । ଜଣେ ଜ୍ଞାନୀ, ପଣ୍ଡିତ, ତଥା ଇଂରାଜୀ ସାହିତ୍ୟର ପ୍ରଫେସର ଥାଇ କାକତିଙ୍କ ସଂସ୍କୃତରେ ମଧ୍ୟ ଗଭୀର ଜ୍ଞାନ ଥିଲା । ତାଙ୍କ କୀର୍ତ୍ତିସ୍ତମ୍ଭ (ଇଂରାଜୀ) Assam, its formation and development ତାଙ୍କ ଗଭୀର ଜ୍ଞାନର ପ୍ରମାଣ ଦିଏ । ଅସମୀୟା ଭାଷା ଓ ବ୍ୟାକରଣ ଉପରେ ଏଇଟି ଏକମାତ୍ର ଜ୍ଞାନଗର୍ଭକ ଓ ପ୍ରାମାଣିକ ଗ୍ରନ୍ଥ । ବ୍ୟାପକ ଓ ଗଭୀର ଜ୍ଞାନର ଅଧିକାରୀ କାକତି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜୀବନାଦର୍ଶ ଓ ସମାଲୋଚନାର ଦିଗଦର୍ଶନରେ ଅଭିଜ୍ଞ ଥିଲେ । ତେଣୁ ତାଙ୍କ ସମାଲୋଚନା ମୂଲ୍ୟବାନ୍ ଓ ଓଜନଦାର, ସମୃଦ୍ଧ ଓ ଚିତ୍ତାକର୍ଷକ ଥିଲା । ପ୍ରାଚୀନ ଅସମୀୟା ସାହିତ୍ୟ ଉପରେ ତାଙ୍କ ରଚନାବଳୀ ସର୍ବଶ୍ରେଷ୍ଠ ବୋଲାଯିବ । ଚିକ୍କଣ, ଗମ୍ଭୀର, ଉଚ୍ଚାଙ୍ଗ ଶୈଳୀର ଅଧିକାରୀ ଥାଇ କାକତି ନିବନ୍ଧମାନଙ୍କରେ କେବଳ ଯେ ପ୍ରାଚୀନ ଅସମୀୟା ସାହିତ୍ୟର କଳାତ୍ମକ ସୌନ୍ଦର୍ଯ୍ୟ ଦାର୍ଶନିକ ଉର୍ଦ୍ଧ୍ୱଗାମିତା, ତଥା ରଚନା କୌଶଳର ଚାତୁରୀ ପର୍ଯ୍ୟବେକ୍ଷଣ କରନ୍ତି ତା ନୁହେଁ ସମସାମୟିକ ଲୋକଙ୍କର ସାମାଜିକ, ଧାର୍ମିକ ଏବଂ ସାଂସ୍କୃତିକ ପୃଷ୍ଠପଟ ମଧ୍ୟ ଗବେଷଣା କରନ୍ତି । ଯୁଗର ଲକ୍ଷଣ ଏବଂ ଧର୍ମରେ ସ୍ଥାୟୀ ଆଗ୍ରହ ତାଙ୍କ ଅଧ୍ୟୟନରେ ସଦାସର୍ବଦା ରହିଛି । ଫଳସ୍ୱରୂପ ଏହି ପ୍ରବନ୍ଧମାନଙ୍କରେ ଅସମୀୟା ଲୋକଙ୍କ ଆଧ୍ୟାତ୍ମିକ ଚେତନା ଯେପରି ପରିସ୍ଫୁଟ ହୋଇଛି ତାହା କୁତ୍ରାପି ଦେଖାଯାଏ ନାହିଁ । ତାଙ୍କର ଦ୍ୱିତୀୟ ପ୍ରସ୍ଥର ଅଧ୍ୟୟନ ଆଧୁନିକ ଅସମୀୟା କବିମାନଙ୍କ ଉପରେ ଓ ସେ ପାଶ୍ଚାତ୍ୟରୀତିରେ ତୁଳନାତ୍ମକ ସମାଲୋଚନା କରିଛନ୍ତି । ଏହି ଗ୍ରନ୍ଥମାନଙ୍କୁ ତାଙ୍କର ପାଶ୍ଚାତ୍ୟ ଶିକ୍ଷା ଓ ଜ୍ଞାନର ଅବଦାନ ପ୍ରଚୁର । ଏହି ଅଧ୍ୟୟନସମୂହ ଆଶ୍ଚର୍ଯ୍ୟଧରଣର ବୁଦ୍ଧିର ପ୍ରାଚୁର୍ଯ୍ୟ, ଗମ୍ଭୀର ଏବଂ ଭେଦକ୍ଷମ ଭାବରାଜି ଏବଂ ଗଦ୍ୟଶୈଳୀର ପରିପକ୍ୱତା ଓ ପରାକାଷ୍ଠା ଗଦ୍ୟରଚନାର ତନ୍ନତନ୍ନ ବିଶ୍ଳେଷଣପାଇଁ ବେଶ୍ ଉପଯୋଗୀ । ତାଙ୍କ ଅବଦାନ ଏଇଠି ଶେଷ ହୁଏ ନାହିଁ । ଅସମୀୟା ବୈଷ୍ଣବ ଧର୍ମ ଉପରେ ଗୋଟିଏ ପରେ ଗୋଟିଏ ପ୍ରବନ୍ଧ 'ବିଜୁଳି' ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇ କାକତିଙ୍କୁ ପ୍ରଥମ ଶ୍ରେଣୀର ତାର୍କିକରୂପେ ପ୍ରତିଷ୍ଠା ଆଣିଦେଲା । ତାଙ୍କ ପାଣ୍ଡିତ୍ୟ, ତୀବ୍ର ଶାଣିତ ଯୁକ୍ତି ଆଗରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନେ ତାଙ୍କୁ ସାମନାକରି ପାରିଲେ ନାହିଁ । ତାଙ୍କର ସମସ୍ତ ସମାଲୋଚନାରେ ବୈଜ୍ଞାନିକ ମନୋଭାବ ଓ ଦୃଷ୍ଟିକୋଣ ପୂର୍ଣ୍ଣମାତ୍ରାରେ ଦେଖିଯାଏ । ତାଙ୍କ ହାତରେ ଅସମୀୟା ଗଦ୍ୟଶୈଳୀ ପରିପକ୍ୱତା ଲାଭକଲା ଏବଂ ଉଚ୍ଚାଙ୍ଗ ଚିନ୍ତା ପ୍ରକାଶ ପାଇଁ ଉପଯୁକ୍ତ ଭାଷା ପାଇଲା ।

ଡିମ୍ବେଶ୍ୱର ନିୟୋଗ ପ୍ରାଚୀନ ଓ ନୂତନ ଅସମୀୟା ସାହିତ୍ୟର ଅନେକ ଇତିହାସ ଲେଖିଛନ୍ତି, ଯହିଁରେ ବହୁ ମୂଲ୍ୟବାନ ତଥ୍ୟ ରହିଛି । 'ଅସମୀୟା ସାହିତ୍ୟର ଜିଲିଙ୍ଗନି' ପୁସ୍ତକରେ ସେ ପୃଥକ୍ ପୃଥକ୍ କବିମାନଙ୍କ ଉପରେ ଅଧ୍ୟୟନମାନ ପ୍ରକାଶ କରିଛନ୍ତି । ଏହି

Digitized by srujanika@gmail.com

ସବୁ ନିବନ୍ଧ ସମାଲୋଚକଙ୍କ ନିଜ ବ୍ୟକ୍ତିତ୍ୱ ଓ ଅନୁଭବ ଅପେକ୍ଷା ଲେଖକମାନଙ୍କ ବ୍ୟକ୍ତିଗତ ଗୁଣାବଳିଦ୍ୱାରା ରଞ୍ଜିତ ଏବଂ ଝଙ୍କୃତ ।

ଶୁଦ୍ଧ ସାହିତ୍ୟିକ ସମାଲୋଚନା ଉପରେ ପ୍ରଥମ ଲକ୍ଷଣୀୟ ରଚନା ହେଲା ସତ୍ୟନାଥ ବୋରାଙ୍କ 'ସାହିତ୍ୟ ବିଗ୍ଚର' ଯହିଁରେ ଉଭୟ ଇଂରାଜୀ ଏବଂ ଅସମୀୟା ବିଗ୍ଚରଧାରା ଅନୁସୃତ ହୋଇ ସଂକ୍ଷେପରେ ସାହିତ୍ୟିକ ମୂଲ୍ୟାୟନ ହୋଇଛି । ନୀଳମଣି ଫୁଂକନଙ୍କ 'ସାହିତ୍ୟକଳା' ଲେଖକଙ୍କ ନିଜ ବିଗ୍ଚରଧାରା ଓ ମାନ ଅନୁସରଣ କରିଥିବାରୁ ନୂତନତା ଏବଂ ମୌଳିକତା ସ୍ପଷ୍ଟ ବାରିହୁଏ । ବିରଞ୍ଚିକୁମାର ବରୁଆଙ୍କ 'କାବ୍ୟ ଆରୁଅଭିବ୍ୟଞ୍ଜନା' ହେଉଛି ଆହୁରି ଉନ୍ନତମାନର ଗ୍ରନ୍ଥ, ଯହିଁରେ ଲେଖକ ବେନେଡେଟୋ କ୍ରୋଶି, ଲକ୍ଷ୍ମୀନାରାୟଣ ସିଂହ ଏବଂ ଅନ୍ୟାନ୍ୟ ଇଂରାଜୀ ହିନ୍ଦୀ ଓ ବଙ୍ଗାଳୀ ଲେଖକଙ୍କୁ ଅନୁସରଣ କରିଛନ୍ତି । 'କାବ୍ୟଭୂମି'ରେ ଉମାକାନ୍ତ ଶର୍ମା ଦାର୍ଶନିକ ଭିତ୍ତିଭୂମି ଏବଂ କଳାର ପୃଷ୍ଠଭୂମିର ଗବେଷଣା କରିଛନ୍ତି । 'ସାହିତ୍ୟ ଆରୁ ସମାଲୋଚନା' ପୁସ୍ତକରେ ତ୍ରୈଲକ୍ୟନାଥ ଗୋସ୍ୱାମୀ ସାହିତ୍ୟ ବିଷୟରେ ହଡସନ୍ଙ୍କ ପ୍ରଣାଳୀରେ ସରଳ ଓ ପ୍ରାଞ୍ଜଳ ଶୈଳୀରେ ଲେଖିଛନ୍ତି । ଉଭୟ ଭାରତୀୟ ଓ ଇଉରୋପୀୟମାନଙ୍କୁ ସ୍ୱୀକାର କରି ସେ ତାଙ୍କ ବକ୍ତବ୍ୟକୁ ଅସମୀୟା ସାହିତ୍ୟରୁ ଉଦାହରଣ ଦେଇ ବୁଝାଇଦିଅନ୍ତି, ଯଦ୍ୱାରା ବହିଟି ସହଜରେ ବୋଧଗମ୍ୟ ହୁଏ । ହେମବରୁଆ ତାଙ୍କ 'ଆଧୁନିକ ସାହିତ୍ୟ' ଗ୍ରନ୍ଥରେ ଆଧୁନିକ ଗତି ଓ ପ୍ରକୃତି ସହିତ ତୁଳନାକରି ଇଂରାଜୀ ସାହିତ୍ୟର କେତୋଟି ଯୁଗର ଅଧ୍ୟୟନ କରିଛନ୍ତି । ଏହି ଗ୍ରନ୍ଥରୁ ଲେଖକଙ୍କ ଆଧୁନିକ ଇଂରାଜୀ ସାହିତ୍ୟରେ ଗଭୀର ଜ୍ଞାନର ପରିଚୟ ଦିଏ । ହେମବରୁଆଙ୍କ 'ସାନ୍ନିହଲି' ବିଭିନ୍ନ ସମୟରେ ବିଭିନ୍ନ ଉପଲକ୍ଷରେ ଲିଖିତ ପ୍ରବନ୍ଧମାନଙ୍କର ସମାବେଶ; ଏକାଧାରରେ ଆନନ୍ଦ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଇଜିପ୍ଟର ଇତିହାସରୁ ଆଇନ୍‌ଷ୍ଟାଇନ୍ ପର୍ଯ୍ୟନ୍ତ, ଉନ୍ମୁକ୍ତ ରଙ୍ଗମଞ୍ଚରୁ ନାରୀ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ । ତଥାପି ଆଜି ଏହି ପ୍ରବନ୍ଧସବୁ ବ୍ୟକ୍ତିଗତ ମତାମତ ଏବଂ ପାଣ୍ଡିତ୍ୟପୂର୍ଣ୍ଣ ଉଲ୍ଲେଖୋକ୍ତିରେ ଏତେ ବେଶୀ ପରିପୂର୍ଣ୍ଣ ଯେ ଏସବୁ ପ୍ରବନ୍ଧରୁ ସ୍ୱତଃ ପାଠକର ଆଗ୍ରହ କମିଯାଏ । ତାଙ୍କ ଭ୍ରମଣ କାହାଣୀ ବରଂ ବ୍ୟକ୍ତିଗତ ଆକର୍ଷଣ ଓ ଲଘୁସ୍ପର୍ଶରେ ବେଶୀ ଶ୍ରଦ୍ଧା ଜନ୍ମାଇଥାଏ । ତାଙ୍କର 'ସାଗର ଦେଖିଛ ?' ଓ 'ରଙ୍ଗାକରବୀର ଫୁଲ' ଯଥାକ୍ରମେ ଆମେରିକା ଓ ଋଷିଆର ଭ୍ରମଣ କାହାଣୀ ଦ୍ୱୟ ଅତୀବ ଚିତ୍ତାକର୍ଷକ । ଏହା ଜଣେ ସ୍ପର୍ଶକାତର ଦ୍ରଷ୍ଟାର ସାହିତ୍ୟିକ ଛଟାରେ ମଣିଷ ଓ ଚଳନି ଉପରେ ଲିଖିତ ।

ଅତୁଲଚନ୍ଦ୍ର ବରୁଆଙ୍କ 'ସାହିତ୍ୟର ରୂପରେଖା' ସାହିତ୍ୟର ବିଭିନ୍ନ ବିଭାଗ ଅଧ୍ୟୟନପାଇଁ ଏକ ଉତ୍କୃଷ୍ଟ ପ୍ରବେଶିକା ବା ସହାୟକ ଗ୍ରନ୍ଥ ।

ଆଧୁନିକ ଯୁଗରେ ଅସମୀୟା ସାହିତ୍ୟ, ଇତିହାସ ଏବଂ ସଂସ୍କୃତି ଅଧ୍ୟୟନରେ ବର୍ଦ୍ଧିଷ୍ଣୁ ଆଗ୍ରହ ବେଶ୍ ଭଲଭାବରେ ପରିଲକ୍ଷିତ ହେଉଛି । ସ୍ୱାଧୀନତା ପ୍ରାପ୍ତିରେ ଅନେକ ଗୁଣୀ ପଣ୍ଡିତ ଅତୀତ ଅଧ୍ୟୟନ କରିବାକୁ ଗୁରୁ ଜାତୀୟ କର୍ତ୍ତବ୍ୟ ମଣୁଛନ୍ତି ଏବଂ ଉତ୍କୃଷ୍ଟ

Digitized by srujanika@gmail.com

କୃତି ଅନୁସନ୍ଧାନ କରି ସେସବୁକୁ ସଂରକ୍ଷଣ କରିବା ଉଚିତ ମନେକରୁଛନ୍ତି । ଉପେନ୍ଦ୍ର ଚନ୍ଦ୍ରଙ୍କ ଲେଖାରୁ ତାଙ୍କର 'ଅସମୀୟା ରାମାୟଣ ସାହିତ୍ୟ' ଅଧ୍ୟୟନ କରି ଉଭୟ ବିଷୟବସ୍ତୁ ଏବଂ କାବ୍ୟଶୈଳୀ ଉପରେ ପରୀକ୍ଷା ଏବଂ ନିରୀକ୍ଷା କରିଛନ୍ତି । ବିରଞ୍ଚିକୁମାର ବଁରୁଆ ତାଙ୍କ ''ଅସମୀୟା କଥା ସାହିତ୍ୟରେ'' ଅସମୀୟା ଗଦ୍ୟର ଉତ୍ପତ୍ତି ଏବଂ ଅଭିବୃଦ୍ଧି ସଂପର୍କରେ ଅନୁସନ୍ଧାନ କରିଛନ୍ତି । ବରୁଆଙ୍କ 'ଅସମୀୟା ଭାଷା ଆରୁ ସଂସ୍କୃତି' ଏକ ଗ୍ରନ୍ଥ ଯହିଁରେ ଅସମୀୟା ଜୀବନ ଓ ସଂସ୍କୃତି ବିଷୟରେ ଅନେକ ମୌଳିକ ନିବନ୍ଧ ରହିଛି ଯହିଁରେ ଅନ୍ୟ ଲେଖକମାନେ ହାତଦେଇ ନାହାନ୍ତି । ବରୁଆ କେତେଗୁଡ଼ିଏ ବିରଳ ପୁସ୍ତକ ମଧ୍ୟ ସଂପାଦନା କରିଛନ୍ତି ଯଥା -- 'ଅଙ୍କିଆ ନାଟ', 'ମହାମୋହ କାବ୍ୟ', ଏବଂ 'ଶ୍ରୀରାମ ଆତ ଆରୁ ରାମାନନ୍ଦଙ୍କର ଗୀତ' । ଏହି ପୁସ୍ତକସମୂହର ମୁଖବନ୍ଧମାନଙ୍କରେ ସେ ତନ୍ନତନ୍ନ କରି ପ୍ରାଚୀନ ଅସମୀୟା ସାହିତ୍ୟର ସ୍ୱାତନ୍ତ୍ର୍ୟ, ପରମ୍ପରା, ଏବଂ ମହତ୍ ଗୁଣମାନ ପରୀକ୍ଷା ନିରୀକ୍ଷା କରିଛନ୍ତି । ହରିନାରାୟଣ ଦତ୍ତ ବରୁଆ, ମହେଶ୍ୱର ନିୟୋଗ ଏବଂ ସତ୍ୟେନ୍ଦ୍ର ନାଥ ଶର୍ମା ମଧ୍ୟ ଆଧୁନିକ ବୈଜ୍ଞାନିକ ଧାରାରେ ପୁରୁଣା ଅସମୀୟା ପାଠ୍ୟର ସମ୍ପାଦନା କରିଛନ୍ତି ଏବଂ ତା ଉପରେ ଯଥେଷ୍ଟ ଆଲୋକପାତ କରିଛନ୍ତି । ନିୟୋଗଙ୍କ 'ପୁରାନି ଅସମୀୟା ସମାଜ ଆରୁ ସଂସ୍କୃତି' 'ଅସମୀୟା ଗୀତିକାବ୍ୟ' ଏବଂ 'ଅସମୀୟା ପ୍ରେମଗାଥା' ଆଦି ଅସମୀୟା ସାହିତ୍ୟ ଓ ସମାଜ ଉପରେ ସୁଲିଖିତ ପ୍ରବନ୍ଧଗୁଚ୍ଛର ସଂକଳନ ଯହିଁରେ ଲେଖକଙ୍କ ମୌଳିକ ଅନୁସନ୍ଧାନ ଏବଂ ଗବେଷଣାର ଫଳାଫଳ ଅନ୍ତର୍ଭୁକ୍ତ । ଏହି ଲେଖକ ବର୍ଗ ସେମାନଙ୍କ ଲେଖା ଜରିଆରେ ଅସମୀୟା ଭାଷା ଓ ସଂସ୍କୃତିର ଉନ୍ନତି ଓ ଶ୍ରୀବୃଦ୍ଧି ଲିପିବଦ୍ଧ କରିଛନ୍ତି ଏବଂ ଅସମୀୟା ପ୍ରତିଭାର କ୍ରମ ଆବିଷ୍କାର କରିଅଛନ୍ତି ।

ଅସମୀୟା ଜନସାଧାରଣଙ୍କ ସାଂସ୍କୃତିକ ଏବଂ ଗାଁଉଲୀ ଜୀବନରେ ଆଗ୍ରହ ପ୍ରଥମେ ଦେଖାଇଲେ ଲକ୍ଷ୍ମୀକାନ୍ତ ବେଜବରୁଆ, ନକୁଲ ଚନ୍ଦ୍ର ଭୁୟାଁ ଓ ଡିମ୍ବେଶ୍ୱର ନିୟୋଗ ସେମାନଙ୍କର ଗାଉଁଲି ଗଳ୍ପ ଓ ଗୀତର ସଂକଳନମାନଙ୍କରେ । ସାମ୍ପ୍ରତିକ କାଳରେ ଲୋକ ବା ଗଣ ସାହିତ୍ୟ ଉପରେ ଅନେକ ମୂଲ୍ୟବାନ ଏବଂ ପ୍ରଭାବଶାଳୀ ଲେଖା ପ୍ରକାଶିତ ହେଲାଣି । ସେ ଭିତରୁ ପ୍ରଫୁଲ୍ଲଦତ୍ତ ଗୋସ୍ୱାମୀଙ୍କ ମନୋରଞ୍ଜକ ଅସମୀୟା ''ଜନସାହିତ୍ୟ'' ବେଶ୍ ତଥ୍ୟପୂର୍ଣ୍ଣ ।

ଦର୍ଶନ ଏବଂ ଗଣ ବିଜ୍ଞାନ ବିଷୟରେ ବହିସବୁ କ୍ରମେ ପ୍ରକାଶିତ ହେବାକୁ ଲାଗିଲା ଏବଂ କତିପୟ ଭାବୁକ ଓ ଲେଖକ ସେମାନଙ୍କ ଖ୍ୟାତି ଅର୍ଜନ କରି ସାରିଲେଣି । ରାଧାନାଥ ଫୁକନ ଦର୍ଶନଶାସ୍ତ୍ର ଉପରେ ଜଣେ ବିଶିଷ୍ଟ ଲେଖକ ଏବଂ ରୋହିଣୀକାନ୍ତ ବରୁଆ ଅସମୀୟା ସାହିତ୍ୟକୁ ବିଜ୍ଞାନବିଷୟକ ଲେଖାରେ ସମୃଦ୍ଧ କରିଛନ୍ତି ।

ସାହିତ୍ୟିକ ପତ୍ରପତ୍ରିକା, ସମ୍ବାଦପତ୍ର ଅସମୀୟା ସାହିତ୍ୟର ଆଧୁନିକ ଗତି ପରିବର୍ତ୍ତନ ଉପରେ ଶକ୍ତିଶାଳୀ ପ୍ରଭାବ ପକାଇଛନ୍ତି ଏବଂ ବିଭିନ୍ନ ସାହିତ୍ୟ ଯୁଗମାନଙ୍କୁ ଅଗ୍ରଗାମୀ ପତ୍ରପତ୍ରିକା ନାଁରେ ନାମିତ କରାଗଲାଣି, ଯେମିତି 'ଅରୁଣୋଦୟ ଯୁଗ, ଜୋନାକି,

Digitized by srujanika@gmail.com

ଯୁଗ, 'ବାହି' ଏବଂ 'ଆହ୍ୱାନଯୁଗ' ପ୍ରଭୃତି । ପ୍ରତିଟି ନୂଆ ପତ୍ରିକା ନୂତନ ଚିନ୍ତାଧାରାର ଲେଖକମାନଙ୍କୁ ଏକତ୍ର କରିବାରେ ବ୍ୟସ୍ତ ଏବଂ ମାସପରେ ମାସ ଧରି ପତ୍ରିକାମାନଙ୍କରେ ସେମାନଙ୍କ ମତାମତ ଓ ସାହିତ୍ୟ ଆଦର୍ଶ ବୟାନ ହେଉଥାଏ । ଏହିସବୁ ପତ୍ରପତ୍ରିକା ଏହି ରୀତିରେ ଯୁଗର ସଂଜ୍ଞା ନିରୂପଣ କରନ୍ତି, ନାମ ଦିଅନ୍ତି ।

ପୂର୍ବରୁ 'ଅରୁଣୋଦୟ' ପତ୍ରିକା କଥା କୁହାଯାଇଛି; ଯେଉଁ ପତ୍ରିକାଟି ସବୁଠାରୁ ପ୍ରାଚୀନ ଏବଂ ଯାହା ଶିବସାଗରରୁ ଖ୍ରୀଷ୍ଟୀୟାନ୍ ମିଶନାରୀଦ୍ୱାରା ପ୍ରକାଶିତ ହୋଇଥିଲା । ଅସମୀୟା 'ଅରୁଣୋଦୟ', ବଙ୍ଗାଳୀ ଓ ଓଡ଼ିଆ ପତ୍ରିକାମାନଙ୍କ ପରି ଚଳନ୍ତି ସମ୍ବାଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶିକ୍ଷା ସଂସ୍କୃତି ଓ ସାହିତ୍ୟ ଆଦି ସାଧାରଣଙ୍କ ଆଗ୍ରହ ଥିବା ବିଷୟରେ ମଧ୍ୟ ଲେଖା ପ୍ରକାଶ କରୁଥିଲା । ସମ୍ବାଦ ବାଦ୍ ଏହା ଦେଶୀ, ବିଦେଶୀ ଗଳ୍ପ, ସାଧାରଣ ଓ ବୈଜ୍ଞାନିକ ତଥା ଦୈନନ୍ଦିନ ବ୍ୟାବହାରିକ ଜ୍ଞାନବିଷୟ ଲେଖା ମଧ୍ୟ ପ୍ରକାଶ କରୁଥିଲା । 'ଅରୁଣୋଦୟ'ର ପୃଷ୍ଠାମାନଙ୍କରେ ହିଁ ଆମେ ପ୍ରଥମ କରି ଆଧୁନିକ ଅସମୀୟା ସାହିତ୍ୟର ପ୍ରଥମ ଆଲୋକ ଦେଖିବାକୁ ପାଉଁ । ଏହି ପତ୍ରିକାରେ ଉଭୟ ଗଦ୍ୟ ଓ ପଦ୍ୟ ବିଭାଗରେ ଜନସାଧାରଣଙ୍କ କଥିତ ଭାଷାକୁ ପାହିଆ ଓ ସମ୍ମାନ ଦିଆଗଲା । ମୋଟାମୋଟି ଭାବରେ ଦେଖିଲେ ଯେଉଁଭାଷା ଏହିମତେ ଗଢ଼ିଉଠିଲା ତାହାହିଁ ଆଜିଯାଏଁ ଅସମୀୟା ଭାଷାର ଆଦର୍ଶ ହୋଇ ରହିଛି ।

ଅନ୍ୟ ଏକ ଉଚ୍ଚମାନର ସାହିତ୍ୟିକ ପତ୍ରିକା ହେଲା ପ୍ରସିଦ୍ଧ 'ଜୋନାକି' ଯାହା ସହିତ ଚନ୍ଦ୍ରକୁମାର ଅଗ୍ରୱାଲ, ଲକ୍ଷ୍ମୀନାଥ ବେଜବରୁଆ, ହେମଚନ୍ଦ୍ର ଗୋସ୍ୱାମୀ, କନକଲାଲ ବରୁଆ ଏବଂ ଅନ୍ୟାନ୍ୟ ରଥୀମାନେ ଜଡ଼ିତ । ଏହି ପତ୍ରିକା ମାଧ୍ୟମରେ ଲେଖକବର୍ଗ ଅସମୀୟା ଭାଷାରେ ଇଂରାଜୀ ରୋମାଣ୍ଟିକ୍ କବିମାନଙ୍କର ଭାବନାସବୁ ପରିପ୍ରକାଶ କଲେ । ପଦ୍ମନାଥ ଗୋହାଇଁ ବୁରୁଆଙ୍କ ସମ୍ପାଦନାରେ 'ଭାଷା' (୧୯୦୭) ମସିହାରେ ପ୍ରକାଶିତ ହେଲା ଏବଂ 'ବାହି' (୧୯୦୯)ର ସମ୍ପାଦନା ଦାୟିତ୍ୱ ନେଲେ ଲକ୍ଷ୍ମୀକାନ୍ତ ବେଜବରୁଆ । ଏହି ଦୁଇ ସାହିତ୍ୟ ପତ୍ରିକା ପୃଥକ୍ ପୃଥକ୍ ଆଦର୍ଶନେଇ ସମାନ୍ତରାଳ ଗତି କରି ଚାଲିଲେ ଏବଂ ବେଳେବେଳେ ଲମ୍ବ ଯୁକ୍ତିତର୍କରେ ସମାଜ ଓ ସାହିତ୍ୟିକ ସମସ୍ୟା ଉପରେ ବ୍ୟାପୃତ ରହିଲେ । କିନ୍ତୁ ଦୁଇ ମହାରଥୀଙ୍କ ମଧ୍ୟରେ ଏହି ଦ୍ୱନ୍ଦ୍ୱ ଅସମୀୟା ସାହିତ୍ୟର ସମୃଦ୍ଧି ପାଇଁ କମ୍‌ମାତ୍ରାରେ ସାହାଯ୍ୟ କରି ନାହିଁ । ଗଦ୍ୟ, ପଦ୍ୟ କ୍ଷୁଦ୍ରଗଳ୍ପ, ଐତିହାସିକ ପ୍ରବନ୍ଧ, ଲଘୁନିବନ୍ଧ ଆଦି ସାହିତ୍ୟର୍ ସବୁ ଦିଗରେ ଏ ଦୁଇ ପତ୍ରିକାରେ ଚର୍ଚ୍ଚା ହେଉଥିଲା ।

ତାପରେ ୧୯୨୯ରେ କଲିକତାରୁ ପ୍ରାୟ ଦଶବର୍ଷ ପ୍ରକାଶନ ପରେ ଆସିଲା 'ଆହ୍ୱାନ', ଅର୍ଥାତ୍ ଦ୍ୱିତୀୟ ପୃଥିବୀ ମହାସମର ପ୍ରାରମ୍ଭ ପର୍ଯ୍ୟନ୍ତ । ଏହି ପତ୍ରିକାଟି ଅତ୍ୟନ୍ତ ଜନପ୍ରିୟ ଏବଂ ଉଚ୍ଚ ସାହିତ୍ୟିକ ମାନ ସଫଳତାର ସହିତ ରକ୍ଷା କରିଥିଲା । ଏହା ପାଠକ ସମାଜଟିଏ ସୃଷ୍ଟିକଲା, ଜନସାଧାରଣଙ୍କ ସାହିତ୍ୟ ପ୍ରତି ଆଗ୍ରହ ବୃଦ୍ଧିକଲା, ଆଦର୍ଶର କାମ ତୁଲାଇଲା ଏବଂ ଦଳେ ଉତ୍ସାହୀ ଲେଖକ ସୃଷ୍ଟିପାଳନ କଲା । ସାହିତ୍ୟରେ ନୂଆଭାବନା

Digitized by srujanika@gmail.com

ଏବଂ ରୂପ, କ୍ଷୁଦ୍ରଗଳ୍ପ, ବୈଜ୍ଞାନିକ ସାହିତ୍ୟ ସମାଲୋଚନା -- ଆଦି ଏହି ପତ୍ରିକାର ସ୍ୱତନ୍ତ୍ର ଗୁଣ ଓ ମର୍ଯ୍ୟାଦା । ଭାବଦ୍ୟୋତକ, ଦାର୍ଶନିକ, ଚିନ୍ତାମୂଳକ ଏବଂ ତର୍କ ବିତର୍କସମ୍ବଳିତ ଗଦ୍ୟ, ଯାହାର ଆଜି ଆସାମରେ ଅଧଃପତନ ହୋଇଛି, ତାହା 'ଆହ୍ୱାନ'ର ପୃଷ୍ଠାରେ ବହୁଳ୍ଲଭାବରେ ବୃଦ୍ଧିପାଇଥିଲା । 'ଜୟନ୍ତୀ' ନାମକ ଆଉ ଏକ ପତ୍ରିକା ଯୁଦ୍ଧର ଅବ୍ୟବହିତ ପୂର୍ବରୁ ପ୍ରକାଶିତ ହୋଇ ଗ୍ରଞ୍ଚଲ୍ୟ ସୃଷ୍ଟି କରିଥିଲା, ଯୁବ ଲେଖକମାନଙ୍କୁ ସାହିତ୍ୟର ବିଭିନ୍ନ ବିଭାଗରେ ପରୀକ୍ଷା ନିରୀକ୍ଷା କରିବାକୁ ଉତ୍ସାହିତ କରି । ଏହାରି ପୃଷ୍ଠାମାନଙ୍କରେ ଆମ୍ଭେମାନେ ପ୍ରଥମ ଥରପାଇଁ ନୂତନ କବିତାର ଝଲକ ଦେଖିଥାଉ ।

ଯୁଦ୍ଧପରେ ଦୁଇଟି ପତ୍ରିକା ଜନ୍ମ ନେଲେ -- 'ଦୈନିକ ନୂତନ ଅସମୀୟା' ଏବଂ ସାପ୍ତାହିକ 'ଆସାମ ବାନି' ଏବଂ ମାସିକପତ୍ରିକା 'ରାମଧେନୁ' । ପୁସ୍ତକ ସମୀକ୍ଷା ଏବଂ 'ନୂତନ ଆସାମ'ର ରବିବାର ସଂଖ୍ୟାରେ ପ୍ରକାଶିତ ଅନ୍ୟାନ୍ୟ ଆକର୍ଷଣୀୟ ଲେଖାମାନ ଆଜିକାଲି ଲେଖକମାନଙ୍କର ନୂତନତାର ପ୍ରତିବିମ୍ବ ବହନ କରେ । 'ନୂତନ ଅସମୀୟା'ରେ 'ରମ୍ୟ ରଚନା' ନାମକ ଲେଖାର ଉଦ୍ଭବ ଓ ଦ୍ରୁତ ପ୍ରଗତି ଏବଂ ବହୁ ଜନପ୍ରିୟତା ଏହି ପତ୍ରିକାଟିର ଅବଦାନ । ଡକ୍ଟର ହେମ ବରୁଆ, ଲଳିତ ବୋରା, ତିଲକ ହାଜାରିକା, ହେମଚନ୍ଦ୍ର ଶର୍ମା, ଭଦ୍ରବୋରା ଆଦି ଲେଖକବର୍ଗ ଏହି ପତ୍ରିକାର ନିୟମିତ ଲେଖକ । ଦୁର୍ଭାଗ୍ୟର କଥା ଅଧିକାଂଶ ଯୁବଲେଖକଙ୍କର ଧୈର୍ଯ୍ୟ ନାହିଁ ବା ସ୍ପଷ୍ଟ ଭାବରେ ଚିନ୍ତା କରିବାର ଏବଂ ଠିକ୍ ଭାବରେ ଲେଖିବାର ଶକ୍ତିନାହିଁ କାରଣ ସେମାନେ ପ୍ରତିଭାକୁ ବିଶ୍ୱାସ ଓ ନିର୍ଭର କରନ୍ତି । ସେମାନଙ୍କର ଲେଖାର ସର୍ବେକ୍ଷଣ କଲେ ଦାନ୍ତେଙ୍କ ଉକ୍ତି ଉଦ୍ଧାର କରିବାକୁ ଆମେ ପ୍ରଲୁବ୍ଧ ହେବୁ -- "ତେଣୁ ଏମାନଙ୍କ ଭ୍ରମର ବିରୋଧ କରାଯାଉ କାରଣ ସେମାନେ କଳାନଭିଜ୍ଞ, ଜ୍ଞାନବୁଦ୍ଧିହୀନ ହୋଇ କେବଳ ପ୍ରତିଭାଉପରେ ବିଶ୍ୱାସ କରିଥାନ୍ତି ଏବଂ ଧୈର୍ଯ୍ୟହୀନ ହୋଇ କବିତା ଲେଖିବାକୁ ଧାଇଁଯାନ୍ତି ।"

'ଆସାମ ବାନି' ଉଭୟ ବୟସ୍କ ଓ ଶିଶୁମାନଙ୍କ ପାଇଁ କ୍ଷୁଦ୍ରଗଳ୍ପ, କବିତା, ସ୍ୱତନ୍ତ୍ର-ନିବନ୍ଧ ଓ ରମ୍ୟରଚନା ଆଦି ନାନାପ୍ରକାରର ଲେଖା ଏଥିରେ ପ୍ରକାଶିତ ହୁଏ । ଅସାମୀୟା ସାହିତ୍ୟର ସର୍ବାଧୁନିକ ଗତିପ୍ରଗତିବିଶିଷ୍ଟ ରଚନା ବିଶେଷତଃ ଯୁବକବି, କ୍ଷୁଦ୍ରଗଳ୍ପ ଲେଖକ ଏବଂ ସମାଲୋଚକମାନଙ୍କ ଲେଖାସବୁ ଶକ୍ତିଶାଳୀ 'ରାମଧେନୁ' ପତ୍ରିକାରେ ପ୍ରକାଶିତ ହୁଏ । ଆଧୁନିକ ବୌଦ୍ଧିକ ଏବଂ ସାହିତ୍ୟିକ ପ୍ରଗତିର ମେରୁଦଣ୍ଡ ହେଲା ଏହିଟି -- ଯାହାକୁ ଏକ ବିରାଟ ନଦୀ ସହିତ ତୁଳନା କରାଯାଇପାରେ; ଯେଉଁ ନଦୀ ଅସଂଖ୍ୟ ଉପନଦୀ ଏବଂ ଆପାତ କ୍ଷୁଦ୍ରକ୍ଷୁଦ୍ର ଜଳସ୍ରୋତକୁ ହୃଦୟରେ ଧରି ଅଙ୍କାବଙ୍କା ରାସ୍ତା ଦେଇ ଅବଶେଷରେ ବିରାଟ ଜଳସ୍ରୋତରେ ମିଶେ ଏବଂ ତଦ୍ୱାରା ଅସମୀୟା ସାହିତ୍ୟକୁ ବିଭିନ୍ନତାର ସମ୍ମିଶ୍ରଣରେ ଗଭୀର, ସମୃଦ୍ଧ ଓ ସମ୍ପ୍ରସାରିତ କରେ ।

Digitized by srujanika@gmail.com

ଭାରତର ପ୍ରତ୍ୟେକ ଅଧିବାସୀ ଯଦି ନିଜକୁ ଶିକ୍ଷିତ ବୋଲି ପରିଚୟ ଦେବାକୁ ଚାହାନ୍ତି, ତେବେ ଅବଶ୍ୟ ତାଙ୍କୁ ତାଙ୍କର ମାତୃଭାଷା ନୁହେଁ ଏହିପରି ସବୁ ଭାରତୀୟ ଭାଷାର ସମ୍ବାଦ ରଖିବାକୁ ହେବ। ... ଏହି କାର୍ଯ୍ୟବିଧିର ଅନୁସରଣ କ୍ରମେ ସାହିତ୍ୟ ଅକାଦେମି ଆମ୍ଭମାନଙ୍କର ପ୍ରତ୍ୟେକ ଭାଷାର ମୁଖ୍ୟ ଓ ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକୁ କ୍ରମାନ୍ୱୟରେ ଅନ୍ୟ ଭାଷାରେ ଅନୁବାଦ କରି ପ୍ରକାଶ କରୁଛନ୍ତି ଏବଂ ଏହିଭଳି ସାହିତ୍ୟ-ଇତିହାସ ରଚନା କରୁଛନ୍ତି। ଏହି କର୍ମପ୍ରକ୍ରିୟା ମାଧ୍ୟମରେ ସାହିତ୍ୟ ଅକାଦେମି ଆମର ସଂସ୍କୃତିବୋଧର ପରିଧିକୁ ପ୍ରସାର କରୁଛନ୍ତି ଏବଂ ମୂଳକୁ ଆହୁରି ଗଭୀରକୁ ପ୍ରଲମ୍ବିତ କରୁଛନ୍ତି। ଏହା ସାଥେ ସାଥେ ଭାରତୀୟ ଭାଷାର ସୃଷ୍ଟି ଏବଂ ସାହିତ୍ୟର ଉପାଦାନ ଓ ଆୟୋଜନ ଯେ ଏକ ଓ ଅଭିନ୍ନ ସେ ବିଷୟରେ ଭାରତବାସୀଙ୍କୁ ସଚେତନ କରିବା ଦିଗରେ ସାହାଯ୍ୟ କରୁଛନ୍ତି।

ଜବାହରଲାଲ ନେହରୁ

## ସାହିତ୍ୟ-ଇତିହାସ ପର୍ଯ୍ୟାୟରେ ଅନ୍ୟାନ୍ୟ ଗ୍ରନ୍ଥ

| | |
|---|---|
| ଉର୍ଦ୍ଦୁ ସାହିତ୍ୟର ଇତିହାସ | ଆଲି ଜଓ୍ୱାଦ ଜୈଦି (ଯନ୍ତ୍ରସ୍ଥ) |
| ଓଡ଼ିଆ ସାହିତ୍ୟର ଇତିହାସ | ମାୟାଧର ମାନସିଂହ |
| କନ୍ନଡ଼ ସାହିତ୍ୟର ଇତିହାସ | ଆର.ଏସ୍. ମୁଗାଲି |
| ଗୁଜରାଟି ସାହିତ୍ୟର ଇତିହାସ | ମନସୁଖଲାଲ ଝାଭେରି |
| ଡୋଗରି ସାହିତ୍ୟର ଇତିହାସ | ଶିବନାଥ |
| ତାମିଲି ସାହିତ୍ୟର ଇତିହାସ | ଏମ୍. ବରଦାରାଜନ |
| ତେଲୁଗୁ ସାହିତ୍ୟର ଇତିହାସ | ପି. ଭି. ସୀତାପତି |
| ନେପାଳୀ ସାହିତ୍ୟର ଇତିହାସ | କୁମାର ପ୍ରଧାନ |
| ପଞ୍ଜାବୀ ସାହିତ୍ୟର ଇତିହାସ | ସନ୍ତ ସିଂ ଶେଖନ ଓ କର୍ତାର ସିଂ ଦୁଗ୍ଗାଲ |
| ଭାରତୀୟ ଇଂରାଜୀ ସାହିତ୍ୟର ଇତିହାସ | ଏମ୍. କେ. ନାୟକ |
| ମଲୟାଲମ ସାହିତ୍ୟର ଇତିହାସ | କୁସୁମବତୀ ଦେଶପାଣ୍ଡେ ଓ ଏମ୍. ଭି. ରାଜାଧ୍ୟକ୍ଷ |
| ମୈଥିଳୀ ସାହିତ୍ୟର ଇତିହାସ | ଜୟକାନ୍ତ ମିଶ୍ର |
| ରାଜସ୍ଥାନୀ ସାହିତ୍ୟର ଇତିହାସ | ହୀରାଲାଲ ମହେଶ୍ୱରୀ |
| ସିନ୍ଧି ସାହିତ୍ୟର ଇତିହାସ | ଏଲ୍.ଏଇଚ୍. ଆଜୱାନି |

Digitized by srujanika@gmail.com